| ୨୮ | ପଶ୍ଚିମ ଓଡ଼ିଶାର ବାରମାସୀ ଲୋକଗୀତରେ ରାଧା..... | ଡ. ଆର୍ ପୁଷ୍ପାଞ୍ଜଳି | ୮୯ |


## ଲୋକନୃତ୍ୟ, ଲୋକବାଦ୍ୟ


| | | | |
|---|---|---|---|
| ୨୯ | ରେଢ଼ାଖୋଲ ଉପଖଣ୍ଡରେ ଲୋକକଳା.... | ଡ. ଦୀପେନ କୁମାର ପଟ୍ଟନାୟକ | ୯୨ |
| ୩୦ | ଦଣ୍ଡନାଟ | ଚିତ୍ରସେନ ପଶାୟତ | ୯୪ |
| ୩୧ | ସଞ୍ଚାର ନୃତ୍ୟ ପରଂପରା ଓ ବରଗଡ଼ ଧନୁଯାତ୍ରା | ମୋହନ ସାହୁ | ୧୦୦ |
| ୩୨ | ଶକ୍ତି ଆରାଧନାରେ ଷୋହଳ ଭରନି | ଡ. ପ୍ରଦୀପ କୁମାର ପଣ୍ଡା | ୧୧୨ |
| ୩୩ | ଓଡ଼ିଶାର ପ୍ରଦର୍ଶନ କଳାକୁ ପଶ୍ଚିମ ଓଡ଼ିଶାର ଅବଦାନ | ପଙ୍କଜିନୀ ନାୟକ | ୧୧୫ |
| ୩୪ | ମାଁ କରମ୍ସାନି ଆରୁ ଜୁଲଟର୍ କର୍ମା ଡାଁଣ୍ | ତେଜରୁ ବାରିକ | ୧୧୮ |
| ୩୫ | ଡଁଡ ନାଚଥି ଚାଷର ଶିକ୍ଷା | କମଳଲୋଚନ ପଣ୍ଡା | ୧୨୨ |
| ୩୬ | ପଶ୍ଚିମ ଓଡ଼ିଶା ଦଣ୍ଡନାଟରେ ପଞ୍ଚ ସଂସ୍କୃତି ସୌରଭ | ଡ. (ଇଂ) ସଞ୍ଜୟ କୁମାର ପଣ୍ଡା | ୧୨୭ |


## ସ୍ଥାନୀୟତା, ଆତ୍ମୀୟତା


| | | | |
|---|---|---|---|
| ୩୭ | ସମ୍ବଲପୁରର୍ ଜୁନ୍ହାଁ କୀର୍ତ୍ତି | ଡ. ଶ୍ୟାମ ସୁନ୍ଦର ଧର | ୧୩୨ |
| ୩୮ | ବୌଦର ଏକ ଅନାଲୋଚିତ ପ୍ରାଚୀନ ମନ୍ଦିର | ପ୍ରଫୁଲ୍ଲ କୁମାର ଦାଶ | ୧୩୫ |
| ୩୯ | ପ୍ରକୃତି କୋଳରେ ମାଁ ଶୁହାଣୀ ଦେବୀ | ସତ୍ୟଜିତ ମହାପାତ୍ର | ୧୩୭ |
| ୪୦ | ପଶ୍ଚିମ ଓଡ଼ିଶାର ସାମାଜିକ, ସାଂସ୍କୃତିକ ସଂଗ୍ରାମରେ....... | ଜୟବ୍ରତ ଦେ | ୧୪୦ |
| ୪୧ | ବଜ୍ନିଆ ଗାଆଁ ଖୁଲିଆ | ସୂର୍ଯ୍ୟ ପାଣିଗ୍ରାହୀ | ୧୪୩ |
| ୪୨ | ଗୁଜା ପାହାଡ଼ର ଲୋକକଥା | ଅରୁଣ ପାତ୍ର | ୧୪୭ |
| ୪୩ | ଆଦିବାସୀ ଅସ୍ମିତାର ଅନବଦ୍ୟ ଅଶ୍ମମଣ୍ଡଳ..... | ବଳରାମ ପୂଜାରୀ | ୧୪୯ |

# ଲୋକ ଜୀବନ ଓ ଲୋକ ସଂସ୍କୃତି

● ଡ. ଦ୍ୱାରିକାନାଥ ନାୟକ

ଲୋକସଂସ୍କୃତି, ଲୋକଜୀବନର ସ୍ଥିତି ଉପରେ ସଦାସର୍ବଦା ନିର୍ଭରଶୀଳ । ଅର୍ଥାତ୍ ଲୋକର ଲୋକତ୍ୱ ବଜାୟ ରହିଲେ ଯାଇ ଲୋକଜୀବନ ପରିପୃଷ୍ଟ ହୁଏ । ଶିକ୍ଷା, ସଂସ୍କୃତି ତଥା ସାମାଜିକ କ୍ଷେତ୍ରରେ ସଭ୍ୟତା ଯେଭଳି ଆଧୁନିକୀକରଣ ହେବାରେ ଅଗ୍ରଗତି କରିଚାଲିଛି, ଏଭଳି ପରିବେଷ୍ଟନୀରେ ଲୋକସଂସ୍କୃତିକୁ ବିପତ୍ତିର ସମ୍ମୁଖୀନ ହେବାକୁ ପଡୁଛି । ଲୋକର ସ୍ଥାୟୀତ୍ୱ ପାଇଁ ଜଳ, ଜଙ୍ଗଲ, ଗ୍ରାମ ତଥା ପଲ୍ଲୀଭିତ୍ତିକ ପରିବେଶ ନିହାତି ଜରୁରୀ, ଜଙ୍ଗଲ କ୍ଷୟ ଦ୍ୱାରା ଜଙ୍ଗଲକୁ ଆଶ୍ରୟ କରି ବଞ୍ଚୁଥିବା ଲୋକ କ୍ରମଶଃ ସହରାଭିମୁଖୀ ହେଉଛନ୍ତି । କୃଷିକ୍ଷେତ୍ର ସଙ୍କୁଚିତ ହେବାଦ୍ୱାରା ପଲ୍ଲୀଭୂମିର ପଟ୍ଟପରିବର୍ତ୍ତନ ଘଟୁଛି । କୃଷି କାର୍ଯ୍ୟ ପାଇଁ ଯନ୍ତ୍ରପାତି ବ୍ୟବହାରର ମାତ୍ରା ବୃଦ୍ଧି ପାଉଥିବାରୁ ପଲ୍ଲୀର ପରିବେଶ, ଧୂଳିଧୂସରିତ ଗାଁ ଦାଣ୍ଡ, କାଷ୍ଠ ନିର୍ମିତ କୃଷି ଉପକରଣର ହ୍ରାସ, ଲୋକସଂସ୍କୃତିର ଅବକ୍ଷୟ ପାଇଁ ଦାୟି ବୋଲି ମନେ କରାଯାଇପାରେ ।

ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନ ନିଃସୃତ ଚାଲିଚଳଣ, ଆଚାରବ୍ୟବହାର, ସଂସ୍କାର, ରୀତିନୀତି, ପ୍ରଥା, ବିଶ୍ୱାସ, ନୃତ୍ୟ ସଙ୍ଗୀତ ଆଦି ଲୋକସଂସ୍କୃତି ଅନ୍ତର୍ଗତ । ଏତଦ୍ ବ୍ୟତୀତ ଅନ୍ଧବିଶ୍ୱାସ, କୁସଂସ୍କାର, ଭୂତପ୍ରେତ ଭାବନା, ଧର୍ମଭାବନା, ଯାଦୁ, ଶିକାର, କୃଷି ଆଦି ପ୍ରସଙ୍ଗ ମଧ୍ୟ ଲୋକ ସଂସ୍କୃତିର ଅଂଶବିଶେଷ । ଆଦି କାଳରୁ ଯେଉଁ ପରମ୍ପରା ଓ ବିଧିକୁ ଆଶ୍ରୟ କରି ଲୋକ ଚଳି ଆସୁଛି । ତାହା ଲୋକସଂସ୍କୃତିର ନିୟାମକ । ଜଙ୍ଗଲି ସଭ୍ୟତାଠାରୁ ଆଜି ପର୍ଯ୍ୟନ୍ତ ଲୋକ ଯେପରି ଓ ଯାହାକୁ ନେଇ ବଞ୍ଚି ଆସୁଛି, ତାହା ହିଁ ସମାଗ୍ରିକ ଭାବରେ ଲୋକ-ସଂସ୍କୃତିରେ ରୂପାୟିତ ହୁଏ । ଏହି ସଂସ୍କୃତିର ଧାରା ଆବହମାନ କାଳରୁ ଚଳି ଆସୁଛି । ତେବେ, ଏହାର କୌଣସି ଲିପିବଦ୍ଧ ଶାସ୍ତ୍ର ନାହିଁ । ଏ ସମସ୍ତ ମୁଖନିଃସୃତ ରୀତି । ମୁଖରୁ ମୁଖକୁ ପ୍ରବାହିତ ହୋଇ ଏହା ଚାଲି ଆସୁଛି । ଭାଷା ନୁହେଁ, ଭାବ ହିଁ ଏଗୁଡ଼ିକର ବାହକ । ସ୍ମୃତି ଓ ଶ୍ରୁତି ହିଁ ଏହାର ପାରମ୍ପାରିକ ପ୍ରବାହ । ଏହି ଶ୍ରୁତିକୁ ଆଶ୍ରାକରି ଲୋକ ସଂସ୍କୃତି ମୌଖିକ ସାହିତ୍ୟ ଭାବରେ ବଞ୍ଚି ରହିଛି । ଲୋକ ଜୀବନର ଅଭିବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଏବଂ ସ୍ୱଷ୍ଟ ଅଟେ । ସରକାରୀ କାର୍ଯ୍ୟାଳୟ, ଧର୍ମ ଓ ଇତିହାସରେ ସ୍ଥାନ ପାଇଁ ନଥିବା ଲୋକଙ୍କ ସଂସ୍କୃତି ହିଁ '' ଅନ୍ତର୍ଭୁକ୍ତ, ଯାହାର ନିଜର ସୃଷ୍ଟି ସର୍ଜନା ରହିଛି । ଯାହା ଲୋକଜୀବନ ସହିତ ଘନିଷ୍ଠ ବାବରେ ଜଡ଼ିତ, ସେହି ଲୋକ ହିଁ ଲୋକ ସାହିତ୍ୟର ଉପାଦାନ । ଲୋକସାହିତ୍ୟରେ ହୃଦୟର ସ୍ୱଭାବିକ ଆବେଗ ପ୍ରକଟିତ ହୁଏ । ଏ ସାହିତ୍ୟରେ ମଣିଷର ମୂଳ ପ୍ରବୃତ୍ତିଚୟ ଲୌକିକ ରଙ୍ଗରେ କଳାତ୍ମକ ରୂପ ଗ୍ରହଣ କରିଥାଏ । ଏହାର ଆକାର୍ଷଣ ଶକ୍ତି ଚମତ୍କାର । ଲୋକ ସାହିତ୍ୟର ବିଧିବଦ୍ଧ ନିୟମାବଳୀ ନାହିଁ । ଏ ସାହିତ୍ୟରେ ଜୀବନର କେବଳ ସାହିତ୍ୟିକ ପ୍ରତିଛବି ନୁହେଁ, ଜୀବନ ଧାରଣ କରିବାର ଅତି ଉପାଦେୟ ଲୌକିକ ଜ୍ଞାନ ମଧ୍ୟ ନିହିତ । ଏହା ସହିତ, ଆଦିମ ସମାଜର ଦୈନନ୍ଦିନ ଜୀବନ ଚିତ୍ର ମଧ୍ୟ ଏଥିରେ ପ୍ରତିଫଳିତ । ଏହାର ସୃଷ୍ଟିକର୍ତ୍ତା କୌଣସି ସୁଲେଖକ ବା ଗବେଷକ ନୁହନ୍ତି, ସ୍ୱୟଂ ଲୋକ ନିଜେ । ଲକ ସାହିତ୍ୟ ଲୋକଧାରାର ଏକ ବିଶିଷ୍ଟ ବିଭାବ ହୋଇଥିଲେ ମଧ୍ୟ, ଲୋକ ଧାରାର ପ୍ରତ୍ୟେକ ବିଭାବ, ଉପାଦାନ ବାବରେ ସେହି ସାହିତ୍ୟରେ ରୂପାୟିତ ହୋଇଥାଏ ।

'ଲୋକ ସାହିତ୍ୟ' ଲୋକ ସଂସ୍କୃତିର ଏକ ଅବଚ୍ଛେଦ୍ୟ ଅଙ୍ଗ ଲକଜୀବନର ପ୍ରତ୍ୟେକଟି ଛବି ଲୋକସାହିତ୍ୟରେ ପ୍ରତିଫଳିତ ହୋଇଯାଏ । ବିଦଗ୍ଧ ସାହିତ୍ୟ ଭଳି ଏହା ମଧ ସମସ୍ୟାବିଦଚିତ ମାନବ ଜୀବନର ପ୍ରତିଲିପି । କୌଣସି ଭାଷା ସାହିତ୍ୟର ଇତିହାସ, ଲୋକ ସାହିତ୍ୟର ସୂଚନା ବିନା ଲେଖାଯାଇ ପନାହିଁ । ବିଦଗ୍ଧ ସାହିତ୍ୟର ସ୍ରଷ୍ଟା ସୃଷ୍ଟିମେୟ, ହେଲେ ଲୋକ ସାହିତ୍ୟର ସ୍ରଷ୍ଟା ଅଗଣିତ । ଏମାନେ ଅଜ୍ଞାତ ଥିବାରୁ ଏମାନଙ୍କ ଇତିହାସ ନାହିଁ । ତଥାପି, ଏମାନଙ୍କ ସୃଷ୍ଟିର ସ୍ୱାତନ୍ତ୍ର୍ୟ ଅନସ୍ୱୀକାର୍ଯ୍ୟ । ଲୋକସାହିତ୍ୟର ଭାଷା ଅକୃତିମ ଓ ସରଳ ଥିବାରୁ ଏହାର ବ୍ୟପକତା ରହିଛି; କିନ୍ତୁ ପଠନୋପଯୋଗୀ ହୋଇ ପାରିନଥିବାରୁ ଏହାର ନିର୍ଦ୍ଦିଷ୍ଟ ରୂପରେଖ ନାହିଁ । ଦୀର୍ଘାୟୁ ନଥିଲେ ହେଁ, ଏହା ନିତ୍ୟନୂତନ ।

ସାଧାରଣ ଲୋକ ଖଟିଖାଇ ଜୀବିକା ନିର୍ବାହ କରିଥାଏ । ଚାଷ କରେ, ଜଙ୍ଗଲକୁ ଯାଇ ଫଳମୂଳ, କାଠ ବା ଶିକାର ସଂଗ୍ରହ କରେ । ଶାରୀରିକ ଶ୍ରମ ହିଁ ତାର ଅର୍ଥାଦିନର ଏକମାତ୍ର ପନ୍ଥା । ଅକ୍ଳାନ୍ତ ପରିଶ୍ରମରୁ ଜାତ କାନ୍ତିର ଅପନୋଦନ ପାଇଁ ସେ ଗୀତ ଗାଏ, ନାଚ କରେ, ନୃତ୍ୟ କରେ, ଗପ କହେ ଓ ଶୁଣେ, ପ୍ରକୃତି, ଜୀବଜନ୍ତୁ, ପରିବାର, ସମାଜ ଓ ତାର ସ୍ୱଭାବ ଆଦି ତାର ମୁଖନିଃସୃତ କଳାତ୍ମକ ଅଭୀବ୍ୟକ୍ତିର ଆଧାର । ଏହି ଅନୁଭୂତିର ସଙ୍ଗୀତିକ ଉଚ୍ଛ୍ୱାସ ହେଉଛି 'ଲୋକଗୀତ' । ଲୋକମାନସ ଆଧାରିତ ଏ ସାହିତ୍ୟର ନିର୍ଦ୍ଦିଷ୍ଟ ନିୟମାବଳୀ ନାହିଁ, ନଦୀର ସ୍ରୋତ ପରି ଏହା ପ୍ରବାହମାନ । ତେଣୁ କୃତ୍ରିମତା ତଥା ଶାସ୍ତ୍ରୀୟତା ଠାରୁ ଏହା ଦୂରରେ ରହେ । ଏହା ସ୍ୱଷ୍ଟ ଓ ସ୍ୱଚ୍ଛନ୍ଦ ଥିବାରୁ ସତ୍ୟାଶ୍ରିତ । ବଣର ମଲ୍ଲୀ ପରି, ଆକାଶର ଉଡ଼ନ୍ତା ପକ୍ଷୀପରି ସ୍ୱଚ୍ଛନ୍ଦ, ଗଙ୍ଗାର ନିର୍ମଳ ଜଳପରି ଏହା ସରଳ ଓ ପବିତ୍ର । ତେଣୁ ଲୋକସାହିତ୍ୟ ଲୋକର ଆଶା-ନିରାଶା, ହର୍ଷ-ବିଷାଦ, ଜୀବନ-ମରଣ, ଲାଭ-ହାନି ଓ ସୁଖ-ଦୁଃଖ ଆଦିର ଚିତ୍ର ସିଧାସଳଖ ପ୍ରତିଫଳିତ ହୁଏ । ଲୋକ, ପ୍ରକୃତି ଓ ପ୍ରବୃତ୍ତିରୁ ଜାତ ଅଭିବ୍ୟଞ୍ଜନାରେ ହିଁ ଏହା ସାହିତ୍ୟ ପରିପୃଷ୍ଟ ସଂସ୍କୃତିର ବାହକ ବାବରେ ଲୋକସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ଲୋକସାହିତ୍ୟ ଲୋକଗୀତ, ଲୋକଗାଥ୍ୟ, ଲୋକକଥା, ଲୋକନାଟ୍ୟ ତଥା ଲୋକୋକ୍ତି ରୂପରେ ଲୋକତୁଣ୍ଡରୁ ପ୍ରକାଶିତ ହୁଏ ।

ଅଧୁନା, ଶିକ୍ଷା ଓ ସାମାଜିକ ବିକାଶ ଯୋଗୁଁ ଲୋକଜୀବନ କ୍ରମଶଃ ଯନ୍ତ୍ରାଶ୍ରିତ ହୋଇ ପଡ଼ିଲାଣି, ଲୋକ ଜୀବନର ଅନେକ ଉତ୍ସ ପ୍ରଦୂଷଣ ଯୋଗୁଁ ଶୁଷ୍କ ହୋଇଗଲାଣି । କୃଷିର ଅନେକ ଉପାଦାନ ନିଷ୍କ୍ରିୟ ହୋଇ ମେସିନ୍ ଆଦାରିତ ହେଲାଣି । ଶିକ୍ଷାର ପ୍ରସାର ନିମିତ୍ତ ଗ୍ରାମରେ ଗ୍ରାମରେ ଶିକ୍ଷାନୁଷ୍ଠାନର ମାନ ଅବସ୍ଥାପିତ ହେଲାଣି । ଗ୍ରାମପଥ, ଆଉ ଧୂଳିଧୂସରିତ ନାହିଁ, ଗାମ୍ୟ ଜଙ୍ଗଲରେ ଆଉ ଗଛଚାଷ ନାହିଁ । ପାହାଡ଼କୁ ଚିରି ରାସ୍ତା ତିଆରି ପାଇଁ ପଥରଫଟା ହେଲାଣି । କ୍ରସରଗୁଡ଼ିକର ଧୂଳିର ପ୍ରଭାବରେ ଗଛସବୁ ସବୁଜିମା ହରେଇଲେଣି । ଉନ୍ନତ ଯନ୍ତ୍ରପାତିର ବ୍ୟବହାର ଯୋଗୁଁ ପହ୍ଲାରୁଆ ଠାରୁ ଶସ୍ୟ ଅମଳ ଯାଏଁ କୃଷିକାର୍ଯ୍ୟ ସମ୍ପନ୍ନ ହେଉଛି । ଏମିତି ଭୌତିକ ପରିବର୍ତ୍ତନ ଯୋଗୁଁ ଲୋକ କ୍ରମଶଃ ସୃଜନଶୀଳତା ହରାଇ ସ୍ଥାଣୁ ପାଲଟିଗଲାଣି । ତେଣୁ ଲୋକ ଜୀବନ କ୍ରମଶଃ ସହରାଭିମୁଖୀ ହୋଇ ଅନ୍ୟ ଉପରେ ନିର୍ଭରଶୀଳ ହେଲାଣି । ଲୋକର ଲୋକତ୍ୱ ନରହିଲେ ଲୋକଜୀବନର ସରସତା ନଷ୍ଟ ହେବ, ପରେ ପରେ ଲୋକସଂସ୍କୃତି କେବଳ ମ୍ୟୁଜିୟମର ସଂଗୃହିତ ଦ୍ରବ୍ୟ ହୋଇ ରହିଯିବ; ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

- ଧନୁପାଲି, ସମ୍ବଲପୁର

# ଲୋକ ସଂସ୍କୃତିର ନିର୍ମାଣ

● ମୁକ୍ତକଣ୍ଠ ପ୍ରଧାନ

ଲୋକସଂସ୍କୃତି କେଭେଁ ଲୁକିକରି ରହେନାହଇଁ । ଇ ଟା ଆମର୍ ସଂସ୍କୃତି ବଲି ଚିନ୍ହାବାକେ ପଡ଼େ ନାଇଁ । ସଂସ୍କୃତି ଦିଶି ଯାଉଥିସି ଆପେଁ ଗୁଟେ ଜାତିର୍, ଗୁଟେ ସମୁଦାୟର୍, ଗୁଟେ ଅଂଚଲର୍ କି ଗୁଟେ ଗାଆଁର୍ ଲୁକ୍‌କର୍ ପରିଚୟ ହେଇ । ଗୁଟେ ହାତେଁ ଲୁକ୍‌କର୍ ଟୁଁଡର୍ ଭାଷା, ଦିହର୍ ବେଶଭୂଷଣ୍, ଖାଏଦ୍‌ପିଏଦ୍, ମଖାଘଁଷା, ଘର୍‌ଦୁଆର୍, ତିହାର୍‌ବାହାର୍. ପିଠାପନା, ନାଚ୍‌ଗାଆନା, ଆଉର୍ ଆରଅ ହାତେଁ ମନର୍ ଭାବ୍, କୁଟୁମ୍‌ର୍ କି ସମାଜର୍ ହାବ୍‌ଭାବ୍ ଚାଲିଚଲନ୍ ଆଚାର୍‌ବେଭାର୍, ବଂଧୁ ସତ୍‌କାର୍, ମାଏନ୍‌ବେଭାର୍ ଭିତ୍‌ରେଁ ଝଲ୍‌ସି ଉଠୁଥିସି ଗୁଟେ ସମାଜର୍ ସଂସ୍କୃତି । ସଂସ୍କୃତି ଯେନ୍‌ଟା କି ଗୁଟେ ସମାଜ୍‌କେ ଆରୁ ଗୁଟେ ସମାଜ୍‌ଥୁଁ ଆମ୍‌କୁଁ ଅଲଗା ବଲି ବାରି ଦଉଥିସି କି ଏକା ବଲି ମିଶେଇ ଦଉଥିସି । ହେଲେଁ, ସେ ସଂସ୍କୃତିକେ ଏନ୍‌ତା କିଏ ବନେଇଥିସି ? କେଭେଁ କିଏ ଚିନ୍ତା କର୍‌ସି କାଏଁ ?

ଜାହିର୍ ଆଏ, ଲୋକସଂସ୍କୃତିକେ କେହି ଝନ୍‌ଏ ନାଇଁ ବନେଇ ଥାଏ । କେହି ଝନ୍‌ଏ ବନେଇ ଭି ନାଇଁପାରେ । ହେଲେଁ, ସଂସ୍କୃତି ଆପେଁ ଆପେଁ ତିଆର୍ ହେଇଥିସି ବଲି ଭି କହି ନାଇଁହେଏ । ଉଦାହରଣ୍‌ଟେ ନେଇକରି ବିଚାର୍ କରି ଦେଖାଯାଇ ପାର୍‌ବା ଯେ ସଂସ୍କୃତିଭି ତିଆର୍‌ଲା କଥାଟେ ଆଏ ।

ପଶ୍ଚିମ୍ ଓଡ଼ିଶାର୍ ସମାଜ୍‌ଥିଁ, ସମଲପୁରୀ ସଂସ୍କୃତିଥିଁ 'ଦୁଲ୍‌ଦୁଲି' ଜନମ୍‌ନୁଁ ମରନ୍ ତକ୍ ସବୁନେ ବାଜ୍‌ସି । 'ଦୁଲ୍‌ଦୁଲି' ବଜା ସମଲ୍‌ପୁରୀ ସଂସ୍କୃତିର୍ ଗୁଟେ ପ୍ରଖର୍ ଚିନ୍‌ହାଁ, ଇଥିଁ କାହାରି ଦୁଇମତ୍ ନାଇଁ । ହେଲେଁ, ଭାରତ୍ ଗଣତଂତ୍ର ଦେଶ୍ ହେବାର୍ ତକ୍, ଯେନ୍ କଲାକାର୍‌ମାନେ ଇ 'ଦୁଲ୍‌ଦୁଲି' ବଜାକେ ବଜେଇ ଆସୁଥିଲେ, ସେମାନ୍‌କୁଁ ଇ ଦେଶେଁ 'ଅଛିଆଁ ଜାଏତ୍' ବଲି ଲୁକେ କହିଆସୁଥିଲେ । 'ଭୁଖା' ନାଟକ୍‌ଥିଁ ଦର୍ଶାଯାଇଛେ ଯେ କେହେନି ମାଂଗଲିକ୍ ଉତ୍ସବ୍ ହେଲେଁ 'ବଜ୍‌ନିଆଁ' ମାନ୍‌କୁଁ ମଂଗଲ୍‌ବାଦ୍ୟ ବଜାବାର୍ ଡକ୍‌ରା ମିଲ୍‌ସି; ହେଲେଁ, ଭୋଜନ୍ ଦିଆଯାଏସି ଖଁଡ଼େ ଦୂରିଆ ଭୂଇଁ ଉପରେଁ କି ତାକର୍ କରିଆଥିଁ । ଯେନ୍ ସମାଜ୍‌ଥିଁ ବଜାନେବାଲା ଏତେ ହୀନ୍, ଏତେ 'ଅଛିଆଁ', ତା'ର୍ ବଜା କେନ୍‌ତା 'ମଂଗଲ ବାଦ୍ୟ' ହେଲା ? ଇ ପ୍ରଶ୍ନ କାହାରି ମନ୍‌ଥିଁ ଆସୁ ନାଇଁଥାଇଁ । କିଏ ଦେଲା ତାହାକେ ସ୍ୱୀକୃତି ?

ସେଦିନର୍ ସେ 'ଗଁଡ଼ା ବଜା' ସମଲ୍‌ପୁରୀ ସଂସ୍କୃତିର୍ ମୂଲ୍ୟବାନ୍ ଚିନ୍‌ହାଁଟେ ହେଇକରି ରହିଥିଲା, ରହିଛେ, ରହିଥିବା । ସମିୟାର୍ ଚକା ଯେତେ ଆଗ୍‌କେ ଗଡ଼ିଯାଉଥିବା, ସେତେ ଇ ବଜା ଜନଗଣମନର୍ ଛାତିନେ ଲହଡ଼ା ମାରୁଥିବା । ହେଲେଁ, ଇ କଥା ଆପେଁ ହେଇନାଇଁ ।

କହେସନ୍, ବଡ଼୍‌ଲୁକେ ଯେନ୍ ଆଚରଣ୍ କର୍‌ସନ୍, ସେ ଆଚରଣ୍ ବାକିଲୁକେ ଅନୁକରଣ୍ କର୍‌ସନ୍ । ସମାଜ୍‌ଥିଁ ଯେନ୍‌ମାନ୍‌କୁଁ ଜ୍ୟେଷ୍ଠଶ୍ରେଷ୍ଠ କହାଯାଉଥିସି, ଲୁକେ ସେମାନ୍‌କର୍ ଆଚାର୍‌ବେଭାର୍‌କେ ସବୁବେଲେଁ ନିଘା କରୁଥିସନ୍ ଆରୁ ନିଜର୍ ପାଲି ଆଏଲେଁ ଠିକ୍ ସେନ୍‌ତା ବେଭାର୍ କର୍‌ବାର୍ ଚେଷ୍ଟା କର୍‌ସନ୍ । ଯଦି ଇ କଥା ସତ୍, ତେଭେଁ 'ଗଁଡ଼ାବଜା' କେ ତ କେଭେଁ ଭି ସମାଜ୍‌ର ଜ୍ୟେଷ୍ଠଶ୍ରେଷ୍ଠ ଉଚ୍ଚଜାତି ସ୍ୱୀକୃତି ନାଇଁ ଦେଇଥିବେ । କାଁକରି ଅବା ଦେବେ ? ହିଂଦୁ ବର୍ଣବ୍ୟବସ୍ଥାଥିଁ ଉଚ୍ଚଜାତିର୍ ହିସାବେଁ ତ ମଂଗଲ୍‌ବାଦ୍ୟ ତ ହେଲା ଶଂଖଘଁଟ୍ ଆରୁ ହୁଲ୍‌ହୁଲି ! ତାହେଲେଁ, ସବୁ ପୂଜାଧଜା, ତିହାର୍‌ବାହାର୍ ବେଲ୍‌କେ ଜରୁର୍ ବାଜୁଛେ 'ଦୁଲ୍‌ଦୁଲି' । କେନୁ ମିଲ୍‌ଲା ଏତେ ବଡ଼୍ ସ୍ୱୀକୃତି ?

ଇ ଉଦାହରଣଥିଁ ଇକଥା ଫଟିକ୍ ଜନାପଡୁଛେ ଯେ, ଲୋକସଂସ୍କୃତିକେ କେହି ଝନ୍‌ଏ ନିର୍ଦେଶ୍ ଦେଇକରି, 'ଏନ୍‌ତା କର୍‌ମା ଗା ପିଲେ' ବଲି ହାକି କରି ତିଆର୍ କରି ନାଇଁ ପାରିଥାଏ । ଦେଉଲ୍, ମହଲ୍, ସଡ଼କ୍, ବଂଧ୍‌କଟା ବନାଲେଁ ଯେନ୍‌ତା ଆଏଁଖିକେ ଦିଶ୍‌ସି । ସଂସ୍କୃତିର୍ ନିର୍ମାଣ୍ ଦିଶେ ନାଇଁ । ଉଂଜା ସବୁ ନିର୍ମାଣ୍ ବେଲ୍‌କେ କର୍ତାର୍ ନାଁ ସବୁଲୁକେ ଜାନ୍‌ସନ୍ । ଇ ମଂଦିର୍ ସେ ଫଲ୍‌ନା ରଜା ବନେଇ ଦେଇଛନ୍, ଇ ସାଗର୍ ସେ ଫଲ୍‌ନା ଜମିଦାର୍ କୁଡ଼େଇଛନ୍, ଇ ବଜାର୍ ସେ ଫଲ୍‌ନା ଗଅଁତିଆ ବସେଇଛନ୍ ବଲି କିବଦଂତୀ ରହିଯାଇଥିସି । ହେଲେଁ, କେହି କହି ନାଇଁପାରେ ଯେ ନୁଆଁଖାଇକେ ଗାଆଁର୍ ଝାଁକର୍ କାଁକରି ଘର୍‌କେ ଘର୍ ନୂଆଁଧାନ୍ ଦେସନ୍, ଟୁକେଲ୍‌ଛୁଆମାନେ କିଏ କହେଲା ଯେ ଛିଲୋଲାଇ ଖେଲ୍‌ସନ୍, କିଅବା ଝନ୍‌ଏ ମରିଗଲେଁ କିଏ କହେଲା ଯେ ତା'ର୍ ଜାତିର୍ ଲୁକେ ଭୁଜି ଦେସନ୍ ।

ପ୍ରଶ୍ନ ଭିତ୍‌ରେଁ ଉତ୍‌ତର୍ ଲୁକିକରି ଥିସି । ଯଦି ଆମେ ନିଜ୍‌କେ ନିଜେଁ ପଚ୍‌ରେଇ ଦେମା, କିଏ କହେଲା ଯେ ଆଏଜ୍ ଆରୁ ଜାତିର୍ ଲୁକେ ଭୁଜି ନାଇଁ ଦେବାର୍, ମଲାଲୁକର୍ ପରିବାର୍ ଭୁଜି ଦଉଛନ୍, କିଏ କହେଲା ଯେ ଟୁକେଲ୍ ଛୁଆମୋନେ ଛିଲୋଲାଇ ଖେଲ୍‌ବାର୍ ଛାଡ଼ିଦେଲେନ, କିଏ କହେଲା ଯେ ଆମେ ନୂଆଁଖାଇକେ ହାଁଟୁଁ ଘିନି ଆନିଆସୁଛୁଁ ନୂଆଁଧାନ୍, ଉତ୍ତର୍ ପାଇଯିମା ।

ସଂସ୍କୃତିର୍ ନିର୍ମାଣ୍ ବଡ଼୍ ଲୁକର୍ ହାତେଁ ନାଇଁଥାଏ । ସଂସ୍କୃତିର୍ ନିର୍ମାଣ୍ ରଜାର୍ ହାତେଁ ନାଇଁଥାଏ । ସଂସ୍କୃତିର୍ ନିର୍ମାଣ୍ ନାଇଁଥାଏ ଶିଳ୍ପୀକଲାକାର୍‌ର ହାତେଁ । ସଂସ୍କୃତିର୍ ନିର୍ମାଣ୍ ଥିସି ତୁମର୍ ଆମର୍ ହାତେଁ । ଆମ୍‌ହେଁ ନ ଆମ୍‌ହର୍ ସଂସ୍କୃତିକେ ଗଢୁଥିସୁଁ, ମାନୁଥିସୁଁ, ପାଲୁଥିସୁଁ, ଆରୁ ନିଜେଁ ନ ଭାଂଗିରୁଜି କରି ଉଜିଦେଉଥିସୁଁ, ମୁଜିଦେଉଥିସୁଁ, ଶ' ଲଗେଇ ଦେଉଥିସୁଁ ।

ଉଦାହରଣ୍ ନେମା । ଆମର୍ ବିହାବର୍‌ପନ୍ ପରଂପରାଥିଁ ଦେଖ୍‌ନି-ମାଗ୍‌ନି, ଘର୍‌ଦେଖା, ପିଂଧାନି, ଗନ୍‌ସନ୍-ମଂଗଲନ୍, ବର୍‌ତିଆ, ଚିର୍‌ମୁଦି, ହାତ୍‌ବଂଧନ୍, ଶଲାବିଧା, ସମ୍‌ଧିଭେଟ୍, କଉଡ଼ି, ଝିଇ-ଲମାନି ଲେଖେଁ ଇଭେଂଟ୍ ଚଲିଆସୁଥିଲା । ଆରୁ ତାହିର୍ ଭିତ୍‌ରେଁ ଆମର୍ ଯେନ୍ ମୂଲ୍ୟବୋଧ୍, ଭାବ୍-ବିଶ୍ୱାସ୍, ସ୍ନେହ-ଶର୍‌ଧା ସଂସ୍କୃତି ହେଇକରି ଖଲ୍‌ଖଲଉଥିଲା । ସେଇଭିତ୍‌ରେଁ ଦିଆଥୁଆ, ଆଦର୍‌ସତ୍‌କାର୍ କେହେନି ପାର୍ଥିବ କଥାକେ ନିର୍ଭର୍ ନାଇଁ କରୁଥାଇଁ । କେନ୍ କପ୍‌ଟା ଖଁଡ଼େ ଉନା ହେଇଗଲେଁ ଭି ନିମିଷ୍‌କର୍ ଭିତ୍‌ରେଁ ସବୁ ଭାଜୁର୍‌କୁଟୁର୍ ନୀରବ୍ ହେଇଯାଉଥିଲା ସେତେବେଲେଁ, ଯେତେବେଲେଁ କନିଆଁ ପକ୍ଷର୍ ଝନ୍‌ଏ କହିଦେଉଥିଲା, 'ସବୁ ଚଲେଇ ନେମା ଆଜ୍ଞା ।' ଇ ଯେନ୍ ସବୁ ଅଖଂଜ୍‌କେ ଖଂଜ୍ ଆଁଖିନେ ଦେଖ୍‌ବାର୍ ଶକ୍ତି ଟିକ୍‌କ୍, 'ଦ୍ରବ୍ୟ ଅପେକ୍ଷା ବଂଧୁତା'କେ ବଡ଼୍ ବଲ୍‌ବାର୍ ମୂଲ୍ୟବୋଧ୍ ହେଇଟା ଥିଲା ଆମର୍ ସଂସ୍କୃତି । ଆଏଜ୍ ସେକଥା ବଦ୍‌ଲି ଯାଇକରି ଦେବାର୍-ନେବାର୍ ଟା ବଡ଼୍ ବଲ୍‌ବାର୍ ମୂଲ୍ୟବୋଧ୍ ଆମର୍ ସଂସ୍କୃତି ହେଇଯାଇଛେ । କିଏ କେତେ ଖର୍ଚା କରିପାରୁଛେ ସାଜସଜ୍ଜାଥିଁ, ବଜାଗଜାଥିଁ, ଭୁଜିକାଜିଥିଁ, କି ଉହାଟି ଉହାଟି କରି ଆରୁ କେନ୍‌ଥିଁ ଯେନ୍‌ଟା କି ବିହାର୍ ସାଂଗେଁ କେହେନି ମତ୍‌ଲବ୍ ନାଇଁ । ସେଥିର୍ ଲାଗି ବିହାବର୍‌ପନ୍ ଦୁଇଟା ଆତ୍ମା ଭିତ୍‌ରେଁ, କି ଦୁଇଟା କୁଟୁମ୍ ଭିତ୍‌ରେଁ ସ୍ନେହର୍ ସୂତାତାଗ୍ ବାଂଧିବାର୍ ମନୋଜ୍ଞ ଉତ୍‌ସବ୍ (Pleasurable Festivity) ନାଇଁ ହେଇକରି ଗୁଟେ ମହାର୍ଘ ଆର୍ଥିକ୍ ଘଟନା (Costly Economic Affair) ହେଇଯାଉଛେ । କିଏ କରିଛେ ଇ ପରିବର୍ତ୍ତନ୍ ? ସମାଜର୍ ସାଧାରଣ୍ ଲୁକେ ଅର୍ଥାତ୍ ତମ୍‌ହେଁ ଆମ୍‌ହେଁ । ଆମ୍‌ହେଁ ଇ ଆନି ଆସିଛୁଁ ପରିବର୍ତ୍ତନ୍ । ଆମ୍‌ହେଁ ଯେତେ କାରୁକାର୍ଯ୍ୟର୍ ସମଲ୍‌ପୁରୀ ଶାଢ଼ୀ ପିଂଧିଲେଁ ଭି, କି ଭୁଜିଥିଁ ଆଏରଷା-ମାଲ୍‌ପୁଆ ପରଷିଲେଁ ଭି, କି ଦୁଲ୍‌ଦୁଲି ବଜା ବଜାଲେଁ କି 'ରଂଗବତୀ' ଗାଏଲେଁ ଭି ବିଶ୍ୱର୍ ସଂଧାନୀ ନଜର୍ ଦେଖିକରି ଜାନିଯାଉଛେ ଯେ ଆମର୍ ସଂସ୍କୃତି କେତେ ଜର୍ଜରିତ୍, କେତେ ଗୁଲ୍‌ଗୁଲା ଧନ୍‌କେ ନେଇକରି ।

ବିବାହ ସଂସ୍କାର୍ ଇ ପ୍ରବଂଧର୍ ଉଦ୍ଦେଶ୍ୟ ନୁହେ । ଇ ଉଦାହରଣ୍ ତ ଖାଲି ଗୁଟେ କଥା ଦର୍ଶାବାର୍ ଲାଗି ଯେ ଲୋକସଂସ୍କୃତି ସ୍ୱୟଂସିଦ୍ଧ ନୁହେ, ଗୁଟେ ନିର୍ମାଣ-ସାପେକ୍ଷ ବିଭବ ଆଏ ଗୁଟେ ସମାଜ୍‌ର । ବନାଲେଁ ବନ୍‌ସି । ଚଲାଲେଁ ଚଲ୍‌ସି । ହେଲେଁ, ତାହିର୍ ଭିତ୍‌ରେଁ ଅସଲ୍ ଉପାଦାନ୍ ହଉଛେ ସେ ସମାଜ୍‌ର ମୂଲ୍ୟବୋଧ୍, ଆସ୍ଥା, ବିଶ୍ୱାସ୍, ବିଚାର୍ ଆରୁ ଦୃଷ୍ଟିଭଂଗୀ ।

କାହାରି ଅନୁକରଣ୍ କରି କରି ଗାଇଦେଲେଁ, ନାଚିଦେଲେଁ, ବଜେଇଦେଲେଁ କି ଦେଲେଁଥୁଇଲେଁ ତ ସଂସ୍କୃତି ହେଇ ନାଇଁଯାଏ, ସଂସ୍କୃତିକେ ଜୀଇଁବାକେ ହେସି । କେହି ଯଦି ସମଲ୍‌ପୁରୀ ସଂସ୍କୃତିକେ ଅନୁକରଣ୍ କରି କରି ଅଭିନୟ

କରିଦେବା, ବେଲେଁ ସେ ସମଲ୍‌ପୁରୀ ହେଇଯାଇ ନାଇଁପାରେ । ତା'ର୍ କାରଣ୍ ହେଲା, ତା'ର୍ ଭାବ୍ ଟା ସମଲ୍‌ପୁରୀ ନୁହେ । ସମଲ୍‌ପୁରୀ ହେବାକେ ହେଲେଁ, ସମଲ୍‌ପୁରୀ ସମାଜ୍‌ର ମୂଲ୍ୟବୋଧ୍, ଆସ୍ଥା, ବିଶ୍ୱାସ୍, ବିଚାର୍ ଆରୁ ଦୃଷ୍ଟିଭଂଗୀକେ ଜୀଉଁଥିବାର୍‌କେ ହେସି । ୟୁନେସ୍‌କୋ ହିସାବେଁ ଭି ସଂସ୍କୃତି ବଏଲେଁ "the set of distinctive spiritual, material, intellectual and emotional features of society or a social group, that encompasses, not only art and literature but lifestyles, ways of living together, value systems, traditions and beliefs" (UNESCO,2001)

ହେଇ ବିଚାରେଁ, ଗୁଟେ ସମାଜ୍‌ର ଲୁକେ ନିଜର୍ ସଂସ୍କୃତିକେ ନିଜେଁ ବଅଁଚେଇ କରି ରଖି ପାର୍‌ବେ, ଯଦି ସେମାନେ ତାଁକର୍ ମୂଲ୍ୟବୋଧ୍‌କେ ସଂରକ୍ଷିତ୍ କରି ରଖିପାର୍‌ବେ । ଆରୁ ବଦ୍‌ଲେଇ ପାର୍‌ବେ । ଲେକିନ୍, ବଦ୍‌ଲାବାର୍ ଲାଗି ଦୁଇଟା ଦିଗ୍ । ଭଲ୍ କି ଖରାପ୍, ଉଁଚା କି ନୀଚା ବାର୍‌ବାକେ ହେବା । ଯଦି ଆମ୍‌ହେଁ ଆମର୍ ସଂସ୍କୃତିକେ ଆଗ୍‌କେ ନେବାର୍ ଲାଗି ଚାହେଁମା, ତ ଆମ୍‌କୁଁ ସାଁକୁର୍ ନୁଁ ଉସାର୍, କୁଛି ନୁଁ ଉଦାର୍, ସୁରୁ ନୁ ଗୁରୁ ହେବାର୍ ଦିଗେଁ ଧ୍ୟାନ୍ ଦେବାକେ ହେବା । ଆମେନ ଏକ୍‌ଲା ଭଲ୍, ଉଂଜାମାନେ ପୁଖ୍‌ରା--ଈ ଭାବନାକେ ଛାଡ଼ିକରି ଉଂଜାମାନେ କେନ୍ ଦିଗେଁ କେତେ ବର୍‌କଷ୍ ଦେଖି ଶିଖ୍‌ବାକେ ହେବା । ଆମର୍ ପୁରାତନ୍ ଯୁଗର୍ ଲୁକ୍‌କର୍ ଚାଲିଚଲନ୍ ଥିଁ ଯାହା ଯାହା ବନ୍‌ଏ କଥା ଥିଲା, ଯେନଟା ଆଧୁନିକ୍ ହେବାର୍ ଚକ୍‌କର୍‌ଥିଁ ଆମେ ପୁଡ଼େଇ ଖାଇ ଦେଇଛୁଁ, ସେସବୁକେ ଫେର୍‌ଥରେ ହେତାବାକେ ହେବା । ଆରୁ ଆଧୁନିକ୍ ଯୁଗେଁ ଯେନ୍‌ଟା ଆମ୍‌କୁଁ ବର୍‌କଷ୍ କର୍‌ବା, ସେକଥାମାନ୍ ଆହରଣ୍ ଭି କର୍‌ବାକେ ହେବା ।

ହେଲେଁ, ଇ ଭଲ୍ ଅସାର୍ ଜାନ୍‌ବାର୍ ଲାଗି ସାହାଯ୍ୟ କର୍‌ସି ଭାଷା । ଆସ୍ଥା, ବିଶ୍ୱାସ୍, ବିଚାର୍ ଆରୁ ଦୃଷ୍ଟିଭଂଗୀକେ ଚିନ୍‌ହବାକେ ହେଲେଁ ଭାଷା ହିଁ ସାହାଯ୍ୟ କର୍‌ସି । ଗୁଟେ ସମାଜ୍‌ର ଲୁକେ ତାଁକର୍ ନିଜର୍ ସଂସ୍କୃତିର୍ ମୂଲ୍ୟବୋଧ୍‌କେ ଜାନ୍‌ବାର୍ ଲାଗି ଭି ଦର୍‌କାର୍ ସାହିତ୍ୟ । ପ୍ରଚଳିତ୍ ମୂଲ୍ୟବୋଧ୍‌କେ ଦର୍ଶେଇଦେସି ସାହତ୍ୟ । ଅବାଂଛିତ୍ ମୂଲ୍ୟବୋଧ୍‌କେ ଅଡ଼େଇ ଦେଇକରି ବାଂଛିତ୍ ମୂଲ୍ୟବୋଧ୍‌କେ ତିଆର୍ କରେଇଦେସି ସାହିତ୍ୟ । ଯେନ୍ ସମାଜ୍‌ଥିଁ ସାହିତ୍ୟ ଯେତେ ଉନ୍ନତ୍, ସେ ସମାଜ୍‌ର ସଂସ୍କୃତି ଭି ସେତେ ଉବାଗର୍ ।

ଯେତେବେଲେଁ ଲିଖିତ୍ ସାହିତ୍ୟ ନାଇଁଥାଏ, ସେତେବେଲେଁ ଲୋକସାହିତ୍ୟ ମାର୍ଗଦର୍ଶକ୍ ହେଇକରି ଥିସି । ଗୁଟେ ସମାଜ୍‌ର୍ କଥା, ଟପା, ଦାୟକା, ଢଗଢମାଲି, ଭେକାନୀ, କଥାନୀ, ନାଟ୍‌ତମ୍‌ସା ଭିତ୍‌ରେଁ ଫୁଟି ଉଠୁଥିସି ଲୋକଜୀବନର୍ ମୂଲ୍ୟବୋଧ୍ । ସଂସ୍କୃତିକେ ଗଢ଼ି ଦେଉଥିସି, ମାଜି ଦେଉଥିସି, ସାଜି ଦେଉଥିସି । ଠିକ୍ ସେନ୍‌ତା ଯେତେବେଲେଁ ସେ ସମାଜ୍‌ର ଲୋକଭାଷାଥିଁ ତିଆର୍ ହେଇବସ୍‌ସି ଲିଖିତ୍ ସାହିତ୍ୟ, ସେତେବେଲେଁ ହେଇ କବାର୍ ସେ କର୍‌ସି ।

ସଭେ କହେସନ୍ ଯେ ଜାପାନ୍ ବହୁତ୍ ଉନ୍ନତ୍ ଦେଶ୍ । ଦ୍ୱିତୀୟ ବିଶ୍ୱଯୁଦ୍ଧଥିଁ ଦୁଇ ଦୁଇ ଥର୍ ଆଣବିକ୍ ବମ୍ ଆକ୍ରମଣ୍ ଭୁଗିଛେ । ଯୁଦ୍ଧଥିଁ ଯେତେ ମଲେ ମଲେ, ଜୀଇଁଥିଲା ଲୁକେ ଭି ଆଣବିକ୍ ରେଡିଏସନ୍‌ର ଶିକାର୍ ହେଲେ । ସେ ଘଟନାର୍ ଶହେ ବଛର୍ ଭର୍‌ନା ନାଇଁ ହେଇଥାଇଁ ଆରୁ ତା'ର୍ ଆଣବିକ୍ ରିଏକ୍‌ଟର୍‌ମାନ୍, ଯେନ୍‌ଟା କି ଜାପାନ୍‌ର ବିଜ୍‌ଲି ଶକ୍ତିର୍ ମୂଲ୍‌ମାଇ, ନଶିଗଲା ଯେ ୧୨ ବଛର୍ ହେଇଗଲାନ ସବୁ ଯାକର୍ ଠିକ୍ ନୁହେ ହଇପାରେ । ତହବି ସେ ଦେଶ୍ ଆଗେଁ ଅଛେ । କାଁକରି, କାଁକରି ବଏଲେଁ ଜାପାନ୍‌ର ଲୋକସଂସ୍କୃତି ହେତ୍‌କିରି ବର୍‌କଷ୍ ଆଏ । ଜାପାନ୍ ଯାହା ଥିଲା, ବିଂଶ ଶତାବ୍ଦୀର୍ ମୁହୁଁଟିକେ, ଯେତେବେଲେଁ ପଶ୍ଚିମ୍ ଦେଶମାନ୍‌କର୍ ସାମ୍ରାଜ୍ୟବାଦ୍ ଜାପାନ୍‌କେ ଥରେଇ ଦେଲା, ସେତେବେଲେଁ ଜାପାନ୍‌ଥିଁ ଗୁଟେ ନବଜାଗରଣର୍ ବାତାବରଣ୍ ତିଆର୍ କରିଦେଲା ତା'ର୍ ସାହିତ୍ୟ । ହେନ୍ତେଇ ଜାପାନ୍ ଦେଶେଁ କେତେ କେତେ ବିଚାର୍ ଧାରା ଚଲିଆସୁଥିଲା । ସେସବୁ ବିଚାର୍ ଧାରା ଏକ୍ ନାଇଁଥାଇଁ; ପରସ୍ପର ବିରୋଧୀ ଭି ଥିଲା । ତହବି ଦେଶର୍ ମଂଗଲ୍ ଲାଗି, ଶାଂତିଥିଁ ରହେଲେଁ ଯାଇ ବିକାଶ୍ ସଂଭବ୍ ଆଏ ବଲି ବୁଝେଇ ଦେଇଥିଲା ସାହିତ୍ୟ । ବିଚାର୍ ଯଦି ପ୍ରଗତିଶୀଲ୍ ନାଇଁ ହେବା, ଅତୀତ୍ ହିଁ ଭଲ୍ ଥିଲା ବଲି ଅତୀତ୍‌କେ ଝୁରି ହଉଥିବା, କି ଅତୀତ୍ ନେଇକରି ଗର୍ବ କରି ବସି ରହିଯିବା, ତ ବିକାଶ୍ ସଂଭବ୍ ନୁହେ । ଆରୁ ସେ ସମିୟାର୍ ସମାମ୍ରାଜ୍ୟବାଦୀ ଆକ୍ରମଣର୍ ପ୍ରତିଉତ୍ତର୍ ଦେବାକେ ହେଲେଁ, ଦେଶପ୍ରେମୀ ହେଇକରି ନବନିର୍ମାଣ୍‌ଥିଁ ଲାଗ୍‌ବାକେ ହେବା, ଇ କଥା ବନ୍‌ଏ କରି ବୁଝେଇ

ଦେଇଥିଲା, ସେବେଲର୍ ସାହିତ୍ୟ । ଆଏଜ୍ ସଭେ ଜାନୁଛନ୍ ଯେ ଜାପାନ୍ ଦେଶର୍ ଲୁକେ ବହୁତ୍ ସହନ୍‌ଶୀଲ୍ । ସେ ଦେଶେଁ ପରସ୍ପର ବିରୋଧୀ ବିଚାର୍ ଧାରାର୍ ଲୁକଂକର୍ ଭିତ୍‌ରେଁ ଯେତେତେ ଶାଂତିପୂର୍ଣ ସହାବସ୍ଥାନ୍ । ଲକ୍ଷ୍ୟ, ଏଖେଇ ଗୁଟେ; ରାଷ୍ଟ୍ରର୍ ବିକାଶ୍ ।

ଏହେଦେ ପ୍ରଶ୍ନ ହଉଛେ, ସମଲ୍‌ପୁରୀ ଭାଷାଭାଷୀ ଅଂଚଲ୍‌ଥିଁ ନବନିର୍ମାଣ୍ ଦର୍‌କାର୍ ଅଛେ କାଏଁ? ସେ ନବନିର୍ମାଣ୍‌ର ସ୍ୱରୂପ୍ କେନ୍‌ତା ହେବାର୍ ଚାହି ? ହାତ୍‌ଗନ୍‌ତି କେତେଝନ୍ ପୁଂଜିପତିକର୍ ହାତେଁ ଦେଶର୍ ସଂପତ୍ତି ଧରେଇ ଦେଇକରି ବିକାଶ୍ ତା'ର୍ ତା'ର୍ ହେବାନ ବଲି ନିଶ୍ଚିଂତ୍ ହେଇ ଶୁଇପଡ଼୍‌ବାକେ ହେବା କି ହରେକ୍ ଘରର୍ ଚୁଇଲ୍ ଜଲ୍‌ବା, ହରେକ୍ ଘରର୍ ଯୁଆନ୍ ପିଲାଟୁକେଲ୍ ଉତ୍‌ପାଦନ୍‌ମୂଲକ୍ କାମ୍‌ଥିଁ ନିଯୁକ୍ତି ପାଏବେ, ହରେକ୍ ଘର୍‌କେ ବନ୍‌ଏ ଶିକ୍ଷାର୍, ବନ୍‌ଏ ସ୍ୱାସ୍ଥ୍ୟର୍ ବ୍ୟବସ୍ଥା ଜୁଟ୍‌ବା, ଅଭାବ୍ ଦୂର୍ ହେବା ? ଗୁଟେ କଥାଥିଁ କହେଲେଁ, ବିକାଶ୍‌ଟା ପୁଂଜି-ଅଭିମୁଖୀ ହେବା କି ଲୋକାଭିମୁଖୀ ହେବା ? ଇ ନବନିର୍ମାଣ୍ ଲାଗି ସଂସ୍କୃତି କିଛି ସହାୟକ୍ ହଉଛେ କାଏଁ ? ଇ ଅଂଚଲର୍ ସୃଜନ୍‌ଶୀଲ୍ ପ୍ରତିଭାଧାରୀ ଲୁକେ ସମଲ୍‌ପୁରୀ ଭାଷାଥିଁ ଲିଖିତ୍ ସାହିତ୍ୟ ତିଆର୍ କରୁଛନ୍ କାଏଁ ? ଆରୁ ସମଲ୍‌ପୁରୀ ଭାଷାଭାଷୀ ଲୁକେ ନିଜର୍ ମାତୃଭାଷାର୍ ସାହିତ୍ୟ ପଢୁଛନ୍ କାଏଁ? ପଢ଼୍‌ବାର୍ ବଏସେରା କରୁଛନ୍ କାଏଁ? ନିଜର୍ ମାତୃଭାଷାଥିଁ ଲେଖ୍‌ବାର୍ ଆରୁ ପଢ଼୍‌ବାର୍-ଲେଖକୀୟ ଆରୁ ପାଠକୀୟ- ସଂସ୍କୃତି ଅଛେ କାଏଁ ?

ଆରୁ ଶେଷ୍ ପ୍ରଶ୍ନ ହେଲା, ଆମେ ସେ ଦିଗେଁ ଟିକେରଁଚେ ଯତ୍ନଶୀଲ୍ ଆଉଁ କାଏଁ ?

- ସମ୍ବଲପୁର

# ଛତିଶଗଡ଼ରେ ଓଡ଼ିଆ ଭାଗବତର ତିନୋଟି ଲକ୍ଷ୍ୟ

● କ୍ଷମାସାଗର ଭୋଇ

ଛତିଶଗଡ଼ ଓଡ଼ିଶା ବିଚ୍ଛିନ୍ନାଞ୍ଚଳରେ ଅତିବଡୀ ଜଗନ୍ନାଥଦାସ କୃତ ଶ୍ରୀମଦ୍ ଭାଗବତ ମଣ୍ଡଳ କୌଣସି ସଂସ୍ଥା ନୁହେଁ । ଏହାର କୌଣସି ଭବନ ନାହିଁ, ଭୂମି ନାହିଁ । ବ୍ୟାଙ୍କ ଖାତା ମଧ୍ୟ ନାହିଁ । ଏହା ଏକ ମାତ୍ର ଆନ୍ଦୋଳନ ଅଟେ, ଯାହା ଜନଜୀବନକୁ ଓଡ଼ିଆ ଭାଷା ସଂସ୍କୃତି ପ୍ରତି ପ୍ରେମ ଜାଗ୍ରତ କରୁଛି । ଏଥିପାଇଁ ଏ ଉପସ୍ଥାପକ ଗର୍ବ ଅନୁଭବ କରୁଅଛି । କାରଣ ନିଜର ଛୁଆପିଲାମାନଙ୍କୁ ସର୍ବସାଧାରଣ ଓଡ଼ିଆ ଭାଷା ଶିକ୍ଷା କରିବା ପାଇଁ ଅବସର ପ୍ରଦାନ କରୁଅଛନ୍ତି, ଯେପରିକି ସେମାନେ ଜଗନ୍ନାଥ ସଂସ୍କୃତି ସହିତ ଅନ୍ତରରୁ ଯୁକ୍ତ ହୋଇ ପାରିବେ ।

ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ୨୦୦୩ ମସିହାରୁ ପ୍ରଥମ କରି ଛତିଶଗଡ ବିଚ୍ଛିନ୍ନାଞ୍ଚଳରେ ଓଡିଆ ଲିପିଶିକ୍ଷା କାର୍ଯ୍ୟକ୍ରମର ଶ୍ରୀଗଣେଶ କରାଯାଇଅଛି । ଏହାକୁ ତଦାରଖ କରିବା ପାଇଁ ଶିକ୍ଷା ବର୍ଷ ୨୦୧୦-୧୧ ମସିହାରେ ଓଡିଶା ସରକାରଙ୍କ ଗଣଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ରଶେଖର ମହାପାତ୍ର, ସମ୍ବଲପୁର ଜିଲ୍ଲା ଶିକ୍ଷା ବିଭାଗର ମଣ୍ଡଳ ନିରୀକ୍ଷକ ସଂଗ୍ରାମ ସାହୁ ଏବଂ ରାଜବୋଡାସମ୍ବର ପଦ୍ମପୁର ସମ୍ଭାଗର ଶିକ୍ଷା ନିରୀକ୍ଷକ କୌସ୍ତୁଭ ବୁଧିଆ ରାୟଗଡ ଜିଲ୍ଲାର ଦଶଗୋଟି ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପୁଷୌର ବିକାଶଖଣ୍ଡର ଗୋଟିଏ ଗାଁ ଟିନ୍‌ମିନି । ରାତ୍ର ୮ଟା ସମୟରେ ବିଦ୍ୟାଳୟ ଖୋଲାଯାଇଥିଲା । ଗାଁର ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ସମସ୍ତେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ବର୍ଣ୍ଣବୋଧ ପଢ଼ିବା ସହ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀମଣ୍ଡଳ ଭୁବନେଶ୍ୱରରୁ ଆମକୁ ପ୍ରାପ୍ତ ହୋଇଥିବା ଭାଗବତର ଅମୃତବାଣୀ ବିଭିନ୍ନ ଶୈଳୀରେ ଗାୟନ କରିଥିଲେ । ସେହି ସମୟରେ ସମ୍ବଲପୁର ଜିଲ୍ଲା ମଣ୍ଡଳ ନିରୀକ୍ଷକ ସଂଗ୍ରାମ ସାହୁ ଦୂରଭାଷ ଯୋଗେ ଗଣଶିକ୍ଷା ବିଭାଗର ସଚିବ ଅପରାଜିତା ଷଡଙ୍ଗୀଙ୍କ ଛାତ୍ରଛାତ୍ରୀମାନଙ୍କ ଭାଗବତ ପାଠ ଶୁଣାଇଥିଲେ । ସେଦିନ ଅପରାଜିତା ଷଡଙ୍ଗୀ ବଲାଙ୍ଗିର ଜିଲ୍ଲା ଗସ୍ତରେ ଥିଲେ । ସେ ସଂଗ୍ରାମ ସାହୁଙ୍କୁ ପ୍ରଶ୍ନ କରିଥିଲେ ରାତ୍ରି ସମୟରେ କ'ଣ ବିଦ୍ୟାଳୟ ଖୋଲାଯାଉଛି ? ସେ ଉତ୍ତର ରଖିଥିଲେ ହଁ ମହାଶୟା ସନ୍ଧ୍ୟା ୬ଟା ସମୟରେ ଶିହା ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଖୋଲାଯାଇଥିଲା । ଓଡ଼ିଆ ଲିପିଶିକ୍ଷା କାର୍ଯ୍ୟକ୍ରମର ନିରୀକ୍ଷକ (ଉତ୍କଳ ସମ୍ମିଳନୀ ଛତିଶଗଡ଼ ପ୍ରତିନିଧି) କ୍ଷମାସାଗର ଭୋଇ ଆମକୁ ପୂର୍ଣ୍ଣ ରୂପରେ ସହାୟତା ପ୍ରଦାନ କରୁଅଛନ୍ତି । ଛାତ୍ରଛାତ୍ରୀମାନଙ୍କ ଭାଗବତ ପାଠ ଶ୍ରବଣ କରି ବିଦାୟୀ ମୁହୂର୍ତ୍ତରେ ଚନ୍ଦ୍ରଶେଖର ମହାପାତ୍ର କହିଥିଲେ; ପିଲାମାନେ ତମେ ସମସ୍ତେ ଆଜିଠାରୁ ମୋର ଗୁରୁ ହେଲ । କେବଳ ଭାଗବତ ପାଠ ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ତୁମେ ଅଗ୍ରଣୀ ଅଛ ।

**ସଂସ୍କାର -**

ଓଡ଼ିଆ ଭାଗବତ ପାଠ ସହ ଯେଉଁ ବିଷୟକୁ ଛାତ୍ରଛାତ୍ରୀମାନେ ପ୍ରାପ୍ତକରୁଅଛନ୍ତି, ତାହା ହେଲା ସଂସ୍କାର । ମନୁଷ୍ୟ ଜୀବନକୁ ଯାହା ସରସ ସୁନ୍ଦର କରୁଛି ତାହା ଅଟେ ସଂସ୍କାର । ଆମର ଶାସ୍ତ୍ରରେ କୁହାଯାଇଛି; ଜନ୍ମନା ଜାୟତେ ଶୁଦ୍ରଃ, ସଂସ୍କାରାତ୍ ଦ୍ୱିଜ ଉଚ୍ୟତେ । ପ୍ରତ୍ୟେକ ମଣିଷ ଜନ୍ମ ସମୟରେ ଶୁଦ୍ର ହୋଇଥାଏ । ଏଠାରେ ଜାତିର କଥା କୁହାଯାଉ ନାହିଁ । ବ୍ରାହ୍ମଣ, କ୍ଷତ୍ରିୟ ଏବଂ ବୈଶ୍ୟମାନେ ମଧ୍ୟ ଜନ୍ମ କାଳରେ ଶୁଦ୍ର ହୋଇଥାଆନ୍ତି । ଯାହାର ଜୀବନରେ ଶିକ୍ଷା ଏବଂ ସଂସ୍କାରର ଅଭାବ ରହିଥାଏ, ଯିଏ ଜୀବନର ପ୍ରତିଭାକୁ ଉପଯୋଗ କରିପାରେ ନାହିଁ ତାହାକୁ ଶୁଦ୍ର କୁହାଯାଏ । ଯେବେ ଆମେ ଜନ୍ମ ନେଲେ ଲଡ଼ବଡ଼ିଆ ଭାଷା କହିବା ବ୍ୟତିତ ଆଉ କିଛି କରିପାରୁନଥିଲେ । ପଢ଼ି ଲେଖି ପାରୁନଥିଲେ, କି କିଛି କହି ପାରୁନଥିଲେ, ପରନ୍ତୁ ଯେବେ ଆମେ ଧିରେ ଧିରେ ବଡ଼ ହେବାକୁ ଲାଗିଲେ, ଆମକୁ ଶିକ୍ଷା ଏବଂ

ସଂସ୍କାର ପ୍ରାପ୍ତ ହେବାକୁ ଲାଗିଲା । ଆମର ମନରେ ଯେଉଁ ଅଜ୍ଞାନର ଅନ୍ଧକାର ଥିଲା ତାହା ଦୂର ହୋଇଗଲା ।

ଏଥିପାଇଁ ସଂସ୍କାରର ପରମ ଆବଶ୍ୟକତା ରହିଛି । ପ୍ରତ୍ୟେକ ଅଭିଭାବକ ମାନେ ସାଧୁ-ସନ୍ନ୍ୟାସୀମାନଙ୍କ ପରି ବ୍ୟବହାର ପ୍ରଦର୍ଶନ କରି ପିଲାମାନଙ୍କୁ ଭଲ ସଂସ୍କାର ଦେବା ପାଇଁ ପ୍ରୟାସ କରିବା ଉଚିତ । ପିଲାମାନେ ସଂସ୍କାରର ଦୂତ ହୋଇଥାଆନ୍ତି । ଯେପରି କୌନସି ଦେଶର ରାଜଦୂତ ଅନ୍ୟ ଦେଶକୁ ଯାଇ ନିଜ ଦେଶର ପ୍ରତିନିଧିତ୍ୱ କରନ୍ତି, ସେହିପରି ପିଲାମାନେ ମଧ ଅନ୍ୟ ଘରକୁ ଯାଇ ଅନ୍ୟ ପ୍ରାନ୍ତକୁ ଯାଇ ନିଜର ସଂସ୍କାର ଏବଂ ସଂସ୍କୃତିର ଦୂତ ହୋଇଥାଆନ୍ତି । ଏହା ସେମାନଙ୍କ ଜୀବନର ଅନ୍ତିମ ପରିଚୟ ହୋଇଥାଏ । ଜୀବନର ପରିଚୟ ଅଟେ, କିନ୍ତୁ ଯେଉଁଠାରେ ସଂସ୍କୃତିର ପ୍ରଶ୍ନ ଉଠୁଛି, ସାରା ବିଶ୍ୱରେ, କୌଣସି ରାଷ୍ଟ୍ର, କୌଣସି ସଭ୍ୟତାରେ ଜଗନ୍ନାଥ ସଂସ୍କୃତିର ଝଲକ ଦେଖିବାକୁ ମିଳେ ନାହିଁ, ଯାହା ମନୁଷ୍ୟର ସର୍ବାଙ୍ଗୀଣ ବିକାଶ ପାଇଁ କଟୀବଦ୍ଧ ଅଟେ । କେବଳ ଆମର ପରମ୍ପରାରେ ବ୍ୟବସ୍ଥା ଅଛି ଯେ, ମନ, ବୁଦ୍ଧି, ଭାବନା ଏବଂ ଶରୀରର ଏହି ସମସ୍ତର ସର୍ବାଙ୍ଗୀଣ ତଥା ସମୁଚିତ ବିକାଶ ହୋଇପାରେ ।

ଛତିଶଗଡ଼ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଲିପିଶିକ୍ଷା ମାଧ୍ୟମରେ ସମ୍ୟକତାର ଶିକ୍ଷା ଦିଆଯାଉଛି । ଆମର ଅଭିପ୍ରାୟ ରହିଛି ଯେ, ପିଲାମାନେ ଓଡ଼ିଆ ସଂସ୍କୃତିର ପରମ ଶାସ୍ତ୍ର ଭାଗବତ ବିଷୟରେ ଜାଣନ୍ତୁ ଏବଂ ନିଜର କ୍ଷେତ୍ରରେ ଯେଉଁଠାରେ ବି ରୁହନ୍ତୁ ନିଜର ଆଚରଣ ତଥା ବ୍ୟବହାରର ପରିଷ୍କାର ସ୍ୱର ସବୁବେଳେ ବାହାର କରନ୍ତୁ । ସେମାନଙ୍କ ଭିତରେ ଯେଉଁ ରଚନାତ୍ମକ ଏବଂ ସୃଜନାତ୍ମକ ଶକ୍ତି ତଥା ପ୍ରତିଭା ରହିଛି, ତାହା ଉତ୍ତରୋତ୍ତର ବିକଶିତ ହେଉଥାଉ ।

ଏଣୁ ପିଲାମାନଙ୍କୁ ତିନୋଟି ଲକ୍ଷ୍ୟ ଦିଆଯାଇଛି । ଭାଗବତ ପଠନ ଦ୍ୱାରା ସଂସ୍କାରକୁ ପ୍ରାପ୍ତ କରିବା ଯାହା ଦ୍ୱାରା କାହାରି ବିନା ଆଶ୍ରୟରେ ରହି ନିଜର ଜୀବନକୁ ପରିଚାଳିତ କରି ପାରିବେ । ଭାଗବତକୁ ଜୀବନର ଆଧାର କରି ନିଜ ଜୀବନକୁ ସଂସ୍କୃତି ସହିତ ଯୁକ୍ତ କରିପାରିବେ । ଜୀବନର ପରିଚୟ ଦିଏ ସଦ୍‌ହୃଦୟ ଏବଂ ସଦ୍‌କର୍ମ, ସଦାଚାର ଏବଂ ସଦ୍‌ବ୍ୟବହାର ଜୀବନର ପରିଚୟ ଅଟେ ।

ଦ୍ୱିତୀୟ ବିଷୟ ଅଟେ ସ୍ୱାଲମ୍ବନ, ନିଜ ପାଦରେ ଛିଡା ହେବାର କ୍ଷମତାକୁ ହାସଲ କରିବା ସମାଜରେ ଆଜି ପ୍ରତିସ୍ପର୍ଦ୍ଧା ବହୁତ ବଢ଼ିଯାଇଛି । ଚାକିରି ମିଳୁ ନାହିଁ ଏବଂ ସମସ୍ତଙ୍କୁ ଉପାର୍ଜନ କରିବା ପାଇଁ ଦରକାର ପଡୁଛି । ଏପରି ସ୍ଥିତିରେ ପିଲାମାନଙ୍କ ଜୀବନରେ ସ୍ୱାବଲମ୍ବନକୁ କିପରି ବର୍ଦ୍ଧିତ କରାଯାଇ ପାରିବ ଯେପରି ସେମାନେ ନିଜକୁ ସମ୍ଭାଳି ପାରିବେ ।

ତୃତୀୟ ବିଷୟ ଅଟେ ସଂସ୍କୃତି, ତଥା ଜଗନ୍ନାଥ ସଂସ୍କୃତି ସହିତ ପ୍ରେମ । ତେବେ ସଂସ୍କୃତି କାହାକୁ କୁହାଯାଏ ? ଆମର ଶାସ୍ତ୍ରରେ ସଂସ୍କୃତିର ବ୍ୟାଖ୍ୟା କରାଯାଇ କୁହାଯାଇଛି, ସମ୍ୟକ୍ କୃତେନ ଇତି ସଂସ୍କୃତି । ସଂସ୍କୃତିକୁ କେବଳ ନୃତ୍ୟ, ଗୀତ ସହିତ ଯୁକ୍ତ କରାଯାଇ ନାହିଁ, ବରଂ ମନୁଷ୍ୟର ଜୀବନ ସହିତ ଯୁକ୍ତ କରାଯାଇଛି । ଏହାର ପରିଭାଷା ଏହା ଯେ, ଯେବେ ଜୀବନର ସମସ୍ତ ବ୍ୟବହାର ଏବଂ ସମସ୍ତ କାର୍ଯ୍ୟ ସମ୍ୟକ୍ ରୂପେ ହେବାକୁ ଲାଗିବ ତାହାକୁ ସଂସ୍କୃତି କୁହାଯିବ । ଏଠାରେ ଦୃଢ଼ତାର ସହିତ କହିବାକୁ ପଡୁଛି ଯେ, ସାରା ବିଶ୍ୱରେ ଆମର ଜଗନ୍ନାଥ ସଂସ୍କୃତି ସର୍ବଶ୍ରେଷ୍ଠ ଅଟେ । ଯଦିବି ପରିସ୍ଥିତିର କାରଣରୁ, ଅଭାବ ଏବଂ ଦରିଦ୍ରତାର କାରଣରୁ ଆମେ ନିଜର ସାଂସ୍କୃତିକ ଅମୂଲ୍ୟ ଗୌରବକୁ ପୂର୍ଣ୍ଣ ରୂପରେ ନିଜ ଜୀବନରେ ଅବତରିତ କରିପାରୁ ନାହିଁ । ଏହି ବିଷୟ ଅଲଗା କରିଦେବେ, ସେମାନେ ପ୍ରତ୍ୟେକ କ୍ଷେତ୍ରରେ ନିପୁଣ ହେବେ । ପ୍ରତ୍ୟେକ ଦାୟିତ୍ୱକୁ ସମ୍ପୂର୍ଣ୍ଣ ରୂପେ ନିର୍ବାହ କରିବେ । ଏହା ପ୍ରକୃତ ମଣିଷର ପରିଚୟ ଅଟେ ।

- ବେଲରିଆ, ଡୁମରପାଲି,
ବନୋରା, ରାୟଗଡ (ଛ.ଗ.)

# DRIFTING AWAY FROM OUR CULTURE

● Prafulla Kumar Majhi

We are all denizens of a great country like India wherein we feel proud of our culture, tradition and heritage. Indeed, it is these characteristics which make our country unique and second to none on the firmament of the world. India has contributed immensely to the outside world in the field of astronomy, astrology, medical science, mathematics and many others. Our ancient texts like the Vedas and the Upanishads have had an indelible impression on the minds of western scholars. India has undoubtedly exerted its political impression on the international arena after independence. But its cultural impact since time immemorial can hardly be sidelined. Unity in diversity is another great specialty of this country. Despite diverse castes, creeds, religions, languages and others India is one. In addition to the great Indian mainstream, in Odisha and western Odisha we have distinct cultures and traditions which make us proud. But we seem to be drifting away from our great culture gradually. When we were in school and college, the cultural scene in our locality and town was entirely different from what it is today. Sometimes I feel nostalgic though it gives me a lot of pain. I am forced to brood over as to where are we heading to!

When we were in school and High School 'Chandan Yatra' was a regular festivity in our locality. The venue was near the chowk. For three to four days the Yatra was organized which attracted 'sanchar' parties from the district of Sambalpur as well as neighbouring districts. The 'Bahak 'and two to three 'Palias' or 'Bayamanas' performed throughout the night one after the other. We children sat and enjoyed the funny part played by the 'Palias' though we could not understand the serious aspect of it comprising 'shlokas' and episodes from the scriptures.There was also competition amongst the parties which made it all the more interesting. 'Sanchar' comes under the category of unique folk music combining 'gayana', 'badana' and 'nartana' meaning singing, playing and dancing respectively. The Yatra for years together kept the tradition of 'sanchar' alive and prepared a platform for the noted 'sanchar' artists of the time to show their skills. But unfortunately the Yatra was discontinued for quite some time due to one reason or the other. It is good news that the same has been revived in recent times. 'Sanchar' which is almost a dying art and unique to western Odisha must get platforms like the 'Chandan Yatra' for its survival and glory.

'Ramleela'was another grand annual affair which we have been missing since long. As a school boy I remember to have enjoyed the performance of a 'Ramleela' party which came all the way from Bihar to perform in our locality.A small stage would be erected near the chowk for the show for a fortnight or so.

Though we boys could not understand Hindi with Bihari accent fully, yet we enjoyed the performances and dialogue delivery of the artists. In the absence of lady artists male artists

played the role of Sita,Mandodari and others. At the end of the show the artists in their respective garments would collect money from the people who would readily hand over coins of different denominations. But what to speak of the 'Ramleela' party which came regularly from a far off place like Bihar, even the annual staging of the epic in our nearby village has come to a stop since long though it has survived in certain places in western Odisha. The state of stage drama and 'Ramleela' is far from being satisfactory in the overall context of the country. It is really painful to see the Ramayan in such a state which has had a profound influence on the Indian psyche for centuries.

Though opera has survived and modernized itself and turned out to be more professional, yet most opera parties which came up and performed in rural and interior areas of western Odisha are no more to be seen. We have been missing the stage with four pillars with a canopy over it, the petromax light, the dialogue delivery of the artists and the clean-shaven faces of male artists doing the role of female characters. Opera parties with their higher costs at present would naturally prefer bigger places but the smaller villages have definitely been deprived of a great source of entertainment. Of course , the mobile phone, television and cinema have provided the alternative, but we seem to have drifted away from an age old tradition.

'Dulduli' with a combination of different instruments and sounding hilarious has been present in the area for centuries. It was a must on festive occasions and marriages and other social functions. But now it is conspicuous by its absence on many an occasion. Even on the occasion of marriage and other social functions people are going in for modern band parties. Recently while I went to a nearby village for booking a 'Dulduli' party the artists told the story of their woe and how they are being ignored by people under influence of modernism and western culture. There is no harm in choosing modern means, but at the same time we must stick to our roots and upkeep the tradition and culture.

Another memorable yearly event was the 'Gaud Badi' on the occasion of Phalguna Purnima or Phagun Puni. The Gaud community of our locality celebrated it with great pomp and splendour. They dressed themselves as 'Gopala' or cowherd boys and played with each other with the 'badi' or stick. Playing against each other with the stick is an art. Certain people could move the stick in a circular movement at a great speed which would often baffle the audience. They would sing and dance entering into competition with the stick. But the festivity has suffered a setback after the demise of the elderly people of the community. The Gaud community has a sizable population in the western part of Odisha. If the younger generation continues their interest in the festivity and the tradition of the stick as an art we could save our culture considerably for posterity.

These are not the only fields where we seem to be lacking in. The stage drama including the professional theatre is on the wane. Folk and dance forms like 'Pala', 'Daskathia', 'Danda' and 'Banibutal' which were once a regular item on festive occasions and functions are gradually fading away from the scene. Traditional folk instruments like 'Ghupkudu', 'Ektara' and others which have been in use for centuries in the state of Odisha providing livelihood to professionals and artists are gradually losing their existence. 'Kathputli'or puppet shows which moved from place to place have become a thing of the past.

We have made rapid progress and will do so in future. In this age of a global village we have also been subject to foreign influence on our culture which is but natural. To keep pace with the changing world outside we have to accept the changes. But drifting away from our roots will not make India what it is in the world

outside. Our culture makes us unique and second to none. But when I harp on the past and my experience, it makes me feel that we have been drifting away from our culture. Influence of western culture, new and latest sources of entertainment, disinterest of the new generation in family traditions and professions for risks in a livelihood, breakup of the joint family and migration to urban areas for greener pastures and indifference of people to indigenous culture under alien and western influence are the prominent reasons for this sorry state of affairs. Respect for our roots, interest of the new generation in family tradition at least as a side profession, involving artists in cultural functions of the government, patronage to art and culture by the government, deploying folk and traditional artists in functions, festivals and 'sarvajanina pujas' and last but not the least people's love and interest in the great Indian culture and traditions may save the situation from growing worse day by day. The new generation has a pivotal role to play in this regard. It is good that the government is taking a great deal of interest in organizing cultural functions like the 'Loka Mahotsav' including many other schemes for the promotion of art and culture. Grand mass festivals like 'Sital Sashthi' and 'Dhanu Jatra' of the area have also made it a point to promote the folk artists by inviting them to participate on the occasion. The print media and the electronics media like All India Radio, Doordarshan and the other channels have left no stone unturned in promoting art, music and culture of the area. Efforts at all levels will only save the situation from deteriorating further. We just cannot afford to drift away from our roots and culture.

- Retd.Assistant Director (P)
All India Radio
Dhanupali, Sambalpur
Mobile 9861007190

# ଗତିଶୀଳ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ପୋଷଣୀୟ ପରିଚାଳନା

● ଡ. ଗୌରିଦାସ ପଧାନ

ସୂର୍ଯ୍ୟ ଚତୁର୍ଦ୍ଦିଗରେ ପୃଥିବୀର ପରିକ୍ରମଣ ଗତି ପରି, ସଦାସନାତନ ସମୟର ଗତି ପରି ଗତିଶୀଳ ସମାଜ । ସମାଜ ସହ ଗତିଶୀଳ ସାମାଜିକ ମଣିଷର ଆଚାର ବିଚାର, ବିଶ୍ୱାସ ଅନ୍ଧବିଶ୍ୱାସ, ଆୟୋଜନ ଅନୁଷ୍ଠାନ, ଉତ୍ସବ ଆନନ୍ଦ, ଚାଲି ଚଳଣି, ପର୍ବ ପର୍ବାଣି, କର୍ମ କର୍ମାଣି । ଏଭଳି ଗତିଶୀଳ ଜନ ଜୀବନ ସହ ଗତିଶୀଳ ସଂସ୍କୃତି, ଗତିଶୀଳ ବିଶ୍ୱର ସାଂସ୍କୃତିକ ପରମ୍ପରା, ଗତିଶୀଳ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରମ୍ପରା । ସଂସ୍କୃତିର ଗତିଶୀଳତା ଗୁଣକୁ ସୂଚିତ କରି Mathew Arnold କହନ୍ତି - "It places it, in the ever increasing efficacy, and in the general harmonious expansion, of those gift of thought and Feeling, which make the peculiar diginity, wealth and happiness of human nature. xxxx It is an making endless additions to itself, in the endless expansion of its power, in endless growth in wisdom and beauty, that the spirit of the human race finds, its ideal. To reach this ideal culture, is an indispensible aid, and that is the true value of culture. Not a having and a resting, but a growing and becoming is the character, if perfection as culture conceives x x x ।

ଯାହା ଅଛି ତା'କୁ କ୍ରମ ସଂସ୍କାର ପଥରେ ପ୍ରବାହିତ କରି, ଅର୍ଜିତ ବିଚାରକୁ ପରିପକ୍ୱ କରି ଗତିଶୀଳ ହୁଏ ସଂସ୍କୃତି ।

ଏହି ଗତିଶୀଳତାରେ ତାଳ ମିଳାଇଛି କଳାହାଣ୍ଡି, ନୂଆଁପଡ଼ା, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ବୌଦ୍ଧ ଜିଲ୍ଲାର ସଂସ୍କୃତି । ତାଳ ମିଳାଇ ଗତି କରିଛି ରାଜା ରାଜୁଡ଼ା ଶାସନ କାଳରେ, ବିଦେଶୀ ଆଗନ୍ତୁକଙ୍କ ଶାସନ କାଳରେ, ବ୍ରିଟିଶ ଶାସନ ଅମଳରେ, ସ୍ୱାଧୀନ ଭାରତରେ, ଆଧୁନିକ ଭାରତରେ । ଗତିଶୀଳ ହୋଇଛି ନୂଆଁଖାଇ, ପୁଷ୍‌ପୁନି, ଗୁଁଡ଼ିଖାଇ, କରମା, ପୁରା ଉଆଁସ, ହରାଲି ଉଆଁସ, ଭାଏ ଜିଉଁତିଆ, ପୋଓ ଜିଉଁତିଆ । ଗତିଶୀଳ ହୋଇଛି ଡାଲଖାଇ, ରସରକେଲି, ମାଏଲାଜଡ଼, ହୁମୋବଉଲି, ସଜନୀ, ଗଲାର । ଗତିଶୀଳ ହୋଇଛି ଡଁଡ଼, କୀର୍ତନ, ସଂଚାର, ସଂପରଦା, କୃଷ୍ଣଗୁରୁ, ନାଗବାଚା, ଗୁଁଗୁଁନାଦିଆ, ମୁଠିମରା । ଗତିଶୀଳ ହୋଇଛି ପାଟଣାଗଡ଼ର ପାଟଣେଶ୍ୱରୀ ଯାତ୍ରା, ଜରାସିଂହାର ପାଟଖଣ୍ଡା ଯାତ୍ରା, ସିନ୍ଧେକେଲାର ଦ୍ୱାରସେନୀ ଯାତ୍ରା, କିରାବାହାଲର ମାହେଶ୍ୱରୀ ଯାତ୍ରା, ସୋନପୁରର ବଳିଯାତ୍ରା, ରିସ୍‌ବନ୍‌ର ଚୁଡ଼ାଖାଇ ଯାତ୍ରା, ଭବାନୀପାଟଣାର ଛତର ଯାତ୍ରା, ବାନେରର ବୁଢ଼ୀ ଡୋକରୀ ଯାତ୍ରା, ତୁଷରାର ସମଲେଇ ଯାତ୍ରା, ବଣେଇଁର କନ୍ତକୁଆଁରୀ ଯାତ୍ରା, ନୂଆଁପଡ଼ାର କଣା ଭଏଁରୋ ଯାତ୍ରା, ବୌଦ୍ଧର ଦଣ୍ଡଯାତ୍ରା, ସମ୍ବଲପୁରର ଶୀତଳଷଷ୍ଠୀ ଯାତ୍ରା, ବରଗଡ଼ର ଧନୁଯାତ୍ରା । ଗତିଶୀଳ ହୋଇଛି ଲୋକଗୀତର ସୁର, ଲୋକନାଚର ମୁଦ୍ରା, ଦୁଲ୍‌ଦୁଲିର ଦୁଲୁକାଣ, ଘୁମ୍‌ରାର କଂପନ, ଢ଼ାପ୍‌ର ପାର, ସଂପର୍‌ଦାର ତାଲ । ଗତିଶୀଳ ହୋଇଛି ସମ୍ବଲପୁରୀ ବାନ୍ଧକଳା, ପଶ୍ଚିମାର ରନ୍ଧନ କଳା, ଆଦିବାସୀର ଚିତ୍ରକଳା, ସାଜୋ ବାଜୋ ଆୟ ଅଳଂକାର, ଜଂଗଲଜାତ ଦ୍ରବ୍ୟର ଆଦର ବେଭାର । ଗତିଶୀଳ ହେଉଛି ଭାଷା, ସାହିତ୍ୟ, ନାଟକ, ନୃତ୍ୟ ସଂଗୀତ, ଉତ୍ସବ, ମହୋତ୍ସବ, ଲୋକ ମହୋତ୍ସବ ।

ଏଭଳି ଗତିଶୀଳତା ସହ ନୂଆଁ ନୂଆଁ କଥା, ନୂଆଁ ନୂଆଁ ବିଚାର ବି ଯୋଡ଼ା ହୋଇ ହୋଇ ଚାଲିଛି । ମୁଖ୍ୟ ନଦୀ ସହ ଉପନଦୀ ମିଶିବା ପରି, ମୂଳ ସଂସ୍କୃତି ସହ ପରିବର୍ତ୍ତିତ ସଂସ୍କୃତି ବି ମିଶି ଚାଲିଛି । ଏକ ସମୟରେ ଡାଲଖାଇ କୁଠି ସମ୍ମୁଖରେ ବ୍ରତ ଧାରଣ କରିଥିବା ମହିଳା ନାଚୁଥିବା ଡାଲଖାଇ ନୃତ୍ୟକୁ ପରବର୍ତ୍ତୀ ସମୟରେ ମଂଚୋପଯୋଗୀ କରି ମନୋରଞ୍ଜନଧର୍ମୀ କରାଯାଇଛି । ଭାଏଜିଉଁତିଆର ଭାବ ନେଇ ଖୋଲା ମେଲା ନଇକୂଳେ ନିରୋଳାରେ ବିଂଝାଲ, ସହରା, କୁଡ଼ା, ମିର୍ଦ୍ଧା ଆଦି ଆଦିବାସୀ ଯୁବତୀମାନେ ନାଚୁଥିବା ନାଚକୁ ଏକମୁଖୀ ମଂଚକୁ ଅଣାଯାଇଛି । ଜହ୍ନ ଆଲୁଅରେ ହେଉଥିବା ନାଚକୁ ହାଲୋଜେନ ଆଲୁଅକୁ ଅଣାଯାଇଛି । ପ୍ରାକୃତିକ ପରିବେଶର ନାଚକୁ କୃତ୍ରିମ ପରିବେଶରେ ପରିବେଷଣ କରାଯାଇଛି । ଦେଖାଶିଖା ଶିଖୁଥିବା ନାଚକୁ ନୃତ୍ୟଗୁରୁମାନଙ୍କ ତତ୍ତ୍ୱାବଧାନରେ ଶିଖାଯାଇଛି । ସମ୍ବଲପୁରୀ ନାଚକୁ ଏଭଳି ମଂଚୋପଯୋଗୀ କଲା ବେଳର କଥା ମନେ ପକାଇ ସଂସ୍କୃତି ପୁରୁଷ ମୁରାରୀ ପ୍ରସାଦ ମିଶ୍ର ଲେଖିଛନ୍ତି - "ସମ୍ବଲପୁରୀ ଡାଲଖାଇ, କରମା ନାଚକୁ ମଞ୍ଚୋପଯୋଗୀ କରି ପ୍ରସ୍ତୁତ କଲା ବେଳେ ବେଶ ସକାଶେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ମତ ନେଇ ସମ୍ବଲପୁର କଳା ପରିଷଦର ନୃତ୍ୟ କଳାକାରମାନଙ୍କ ସକାଶେ ଲାଲ ଦୁଇ କୁଠିଆ ବାନ୍ଧ ଶକ୍ତା ପର ଶାଢ଼ୀ ପ୍ରସ୍ତୁତ ହେଲା ଏବଂ ତଦନୁଯାୟୀ ଲାଲଛିଟର ବ୍ଲାଉଜ୍ ଓ ରୁମାଲ ଦିଆଗଲା । ଅଳଂକାର ଭିତରେ ସମ୍ବଲପୁରୀ ଗହଣା, ମଣିବନ୍ଧରେ କତରିଆ ଓ ବଂଦରିଆ, ବାହୁରେ ଟାଡ଼ ଓ ବାହାସୁତା ବା ନାଗମୁରୀ, ଗଳାରେ ଖଗଲା, ମୁଣ୍ଡରେ ଢ଼ଳିଆ ଖୁସାରେ 'ପାନପତ୍ରି' ଓ 'ଫୁଲ' ଏବଂ ଅଣ୍ଟାରେ 'ଗୁନ୍‌ଚି' ଦିଆଗଲା । ସୁନା ବା ସୁନା ରଂଗର ଅଳଂକାର ଭିତରେ ନାକରେ 'ଚକାଗୁନା' ଏବଂ କାନରେ 'କାନଫୁଲ' । ସମ୍ବଲପୁରୀ ନୃତ୍ୟଗୁରୁ ଶ୍ରୀ ରଣଜିତ ନାଗ ମାନ୍ଦଲ ଓ ଢ଼ୋଲ ଆଶ୍ରିତ କେତେକ ବଛା ବଛା ରାଗ, ଛଂଦ ଓ ଶୈଳୀର ଗୀତ ଓ ନାଚକୁ ଖଂଜି "An Epitome of Sambalpuri folk dances" ନାମରେ ଏକ ଅଧ ଘଣ୍ଟିଆ ନୃତ୍ୟ ରଚନା କରିଥିଲେ । ଏଭଳି ମଞ୍ଚ ଉପଯୋଗୀ ରୂପରାଗକୁ ନେଇ ସମ୍ବଲପୁରୀ ଲୋକନୃତ୍ୟ ୧୯୬୮ରେ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀରେ ପରିବେଷିତ ହୋଇ ଆଂଚଳିକ ସଂସ୍କୃତିକୁ ଆଂତର୍ଜାତିକ ପରିଚୟ ଦେଇଥିଲା । ସେହି ପରିଚୟକୁ ପରିପୁଷ୍ଟ କରି ସମ୍ବଲପୁରୀ ଲୋକନୃତ୍ୟ ରାଜ୍ୟସ୍ତରରେ, ଜାତୀୟସ୍ତରରେ ଯେପରି ପଶ୍ଚିମଓଡ଼ିଶାର ସଂସ୍କୃତିକୁ ସହରେଇଛି, ବାହାର ଦେଶରେ ସେପରି ପଶ୍ଚିମଓଡ଼ିଶାର ସଂସ୍କୃତିକୁ ସହରେଇଛି । ଲୋକନୃତ୍ୟକୁ ଯେପରି ବିକଶିତ ଲୋକନୃତ୍ୟ କରିଛି ସମ୍ବଲପୁରୀ ସଂସ୍କୃତିକୁ ସେପରି ଗତିଶୀଳ ସଂସ୍କୃତି କରିଛି ।

ସମୟାନ୍ତରରେ ନିଜେ ଆନନ୍ଦ ଆସ୍ୱାଦନ ପାଇଁ କରାଯାଉଥିବା ନୃତ୍ୟ ଅନ୍ୟର ମନୋରଞ୍ଜନ ପାଇଁ ପ୍ରଦର୍ଶିତ ହୋଇଛି, ଡାଲଖାଇ ଦେବୀଙ୍କୁ ସମର୍ପିତ ନୃତ୍ୟ ଦେଖଣାହାରୀଙ୍କୁ ସମର୍ପିତ ହୋଇଛି, ଆଦିବାସୀ ମାନସିକତା ସହ ଆଧୁନିକ ମାନସିକତା ମିଶିଛି, ମୂଳ ସଂସ୍କୃତି ସହ ବଜାର ସଂସ୍କୃତି ମିଶିଛି ।

ଗତିଶୀଳ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରଂପରାରେ ଡାଲଖାଇ ଭଳି ସମ୍ବଲପୁରୀ ଲୋକନୃତ୍ୟର ନବୀକରଣ, ସହରୀକରଣ ଯେଭଳି ଆଲୋଚନୀୟ ଲୋକରୁଚି ଅନୁରୂପ କରିବାରେ ଅନ୍ୟ ଅନ୍ୟ ଲୋକସଂସ୍କୃତିର ଆଧୁନିକୀକରଣ ସେଭଳି ଆଲୋଚନୀୟ । ଆହୁରି ଆଲୋଚନୀୟ ଆଧୁନିକତାର ଆଟୋପରେ ଲୋକସଂସ୍କୃତିର ଆତ୍ମା କେତେ ସୁରକ୍ଷିତ ? ପରଂପରା କେତେ ସଂରକ୍ଷିତ ? ସ୍ୱାତନ୍ତ୍ର୍ୟ କେତେ ଚିହ୍ନିତ ?

କାରଣ ଜଗତୀକରଣ ଯୁଗରେ ପରଂପରାର ପୁରଶ୍ଚରଣ ସହ ସଂରକ୍ଷଣ ବି ଜରୁରୀ, ସୁପରିଚାଳନା ବି ଜରୁରୀ । କାରଣ ଆମର ପରିଚୟ ଦେବାରେ ରାଜନୈତିକ ଭୂଗୋଳ ଯେତେ ସହାୟକ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ସେତେ ସହାୟକ । ସାଂସ୍କୃତିକ ପରଂପରା ଆଧାରରେ ନିଜ ପରିଚୟକୁ କିପରି ପରିଚ୍ଛନ୍ନ କରାଯାଇପାରେ ତା'ର ଦୃଷ୍ଟାନ୍ତରେ କବି ବ୍ରଜମୋହନ ପଣ୍ଡାଙ୍କ 'ମୁହିଁ ସମ୍ବଲବାସୀ' କବିତାକୁ ନିଆଯାଇପାରେ, ଏକଦା ସମ୍ବଲପୁର ପାନ୍ଥନିବାସରେ ଶିଖର କବି ରାଜେଂଦ୍ର କିଶୋର ପଂଡ଼ା ରଖିଥିବା ବକ୍ତବ୍ୟକୁ ବି ନିଆଯାଇ ପାରେ । ସେ'ଦିନ ପରିଚୟ ପ୍ରସଂଗରେ କବି ରାଜେଂଦ୍ର କିଶୋର କହିଥିଲେ - "We are high landers, ପାହାଡ଼, ପର୍ବତ ଉପରେ ଆମ ବାସ / ଆମ ଶିର ଉପରେ ଥାଏ ଆକାଶର ବ୍ୟାପ୍ତି / ମୁଣ୍ଡ ତଳକୁ କରି ଦେଖିଲେ ଦିଶନ୍ତି ଅନ୍ୟ ସବୁ ବସତି । ତେଣୁ କାହା ନିକଟରେ ମୁଣ୍ଡ ପାତିବା ଏ ଜାତି ଶିଖି ନାହିଁ ।

ପାର୍ବତ୍ୟାଂଚଳର ପ୍ରାକୃତିକ ସବୁଜିମା ଭିତରେ ଆମ ଉତ୍‌ଥାନ, ଆମ ପତନ, ମୁଣ୍ଡ ଉପରେ ଅସୀମ ଆକାଶର ଶୂନ୍ୟଛତ୍ର । ତେଣୁ, ସ୍ୱାଭିମାନ ଆମ ପରିଚୟ, ବୀରତ୍ୱ ଆମ ଶସ୍ତ୍ର ।"

ଏଭଳି ସ୍ୱାଭିମାନର ସଂକେତ ଦିଏ ବୀର ସୁରେନ୍ଦ୍ର ସାଏଙ୍କ ଉଲ୍‌ଗୁଲାନ, ସନ୍ଥ କବି ଭୀମ ଭୋଇଙ୍କ କାବ୍ୟ ହୁଂକାର, ରେଣ୍ଡୋ ମାଝିଙ୍କ ଲଢ଼େଇ, ଚନ୍ଦ୍ରଶେଖର ବେହେରାଙ୍କ ଅନମନୀୟତା, ଆଦିବାସୀ ମେଳିର ଲଲ୍‌କାର, ହୀରାକୁଦ ପାଣି ଆନ୍ଦୋଳନର ଆଲୋଡ଼ନ ।

ଏଭଳି ଐତିହ୍ୟ ସଂପନ୍ନ ପରଂପରାର ଭୂମି ପଶ୍ଚିମଓଡ଼ିଶାକୁ ଆମେ ଚିହ୍ନିଛୁ କେତେ ନ ଚିହ୍ନିଛୁ କେତେ ଆମର ବିବେକ କହିବ । ଆମ ସଂସ୍କୃତିର ଟେକ ଆମେ ରଖିଛୁ କେତେ, ଭାଙ୍ଗିଛୁ କେତେ ଇତିହାସ କହିବ । ଏ ମାଟିର ସଂସ୍କୃତିର ପକ୍ଷଧର ହୋଇ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ଗୋପୀନାଥ ମହାନ୍ତି କହିଥିଲେ "ପୃଥିବୀର ଅତି ପ୍ରାଚୀନ କଂଧୀୟ ସଂସ୍କୃତି, ତା' ପଛରେ ଶାବର ସଂସ୍କୃତି, ତା' ପଛରେ ଆର୍ଯ୍ୟ ସଂସ୍କୃତି; ଏକ ଅପୂର୍ବ ସମନ୍ୱୟ ସାଧିତ ହେଲା ଏ ପ୍ରାଂତରେ । ଲୋକ - ଚରିତ୍ରରେ, କଳାରେ, ଭାଷାରେ, ସଂସ୍କୃତିରେ ରହିଗଲା ତା'ର ନିଦର୍ଶନ । ପରିପୁଷ୍ଟ ହୋଇ ହେଲା, ତାହା ଅତୀବ ମନୋହାରୀ 'ସମ୍ବଲପୁରୀ ବିଶିଷ୍ଟତା', ସୁଲଳିତ ଛନ୍ଦାୟମାନ ସମ୍ବଲପୁରୀ 'ବୋଲି'ରେ, ଚାଲିରେ, ବାଂକ ଖୋଷାରେ, କୁଂଭବଂଧ ବିଶିଷ୍ଟ ଚିତ୍ରିତ କବାଟରେ, ଡାଲଖାଇ ଗୀତରେ, ବଳି ପର୍ବର ପ୍ରାଚୀନ ବାଦ୍ୟଯନ୍ତ୍ରମାନଙ୍କ ଯନ୍ତ୍ର ସଙ୍ଗୀତରେ, ଏ ପ୍ରାନ୍ତର ମଣିଷର ସ୍ୱଷ୍ଟବାଦିତାରେ, ସଳଖ ବାଟ ଚଲାରେ, କୈତବହୀନ ବ୍ୟବହାରରେ, ନିର୍ଭୀକା, ଆଗିଆଣୀ, 'ସିଆଣୀ' ମୟ ଘରେ, ଗାଁ ଖୁଏଲ୍‌ରେ, ଦାଂଡ଼ର ହାଟରେ, ଜନତାର ଅଖଳା ହସରେ, ଭୂମିହୀନ ଶ୍ରମ ଉପୁଜାଣ ସର୍ବସ୍ୱ 'ସୁଖବାସୀ'ର ବେପରୁଆ ମୁହଁର ଠାଣିରେ, ନିଘୋଡ଼ ନିଦରେ, ଏ ଦେଶର, ଏ ମାଟିର ଜୀବନ ପ୍ରାଚୁର୍ଯ୍ୟରେ ।"

ଏଭଳି ବିଶିଷ୍ଟତା ସଂପନ୍ନ ଏ ମାଟିର ସଂସ୍କୃତିର ସଂବର୍ଦ୍ଧନ ଓ ସଂରକ୍ଷଣ ପାଇଁ ଏକ ସାଂସ୍କୃତିକ ପରିମଣ୍ଡଳର ନିର୍ମାଣ କେତେ ଆବଶ୍ୟକ ତାହା ଆଲୋଚନୀୟ । ବହୁ ସଂସ୍କୃତିର ବାହକମାନେ ଘରର କବାଟ ଖୋଲି ଶୋଇବା ଘରକୁ ପଶୁଥିବା ସମୟରେ, ଦେଶୀ ବିଦେଶୀ ମିଡ଼ିଆ ଆଙ୍ଗୁଠି ଟିପରେ ମିଳୁଥିବା ସମୟରେ, ସାରା ପୃଥିବୀର କଥା ସବୁଠି ସହଜରେ ପହଂଚୁଥିବା ସମୟରେ ଆମ ସଂସ୍କୃତିର ବିକାଶ ସାଂଗକୁ ମୌଳିକତା ସଂରକ୍ଷଣ କେତେ ଆବଶ୍ୟକ ତାହା ଆଲୋଚନୀୟ ।

କୁହାଯାଇପାରେ ଚାରିଆଡ଼େ ଏତେ ସାଂସ୍କୃତିକ ସମାବେଶ, ଉତ୍ସବ ମହୋତ୍ସବ ଲୋକ ଉତ୍ସବ, ତଥାପି ଏ ଆବଶ୍ୟକତା କାହିଁକି ? ଏ ପ୍ରଶ୍ନର ଉତ୍ତର ପାଇଁ ତା: ୫/୧/୨୦୧୧ରେ ଶିଖର କବି ରାଜେଂଦ୍ର କିଶୋର ପଂଡ଼ା ଝାରସୁଗୁଡ଼ା 'ଦୁଲ୍‌ଦୁଲି' ଦୁଆରରେ ରଖିଥିବା ବିଚାରକୁ ଶୁଣାଯାଉ -

"ଯେଉଁଆଡ଼େ ଦେଖିଲେ ସେଠାରେ ଚାଲିଛି ଉତ୍ସବ । ଏବେ ଓଡ଼ିଶାରେ ଉତ୍ସବର ଋତୁ । ଏତେ ଉତ୍ସବ ଭିତରେ କିଂତୁ ନବେ ପ୍ରତିଶତ ଜଡ଼ ହୋଇ ବସିଛନ୍ତି । ଏପରିକି ବିଶ୍ୱର ନବେ ପ୍ରତିଶତ ଜଡ଼ ହୋଇ ବସିଛନ୍ତି । ଆଗେ ଗାଆଁରେ ଝିଅମାନେ ଦୋଳିରେ ଝୁଲୁଥିଲେ, ଛିଲୋଲାଇ ଖେଳୁଥିଲେ, ଗାଁରେ ସଂକୀର୍ତ୍ତନ୍ୟ ହେଉଥିଲା । ଯେଉଁଥିରେ ଥିଲା ସାମୂହିକ ଉତ୍ସବ ଆଉ ଆନନ୍ଦ । ହେଲେ ଏବେ କେବଳ ପ୍ରଦର୍ଶନ, ଦର୍ଶନ ଅଛି ହେଲେ ଉତ୍ସବ କାହିଁ? - ହଜି ଯାଉଥିବା ଗ୍ରାମ୍ୟ ଜୀବନ ମଧ୍ୟରେ ସେହି ଉତ୍ସବ ପୁନର୍ଜୀବିତ ହେଉ । ଲୋକଙ୍କ ଭିତରେ ରହିଥିବା ଅଂତରୀଣ ଉତ୍ସବ ଆହୁରି ବିସ୍ତାରିତ ହେଉ ।"

ଏଭଳି ବିଚାର ତଥା ପ୍ରସ୍ତାବକୁ ଗ୍ରହଣ କରି ନେଲେ ଆକାଂକ୍ଷିତ ସାଂସ୍କୃତିକ ପରିମଣ୍ଡଳର ପରିକଳ୍ପନା ବୋଧେ ସ୍ପଷ୍ଟ ହୋଇଯିବ । ହଜି ଯାଉଥିବା ଗ୍ରାମ୍ୟ ଜୀବନକୁ ପୁନର୍ଜୀବିତ କରିବାର ବାଟରେ ଗ୍ରାମ୍ୟ ସଂସ୍କୃତି ଓ ପରଂପରାର ପୋଷଣୀୟ ପରିଚାଳନା ବାଟ ଦେଖାଇବ । ଏହି ପରିଚାଳନାରେ ପରିଚାଳକ ହେବେ ଗାଆଁର ସାକ୍ଷର ନିରକ୍ଷର, ଧନୀ ଗରିବ, ସବର୍ଣ୍ଣ ଅସବର୍ଣ୍ଣ, ସବଳ ଦୁର୍ବଳ, ସ୍ତ୍ରୀ ପୁରୁଷ ସଭିଏଁ । ଏହି ପରିଚାଳନାରେ ଜୋସ୍ ଦେବେ ଗାଆଁର ଚାଷୀ, ହଳିଆ, ମୂଳିଆ, ବଢ଼େଇ, କମାର, ତନ୍ତୀ, ଢୁଲିଆ ଖୁଲିଆ ମୁହୁରିଆ । ଏ ସମସ୍ତଙ୍କ ସମନ୍ୱୟରେ ପୁନର୍ଜୀବିତ ହେବ ଗାଆଁର ସଂସ୍କୃତି, ଗାଆଁର ପରଂପରା, ଗାଆଁର ସୁସ୍ଥ ସହାବସ୍ଥାନ । ଏହାରି ମାଧ୍ୟମରେ ପୋଷଣୀୟ ପରିଚାଳନା ହେବ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରଂପରାର, ଓଡ଼ିଶାର ସାଂସ୍କୃତିକ ପରଂପରାର, ଭାରତର ସାଂସ୍କୃତିକ ପରଂପରାର, ବିଶ୍ୱର ସାଂସ୍କୃତିକ ପରଂପରାର । ଏଭଳି ଏକ ସଂସ୍କୃତି ସମ୍ପନ୍ନ ବିଶ୍ୱ ଗଠନର

ପରିକଳ୍ପନାରେ ସେପ୍ଟେମ୍ବର ୨୦୧୫ରେ United Nations General Assembly ଏକ ପ୍ରସ୍ତାବ ଗ୍ରହଣ କରିଥିଲା । ତାହା ଥିଲା 2030 Agenda for Sustainable Development, with 17 ambitious universal Goals to transform our world.

ତହିଁରେ ଉଦ୍‌ଘୋଷିତ ହୋଇଥିଲା -

UNESCO ensures that, the role of culture is recognized through a majority of Sustainable, Development Goals. Including those, focusing on, Quality Education, Sustainable cities, the environment, economic growth, Sustainable consumption and production patterns, peaceful and inclusive socities, gender equality and Food security.

From Cultural heritage to cultural and creative industries, culture is both an enabler and a driver of the economic, social and environmental dimensions of sustain - able development .

ଆଗାମୀ ପୃଥିବୀର ପୋଷଣୀୟ ବିକାଶ ପାଇଁ ସଂସ୍କୃତିର ଏଭଳି ଭୂମିକା ଗୃହୀତ ହୋଇଥିବା ବେଳେ ପଶ୍ଚିମଓଡ଼ିଶାର ସାଂସ୍କୃତିକ ପରଂପରାର ଏ ଦିଗରେ ସୁପରିଚାଳନା ହେଉ । ଏକ ପୋଷଣୀୟ ସାଂସ୍କୃତିକ ପରିମଂଡ଼ଳର ପରିକଳ୍ପନା ପାଇଁ ବ୍ୟାପକ ଚିନ୍ତନ, କାର୍ଯ୍ୟାନ୍ୱୟନ ହେଉ ।

- 'ରତ୍ନାକର', ଶିବମ୍ କଲୋନୀ
ଅଇଁଠାପାଲି,ସମ୍ବଲପୁର-୭୬୮୦୦୪
ମୋ : ୬୩୭୧୯୬୫୬୧୬

# ଓଡ଼ିଆ ଅସ୍ମିତା ଓ ଆମ ସଂସ୍କୃତି ପରମ୍ପରା

● ରାଜେନ୍ଦ୍ର କୁମାର ପଣ୍ଡା

ଗୋଟିଏ ଜାତି ସବୁବେଳେ ଗର୍ବ କରେ ତାର ଭାଷା, ସଂସ୍କୃତି ଓ ପରମ୍ପରାକୁ ନେଇ । ଭାଷା ଓ ସଂସ୍କୃତି ଉଭୟେ ପରିପୂରକ । ଏହାକୁ ପ୍ରସଙ୍ଗ କରି ଅନେକ ଆଲୋଚନା, ପର୍ଯ୍ୟାଲୋଚନା ଓ ବିତର୍କ ଭି ହୁଏ ସମ୍ବାଦ ପୃଷ୍ଠା ଭି ମଣ୍ଡିତ ହୁଏ । ଭାଷା ସଂସ୍କୃତି ଉପରେ ଭାଷାବିତ ଓ ବୁଦ୍ଧିଜୀବୀମାନଙ୍କ ମତାମତକୁ ନେଇ । ଭାଷା ଓ ସଂସ୍କୃତି ଆମ ପରମ୍ପରାକୁ ସୁଦୃଢ କରେ,ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ । କିନ୍ତୁ ବାସ୍ତବତା ଏସବୁ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବର୍ତ୍ତମାନ ପରସ୍ଥିତି ଆଉ ଟିକିଏ ଅଲଗା । ଗତ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଅସ୍ମିତା ନାମକ ଏକ ଶବ୍ଦର ଆବିର୍ଭାବ ସମଗ୍ର ରାଜନୀତିର ମୋଡ଼ ବଦଳେଇଦେଲା । ଏ ଅସ୍ମିତା କଣ ? ପୁଣି ଓଡ଼ିଆ ଅସ୍ମିତା ଆଉ ଟିକିଏ ଗୁରତର ଶବ୍ଦ । ଓଡିଶାରୁ କୁଆଡେ ଓଡ଼ିଆ ଭାଷା ଓ ସଂସ୍କୃତିର ଅବକ୍ଷୟ ଦେଖାଦେଇଛି । ତେଣୁ ବିପଦ ମୁଁହରୁ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚେଇବା ପାଇଁ ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦିଆଗଲା । ନେତା, ମନ୍ତ୍ରୀଙ୍କ ମୁହଁରେ ନିର୍ବାଚନ ପ୍ରଚାର ପାଇଁ ଏହା ଥିଲା ଏକ ମୁଖ୍ୟ ଆୟୁଧ । ଅସ୍ମିତା କଣ ଏ କଥା କିଏ ବୁଝୁ ନବୁଝୁ ସମସ୍ତଙ୍କୁ ଓଡ଼ିଆ ଅସ୍ମିତା କଥା କୁହାଗଲା ଓଡିଶାରେ ଓଡ଼ିଆ ଅସ୍ମିତା ବିପନ୍ନ ଏ କଥା ପ୍ରଚାର ହେଲା, ତିନି ତୁଣ୍ଡରେ ଛେଳି କୁକୁର ନ୍ୟାୟରେ ଅସ୍ମିତା ଅର୍ଥ କଣ କେହି ଜାଣିବାବାକୁ ଉଚିତ ମନେ ନକରି ଅସ୍ମିତା ଅସ୍ମିତା ଜପି ଚାଲିଲେ । ବର୍ତ୍ତମାନ ଦେଖିବା ଅସ୍ମିତା କଣ । ଏକଥା ନିଶ୍ଚିତ ସତ ଯେ ଆମ ସଂସୃତି ଓ ଭାଷାର ଘୋର ଅବକ୍ଷୟ ହୋଇଛି । ଭାଷା ବଂଚିଲେ ସଂସ୍କୁତି ବଞ୍ଚିଥାଏ କିଂତୁ ପରିତାପର ବିଷୟ ଆମେ ଆମ ନିଜ ମାତୃଭାଷା ପ୍ରତି ବିମୁଖ । ତଥାକଥିତ ଉଚ୍ଚ ଶିକ୍ଷିତ ଲୋକମାନେ ସଭାସମିତି ମାନଙ୍କରେ ନିଜ ମାତୃଭାଷାରେ ନକହି ଇଂରାଜୀ ଭାଷାକହିବାକୁ ପସନ୍ଦ କରନ୍ତି । ସେମାନଙ୍କ ଯୁକ୍ତି, କୁଆଡେ ଉଚ୍ଚ ପଦପଦବୀରେ କାମକରି ଦେଶ ବିଦେଶରେ ରହି ଓଡ଼ିଆ ଭୁଲିଗଲେଣି ତେଣୁ ଇଂରାଜୀ କହିବା ତାଙ୍କପାଇଁ ସହଜ ହୋଇଥାଏ । ଯଦିବା ବାଧ୍ୟବାଧକତାରେ ଓଡ଼ିଆ କହିବାକୁ ପଡେ ବକ୍ତବ୍ୟ ମଧରେ ଅଣଓଡ଼ିଆଙ୍କ ପରି ଇଂରାଜୀ ବା ହିନ୍ଦୀ ଶବ୍ଦର ବ୍ୟବହାର ଅଧିକ ଥିବ ତା ସହତ ଓଡ଼ିଆର ବିକୃତ ଉଚ୍ଚାରଣ । ଠିକ ସେହିପରି ନିଜର ପଦ ଓ ଆଭିଜାତ୍ୟ ବଜାୟ ରଖିବା ପାଇଁ କଥା କଥାକେ ଆମେ ଇଂରାଜୀ କହୁ, ଇଂରାଜୀ କହିଲେ ହିଁ ଆମର ବ୍ୟକ୍ତିତ୍ୱ ପ୍ରକାଶ ହୋଇଥାଏ ଏହା ଆମର ବିଶ୍ୱାସ । ତଦନୁରୂପ ଓଡିଶା ଭିତରେ ଝାରସୁଗୁଡା, ବ୍ରଜରାଜନଗର ଏପରିକି ସମ୍ବଲପୁରରେ ମଧ ଅଧିକାଂଶ ବ୍ୟବସାୟୀ ଅଣଓଡ଼ିଆ ହୋଇଥିବାରୁ ଓଡ଼ିଆ ଲୋକମାନେ ମଧ ତାଙ୍କ ସହିତ ଓଡ଼ିଆ ନକହି ସେମାନଙ୍କ ଭାଷା ବିଶେଷ କରି ହିନ୍ଦୀ ବ୍ୟବହାର କରନ୍ତି । ଫଳରେ ଅଣଓଡ଼ିଆମାନେ ଓଡ଼ିଆ ଶିଖିବାର ଆବଶ୍ୟକତା ଅନୁଭବ କରନ୍ତି ନାହିଁ । ଆଜିକାଲି । ଜାତୀୟ ରାଜପଥ କଡରେ ଗାଁ କିମ୍ବା ସହରର ନାମ ସବୁ ସୁନ୍ଦର ଭାବରେ ପ୍ରଥମେ ଇଂରାଜୀ ଓ ତଳେ ଓଡ଼ିଆରେ ଲେଖା ହୋଇଛି ମାତ୍ର କ୍ଷୋଭର କଥା ଇଂରାଜୀ ନାମକୁ ଅନୁବାଦ କରି ଓଡ଼ିଆ ଲେଖାଯାଇଥିବାରୁ ଗାଁ କିମ୍ବା ସହରର ନାମ ଅତି ବିକୃତ ହୋଇଛି । ଉଦାହରଣ ସ୍ୱରୂପ ଭବାନୀପାଲି କୁ ଭାବନି ପାଲି, ବସିଆପଡାକୁ ବାସିଆପଡ଼ା, ମୁଣ୍ଡେରକୁ ମୁଣ୍ଡେର ଲେଖାଯାଇ ଓଡ଼ିଆ ଭାଷାର ମର୍ଯ୍ୟାଦା ହାନୀ କରାଯାଉଛି । ଏପ୍ରିଲ ପହିଲା ସ୍ୱତନ୍ତ୍ର ଉତ୍କଳ

ଦିବସ, ସବୁଆଡେ ଶପଥ ନିଆହୁଏ ଏଣୁଏଣିକି ସବୁ ଅଫିସରେ ଦୋକାନ ବଜାରରେ ରାସ୍ତାଘାଟରେ ଲେଖାପଢ଼ା ସବୁ ଓଡ଼ିଆରେ ହେବ, ସ୍ଲୋଗାନ ଚାଲେ ସଭାସମିତି ରେଲିରେ ମାତୃଭାଷାକୁ ସଲାମ କରାଯାଏ । କିନ୍ତୁ ମତେ ଯେତେ ମାଠିବୁ ମାଠ... ନୀତିରେ ତା ପରଦିନ ଯଥା ପୂର୍ବମ ତଥାପର । ଏହା କେଉଁ ପ୍ରକାର ଅସ୍ମିତା ?

ବର୍ତ୍ତମାନ ଆମ ଶିକ୍ଷା ବ୍ୟବସ୍ଥାରେ ଅସ୍ମିତା କଥା ଆଲୋଚନା କରିବା । ସମ୍ପ୍ରତି ଆମ ପାଠପଢାରେ ଇଂରାଜୀର ମହତ୍ୱ ବେଶୀ, ଲୋକେ ଗାଁଠାରୁ ସହର ପର୍ଯ୍ୟନ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତି ଆକୃଷ୍ଟ, ସୁତରାଂ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଆଜି ଅଲୋଡ଼ା, ପିଲାସଂଖ୍ୟା ହ୍ରାସକୁ ଆଳକରି ଅନେକ ଓଡ଼ିଆ ସରକାରୀ ବିଦ୍ୟାଳୟ ମିଶ୍ରଣ କିମ୍ବା ଉଚ୍ଛେଦର ସମ୍ମୁଖୀନ ହେଲେଣି । ଯେଉଁ ଓଡ଼ିଆ ସରକାରୀ ବିଦ୍ୟାଳୟରେ ପାଠପଢି ଅନେକ ଲୋକ ଆଜି ସମାଜରେ ପ୍ରତିଷ୍ଠିତ ସେମାନେଙ୍କୁ ଆଜି ସେହି ବିଦ୍ୟାଳୟ ଗନ୍ଧଉଛି ନିଜର ପିଲା ଛୁଆଙ୍କୁ ସେମାନେ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ଅନ୍ୟପଟେ ସରକାର ପିଲା କମିଯିବାର କାରଣ ବିଷୟରେ ବିଶେଷ ଅନୁସନ୍ଧାନ ନକରି ଆଖିବୁଜି ଓଡ଼ିଆ ବିଦ୍ୟାଳୟ ସବୁ ଭାଙ୍ଗି ଦେଉଛନ୍ତି, ଫଳରେ ଘର ପାଖରେ ସ୍କୁଲ ନପାଇ ପିଲା ମୂର୍ଖ ହୋଇ ବୁଲୁଛନ୍ତି ୬ ରୁ ୧୪ ବର୍ଷ ଶିଶୁକୁ ନିଶ୍ଚିତ ଶିକ୍ଷା ସୁରକ୍ଷା ଦେବା ପାଇଁ ତିଆରି Right to education ଆଇନ ବର୍ତ୍ତମାନ ଏକ ପ୍ରହସନରେ ପରିଣତ ହୋଇଛି । କେବଳ ପିଲାଙ୍କୁ ମାଗଣା ଖାଦ୍ୟ, ପୋଷାକ, ଜୋତା ମୋଜା, ବହି ପତ୍ର ଯୋଗାଇ ସରକାର ତାଙ୍କ କାମ ସାରିଦେଇ ଗୁଣାତ୍ମକ ଶିକ୍ଷାର ସପ୍ନ ଦେଖୁଛନ୍ତି । ଓଡ଼ିଆ ମାଧ୍ୟମ ସରକାରୀ ବିଦ୍ୟାଳୟର ମୁଖ୍ୟ ଆବଶ୍ୟକତା ଶିକ୍ଷକ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣର ଘୋର ଅଭାବ ଥିବାବେଳେ, ସେଥିପ୍ରତି ଧ୍ୟାନ ଦେଉନାହାନ୍ତି । ଅଥଚ ଇଂରାଜୀ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ନିକଟ ଅତୀତରେ ସରକାର ତେଲିଆ ମୁଣ୍ଡରେ ତେଲ ଦେଲାପରି ପ୍ରତ୍ୟେକ ବ୍ଲକରେ ଆଦର୍ଶ ବିଦ୍ୟାଳୟମାନ ସ୍ଥାପନ କଲେ, ଯୁକ୍ତି ହେଲା ପିଲା ସେଠି ଇଂରାଜୀ ମାଧ୍ୟମ ସିବିଏସି ପାଠ୍ୟ କ୍ରମରେ ସାମିଲହେବେ ଗାଁ ଗଣ୍ଡାରେ ଥିବା ସରକାରୀ ସ୍କୁଲର ପିଲାଙ୍କ କଥା ଚୁଲୀକୁ ଯାଉ । ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରି ସରକାର ପ୍ରକାରନ୍ତରେ ସ୍ୱୀକାର କଲେ ଯେ ତାଙ୍କ ଦ୍ୱାରା ପରିଚାଳିତ ସବୁ ସରକରୀ ବିଦ୍ୟାଳୟ ଅନାଦର୍ଶ । ଏହା ନିଶ୍ଚିତ ସତ ଯେ ଇଂରାଜୀ ଏକ ଆନ୍ତର୍ଜାତୀୟ ଭାଷା ଆମ ପିଲା ଇଂରାଜୀ ଜାଣନ୍ତୁ, ଏହା କେହି ଅସ୍ୱୀକାର କରିବେ ନାହିଁ, କିନ୍ତୁ ମାତୃଭାଷା କୁ ଅଣଦେଖା କରି ନୁହେଁ । ଆଜି ପୃଥିବୀ ର ଚୀନ, ଜାପାନ, ରୁଷିଆ, ଜର୍ମାନୀ ପରି ଅନେକ ବିକାଶଶୀଳ ଦେଶରେ ସେମାନେ ନିଜର ମାତୃଭାଷାକୁ ପ୍ରାଥମିକତା ଦିଅନ୍ତି । ଯେଉଁ ଦେଶର ମାତୃଭାଷା ଯେତେ ଉନ୍ନତ ତାର ସଂସ୍କୃତି ମଧ୍ୟ ସେତେ ସୁଦୃଢ଼ ।

ଏହିପ୍ରସଙ୍ଗରେ ଆମେ ଯଦି ବଙ୍ଗାଳି, ଦକ୍ଷିଣ ଭାରତୀୟ ବା ଉତ୍ତର ପୂର୍ବ ରାଜ୍ୟର ଭାଷାଭାଷୀଙ୍କୁ ଦେଖିବା ସେମାନେ ନିଜ ନିଜ ଭିତରେ କଥାବାର୍ତ୍ତା ବେଳେ ନିଜ ମାତୃଭାଷାହିଁ ବ୍ୟବହାର କରନ୍ତି । ଦୋକାନ ବଜାର ର ଫଳକ ଗାଡ଼ି ମଟର ନମ୍ବର ସବୁଥିରରେ ତାଙ୍କ ମତୃଭାଷା ଭାଷାରେ ହିଁ ଲେଖାଥାଏ ଅନ୍ୟ କୌଣସି ଭାଷା ଲେଖିବାକୁ ସେମାନେ ପସନ୍ଦ କରନ୍ତି ନାହିଁ । ଅନୁରୂପ ଭାବେ ଯେ କୌଣସି ଦିଗରୁ ସଡକ ବା ରେଳପଥ ଯୋଗେ ଆମେ ପଶ୍ଚିମବଙ୍ଗ ସୀମାକୁ ପହଁଚିଲେ ବଙ୍ଗଳା ଭାଷା ବ୍ୟତୀତ ଆଉ କୌଣସି ଭାଷା ଦେଖିବାକୁ ମିଳେନାହିଁ, ବଙ୍ଗଳା ଜାଣିନଥିବା ଲୋକ ଅସୁବିଧାରେ ପଡେ ତାର ସ୍ଥିତି କେଉଁଠି ଜାଣିବାକୁ । ଅଥଚ ଆମେ ଆମ ଭାଷା କହିବାକୁ କିମ୍ବା ଲେଖିବାକୁ କୁଣ୍ଠାବୋଧ କରିଥାଉ । ଆମର ଦୋକାନ ବଜାରରେ ଫଳକରେ ଇଂରାଜୀକୁ ପ୍ରାଥମିକତା ଥାଏ ଓଡ଼ିଆର ଗୁରୁତ୍ୱ ଅତି ନଗଣ୍ୟ । କେଉଁ କୋଣରେ ଅତି ଛୋଟ ଅକ୍ଷରରେ ଓଡ଼ିଆ ଦେଖିବାକୁ ମିଳିଥାଏ । ସମୟ ସମୟ ରେ ଦୋକାନ ମାନଙ୍କର ନାମ ଫଳକରେ boutique, bake wake, barbeque ପରି ଶବ୍ଦ ଲେଖାଥିବା ଇଂରାଜୀ ନାମର ଅର୍ଥ ଜାଣିବାକୁ ଶିକ୍ଷିତ ଲୋକଙ୍କୁ ଭି ଅଭିଧାନର ଆଶ୍ରୟ ନେବାକୁ ପଡିଥାଏ ସାଧାରଣ ଲୋକଙ୍କ କଥା ଛାଡ଼ନ୍ତୁ, । ଆମର ଏ ପ୍ରକାର ଇଂରାଜୀ ପ୍ରୀତି ଦେଖି କବି ଗଙ୍ଗାଧର କହନ୍ତି -

‘ମାତୃଭାଷା ପୋଥି ଧରିବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ୟାବୋଧ କରେ ?’

ଏଥର ଦେଖିବା ଆମ ସଂସ୍କୃତି କଥା, ଆମର ପର୍ବପର୍ବାଣି, ଚାଳିଚଳନ, ପୂଜାପାଠ, ଆଚାର ବ୍ୟବହାର,

ପୋଷାକ ପରିଚ୍ଛନ୍ନ ସବୁଠାରେ ଆମ ସଂସ୍କୃତିର ଛାପ ରହିଥାଏ । ମାତ୍ର ଦୁଃଖର ବିଷୟ ତଥାକଥିତ ଆଧୁନିକତା ନାଁ ରେ ଆମେ ଆମର ସଂସ୍କୃତିକୁ ବାଜି ଲଗେଇ ଦେଇଛୁ । ଗାଁଠାରୁ ସହର ପର୍ଯ୍ୟନ୍ତ ଆମର ସଂସ୍କୃତିର ଘୋର ଅବକ୍ଷୟ ଘଟୁଛି । ଗୁରୁଜନ ବା ପିତାମାତାଙ୍କ ପ୍ରତି ଅନାଦର,ଏକ୍ଲାନ୍ନ ପରିବାରର ଅଭାବ, ସାମାଜିକ ଚଳଣି ରେ ବ୍ୟତିକ୍ରମ, ପରିବାର ମଧ୍ୟରେ ବାପା-ମାଆଙ୍କୁ ଅଣଦେଖା ଯୋଗୁ ଆଜି ପରିବାର ଆଉ ନାହିଁ କହିଲେ ଚଳେ, ଆମେ ଦୁଇ ଆମର ଦୁଇରେ ସବୁ ପରିବାର ସୀମିତ ଥିବା ପରିପ୍ରେକ୍ଷୀରେ ପରିବାରର ଛୁଆମାନଙ୍କ ପାଖରେ ନିଜ କାକା, ଖୁଡି, ବଡବାପା, ବଡ଼ ମାଅ ଏପରିକି ଅଜା-ଆଇକୁ ମଧ ଜାଣିବାର ସୁଯୋଗ ନଥାଏ । ସମୟ କ୍ରମେ କୌଣସି ସାମାଜିକ ବା ପାରିବାରିକ ସମାବେଶରେ ଏକତ୍ରିତ ହେବାକୁ ହେଲେ ପରିବାର ସଦସ୍ୟମାନଙ୍କୁ ପରସ୍ପରକୁ ନିଜର ପରିଚୟ ଦେବାକୁ ପଡ଼ିଥାଏ । ପୁନଶ୍ଚ ଆଜିକାଲି ପିଲାମାନଙ୍କୁ ଆମର ପାରମ୍ପରିକ ସମ୍ବୋଧନ ବାପା-ମାଆ, କାକା-ଖୁଡୀ, ଭାଇ-ଭଉଣୀ ପରିବର୍ତ୍ତେ ମମ-ଡାଡ଼, ଅଙ୍କଲ-ଆଣ୍ଟି ଇତ୍ୟାଦିରେ ଅଭ୍ୟସ୍ତ କରଯିବା ଫଳରେ ପାରିବାରିକ ସମ୍ପର୍କର ମଧୁରତା ରହୁନାହିଁ । ସେମାନେ କାକା ଓ ମାମୁଁ ବା ଅପା ଓ ମାଉସୀ ଭିତରେ ଥିବା ପାର୍ଥକ୍ୟ ଜାଣିପାରନ୍ତି ନାହିଁ । ଏହା ଆମ ସଂସ୍କୃତିର ଏକ ବଡ଼ ଅନ୍ତରାୟ । ମୋଟାମୋଟି କହିବାକୁ ଗଲେ ପରିବାରବାଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି, ଫଳସ୍ୱରୂପ ତାର ପ୍ରତିକୂଳ ପ୍ରତକ୍ଷ ପ୍ରଭାବ ସମାଜ ଉପରେ ପଡୁଛି ।

ଏଥର ଦେଖିବା ଆମ ଭିତରେ ହଜିବାକୁ ବସିଥିବା କିଛି ପରମ୍ପରା ସମ୍ପର୍କରେ । ଗାଁ ଗହଳିରେ ପ୍ରଚଳିତ ସାମାଜିକ ପରମ୍ପରା ଲୁପ୍ତ ପ୍ରାୟ, ଶ୍ରମ ଲାଘବ ପାଇଁ ବିଲରେ ହଳ କରୁଥିବା ହଳିଆ ଗୀତ, ଝିଅମାନଙ୍କ ମନୋରଞ୍ଜନ ସଜନୀ ଗୀତ, ବଉଳ, ମାଏଲା ଝଡ଼, ଡାଲଖାଇ ରସରକେଳି ଆଉ ନାହିଁ । ଠିକ ସେହିପରି ପୁରୁଷ ଆଧାରିତ ସଂକୀର୍ତ୍ତନ, ଭାଗବତ ଟୁଙ୍ଗିରେ ଭାଗବତ ପାଠ, ସମ୍ପ୍ରଦା, ପାଲା, ଘୋଡାନାଚ, ପୁତୁଳି ନାଚ, ଘଣ୍ଟବାଦ୍ୟ, ଦାସକାଠିଆ, ସଂଚାର, ରାମଲୀଳା, ଦଣ୍ଡ ନାଚ, ପରଭା ନାଚ ଇତ୍ୟାଦି ବିଲୁପ୍ତ ପ୍ରାୟ, ଯାହାକି ଗାଁ ଲୋକଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖୁଥିଲା । ଆଜି ସେସବୁର ସ୍ଥାନ ନେଉଚ୍ଛି ଅରୁଚିକର ଅର୍କେଷ୍ଟ୍ରା, ବାଇନାଚ, ଆଧୁନିକ କୀର୍ତ୍ତନ ବା ଅଶ୍ଳୀଳତାରେ ଭରପୁର ଅପେରା ଯାହା ଯୁବଗୋଷ୍ଠୀକୁ ବିପଥ ଗାମୀ କରୁଛି । ନାହିଁ ସେ ଗୁଂ ଗୁଂ ନାଦିଆ, ମଙ୍ଗଳା ଘଣ୍ଟିଆ, ମୁଣ୍ଡଗଡ଼ା, ଘୁଡକା ନାଚ, ଶବର ଶବରୁଣୀ, ଡାଙ୍ଗଗଡ଼ା ଓ ଷୋହଳ ସୁଆଙ୍ଗର ଦଣ୍ଡଯାତ୍ରା ଯାହାକି ଲୋକମାନଙ୍କର ମନୋରଞ୍ଜନର ମୁଖ୍ୟ ସାଧନ ଥିଲା ଓ ଲୌକିକ ପରମ୍ପରାକୁ ବଞ୍ଚେଇ ରଖିଥିଲା ।

ପରିତାପର ବିଷୟ, ଆଧୁନିକତାର ଶିକାର ହୋଇ ସଂପ୍ରତି ଅନେକ ସରକାରୀ ଓ ବେସରକାରୀ ସ୍ତରରେ ଅୟୋଜିତ ଲୋକ ଉତ୍ସବମାନଙ୍କରେ ଲୋକକଳା ଓ କଳାକାରମାନଙ୍କୁ ଉପେକ୍ଷା କରି ବାହାରୁ ପେଷାଦାର କଳାକାରମାନଙ୍କୁ ଆମଦାନୀ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି । ଏହା ଆମ ସ୍ଥାନୀୟ କଳାକାର ଓ ଆମ ସଂସ୍କୃତି ପ୍ରତି ଏକ ଉପହାସ । ସୁଖର କଥା ସମ୍ବଲପୁର ଲୋକମହୋତ୍ସବ ଓ କୋଣାର୍କ ଲୋକମହୋତ୍ସବ ଏହାର ଏକ ବ୍ୟତିକ୍ରମ, ଆଉ କିଛି ସ୍ଥାନ ଭି ଥାଇପାରେ ମୋ ଗୋଚରରେ ନାହିଁ । ଏହି ସମାବେଶରେ ପାଶ୍ଚାତ୍ୟ ର ଛାପ ଦେଖାଯାଏ ନାହିଁ, ଯଥା ସମ୍ଭବ ଲୋକକଳା ଓ କଳାକାରଙ୍କୁ ନେଇ ଆୟୋଜିତ ହୁଏ । ଏଥିପାଇଁ ଆମେ ଗର୍ବିତ । ଆଗକୁ ଏହି ପରମ୍ପରା ବଜାୟ ରହିଲେ ଲୋକମହୋତ୍ସବ ନାମ କରଣ ସାକାର ହେବା ସଂଗେ ସଂଗେ ଆମ ଅସ୍ମିତା ଓ ସଂସ୍କୃତି ବଞ୍ଚି ରହିବ ଏଥିରେ ସନ୍ଦେହ ନାହିଁ ।

- ସେବାନିବୃତ ପ୍ରଧାନଶିକ୍ଷକ,
ମହାବୀରପଡା, ଧନୁପାଲି
ସମ୍ବଲପୁର ୯୪୩୭୧୩୭୦୨୭

# ମୁଣ୍ଡା ବିହା

● ତୁଷାର ରଞ୍ଜନ ବାରିକ

ଓଡ଼ିଶା ଗୁଟେ ଆଦିବାସୀ ମାନ୍‌କର ରାଏଜ୍, ଇନର୍ ଭିନ୍ ଭିନ୍ ଅଂଚଲ୍‌ଥି କେତ୍‌ନେଇ କେତେ ପ୍ରକାରର ଆଦିବାସୀ ଜାତିର୍ ଲୋକ୍‌ମାନେ ଯୁଗ୍ ଯୁଗ୍ ହେଇ ଧରି କରି ରହି ଆସିଛନ୍ । ସେମାନେ ହେଲେ କନ୍ଧ, ଗଁଣ୍ଡ, କୋହ୍ଲ, ଶବର, ଭୂୟାଁ, ପରଜା, ମୁଣ୍ଡା, ବଣ୍ଡା, ବିଂଝାଲ୍ ଆର୍ ବି ଏନ୍ତା । ଗୁର୍‌ଦୁଟେ ।

ଇ ଆଦିମ୍ ଅଧିବାସୀ ମାନ୍‌କର୍ ସାମାଜିକ, ସାଂସ୍କୃତିକ, ଆଧାତ୍ମିକ ରୀତିନୀତି ଗବେଷଣାର ଧାରା ଭିତର୍‌କେ ଆମେ ଢୁକ୍‌ଲେ ଜାନିପାର୍‌ମା ପ୍ରକୃତଥି ଓଡ଼ିଶାର ଲୋକ ସଂସ୍କୃତିର, ଲୋକ କଲା, ଲୋକ ପରମ୍ପରାର ସେମାନେ ଗୁଟେ ବଡ଼ଟେ ଭାଗ୍‌କେ ଆବ୍‌ରି ବସିଛନ୍ ।

ଇ ଛୁଟିଆ ପ୍ରବନ୍ଧଥି ଆମେ, କେତେ ଯୁଗୁ ଚାଲି ଆସିଥିବାର୍ ଆଦିବାସୀ ଜାତିର୍ ମୁଣ୍ଡା ପରମ୍ପରାର ବିହା ବିଷେଥି ଆଲୋଚନା କର୍‌ମା ।

ମୁଣ୍ଡା ଆଦିବାସୀମାନେ ଜହ କରି ସୁନ୍ଦରଗଡ଼ ଆଉ କେନ୍ଦୁଝର ଜିଲ୍ଲାଥି ଜହ ରହିଥିଲା ବେଲ୍‌କେ ଅଲଗା କିଛି ଭାବେ ମୟୂରଭଞ୍ଜ ଜିଲ୍ଲା ଥିବା ଜଙ୍ଗଲ ଅଞ୍ଚଲଥି ବସବାସ କରି ଆସୁଛନ୍, ଅବିଶ୍ ଆଜିର୍ କାଲି ଇ ଜନଜାତିର୍ ଲୋକ୍‌ମାନେ ଓଡ଼ିଶାର ସବୁଆଡ଼େ ଚହଲି ଗଲେନ । ମୁଣ୍ଡା ଜାତିର୍ ଲୋକ୍‌ମାନ୍‌କୁ ଯଦିଓ କୋହ୍ଲ ଜାତିର ଗୁଟେ ଭାଗ୍ ବଲି କହେସନ୍ ହେଲେ ସେମାନ୍‌କର୍ ଚାଲି ଚଲ୍‌ନୀ, ରୀତି ନୀତି, କୋହ୍ଲମାନ୍‌କର୍ ଠାନୁ କେତ୍‌ନେଇ କେତେ ଅଲ୍‌ଗା ।

**ମୁଣ୍ଡା ଜାତିର୍ ବିହାର୍ ଧାରା ଗୁଟେ ଦୁସ୍‌ରା ପ୍ରକାର : -** ଗୁଟେ ଗୌତ୍ରଥି ଇମାନେ ବିହା ହେବାର୍‌ଟା ମନା, ଏନ୍ତାକି ମାଁ ଘରର୍ ସମ୍ପର୍କୀୟ କି ମାମୁଁର୍ ଝି' ପୋ ମାନ୍‌କୁ ଭିଲ୍ ବିହା ହେବାର୍ ନିୟମ୍ ନାଇଁନ । ଇମାନ୍‌କର ପରିଚୟଟା ବାପାର୍ ଗୌତ୍ର ଆଡୁ ହେଇଥିସି । ଅଁଣ୍‌ରା ପିଲା ଟୁକେଲମାନେ ନିଜର ମନେ ମନେ ପସନ୍ଦ କରି କରି ବିହା ହେବାର୍ ଇ ମାନ୍‌କର୍ ଜାତି ଥି ନାଇଁନ, ପିଲା ଟୁକେଲମାନ୍‌କର୍ ବାପା ମାଁ ଯେନ ଠିକ୍ କର୍‌ବେ ସେନ ସେମାନ୍‌କର ବିହା ହେସି । ଇ ନିୟମ୍‌ଟା ବଣ୍ଡା ଜାତିର୍ ଲୋକ୍‌ମାନେ କଡ଼ାକଡ଼ି ଭାବେ ପାଲନ୍ କରିଥିସନ୍ ଇତାର୍ ଛଡ଼ା ବିହା ହେବା ଆଘୋନୁ ପିଲା ଟୁକେଲମାନ୍‌କର୍ ଶାରୀରିକ ସମ୍ପର୍କ ରଖିବାର୍ ମନା ଅଛେ । ବଣ୍ଡା ଜାତିଥି ବର୍‌ଘରର୍ ଲୋକ୍‌ମାନେ କନିଆଁ ଟୁକେଲ୍ ଘର୍‌କୁ ପଇସା ଦେଇ କରି କନିଆଁ ଟୁକେଲ୍ ଘିନି ହେବାର୍ ପ୍ରଥା ଅଛେ, ହେଲେ ଇ ଟଁକା ପଇସାର ପରିମାଣଟା ସବୁଆଡ଼େ ସମାନ୍ ନାଇଁନ ।

ଆମର୍ ବିହାମାନ୍‌କୁ ଯେନ୍‌ତା ବରପିଲା ବରଯାତ୍ରୀ ନେଇ କରି ବିହା ହେଇଯାଏସି, ବଣ୍ଡା ଜାତିର୍ ଆଦିବାସୀମାନେ ଭିଲ୍ ବରପିଲାକେ ବୀର ବେଶ୍‌ଥି ସଜେଇ କରି ମୁହେଁ ପାଗଡ଼ି ମାରି କରି ଅଁଟାଥି ଖଣ୍ଡା ଝୁଲେଇ କରି ନାଚି ଡେଗି କୁଦି ବାଜା ବଜେଇ କନିଆଁ ଘର୍‌କେ ବରାତି ଯାଏସନ୍, ଆର୍ କନିଆଁ ଟୁକେଲ୍ ଘରର୍ ଲୋକ୍‌ମାନେ ଭିଲ୍ ତାକୁଁ ବରି କରି ଘର୍‌କେ ନେସନ୍ ।

କନିଆଁ ଟୁକେଲ୍ ଘରେ ବର୍ ଆଉ କନିଆଁକେ ହଲ୍‌ଦି ମଖା ଯାଏସି । ତେହେରୁ ସେଠାନୁ ବର କନିଆଁକେ ନେଇ କରି ଯେନ ମହୁଲ୍ ଆର୍ ଆମ୍ବଗଛ୍ ଥିସି ସେନ କନିଆଁ ଟୁକେଲ୍ ମହୁଲ୍ ଗଛେ ଆଉର୍ ବରପିଲା ଆମ୍ ଗଛେ ସିନ୍ଦୁର ଟିପା ଲଗେଇ କରି ଗଛ୍ ମାନ୍‌କୁ ବିହା ହେସନ୍ । ତେହେରୁ ସେମାନେ ଗଛ୍‌ମାନ୍‌କୁ ବରକସ୍ କରି କରି ଧର୍‌ସନ୍ । ତାଁକୁ କିଛି ସମିଆ ଲାଗି ମୁଣ୍ଡା ଜାତିର୍ ଝାଁକର୍ ରଶିଥି ଗଛ୍‌ମାନ୍‌କର୍ ସାଙ୍ଗେ ବାନ୍ଧି ଦେସନ୍ ଆଉର୍ ଖୁଲି କରି କନିଆଁ ଘର୍‌କେ ଆନ୍‌ସନ୍ ।

କନିଆଁ ଘରେ ଗେଛେ ଘାଁସ୍ ଉପରେ ଜୁଆଁଡ଼ିଟେ ରଖି କରି ତାର୍ ଉପରେ ଶିଲ୍‌ଟେ ବି ରଖିଦେସନ୍ । ବର କନିଆଁ ଶିଲ୍ ଉପରେ ଆମ୍‌ନା ସାମ୍ନା ଠିଆଡ଼ ହେସନ୍ । ବରପିଲା କିନଆଁ ଟୁକେଲ୍‌ର ଗୁଡ଼ର ବୁଢ଼ା ଆଙ୍ଗ୍‌ଠିଥି ପାଦ୍ ଦେଇ ଦେସି ଆର୍ ତାର୍ କପାଲେ ସିନ୍ଦୁର ଟିପାଟେ ଦେସି, ସେନ୍‌ତା କନିଆଁ ଟୁକେଲ ବରର୍ ପାଦ୍‌ଥି ଠିଆ ହେଇ କରି କନିଆଁ ଟୁକେଲ କପାଲେ ସିନ୍ଦୁର୍ ଲେଛ୍‌ସି । ଏନ୍ତା ଆମ୍ନା ସାମ୍ନା ଠିଆ୍ ହେଇଥିବାର ବର୍ କନିଆଙ୍କର ଉପରେ ଟୁକେଲର ସାଙ୍ଗମାନେ ହଲ୍‌ଦି ଆର୍ ପାଏନ୍ ଝିଁଟସନ୍ । ତେଁହେରୁ କନିଆ ଟୁକେଲର ସାଙ୍ଗ୍‌ମାନେ ଗରିଆଥି ପାଏନ୍ ଆନି କରି ବର୍‌କନିଆ ଉପରେ ଢ଼ାଲ୍‌ସନ୍ । ବରପିଲା ଇ ପାଏନ୍ ଢ଼ଲାନୁ ବଁଚବାର୍ ଲାଗି ଇଆଡ଼ ସିଆଡ଼ ହେସି, ହେଲେ ଟୁକେଲମାନେ ତାକେ ନାଇଁ ଛାଡ଼ନ୍ ଆହୁରି ଆହୁରି ତାର୍ ଉପ୍‌ରେ ପାଏନ୍ ଢ଼ାଲ୍‌ସନ୍ । ଇତାର୍ ଉତ୍‌ରୁ ବିହା ଶେଷ ।

ମୁଣ୍ଡା ମାନ୍‌କର୍ ବିହାର୍ ପ୍ରଥା ହିସାବେ ବର କନିଆଁ ମହୁଲ୍ ଗଛ ଆମ୍ ଗଛକେ ସିନ୍ଦୁର ଟିପା ଲଗେଇ କରି ବିହା ହେବାର୍ ବିଧି ଧିରେ ଧିରେ କରି ଲୁକି ଯାଉଛେ । ହେଲେ ଓଡ଼ିଶାର୍ କେତେ ଗାଁ ଗଅଁଲିରେ ଇଟା ଆଏଜ୍ ବି ଦେଖିବାର୍‌କେ ମିଲ୍‌ସି ।

ବିହା ସଲା ଉତ୍‌ରୁ କନିଆଁ ଆଉ ବରପିଲାକେ କପଡ଼ା ପାଲ୍‌ଟିବାର୍ ଲାଗି ଗୁଟେ ଘରେ ଛାଡ଼ି ଦିଆଯାଏସି । ସେମାନେ ଆର ଦିନ ସକାଲ୍ ତକ୍ ଏକା ସାରି ସେ ଘରେ ରହେସନ୍ । ଇନୁ ଆରମ୍ଭ ତାଙ୍କର ବୈବାହିକ୍ ଦାମ୍ପତ୍ୟ ଜୀବନ ।

ଆର ଦିନ ସେମାନ୍‌କୁ କନିଆଁ ଟୁକେଲ୍ ଆର୍ ବରପିଲାର୍ ସାଙ୍ଗମାନେ ଖେଚଡ଼୍‌ବେଚଡ଼୍ କରି କରି ଗାଁ ପାଖେ ଥିବା ବନ୍ଧ୍ କି ଜୁର୍‌କେ ଗଧାବାକେ ନେସନ୍, ସେନୁ ବରପିଲାର ଗୁଟେ ଦଲ୍ ଆର୍ କନିଆଁ ଟୁକେଲ୍‌ର ସାଙ୍ଗମାନେ ଗୁଟେ ଦଲ୍ ହେଇ କିରି କାଦୋ ଫିକାଫୁକି ଖେଲ୍ ଚାଲ୍‌ସି । ଇତାର୍ ଉତ୍‌ରୁ ବର୍ ଆଉ କନିଆଁ ଟୁକେଲ ପାଏନ୍ ଭିତ୍‌ରେ ଗରିଆ ଲୁକା ଖେଲ୍ ଖେଲସନ୍ । ଖେଲ୍ ସରିଗଲା ଉତ୍‌ରୁ କନିଆଁ ଟୁକେଲ ମୁଁଡ଼େ ଗରିଏ ପାଏନ୍ ଧରି କରି ଦୁହି ହାତେ ଗରିଆକେ ଧରିଥିସି ଆର୍ ଗାଁ ଆଡ଼କେ ଫିରୁଥିଲା ବେଲ୍‌କେ, ଗରିଆ ଆଉର୍ ହାତ୍ ଭିତ୍‌ରେ ଯେନ୍ କନିଆ ଟୁକେଲ୍‌ର ଖନ୍ଦଟା ଥିସି ହେନ ଭାରା ଦେଇ କରି ବରପିଲା ଆଗ୍‌କେ ପଡ଼ିଥିବାର୍ ବାଟ୍‌କେ ଶର୍ ମାର୍‌ସି, ସେ ଶର୍ ଯେନ ପଡ଼୍‌ସି କନିଆ ଟୁକେଲ ସେନ ଯାଇ କରି ଅଟ୍‌କି କରି ଶର୍‌କେ ପାଦେ ଆନି କରି ତାର୍ ବର୍‌କେ ଦେସି, ବରପିଲା ସେ ଶର୍ କନିଆଁ ଟୁକେଲ୍‌ନୁ ଆନି କରି ତାର୍ କନିଆଁର୍ ଖନ୍ଦୁ ଫେର୍ ଆଗ୍‌କେ ଶର୍ ମାର୍‌ସି । ଆର୍ କନିଆ ଟୁକେଲ୍ ସେନ୍‌କେ ଯାଇ କରି ସେ ଶର୍‌କେ ଉଁଡ଼େଇ କରି ତାର୍ ଘଏତାକେ ଦେସି । ଏନ୍ତା କରି କରି ସେମାନେ ଘର୍‌କେ ଫିର୍‌ସନ୍ ।

ମୁଣ୍ଡା ମାନ୍‌କର୍ ଆର୍‌ଗୁଟେ ବିହା ପ୍ରଥା ଅଛେ ଯାହାକେ "ଧୁକୋଇରା" କହେସନ୍ । ଢୁକ୍‌ବାର୍ ଶବ୍ଦନୁ ଧୁକୋଇରା । ଗୁଟେ ମାଏକିନା ଯଦି ଜୋର ଜବରଦସ୍ତ ଗୁଟେ ପିଲାର୍ ଘର୍‌କେ ଢୁକି କରି ବିହା ହେଲା ଇତାକେ "ଧୁକୋଇରା" ବିହା ବଲି କରି କୁହାଯାଏସି । ଆମର୍ ସମ୍ବଲପୁର ଅଞ୍ଚଲ୍‌ଥି ଏନ୍‌ତା ଟୁକେଲ୍‌ମାନ୍‌କୁ 'ପଏସାମୁଡ଼ି' କନିଆଁ ବଲି କରି କହେସନ୍ । ମୁଣ୍ଡା ଜାତିର୍ ନିୟମ୍‌ରେ ଧୁକୋଇରା ହିସାବେ ଯେନ୍ ମାହେଝି ବର୍ କରିଥିସି ତା'ର୍ ଛୁଆପିଲାମାନ୍‌କୁ ବିହା ହେଇଥିବାର୍ ମାହେଝି ଛୁଆପିଲାମାନ୍‌କର୍ ଠାନୁ ହୀନ୍ ନଜରଥି ଦେଖିଥିସନ୍ ।

ମୁଣ୍ଡା ଜାତିଥି 'ରାଆଡ଼ି' (ବିଧବା) ବିହା ବି ପ୍ରଚଳିତ ଅଛେ । ଇତାକେ ସେମାନେ "ସଗାଇ" ବଲି କରି କହିଥିସନ୍, ଇ ବିହାର୍ ନିୟମ୍ ହିସାବେ ବରକନିଆଁ ଦୁହି ଝନ୍‌କୁ ଦୁହି ଝନ କପାଲେ ସିନ୍ଦୁର ଟିପା ଦେଇଥିସନ୍, ହେଲେ ଡେବରି ହାତିଆ । ମୁଣ୍ଡା ଜାତି ଥି ଛାଡ଼ପତର୍ ଭିଲ୍ ନିୟମ୍ ଅଛେ, ଛାର୍‌ରି ଟୁକେଲମାନେ ଆର୍ ଥରେ ବିହା ହେବାର୍ ପ୍ରଥା ରହି ଆସିଛେ ।

ସମିଆ ହିସାବେ ମୁଣ୍ଡାମାନେ ଆଏଜ୍ ଶିକ୍ଷିତ୍ ହେଲେନ । ପାଠ୍ ଶାଠ୍ ପଢ଼ି କରି ଚାକିର ବାକ୍‌ରୀ କଲେନ । ଖେଲ୍‌କୁଦ୍‌ଥି ତ ବହୁତ ଆଗେଡ଼େ ଅଛନ୍ । ଶିକ୍ଷିତ ମୁଣ୍ଡା ଜାତିର୍ ଲୋକ୍‌ମାନେ ତାଁକର୍ ବିହାଚୁରାଥି ବ୍ରାହ୍ମନ୍ ଡକେଇ କରି ବୈଦିକ୍ ରୀତିରେ ବିହା ହେବାର୍ ବି ଇହାଦେ ଦେଖିବାର୍‌କେ ମିଲୁଛେ ।

**ଅଧ୍ୟାପକ,**
**ମାନ୍‌ଦାତା ବାବା ମହାବିଦ୍ୟାଳୟ**
**ମାନେଶ୍ୱର, ସମ୍ବଲପୁର**
**ମୋ : ୭୮୪୯୦୪୭୩୦୮**

# ଲୋକ : ବିଶ୍ୱ ଜୀବନର ଉତ୍ସ

● ଡ. ସତ୍ୟନାରାୟଣ ଠାକୁର

ଆଜି ଯେଉଁ ଆମେ ଏକ ସମୃଦ୍ଧ ପୃଥିବୀ ଦେଖୁଛେ ତା ପଛରେ ରହିଛି ମଣିଷର ମସ୍ତିଷ୍କର କରାମତି । ସୃଷ୍ଟି ଆରମ୍ଭର କୋଟି କୋଟି ବର୍ଷ ପର୍ଯ୍ୟନ୍ତ ଜୀବ ସତ୍ତାର ଆଭାସ ନ ଥିଲା । ପରବର୍ତ୍ତି ପର୍ଯ୍ୟାୟମାନଙ୍କରେ ଜଳଚର, ଉଭୟଚର, ସ୍ଥଳଚର ଜୀବମାନଙ୍କ ସତ୍ତା ଦେଖିବାକୁ ମିଳିଲା । ସବୁ ଜୀବମାନଙ୍କ ମଧ୍ୟରେ ମଣିଷ ଏକ ଚମତ୍କାର ଜୀବ । ତାର ସୃଷ୍ଟି ଏବଂ ଦୀର୍ଘ ଯାତ୍ରା ମଧ୍ୟରେ ଯେଉଁ କ୍ରମ ବିକାଶ ହୋଇଛି ତା ପଛରେ ସେ ଜିଇଁ ଆସିଥିବା ଜୀବନ ଶୈଳୀର ବିଶେଷ ଗୁରୁତ୍ୱ ରହିଛି । ଖୋଲା, ମେଲା ପ୍ରକୃତି କୋଳରେ, ପ୍ରାକୃତିକ ଜୀବନ ଜିଇଁବାର ଧାରା ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଜାରି ରହିଲା । ଏକ ନିଛକ, ନିର୍ମଳ, ଛଳନାହୀନ ଜୀବନର ଏତାଦୃଶ ସ୍ରୋତକୁ କୁହାଗଲା ଲୋକ ଜୀବନ । ଲୋକ ଜୀବନରେ ଜୀବନ ଜୀବିକାଠୁ ନେଇ ମନୋରଞ୍ଜନ, ଜୀବନ ପରିସ୍କୃତିକରଣ, ମୁକ୍ତିର ଉପାୟ ସବୁ ଅନ୍ତର୍ଭୁକ୍ତ ହେଲା । ତେବେ ଏଥିରେ ନଥିଲା ସହରୀ ପ୍ରଭାବ, କୃତ୍ରିମତାର ଛାପ, ସମୟର ବନ୍ଧନ ଏବଂ ନିୟମର ଶୃଙ୍ଖଳ । ଶଯ୍ୟାତ୍ୟାଗ ଠାରୁ ନିଦ ଯିବା ଯାଏ ଶଯ୍ୟା ଗ୍ରହଣଠୁ ଜାଗରଣ ପର୍ଯ୍ୟନ୍ତ ସେ ଯେଉଁସବୁ ଉପାୟ ଅବଲମ୍ବନ କରୁଥିଲା ତାହା ଲୋକ ବିଭବ ଅଟେ । କହିବା ବାହୁଲ୍ୟ ଯେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ଯେଉଁ ରୀତି, ନୀତି, ପରମ୍ପରା, ଅଭ୍ୟାସ, ଚଲଣୀର ସୂତ୍ରପାତ ଘଟାଇ ତାକୁ ଆଗେଇ ନେଉଥିଲା ତାହା ଲୋକ ଜୀବନ ଧାରା । ପ୍ରାକୃତିକ ପରିବେଶ ମଧ୍ୟରେ ଗ୍ରାମ୍ୟ ଜୀବନ ଜିଉଁଥିବା ମଣିଷ ପ୍ରକୃତିକୁ ନିଜ ଜୀବନରେ ଅଧିକ ସହଯୋଗ ଲୋଡୁଥିବା ମଣିଷ, ପ୍ରକୃତିକୁ ଭଲପାଇ ତାରି ପ୍ରଭାବରେ ଜୀବନକୁ ଗଢୁଥିବା ମଣିଷ ବିଶେଷ ଭାବେ ଲୋକ (ରକ୍ଟକ୍ଷଳ) ପର୍ଯ୍ୟାୟ ବାଚକ ଅଟେ । ଲୋକର ଏକ ବିସ୍ତୃତ କ୍ଷେତ୍ର ରହିଛି କାରଣ ଜୀବନର ପ୍ରତ୍ୟେକ ଉପାଦାନ ପାଇଁ ପ୍ରକୃତିର ଆବଶ୍ୟକତା ରହିଛି । ପ୍ରକୃତିର ପ୍ରଭାବରେ ଗଢି ଉଠିଥିବା ଜୀବନ ଶୈଳୀରେ ଆମେ ସ୍ପଷ୍ଟ ଭାବରେ ଲୋକ (Folk)ର ଛାପ ଦେଖିବାକୁ ପାଇବା । ଜୀବନ ଜୀବିକା, ଧର୍ମ ଧାରଣା, ଖାଦ୍ୟପେୟ, ପୋଷାକ ପରିଚ୍ଛେଦ, ଆଭୂଷଣ, ଯାନିଯାତ୍ରା, ଗୀତ, ନୃତ୍ୟ, ବାଦ୍ୟ, କଳା, ସାହିତ୍ୟ, ଭାଷା, ସଂସ୍କୃତି, ପରମ୍ପରା, ଲୀଳା, ସୁଆଙ୍ଗ, ନାଟକ ଆଦି ସବୁଥିରେ ଲୋକ (Folk)ର ପ୍ରଭାବ ଥିବା ଜାଣିପାରିବା । ଆଜି ପୃଥିବୀ ସହରି ସଭ୍ୟତା ବନାମ ଗ୍ରାମ୍ୟ ସଭ୍ୟତା ମଧ୍ୟରେ ନିଜକୁ ଆଗେଇ ନେଉଥିଲାବେଳେ ବିଶେଷ ଭାବରେ ପ୍ରାକୃତିକ ପରିବେଶ ଭରା ଗ୍ରାମ ଜୀବନରେ ଲୋକ (Folk)ର ପ୍ରଭାବ ଦେଖିବାକୁ ପାଇବା । ସହରୀ ଜୀବନରେ (Folk) ବା ଲୋକ ଏକ ସୌଖିନ, ଅଧ୍ୟୟନ, ଗବେଷଣାର ବିଷୟ ହୋଇ ରହିଯାଇଥାଏ । ଏହି ଉଦ୍ଦେଶ୍ୟରେ ସହରର ତଥାକଥିତ ସଭ୍ୟ, ଶିକ୍ଷିତ ମଣିଷମାନେ ଲୋକ (Folk)କୁ ବ୍ୟବହାର କରୁଥିବାର ଆଭାସ ମିଳିଥାଏ । ଅଥବା ପରିବର୍ତ୍ତିତ ପୃଥିବୀରେ ଗାଁର ଲୋକ (Folk) ସହରକୁ ବିଭିନ୍ନ କାରଣରୁ ଆସି ସ୍ଥାୟୀ ଭାବରେ ବସବାସ କରିବା ଆରମ୍ଭ କଲେ ଆଗରୁ ବଂଚି ଆସିଥିବା ଲୋକ ଜୀବନ ଶୈଳୀକୁ ଜିଇଁବାକୁ ଚେଷ୍ଟା କରିବାରୁ ସହରରେ ନାମକୁ ମାତ୍ର ଲୋକ (Folk)ର ବାସ୍ନା ମିଳିପାରେ । ନହେଲେ ଲୋକ (Folk)ର ଅର୍ଥ ବୁଝି ନଥିବା ବା ଲୋକ ଜୀବନ ବଂଚି ନଥିବା ସହରୀ ଶିକ୍ଷିତମାନେ କେବେ କେବେ ଚେଷ୍ଟା କରନ୍ତି ବା ଦୟା କରନ୍ତି ଲୋକ (Folk) ଉପରେ ଆଉ ତାହା କିପରି ବଂଚି ରହିବ ସେଥିପାଇଁ ନିଜକୁ ସୁହାଇଲା ଭଳି ଚେଷ୍ଟାଗୁଡ଼ିକ କରନ୍ତି । ଏପରି ହେବା ଫଳରେ ପ୍ରକୃତ ଲୋକ (Folk) ଜୀବନର ଏକ ବିକୃତ ରୂପ ସାମ୍ନାକୁ ଆସିଥାଏ । ତାହାର ଉପଯୋଗରେ କିଛି ଧୂର୍ତ୍ତ ନିଜର ବ୍ୟକ୍ତିତ୍ୱର ବିକାଶ କରି ଆଗେଇ ଯିବାପାଇଁ ଚେଷ୍ଟା କରନ୍ତି । ଲୋକ ସହିତ ଜୀବନ ନ ଜିଇଁ ଲୋକ ବାବଦରେ ଯୁକ୍ତି ବାଢନ୍ତି, ଠିକ୍ ଭୂଲ୍‌ର ବିଚାର କରନ୍ତି ଏବଂ ଶେଷରେ ବିକଳିଆ ଉପସଂହାରରେ ଉପନୀତ ହୋଇ ସମାଜକୁ ଭୁଲ ତଥ୍ୟ ଦେଇ ନିଜକୁ ସଫଳ

ବ୍ୟକ୍ତିତ୍ୱର ଆଖ୍ୟା ଦିଅନ୍ତି । ଯେଉଁ ଲୋକ (Folk) ବର୍ଷର ବିଭିନ୍ନ ସମୟରେ ଖରା, ବର୍ଷା, ଶୀତ ସହିତ ନିଜକୁ ଦେହସୁଆ କରି କ୍ଷେତ, ବିଲ, ଜଙ୍ଗଲରେ ଖଟେ, ପ୍ରକୃତିକୁ ଆଶ୍ରାକରି ଜୀବନର ରୀତି, ନୀତି, ପରମ୍ପରାଗୁଡ଼ିକୁ ଆଗେଇ ନିଏ, ପ୍ରକୃତିକୁ ଆଧାର କରି ନିଜର ଧର୍ମ, ସଂସ୍କୃତି, ଆଧ୍ୟାତ୍ମିକତାକୁ ଉଜ୍ଜିବୀତ କରି ରଖେ, ଭାରାକ୍ରାନ୍ତ ମନକୁ ଆମୋଦିତ କରିବା ପାଇଁ ନାନା ପ୍ରକାର ଚିତ୍ତ ବିନୋଦନ କରେ ଆଉ ଶେଷରେ ସେଇ ପ୍ରକୃତି କୋଳରେ ହିଁ ମିଶିଯାଏ ତାର ପ୍ରକୃତ ପରିଚୟ ବିଶେଷକରି ଇତିହାସ ଲୋକ (Folk)ର ସହାୟତା ବିନା ବୁଝି ପାରିବା ସମ୍ଭବ ନୁହେଁ । ତେଣୁ ଇତିହାସ ପାଠରେ ସୃଷ୍ଟି ତତ୍ତ୍ୱ, କ୍ରମବିକାଶ କଥା ଉଲ୍ଲେଖ କରାଯାଇଥାଏ । କୃତ୍ରିମ ଜୀବନ ଜିଉଁଥିବା ତଥାକଥିତ ଉତ୍ତର ଆଧୁନିକ ଯୁଗର ମହାନଗରୀୟ, ନଗରୀୟ ସଭ୍ୟତାର ମଣିଷ ମାନଙ୍କ ପାଇଁ ଲୋକ (Folk)ବା ନିଛକ ମଣିଷର ଜୀବନ ଶୈଳୀ ସହଜ ଭାବରେ ଗ୍ରହଣୀୟ ହୁଏ ନାହିଁ । ପ୍ରକୃତିକୁ, ପରିବେଶକୁ, ଜଳବାୟୁକୁ ଧ୍ୱଂସ କରି ଚାଲିଥିବା ମଡେନ ମେନ୍ ପ୍ରକୃତିର ସୁରକ୍ଷାଦାତାକୁ ଅସଭ୍ୟ, ଅଶିକ୍ଷିତ ମନେକରି ସରଳ ଜୀବନକୁ ହସରେ ଉଡେଇ ଜଟିଳ ଜୀବନକୁ ପାଥେୟ କରେ । ସରଳ ଜୀବନ ଶୈଳୀ ବନାମ କ୍ରିଟିକାଲ ଲାଇଫ୍ ଷ୍ଟାଇଲ ମଧ୍ୟରୁ ଯିଏ ଯେତେ କ୍ରିଟିକାଲ୍ ଲାଇଫ୍ ଷ୍ଟାଇଲ୍ ଅବଲମ୍ବନ କରିପାରିଲା ସେ ସେତେ ସୁସଭ୍ୟ, ଉନ୍ନତ, ଆଧୁନିକ, ସମ୍ଭ୍ରାନ୍ତ ଶ୍ରେଣୀରେ ଗଣାହେବା ବିଡମ୍ବନାର ବିଷୟ । ଏମିତି କିଏ ଅଛି କି ପ୍ରକୃତି ବିନା ବଂଚିପାରିବ ? ଗ୍ରାମ ଜୀବନ ହେଉ କି ସହରୀ ଜୀବନ ପ୍ରକୃତିର ଅନୁଦାନରେ ହିଁ ନିଜକୁ ପରିପୁଷ୍ଟ କରିବା ବ୍ୟତୀତ ଅନ୍ୟଗତି ନାହିଁ । ଗାଁର ଲୋକମାନେ ପିଠାକରି ଖାଆନ୍ତି । ସହରୀ ଲୋକମାନେ ପିଜା, ବରଗର ଖାଆନ୍ତି । ଗାଉଁ ଲୋକମାନେ ହସ୍ତତନ୍ତ ଲୁଗା ପିନ୍ଧନ୍ତି ଅଧିକାଂଶ ସହରୀ କାରଖାନାର ଲୁଗା ପିନ୍ଧନ୍ତି । ଗାଁର ଲୋକମାନେ ଗଛରୁ ସଂଗୃହୀତ ଉପାଦାନ ମାନଙ୍କରେ ବାସଗୃହ, ଗୃହ ଉପକରଣ, ଅସ୍ତ୍ରଶସ୍ତ୍ର, ବାଦ୍ୟଯନ୍ତ୍ର, କଣ୍ଢେଇ, ବାହନ ତିଆରି କରନ୍ତି ଆଉ ସହରୀ ଲୋକମାନେ ଇଟା, ପଥର, ବାଲି, ଲୁହା, ତମ୍ବା, ଆଲୁମିନିୟମ ଆଦିର ସହାୟତା ନିଅନ୍ତି । ସମସ୍ତେ ପ୍ରକୃତିକୁ ସହଯୋଗ ଲୋଡ଼ନ୍ତି । ଲୋକ (Folk) କିନ୍ତୁ ଏଥିପାଇଁ ନିଜକୁ କୃତଜ୍ଞ ମନେକରେ ପ୍ରକୃତି ପାଖରେ ଆଉ ଜୀବନଦାତା ଭାବି ପୂଜାକରେ । ବିଭିନ୍ନ ସମୟ, ଋତୁ, ଅବସ୍ଥାକୁ ସୁହାଇଲା ଭଳି ପୂଜା, ଉପାସନା, ଆରାଧନା କରେ । ଯାହା କ୍ରମଶଃ ସଂସ୍କୃତି, ପରମ୍ପରାର ରୂପ ନିଏ ତାର ଆରମ୍ଭରେ ଥାଏ ଲୋକ (Folk) । ଲୋକକୁ ବାଦ୍ ଦେଇ କୌଣସି ଜୀବନ ଆଗେଇବା ସହଜ ନୁହେଁ । ଲୋକ ଜୀବନରେ ତ ନିରୁତାପଣ ଥାଏ କିନ୍ତୁ ସହରୀ ଜୀବନରେ ବି ଲୋକ ଜୀବନର ଛାପ ରହିଥାଏ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମ ଦେଶରେ ଷୋଡ଼ଶ ସଂସ୍କାର କରାଯାଇଥାଏ । ଏହି ଷୋଡ଼ଶ ସଂସ୍କାର ଯେଉଁମାନେ ବିକାଶ କରିଥିଲେ ଯଦିଓ ସେମାନେ ଅଶିକ୍ଷିତ ନ ଥିଲେ ତଥାପି ସେମାନେ ଗ୍ରାମ୍ୟ ପରିବେଶରେ ବିକଶିତ ହୋଇଥିଲେ । ଫଳମୂଳ, କ୍ଷେତର ଶସ୍ୟ, ନଈ, ଝରଣାର ଜଳ, ବଣ, ପାହାଡ଼ର କାଷ୍ଠ, ଔଷଧ, ପ୍ରସାଧନୀ ବ୍ୟବହାର କରୁଥିଲେ । ବିଭିନ୍ନ ଜୀବଜନ୍ତୁଙ୍କ ସ୍ୱର, ହାବଭାବ, ଶୈଳୀକୁ ନେଇ ଗୀତ, ନୃତ୍ୟ, ନାଟକର ବିକାଶ କରିଥିଲେ, ପ୍ରକୃତିର ବିଭିନ୍ନ ଅବସ୍ଥା ଅନୁସାରେ ନିଜ ଜୀବନକୁ ସହଜ କରିବାର କଳା ଶିଖିଥିଲେ ସେଗୁଡ଼ିକ ଉତ୍ତରାଧିକାରୀ ସୂତ୍ରରେ ସହରୀ ଜୀବନକୁ ମିଳିଥିଲେ ସୁଦ୍ଧା ସେଥିରେ ପର୍ଯ୍ୟାୟ କ୍ରମେ ଅନେକ କୃତ୍ରିମତାର ଅନୁପ୍ରବେଶ ଜୀବନ ଜୀବନ ମଧ୍ୟରେ ପ୍ରଭେଦ ସୃଷ୍ଟି କରିଛି । ପରିଚୟ ସୃଷ୍ଟି କରିଛି ସହରୀ-ଗାଉଁଲି, ଶିକ୍ଷିତ-ଅଶିକ୍ଷିତ, ଅଗ୍ରଣୀ-ପଛୁଆ ଅବସ୍ଥାର ।

ପ୍ରକୃତିକୁ ମୋଡିମକଚି ବିକାଶର ରୂପ ଦିଆଯାଇ ଆଧୁନିକ ବିଶ୍ୱଟେ ଗଢିବା ପଛରେ କ'ଣ ଯେ ଉଦ୍ଦେଶ୍ୟ ରହିଛି ଭାବିଲା ବେଳକୁ ମୁଣ୍ଡ ଗୋଳମାଳ ହୋଇଯାଏ ଏବଂ ନିଷ୍କର୍ଷରେ ପହଂଚିଲା ବେଳକୁ ପୃଥିବୀ ମିଳେ ଧ୍ୱଂସ ସ୍ତୁପ ଉପରେ । ଲୋକ (Folk) ର ସୁରକ୍ଷା ଚିନ୍ତା ନ କଲେ ଏହା ନିଶ୍ଚିତ ଭାବରେ ଦିନେ ବାସ୍ତବତାରେ ପରିଣତ ହେବ ଏକଥା ଆଜିକାଲିର ଗୋଟିଏ ଛୋଟ ଘଟଣାରୁ ବୁଝାଯାଇପାରେ । ଏକଦା ଲୋକ (Folk) ମାନେ ବ୍ୟବହାର କରୁଥିବା ମାଣ୍ଡିଆ ତଥା କଥିତ ସଭ୍ୟ ସମାଜ ଦ୍ୱାରା ପୌଷ୍ଟିକ ଆହାର ଭାବରେ ଗ୍ରହଣୀୟ ହେଉନଥିଲା । ଏହାକୁ ଆଦିବାସୀ, ଜଙ୍ଗଲି, ଗରିବମାନେ ଖାଆନ୍ତି ବୋଲି କୁହାଯାଉଥିଲା । ଆଜି କିନ୍ତୁ ସେଇ ମାଣ୍ଡିଆ ଏକ ଉତ୍ତମ ଖାଦ୍ୟେ ବୋଲି ବହୁଳ ଭାବରେ ଗ୍ରହଣୀୟ ହେଉଛି । ଛୋଟ ହୋଟଲରୁ ନେଇ ବଡ ବଡ ରେଷ୍ଟୁରାଂଟରେ ମାଣ୍ଡିଆରେ ତିଆରି ଖାଦ୍ୟର ଚାହିଦା କାହିଁରେ କେତେ । ବୈଜ୍ଞାନିକମାନେ ପ୍ଲାଷ୍ଟିକ ତିଆରି ସାମଗ୍ରୀ ଗୁଡିକୁ ନେଇ ଚିନ୍ତିତ ହୋଇ ପଡୁଥିଲା ବେଳେ ଲୋକ (Folk) ମାଟି ତିଆରି ଜିନିଷ ବ୍ୟବହାର କରି ପରିବେଶକୁ ସୁସ୍ଥ ରଖି ଆସିଛି । ଏହାର ଗୁରୁତ୍ୱ ଉପଲବ୍ଧି କରି ବିଭିନ୍ନ ସର୍ବସାଧାରଣ ସ୍ଥାନ ମାନଙ୍କରେ ମାଟି ପାତ୍ରରେ ଚା, କ୍ଷୀର, ମିଠା ଆଦି ବିକ୍ରୟ ହେଉଛି । ମାଟି ହାଣ୍ଡି ମାଂସ, ବାଉଁଶ ପୋଡା ମାଂସ, ପତ୍ରପୋଡା ମାଂସର ବଡ ବଡ ବିଜ୍ଞାପନ ଦିଆଯାଉଛି ହୋଟେଲ ମାନଙ୍କରେ ।

ବିଭିନ୍ନ ପ୍ରକାର ଅପମିଶ୍ରିତ ତେଲ ଯୋଗୁଁ ହୃଦରୋଗର ପରିମାଣ ଅନିୟନ୍ତ୍ରିତ ହୋଇ ପଡୁଥିଲାବେଳେ ଲୋକ (Folk) ଖାଉଥିବା ସରଳ ଖାଦ୍ୟ ଗୁଡିକ ପ୍ରତି ଏବେ ସଭ୍ୟ ସମାଜର ଆକର୍ଷଣ ବଢିବାରେ ଲାଗିଛି । ପ୍ରଦୂଷଣ ମୁକ୍ତ ବାୟୁକୁ ଶ୍ୱାସ ପ୍ରଶ୍ୱାସରେ ଗ୍ରହଣ କରିବାର ସୌଭାଗ୍ୟ ଲୋକ (Folk) ପାଖରେ ଯେଭଳି ଯୁଟେ ସହରୀ ଲୋକଙ୍କ ପାଇଁ ତାହା ଯୁଟି ନଥାଏ । ତେଣୁ ସହରୀ ଲୋକମାନେ ଛୁଟି କଟିବା ପାଇଁ ଆଜିକାଲି ଗ୍ରାମ୍ୟ ଭଳି ପରିବେଶକୁ ପ୍ରାଧାନ୍ୟ ଦେଉଛନ୍ତି । ଶରୀର ସୁସ୍ଥତା କଥା ଚିନ୍ତାକଲେ ଦେଖାଯାଏ ସହରୀ ଜୀବନ ବିତାଉଥିବା ମଣିଷ ଅପେକ୍ଷା ଲୋକ (Folk) ଜୀବନ ଜିଉଁଥିବା ମଣିଷ ଅଧିକ ସୁସ୍ଥ । ଉଭୟ ଶାରୀରିକ, ମାନସିକ ସ୍ତରରେ ଲୋକ (Folk) ଜେଂଟେଲମେନ ଅପେକ୍ଷା ଅଧିକ ସୁସ୍ଥ ଅଟେ । ଲୋକ (Folk) ର ଚିତ୍ତ ବିନୋଦନର ଉପାୟ ମଧ୍ୟରେ ଅନେକ ପାର୍ଥକ୍ୟ ଥିଲେ ମଧ୍ୟ ପ୍ରମୁଖ ଉତ୍ସ ଗୁଡିକ ପ୍ରାୟତଃ ସମାନ ଓ ପ୍ରକୃତି ଆଶ୍ରିତ ଅଟେ । ବାଦ୍ୟ, ନୃତ୍ୟ, ଗୀତ, ସଙ୍ଗୀତ, ଖେଳ ସବୁଥିରେ ଲୋକ ଜୀବନର ଛଟା ମୂଳତଃ ରହିଥାଏ । ଲୋକ (Folk) ଏହାକୁ ଯଥାବତ୍‌ତ ଗ୍ରହଣ କରି ନେଇଥିଲାବେଳେ ଆଧୁନିକ ସହରୀ ମଣିଷ ଆଧୁନିକତାର ଦ୍ୱାହିଦେଇ ସେଗୁଡିକରେ କିଛି କିଛି କୃତ୍ରିମ ରଙ୍ଗ ବୋଳି ଦେଇ (improvised) ର ଆଖ୍ୟା ଦିଏ । ଏଠାରେ ତାକୁ ପ୍ରଶ୍ନ କଲେ ରଚି ଅରୁଚିରକର କଥା କହେ । ଆଧୁନିକ ମଣିଷ କୁଆଡ଼େ ନିଛକ କଥାକୁ ରୁଚିକର ମନେ କରେ ନାହିଁ । ଶୁଦ୍ଧ ଅଶୁଦ୍ଧର ଦ୍ୱନ୍ଦ୍ୱ ଭିତରେ ଆଜି ଲୋକ ଜୀବନ ଛଟପଟ ହେଉଛି । ବିଶେଷକରି ଭାରତ ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ଏହା ଏତେ ପ୍ରାଚୀନ ଦେଶ ଯେ ଲୋକ (Folk) ର ଆଶ୍ରା ବିନା ଏଠାକାର ସଭ୍ୟତାର କଳ୍ପନା କରାଯାଇ ନ ପାରେ । ଲୋକ (Folk)ର ଚେର ଏ ଦେଶର ମାଟି ଭିତରକୁ ଏଭଳି ବିସ୍ତାରିତ ହୋଇଛି ଯେ ଯଦି ସେଇ ବୃକ୍ଷଟି ଢ଼ଳିଯାଏ ତେବେ ତାର ଚେର ଉପୁଡ଼ି ସମଗ୍ର ସଂସ୍କୃତି ଲୋପ ପାଇଯିବ । କହିବା ବାହୁଲ୍ୟ ଯେ ଭାରତର ସ୍ଥିତି ଲୋକ (Folk)ର ଅନୁପସ୍ଥିତିରେ କଳ୍ପନା ସୁଦ୍ଧା କରାଯାଇପାରେନା । ପୃଥିବୀକୁ ଭାରତର ଯେଉଁ ତିନୋଟି ପ୍ରମୁଖ ଅବଦାନ ରହିଛି ଯୋଗ, ଆୟୁର୍ବେଦ ଏବଂ ଜୀବନ ରକ୍ଷା କୌଶଳ (Marshal Art) ଏହି ତିନୋଟି ଯାକର ମୂଳ ଲୋକ (Folk) ରୁ ଆରମ୍ଭ ହୋଇଛି । ଏହି ତିନୋଟି ଆଜି ବିକାଶ ଲାଭକରି ବିଜ୍ଞାନର ଆଖ୍ୟା ବହନ କରିଛି । ତେବେ ଏଠାରେ ପ୍ରଶ୍ନ ହେଲା ଯେ ଅନୁନ୍ନତ ବୋଲି ମନେ ହେଉଥିବା ଉପାଦାନ ଯଦି ଜୀବନ ସାର୍ଥକକାରୀ ଶ୍ରେଷ୍ଠ ବିଜ୍ଞାନର ରୂପ ନିଏ ତେବେ ଏଠାରେ ଯେଉଁମାନେ ଏ ସବୁର ବିସ୍ତାରକ ସେମାନଙ୍କୁ କେବଳ ଲୋକ (Folk) ବୋଲି କହିପାରିବା କି ? ଆଧୁନିକତାର ବିକାଶରେ ସେମାନେ ପ୍ରମୁଖ ଉତ୍ସ କହିଲେ କିଛି ଭୁଲ୍ ହେବ କି ? ଆଜି ଯେଉଁ ନୃତ୍ୟ, ସଙ୍ଗୀତ, ବାଦ୍ୟ, ଖେଳର ପ୍ରୟୋଗ କରାଯାଉଛି ସେ ସବୁ ମୂଳରେ କ'ଣ ଲୋକ (Folk) ନାହିଁ ? ଶୈଳୀରେ କିଛିଟା ପରିବର୍ତ୍ତନ ହୋଇଥାଇପାରେ କିନ୍ତୁ ଅନେକଟା ଯଥାବତ୍ ରହିଛି । ଉଦାହରଣସ୍ୱରୂପ ଯଦି ବଂଶୀକୁ ନିଆଯାଏ ତେବେ ଦେଖିବାକୁ ପାଇବା ଯେ ବାଉଁଶରୁ ଏହା ସୃଷ୍ଟିହୋଇ ଏବେ ବିଭିନ୍ନ ଧାତୁରେ ନିର୍ମିତ ହେଉଛି କିନ୍ତୁ ଯେଉଁ ପ୍ରକାର ସ୍ୱର ଉତ୍ପନ୍ନ ପାଇଁ ଏହାର ଆବୃତି ରହିଛି ରହିଛି ତାହାକୁ ସବୁବେଳେ ଅକ୍ଷୁର୍ଣ୍ଣ ରଖିବାକୁ ଚେଷ୍ଟା କରାଯାଇଛି । ବଂଶୀର ମୌଳିକତା ହେଲା ତାର ସ୍ୱର । ତାହା ଯଦି ପରିବର୍ତ୍ତନ ହୋଇଗଲା ତାହା ଆଉ ବଂଶୀ ହୋଇପାରିବ ନାହିଁ । ତେବେ ଯିଏ ଏହାକୁ ପ୍ରଥମେ ବ୍ୟବହାର କରିଥିବ ସେ କ'ଣ ଆଧୁନିକ ମଣିଷ ହୋଇଥିବ ନା ବଣ ଜଙ୍ଗଲରେ ସ୍ୱାଧୀନ ଭାବରେ ବିଚରଣ କରୁଥିବା ଆଦିବାସୀ ବା ଲୋକ (Folk) ହୋଇଥିବ ତାହା ଅନୁଭବର ବିଷୟ । ବଂଶୀଭଳି ଅନ୍ୟାନ୍ୟ ବାଦ୍ୟ ମାନଙ୍କର ଉଦାହରଣ ମଧ୍ୟ ଦିଆଯାଇପାରେ । ମଣିଷ ଯେତେବେଳେ ଖୁସିରେ ଉତ୍‌ଫୁଲ୍ଲିତ ହୁଏ ତାର ଶରୀର ଅଙ୍ଗଭଙ୍ଗି ଏବଂ ସ୍ୱର ଆଦିରେ ବିଲକ୍ଷଣ ଦେଖାଯାଏ । ଏଇ ବିଲକ୍ଷଣ ଅଙ୍ଗଭଙ୍ଗି, ସ୍ୱରକୁ ସଜାଡ଼ି ଦେଇ ଉପସ୍ଥାପନ କଲେ ପାଲଟିଯାଏ ନାଚ, ଗୀତ । ସେଗୁଡ଼ିକରେ ପୁଣି ପ୍ରକୃତିର ବିଭିନ୍ନ ଉପାଦାନ ଯଥା ପଶୁପକ୍ଷୀମାନଙ୍କ ସ୍ୱର, ଚାଲିବା ଶୈଳୀ, ବୃକ୍ଷଲତାମାନଙ୍କ ହଲିବା ଶୈଳୀ, ନଈ ଝରଣାର ପ୍ରବାହମାନ ଧାରାର ଶୈଳୀ, ଶବ୍ଦ ଅନୁକରଣ ନୃତ୍ୟ, ଗୀତକୁ ଆହୁରି ପରିପୁଷ୍ଟ କରିଛି । ରୂପ ନେଇଛି ବିଭିନ୍ନ ଶୈଳୀର ନୃତ୍ୟ, ଗୀତର । ସେଇ ଲୋକ ଗୀତ, ଲୋକ ନୃତ୍ୟର ପ୍ରଭାବ ଶାସ୍ତ୍ରୀୟ ଶୈଳୀ ଉପରେ ବି ପଡ଼ିଛି । ମୂଳକୁ ନେଇ ହିଁ ପରବର୍ତ୍ତି ପଦକ୍ଷେପର ପରିକଳ୍ପନା ସମ୍ଭବ । ପ୍ରତ୍ୟେକ ଶିଷ୍ଟ ପଦକ୍ଷେପ ପଛରେ ଲୋକ (Folk) ଉପାଦାନର ପ୍ରଭାବ ପଡ଼ିଥିବାର ଯୁକ୍ତି ଖଣ୍ଡନ କରିବା କଷ୍ଟକର ବ୍ୟାପାର । କାରଣ ସତ୍ୟକୁ ମୁହଁ ମୋଡ଼ିବା ଅର୍ଥ ସତ୍ୟକୁ ଗ୍ରହଣ କରିବାକୁ କୁଣ୍ଠାବୋଧ କରିବା । ସତ୍ୟକୁ ଗ୍ରହଣ ନ କରି ଆମେ ପତନମୁଖୀ ହେବା ସିନା ପ୍ରକୃତ ବିକାଶ ହାସଲ କରିପାରିବା ନାହିଁ । ତେଣୁ ଲୋକ (Folk) ଓ ଆଧୁନିକତା ମଧ୍ୟରେ ସୁସଂହତି ରକ୍ଷାର ଆବଶ୍ୟକତାକୁ ଗ୍ରହଣ କରିନେବା ହିଁ ବୁଦ୍ଧିମାନର କାର୍ଯ୍ୟ ।

**- ବାଲିବନ୍ଧା, ସମ୍ବଲପୁର**

# ସମ୍ବଲପୁରୀ ଅସ୍ମିତା

● ଆନନ୍ଦ ସାଗର ଦାଶ

କଥା ବାର୍ତ୍ତା, ଚାଲି ଚଲନ୍, ପିନ୍ଧା ଉଢ଼ା, ଖାନା ପିନା, ଗାନା ବଜାନା, ଧରମ୍ କରମ୍, ଇତିହାସ୍ ର ଅନୁଭୂତି, ଆଦିକେ ନେଇକରି ସମୟର୍ ସାଙ୍ଗେ ଗୁଟେ ଜାତିର୍ ନିଜର୍ ଚିନ୍‌ହା ବନସି । ଜେନ୍ ଜାତିର୍ ଇତିହାସ୍ ଯେତେ ପୁର୍ନା ଆଉ ବ୍ୟାପକ୍, ତାର୍ ସାଂସ୍କୃତିକ୍ ପରିଚୟ ସେତେ ବର୍କସ୍ ହେଇକରି ଉଭ୍ରିସି, ସେମାନକର୍ ଲୋକ୍ ଚରିତ୍ର ଥି ତାଙ୍କର୍ ଜାତୀୟ ଚେତନା ସେତେ ଫଟିକ୍ ଦିସ୍‌ସି ।

ଇ ସାଂସ୍କୃତିକ୍ ପରିଚୟ ଟା ଗୁଟେ ସାମାଜିକ୍ ଗୁହୁଡ଼ିର୍ ଲୋକ୍ ମାନକର୍ ରାଜନୈତିକ୍, ସାଂସ୍କୃତିକ୍, ବୈଭବ୍, ସାମର୍ଥ୍ୟ, ପ୍ରଭାବ୍ ହିସାବେ ସମୟର୍ ସାଙ୍ଗେ ବଢି କରି ଚାର୍ହି ଦିଗେ ବିସ୍ତାର୍ କର୍ସି ଆଉ ନିଜର୍ ଲାଗି ଗୁଟେ ଭୌଗୋଲିକ୍ ସିମା ବନାସି । ଆଝିର୍ ସମିଆ ଥି ଯେନ୍ତା ଆମର୍ ସମଲ୍‌ପୁରୀ ଭାଷା ସଂସ୍କୃତିର୍ ଲୋକ୍ ମାନକର୍ ମୁଲ୍ ଜାଗା ହେଲା ଏଭର୍ ପଶ୍ଚିମ୍ ଓଡିଶା କୁହା ଯାଉଥିବାର୍ ୧୦ ଟା ଜିଲ୍ଲା ଆଉ ଗୁଟେ ସବ୍ ଡିଭିଜନ୍, ଆଉର୍ ତାର୍ ସାଙ୍ଗେ ଲାଗି କରି ଥିବାର୍ ଛତିସଗଡ଼ ଆଉ ଝାରଖଁଡ୍ ରାଜ୍ୟର୍ କିଛି ଅନ୍‌ଚଲ୍ ।

ନିଜର୍ ଘର୍‌ନୁ ପଡ଼ା କି ଗାଁ, ସେନୁ ଫେର୍ ନିଜର୍ ଜିଲ୍ଲା, ଫେର୍ ଗୁଟେ ଅନ୍‌ଚଲ୍, ଫେର୍ ରାଜ୍ୟ, ତେହେରୁ ଦେଶ୍; ଏନ୍ତା ବହୁତ୍‌ଟେ ପରିଚୟ ଧରିକରି ଚାଲସୁଁ ଆମେ ଏକା ସାଙ୍ଗେ । ପ୍ରଶାସନିକ୍ ସୁବିଧା ଲାଗି ନୂଆଁ ନୂଆଁ ଜିଲ୍ଲାମାନେ ବନୁଛେ, ଆଉ ତାର୍ ସାଙ୍ଗେ ନୂଆଁ ନୂଆଁ ପରିଚୟ ମାନେ ଭି ସୃଷ୍ଟି ଭି ହେଉଛେ । ହେଲେ ସେ ଆଘର୍ ଜୁନ୍‌ହା ଅସ୍ମିତା ଭି ବଁଚିକରି ରହୁଛେ, କାରଣ୍ ତାର୍ ପଛେ ସହ ସହ ବରଷ୍‌ର ନିରନ୍ତର୍ ଐତିହାସିକ୍ ଆଉ ସାଂସ୍କୃତିକ୍ ସମନ୍ଧ୍‌ର ପ୍ରଭାବ୍ ରହୁଛେ, ସମୟର ପ୍ରବାହ ଆଉ କ୍ଷେତ୍ରୀୟ ପରିସୀମାର ତଫାତ୍ ଭି ରହୁଛେ । ଇଟା ସେ ପ୍ରକାର୍ କଥା ଯେନ୍ତା, ଯେନ୍ ଗଛର୍ ଚେର୍ ଯେତେ ଲମ୍ ଆଉ ମଜବୁତ୍, ସେ ଗଛ୍ ହେତେ ଗଖା ଆର୍ ସୁଦୃଢ୍ । ତାର୍ ବାଦ୍ ନୂଆଁ ଜିଲ୍ଲା ଗଠନ୍‌ଟା କିଛି ନୂଆଁ ସାଂସ୍କୃତିକ୍ କି ଭାଷାଗତ୍ ତଫାତ୍ ନାଇଁ କରେ ।

ଭିନେ ଭିନେ ସମୟ ଥି ଗୁଟେ ଭୂ-ଭାଗ୍ ଭିନେ ଭିନେ ଜାତିର୍ ଲୋକ୍ ମାନକର୍ ଅସ୍ମିତାର ପ୍ରତିକ୍ ବନବାର୍ ବହୁତ୍ ଉଦାହରଣ୍ ଦେଖବାର୍ କେ ମିଳସି । ଜନ ବସତି ବନସି, ଉଜ୍‌ଡ଼ିସି; କେନେ ପୁର୍ନା ଲୋକ୍ ପୁରା ଲୋପ୍ ପାଇ ଯାଏସନ୍, ସେମାନକର୍ ଅସ୍ମିତା ର ସବୁ ଚିନ୍‌ହା ମେଟି ଯାଏସି, ନୂଆଁ ଲୋକ୍ ପ୍ରବାସ୍ କର୍ସନ୍ ଆଉ ନୂଆଁ ଇତିହାସ୍ ବନସି; ତ ଆଉ କେନେ ଲୋକ୍ ନିଜର୍ ଅସ୍ମିତା ବଁଚାବାର୍ ଲାଗି ପଲାୟନ୍ କର୍‌ବାର୍ ଉଦାହରଣ୍ ମିଲସି । ସେମାନେ ନୂଆଁ ଜାଗାଥି ନୂଆଁ କରି ନିଜର୍ ପୁରନା ଅସ୍ତିତ୍ୱକେ ବଁଚେଇ କରି ଜୀବନ୍‌ଯାପନ୍ କର୍ସନ୍ । ଲୋକ୍‌ମାନେ ହେଲେ ଅସ୍ମିତାର ବାହକ୍ ।

ଆମେରିକାର ଖୋଜ୍ ହେଲା ଉତରୁ ସେନର୍ ମୁଲ୍ ନିବାସୀ ମାନକର୍ ଇତିହାସ୍ ମେଟିଗଲା, ଆଉ ୟୁରୋପ୍ ମହାଦେଶ୍‌ର ଭାଷା ସଂସ୍କୃତିକେ ନେଇକରି ନୂଆଁ ଆମେରିକାନ୍ ଅସ୍ମିତାର ସୃଷ୍ଟି ହେଲା । ଏଛେନ୍ ପୃଥିବୀ ଜାକର୍ ଲୋକ୍ ସେନେ ଠୋଲ୍ ହେଇଛନ୍, ନୂଆଁ ବସ୍ତି ବନେଇଛନ୍ । ନୂଆଁ ଭାଷା ଇଂଗ୍ଲିସ୍‌ର ପ୍ରଚଳନ୍ ହେଇଛେ, ଆଘର୍ ଭାଷା ଲୋପ୍ ପାଇ ଯାଇଛେ । ଏଭେ ଯିଏଭି ସେନେ ସ୍ଥାୟୀ ବାସିନ୍ଧା ବନୁଛେ, ତାର୍ ପରିଚୟ ଆମେରିକାନ୍ ହେଉଛେ, ନା କି ଆଘର୍ କେନ୍‌ସି ସଭ୍ୟତାର ନାଁ ଥି ।

ହେନ୍ତା ଦିନେ ଆଝିର୍ ପାକିସ୍ଥାନ୍ ଥିଲା ବାସ୍ତବିକ୍ ଭାରତ୍ । ସେନେ ରଚନା ହେଇଥିଲା ଚାର୍ହି ବେଦ ଆଉ ବହୁତ୍ ହିନ୍ଦୁ ଶାସ୍ତ୍ର । ହେଲେ ଆଜି ରହୁଥିବାର୍ ସେନର୍ ଲୋକ୍ ମାନକର୍ ଲାଗି ସେସବୁର କିଛି ମହତ୍ତ୍ୱ ନାଇଁନ କାରଣ୍ ସେମାନେ ଅଲଗା ଅସ୍ମିତାର ବାହକ୍ ହେଇଛନ୍, ଆଉ ଯାହାର୍ ଲାଗି ତାର୍ ମହତ୍ତ୍ୱ ଅଛେ, ସେମାନେ ସେ ଭୂଖଣ୍ଡ ଛାଡ଼ିକରି ଏଭର୍ ଭାରତ୍‌ନେ ବସବାସ କରୁଛନ୍ ।

ଆମର୍ ସମଲପୁରୀ ଭାଷା ସଂସ୍କୃତି ଅସ୍ମିତାକେ ଯଦି ନିଘା କର୍ମା ବେଲେ ଜାନି ପାର୍ମା ଯେ, ଇ ଭୁଖଣ୍ଡଥି ଭି ଛୋଟ ବଡ଼ ହେଇକରି ବହୁତ୍ ସଭ୍ୟତା ଜନମ୍ ନେଇଛେ ଆଉ ଶେଷ୍ ଭି ହେଇ ଯାଇଛନ୍ ସମୟର୍ ସାଙ୍ଗେ । କେତେ ରାଜା ମହାରାଜା ତାଁକର୍ ଦିଗ୍ ବିଜୟ ସମୟ ଥି ଇ ଭୁଖଣ୍ଡ ଦେଇକରି ଯାଇଛନ୍ ।

ସମୟ ଥିଲା ଇନେ ଖାଲି ଆଦିବାସି ସଂସ୍କୃତିର ପରିବୃଦ୍ଧି ହେଇ ଥିଲା । ବୋଧେ ମଗଧର ମୌର୍ଯ୍ୟ କାଲ୍‌ଥି ଇ ଭୁଖଣ୍ଡକେ ମାଗଧି ପ୍ରାକୃତ୍ ଭାଷା ଆସିଛେ, ଯାହାର୍ ନୁ ଏଭର୍ ସମଲପୁରୀ ଭାଷା ର ଜନମ୍ ହେଇଛେ । ଆମର୍ ଇ ଭାଷାର ବିସ୍ତୃତି ଉତ୍ତର୍‌ଥି ଝାରଖଁଡ଼ର ପଶ୍ଚିମ୍ ସିଂଗଭୁମ୍‌ନୁ ନେଇକରି ଦକ୍ଷିଣ୍‌ଥି କୋରାପୁଟ୍ ତକ୍ ଦେଖବାର୍ ମିଲସି ।

ପଶ୍ଚିମ୍ ଓଡିଶାର ବିର୍ଭିନ୍ନ ଅଞ୍ଚଲ୍ ଖଣ୍ଡ୍ ଖଣ୍ଡ୍ ହେଇକରି ଭିନେ ଭିନେ ସାମ୍ରାଜ୍ୟର୍ ଅଂଶ ହେଇଥିବାର୍ ଐତିହାସିକ୍ ପ୍ରମାଣ୍ ମାନେ ମିଲସି । ମଗଧ୍‌ର ଶୁଂଗ, କଳିଂଗର ମହାମେଘ ବାହନ, ପ୍ରତିଷ୍ଠାନ୍‌ର ସାତବାହାନ, ବୈଦେଶିକ କୁଷାଣ, ଦେଶୀୟ ବାକାଟକ, ଗୁପ୍ତ, ଚାଲୁକ୍ୟ, ରାଷ୍ଟ୍ରକୁଟ, ଆଦି ଶକ୍ତିଶାଲୀ ସାମ୍ରାଜ୍ୟ ମାନକର ଦ୍ୱାରା ଶାସିତ୍ ହେଇଛେ ଏଭର୍ ପଶ୍ଚିମ୍ ଓଡିଶା ।

ବାକାଟକ-ଗୁପ୍ତ ସମୟ ଉତ୍ତୁ ସରଭପୁରୀୟ ଆଉ ପାଣ୍ଡୁ ବଂଶୀ ମାନ୍କର୍ କୋସଲ ରାଜ୍ୟ, ଯେନ୍‌ଟା ଏଭର୍ ଛତିଶଗଡ ରାଜ୍ୟର୍ ମଲ୍‌ହାର୍ – ଶ୍ରୀପୁର୍ ଅଞ୍ଚଲନୁ ଶାସିତ୍ ହେଉଥିଲା, ତାର୍ ଅଂଶ୍ ହେଇଥିଲା ପଶ୍ଚିମ୍ ଓଡିଶା ଭୂଖଣ୍ଡର କିଛି ଅଞ୍ଚଲ । ଆଉ କିଛି ଅଞ୍ଚଲ ବୌଦର ଖିନ୍‌ଜିଲି ମଣ୍ଡଳର ଅଂଶ୍ ହେଇଥିଲା, ଯେନଟା ଭୌମକର ମାନକର୍ ଉତ୍କଳର ସାମନ୍ତ ଥିଲା । ବାମଣ୍ଡା – ସମଲପୁର୍ ଅଞ୍ଚଲ ମାଠାର ମାନକର୍ ବାମଣ୍ଡାପାଟି ରାଜ୍ୟ ବଲି ଜନାଯାଉଥିଲା ଆଉ ବଣେଇଥି ବରାହ – ତୁଙ୍ଗ ମାନକର୍ ଶାସନ୍ ଥିଲା ।

ନବମ ଶତାବ୍ଦୀର ମଧ୍ୟ ଭାଗଥି ଗୁଟେ ବଡ଼ ପରିବର୍ତ୍ତନ୍ ଆଏଲା ପଶ୍ଚିମ୍ ଓଡିଶାର ଇତିହାସ୍‌ଥି । ଶ୍ରୀପୁର୍ କୋସଲ୍‌କେ ଛାଡ଼ି ଆସିଥିବାର୍ ସୋମବଂସୀମାନେ ଏଭର୍ ସୋନପୁର୍ – ବଲାଂଗିର୍ ଅଞ୍ଚଲ ନେ ତ୍ରୀକଲିଂଗ ସାମ୍ରାଜ୍ୟ ସ୍ଥାପନ୍ କରଲେ, ଆଉ ବହୁତ୍ ଜଲ୍‌ଦି ଗୁଟେ ବିରାଟ୍ ଭୂଖଣ୍ଡର ଅଧିକାରୀ ହେଇଗଲେ, ଯେନ୍‌ଟା ଏଭର୍ ଓଡିଶା ର ପରିସୀମା ସାଙ୍ଗେ ମେଲ୍ ଖାଇଯାଏସି ।

ସେମାନକର୍ ପତନ୍ ଉତରୁ ଛତିଶଗଡ଼ର ବସ୍ତର୍‌ନୁ ଶାସନ୍ କରୁଥିବାର୍ ନାଗ ବଂଶୀ ରାଜା ମାନକର୍ ଅଧିନ୍‌ଥି ପଶ୍ଚିମ୍ ଓଡିଶାର କିଛି ଅଞ୍ଚଲ୍ ଶାସିତ୍ ହେଲା, ତାଙ୍କର୍ ତେଲୁଗୁ ଚୋଡ ସାମନ୍ତ ମାନକର୍ ଦ୍ୱାରା । ଫେର ଛତିଶଗଡ଼ ର ରତନ୍‌ପୁର୍‌ର ହୈହୟ କଲଚୁରିମାନେ ସାରା ପଶ୍ଚିମ୍ ଓଡିଶାର ଅଧିପତି ହେଲେ । ସେମାନକର୍ ଶାସନ୍‌ର ପୁର୍ନଛେଦ୍ ପକାଲେ କଲିଙ୍ଗର ଗଙ୍ଗ ସମ୍ରାଟ୍ ମାନେ । ଇମାନକର୍ ସମୟଥି ସୋନପୁର୍, ପାଟନାଗଡ଼, ଆଉ ନର୍ଲାର କମଲ ମଣ୍ଡଲ ଆଦି ସିମାନ୍ତ ସାମନ୍ତ ରାଜ୍ୟମାନେ ସ୍ଥାପିତ୍ ହେଲା ।

ଏନ୍ତା ବହୁତ୍ ଐତିହାସିକ୍ ଅନୁଭୂତି ଦେଇକରି ଯାଇଥିବାର୍ ଖଣ୍ଡ୍ ଖଣ୍ଡ୍ ପଶ୍ଚିମ୍ ଓଡିଶା ସୁଲ୍‌ହ ସହ ସତାବ୍ଦୀଥି ସ୍ୱାଧୀନ ସମଲପୁର୍ ହୀରାଖଣ୍ଡ ଅଠରଗଡ଼ ରାଜ୍ୟର ଉଦୟ ସାଙ୍ଗେ ପହେଲା କରି ସ୍ଥାନୀୟ ଶାସନ୍ ଦ୍ୱାରା ଏକତ୍ରୀତ ହେଲା, ଯାହାର୍ ଗୁଟେ ମୁଖ୍ୟ ଅଂଶ ଆଏ ଏଭର୍ ପଶ୍ଚିମ୍ ଓଡିଶା । ସ୍ଥିର୍, ମଜବୁତ୍ ଶାସନ୍ ବହୁତ୍ ଲୋକ୍‌କେ ଆକୃଷ୍ଟ କରଲା ଇନେ ସ୍ଥାୟୀ ଭାବେ ବସବାସ୍ କରବାର୍ ଲାଗି । ସଭେ ମୁଖ୍ୟ ଧାରାଥି ମିଶିକରି ଇନର ନିଜର୍ ଅସ୍ମିତାକେ ଆହୁରି ମଜବୁତ କରଲେ । ଇନର୍ ଭାଷା, ସଂସୃତି, ତିହାର୍ ବାହାର୍, ଶାଢୀ କପଡ଼ା ବନାବାର୍ କଲା, ଗାନା ବଜାନା ଆହୁରି ପରିପକ୍ୱ ହେଲା ଆଉ ଗୁଟେ ସ୍ଥିର୍ ଆକାର୍ ନେଲା । ରାଜ୍ୟର୍ ନାଁ ହିସାବେ ସବୁ ସମଲପୁରୀ ବଲି ପ୍ରସିଦ୍ଧ ହେଲା ।

ଇଂଗରେଜ୍ ଶାସନ୍ ସମୟଥି ଇ ସବୁ ଅଞ୍ଚଲକେ ନେଇକରି ସମ୍ବଲପୁର୍ ଜିଲ୍ଲା ବନଲା, ଆଉ କଲାହାଣ୍ଡୀ ଭି ମିସ୍‌ଲା । ସମ୍ବଲପୁର୍‌ର ରାଜକୁମାରୀ ଆସାକୁମାରୀ ଦେବୀଙ୍କର୍ ବିହା ଇଂଗରେଜ୍ ସର୍କାର୍ କଲାହାଣ୍ଡିର ଯୁବରାଜ ସାଙ୍ଗେ କରାଲେ । ସମ୍ବଲପୁର୍ ଅଞ୍ଚଲର ଝାଡୁଆ ବାମ୍‌ହନ୍, ଲେଖନକାର୍ କରଣ ଜାତି, ଚାଷ କାମଥି ଧୁରନ୍ଧର୍ କୁଲତା

ଜାତି, ସୁନ୍ଦର୍ ସମ୍ବଲପୁରୀ ଶାଢ଼ୀ ବୁନୁଥିବାର୍ ଭୁଲିଆ ଜାତି, ଆଦି ମାନକେ କଲାହାଣ୍ଡି ରାଜା ଆମନ୍ତ୍ରଣ କରଲେ । ସେମାନକର୍ ସାଙ୍ଗେ ସମଲପୁରୀ ସଂସ୍କୃତି ଭି ସେନକେ ଗଲା ।

ଏଭେ, ଲୁକେ ଇନୁ ଯେନକେ ଗଲେ ନିଜର୍ ସମଲପୁରୀ ପେହେଚାନ୍ ଧରିକରି ଯାଉଛନ୍, ସେ ବେଙ୍ଗଲୋର୍ ହେଉ କି ମୁମ୍ବାଇ । ବାହାରେ ସମଲପୁରୀ କହୁଥିବାର୍ ଲୋକ୍‌ଟାକେ ଦେଖଲେ ନିଜର୍ ଭିଟାମାଟିକେ ସୋର୍ କରିକିନା ଜୁଡ଼ି ହେଉଛନ୍ । ଓଡିଶା ସାଂଗେ ମିସବାର୍ ୮୮ ବରଷ୍ ଉତରୁ ଭି ଆମେ ଓଡିଆ ଅସ୍ମିତାନୁ ଭିନେ ଆମର୍ ନିଜର୍ ସମଲପୁରୀ ପରିଚୟକେ ନେଇକରି ଗର୍ବିତ୍ ହେଉଛୁଁ । ସମଲପୁରୀ ଢୋଲ୍ ନିସାନ୍ ବାଜଲେ, ଯେନେ ଥିଲେ ଭି ଗୋଡ଼୍ ହଲି ଯାଉଛେ । ଇଟା ହେଉଛେ ଆମର୍ ଅବିରତ୍ ସମଲପୁରୀ ଅସ୍ମିତାର ଧାରା ପ୍ରଭାହର ଫଲ୍ । ସମଲେଇ ମାଁ ଏନ୍ତା ସବ୍‌କେ ନିଜର୍ ପନତ୍ କାନୀଥି ଢାପି ରଖିଥାଉ, ଆଉ ଆମର୍ ଭାଷା ସଂସ୍କୃତି ଆଉ ବରକଷ ହେଇ ଚାଲୁ । ଜଏ ମାଁ ସମଲେଇ ।

-ମୋ: ୯୪୩୮୬୫୬୦୭୯

# ଅଘରିଆ ଜାତିର ନାରୀ କୈନ୍ଦ୍ରିକ ପ୍ରଥା

● ଡ. ସୁରେଖା ନାଏକ

ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାବର ବସବାସ କରୁଥିବା ଅଘରିଆ ଜାତି ହେଉଛନ୍ତି ବହିରାଗତ । ବ୍ରାହ୍ମଣ, କୁଲିତା, ଗୌଡ, ତୁମ୍ଭାଳ, ପ୍ରଭୃତି ଉଚ୍ଚବର୍ଗର ଲୋକମାନଙ୍କ ସଦୃଶ ଅଘରିଆମାନେ ମଧ୍ୟ ଏହି ଅଞ୍ଚଳର ମୂଳ ଅଧିବାସୀ ନୁହନ୍ତି । ଅଘରିଆମାନେ ଉତ୍ତରପ୍ରଦେଶର ଅଗ୍ରା ପାଖାପାଖି ଅଞ୍ଚଳରୁ କେତେକ ଅସୁବିଧାବଶତଃ ଏହି ଅଞ୍ଚଳକୁ ପଳାଇଆସି ସ୍ଥାୟୀ ବସିନ୍ଦା ଭାବରେ ବହୁ ଦିନରୁ ରହି ଆସିଥିବା ବିଭିନ୍ନ ସୂତ୍ରରୁ ଜଣାପଡେ । ଆଗ୍ରାରୁ ଆସିଥିବାରୁ ଏମାନେ ଅଗରିଆ ଭାବରେ ଓଡ଼ିଶାରେ ପରିଚିତ ହେଲେ । ଅଗରିଆ ଶବ୍ଦ ଅପଭ୍ରଂଶ ହୋଇ ଆଘରିଆ ହୋଇଛି । ପ୍ରାୟ ଚଉରାଶିଟି ପରିବାର ପ୍ରଥମେ ଓଡ଼ିଶା ଆଗମନ କରିଥିବାରୁ ଏମାନଙ୍କୁ ଲୋକେ ଚଉରାଶି ସମାଜ ବୋଲି କୁହିଥାନ୍ତି । ଅଘରିଆ ସାମଜରେ ନାରୀକୁ କେନ୍ଦ୍ରକରି ଗଢ଼ି ଉଠିଥିବା ପ୍ରଥା ସମ୍ପର୍କରେ କିଞ୍ଚିତ ଆଲୋକପାତ କରିବା ହେଉଛି ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

ଭାରତୀୟ ସମାଜ ପୁରୁଷ ପ୍ରଧାନ ହୋଇଥିଲେ ହେଁ ନାରୀର ସ୍ଥାନ ସ୍ୱତନ୍ତ୍ର । ଗୃହରାଜ୍ୟର ସାମ୍ରାଜ୍ଞୀ ହେଉଛି ନାରୀ । ତାକୁ ଗୃହଲକ୍ଷ୍ମୀର ମର୍ଯ୍ୟାଦା ଦିଆଯାଇଛି । ଏହି ଅପରସୀମ ମୂଲ୍ୟର ବିନିମୟରେ ନାରୀ ଯେଉଁ ଗୁରୁଦାୟିତ୍ୱ ଲଦିଦିଆଯାଇଛି, ତାକୁ ଯଥାର୍ଥ ଭାବେ ପାଳନ କରିବା ସହଜ ନୁହେଁ । ତଥାପି ଈଶ୍ୱର ନାରୀ ହୃଦୟରେ ଯେଉଁ ସ୍ନେହ, ପ୍ରେମ, ଦୟା ଓ ମମତାର ମନ୍ଦାକିନୀ ପ୍ରବାହିତ କରିଛନ୍ତି, ତା ବଳରେ ସେ ଏ ଅସାଧ କାମକୁ ଅନାୟାସରେ ସାଧ କରିଥାଏ । ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତ ବର୍ଷରେ ନାରୀ ଜାତିର ଇତିହାସକୁ ଲକ୍ଷ୍ୟ କଲେ ଦେଖାଯାଏ ଯେ, ଏଇ ଦେଶ ଯୁଗେ ଯୁଗେ ନାରୀ ଜାତି ଉପରକୁ ସବୁ ଦାୟିତ୍ୱ ଓ କର୍ତ୍ତବ୍ୟ ଅଜାଡ଼ି ଦେଇଛି ଏବଂ ନାରୀ ମଧ୍ୟ ଏସବୁ ଦାୟିତ୍ୱ ଦକ୍ଷତାର ସହିତ ସମ୍ପାଦନ କରିଆସିଅଛି ।

ଅଘରିଆ ସମାଜ ଓ ପରିବାରରେ ନାରିର ସ୍ଥାନ ସ୍ୱତନ୍ତ୍ର । ପରିବାର ପରିଚାଳନାରେ ପୁରୁଷ ପରି ନାରୀ ମଧ୍ୟ ମୁଖ୍ୟ ଅଂଶଗ୍ରହଣ କରିବାର ଦେଖାଯାଏ । ସମାଜରେ ସାଂଗଠନିକ ମୂଳକ କାର୍ଯ୍ୟରେ ପୁରୁଷ ପରି ସେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ ତୁଲାଇଥାଏ । ଅଘରିଆ ଜାତିରେ ଏଭଳି ଅନେକ ପ୍ରଥା ରହିଛି, ଯାହାକି ସମ୍ପୂର୍ଣ୍ଣ ନାରୀ କୈନ୍ଦ୍ରିକ । ନାରୀ ଗୃହର ଯାବତୀୟ କାର୍ଯ୍ୟସହିତ ସାଂସାରିକ ଜଞ୍ଜାଳରେ ଅହରହ ଘାଣ୍ଟି ହେଉଥାଏ । ନିମ୍ନୋକ୍ତ ପ୍ରଥା ଗୁଡ଼ିକ ତାର ଦୈନନ୍ଦିନ ଜୀବନ ଜଞ୍ଜାଳରୁ ମୁକ୍ତି ଦେବା ସଙ୍ଗେ ସଙ୍ଗେ ତା ମନରେ ଆନନ୍ଦ ଖେଳେଇ ଦେଉଥିବାର ଦେଖାଯାଏ ।

ଅଘରିଆ ଜାତିର ଲୋକମାନେ ବିଶେଷତଃ ଜନ୍ମ, ବିବାହ, ମୃତ୍ୟୁ ଏଇ ତିନୋଟି ସଂସ୍କାର ପାଳନ କରିଥାନ୍ତି । ଏ ସଂସ୍କାର ଗୁଡ଼ିକରେ ଅନେକ ଗୁଡ଼ିଏ ପ୍ରଥା ରହିଛି, ଯାହାକି ସମ୍ପୂର୍ଣ୍ଣ ନାରୀ କୈନ୍ଦ୍ରିକ ।

**ଜନ୍ମ** – ଅଘରିଆ ପରିବାର ମଧ୍ୟରେ ଯଦି କନ୍ୟା ସନ୍ତାନ ଜନ୍ମ ହୁଏ ତାହେଲେ ତାର ଅନ୍ନପ୍ରାସନ୍ନ ପ୍ରଥା କଂସା ଥାଳି ବା ଆମ୍ବ ପତ୍ର ଥାଳିରେ ପ୍ରଥମେ ସାତ ଜଣ ମହିଳାଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥାଏ ।

**ବିବାହ**– ଅଘରିଆ ମାନଙ୍କର ବିବାହ ସଂସ୍କାର ହେଉଛି ମୁଖ୍ୟ ସଂସ୍କାରକ ଯାହାକି ସେମାନେ ମହା ଆଡମ୍ବର ସହକାରେ ପାଳନ କରିଥାନ୍ତି । ଏମାନଙ୍କର ସ୍ୱଗୋଷ୍ଠୀ ଏବଂ ନିର୍ଦ୍ଦିଷ୍ଟ ପରିସର ଭିତରେ ବିବାହ ପ୍ରଥା ପ୍ରଚଳିତ ଯୋଗୁଁ ଅଧିକାଂଶ ଅଘରିଆ ପରିବାର ମଧ୍ୟରେ ବନ୍ଧୁ ବାନ୍ଧବ ସମ୍ପର୍କ ପରିଲକ୍ଷିତ

ହୋଇଥାଏ । ଏହି ଜାତିର ବିବାହ କାର୍ଯ୍ୟ ଆରମ୍ଭରୁ କନ୍ୟା ବିଦାୟ ପର୍ଯ୍ୟନ୍ତ ପାଞ୍ଚ-ଛଅ ଦିନ ଲାଗିଥାଏ । ଯାହାକି ପରିବାରର ଆର୍ଥିକ ସ୍ୱଚ୍ଛଳତା ଉପରେ ନିର୍ଭର କରେ । ବର୍ତ୍ତମାନ କିନ୍ତୁ, ତିନୋଟି ଦିନରେ ବିବାହ କାର୍ଯ୍ୟ ସମାପ୍ତ କରୁଅଛନ୍ତି । ବିବାହ କାର୍ଯ୍ୟ ବ୍ରାହ୍ମଣ ପୁରୋହିତଙ୍କ ଦ୍ୱାରା ବୈଦିକ ରୀତିରେ ସମ୍ପାଦିତ ହେଉଥିଲେ ହେଁ ଅନେକ ଲୌକିକ ପ୍ରଥା ଅନୁସରଣ ପୂର୍ବକ ବିବାହକାର୍ଯ୍ୟ ସମ୍ପର୍ଣ୍ଣ ହୁଏ । ଲୌକିକ ପ୍ରଥା ଗୁଡ଼ିକ ମଧ୍ୟରୁ ନିମ୍ନୋକ୍ତ ପ୍ରଥା ଗୁଡ଼ିକ ସମ୍ପୂର୍ଣ୍ଣ ନାରୀ କୈନ୍ଦ୍ରିକ, ଯାହାକି ଖୁବ୍ ଆନନ୍ଦ ଉଲ୍ଲାସ ମଧ୍ୟରେ ସେମାନେ ପାଳନ କରନ୍ତି । ଏଥିରେ ପୁରୁଷ ଆଦୌ ଅଂଶଗ୍ରହଣ କରିପାରେ ନାହିଁ ।

**ଡାଲମାଲୋ ଘିଚା –** ବିବାହର ପ୍ରଥମ ଦିନରେ ବିବାହ କରିବାକୁ ଯାଉଥିବା ପୁଅ/ଝିଅର ମାମୁଁ ଘରୁ ଆସିଥିବା ନୂଆଁ ବସ୍ତ୍ର ପରିଧାନ ପୂର୍ବକ ମୁଣ୍ଡରେ ପର୍ଲାଡଲା ଧରି ସାତ ଜଣ ସୁଆସୁଣୀ ମାଆ ସହିତ ମହୁଲ ଡାଳ ଆଣିବା ପାଇଁ ଯାଆନ୍ତି । ଦୁଇ ଜଣ ସୁଆସୁଣୀ ଏହି ସମୟରେ ହାତରେ ବଇଠା ଓ କଳସ ଧରିଥାନ୍ତି । ସୁଆସୁଣୀ ବ୍ୟତୀତ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିବା ସମସ୍ତ ନାରୀ ଏମାନଙ୍କ ପଦାଙ୍କ ଅନୁସରଣ କରନ୍ତି । ଶଗଡ଼ରେ ଥିବା ମହୁଲ ଡାଳକୁ ଗାଁର ଗ୍ରାମଦେବତୀଠାରେ ପୁରୋହିତ କାଲୋ ପୂଜାର୍ଚ୍ଚନା କରିବା ପରେ ମାଆ ଜଣକ ପିଠୋଉ ହାତ ହୋଇ ଶଗଡ଼ର ଚାରିପଟେ 'ହଁଥଲି' ଦେଇ ମହୁଲ ଡାଳରେ ସାତ ଥର ସୂତା ଗୁଡେଇଥାନ୍ତି । ଏହା ପରେ କାଲୋ ସେଠିକାର ମାଟି ଖୋଳି ପର୍ଲାଡଲାରେ ଦେଲାବେଳେ ସାତ ସୁଆସୁଣୀ ସେଇ ପର୍ଲାଡଲାକୁ ଛୁଇଁ ହୁଳହୁଳି ପକେଇଥାନ୍ତି । ଏହାପରେ ଘରକୁ ପ୍ରତ୍ୟାବର୍ତ୍ତନ କଲାବେଳେ ଗୃହର ଦ୍ୱାରବନ୍ଧ ପାଖରେ ଅନ୍ୟ ନାରୀମାନେ ଏମାନଙ୍କୁ ସାତ ଆଞ୍ଜୁଳା ପାଣି ଛିଞ୍ଚି ଗୃହ ମଧ୍ୟକୁ ସ୍ୱାଗତ କରିନେଇଥାନ୍ତି । ବେଦୀ ମଣ୍ଡପରେ ତିନୋଟି ଡାଳକୁ ସ୍ଥାପନ କରାଯାଏ ଓ ଏହାର ମୂଳରେ ପର୍ଲାଡଲାର ମାଟିସବୁ ମାଆ ଜଣକ ଅଜାଡ଼ି ଦିଏ । ଏଇ ଅଜାଡ଼ିବା ସମୟରେ ସାତ ସୁଆସୁଣୀ ସେଇ ପର୍ଲାଡଲାକୁ ଛୁଇଁ ହୁଳହୁଳି ପକାଇଥାନ୍ତି । ବିବାହ କରିବାକୁ ଯାଉଥିବା ଝିଅ/ପୁଅର ଯଦି ମାଆ ନଥାନ୍ତି ତାହେଲେ ଖୁଡ଼ୀ ବା ମାଇଁ ପର୍ଲାଡଲା ବୋହି ଏହି ବିଧିକୁ ସମ୍ପର୍ଣ୍ଣ କରନ୍ତି ।

**ବାହାରକରା –** ବିବାହ ବେଦୀ ମଣ୍ଡପ ଉପରକୁ ବର ଓ କନ୍ୟାକୁ ଆଣିବାର ପ୍ରଥାକୁ ବାହାରକରା ବୋଲି କୁହାଯାଏ । ବିବାହ କାର୍ଯ୍ୟକ୍ରମର ପ୍ରଥମ ଦିନର ରାତ୍ରିରେ ଏହି ପ୍ରଥା ଜଣେ ନାରୀ ଦ୍ୱାର ହିଁ ସମ୍ପର୍ଣ୍ଣ ହୋଇଥାଏ । ବର ଓ କନ୍ୟାର ଭାଉଜ ଡାହାଣ ହାତରେ ଜଳପୂର୍ଣ୍ଣ କଂସା ଢାଳ ଓ ଅନ୍ୟ ହାତରେ ବିବାହ କରିବାକୁ ଯାଉଥିବା ପାତ୍ର/ପାତ୍ରୀର ହାତ ଧରି ହୁଳହୁଳି ଦେଇ ମଣ୍ଡପ ଉପରକୁ ଆଣେ । ଏହି ସମୟରେ ଅନ୍ୟ ନାରୀମାନେ ମଧ୍ୟ ସମବେତ କଣ୍ଠରେ ହୁଳହୁଳି ପକାଇଥାନ୍ତି । ଭାଉଜ ଜଣକ ମହୁଲ ଡାଳ ସ୍ଥାପିତ ହୋଇଥିବା ବେଦୀ ଉପରେ ଢାଳର ପାଣି ଅଳ୍ପ ଅଳ୍ପ ପକେଇ ପାତ୍ର/ପାତ୍ରୀକୁ ସାତ ଥର ପରିକ୍ରମା କରେଇ ମଣ୍ଡପ ଉପରେ ପକାଯାଇଥିବା ପିଢ଼ା ଉପରେ ବସାଏ । ପାତ୍ର/ପାତ୍ରୀଙ୍କ ଯଦି ଭାଉଜ ନଥାନ୍ତି ତାହେଲେ ଏହି କାର୍ଯ୍ୟ ବଡ଼ ଭଉଣୀ ବା ଆଈଙ୍କ ଦ୍ୱାରା ସମ୍ପର୍ଣ୍ଣ ହୋଇଥାଏ ।

**ତେଲଚଢ଼ା –** ବିବାହ ବେଦୀ ମଣ୍ଡପ ଉପରେ ନଡ଼ିଆ ଧରି ବସିଥିବା ବର ଓ କନ୍ୟାକୁ ସାତ ଜଣ ସୁଆସୁଣୀ ତେଲ ହଳଦୀ ଲଗାଇବା ପ୍ରଥାକୁ ତେଲଚଢ଼ା କୁହାଯାଏ । ଜଣ ଜଣ କରି ସାତ ଜଣ ସୁଆସୁଣୀ ଦୁଇଟି ଆମ୍ବପତ୍ରକୁ ତେଲ, ହଳଦୀରେ ବୁଡେଇ ମହୁଲ ଡାଳ, ଗୌରୀ, କଳହିଆରି ଖୁଣ୍ଟ ପର୍ଲାଡଲାକୁ ଚଢେଇବା ପରେ ବରକନ୍ୟାର ପାଦ, ଆଣ୍ଠୁ, ଅଣ୍ଟା, କାନ୍ଧ, ମୁଣ୍ଡରେ ତେଲ ଚଢେଇଥାନ୍ତି ।

**ହଳଦୀମଖା –** ତେଲ ଚଢେଇବା କାର୍ଯ୍ୟକ୍ରମ ପରେ ଦୁଇ ଜଣ ସୁଆସୁଣୀ ବା ଭାଉଜ, ଦିଦି ସମ୍ପର୍କିୟା ନାରୀମାନେ ବରକନ୍ୟାକୁ ଠିଆ କରେଇ ତାର ଗୋଡ଼, ହାତ, ମୁହଁ, ପିଠି, ଦେହରେ ହଳଦୀ ଲଗେଇବା ପ୍ରଥାକୁ ହଳଦୀମଖା କୁହାଯାଏ । ହଳଦୀ ଲଗାଇବା ସ୍ୱୀଟି ଏହି ତେଲ ମିଶା ହଳଦୀକୁ ଦେହର ତଳ ଅଂଶରୁ ଆରମ୍ଭ କରି ଉପର ଅଂଶରେ ସମାପ୍ତ କରେ ।

**ଦେଗନସା –** ସାତ ଜଣ ସୁଆସୁଣୀ ଓ ବିବାହ ଉତ୍ସବରେ ଯୋଗ ଦେବାକୁ ଆସିଥିବା ସମସ୍ତ ନାରୀଙ୍କ ସହିତ ମାଆ ଜଣକ ମୁଣ୍ଡରେ ପର୍ଲାଡଲା ଧରି ଗ୍ରାମଦେବତୀଙ୍କ ପାଖରୁ ମାଟି ଆଣିବା ପ୍ରଥାକୁ ଦେଗନସା କୁହାଯାଏ । ଏହି ସମୟରେ ଘନଘନ ହୁଳହୁଳି ସହିତ ବିଭିନ୍ନ ବାଦ୍ୟ ବାଜି ଉଠୁଥାଏ । ଗ୍ରାମ ଦେବତୀ ପାଖରେ ପୂଜକ କାଲୋ ପୂଜାର୍ଚ୍ଚନା କରି ସେଠିକାର ମାଟି ପର୍ଲାଡଲାରେ ଦେବା ବେଳେ ସାତ ଜଣ ସୁଆସୁଣୀ ସେହି ଡଲାକୁ ଛୁଇଁ ହୁଳହୁଳି ପକେଇଥାନ୍ତି । ସେଇ ମାଟି ମାଆ ଜଣକ ମୁଣ୍ଡରେ ବୋହି ସମସ୍ତଙ୍କ ସହିତ ଘରକୁ ପ୍ରତ୍ୟାବର୍ତ୍ତନ କରେ । ଘରର ଦାଣ୍ଡ ମୁହଁରେ ପହଞ୍ଚିବା ପରେ ଘରେ ଥିବା ଅନ୍ୟ

ନାରୀମାନେ ସାତ ଆଞ୍ଜୁଳା ପାଣି ଛିଞ୍ଚି ସେମାନଙ୍କୁ ସ୍ୱାଗତ କରିଥାନ୍ତି ।

**ତେଲ ଉତୁରା** - ତେଲ ଚଢ଼ା ଭଳି ଏହି ପ୍ରଥା କରାହେଉଥିଲେ ହେଁ ପାର୍ଥକ୍ୟ ଏତିକି ଯେ, ସୁଆସୁଣୀମାନେ ମହୁଲ ଡାଳ, କଳହିଆରି ଖୁଣ୍ଟ, ଗୌରୀ ଓ ବିବାହ ହେଉଥିବା ବରକନ୍ୟାର ମୁଣ୍ଡ, କାନ୍ଧ, ହାତ, ଆଣ୍ଠୁ, ପାଦ ଆଡୁ ତେଲ ହଳଦୀରେ ଗୁଡେଇ ଥିବା ଆମ୍ବ ପତ୍ରକୁ ବିପରୀତ ଦିଗୁ ଅର୍ଥାତ୍ ଉପରୁ ତଳକୁ ଛୁଆଁଇ ଛୁଆଁଇ ଓହ୍ଲାଇ ଆଣନ୍ତି । ଏହାକୁ ତେଲ ଉତୁରା କୁହାଯାଏ ।

**ଦୁର୍ଲାନଚା** - ସାତ ଜଣ ସୁଆସୁଣୀ ବରକନ୍ୟାକୁ ପର୍ଲାଡଲାରେ ବସାଇ ଗୋଟିଏ ବସ୍ତ୍ର ଦ୍ୱାରା ତାକୁ ଘୋଡେଇ ଦିଅନ୍ତି । ପର୍ଲାଡଲାକୁ ମଣ୍ଡପର ଚାରିପଟେ ବରକନ୍ୟାକୁ ନଚେଇ ନଚେଇ ସାତ ଥର ପରିକ୍ରମା ପରିବା ପରେ ଶେଷ ପରିକ୍ରମା ବେଳକୁ ତାକୁ ଟେକି ଦେଇ ତା ମୁଣ୍ଡକୁ ଛାଉଣି କରାହୋଇଥିବା ଡାଳରେ ସାତ ଥର ଛୁଆଁଇବା ପାଇଁ ଚେଷ୍ଟା କରନ୍ତି । ବରକନ୍ୟା ସୁଆସୁଣୀମାନଙ୍କ ଶକ୍ତି ପରୀକ୍ଷା କରିବା ପାଇଁ ମୁଣ୍ଡ ତଳକୁ କରିଦିଅନ୍ତି । ଏହି ସମୟରେ ସୁଆସୁଣୀମାନେ ବଳ ପ୍ରୟୋଗ କରି ଯଥାସମ୍ଭବ ମୁଣ୍ଡକୁ ଡାଳରେ ଛୁଆଁବା ପାଇଁ ଚେଷ୍ଟା କରି ସଫଳ ହୁଅନ୍ତି । ଏହି ପ୍ରଥାଟି ଦେଖଣାହାରୀଙ୍କ ମଧ୍ୟରେ ବେଶ୍ ଆନନ୍ଦ ସୃଷ୍ଟି କରେ । ଗୋଟିଏ ପଟେ ବରକନ୍ୟାର ଚେଷ୍ଟା ଓ ଅନ୍ୟ ଦିଗରେ ସାତ ସୁଆସୁଣୀର ଚେଷ୍ଟା ପରିବେଶକୁ ବେଶ୍ ହାସ୍ୟରୋଳ କରେ ।

**କୁଆଁରପାଏନ ଉତରା** - ସାତ ସୁଆସୁଣୀ ବସ୍ତ୍ର ଦ୍ୱାରା ଆବୃତ ପୁଅ-ଝିଅର ମୁଣ୍ଡ ଉପରେ ଗୋଟିଏ ପରେ ଗୋଟିଏ ସାତଟି ଛୋଟ ଛୋଟ ମାଟି ହାଣ୍ଡି ରଖନ୍ତି । ସେହି ହାଣ୍ଡିରେ ଆଗରୁ ସାତଟି ରଙ୍ଗର ପାଣି ରଖାଯାଏ । ସାତ ସୁଆସୁଣୀ ସେହି ହାଣ୍ଡିର ପାଣି ଏକ ସମୟରେ ବରକନ୍ୟାର ମୁଣ୍ଡ ଉପରେ ହୁଳହୁଳି ଦେଇ ଅଜାଡ଼ି ଦେବା ପ୍ରଥକୁ କୁଆଁରପାଏନ ଉତରା କୁହାଯାଏ ।

**ଥାଲଧରା** - ବିବାହ ବେଦୀ ମଣ୍ଡପ ଉପରେ ତିନୋଟି ପିଢ଼ା ପକାହୁଏ । ମଝି ପିଢ଼ାରେ ବିବାହ କରିବାକୁ ଯାଉଥିବା ପୁଅ-ଝିଅ, ଡାହାଣ ପଟ ପିଢ଼ାରେ ମାଆ ଓ ବାମ ପିଢ଼ାରେ ବାପାଙ୍କୁ ଛିଡ଼ା କରାଯାଏ । ପ୍ରଥମେ ମାଇଁ ଆସି ବରକନ୍ୟାଙ୍କୁ କଂସା ଥାଳ ଧରେଇ ହଳଦୀ ଚାଉଳ ମୁଣ୍ଡ ଉପରେ ଛିଞ୍ଚି ଆଶୀର୍ବାଦ କରି ମିଷ୍ଟାନ୍ନ ଖୁଆନ୍ତି । ଏହାପରେ ବିବାହ ଉତ୍ସବକୁ ନିମନ୍ତ୍ରିତ ସମସ୍ତ ବ୍ୟକ୍ତି ଜଣେ ପରେ ଜଣେ ଆସି ହଳଦୀ ଚାଉଳ ଛିଞ୍ଚି ଉପହାର ସ୍ୱରୂପ କିଛି ଟଙ୍କା ବା ଉପହାର ଦେଇ ପ୍ରତିନମସ୍କାର ହୁଅନ୍ତି । ମାଇଁ ଜଣକ ଥାଳ ଧରିଥିବା ପ୍ରଥାକୁ ଥାଲଧରା କୁହାଯାଏ ।

**ଗଁଠଲାଜୁରା/ଗଁଠଲାହିଟା** - ଥାଳ ଧରେଇଥିବା ବରକନ୍ୟାର ପିଉସୀ ମଣ୍ଡପ ଉପରକୁ ଆସି ବରକନ୍ୟା ବାପାଙ୍କୁ ନୂଆଁ ଗାମୁଛା କାନ୍ଧରେ ଦେଇ ଗାମୁଛାର କାନି ଓ ମାଆର ପଣତକାନିକୁ ଗଣ୍ଠିଲି କରିବା ପ୍ରଥାକୁ ଗଁଠଲାଜୁରା କୁହାଯାଏ । ଏହି ଗଁଠଲିକୁ ପିଉସୀ ଜଣକ ସେତେବେଳେ ଖୋଲନ୍ତି ଯେତେବେଳେ ବନକନ୍ୟାଙ୍କୁ ସମସ୍ତେ ଉପହାର ଦେଇସାରନ୍ତି । ଗଁଠଲି ଖୋଲି ସାରିବା ପରେ ବରକନ୍ୟାର ବାପା-ମାଆ ପିଉସୀଙ୍କୁ ଉପହାର ସ୍ୱରୂପ ଟଙ୍କା ବା ବସ୍ତ୍ରାଦି ପ୍ରଦାନ କରନ୍ତି ।

**ପାଏନ ଢଲା** - ବରପକ୍ଷ ବରାତ ଆସିବା ପରେ କନ୍ୟାପକ୍ଷ ବରପକ୍ଷକୁ ଅଭ୍ୟର୍ଥନା କରିବାର ସମୟରେ ବରକନ୍ୟାର ମାଆମାନେ ନିଜ ନିଜ ଘରେ ପଣତକାନିକୁ ଅଢୁଆଳ କରନ୍ତି ଏବଂ ସୁଆସୁଣୀ ମାନେ କାନ୍ଥରେ ଅଳତା ସାହାଯ୍ୟରେ ରଥର ଚିତ୍ର ଅଙ୍କନ କରି ବିରିବଟା ଅଠାରେ ତିନୋଟି ପାନପତ୍ର ଦେଇ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସ୍ଥାପନ କରନ୍ତି । ସେଥିରେ ଘିଅ ଢାଳି ସମବେତ କଣ୍ଠରେ ହୁଳହୁଳି ପକାଇ ବରକନ୍ୟାଙ୍କ ପାଇଁ ଆଶୀର୍ବାଦ ମାଗିବାକୁ ପାଏନଢଲା ପ୍ରଥା କୁହାଯାଏ ।

**ଗାଲସେକା** - ବନକନ୍ୟା ଉଭୟ ପକ୍ଷର ମାଆମାନେ ଏହି ପ୍ରଥା ପାଳନ କରିଥାନ୍ତି । ପୁଅ ବରାତ ଆସିବା ପରେ, ବରକନ୍ୟା ବିଦାୟ ମୁହୂର୍ତ୍ତରେ ଓ ବରବଧୂକୁ ନେଇ ଘରକୁ ପ୍ରତ୍ୟାବର୍ତ୍ତନ କଲାପରେ ଏହି ବିଧି ସମ୍ପର୍ଣ୍ଣ କରାଯାଏ । ମାଆ ମୁଣ୍ଡରେ ସୁଆସୁଣୀ ଜଣକ କଳସ ଦୀପ ଧରି ବରକନ୍ୟାର ଚାରିପଟେ ସାତ ଥର ପରିକ୍ରମା କରନ୍ତି । ମାଆ ଜଣକ କଳସର ପାଣିକୁ ହାତରେ ଘସି ବଇଠାରେ ଜଳୁଥିବା ଦୀପ ଉପରେ ହାତ ରଖି ସାତ ଥର ବରକନ୍ୟାର ଗାଲ ସେକନ୍ତି । ଏହି ବିଧିଟି ମାଆ ଦ୍ୱାରା ସମ୍ପର୍ଣ୍ଣ ହେଲାପରେ ଉଭୟ ବରକନ୍ୟା ମାଆଙ୍କୁ ମୁଣ୍ଡିଆ ମାରନ୍ତି । ମାଆ ବ୍ୟତୀତ ବରକନ୍ୟାର ମାତୃସ୍ଥାନୀୟା ଯଥା; ମାଇ, ଖୁଡ଼ୀ, ମାଉସୀ ମାନେ ମଧ୍ୟ ବରକନ୍ୟାର ଗାଲ ସେକନ୍ତି ।

ବିବାହ ପରେ ଝିଅଟିର ବିଦାୟ କାଳୀନ ଦୃଶ୍ୟଟି ବଡ଼ ମର୍ମବିଦାରକ । ଟୋପାଏ ସିନ୍ଦୂର ପାଇଁ ନିଜ ପରିବାର ଠୁ ସେ ସାତପର ହୋଇଯାଏ । ଅତୀତ ଜୀବନର ସ୍ମୃତିକୁ ପଛରେ ପକେଇ ଏକ ଅଜଣା ରାଇଜକୁ ଯିବାପାଇଁ ପଡେ । ଯେଉଁ ରାଇଜଟି ସେ କେବେ ଦେଖି ନାହିଁ କି ଜାଣି ନାହିଁ । ଏକ ଅଜଣା ଆଶଙ୍କାରେ ତା ମନ, ହୃଦୟ ଏବଂ ଆତ୍ମା ବିଚଳିତ ହୋଇପଡେ । ଦୁଃଖରେ ମ୍ରିୟମାଣ ହୋଇ ହୋଇ ତାର ଆତ୍ମୀୟ ସ୍ୱଜନଙ୍କ ପାଖରେ ବାହୁନି ଉଠେ । ବେଦନାଶିକ୍ତ ମାନସିକ ପ୍ରତିକ୍ରିୟା ଏହି କାନ୍ଦଣା ଗୀତରେ ପ୍ରକାଶ ପାଇଥାଏ । ଦୁଃଖ ଜର୍ଜରିତ ହୃଦୟର ଭାବକୁ ଯେତେବେଳେ ଝିଅଟି ଗୀତ ମାଧ୍ୟମରେ ପ୍ରକାଶ କରେ ସେତେବେଳେ ଯେ କୌଣସି ଧୈର୍ଯ୍ୟଶୀଳ ଲୋକର ମନ ବିଗଳିତ ଓ ଚକ୍ଷୁ ଲୋକତାପ୍ଲୁତ ହୋଇଥାଏ । ବିଦାୟୀ କନ୍ୟାର ମନୋଭାବ ରୂପ ପାଇଥିବା ଆଗ୍ରିଆ ଜାତିର କାନ୍ଦଣା ଗୀତରୁ କେତେ ପଦ ନିଆଯାଇ ପାରେ ।

ମଏଁ କା ଜାନିହାଁ ଯେ ଚଲିହଁ ଗୋ ମା
ମଏଁ ତ ଖେଲଖେଲ କେ ଖା ତେରେହେ ଗୋ ମା
ମଲା ତଏଁ ଫୁଲ ଲେଖେ ବଲହେରେହେଗୋ ମା
ଏଖେନ ପଥର ଲେକେ ଫିକ୍ ଦଥସ୍ ଗୋ ମା ।

**ମୃତ୍ୟୁ** - ବିବାହ ବ୍ୟତୀତ ମୃତ୍ୟୁ ସଂସ୍କାରରେ ମଧ୍ୟ ଅଘରିଆ ନାରୀମାନେ ମୁଖ୍ୟ ଅଂଶ ଗ୍ରହଣ କରିବାର ଦେଖାଯାଏ । କୌଣସି ନାରୀର ଯଦି ମୃତ୍ୟୁ ହେଲା ତା ହେଲେ ସ୍ତ୍ରୀମାନେ ତାକୁ ସ୍ନାନ କରାଇ ତା ଉପରେ ତୁଳସୀ ପତ୍ର ଛିଞ୍ଚି ତେଲ, ହଳଦୀ, କର୍ପୂର, ଚନ୍ଦନ ଲଗାଇବାର ପ୍ରଥା ରହିଛି । ଅତୀତରେ ମୃତ ନାରୀକୁ ସ୍ନାନ କରେଇବାର ବିଧି ଥିଲା । ମାତ୍ର ଏବେ ସେ ବିଧିର ପ୍ରଚଳନ ନାହିଁ । ଶବ ସଂସ୍କାର ପରେ ପରର ହାଣ୍ଡି ପକେଇବା ନୀତି ଜଣେ ନାରୀ ଦ୍ୱାରା ହିଁ ସମ୍ପର୍ଣ୍ଣ ହୁଏ । କୌଣସି ନାରୀର ସ୍ୱାମୀ ମୃତ୍ୟୁମୁଖରେ ପଡ଼ିଲେ ଦଶାହ ଦିନେ ବିଧବା ନାରୀମାନେ ତାକୁ ନଇଁ ତୁଠ ବା ପୋଖରୀ ତୁଠକୁ ନେଇ ତାହାର ଚୁଡ଼ି ଭାଙ୍ଗି ଘରକୁ ଆଣନ୍ତି । ମୃତ ବ୍ୟକ୍ତିର ଏକାଦଶାହ ଦିନ ତାର ପୁତ୍ରବଧୂ ଘର ଭିତରକୁ ଚାଉଳ ଆଣି ସ୍ୱାମୀ ହାତରେ ଅର୍ପଣ କଲା ପରେ ପିତାଙ୍କ ଉଦ୍ଦେଶ୍ୟରେ ପୁତ୍ର ପିଣ୍ଡ ପ୍ରଦାନ କରେ । ଏ ସବୁ ବ୍ୟତୀତ ନାରୀ ତାର ପ୍ରିୟଜନର ମୃତ୍ୟୁରେ ବାହୁନି ବାହୁନି ବିଳାପ କରି ଗୀତ ଗାଏ । ଏ କାନ୍ଦଣାରେ ଏକ ବ୍ୟଥାତୁର ହୃଦୟର କଥା ପ୍ରକାଶ ପାଇଥାଏ । ମୃତବ୍ୟକ୍ତିର କାର୍ଯ୍ୟକଳାପ ଓ ସୁଗୁଣ ଗୁଡ଼ିକ ମନେ ପକାଇ ଆତ୍ମୀୟମାନେ ହୃଦଫଟା କ୍ରନ୍ଦନ କରିଥାନ୍ତି ।

ଉପରୋକ୍ତ ପ୍ରଥା ଗୁଡ଼ିକ ଅଘରିଆ ଜାତିର ନାରୀକୈନ୍ଦ୍ରିକ ପ୍ରଥାକୁ ପ୍ରମାଣିତ କରିବାରେ ଏକ ଏକ ଉଦାହରଣ ।

- ଅଧ୍ୟାପିକା
ସୁନ୍ଦରଗଡ଼

# ଆସ ନୁରିଯିମା ଆମର ଖେଲ୍

● ଅନୁପମା ବିଶ୍ୱାଳ

ଆମର୍ ମା ମାଏଟ୍ ଆମର୍ ଗରବ୍ ଆଏ । ଇନେ ଜନମ୍ ହେଇ ଆମର୍ ଯେ କେତେ ଉଷତ୍ କହି ନାଇଁ ହୁଏ । ଇ ମାଟିନେ ନାଚି ଖେଲି ଆମେ ବଢିଛୁଁ । ଖେଲ୍ ଜୀବନ୍‌ର ଦୁଃଖ୍‌କେ ଦୂରେଇ କରି ସୁଖ୍ ବୁନି ଦେସି ।ଜୀବନ୍‌ର ସବୁ ଉଷତ୍ ଆନନ୍ଦ ଆଉ ଆଗ୍‌କେ ନେବାର୍ ଢାଞ୍ଚା ଖେଲେ ହିଁ ଥିସି ।

ମୁନୁଷ୍ ଖେଲ୍‌କୁଦ୍ ଠିକ୍ ରହେଲେ ସବୁଥି ଠିକ୍ ଠାକ୍ ରହିସି । ଯେନ୍ ବଏସେ ଯେନ୍ ଖେଲ ଖେଲା ଯିବାର୍ କଥା ସେଟା ଖେଲି ନିଜର୍ ଜୀବନ୍‌କେ ମଧୁର୍ କରିଛନ୍ ଇ ମାଟିର୍ ଛୁଆ । ହେଲେ ଆଏଜ୍ କାଏଲ୍ କେତେଟା ଖେଲ୍ ଆରୁ ନାଇଁ ଦିଶୁଛେ । ଆମର୍ ମାଏଟ୍‌ନୁ ହଜି ଗଲାନ କହେଲେ ଚଲେ ।

ଲୋକ୍ ମୋବାଇଲ୍ ଧରି ଖେଲ୍ ଭୁଲି ଯାଉଛନ୍ । ବାହାରେ ନାଇଁ ଖେଲି ଘରେ ଟି.ଭି. ଥି ଖେଲ୍ ଦେଖୁଛନ୍ ଆରୁ ଖେଲୁଛନ୍ ଭିଲ୍ । ଛିଲୋଲାଇ, ଲୁକାତି, କୁଣିକାଁଚି, କୁଦାତି, ଆଏଙ୍ଖ ପୁଟଲି, ବାଟି, କିତ୍ କିତ୍, ବାଡ଼ି ଘିଚା, ଗୁଡୁ, ଗିଲ୍ଲି, ଛୁର, ବିଷ୍ ଅମୃତ୍, ପିଥୁ, ଫିଁଦା, ଇଚିର୍ ମାଚିର, ଖପ୍ରି ବେଟେନ୍, କଉଡ଼ି, ଆଁଗଠି ଫୁଟେନ୍, କୁରେସ୍ ବାରେସ୍ ......, ଏନ୍ତା କେତେ ।

**ବାଟି ଖେଲ୍ –** ଅଣ୍ଡରା ପିଲାମାନେ ବାଟି ଖେଲ୍ ବାଟେ ଖେଲ୍ସନ । ଦୁଇ ରକମର ବାଟି ସେମାନେ ବେଭାର୍ କରି ଇ ଖେଲ୍ ଖେଲି ମଜା ନେସନ୍ । କିଏ ଖେଲସି କାଁଚ୍ ବାଟି ତ କିଏ ଖେଲସି ଢେଳା ବାଟି । ପହେଲା ଗୁଟେ ଗୁଳେଇ କରି କାଁଚ୍ ବାଟି ଖେଲାଯାଇସି । ଗୁର୍ଦୁଟେ ବାଟି ଗୁଟେନେ ଥୁଇ ଦେଇ ଯାହାକେ ଚିହ୍ନା ଯାଇସି ତାକେ ଛାଡି ଆଉ ଗୁଟେ ବାଟି ଥି ମାରି ବାହାରକେ ନିଆଯାଇସି । ଏନ୍ତା ହେଲେ ସେ ଜିତବା ନହେଲେ ହାରଲା । ଜିତିଲେ ସବୁ ନେବା, ହାରିଗଲେ ଗାଚା ଦେବା । ଢେଲା ବାଟି ଗଡ଼େଇ କି ଖେଲସନ । ଯେ ଜିତି ଯାଇସି ଡୁଲେ ଦେସି ।

**କୁଣ୍ଡିକାଁଚି –** ଟୁକେଲ୍‌ମାନେ ଇ ଖେଲ୍ ଖେଲସନ୍ । ଛୋଟ ଭାଏମାନେ ଭିଲ ମିଶି ଯାଇସନ୍ । ଘର୍ ଗୁଟେ କେନ୍ତି ଚଲବା ଇ ଖେଲନୁ ଶିଖି ପାରସନ୍ । ବର, କନିଆ, ଛୁଆ ପିଲା, ଦୁକାନୀ ଜଣେ ଜଣେ ବନି କରି ନିତିଦିନିଆର ଜୀବନ୍‌ର ଝଲକ୍ ଦେଖାସନ୍ । ମାଟିର୍ ବାସନ୍ କୁସନ୍ ହେଲା କୁଣ୍ଡି ଆରୁ ନଡିଆର୍ ଖୋଲରୁ କାଁଚି । ନିଜର୍ ମାଆନୁ ଯେନ୍ ଯେନ୍ ଜିନିଷ୍ ଝି ଦେଖସି ହେଇଟାକେ ନେଇ ଇ ଖେଲ୍ ଖେଲସି । ମାନ୍ ଅଭିମାନ୍ ପ୍ୟାର ମହବତ୍ ସବୁ ଇ ଖେଲେ ଥିସି । ବାଏଲ୍ ଥି ଭାତ୍ ଆଉ ସାଦା ଲଟା ବୁଦା ନୁ ତିଉନ୍ ଶାଗ୍ ଆନି ରନ୍ଧା ହେସି । ନାଇଁ ଗାଧି ଭାତ୍ ଭିଲ୍ ସେମାନେ ନାଇଁ ଖାଆନ୍ । ସବୁ ନକଲ୍ ଉତରା ।

ଇ ଖେଲେ ପୁତଲି ଖେଲ୍ ମିଶାହେସି । ପୁତୁଲିମାନଙ୍କୁ ନେଇକରି ପରିବାର୍ ବନାଁହେସି । ବଜାରେ ପ୍ଲାଷ୍ଟିକ କୁଣ୍ଡିକାଁଚି ଭି ମିଲସି, ଛୁଆମାନେ ଘିନିକରି ଭିଲ ଖେଲସନ୍ । ଇଟା ଗୁଟେ ଜୀବନ୍ ଜଡିତ ଖେଲ୍ ।

**ଛିଲୋଲାଇ–** "ଛିଲୋଲାଇ, ଆ ଖେଲମା ଭାଇ
ଭାଇ ଗଲା ରୁଷି, ଆଗୋ ମା ପିସି
ଆନ୍ ଗୋ ଦଦା ତେତେଲ ଝାଁଟ
ବହୁକେ ବଟାମାଁ ବାଟେବାଟ୍ ।"

ଇ ଗୀତଟା ଗାଇ ଗାଇ ଟୁକେଲ୍ ଯାଏତ ଇ ଛିଲୋଲାଇ ଖେଲ୍ ବଡା ଉଷତ୍ ହେଇ ଖେଲସନ୍ । ଠାନେ ଠାନେ ଇ ଖେଲ୍ ହେସି । ଇଟା ଗୁଟେ ପରକାର ବ୍ୟାୟାମ ଖେଲ୍ ଆଏ । ଗୋଡ଼, ହାତ, ଅଣ୍ଟା ହଲାଲେ ଯାଇ ଇଟା ଖେଲିହେସି । ଯେ ଶେଷେ ରହେସି ସେ ଇ ଖେଲଥି ଜିତିଶି । ଇଛେନ ଭିଲ ଇ ଖେଲ୍‌କେ ଆଦର କରି ଛୁଆ ଖେଲୁଛନ୍ ।

**ଗିଲ୍ଲି ଦଣ୍ଡା–** ପିଲାଛୁଆମାନେ ଇ ଖେଲ୍ ବାଟେ ଖେଲସନ୍ । ଗୁଟେ ଗିଲ୍ଲି ଆଉ ଗୁଟେ ଦଣ୍ଡା ଥିସି । ଗିଲ୍ଲିକେ ପହେଲା ତଳେ

ରଖାଯାଇସି, ତାର୍ ପରେ ଦଣ୍ଡାଥି ମରାଯାଇସି । ଯାହାର ଟା ବେଶି ଦୂରିଆ ଯାଇସି ସେ ଜିତା । ଇଟା ଭିଲ ବ୍ୟାୟାମ ଖେଲ୍ ଆଏ । ଗିଲ୍ଲି ଆଉ ଦଣ୍ଡା ଦୁଇଟା ଜାକର୍ ବାଡ଼ି ଆଏ ।

ଗେଣ୍ଡି –ଟୁକେଲ୍‌ମାନଙ୍କର ଆଉ ଗୁଟେ ଖେଲ୍ ଗେଣ୍ଡି । ଘର୍ ଭିତରରେ ଇ ଖେଲ୍ ଦୁଇ, ତିନ ଜନ ମିଶି ଖେଲସନ୍ । ଘରର ବାହାର ପିଣ୍ଡାନେ ଭିଲ ଖେଲିହେସି । ଜୋର ନଳିଆନୁ ବେଁଟି କରି ସୁନ୍ଦର ସୁନ୍ଦର ଗୁଟେ ଆକାରର ଗେଣ୍ଡି ଆନି ଇଟା ଖେଲସନ୍ । ଦଶଟା, ବାର, ଚଉଦଟା ଗେଣ୍ଡିକେ ନେଇ ଇଟା ଖେଲା ଯାଇସି । ହାତର୍ ବେଭାରେ ଇଟା ଖେଲିହେସି । ଖେଲ୍‌କେ ଭାଗ ଭାଗ କରି ଉପର ତକ ଯାଇସନ । ଯେନୁ ଗେଣ୍ଡି ପଡିଯିବା ସେନୁ ଆର ଜନ ଖେଲବା । ଯିଏ ପହିଲା ଡେଙ୍ଗି କରି ସାରବା ସେ ଜିତିବା ।

**ଘୋ... ଘୋ... ରାଣୀ–** ପିଲା ଟୁକେଲ୍ ମିଶି କରି ଇ ଖେଲ୍ ଖେଲସନ୍ । ସଭେ ମିଶିକରି ଗୁଟେ ବଡ଼ ଗୁଲେଇରେ ରହେସନ । ଜଣେ ମଝିନେ ଥିସି । ଗୀତ ଗାଉଥିବା–

"ଘୋଘୋ ରାନୀ
ଆଁଠେ ଆଁଠେ ପାନି ।
ପାନି ଗଲା ଶୁଖି
ଆମେ ଯାଇଥିଲୁ ଦେଖି ।"

ହାତ କେ ହାତ ଛନ୍ଦି ଖେଲ୍‌କେ ବଡା ମଜାରେ ଖେଲସନ୍ । ଇଥିରେ ପ୍ରଶ୍ନ ଭିଲ ପଚରା ଯାଇସି । ହେଥିର ଲାଗି ଛୁଆମାଙ୍କର ବୁଦ୍ଧିର ବିକାଶ ହେସି ।

**କିତ୍ କିତ୍ ଖେଲ୍–** ଝି ଛୁଆମାନେ ବାହାରେ କୁଠି କାଟି ଇ ଖେଲ୍ ଖେଲସନ୍ । ଦଶଟା କୁଠି ପହେଲା କଟା ଯାଇସି । ଦୁଇ ତିନ ଜନ ମିଶିକି ଖେଲସନ୍ । ହାତେ ଖପ୍ରି ଧରି କରି କୁଠି ବାହାରେ ଠିଆ ହେଇ ପକାଯାଇସି । ଗୁଟେ ଗୁଡ଼େଇ ଖେଲ୍ ଖେଲା ଯାଇସି । ଦଶଟା କୁଠି ଡେଗଲେ ଜଣେ ଜିତି ଯାଇସି । ଖପ୍ରି ତଳେ ପଡିଗଲେ ଆଉ ଜଣେ ଖେଲସି ।

**ଗୁବର୍ ବାଡି–** ଦଳେ ହେଇକରି ଇ ଖେଲ୍ ଖେଲା ଯାଇସି । ପିଲା, ଟୁକେଲ୍ ଦୁହେ ଇଟା ଖେଲସନ୍ । ନିଜର୍ ନିଜର୍ ବାଡ଼ି ଧରି ପହେଲା ପକାଯାଇସି । ଯାହାରଟା ସବୁନୁ ତଳେ ରହେବା ତାର୍ ମାତ୍ । ତାର୍ ବାଡି ଫିକି ଫିକି ନିଆଯାଇସି । ସେ ସେ ଭିତରେ କାହାକେ ଛୁଇଁଲେ ତାର୍ ମାତ୍ ହେସି । ବହୁତ ମଜା ଆଏସି ଇ ଖେଲେ । ବ୍ୟାୟାମ ଉପଯୋଗୀ ଖେଲ୍ ଆଏ ଇଟା ।

ବହୁତ୍ କିସମ୍ ଖେଲ୍ ଏନ୍ତା ଥିଲା ଆଉ ଇଛେନ୍ ଭିଲ କେତେଟା ଅଛେ, ଯାହା ଶରୀର୍ ଆଉ ମନ୍ ଦୁଇଟାକେ ଠିକ୍ ରଖସି । ପିଲା ନାଇଁ ବୁଝି ଖାଲି ଘରେ ବସି ମୋବାଇଲରେ ଲାଗି ଯାଉଛନ୍ । ଇଥିରେ ସମିଆ ବର୍ବାଦ ହେବା ସାଙ୍ଗେ ନିଜର୍ ଜୀବନ୍ ବି ବର୍ବାଦ ହେଉଛେ । ଭଟାନେ ଖେଲ୍‌କୁଦ୍ କଲେ ବହୁତ ଫାଇଦା ହେସି, ଇ କଥାଟା ସଭେ ବୁଝିବାର୍ କଥା । ଘରେ ବାପ୍, ମାଅ ଛୁଆକେ ଇ ସୁବିଧା ଦେଇ ତାର୍ ଜୀବନ୍ ସୁଧାରବା ଉଚିତ୍ ।

ଆମର୍ ଯେନ୍ ଖେଲ୍‌କୁଦ୍ ଆଗରୁ ଥିଲା ସେସବୁ ନୁରି ନୁରି ଆନବାକେ ପଡ଼ବା । ସଭେ ଧିଆନ୍ ଦେଲେ ଦିନେ ସେ ସମିଆ ଆଉ ଖେଲ୍ ପାଇ ପାରମା । ଆରୁ ଉଷତ୍ ହେଇ ଗାଏମା –

"ଆସରେ ଆସ ଖେଲମା ଆସ
ଆମେ ବାଟେ ଦୁଆରେ
ଗୋଡ୍ ହାତ୍ ଆମର୍ ହେବା ପର୍ଛା
ରୋଗ୍ ରହେବା ଦୂରେ ।
ମନ୍ ମିଶେଇ ସାଂଗର ସୁଖେ
ସମିଆ ଥିଲେ ଖେଲି
ରାଗ ରୁଷା ଭଗେଇ ଦେଇ
ନାଇଁ ହେଉଁ କେଭେଁ ଗାଲି ।
ଗଇଁଲିଆ ବୋଲି ନାଇଁ ଭାବିକି
ନୁରି ଆନି ଯେତେ ଖେଲ୍
ଆଦର କରି ଖେଲଲେ ତାକେ
ରହେବା ଭାବର୍ ମେଲ୍ ।
ନିଜର୍ ସୁଖେ ହେବା ବିଆମ୍
ନାଇଁ ଲାଗେ କସ୍ରତ୍
ଦେହେ ପାହା ଛନ୍ ଛନେଇ
ହେବା କେତେ ଉଷତ୍ ।
ତାକତ୍ ମିଳବା ମନ୍ ତନ୍ କେ
ବହେବା ଭାବ୍ ନଏଦ୍
ଘର୍ ଭିତରେ ବୁଢ଼ ବୁଡି ହେଲେ
ସଜା ଏକଦମ୍ କଏଦ୍ ।"

– ଶିକ୍ଷୟିତ୍ରୀ,
ଶାସନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର,
ମୋ –୭୯୭୮୫ ୬୮୩୨୨

# ପଶ୍ଚିମ ଓଡ଼ିଶାର ଛୁଆକର ଖେଲ 'ଆଏଁଖ ଛପ୍‌କା' ଗୁଟେ ଆଲୋଚନା

● ପବିତ୍ର ସାହୁ

ପଶ୍ଚିମ ଓଡ଼ିଶାର୍ ସବୁ ଛୁଆକର୍ ଖେଲ୍ ଭିତରୁଁ ଇ 'ଆଏଁଖ ଛପ୍‌କା' ଖେଲ୍ ଖେଲବାରକେ ଛୁଆକୁଁ ଜହ ସହଜ୍ ଆଏ । ଇ ଖେଲ୍ ଥିଁ ଖେଲାଲି ସଂଖ୍ୟା ଚାଏର୍ ଝନ୍ ନୁ ଯେତେ ଅଏତକା ହେଲେଁ ଚଲସି । ଚାଏର୍ ଝନ୍‌ନୁ କମ୍ ହେଲେଁ ଇ ଖେଲ୍ ଖେଲି ନାଇଁ ହଏ । ଇ ଖେଲ୍ ଗାଁଖୁଲିଁ କି ଘରର୍ ଲମ୍ ଉସାସ୍ ପିଣ୍ଡହାଁମାନଙ୍କୁଁ ଖେଲି ହେସି ।

ଇ ଖେଲ୍ ଖେଲବାରକେ ହେଲେଁ ଚାଏର୍ ଝନ୍ ନୁ ଅଏତକା ଛୁଆ ଗୁଟେ ଠାନେ ଠୋଲ୍ ହେବେ । ସେ ଭିତରୁଁ ପହେଲା ତିନ୍ ଝନ୍ ଗୁଲେଇ ହେଇ ଛଁଡିଆ ଛଁଡିଆ ଠିଆଡ୍ ହେଇ ହାତ୍ ଧରା ଧୁରି ହେବେ । ଯେନ୍ତା କି ଝନେକର୍ ଆଁଗୁଡ୍ ଆର୍ ଝନେକର୍ ଆଁଗୁଡ୍ ଥିଁ ଛନ୍ଦି ହେଇଥିବା । ମାନେ, ଝନେକର୍ ଆଁଗୁଡ୍‌ଟର୍ କେଁଚ୍ ଭିତରେଁ ଆର୍ ଝନେକର୍ ଆଁଗୁଡ୍ ଛିଙ୍ଗିଲି କରି ଥିବା । ଆର୍ ପଦମକେ ପଦମ୍ ଜୁଝେଇ ମୁଠା କରବାର୍ ଢାଁଚା ଥିଁ ନିଜର୍ ଖନ୍ ତକ୍ ତିନହେ ହାତ୍ ଟେଁକି ସାଏଁକଲା ହାଚ୍‌କି କରି ତାଲି ମାରଲା ବାଗିର୍ କରି ନିଜର୍ ନିଜର୍ ହାତକେ ରଖଲେ ଚଲବା । ଆର୍ ଦୁହି ପଦମକେ ଉପର୍ କରି ରଖି ତଲାଉପରକରି ରଖଲେଁ ବି ଚଲବା । ଇଟାକେ 'ସତ୍ ପିଟା ' ବଲସନ୍ । ଇ ସତ୍ ପିଟା ଥିଁ ଯଦି ତିନ୍‌ହିଁ ଝନ ହାତ୍ ସମାନ୍ ରଖଲେଁ ଫେର୍ ତିନ୍‌ହିଁ ଝନେକର୍ ଭିତରେଁ ସତ୍ ପିଟା ହେବା । ଯେତେବେଲେଁ ଦୁଇ ଝନେକର୍‌ଟା ସମାନ୍ ହେଇ ଝନେକର୍‌ଟା ଦୁସୁରା ହେଲେଁ ସେ ସତ୍ ପିଟା ଥିଁ ଉଠ୍‌ଲା ବା ଜିତଲା ବଲିଁ କୁହାଯାଏସି । (ଦୁଇ ଝନ୍ ଯଦି ନିଜର୍ ହାତକେ ତାଲି ମାରଲା ବାଗିର୍ କରି ରଖବେ ଆର୍ ଝନେ ଯଦି ନିଜର୍ ହାତର୍ ପଦମକେ ଉପର୍ କରି ତଲା ଉପୁରି ରଖଲେଁ ସେ ସତ୍ ପିଟା ଥିଁ ଜିତ୍‌ବା ବା ସତ୍ ପିଟା ଥିଁ ଉଠ୍‌ବା । ଆର୍ ବି ସେ ତିନ୍ ଝନ୍ ସତ୍ ପିଟା ଭିତରୁଁ ଦୁଇ ଝନ୍ ଯଦି ନିଜର୍ ପଦମକେ ତଲା ଉପୁରି କରି ରଖି ଝନେ ଯଦି ନିଜର୍ ହାତକେ ତାଲା ମାରଲା ବାଗିର୍ ପଦମ୍ ଜୁଝେଇ ରଖଲେଁ ସତ୍ ପିଟା ଥିଁ ସେ ଜିତବା । ମାନେ, ତିନ୍ ଝନେକର୍ ଭିତରୁଁ ଦୁଇ ଝନ୍‌କର୍ ହାତ୍ ସମାନ୍ ହେଇ ଝନେକର୍‌ଟା ଅଲଗା ହେଲେଁ ସେ ସତ୍ ପିଟା ଥିଁ ଜିତବା ବା ସତ୍ ପିଟା ଥିଁ ଉଠ୍‌ଲା ବଲିଁ ଧରା ଯାଏସି ।) ଯେ ଜିତବା ସେ ସତ୍ ପିଟାନୁ କେରେଇ ହେଇ ଅଲଗେ ବସବା । ତାର୍ ପରେଁ ସେ ଯେନ୍ ସତ୍ ପିଟା ଦୁଇ ଝନ୍ ଥିବେ ସେମାନକର୍ ସାଙ୍ଗେ ଫେର୍ ଦୁସୁରା ଖେଲାଲିମାନେ ଝନକେ ଝନ୍ ଆସି ସତ୍ ପିଟ୍‌ତେଲ୍ ଯିବେ । ଯେନ୍‌ମାନେ ଜିତବେ ସେମାନେ ବସତେଲ୍ ଯିବେ ଗୁଟେ ଠାନେ ।.... ଏନ୍ତା କରି କରି ଶେଷେଁ ଦୁଇ ଝନ୍ ରହେବେ । ସେମାନକର୍ ସାଙ୍ଗେ ଫେର୍ ସତ୍ ପିଟି ଜିତିଥିବାର୍ ଝନେ ଖେଲାଲି ମେସି ସତ୍ ପିଟି ଲାଗବା । ସେ ମେସଲା ଖେଲାଲିକେ ଛାଁଡି ଦେଇ ବାଁକି ସେ ଦୁହି ଝନ୍ ଭିତରୁଁ ଯେ ହେଉ ଝନେ ସତ୍ ପିଟା ଥିଁ ଜିତବା । ସବା ଶେଷେଁ ଯେନ୍ ଝନେ ରହିଯିବା ତାର୍ 'ମାତ୍' ବା ତାର୍ 'ମୁଡେଁ ' ହେଲା ବଲିଁ କହେସନ୍ ।

ତାର୍ ପରେଁ ସତ୍ ପିଟି ଜିତିଥିବାର୍ ଖେଲାଲି ଗୁଟେ ଠାନେ ଗୋଟ୍ ହେଇ ବସବେ । ଆର୍ ଟିକେ ଦୂରେଁ ତାକର୍ ଆଡକେ ଆଗ୍ କରି ମୁହାଁମୁହିଁ ଯାହାର୍ ମାତ୍ ହେଇଥିବା ସେ ଚକା ଲୁଠିଆ ମାରି କରି ବସବା । ତାର୍ ପରେଁ ସେ ବସିଥିବାର୍ ଖେଲାଲି ହୁଦା ନୁ ଝନେ ଖେଲାଲି ଆସି ଯାହାର୍ ମାତ୍ ହେଇଥିବା ତାର୍ ଦୁହି ଆଏଁଖିକେ ପଛଆଡୁଁ ଲୁହି କରି ନିଜର୍ ହାତେଁ ଛାପ୍‌କି କରି ଟିକେ ଟିକେ ହଲେଇ ହଲେଇ କହେବା,

'ଧାଁଧାଁରେ ମଟ୍..... ମଟ୍.... ମଟ୍.... ।' ଏନ୍ତା କହୁଥିବା ବେଲେଁ ସେ ବସିଥିବାର୍ ଖେଲାଲି ହୁଦା ଭିତରୁଁ ଯେ ହେଉ ଝନେ ଉଠି ଯାଇ ସାଏଁକଲା ଯାହାର୍ ମାତ୍ ହେଇଥିବା ତାର୍ ମୁଡକେ ଛିଇ ଦେଇ କରି ପଲେଇ ଆସି ନିଜର୍ ଠାନେ ବସିଦେବା । ତାର୍ ପରେଁ ଯେ ଆଏଁଖ୍ ଛାପ୍‌କିଥିବା ସେ ତାର୍ ହାତକେ ଆଏଁଖ୍‌ନୁ ଅଲଗେଇ ଦେଇ ପଚରାବା, 'କିଏ ମଟର୍ ଆଏ କହ' ସେ ଖେଲାଲିର୍ ଆସିଥିବାର୍ ଯାଇଥିବାର୍ ଚାଲିର୍ ଶବଦ୍‌ନୁ କି ସେତାର୍ ପାଏଝଲର୍ ଶବଦ୍‌ନୁ କି ତାର୍ ହଁସିନୁ ଅନୁମାନ୍ କରି କିଏ ତାର୍ ମୁଡକେ ଛିଇଲା ଯେ ଇଏ ମଟର୍ ଆଏ ବଲିଁ ଚିହ୍ନାବା । ଯଦି ଚିହ୍ନେଇ ନେଇ ପାରଲେଁ ଫେର୍ ତାର୍ ମାତ୍ ହେବା । ଆର୍ ଫେର୍ ଝନେ ତାର୍ ଆଏଁଖ୍ ଛପ୍‌କି –

"ଧାଁଧାଁରେ ମଟର୍ .....ମଟର୍ ...ମଟର୍.....କି
ଧାଁଧାଁରେ ରିକ୍‌ସା...ରିକ୍‌ସା......ରିକ୍‌ସା...କି,
ଧାଁଧାଁରେ ସାଏକଲ୍... ସାଏକଲ୍....ସାଏକଲ୍... କି
ଧାଁଧାଁରେ ରେଲ୍‌ଗାଡି.....ରେଲ୍‌ଗାଡି....ରେଲ୍‌ଗାଡି....କି
ଧାଁଧାଁରେ ଫଟ୍‌ଫଟି.... ଫଟ୍‌ଫଟି.... ଫଟ୍‌ଫଟି...."

ବଲବେ ।

ଫେର୍ ଝନେ ହୁଦାନୁ ଉଠି ଆସି ସେତାର୍ ମୁଡ୍ ଛିଇ କରି ଯାଇ ନିଜର୍ ଠାନେ ବସିଦେବା । ଆର୍ ଯାହାର୍ ମାତ୍ ହେଇଥିବା ସେ ଯାଇ କିଏ ଆଏ ଯେ ଚିହ୍ନାବା ।

ଚିହ୍ନେଇ ନେଇ ପାରବାର୍ ତକ୍ ତାର୍ ମାତ୍ ହେଉଥିବାର । ଆର୍ ଚିହ୍ନେଇ ପାରଲେଁ ଯାହାକେ ଚିହ୍ନେଇ ଥିବା ତାର୍ ମାତ୍ ହେବା । ଫେର୍ ତାର୍ ଆଏଁଖ୍ ଛାପ୍‌କି ଆଘୋର୍ ବାଗିର୍ ହେଲତେଲ୍ ଯିବେ ।

ଏନ୍ତା କିସ୍‌ମେଁ ଆମର୍ ପଶ୍ଚିମ ଓଡ଼ିଶାର ଛୁଆମାନେ ଇ 'ଆଏଁଖ୍ ଛପ୍‌କା' ଖେଲ୍ ଖେଲସନ୍ ।

– ସନ୍ଧିବାହାଲି, ଲାଉମୁଣ୍ଡା, ବରଗଡ଼
ମୋ – ୬୩୭୧୦୫୬୧୮୮

# ସାଗୁନପାଟ - ଲୋକକଳା

● ଆୟୁଷ ବଡ଼ାଇ

ସମାଜର ଗୁଟେ ମୁଖିଆ ଅଙ୍ଗ ହେଉଛେ ସଂସ୍କୃତି ଆର୍ ଲୋକକଳା । ସଂସ୍କୃତି କହିଲେ ଯେ ଖାଲି ସାମାଜିକ୍ ମୁନୁଷର ସଂସ୍କାର ଜ୍ଞାନ ଆରୁ ଉତ୍ତମ ଆଚରଣର ମର୍ଯ୍ୟାଦାକେ ବୁଝାସି ଇଟା ନୁହେଁ । ସଂସ୍କୃତିକେ ଖାଲି ସମାଜର ଅଙ୍ଗ କହିଲେ କମ ହେବା, ଇଟା ହେଉଛି ସମାଜର ଧଡକନ୍ । ସଂସ୍କୃତି ଲୋକକଳା କେତେ ପରମ୍ପରା, ଐତିହ୍ୟ, ଲୋକଚଲଣି ଆଉ ବିଶ୍ୱାସ, ପୂଜାପାଠ, କୃଷି-ବାଣିଜ୍ୟ ଓଷାବ୍ରତ ଧରମ୍‌ର କଥା, ବାଦ୍ ବିବାଦ-ସମସ୍ୟା, ହସ-ଶିକ୍ଷା କଥାକେ ତା' ଅଞ୍ଚଳରେ ରଖିକରି ଲୋକ ପରମ୍ପରାକେ ଜୀବିତ୍ ରଖିବାରକେ ସହାୟକ୍ ହେବା । ଠିକ୍ ହେନ୍ତାସବୁ ଅଞ୍ଚଳରେ, ଜାଗାରେ ସଂସ୍କୃତିର ଏକ ଭିନ୍ନ ଆଉ ଆଲୋକିତ ଲୋକସଂସ୍କୃତି ରହିଥିସି, ଯେନ୍ତା ସାଧାରଣ ଲୋକ ମାନଙ୍କର, ଗାଁ ଜନତାର ସୁଖ ଦୁଃଖ ହସ ଖୁସି ଆରୁ ଅନୁଭୂତି ଆଉ ପୂର୍ବପୁରୁଷଙ୍କର ସଂସ୍କାର ଆଚାର ବ୍ୟବହାର ବିଚାରକେ ନେଇ କରି ଗଢ଼ି ଉଠିଥିସି । ହେନ୍ତା ଗୁଟେ ଲୋପ ପାଇ ବସୁଛେ ଗାଁଉଲି ଲୋକପରବ୍ ହେଉଛେ ସାଗୁଁନପାଟ୍ ପୂଜେଇ ।

କେତେ ଦିନୁ ଚଲି ଆସୁଛେ ଯେ ତାହାର ହିସାବ ନାଇ ନ ଦେ-ଦେବତାର ପୂଜାପାଠ । ଆଗେ ଗାଁର୍ ଗହତୀୟା, ବଡକା ପୁରୁଖା ଲୋକମାନେ ଗାଁ ଟା କେନ୍ତା କରି ଚାଲବା କେନ୍ତା କରି ସଭେ ସୁଖେ ରହିବେ ବଲି ସବୁବେଳେ ଦେ ଦେବତାକେ ମାନୁଥିଲେ । ସମ୍ବଲପୁରରେ ମହାନଦୀର ତୀରେ ସମଲେଇ ମାଁ ଆଉ ତାହାର ବହନୀମାନେ ସବୁ ଆଡ଼େ ପୂଜା ପାଉଛନ୍ । ହେନ୍ତା ଗୁଟେ ମାଆର ବହନି ସାଗୁଁନପାଟ୍ ଆନ ।

ସମଲପୁର ଆରୁ ଝାରସୁଗୁଡ଼ା ଜାତୀୟ ରାଜପଥନେ ସମଲପୁର ସହର୍‌ଠାନୁ ୧୨କିମି ଆସଲେ, ପଡସି ଗାଁ କନଖିଣ୍ଡା । ଧନକଉଡ଼ା ବ୍ଲକର ଶାସନ ଗାଁ ପାଖେ ଲାଗିକରି ଅଛେ ଗାଁ । ଗାର୍ ଆଖର ପାଖର ଆଏନ୍ ଗୁଡ଼ାଦୋ ଗାଁମାନକେ ନେଇକରି ପଞ୍ଚାୟତଟା କନଖିନା ଗାଁ ବନିଛେ । ଚାର୍ହିଁ ଦିଗେ ନାଲ ଟିକରା ସାଗୁଆ ସୁନ୍ଦର କ୍ଷେତ ବାହାଲ ଆରୁ ଝାର ଜଙ୍ଗଲେ ଭରି ଲୁଭିନୀୟା ଲେଖେ ହେଇଛେ ।

ଖରା ଚଇତ ମାସର ପୁନି ଦିନର ଦୁଇ- ତିନ୍ ଦିନ ଭିତରେ ଜେନ ମଙ୍ଗଳବାର ନାଇଁ ତ ଶନିବାର ପଡବା ସେଦିନେ ସାଗୁଁନପାଟ୍ ପୂଜେଇ କରାହେସୀ । ବଛରକେ ଥରେ ତାହାର ପୂଜେଇ ହେସି ପୁରା ଗାଁ ଟା ସାରା ଲୋକ ମାନେ ଠୁଲ ହେସନ୍ । ନଡ଼ିଆ ଆରୁ ଲାଲ ମନ୍ଦାର ଫୁଲ ଧରିକରି ଖାଲି ଏରରା ଲୋକ ପିଲାମାନେ ସାଗୁଁନପାଟ୍ ଦେବୀ ମାଁକେ ପୂଜା କରି ଯାଏସନ୍ ଆଉ ଗୋଟେ କଥା ପ୍ରଚଳିତ ଅଛେ ଯେ, ତାହାର ପ୍ରସାଦକେ ଟୁକେଲ୍ ମାଏକେନାମାନଙ୍କୁ ନାଇଁ ଦିୟନ୍ । କହେସନ୍ ଯେ ଇ ମାଁ ପୂଜାକେ ଟୁକେଲ୍ ମାଏକେନା ମାନେ ନାଇଁ ଦେଖନ୍ । ଆଗେ ଛେଲ୍ ଭୁକା କୁକୁରାମାନଙ୍କୁ ମାକେ ବଲି ଦେଉଥିଲେ ଆଉ ବଲି ଦେଇ ସରଲା ପରେ ବୁଡ଼ିୟା ଜୋର୍ ପାଖେ ତାହାକେ ରାନ୍ଧିକରି ଖାଉଥିଲେ ଆରୁ ଜୁରେ ଗାଁଧିକରି ଘରମାନଙ୍କୁ ଯାଉଥିଲେ ହେଲେ ଆଜି ଆଉ ସେ ପ୍ରଥା କାଇଛେ । ଆଗର ବୁଢ଼ାବୁଢ଼ୀମାନେ କହୁଥିଲେ ଯେ ସାଗୁଁନପାଟ୍ ତାହାର ପୂଜେଇ ଦିନେ ମଝା ରାତିର୍ ସମୀୟାନେ କଳା ଆଉ ଧୋବ ଘୁଡ଼ାଥି ବହୁତ୍ ଜୋର୍ ଜୋର୍

ଆହ୍ୱାଜ୍ କରିକରି ସାରା ଗାଁ ବୁଲୁଥିଲା । ଗାଁକେ କିଛି ଜେନ୍ତା ଖରାବ ଆଇକ୍ ନାଇଁ ପଡ଼େ ଆରୁ ସମଙ୍କର ଜୀବନ ସୁଖେ ଚଲୁ ଏତାର ଲାଗି ସାଗୁଁନପାଟ୍ ସବୁବେଳେ ଯୁଗି ରହିଛେ ତାହାର ଛୁଆମାନଙ୍କୁ ।

ସାଗୁଁନପାଟ୍ ପୂଜ୍ଜେଇର ଗୁଟେ ବିଧି ରାହିଛେ । ସାଗୁଁନପାଟ୍ ପୂଜ୍ଜେଇଟା କନଖିନା ଆରୁ ପିପଲପଡ଼ା ଗାଆଁ ମଝିନେ ଗୁଟେ ଦୁଙ୍ଗିରୀନେ ହେସି, ସେତାକେ କହେସନ ସାଗୁଁନପାଟ୍ ଡୁଙ୍ଗିରୀ । ପୂଜେଇ ଆଗ ଦିନେ ଧୁବଲ୍ ବୁଢ଼ା ଗାଁ ସାରା ଡାକରା ଦେସି ଯେ ଆସବା କାଏଲ୍ ସାଗୁଁନପାଟ୍ ପୂଜେଇ ଆଏ ହୋ...... ପୂଜ୍ଜେଇ ଦିନେ ଦିନର ଦୁଇପହରେ ତିନ୍ ବଜେ ସମଲେଇ ଗୁଡ଼ିର ଝାଙ୍କର ପୂଝାରୀ ସମଲେଇ ଗୁଡ଼ିର ପୂଜା କରିକରି ସେନୁ ଘଣ୍ଟ ବଜେଇ ବଜେଇ ଗାଁ ଖୁଲିଖୁଲି ଗୋଟେ ଲମ୍ବା ବାଉଁଶ ପତାକା ଆରୁ ସୁଝି, ଲିଆ ଜୁଗାର, ଆରୁଆ ଚାଉଳ ଆଉ ଲାଲ ମନ୍ଦାରଫୁଲ ଆରୁ ପାଏନ ଗଡୁ ଧରି କରି ସମଲେଇ ଗୁଡ଼ିନୁ ବହାରିସନ୍ । ଘଣ୍ଟ ବଜେଇ ବଜେଇ ସାଗୁଁନପାଟ୍ ଦୁଙ୍ଗୁରୀକେ ଚଢ଼ିସନ୍ ଆଉ ଠିକ୍ ଦୁଙ୍ଗୁରୀ ମଝା ଠାନେ ଗୁତେ ବଡ ପଥର ଯେନଟା କି ଖୁରୁଡୁ ଆଉ ନିମ୍ ଗଛ ଅଛେ ସେତାକେ ପୂଜା କର୍ସନ୍ । ଗାଁ ସବୁ ଘରୁ ଗୁଟେ ଗୁଟେ ନଡିଆ ସମସ୍ତେ ଦେସନ୍ ସାଗୁଁନପାଟ୍କେ ।

ଇ ସବୁ ପୂଜାପାଠ ଫୁକାଝରା କେତେ ଦିନୁ ଚଳି ଆସୁଛେ ଯେ ତାହାର ହିସାବ ନାଇଁ ନ । ଦେଦେବତାର ପୂଜାପାଠ ଆଗେ ଗାଁ ଗହତୀୟା, ବଡକା ପୁରୁଖା ଲୋକ୍ ମାନେ ଗାଁ ଟା କେନ୍ତା କରି ଚାଲବା କେନ୍ତା କରି ସଭେ ସୁଖେ ରହିବେ ବଳି ସବୁବେଳେ ଦେଦେବତାକେ ମାନୁଥିଲେ । ଦିନ ବରସ ବିତିବର୍ ପରେ ଇ ସବୁ ଲୋକପରମ୍ପରା କଳା ସଂସ୍କୃତି ଆଉ ଦିନୁ ଦିନକେ ଲୋପ୍ ପାଇବାରକେ ବସୁଛେ । ବର୍ତ୍ତମାନର ମୋବାଇଲ୍ ଯୁଗରେ ଇ ସବୁ ଲୋକକଳାକେ ସମସ୍ତକେ ପହଞ୍ଚାଇବା ସମସ୍ତଙ୍କର କାମ ଆଏ ।

-ପିପଲପଡ଼ା, କନଖିଣ୍ଡା, ସମ୍ବଲପୁର
ମୋ- ୯୩୩୭୧ ୨୯୧୪୨

# ଦହି କାଦୋ

● ଦେବାର୍ଚ୍ଚନ ନାଏକ

ଆମର୍ ବାରପାହାଡ଼୍ ଅଞ୍ଚଲ୍ ଭିତ୍‌ରେଁ ଢୁକି ରହିଛେ ବଡ଼େ ଭାରି ଗାଆଁଟେ, ନାଆଁ ସଁକ୍‌ରା । ଲୋକ୍‌ବାକ୍ ଗନ୍‌ତିଥିଁ ଛଅ ହଜାର୍ ନୁ ଅଏଧିକା ଆଏ କାଏଁଯେ ଅବ୍‌ଗା ଗୁଟେ ଗାଆଁଟା ଗୁଟେ ଗରାମ୍ ପଞ୍ଚେତ୍ । ହେଲେଁ ଓଡ଼ିଶା ରାଏଜର୍ ନୁହେଁ, ଛତିଶଗଡ଼ ଆଏ । ଲେକିନ୍ ଗାଆଁର୍ ଭାଡଁରେ ଘେରି ରହିଛେ ପଶ୍ଚିମ୍ ଓଡ଼ିଶାର୍ ହରେକ୍ ଛୋଟ୍‌ବଡ଼୍ ଗାଆଁଗଡ଼ା । ବନ୍ଧର୍ ମଝାମଝି ପଦମ୍‌ଫୁଲ୍ ଫୁଟ୍‌ଲା ମିତାର୍ ଶୁଭା ପାଏସି ଗାଆଁର୍ ବସ୍‌ତି ।ଆକାଭୋତ୍ କଥା, ସବୁଯାକର୍ ପଏରଛା ଖାଣ୍ଟି ଓଡ଼ିଆ ଚାଲି ଚଲନ୍ । ସରକାରୀ ଇସ୍କୁଲ୍‌କେ ଗଲେ ପାଠ୍ ସିନେ ପଢ଼୍‌ସନ୍ ହିନ୍ଦୀ ଆଉର୍ ଘରେଁ ବାହାରେଁ ନିଛକ୍ ସମଲ୍‌ପୁରିଥିଁ କଥାବାର୍ତ୍ତା । କେତ୍‌ନି ବଛର୍ ଆଗରୁ ଗାଆଁଟା ସେଏବେଲେଁ ଆମର୍ ସମ୍ବଲପୁର୍ ରାଏଜ୍ ଥିଲାବେଲେଁ ରଜାର୍ ଆୟତେଁ ମିଶି କରି ରହିଥିଲା ।ସାରଙ୍ଗଡ଼ିଆ ରଜାର୍ ଝିଇ ବିହା ବେଲ୍‌କେ ସମଲ୍‌ପୁରିଆ ରଜା ସଁକ୍‌ରା ଗାଆଁର୍ ମାଲ୍‌ଗୁଜାରି ଅସୁଲି ଟଁକାଥିଁ ଚୁରିପିନ୍ଧାନି ଖଏର୍‌ଚା ବାବ୍‌ଦେଁ ରାଜ୍‌କୁମାରିକେ ସବୁଦିନର୍ ଲାଗି ସଉକିଥିଁ ଦେଇଥିଲେ । ଇଥିର୍ ଲାଗି ତ ହେତ୍‌କି ଦିନୁଁ ଏଡ଼୍‌କି ବଡ଼୍ ଗାଆଁଟେ ଓଡ଼ିଶା ରାଏଜନୁଁ ଛିଡ଼୍‌ଭଙ୍ଗ୍ ହେଇ ରହିଯାଇଛେ । ଗାଆଁବାସୀ ଛତିଶଗଡ଼ ରାଏଜେଁ ରହୁଛନ୍ କାଏଁନ ମାତ୍‌ରକ ସମ୍‌କିରିର୍ ଦିହେଁ ସର୍‌ସରାନୁଁ ଭେଦି ଯାଇଛେ ଉଡ଼ିଆ ପାଏନ୍ ପବନର୍ ରକତ୍ । ପଶ୍ଚିମ୍ ଓଡ଼ିଶାର୍ ସବୁ ରକମ୍‌ର୍ ତିହାର୍ ବାହାର୍, ରିତ୍‌ମାରିତି ମାନ୍ ଇନେ ଭର୍‌ପୁର୍ ହେଇ ଉଛ୍‌ଳି ପଡୁଛେ । ବାରମାସେଁ ତେର ତିହାର୍ । ଆମର୍ ଲେଖେଁ ନୂଆଁଖାଇ,ପୁଷ୍‌ପୁନି ତିହାର୍ ବାହାର୍ ମାନ୍‌କୁଁ ମୁଖିଆ ପରବ୍ ଭାବେଁ ବନେ ଉସ୍‌ନାକିଥିଁ ମାନିଗୁନି ଆସୁଛନ୍ । ଇଥିର୍ ବାହରେଁ ଆରୁ ଗୁଟେ ମୁଖିଆ ତିହାର୍ 'ଦହିକାଦୋ' ଶହ ଶହ ବଛର୍ ହେଲାନ ଗାଆଁବାସି ସଭେ ମେଶିଗୁଲି ମାନିଗୁନି ଆସୁଛନ୍ । ଭୁଦୋ ମାସର୍ ଅନ୍ଧାର୍ ପଖର୍ ଅଷ୍ଟମି ତିଥିର୍ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଆରଦିନେ ନଅମୀକେ ନନ୍ଦୋତ୍ସବ 'ଦହିକାଦୋ' ରୂପେଁ ଇନେ ବନେ ଜାକ୍‌ଜମକ୍‌ଥିଁ ହେଇ ଆସୁଛେ । ଇ ବାରପାହାଡ଼୍ ଇଲାକାରେ ଏନ୍ତା ଭଲିଆ ତିହାର୍‌ଟେ ଆଉ କାହିଁ ଦେଖିବାକେ ନାଇଁ ମିଲେ ।

ସଁକ୍‌ରା ଗାଆଁର୍ ପୁର୍‌ନାକାଲିଆ ସବୁ ସିଆନ୍‌ସୁଜନ୍ ଆରୁ ଜଗନ୍ନାଥ ଗୁଡ଼ିର୍ ପୁଝାରିନୁଁ ଶୁନବାର୍‌କେ ମିଲ୍‌ସି ଯେ, 'ଦହିକାଦୋ' ଉଛା ପହେଲା କରି ୧୮୯୫ ସାଲେଁ ମୁଲ୍ ହେଇ ଆଏଜ୍‌ତକ୍ ଚଲି ଆସୁଛେ । ଇତାର୍ ଆଗର୍ ବର୍‌ଷେଁ ଗାଆଁର୍ ଗଅଁତିଆ ୰ଦୁର୍ଯୋଧନ ପଧାନ୍, ୰ ଭାଗିରଥି ମିଶ୍ର ସଂଗେଁ ଝନା କେତେ ଚାଲିଚାଲି ତିରଥ୍ କରି ଯାଇ ପହଁଚିଥିଲେ ବୃନ୍ଦାବନ ଧାମ୍ । ସେଠାନେଁ ସେମାନେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, ତହିଁର୍ ଆରଦିନେ ଦହି ଗୁରସ୍‌ର ହୋଲି ତିହାର୍ ଲେଖେଁ ନନ୍ଦୋତ୍ସବ ଦେଖି ଭାବ୍‌ଭକ୍ତିର୍ ରସେଁ ସଭେ ସେନେ ପୁରାପୁରି ଭିଜି ଯାଇଥିଲେ । ନିଜର୍ ଜନମ୍‌ଭୂଇଁ ଗାଆଁକେ ଫିରି ଆସି ବୃନ୍ଦାବନ ଧାମ୍‌ନୁଁ ଦୁହି ଆଁଖି ଦେଖି ଶୁନି ରସି ଯାଇଥିବା ଉଛା ବାବ୍‌ଦେଁ ଗଅଁତିଆ ମୁଲ୍‌ହୁଁ ଛେଦ୍‌ତକ୍ ସବ୍‌କୁଁ ଶୁନାଲେ । ତାଁକର୍ ଅଙ୍ଗେଁ ଭୁକ୍‌ତିଲା, ଦେଖ୍‌ଲା କଥା ଶୁନି ସାରି ଗାଆଁବାସୀର୍ ସବ୍‌କର୍ ମନ୍‌କେ ଷୁଲ୍‌ହ ଅନା ଛିଇଁଲା । ଗାଆଁନୁ ବି ଏନ୍ତେହି ରକମେ ତିହାର୍‌ଟେ ସବୁ ବଛରେଁ ମନାମା ବଲିଁ ସଭେଯାକ ମତାମତ୍ ଦେଇ ଠିକ୍‌ନା କଲେ । ସେଦିନ୍‌ଠାନୁଁ ସଁକ୍‌ରା ଗାଆଁର୍ ତିହାର୍ ପରବ୍ ଭିତ୍‌ରେଁ ଜୁଡ଼ି ହେଇଗଲା ଆଉ ଗୁଟେ ଭିନେ କିସମର୍ ଉଛା 'ଦହିକାଦୋ' ନାମେଁ ନନ୍ଦୋତ୍ସବ । ଫି'ସାଲେଁ ଗାଆଁର୍ ଛୁଆନୁଁ ବୁଢ଼ାତକ୍ ସବ୍‌କର୍ ସାହେଯ୍‌ସହଯୋଗ୍ ବଲେଁ କେତ୍‌ନି କେତେ ଆଡମ୍ବର୍‌ଥିଁ ମହା ରଙ୍ଗେଁଢଙ୍ଗେଁ ମନେଇ ଆସୁଛନ୍ ଇ ଐତିହାସିକ ତିହାର୍ 'ଦହିକାଦୋ' ।

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର୍ ଆରଦିନ ହେସି 'ଦହିକାଦୋ' । ଜଗନ୍ନାଥ୍ ମନ୍ଦିର୍ ପୂଝାରି ମହାପୁରୁ ଗୁଡ଼ି ଆସ୍ଥାନ୍‌ନୁଁ ଶ୍ରୀକୃଷ୍ଣ ଭଗ୍‌ବାନକଁର୍ ଧାତୁ ପୁତ୍‌ଲାକେ ଆନି ଗୁରସ୍ ଦହିଥିଁ ଗୁଧେଇ ପବିତର୍ କରି ଅଭିଷେକ୍ କର୍‌ସନ୍ । ହେତ୍‌କି ବେଳେଁ ପଁଡ଼ିତ୍ ମାନ୍‌କଁର୍ ବେଦ୍ ମନ୍ତର୍ ପାଠ୍, ଭାଗବତ୍ ଆରୁ କିର୍ତ୍ତନିଆଁ ନଚ୍‌ନିଆଁ ମାନକଁର୍ କିର୍ତ୍ତନ୍‌ର ଭାବ୍ ଭକ୍ତିରସର୍ ମାହୋଲ୍‌ଥିଁ ଗାଆଁସାରା ଗଜ୍‌ଗଜେଇ ଯାଇଥିସି । ଲୋକ୍‌ନାଚ୍ ଗୀତ୍, ନାଗ୍‌ରା ବଜା ସଂଗେଁ ମୁର୍ଦୁଙ୍ଗ୍, କସ୍‌ତାଲ୍‌ର୍ ବଜାର୍ ତାଲ୍‌ମାନ୍, ହରିବୋଲ୍ ହୁଲ୍‌ହୁଲି ଶବଦେଁ କଁପି ଯାଇ ପରିବେଶ୍‌କେ ଆହୁରି ମନ୍‌ମୋହକ୍ କରି ଦେଉଥିସି । ତେହେଗୁଁ ମହାପୁରୁଙ୍କୁଁ ସଜେଇ ଥିବା ରଙ୍ଗ୍‌ରଙ୍ଗିଆ ଫୁଲ୍ ଫାନସ୍‌ର ଉବାଗର୍ ପାଲିଙ୍କିଥିଁ ବସେଇ ବୁହିକରି ଝୁଲେଇ ଝୁଲେଇ ଗାଆଁସାରା ବୁଲା ଯାଏସି । ଧନି ଗରିବ୍ ଜାଏତ୍ ଭେଦ୍‌ଭାବ୍ ଛିଆଁଛି ସଭାବ୍ ଭୁଲେଇ ଯାଇ ଗାଆଁସାରା ଏକାକାର୍ ହେଇଯାଏସନ୍ । ଦୁଲେଇ ଦୁଲେଇ ନେଉଥିବା ପାଲିଙ୍କିର୍ ଆଗେଁ ପଛେଁ ଛୁଆନୁଁ ବୁଢ଼ାତକ୍ ସଭେ ଯାକର୍ ନାଚିନାଚି ପରବ୍‌ର ମଜା ନେବାର୍ ସଂଗେ ସଂଗେ ଦେଖନ୍‌ହାରି ଭକତ୍‌ମାନକଁର୍ ମନ୍‌କେ ବାନ୍ଧି ନେବାର୍ ଅପୂରୁବ୍ ଦୁରୁଶ୍ ଦେଖନୋର୍ ଲାଏଗ୍ ଆଏ । ଏନ୍ତା ମନ୍‌ଲୁଭା ପରିବେଶ ଭିତରେଁ ଗାଆଁର୍ ସବୁ ପରା ଗଲି କନ୍ଦି ମାନ୍‌କେ ମାହାପୁରୁକଁର୍ ପାଲିଙ୍କି ଭଜନ୍ କିର୍ତ୍ତନ ନାଚ୍‌ଗୀତର୍ ସୁରେଁ ସୁରେଁ ଚାଲିଥିସି । ବାଟ୍‌ମୁହୁଁ ମାନ୍‌କେ ସଭେଯାକର୍ ଭକ୍ତିଭାବେଁ ପୂଜାପାଠ୍ ଦର୍‌ଶନ୍ କରି ନିଜ୍‌କେ ତାଁକର୍ ପାହା ତଳେଁ ସଅଁପି ଦେଇ କୁରୁତ୍ କୁରୁତ୍ ହେଇ ଯାଏସନ୍ । ଗାଆଁର ହରେକ୍ ଠାନେ, ଛକ୍ ମାନ୍‌କେ ମୁଡ଼େ ଉପ୍‌ରେଁ ଶିକାଥିଁ ବନ୍ଧାଯାଇ ରଖା ହେଇଥିସି ଦହି ଗୁରସ୍ ଭରା ମାଟିର୍ ମାଠିଆମାନ୍ । ପିଲାମାନେ ଉସତ୍ ମନେଁ ଭର୍‌ତି ମାଠିଆମାନ୍‌କୁ ସେନୁଁ ଫଟେଇ ନିଜର୍ ନିଜର୍ ଭିତ୍‌ରେଁ ଗୁରସ୍ ଦହିର୍ ହୋଲି ଖେଲ୍ ଖେଲି ଭାଇଚାରାର୍ ମହତ୍‌ପନ୍ ଦେଖେଇ ସବ୍‌କୁଁ ହୁରୁଦ୍ ଭିତରୁଁଲେ ଚେତେଇ ଦେଇଥିସନ୍ । ଆଖର୍ ପାଖର୍ ସବୁଘରେଁ ଛିଟ୍‌ନି, ଭୁଗ୍‌ଲିଥିଁ ଭରିକରି ଦେଉଥିବା ପର୍‌ସାଦ୍‌ମାନ୍‌କୁ ସଭେଯାକର୍ ଘିଁଚାଉଲ୍‌ଚା ହେଇ ଲୁଟିଲୁଟି ଖାଏବାର୍ ନିଆରା ମଜା ମଜ୍‌ଲିସ୍ ଇନେ ଦେଖିବାକେ ମିଲ୍‌ସି । ସଥେଁ ଯେନ୍ତା ମାହାପୁରୁକଁର୍ ଜନମ୍ ଉଧେଁ ସଁକ୍‌ରା ଗାଆଁ ଇଦିନେ ବୃନ୍ଦାବନ ଧାମ୍ ପାଲଟି ସବୁଲୁତି ଶ୍ରୀକୃଷ୍ଣମୟେ ହେଇଯାଏସି । ଇଥିର୍ କାଏଁଯେ ନନ୍ଦରଜାର୍ ପରଜା ଲେଖେଁ ସବ୍‌କେ ସବ୍ ବାଛ୍‌ବିଚାର୍ ଭୁଲିଯାଇ ଏକାସଂଗେ ମେଶି ଏଡ଼େ ବଡ଼୍ ଯାତ୍‌ରା ଭିଏଇଛନ୍ । ସବ୍‌କର୍ ମନ୍‌ପରାନ୍ ଉଷତ୍‌ର ମାରେ ଭରି ଯାଇଥିସି । ସବୁ ଘରର୍ କୁଟୁମ୍‌ବସିଆ ଇଦିନକେ ଟାକି ବସିଥିସନ୍, ନିଜର୍ ଘରୁଁ ଆନ୍ଦିର୍ ବାନ୍ଦିର୍ ମିଠା ପର୍‌ସାଦ୍ ବାହାର୍ କରି ଶ୍ରୀକୃଷ୍ଣକଁର୍ ସଖା ରୂପି ଭକତ୍‌ମାନକୁଁ ଖାଏବାକେ ଦେଇ ନିଜ୍‌କେ ଧୟେନ୍ କର୍‌ବାକେ । ସକାଲ୍ ବେଲାନୁଁ ସଂଜତକ୍ ଏନ୍ତା ବତ୍‌ରେଁ ବତରେଁ ଯାତ୍‌ରାର୍ ମାହୋଲ୍ ଚାଲିଥିସି ।

ଆଖର୍ ପାଖର୍ ଗାଆଁଗଁଡ଼ାନୁଁ ମୁଲ୍ କରି ଧୁରିଆ ଧୁରିଆ ସହର୍ ନଗର୍‌ନୁ ଭି ହଜାର୍ ହଜାର୍ ଭକତ୍ ଦେଖନ୍‌ହାରି ଇ ନିଆରା ପରବ୍ ଦହିକାଦୋଥିଁ ସାମିଲ୍ ହେବାକେ ଭାବର୍ ଲୁଭେଁ ନରଦି ଆଏସନ୍ । ଲୁକକଁର୍ ଗହଲ୍ ଚହଲ୍‌ଥିଁ ସାରା ଗାଆଁପଡ଼ା ଉଛଲି ପଡ଼ିଥିସି । ମନ୍ ଥାଇକରି ବି ବୃନ୍ଦାବନ ଧାମ୍‌ର ନନ୍ଦୋତ୍ସବ ଦେଖି ଦର୍‌ଶନ୍ କର୍‌ବାକେ ଯାହାର୍ ଭାଏଗେଁ କେଭେଁ ନାଇଁ ଜୁଟି ସେମାନେ ଇନେ ହାଜର୍ । ଭାବ୍‌ଭକ୍ତିର୍ ଏନ୍ତା ଶାନ୍ତିମୟେ ପରିବେଶ୍ ଭିତରେଁ ଭକତ୍ ମାହାପୁରୁକଁର୍ ଅଭୟେ ପାହା ତଳେଁ ନିଜ୍‌କେ ସଅଁପି ଦେବାର୍ ମଉକାକେ ହାଁଥିଛଡ଼ା ନାଇଁ କରିପାରେ । ରାତିର୍ ବେଲା ଗାଆଁପରାର୍ ଭିନ୍‌ଭିନ୍ ଠାନେଁ ଭାଗ୍‌ବତ୍, ରାମାୟଣ୍ ପାରାୟଣ୍, ସଂକୀର୍ତ୍ତନ କୃଷ୍ଣଗୁରୁ ବାଗିର୍ ମନ୍‌ବସିଆ କାର୍ଯ୍ୟକ୍ରମମାନ୍ ହେଇଥିସି । କହେବାକେ ଗଲେଁ, ଏଡ଼େ ମନ୍‌ଘିନା ଉଛାଟେ ସାରା ଅଞ୍ଚଲେ ଆଉର୍ କେନ୍‌ସି ଠାନେଁ ଦେଖିବାର୍‌କେ ନାଇଁ ମିଲେ । ସଁକ୍‌ରା ଗାଆଁର୍ ଦହିକାଦୋ ଉଛା ଲାଗି ପାଁଚ୍‌ପାଲିଥି ନାଆଁ ଉଡ୍ଡୁଛେ । ତେହିର୍ ଲାଗି ସିନେ ସବୁଦିଗେଁ ବିଚାର୍ କଲେ 'ଦହିକାଦୋ' ପୁଇନ୍ ତିହାର୍ ଉଧେଁ ସଁକ୍‌ରା ଗାଆଁ ଦିନ୍‌କର୍ ଲାଗି ହେଲେ ବି ଦୁସ୍‌ରା ବୃନ୍ଦାବନ ଧାମ୍ ପାଲଟି ଯାଇଥିସି, କହେଲେ ଭି ଭୁଲ୍ ନାଇଁ ହୁଏ ବାଗିର୍ ଲାଗ୍‌ସି । ସର୍‌କାରୀ ପ୍ରଶାସନ୍ ତରଫୁଁ ତହଁକ୍ ପାଇ ପାର୍‌ଲେ ନୂଆଁ ରୂପରଙ୍ଗ୍ ଧରି ଆହୁରି ଆଗ୍‌କେ ଖେପି ପାର୍‌ତା ବଲିଁ ଅଞ୍ଚଲ୍‌ବାସୀ ସଂଗେ ଗାଆଁବାସୀ ସମକିରିର୍ ଆଶା ଆଉର୍ ବିଶ୍ୱାସ୍ ।

- ଝାରପାଲି, ଅମ୍ବାଭୋନା, ବରଗଡ଼
ମୋ:ନ:-୬୩୭୦୦୨୫୪୫୫

# ସମ୍ବଲପୁର : ପ୍ରଥା, ପରମ୍ପରା ଓ ଜୀବନଶୈଳୀ

● ପ୍ରତାପ କୁମାର ରୋହିଦାସ

ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ବାଣିଜ୍ୟର କେନ୍ଦ୍ରଜଳୀ ହେଉଛି ସମ୍ବଲପୁର । ଏହାର ସମୃଦ୍ଧ ଇତିହାସ ବ୍ୟତୀତ ସଂସ୍କୃତି, ପ୍ରଥା, ପରମ୍ପରା ପାଇଁ ସମ୍ବଲପୁର ମାଟି ବିଶ୍ୱ ପ୍ରସିଦ୍ଧ । ସମ୍ବଲପୁରର ଅନ୍ତେ ସାଂସ୍କୃତିକ ପରିଚୟ ଆଦିବାସୀ ତଥା ଲୋକ ସମ୍ପ୍ରଦାୟର ଦୃଢ଼ ଏକତାରୁ ଉତ୍ପାଦ ହୋଇଛି ଯାହା ଶତାବ୍ଦୀ ଧରି ପଶ୍ଚିମ ଓଡ଼ିଶାର କୋଣ ଅନୁକୋଣରେ ପହଞ୍ଚି ପାରିଛି । ସମ୍ବଲପୁରର ଗୀତ, ପୋଷାକ, ନୃତ୍ୟ, ଭାଷା, ଖାଦ୍ୟ ଓ ପର୍ବ ପର୍ବାଣୀ ଆଜି ବିଶ୍ୱ ଦରବାରରେ ସମ୍ବଲପୁରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

ସମ୍ବଲପୁର ଜିଲ୍ଲାର ଇତିହାସ ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣାରେ ପରିପୂର୍ଣ୍ଣ ଓ ଅବିଭାଜିତ ସମ୍ବଲପୁରର ବିଭିନ୍ନ କୋଣ ଅନୁକୋଣରେ, ବିଭିନ୍ନ ଭାଷା, ବିଭିନ୍ନ ଧର୍ମାବଲମ୍ବୀ ଥିଲେ ମଧ୍ୟ ନିଜର ମାତୃଭୂମି ପ୍ରତି ପ୍ରବଳ ପ୍ରେମ ଓ ଦେଶପ୍ରେମରେ ଅନୁପ୍ରାଣିତ ହୋଇ ଅନେକ ସ୍ୱାଧୀନତା ସଂଗ୍ରାମୀ ନିଜର ଜୀବନର ବାଜି ଲଗାଇ ସବୁଦିନ ପାଇଁ ଅମର ହେଇଗଲେ । ସ୍ୱାଧୀନତା ପରଠାରୁ ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ପରିବର୍ତ୍ତନ ପରିଲକ୍ଷିତ ହେଲେ ମଧ୍ୟ ନିଜର ପ୍ରଥା ଓ ପରମ୍ପରା ଅକ୍ଷୁର୍ଣ୍ଣ ରଖିବାରେ ସମ୍ବଲପୁର ସଫଳ ହୋଇପାରିଛି ।

**ଆର୍ଥିକ ପରିସ୍ଥିତି:-**

ସମ୍ବଲପୁର ମୁଖ୍ୟତଃ ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ ହୋଇ ରହିଥିବାବେଳେ ଜିଲ୍ଲାର ଅର୍ଥନୀତିରେ କୃଷିର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୋଗାଯୋଗ ଓ ପରିବହନ ବ୍ୟବସ୍ଥା ସୁଦୃଢ଼ ହେବାପରେ ବିଭିନ୍ନ ବସ୍ତୁର ରପ୍ତାନୀରେ ବୃଦ୍ଧି ହୋଇଛି । ଲୁହା ଓ ଇସ୍ପାତ ବ୍ୟତୀତ ସମ୍ବଲପୁରୀ ବସ୍ତ୍ରର ମଧ୍ୟ ଚାହିଦା ଦେଶ ଓ ବିଦେଶରେ ବୃଦ୍ଧି ପାଇଛି । ଭାରତ ମାନଚିତ୍ରରେ ବୟନ ଶିଳ୍ପରେ ସମ୍ବଲପୁରର ସ୍ଥାନ ସ୍ୱତନ୍ତ୍ର ।

ଏହା ବ୍ୟତୀତ କେନ୍ଦୁପତ୍ରର ମଧ୍ୟ ଜିଲ୍ଲାର ଅର୍ଥନୀତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିବାରୁ ଏହାକୁ ସବୁଜ ସୁନା କୁହାଯାଇଥାଏ । ପଶ୍ଚିମ ଓଡ଼ିଶାରେ ଅନେକ ଖଣି ଓ କାରଖାନା ଥିଲେ ମଧ୍ୟ ସମ୍ବଲପୁରରେ ବିଭିନ୍ନ କ୍ଷୁଦ୍ର ଶିଳ୍ପ ଯଥା କାଠ, ରବର, ବୟନ, କୃଷିଭିତ୍ତିକ ଯନ୍ତ୍ରପାତି ଆଦି ତିଆରି ଓ ମରାମତି ଇତ୍ୟାଦି ଦେଖିବାକୁ ମିଳେ । ଏହି ଅଞ୍ଚଳରେ ତିଆରି ହସ୍ତଶିଳ୍ପର ଚାହିଦା ଦେଶ ବିଦେଶରେ ରହିଛି ।

**ମନ୍ଦିର :-**

ସମ୍ବଲପୁରର ଚୌହାନ ଶାସକମାନେ କଳା ଓ ସ୍ଥାପତ୍ୟ ପ୍ରତି ତାଙ୍କର ଆଗ୍ରହ ପାଇଁ ପ୍ରସିଦ୍ଧ ଥିଲେ । ସେମାନେ ଦୀର୍ଘ ସମୟ ଧରି ଏହି ଅଞ୍ଚଳରେ ଶାସନ କରିଥିଲେ ଏବଂ ତାଙ୍କ ଶାସନ କାଳରେ ଅନେକ ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ ଯାହା ତାଙ୍କର ଧାର୍ମିକ ସହନଶୀଳତାର ପରିଚୟ ଦେଇଥାଏ ।

ଜିଲ୍ଲାରେ ବହୁସଂଖ୍ୟକ ମନ୍ଦିର ଓ ସେମାନଙ୍କର ଧାର୍ମିକ ମହତ୍ତ୍ୱ ରହିଛି । ସମ୍ବଲପୁରର ମୁଖ୍ୟ ମନ୍ଦିର ମଧ୍ୟରେ ମା ସମଲେଶ୍ୱରୀ ମନ୍ଦିର, ପାଟନେଶ୍ୱରୀ ମନ୍ଦିର, ବୁଢ଼ାରାଜା ମନ୍ଦିର, ବରିହା ମନ୍ଦିର, ସୋମନାଥ ଶିବ ମନ୍ଦିର, କୁଠା ଜଗନ୍ନାଥ ମନ୍ଦିର, ହୁମାର ବକ୍ର ମନ୍ଦିର, ବିମଳେଶ୍ୱର ଶିବ ମନ୍ଦିର, ଅନନ୍ତ ଶଯ୍ୟା ମନ୍ଦିର, ଗୋପାଳଜୀ ମନ୍ଦିର, ରାମଜୀ ମନ୍ଦିର ଆଦି ପ୍ରଧାନ ଭକ୍ତି ପୀଠ ଭାବେ ପ୍ରସିଦ୍ଧ । ଯଦିଓ ଏହି ମନ୍ଦିର ଗୁଡିକ ବହୁତ ପୁରାତନ ତଥାପି ଏହାର ସୁନ୍ଦର ନିର୍ମାଣ ଶୈଳୀ ଅନେକ ଲୋକଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁ ମନ୍ଦିର ପରିଦର୍ଶନ କରିଥାନ୍ତି ।

**ପର୍ଯ୍ୟଟନ:-**

ସମ୍ବଲପୁର ଜିଲ୍ଲା ପୂର୍ବରେ ଦେଓଗଡ଼, ପଶ୍ଚିମରେ ବରଗଡ ଓ ଝାରସୁଗୁଡା, ଉତ୍ତର ଭାଗରେ ସୁନ୍ଦରଗଡ଼ ଓ ଦକ୍ଷିଣରେ ସୁବର୍ଣ୍ଣପୁର, ଅନୁଗୁଳ ଦ୍ୱାରା ଘେରି ରହିଛି । ପର୍ଯ୍ୟଟନ ରୋଜଗାର ସୃଷ୍ଟି କରିବା ସହିତ ଦାରିଦ୍ର୍ୟ ଦୂରୀକରଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ପର୍ଯ୍ୟଟନ ସମାଜ, ସଂସ୍କୃତି, ଅର୍ଥନୀତିକୁ ମଧ୍ୟ ପ୍ରଭାବିତ କରିଥାଏ । ପ୍ରଥା, ପରମ୍ପରା, ସଂସ୍କୃତିର ଆଦାନ ପ୍ରଦାନ ହେବାଦ୍ୱାରା ଲୋକଙ୍କ ମନରେ ପରସ୍ପର ପ୍ରତି ଆଦର ଓ ସମ୍ମାନ ବୃଦ୍ଧି ପାଇଥାଏ ।

ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନସ୍ଥଳୀ ଗୁଡିକ ପ୍ରକୃତିର ସୁନ୍ଦର ଦୃଶ୍ୟଗୁଡିକୁ ସଞ୍ଚିତ କରି ରହିଛି । ଅନେକ ପର୍ଯ୍ୟଟକ ଆସି ପ୍ରକୃତି ଓ ସୁନ୍ଦର ଦୃଶ୍ୟକୁ ଦେଖୁ ଆତ୍ମସନ୍ତୋଷ ଲାଭ କରନ୍ତି ।

ସମ୍ବଲପୁରର ଅନେକ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ମାଁ ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ, ଉଷାକୋଠୀ ବନ୍ୟଜନ୍ତୁ ଅଭୟାରଣ୍ୟ, ଡେବ୍ରିଗଡ ବନ୍ୟଜନ୍ତୁ ଅଭୟାରଣ୍ୟ, ହୁମାର ବକ୍ର ମନ୍ଦିର, ପ୍ରଧାନପାଟର ଜଳ ପ୍ରପାତ, ନରସିଂହ ମନ୍ଦିର, ହରିଶଙ୍କର ମନ୍ଦିର ଆଦିର ଧାର୍ମିକ ଓ ସାମାଜିକ ମହତ୍ତ୍ୱ ଅନେକ ରହିଛି । ପର୍ଯ୍ୟଟନ ସ୍ଥଳୀ କେବଳ ନିଯୁକ୍ତି ସୃଷ୍ଟି କରେ ତାହା ନୁହେଁ ବରଂ ଲୋକଙ୍କୁ ଐତିହାସିକ ଦୃଷ୍ଟିକୋଣ ସହିତ ପରିଚିତ କରାଏ ।

**ପର୍ବ ପର୍ବାଣୀ ଓ ଲୋକ ନୃତ୍ୟ:-**

ଏକ ସମ୍ପ୍ରଦାୟ ଦ୍ୱାରା ସେମାନଙ୍କର ସମ୍ପ୍ରଦାୟ, ସାଂସ୍କୃତିକ ଏବଂ ଧାର୍ମିକ ବିଶ୍ୱାସ ବଦଳରେ ବିଭିନ୍ନ ପର୍ବ ପାଳନ କରାଯାଏ ଯାହା ସେମାନଙ୍କ ମଧ୍ୟରେ ଏକ ନିବିଡ଼ ସମ୍ପର୍କର ବନ୍ଧନ ସୃଷ୍ଟି କରିଥାଏ । ପଶ୍ଚିମ ଓଡ଼ିଶାରେ ପାଳନ ହେଉଥିବା ଅଧିକାଂଶ ପର୍ବପର୍ବାଣୀ ଲୋକ ପରମ୍ପରା ଓ କୃଷି ଭିତ୍ତିକ । ପ୍ରକୃତିକୁ ମାତା ଭାବରେ ସମ୍ମାନ ଦେଇ ଅନେକ ପର୍ବ ମଧ୍ୟ ପାଳନ କରାଯାଏ । ପର୍ବପର୍ବାଣୀ ସମାଜରେ ଏକତା ଓ ବନ୍ଧୁତାକୁ ପ୍ରୋତ୍ସାହିତ କରିବା ସହିତ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିଥାଏ । ଅନେକ ସମୟରେ ନିଜ ଜନ୍ମ ସ୍ଥାନଠାରୁ ଦୂରରେ ରହୁଥିବା ଲୋକମାନେ ପରିବାର ସହିତ ପର୍ବ ପାଳନ କରିବାକୁ ଫେରି ଆସନ୍ତି ।

ଏହା ନିଜ ଜନ୍ମ ସ୍ଥାନ, ମାତୃଭୂମି ପ୍ରତି ପ୍ରେମ, ସ୍ନେହ ଓ ଭକ୍ତିର ପ୍ରତୀକ । ଭଗବାନ ଶିବ ଓ ମାତା ପାର୍ବତୀଙ୍କ ବିବାହ ସମାରୋହକୁ ଶୀତଳଷଷ୍ଠୀ ଭାବରେ ପ୍ରତିବର୍ଷ ଜୁନ କିମ୍ବା ଜୁଲାଇ ମାସରେ ପାଳନ କରାଯାଏ । ଏହି ପର୍ବ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ଚାଲିଥାଏ ।

ନୂଆଁଖାଇ ହେଉଛି ସମ୍ବଲପୁରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପର୍ବ । ଏହା ସାଧାରଣତଃ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ପଡ଼ିଥାଏ । ବିଭିନ୍ନ ପତ୍ରରେ ରନ୍ଧା ହୋଇଥିବା ଧାନ ଫସଲର ପ୍ରଥମ ଶସ୍ୟ ଦେବତାଙ୍କୁ ଅର୍ପଣ କରାଯାଇଥାଏ । ପରିବାରର ଜ୍ୟେଷ୍ଠ ସଦସ୍ୟ ସମସ୍ତଙ୍କୁ ନୂଆଁ ଶସ୍ୟରୁ ତିଆରି ଖାଦ୍ୟ ବଣ୍ଟନ କରିଥାନ୍ତି ।

ପଶ୍ଚିମ ଓଡ଼ିଶାରେ ଭାଇ ଜିଉଁତିଆ ମଧ୍ୟ ଏକ ମୁଖ୍ୟ ପର୍ବ । ଏହା ଦୁର୍ଗାପୂଜା ସମୟରେ ଅଷ୍ଟମୀ ଦିନରେ ପାଳନ କରାଯାଏ । ଭଉଣୀମାନେ ନିଜ ଭାଇମାନଙ୍କ ପାଇଁ ଉପବାସ ରଖିଥାନ୍ତି । ସେହିପରି ପୁଅଜିଉଁତିଆରେ ମାଆମାନେ ତାଙ୍କ ପୁଅଙ୍କ ପାଇଁ ଉପବାସ ରଖିଥାନ୍ତି ।

ସମ୍ବଲପୁରର ଆଦିବାସୀ ନୃତ୍ୟ ଏବଂ ସଙ୍ଗୀତର ଏକ ନିଆରା ଆକର୍ଷଣ ରହିଛି । ସଙ୍ଗୀତ ଓ ନୃତ୍ୟ ବିନା କୌଣସି ପର୍ବପର୍ବାଣୀ ସମ୍ପୂର୍ଣ୍ଣ ମନେ ହୁଏ ନାହିଁ । ପଶ୍ଚିମ ଓଡ଼ିଶାର ଅଧିକାଂଶ ସମ୍ପ୍ରଦାୟର ଲୋକ ନୃତ୍ୟ ଏକ କାର୍ଯ୍ୟ କିମ୍ବା ଦେବାଦେବୀଙ୍କ ପୂଜା ସହିତ ଜଡ଼ିତ । ସମ୍ବଲପୁର ହେଉଛି ଆଦିବାସୀ ନୃତ୍ୟର ମୁଖ୍ୟ ଅଞ୍ଚଳ ଯେଉଁ ଠାରେ ଆଦିବାସୀମାନେ ସୁନ୍ଦର ପାରମ୍ପାରିକ ଗୀତ ସହିତ ନୃତ୍ୟ କରନ୍ତି ! ସମ୍ବଲପୁରର ଲୋକ ନୃତ୍ୟ ବିଶ୍ୱପ୍ରସିଦ୍ଧ । ବିଭିନ୍ନ ଜନଜାତିର ଯୁବତୀମାନେ ଉତ୍ସବରେ ତାଳଖାଇ ନୃତ୍ୟ ପରିବେଷଣ କରିଥାନ୍ତି ।

ଏହି ଅଞ୍ଚଳରେ କରମା ନୃତ୍ୟ ମଧ୍ୟ ପାଳନ ହୁଏ । ଏହା ସାଧାରଣତଃ ପିଲାଛୁଆ ପାଇବା ପାଇଁ ଦେବତାଙ୍କୁ ପ୍ରସନ୍ନ କରିବାକୁ କରାଯାଏ । ପାରମ୍ପାରିକ ବାଦ୍ୟ ଯେମିତି ଢୋଲ୍, ମାନ୍ଦଲ, ନିଶାନ ଆଦି ବ୍ୟବହାର କରି ଦୁଇ ଧାଡ଼ିରେ ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥାନ୍ତି । ଅବିବାହିତ ଯୁବତୀଙ୍କ ଦ୍ୱାରା ଆଉ ଏକ ନୃତ୍ୟ କରାଯାଏ ଯାହାକୁ ହୁମ ଓ ବଉଳି କୁହାଯାଏ କିଛି ବିଶେଷ ପର୍ବ ସମୟରେ ହୁଏ ।

**ଖାଦ୍ୟ ଅଭ୍ୟାସ:**

ସଂସ୍କୃତିର ବିଭିନ୍ନ ଉପାଦାନ ମଧ୍ୟରେ ଖାଦ୍ୟ ସଂସ୍କୃତିର ରୂପ ଏବଂ ବ୍ୟାଖ୍ୟା କରିବାରେ ସହାୟକ ହୋଇଥାଏ । ବିଭିନ୍ନ ସଂସ୍କୃତିର ବିଭିନ୍ନ ଖାଦ୍ୟ ଅଭ୍ୟାସ ରହିଥାଏ ଏବଂ ଅଲଗା ଅଲଗା ଧର୍ମରେ ଖାଦ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥାଏ ।

ସମ୍ବଲପୁରର ଅଧିକାଂଶ ଅଞ୍ଚଳ ଆଦିବାସୀ । ଏହି ଅଞ୍ଚଳରେ ମହାନ୍ ସାଂସ୍କୃତିକ ବିବିଧତା ଦେଖାଯାଏ ଯାହା ଖାଦ୍ୟ ଅଭ୍ୟାସରେ ପ୍ରତିଫଳିତ ହୁଏ । ଉତ୍ତମ ଖାଦ୍ୟ ମାନସିକ ଏବଂ ଆଧାତ୍ମିକ ପୂର୍ଣ୍ଣତା ସହିତ ଅନ୍ତରଙ୍ଗ ଭାବେ ଜଡ଼ିତ ଏବଂ ସଂସ୍କୃତିକୁ ସମୃଦ୍ଧ କରିବାରେ ସହାୟକ ହୋଇଥାଏ ।

ପଶ୍ଚିମ ଓଡ଼ିଶାର 'କର୍ଡି' ଯାହାକି ବାଉଁଶରୁ ମିଳିଥାଏ, ଅନେକ ରୂପରେ ଯଥା ଶୁଖାଇ, ସିଝାଇ, ଆଚାର କରି, ଛୋଟ ଛୋଟ କରି ବ୍ୟବହାର କରାଯାଇଥାଏ ।

ସେହିପରି 'ହେଣ୍ଡୁଆ' ମଧ୍ୟ ବାଉଁଶରୁ ତିଆରି ହେଇଥାଏ । କରଡିକୁ କାଟି ସାରିଲା ପରେ ଅବଶିଷ୍ଟ ଅଂଶକୁ ଛୋଟ ଛୋଟ କରି ତିଆରି କରାଯାଏ । ଏହା ମୁଖ୍ୟତଃ ସ୍ୱାଦ ବୃଦ୍ଧି ପାଇଁ ବ୍ୟବହାର ହୋଇଥାଏ । ଏହାକୁ ଟମାଟର କିମ୍ବା ଛୋଟ ମାଛ ଯାହାକୁ 'ଝୁରୀ' କୁହାଯାଏ ତା ସହିତ ମିଶାଯାଇଥାଏ ।

'ଝୁରି ପୂର୍ଗା' ସମ୍ବଲପୁରର ଅନ୍ୟତମ ସୁସ୍ୱାଦୁ ଖାଦ୍ୟ । ଏହାକୁ ଛୋଟ ମାଛକୁ ମସଲାରେ ମିଶାଇ 'ସାଲ୍ ' ପତ୍ରରେ ଗୁଡ଼ାଇ ପୋଡ଼ାଯାଏ । ଏହାକୁ 'ପତରପୋଡ଼ା ଝୁରି' ମଧ୍ୟ କୁହାଯାଏ ।

ଚଟଣୀ ବେଶ୍ ଲୋକପ୍ରିୟ ଖାଦ୍ୟ ଭାବରେ ପରିଚିତ । ଲାଲ୍ ପିମ୍ପୁଡ଼ି ଏବଂ ତାର ଅଣ୍ଡାକୁ ମିଶାଇ ପ୍ରସ୍ତୁତ କରାଯାଏ । ଏହାର ଔଷଧୀୟ ଗୁଣ ରହିଥିବାରୁ ମଧ୍ୟ ବ୍ୟବହାର କରାଯାଏ ।

ଏ ସବୁ ବ୍ୟତୀତ ଆହୁରି ଖାଦ୍ୟ ଯଥା; ଲେଥା, ପାତଲ ଘଣ୍ଟା ଚଟଣୀ, ରୁଗଡା ଛତି, ମହୁଲ ରସ, ଚାଉଳ ବରା, ଘୁଲି ଇତ୍ୟାଦି ଲୋକମାନଙ୍କ ଦୈନନ୍ଦିନ ଜୀବନଶୈଳୀକୁ ପ୍ରଭାବିତ କରିଥାଏ ।

-ଝାରସୁଗୁଡ଼ା
ମୋ- ୬୩୭୨୧ ୯୬୩୬୯

# ହଜିଗଲାନ ହଲଗାଡ଼ି

● ଭୋଲାରାମ କୁମ୍ଭାର

ଦିନ୍‌ଥିଲା ଲୁକେ ହଲଗାଡି ମାନକେ କୁକୁରା ଡକା ପହ ପହନୁ ଜଙ୍ଗଲନୁ ଭରନ୍ ଭରନ୍ କାଠ୍ ଖୁଟ୍ ଲଦିକରି ଗାଁକେ ଫିରୁଥିଲେ । କେଁ କଟ୍ କେଁ କଟ୍ ଶୁନବାର୍‌କେ ମିଳୁଥିଲା । ଗାଁ ମୁଡସାନେ କି ଉତରେନ୍ ଚଘେନ୍ ଠାନେ ଗାଡି ଛତା ମାରିଦେଲେ କି ଡଁଣା ଆରା ପୁଟି ଛିଡ଼ି ଗଲେ ଛୁଆମାନକର୍ ଦେଖବାର୍ ଗୁଟେ ମଜା ଲାଗୁଥିଲା । ହଲିଆ କେତେବେଲେ ବଲଦର୍ ଲେଞ୍ଜ୍‌କେ ଘିଚି କରି ଉଠ୍‌ରେ ବଲି ପିଟୁଥିବା । ସେ ହଲଗାଡିମାନକେ ଲୁଦର୍ ଲୁଦର୍ ଧାନ୍, କୁଇଟ୍, ବାହାଲର ଚନା, ସୁରଜ୍ ମୁଖୀ, ମହୁଲ୍, କାଠଖୁଟ୍ ଆରୁ ଜାନ୍ ପକେଇ ଖରସି ଖେତ୍‌କେ ଦୁହାରୁ ଥିଲେ । ଗାଁ ଗଁଉଲିନେ ସେବେଲେ ଘୁରନି ଗାଡ଼ିଥି କନିଆଁ ଟୁକେଲ୍‌କେ ନେଇ ଛାଡୁଥିଲେ, ବରଯାତ୍‌ରୀ ଭି ଯାଉଥିଲେ । ଯେନ ଯେନତା ଗାଁମାନକର୍ ଗଁତିଆମାନେ ହଲଗାଡିଥି ବଘିକରି ଗାଏଦାମୁର୍ ଛେଲମେଡ଼ି ଘିନାବିକା କରି ଯାଉଥିଲେ । ଆଘୋକାଲେ ଇ ହଲଗାଡିଥି ଭିଲ୍ ଡାକତରଖାନା ନେଉଥିଲେ । ସେବେଲେ ଯାହାର୍ ବାଟଦୁଆର୍‌କେ ଦେଖବ୍ ବଲଦ୍ ଗୁହାଲ୍‌ଟେ ଥିଲା । ଘରର୍ ବାଏର୍ ପଛଲିନ ହଲଗାଡିଟେ ଠିଆ ହେଇଥିଲା । ହେଲେ କାଏଁ କରବ ସମିଆର୍ ଚକରଥି ସବୁ ବଦଲିଗଲା । ଇହାଦେ ଆରୁ କାହୁଁ ପାଏବ୍ ସେ ହଲ ବଲଦ୍ ଛେଲମେରଷ୍ମ ରଙ୍କଭମଷ୍ମସକ୍ଟଭ ..."ଜି ଗାଏ ଦାମୁର୍ କୁକୁରା ଛେମରା । ଇହାଦେ ସବୁ ହଜି ଯାଉଛେ । ପରତେକ୍ ଘରର୍ ବାଟ୍ ଦୁଆରର୍ ପରଚିମାନକେ ଲୁଦର୍ ଜାନ୍ ଘୁରନିମାନେ ଥୁଆ ହେଇଥିଲା । ହେଲେ ଇହାଦେର୍ ଡିଜିଟାଲ ଜମାନାର୍ ସମିଆଥି ହଲଗାଡିର ନାଇ ନ ଦେଖା । ସମିଆ ସାଙ୍ଗେ ଯୁଗ୍ ବଦଲି କରି ମୁନୁଷ୍ ତାର୍ ଗିଆନ୍ ଧିଆନ୍ ଲଗେଇ କରି ଧାନ୍ ଖତ୍ କାଠ୍ ଦୁହାରିବାର ଲାଗି ଟେକଟର୍ ପାବାରଟେଲର୍ ଧାନମଡା ମିସିନ୍ ଧାନକଟା ମିସିନ୍ କେତେ ଯେ ବନେଇ ଦେଲା । ଇ ଛନିକିଆ ସୁଖର୍ ଲାଗି ଏଭର୍ ମୁନୁଷ୍ ଆଘର୍ ଜିନିଷ୍‌ପତର୍ ଆରୁ ହଲଗାଡିକେ ପାସରି ଦେଲାନ ।

ଆସୁନ୍ ତାନେ, ହଲଗାଡି କେନତା କରିବନା ହେଇଛେ ଆରୁ କାଁ କାଁଣା ଲାଗିଛେ ଜାନମା । ହଲଗାଡିର୍ ଡଁଣା ଦଶ୍ ହାତ୍ ଲମ୍ ଥିସି ଇଟା ରେଙ୍ଗାଲ୍ ଗଛେ ବନାହେଇ ଥିସି । ଢଁକର୍ ଚାଏର୍ ହାତ୍ ଲମ୍ ଥିସି । ଢଁକର୍ ଭିତରେ ଫୁଡକରି ପଟା ଲଗାସନ୍ । ଡଁଣାର୍ ତଲେ ପଛଲା ଖୁଟି ଲଗେଇଥିସନ୍ । ଚକା ଦୁଇଟା ରେଙ୍ଗାଲ୍ ଗଛେ ବନାହେଇଥିସି ତାକର୍ ଉଁଚା ବନେ ବରକସ୍, ଛାତେ ଡେଙ୍ଗ୍ ଥିସି । ଚକାର୍ ଅଛାଡ୍ ଧଁରା ଗଛେ ବନାହେଇଥିସି । ଅଛାଡ୍ ପାଁଚ୍ ହାତ୍ ଲମା ଆରୁ ଅଛାଡ୍ ତଲେ ସିଟି ପଟା ଦୁଇ ଦୁଇଟା ଦୁହି ଫାଲେ ପାଁଚ ହାତର୍ ଲାଗିଥିସି । ଚକାର୍ ମଝାଥି ଲୁହାର୍ ସମା ଲାଗି ତାର୍ ଉପରେ ତୁମି ସେତାକେ ଫେର୍ ମୁହୁଟି ବଲା ଚେପେଇ କରି ରଖିଥିସି । ଚକାଥି ଛ'ପଟ୍ ପୁଟି ଆରୁ ବାର ପଟ୍ ଆରା ଲାଗିଥିସି, ତାର୍ ଉପରେ ଲୁହାର୍ ଲାଲି ଲଗା ହେଇଥିସି । ଚକାର୍ ବାହାରି ଫାଲେ ସମା ଲାଗି କରି କାନ୍ ଖିଲା ଲାଗିଥିସି । ଚକା ନେଇ ହିଟି ଯିବା ବଲି କାଁଣେ ଚାଏର୍ ଆଙ୍ଗୁଲର୍ କରଲା ନେଇଁ ହେଲେ ବାନ୍ଧେନ୍ ଗଛର୍ କାନ୍‌ଖିଲା ଦେଇଥିସନ୍ । ଡଁଣାରଥି ପଛଫାଲେ ଆର୍ ମଝି ଦୁଇ ଦୁଇଟା ଚାଏରଟା କେରଙ୍ଗେଲା ଲଗାହେସି । ହଲଗାଡିର୍ ମଝିର୍ ଢଁକର୍ ଦୁଇ ହାତ୍ କାଁଡେ ରହିଥିସି । ସେନ ବି ଦୁଇଟା କେରଙ୍ଗେଲା ଲଗାସନ୍ ସେଟା ଧଁରା ନେଇ ତ ଭେଁରୁ ଗଛର୍ ହେବାର ଦରକାର । ତାର

ଉପରକେ ଲୁଥରି ଲାଗିଥିସି ହାତେ ହେବା ତାର୍ ଲମ୍ । ଲୁଥରି ଯେ ଯେନତା ହଲଗାଡି ଲଗେଇ ଥିସନ୍ । ଟିକେ ଉପରେ ହାତେ ଲମର୍ ଧୁରା ଖୁଟି/ଧଁଏର୍ ଖୁଟି ଲଗେଇ ଥିସନ୍ । ତେହେଁରୁ ଜୁଆଡ୍ ଗୁଲାହେଇ କରି ଚାଏରହାତ୍ କାଁଣେ ଥିସି । ଦୁଇ ଫାଲେ ପଟେଲ୍ ଦୁଇଟା ହାତେ ଲେଖା ଲମା ଲଗେଇଥିସନ୍, ସେନ ଫେର୍ ଦଁରା ଛିଙ୍ଗଲାବାର୍ ଲାଗି ଫୁଡ୍ ଦୁଇଟା ଫୁଡିଥିସନ୍ । ଜୁଆଡ୍ ଯେନ୍ ମଝି ରହେସି ସେ ଜାଗାକେ ତଁର୍ କହେସନ୍ । ସାମାନ୍ ପତର୍ ଲଦଲେ ଗାଡିକେ ଟେକବାର୍ ଲାଗି ଇଂଲିସର୍ ଏ ଭଲିଆ ଧୁରି /ଷ୍ଟେନ୍ ଖେକନିଆ ଟା ଗାଡିର୍ ପଛଲି ଆଡେ ଉଲେଇ ଦେଇଥିସନ୍ । ହଲଗାଡିର୍ ଜୁଆଡ୍ ବିଜା, ସୁନାରୀ, ବାନ୍ଧେନ୍, ଶିଶୋ, ରେଙ୍ଗାଲ୍ ଗଛର୍ ବନାହେଇଥିସି । ସେନତା ଚକା ଆରା ପୁଟି କେ ଅଗବି ରେଙ୍ଗାଲ୍ ଗଛେ ବନାହେସି । ଜୁଆଡ୍‌ଥି ଦୁଇଟା ବଲଦ୍‌କେ ଫାନ୍ଦସନ୍ ଡେବରି ଫାଲରଟା କେ 'ତତ' ଆରୁ ଭୁଜନି ଫାଲରଟା କେ 'ଅର୍' ବଲି କହେସନ୍ । ଦୁଇ ବଲଦର୍ ମୁହେଁ ମୁହୁଟି ଦଁରା ବନେଇ କରି ଲଗେଇ ଥିସନ୍ । ସୁନ୍ଦର୍ ଦିଶବାର୍ ଲାଗି ଝରା ଝେଲ୍ ବି ବଲଦ୍‌କେ ପିନ୍ଧେଇ କରି ବେଁକେ ଘାଗର୍ ବଡ଼ ବଡ଼ ଘଁଟି ବାନ୍ଧୁ ଥିଲେ । ଦୁରିଆନୁ ହଲଗାଡି ଆସୁଥିଲେ ଲୁକେ ଘାଗରର୍ ଆବାଜ୍ ସୁନି କରି ଇଟା ସେ ଅମକାର୍ ହଲଗାଡି ଆଉଛେରେ... କହୁଥିଲେ । ଆଘେକାଲେ ଭିନ୍ ଭିନ୍ କିସମର୍ ସାମାନ୍ ପତର୍ ମାନେ ଦୁହୁରା ବିହୁରା କରୁଥିଲେ । ଯେନତା ଲୁଦର୍ ପକେଇକରି ଧାନ୍ ପୁରୁଗ୍ ପୁରୁଗ୍, କାନ୍ଦୁଲ୍ କୁଲୁତ୍ କୁଇଟ୍, କୁଁଣା ଆରୁ ଜାନ୍ ପକେଇ କରି ଖରସି /ଖତ୍ ଖେତଖଲାକେ ଦୁହାରୁ ଥିଲେ । ହଲଗାଡି ଉପରେ ଘୁରନି ଲଗେଇକରି ଦୁଇ ଫାଲେ କପଡା ଖଁଡେ ଲେଖା ଛେକା ଦିଅନ୍ ଖରା ନେଇ ଚରଚରାବା ପାଏବା ବଲି । ସେନୁ ଫେର୍ କନିଆଁ ଟୁକେଲ୍‌କେ ଶାଶ୍ ଘର୍‌କେ ନେଇ ଛାଡୁଥିଲେ । ଇ ହଲଗାଡି ଥି ଖାସକରି ଡଁକର୍ ତଲେ ପୁଢ୍ ସିଙ୍ଗର୍ ଅଙ୍ଗେନ୍ ନଲା ଉଲଉଥିଲେ । କେନ ବାଟେ ଘାଟେ ଛତା ମାରଲେ ନେଇ ତ କେଁ କଟ୍ କେଁ କଟ୍ କରଲେ ଅଙ୍ଗେନ୍ ଟିକେ ଟିକେ ଲଗେଇ ଦେଉଥିଲେ ।

ହଲଗାଡି କେନ ମହାପୁରୁଷ୍ ତାକର୍ ଏକଲବ୍ୟ ବୈଗିଆନିକ୍ ଗିଆନ୍ ଲଗେଇ କରି ଆମର୍ ଲାଗି ବନେଇ ଦେଇ ଯାଇଛନ୍ । ଧନ୍ୟ ସେ ହଲଗାଡିର୍ ବୈଗିଆନିକ୍ ତମର୍ ପାହା ତଲେ କୁଟି କୁଟି ମୁଡିଆ । ମୁନୁଷ୍ ସମାଜର୍ ହିତର୍ ଲାଗି କେଡେନି କାମ୍‌ଟେ କରିଦେଇ ଯାଇଛନ୍ । ହେଲେ ଆମେ ସେତାର୍ ବେଭାର୍ ଠିକ୍ ହିସାବେ ନେଇ କରବାର୍ ଆରୁ ଯତନ୍ ରତନ୍ ବି ନେଇ କରବା ଇହାଦେର୍ ମୁନୁଷ୍ ଆଧୁନିକର ଚାପେ ପଡିକରି ଟେକଟର୍ ପାବାରଟେଲର୍ ଲଗେଇ କରି ଅଯଥା ପଏସା ସାରୁଛନ୍ । ଇ ହଲ ନଙ୍ଗଲର୍ ବଲଦ ଗାଡି ଛାଁଡଲା ଦିନୁ ଆମର୍ ଇଠାନେ ଚାଷବାଷ୍ ଆଘର ଏନତା ନେଇ ହେବାରନ । ମିସିନ୍ ନେଇ ଲଗେଇ ଆମେ ଆମର ଦେଶିଆ ଚାଷ୍ କରିପାରଲେ ଦୁଇ ପଏସା ଛଁଟି କରି ରଖିପାରମା । ତାର ସାଙ୍ଗେ ସାଙ୍ଗେ ଆମର ଦିହିଁ ପାଏନ୍ ଭିଲ ବନେ ରହେତା ।

- ବି.ଇଡି ପ୍ରଥମ ବର୍ଷ ଛାତ୍ର,
କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ
କୁତମୁଣ୍ଡା, ପାଟଣାଗଡ଼
ବଲାଙ୍ଗୀର - ୯୦୯୦୭୩୨୧୩୦

# ସଂସ୍କୃତି ସଂରକ୍ଷଣରେ ଲୋକର ଭୂମିକା

● ଦେବେନ ପଟେଲ

ସମୟ ପରିବର୍ତ୍ତନଶୀଳ । ଅବକ୍ଷୟ ଏହାର ଧର୍ମ । ଏହା ଡାଇନୋସରଙ୍କ ଭଳି ବୃହତ ଜୀବଙ୍କୁ ସମୂହ ନାଶ କରି ଦେଇଥିବାବେଳେ ଯେଉଁଠି ଦିନେ ସମୁଦ୍ରର ଢ଼େଉ କୂଳ ଖାଉଥିଲା ସେହିଠାରେ ଆଜି ଏଭେରେଷ୍ଟ ପରି ବୃହତ ଗିରଶୃଙ୍ଗଙ୍କୁ ଧାରଣ କରୁଥିବା ହିମାଳୟ ପର୍ବତମାଳା ଅବସ୍ଥିତ ।

ସମୟ ପ୍ରଭାବରେ ବଡ଼ ବଡ଼ ସଭ୍ୟତା ଆଜି ଅବଲୁପ୍ତ । ଗ୍ରୀକ, ରୋମ, ବେବିଲୋନ, ମାୟା ସମେତ ମହଞ୍ଜୋଦାରୋ, ହରପ୍ପା ପରି ବହୁ ଉନ୍ନତ ସଭ୍ୟତା ସମୟକ୍ରମେ ନିଜର ଅସ୍ତିତ୍ୱ ହରାଇଛନ୍ତି । ଏହାସହିତ ହଜିଯାଇଛି ତତ୍‌କାଳୀନ ସମୟରେ ଜ୍ଞାନ, କୌଶଳ । ହଜିଯାଇଛି ବିକାଶର ଦିଗନ୍ତ । ଆଜି ମଧ୍ୟ ପିରାମିଡ୍ ଦେଖିଲେ ଏହାର ନିର୍ମାଣଶୈଳୀକୁ ନେଇ ଆଶ୍ଚର୍ଯ୍ୟ ହେବାକୁ ପଡେ । ଉନ୍ନତ କାରିଗରୀ ଓ ପ୍ରଯୁକ୍ତି ବିନା ଏତେ ସବୁ କାରୁକୌଶଳ କିଭଳି ସମ୍ଭବ ତାହା ପ୍ରଶ୍ନବାଚୀ ହୋଇ ରହିଛି । ଭାରତର ମହାରାଷ୍ଟ୍ର ସ୍ଥିତ ଏଲୋରା ଗୁମ୍ଫା ଗୋଟିଏ ପଥରରେ ତିଆରି ହୋଇପାରିଛି । ଓଡ଼ିଶାର କୋଣାର୍କର କାରୁକାର୍ଯ୍ୟ ଆଜି ମଧ୍ୟ ବିଶ୍ୱକୁ ଚକିତ କରେ । ତତ୍‌କାଳୀନ ସମୟର ସ୍ଥିତି, ଜ୍ଞାନ, କୌଶଳ ସବୁକିଛି ହଜିଯାଇଛି । ତେବେ ଏହାର ଛିଟା ବିଭିନ୍ନ ଲୋକ ସଂସ୍କୃତିରେ ଦେଖିବାକୁ ମିଳେ । ଧର୍ମପଦର କାହାଣୀ ପାଲା, ଦାସକାଠିଆ ପରି ଲୋକ ସଂସ୍କୃତି ମଧ୍ୟରେ କୋଣାର୍କର କାହାଣୀକୁ ବଞ୍ଚାଇ ରଖିଛି । ଏହିପରି ବିଭିନ୍ନ ପ୍ରାନ୍ତରରେ ସେହି ଅଞ୍ଚଳର ଗାଥାକୁ ଲୋକସଂସ୍କୃତି ବଖାଣିଥାଏ । ରାମାୟଣ, ମହାଭାରତର କାହାଣୀ ମଧ୍ୟରେ ଉଡ଼ାଜାହାଜ, ଟେଷ୍ଟଟ୍ୟୁବ ବେବି, ମିସାଇଲ ଏପରିକି ପରମାଣୁ ବୋମାର ତତ୍ତ୍ୱକୁ ସଂରକ୍ଷିତ କରି ରଖାଯାଇ ପାରିଛି । ବେଦର ଗଭୀର ତତ୍ତ୍ୱଜ୍ଞାନ ଯେତେବେଳେ ସାଧାରଣ ଲୋକଙ୍କ ପାଇଁ ଦୁର୍ଭେଦ୍ୟ ହେଲା ସେ ସମୟରେ ବେଦବ୍ୟାସ କୃଷ୍ଣ ଦ୍ୱୈପାୟନ ଅଠରଖଣ୍ଡ ମହାଭାରତର ରଚନା କରି ଏହାକୁ ସହଜ ବୋଧଗମ୍ୟ କରି ପାରିଥିଲେ । ୨୮ତମ ବେଦବ୍ୟାସ ଭାବେ କୃଷ୍ଣ ଦ୍ୱୈପାୟନ ବେଦକୁ ସରଳ କରିଥଲେ । ଏହା ସତ୍ତ୍ୱେ ସାଧାରଣ ଲୋକଙ୍କ ପାଇଁ ସେ ମହାଭାରତର ରଚନା କରି ସମସ୍ତ ବେଦର ଜ୍ଞାନକୁ ହସ୍ତିନାପୁରର କୌରବ ଓ ପାଣ୍ଡବଙ୍କ ମଧ୍ୟରେ ଭାଇ ଭାଗକୁ ନେଇ ହୋଇଥିବା ଯୁଦ୍ଧର କାହାଣୀ ମାଧ୍ୟମରେ ସରଳ କରି ଦେଇଥିଲେ । ଗୀତା ଯାହାକୁ ସାରା ବିଶ୍ୱ ଏକ ଶ୍ରଦ୍ଧାର ଚାହାଣୀରେ ଦେଖୁଛି ମହାଭାରତର ଏକ ଅଙ୍ଗ ମାତ୍ର । ତେଣୁ ଯଥାର୍ଥରେ କୁହାଯାଇଛି 'ସାରା ଜଗତରେ ଏମିତି କିଛି ନାହିଁ, ଯାହା ମହାଭାରତରେ ନାହିଁ ଏବଂ ଯାହା ମହାଭାରତରେ ନାହିଁ ତାହା ସାରା ଜଗତରେ ନାହିଁ ।' ତେବେ ପ୍ରାଚୀନ ଭାରତୀୟ ସଂସ୍କୃତିର ଗାଥାକୁ ଏକ ଗାଥା ମାଧ୍ୟମରେ କିଭଳି ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷିତ କରି ରଖାଯାଇ ପାରେ ମହାଭାରତ ତାର ଏକ ଉତ୍କୃଷ୍ଟ ଉଦାହରଣ । ଏଭଳି ଭାବେ ବିଭିନ୍ନ ସଭ୍ୟତାର ମୂଳ ତତ୍ତ୍ୱଗୁଡିକର ସେଠାକାର ଲୋକକଥା, ଲୋକନୃତ୍ୟ, ଛଟା, ଢ଼ଗଢ଼ମାଳି, ଲୋକନାଟକ ମଧ୍ୟରେ ବଞ୍ଚି ରହିଛି ।

ଲୋକ ସଂସ୍କୃତି କୌଣସି ମଧ ଦେଶ ବା ଜାତିର ହେଉଛି ମୂଳ ପରିଚୟ । କାରଣ ଲୋକ ସଂସ୍କୃତିର ନିହ ଉପରେ ହିଁ ସଂପୃକ୍ତ ରାଷ୍ଟ୍ରର ବିକାଶ ଘଟିଥାଏ । ତେଣୁ କୌଣସି ମଧ୍ୟ ଜାତି ବିକାଶର ଯେତେ ଉଚ୍ଚତମ ସୋପାନକୁ ପହଞ୍ଚିଲେ ମଧ୍ୟ ସେମାନେ ପଛକୁ ଫେରି ଚାହିଁଥାନ୍ତି । ନିଜର ସଂସ୍କୃତି ଓ ପରମ୍ପରାକୁ ଖୋଜିଥାନ୍ତି । ଏହି ପରିପ୍ରେକ୍ଷୀରେ ଲୋକ ସଂସ୍କୃତିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । କାରଣ ଲୋକ ସଂସ୍କୃତି ମଧ୍ୟରେ

ମୂଳ ତତ୍ତ୍ୱଗୁଡିକ ପରମ୍ପରା, ରୀତିନୀତି ଆକାରରେ ଲୋକଙ୍କ ମଧ୍ୟରେ ପିଢ଼ି ପରେ ପିଢ଼ି ବଞ୍ଚି ରହିଥାଏ । ସନାତନ ଧର୍ମରେ ବେଦୀ, ଦ୍ୱିବେଦୀ, ତ୍ରିବେଦୀ, ଚର୍ତୁବେଦୀ ସାଙ୍ଖାଧାରୀମାନେ ବେଦର ଜ୍ଞାନକୁ ଭବିଷ୍ୟତ ବଂଶଧରଙ୍କ ପାଇଁ ପିଢ଼ି ପରେ ପିଢ଼ି ମନେ ରଖୁଥିଲେ । ଅବଶ୍ୟ ଏଥିରେ ମଧ୍ୟ ଏବେ ଅବକ୍ଷୟ ଦେଖାଦେଲାଣି । ଆଧୁନିକତାର ଛାପରେ ବହୁ ପରମ୍ପରା ତାର ମୂଳ ସ୍ୱରୂପ ହରାଇଲାଣି । ଏହା ବଦଳରେ କେତେକ ଅପସଂସ୍କୃତି ସ୍ଥାନ ନେଇ ସାରିଲାଣି । ଓଡ଼ିଆ ସଂସ୍କୃତିରେ ରକ୍ଷାବନ୍ଧନ, କରୱାଚୌଥ, ବୋଲବମ୍, ବିବାହ ସମୟରେ ହଳଦି, ମେହେନ୍ଦି ଭଳି ଉତ୍ସବ ଆସ୍ଥାନ ଜମାଇ ସାରିଲାଣି । ଏହି ସବୁ ଉତ୍ସବକୁ ଅପସଂସ୍କୃତି କୁହାଯାଉ ନାହିଁ; ମାତ୍ର ଭୌଗୋଳିକ ସ୍ଥିତି ଏବଂ ବିଭିନ୍ନ କାରଣରୁ ଅନ୍ୟତ୍ର ପାଳନ ହେଉଥିବା ଉତ୍ସବଗୁଡିକର ଅନୁପ୍ରବେଶ ଦ୍ୱାରା ଶୁଦ୍ଧ ଓଡ଼ିଆ ସଂସ୍କୃତିର ବିକୃତ ହେବାରେ ଲାଗିଛି । ହୁଏତ ଆଉ କିଛି ପିଢ଼ି ପରେ ବୋଲବମ ଯାତ୍ରାକୁ ମୂଳ ଓଡ଼ିଆ ସଂସ୍କୃତି ବୋଲି କିଛି ଲୋକ ଦାବି କରିପାରନ୍ତି ।

ମାତ୍ର ବହୁ ଆଦିବାସୀ ତଥା ଆଭ୍ୟନ୍ତରୀଣ ଅଞ୍ଚଳରେ ରହୁଥିବା ଲୋକଙ୍କ ମଧ୍ୟରେ ମୂଳ ସଂସ୍କୃତିଗୁଡିକ ଅକ୍ଷତ ଅବସ୍ଥାରେ ରହିଛି । ସେମାନଙ୍କର ନୃତ୍ୟ, ଗୀତ, ବାଦ୍ୟ, କଳା, କାହାଣୀରେ ସଂସ୍କୃତିର ଏକ ପ୍ରବାହମାନ ଧାରା ରହିଛି । ଲୋକକଥା, ଲୋକଗୀତରେ ବହୁ ଉନ୍ନତ ଗାଥା ଲୁଚି ରହିଛି । ବହୁ ସମୟରେ ଲୋକ ସଂସ୍କୃତିର କୌଣସି ନିର୍ଦ୍ଦିଷ୍ଟ ଆକାର, ପ୍ରକାର କିମ୍ବା ବ୍ୟାକରଣ ନଥାଏ । ଗୋଟିଏ କଥା ସହ ଅନ୍ୟ କଥାର ସାମଞ୍ଜସ୍ୟ ନଥାଏ । ଏହା ସତ୍ତ୍ୱେ ଏହା ସର୍ବଗୃହୀତ ହୋଇ ଲୋକାଦୃତ ହୋଇଥାଏ । ତେବେ ଏହା ମଧ୍ୟରେ ହଜିଯାଇଥିବା ଖିଅକୁ ଖୋଜି ବାହାର କରିବା ଏବଂ ଏହାର ମୂଳ ସ୍ୱରୂପକୁ ସଂରକ୍ଷିତ କରି ପରବର୍ତ୍ତୀ ପିଢ଼ି ଯାଏଁ ନେଇଯିବାର ସାଂପ୍ରତିକ ସମୟର ଏକ ବଡ଼ ଆହ୍ୱାନ ।

ଭାରତ ହେଉଛି ଭିନ୍ନତା ମଧ୍ୟରେ ଏକତାର ଏକ ଦେଶ । ବିଭିନ୍ନ ପ୍ରାନ୍ତରର ଲୋକସଂସ୍କୃତି ଭିନ୍ନ ଭିନ୍ନ । ଚଳଣି ଭିନ୍ନ, ଭାଷା ଭିନ୍ନ, ଆଚାର ବ୍ୟବହାର ଭିନ୍ନ । ତେବେ ଏହାରି ମଧ୍ୟରେ ଭାରତର ମହାନ ସଂସ୍କୃତି, ପରମ୍ପରା ଲୁଚି ରହିଛି । ଉତ୍ତର ଭାରତ ଓ ଦକ୍ଷିଣ ଭାରର ମନ୍ଦିର ନିର୍ମାଣ ଶୈଳୀ ସମ୍ପୂର୍ଣ୍ଣ ଭିନ୍ନ । କିନ୍ତୁ ଏହା ଭାରତର ବହୁମୁଖୀ ସ୍ଥାପତ୍ୟ କଳାର ଗାଥାକୁ ବଖାଣିଥାଏ ଏବଂ ଏହା ଭାରତୀୟ ସଂସ୍କୃତିର ମହାନତା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭିନ୍ନତାରେ ଏକତାକୁବାନ୍ଧି ରଖିବା କୌଣସି ଛୋଟ କଥା ନୁହେଁ ।

ଲୋକ ସଂସ୍କୃତି ଆମ ସଂସ୍କୃତିର ମୂଳ ସ୍ୱରୁପକୁ ସଂରକ୍ଷିତ ରଖିବା ସହ ଆମର ପରମ୍ପରାକୁ ଆଗକୁ ବଢ଼ାଇଥାଏ । ନୃତ୍ୟ, ଗୀତ, କଳା ଆଦି ମାଧ୍ୟମରେ ଲୋକ ସଂସ୍କୃତି ଆମର ପରମ୍ପରାକୁ ପାଳନ କରୁଥିବାରୁ ଆମର ରୀତିନୀତିଗୁଡିକ ସହଜରେ ଲୋକାଦୃତ ହୋଇ ରହିଯାଏ । ଲୋକସଂସ୍କୃତି ଆମ ଲୋକକଳାର ବିକାଶରେ ମଧ୍ୟ ସହାୟକ ହୋଇଥାଏ । ଲୋକ ସଂସ୍କୃତି ଆମର ସାମାଜିକ ଏକତାର ପ୍ରତୀକ । ଏହା ଆମକୁ ଗୋଷ୍ଠୀଗତ ଜୀବନର ଭାବ ମଧ୍ୟରେ ପରସ୍ପର ସହିତ ଯୋଡ଼ି ରଖିଥାଏ ।

ସଂସ୍କୃତି, ପରମ୍ପରା ହେଉଛି କୌଣସି ମଧ୍ୟ ଜାତିର ବୁନିଆଦ ବା ତାର ନିହ । ଏହାରି ଉପରେ ସେହି ଜାତି ଓ ତାର ଭବିଷ୍ୟତ ଛିଡ଼ା ହୋଇ ରହିଛି । ତେଣୁ ଯାହାର ସଂସ୍କୃତି ଯେତେ ପୁରୁଣା, ଯେତେ ସମୃଦ୍ଧ ସେହି ରାଷ୍ଟ୍ର ବା ଜାତି ସେତେ ଉନ୍ନତ । ବହୁ ପାଶ୍ଚାତ୍ୟ ଦେଶ ଦୁଇ ତିନି ହଜାର ବର୍ଷର ତାଙ୍କର ଇତିହାସ ସମ୍ପର୍କରେ କେବଳ କହି ପାରୁଥିବାବେଳେ ଭାରତୀୟ ଇତିହାସ ବହୁ ପ୍ରାଚୀନ । ପୁରୁଣା ଜିନିଷ ଦେଖାଇବାର ଜିନିଷ । ଯାହାର ପୁରୁଣା ଜିନିଷ ନାହିଁ ତାର ବୁନିଆଦି ନାହିଁ । ତେଣୁ ଲୋକ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ନିହାତି ଆବଶ୍ୟକ ।

ଗ୍ରାମାଞ୍ଚଳରୁ ଧୀରେ ଧାରେ ହଜି ଯାଉଥିବା ସଂସ୍କୃତି ଅନ୍ତତଃ ମଞ୍ଚରେ ବଞ୍ଚି ରହିଲେ ପର ପିଢ଼ି ପାଇଁ ମୂଳ ରୂପରେ ସଂରକ୍ଷିତ ହୋଇ ରହିଯିବ । ଅନ୍ୟଥା ଯେଉଁଭଳି ଭାବେ ସଂସ୍କୃତିରେ ଅପସଂସ୍କୃତିର ଅନୁପ୍ରବେଶ ଘଟୁଛି ଏକ ସମୟ ଆସିବ ସଂସ୍କୃତି ବିକୃତ ହୋଇଯିବ । ଆଜିକାଲି କୀର୍ତ୍ତନ, ପାଲା, ସଞ୍ଚାର ଭଳି ଭାବ, ଭକ୍ତିମୟ ପରମ୍ପରା ଯାହାକି ଗ୍ରାମାଞ୍ଚଳରେ ବହୁଳ ବ୍ୟବହୃତ ଆଦୃତ ସେଥିରେ ଆଧୁନିକତା ଏଭଳି ଭାବେ ପଶିଗଲାଣି ଯେ ଏହା କେବଳ ମନୋରଞ୍ଜନର ମାଧ୍ୟମ ହୋଇ ରହିଯାଇଛି । ତେଣୁ ମାନସିକତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି । ଅବଶ୍ୟ ସମୟ ସହ ସଂସ୍କୃତି ମଧ୍ୟ ସତ୍ତା ହରାଉଛି । ଆଜିକାଲି ହଳରେ ଆଉ ଚାଷ କରାଯାଉ ନାହିଁ । ତେଣୁ ପାୱାର ଟିଲର ଚଳାଉଥିବା ବ୍ୟକ୍ତି ମୁହଁରୁ ଯେ ହଲିଆ ଗୀତ ବାହାରିବ ସେ ଆଶା କରିବା ନିରର୍ଥକ । କିନ୍ତୁ ହଲିଆ ଗୀତ ଭଳି

ଗ୍ରାମାଞ୍ଚଳରେ ରହିଯାଇଥିବା ଏଭଳି ସଂସ୍କୃତିକୁ ବଞ୍ଚାଇ ରଖିବାର ଯଥେଷ୍ଟ ଆବଶ୍ୟକତା ରହିଛି । ବିଶେଷତଃ ଯୁବପିଢ଼ି କେବଳ ଯନ୍ତ୍ର ଯୁଗରେ ସୀମିତ ନ ରହି ଏ ଦିଗରେ ଆଗେଇ ଆସିଲେ ଜୀବନର ଅସଲ ତଥା ନିଆରା ମଜା ମଧ୍ୟ ସେମାନେ ପାଇପାରିବେ ।

ସାଂପ୍ରତିକ ସମୟକୁ ଦେଖିଲେ ଯୁବ ପିଢ଼ି ସାମାଜିକ ଗଣମାଧ୍ୟମରେ ନିଜକୁ ସୀମିତ କରି ଦେଉଛନ୍ତି । ଆଗଭଳି ଆଉ ପ୍ରତି ପିଲା ଘରୁ ବାହାରକୁ ଯାଇ ଗୁଡୁ, କେଲି, କବାଡି, ବୋହୁଚୋରି, ନଟୁ ଭଳି ଖେଳ ଖେଳିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହିଁ । ଏହା ବଦଳରେ ମୋବାଇଲ୍‌ରେ ଆଭାସି ଜରିଆରେ ନିଜର କ୍ରିକେଟ ଦଳ ତିଆରି କରି ଏକ କୃତ୍ରିମ ପରିବେଶରେ ଖେଳ ଖେଳୁଛି । ତେବେ ଏହା ହିଁ ହେଉଛି ଯୁଗରୁଚି । ଏହାକୁ ସାମାନ୍ୟ ପରିବର୍ତ୍ତନ କରାଯାଇ ପାରେ ସିନା ମାତ୍ର ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ତେବେ ଅବକ୍ଷୟମୁଖୀ ସଂସ୍କୃତିକୁ ସଂରକ୍ଷଣ କରିବାକୁ ହେଲେ ଆଧୁନିକତାର ଏହି ସବୁ ଆୟୁଧକୁ ବ୍ୟବହାର କରିବାକୁ ପଡିବ ।

ସାମ୍ପ୍ରତିକ ପରିସ୍ଥିତିରେ ଲୋକ ସଂସ୍କୃତିର ଉତ୍‌ଥାନରେ ସାମାଜିକ ଗଣମାଧ୍ୟମର ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଛି । ଯେଉଁଥିରେ କି ଯେ କୌଣସି ସୀମା ସରହଦକୁ ଅତିକ୍ରମ କରାଯାଇ ପାରିବ । ମୁଖ୍ୟଧାରାରେ ଥିବା ଗଣମାଧ୍ୟମ ପୂର୍ବରୁ କେବଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ବ୍ୟକ୍ତିବିଶେଷ ହାତବାରିସୀ ହୋଇ ରହିଥିଲା । ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ସାମାଜିକ ଗଣମାଧ୍ୟମ ଲୋକଙ୍କ ପାଖରେ ପହଞ୍ଚି ଯାଇଛି । ମୋବାଇଲ୍ ଟିପରେ ସାରା ସଂସାର ଖବର ଆସି ଯାଉଥିବାବେଳେ ଏହାରି ମାଧ୍ୟମରେ ଲୋକେ ତାଙ୍କର ଭାବକୁ ଅନ୍ୟ ଆଗରେ ଖୁବ୍ ସହଜରେ ପରିପ୍ରକାଶ କରି ପାରୁଛନ୍ତି । ତେଣୁ ଏହି ମାଧ୍ୟମ ଧିରେ ଧିରେ ଖୁବ ଲୋକପ୍ରିୟ ହେବାରେ ଲାଗିଛି ।

ପାରମ୍ପରିକ ଗଣମାଧ୍ୟମ କହିଲେ ଆମେ ମୁଖ୍ୟତଃ ଛାପା ଓ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମକୁ ବୁଝିଥାଉ । ଇଣ୍ଟରନେଟ୍‌ର ଆରମ୍ଭ ସହ ପରବର୍ତ୍ତୀ ସମୟରେ ଡିଜିଟାଲ ଗଣମାଧ୍ୟମର ଆରମ୍ଭ ହୋଇଛି । ଏହାର ଏକ ଅଂଶ ବିଶେଷ ସାମାଜିକ ଗଣମାଧ୍ୟମ ।

ଗଣମାଧ୍ୟମର ବ୍ୟବହାର ବହୁ ପୁରୁଣା । ଯଦି ପୌରାଣିକ କଥାବସ୍ତୁକୁ ନେବା ତେବେ ନାରଦ ବୁଲି ବୁଲି ସ୍ୱର୍ଗ, ମର୍ତ୍ତ ଓ ପାତାଳ ଲୋକରେ ବିଭିନ୍ନ କଥା କହୁଥିଲେ । ତାଙ୍କୁ କଳିହା ନାରଦ ବୋଲି କୁହାଯାଉଥିଲା । ସେହିପରି ମହାଭାରତ ସମୟରେ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ମହାଭାରତ ଯୁଦ୍ଧର ବିବରଣୀ କହୁଥିଲେ । ଇତିହାସକୁ ଯଦି ଯିବା ତେବେ ଗାଁ ଗାଁରେ ଡେଙ୍ଗୁରା ପିଟାଯାଉଥିଲା । ତାହା ରାଜାଙ୍କ ଆଦେଶ ଥିଲା । ଖବର ସଂଗ୍ରହ ପାଇଁ ରାଜା ଗାଁ ଗାଁରେ ଚର ରଖିଥିଲେ । ଚରମାନେ ସମ୍ପୃକ୍ତ ଅଞ୍ଚଳର ଖବର ରାଜାଙ୍କୁ ଜଣାଉଥିଲେ । ବ୍ୟକ୍ତିଗତ ଭାବେ ନ ଜଣାଇ ପାରିଲେ ପାରା ପକ୍ଷୀର ଗୋଡ଼ରେ ଚିଟାଉ ବାନ୍ଧି ରାଜାଙ୍କ ପାଖକୁ ପଠାଉଥିଲେ । ଏହାସବୁ ହେଉଛି ଗଣମାଧ୍ୟମର ବିଭିନ୍ନ ରୂପ ।

ସାମ୍ପ୍ରତିକ ପରିସ୍ଥିତିରେ ମୋବାଇଲ୍‌ର ବହୁଳ ବ୍ୟବହାର ହେଲାଣି । ମୋବାଇଲ୍ କ୍ୟାମେରା, ରେଡିଓ, ଟେଲିଫୋନ ଏପରିକି ଡାକ ବ୍ୟବସ୍ଥାକୁ ଖାଇଗଲାଣି । ଏପରିକି ନୂଆବର୍ଷରେ ଆଉ ଗ୍ରୀଟିଙ୍ଗସର ବ୍ୟବହାର ହେଉନି । ଲୋକେ ଆଉ ଚିଠି ଲେଖୁ ନାହାନ୍ତି । ପିତାଙ୍କୁ ପତ୍ର, ବନ୍ଧୁଙ୍କ ପତ୍ର କେବଳ ପିଲାଙ୍କ ରଚନାରେ ସୀମିତ ହୋଇ ରହିଯାଇଛି । ଏଭଳି ସ୍ଥିତିରେ ମୋବାଇଲ୍‌ର ୟୁଟ୍ୟୁବ, ଫେସବୁକ୍, ଏକ୍ସ (ପୂର୍ବରୁ ଟ୍ୱିଟର), ଇନଷ୍ଟାଗ୍ରାମ, ଥ୍ରେଡସ, ଟିକ୍‌ଟକ୍, ହ୍ୱାଟସ୍‌ଆପ, ସ୍ନାପଚାଟ୍ ଆଦିର ବ୍ୟବହାର କରି ଆମର ସଂସ୍କୃତି, ପରମ୍ପରାକୁ ରକ୍ଷା କରିବା ଦିଗରେ କାର୍ଯ୍ୟ କରାଯାଇ ପାରେ । ସେ ପାରମ୍ପରିକ ଗଣମାଧ୍ୟମ ହେଉ ଅବା ସାମାଜିକ ଗଣମାଧ୍ୟମ ଯଦି ଗଣମାଧ୍ୟମ ସକାରାତ୍ମକ ଭୂମିକା ନିର୍ବାହ କରେ ତେବେ କୌଣସି ଦେଶ, ଜାତି ଅବା ଗୋଷ୍ଠୀ ବିକାଶକୁ ଅଟକାଯାଇ ପାରିବ ନାହିଁ । ଏହା ଫଳରେ ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ଭାବେ ବିକାଶ କରାଯାଇ ପାରିବ ।

ସାମ୍ପ୍ରତିକ ପରିସ୍ଥିତି ପ୍ରଚାର ସର୍ବସ୍ୱ ହେଲାଣି । ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମର ବ୍ୟବହାର ଉପେକ୍ଷା କରାଯାଇ ନ ପାରେ । କୌଣସି ମଧ୍ୟ ସମାଜ, ସରକାର, ଅନୁଷ୍ଠାନ ବା ଗୋଷ୍ଠୀ ଗଣମାଧ୍ୟମ ସର୍ବୋପରି ସାମାଜିକ ଗଣମାଧ୍ୟମକୁ ଉପେକ୍ଷା କରି ଆଗକୁ ବଢ଼ି ପାରିବ ନାହିଁ ।

ତେବେ ଗଣମାଧ୍ୟମ ମଧ୍ୟ ବହୁ ସମୟରେ ପଥଭ୍ରଷ୍ଟ ହେବାର ନଜିର ରହିଛି । ଗଣମାଧ୍ୟମରେ ୟେଲୋ ଜର୍ଣ୍ଣାଲିଜିମ୍ ବା କାମଳ ସାମ୍ବାଦିକତା ଏକ ଶବ୍ଦ ଅଛି । ସେହିପରି ସାମାଜିକ

ଗଣମାଧ୍ୟମକୁ କାମଳ ସାମ୍ବାଦିକତାର ଏକ ଆୟୁଧ କରିଥିବା ଲୋକମାନେ ଏହାକୁ ବଦନାମ କରୁଛନ୍ତି । ଏଥିରେ ଅନ୍ୟକୁ ବ୍ଲାକମେଲ କରିବା, ଚଟ୍‌ପଟି ମିଛ ଖବର ପରିବେଷଣ କରି ସାଧାରଣ ଘଟଣାକୁ ମଧ୍ୟ ବଡ଼ କରି କହି ଅନ୍ୟକୁ ବିଭ୍ରାନ୍ତ କରିବା ଆଦି କାର୍ଯ୍ୟ କରାଯାଇଥାଏ । ସାମ୍ପ୍ରତିକ ପରିସ୍ଥିତିରେ ରାଜନୈତିକ ଦଳଗୁଡିକ ସାମାଜିକ ଗଣମାଧ୍ୟମକୁ ନିଜ ଦଳର ପ୍ରଚାର ସହ ବିପକ୍ଷ ଦଳକୁ ବଦନାମ କରିବା ପାଇଁ ବ୍ୟବହାର କରୁଛନ୍ତି । ଏଥିପାଇଁ ରାଜନୈତିକ ଦଳ ଏକ ମିଡିଆ ସେଲ ଏପରିକି ସୋସିଆଲ ମିଡିଆ ସେଲ୍‌ର ଗଠନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସଂସ୍କୃତିପ୍ରେମୀଙ୍କ ଏକ ଦାୟିତ୍ୱ ରହୁଛି ସେମାନେ ଆମ ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କରନ୍ତୁ । ଇଣ୍ଟରନେଟ ମାଧ୍ୟମରେ ସମ୍ପ୍ରତି ଅନାବଶ୍ୟକ ଫେସନ, ଅଶ୍ଳୀଳତା, ଚୋରି, ଗୁଣ୍ଡାଗର୍ଦ୍ଦି ଯୁବ ପିଢ଼ିକୁ ବ୍ୟାପୀ ଯାଉଛି । ଯାହାକି ଯୁବ ପିଢ଼ି ପତନର ଅନ୍ୟତମ କାରକ ହୋଇଛି । ବହୁ ସମୟରେ ଆମ ସମୃଦ୍ଧ ସଂସ୍କୃତିକୁ ଅପସଂସ୍କୃତି, କୁସଂସାରର ଆଖ୍ୟା ଦିଆଯାଇ ପରିବେଷଣ କରାଯାଉଛି । ଫଳରେ ଯୁବ ପିଢ଼ି ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି । ତେଣୁ ଆଜିର ସମୟରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ଚର୍ଚ୍ଚା/ ଆଲୋଚନା କରାଯିବାର ଆବଶ୍ୟକତା ଅନୁଭୂତ ହେଉଛି । ସବୁବେଳେ ଗଣମାଧ୍ୟମ ସଂସାର ହିତ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ବିଶ୍ୱର କୋଣ ଅନୁକୋଣରେ ଘଟୁଥିବା ବିଭିନ୍ନ ଘଟଣାର ଏହା କେବଳ ମାତ୍ର ସୂଚନାଦାତା ଭାବେ ବ୍ୟବହାର କରାଯିବାର ଆବଶ୍ୟକତା ରହିଛି । ମାତ୍ର ଅଯାଚିତ ଭାବେ ଏହାକୁ ଆଲୋଚନା, ପର୍ଯ୍ୟାଲୋଚନା ନାଁରେ ଖବରକୁ ନିଜ ହିସାବରେ ବା ଅର୍ଥରେ ଲୋକଙ୍କ ପାଖରେ ପହଞ୍ଚାଯାଉଛି । ଏଥିପ୍ରତି ସଦାସର୍ବଦା ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି ।

ଆଜିର ସମୟରେ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଆମେ ଆମର ସଂସ୍କୃତି, ପରମ୍ପରାର ପ୍ରଚାର ପ୍ରସାର କରି ପାରିବା । ଏକ ଅଧ୍ୟୟନ ଅନୁସାରେ, କେବଳ ଫେସବୁକ୍‌ର ବିଶ୍ୱରେ ୩ ବିଲିୟନ, ଭାରତରେ ପ୍ରାୟ ୫୨ କୋଟି ଉପଭୋକ୍ତା ଅଛନ୍ତି । ଏଥିରୁ ସ୍ପଷ୍ଟ ଯେ ସାମାଜିକ ଗଣମାଧ୍ୟମରେ କୌଣସି ମଧ୍ୟ ତଥ୍ୟ ଉପସ୍ଥାପନା କରାଗଲେ ଏହାକୁ ଖୁବ୍ ସହଜରେ କେତେ ଲୋକଙ୍କ ପାଖରେ ପହଞ୍ଚା ଯାଇ ପାରିବ ।

- ସମ୍ବଲପୁର
ମୋବାଇଲ ନଂ ୯୦୪୦୧୯୪୩୮୧

# ପୌଷ ପୂର୍ଣ୍ଣିମା (ପୁଷପୁନି)

● ବିଶ୍ୱରାମ ଠାକୁର

ଯେକୌଣସି ରାଷ୍ଟ୍ରର ପ୍ରାଣ ତାର ସଂସ୍କୃତି, ପରମ୍ପରା, ଐତିହ୍ୟ, ସାଧାରଣତଃ ଧାର୍ମିକ, ଆଧ୍ୟାତ୍ମିକ, ଲୌକିକ, ପରଲୌକିକ, ରାଜନୈତିକ ସ୍ଥିତିକୁ ନେଇ ପର୍ଯ୍ୟବସିତ । ଏଣୁ ପ୍ରତ୍ୟେକ ରାଷ୍ଟ୍ର, ସମାଜ, ଗୋଷ୍ଠୀ, ତାର ସଂସ୍କୃତିକୁ ନେଇ ବ୍ରତ, ପର୍ବପର୍ବାଣି, ପାଳନ କରିଥାଏ । ଯାହା ଦ୍ୱାରା ମଣିଷର ଶାରୀରିକ, ମାନସିକ, ବୌଦ୍ଧିକ ସନ୍ତୁଳନ ରହେ । ଶରୀର, ମନ, ବୁଦ୍ଧି ତଥା ବିଚାର ଆଦି ସ୍ୱଚ୍ଛ ରହେ ।

ଆଚାରଃ ପରମୋଧର୍ମଃ ସର୍ବେଷାମିତ ନିଷ୍ଚୟଃ
ହୀନାଚାର ପରୀତାତ୍ମା ପ୍ରେତ୍ୟଚେହ ବିନସ୍ୟତି ।
(ବିଶିଷ୍ଟ ସ୍ମୃତି)

ବ୍ରତ ଓ ପର୍ବ ମଧ୍ୟରେ ପ୍ରଭେଦ ଏତିକି ବ୍ରତ ଏକାକୀ କିମ୍ବା କିଛି ଲୋକଙ୍କ ସହଯୋଗିତାରେ ଅନୁଷ୍ଠିତ ହୋଇଥାଏ । ମାତ୍ର ପର୍ବରେ ଗଣର ସମ୍ପୃକ୍ତି ଥାଏ । ବିଷ୍ଣୁ ପୁରାଣ କହେ; "ଚତୁର୍ଦ୍ଦଶ୍ୟଷ୍ଟମୀ ଚୈବ ତଥା ମା ଚାଥପୂର୍ଣ୍ଣିମା ପର୍ବାଣ୍ୟୋତାନି ରାଜେନ୍ଦ୍ର ରବି ସଂକ୍ରାନ୍ତିରେବଚ ।"

ଅର୍ଥାତ୍ ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟ, ପୂର୍ଣ୍ଣିମା ଓ ସଂକ୍ରାନ୍ତି ଦିନମାନଙ୍କରେ ପ୍ରାୟତଃ ପର୍ବ ପଡ଼ିଥାଏ । ସନାତନ ଧର୍ମରେ ପ୍ରାୟତଃ ସମସ୍ତ ପୂର୍ଣ୍ଣିମାରେ କୌଣସି ନା କୌଣସି ପର୍ବ ଅନୁଷ୍ଠିତ ହୋଇଥାଏ । ତନ୍ମଧ୍ୟରୁ ପୌଷ ପୂର୍ଣ୍ଣିମା ଅନ୍ୟତମ । ସୌର ସମୟାନୁସାରେ ପୌଷ ମାସକୁ ପ୍ରାୟତଃ ଧନୁମାସ କୁହାଯାଏ । ପୌଷପୂର୍ଣ୍ଣିମା କେବଳ ପଶ୍ଚିମ ଓଡ଼ିଶା (କୋଶଳାଞ୍ଚଳ)ର ପର୍ବ ନୁହେଁ, ଏହା ଭାରତର ବିଭିନ୍ନ ରାଜ୍ୟର ପର୍ବ, ବିଭିନ୍ନ ଅନୁଷ୍ଠାନର ପର୍ବ । ଏହି ପର୍ବ ଭିତରେ ରହିଥାଏ ଆମର ଧାର୍ମିକ, ଆଧ୍ୟାତ୍ମିକ ଚିନ୍ତାଧାରା ରହିଥାଏ ସାମାଜିକ, ଲୌକିକ ଭାବନା, ରହିଥାଏ ଋତୁକାଳୀନ ଓ କୃଷିଭିତ୍ତିକ ଆରାଧନା ।

ମାଘ ସ୍ନାନର ପ୍ରାକ୍ ଦିବସ ଭାବରେ ପୌଷ ପୂର୍ଣ୍ଣିମାକୁ ନିଆଯାଏ । ଉକ୍ତ ଦିନ ସ୍ନାନ ଦ୍ୱାରା ସମସ୍ତ ବୈଭବ ଓ ଦିବ୍ୟଲୋକ ପ୍ରାପ୍ତି ହୁଏ ବୋଲି କୁହାଯାଏ । ଉକ୍ତ ଦିନ ମଧୁସୂଦନ ଭଗବାନଙ୍କ ପୂଜା ଆରାଧନା କରାଯାଏ । ଉକ୍ତ ଦିନ ଦକ୍ଷିଣ ଭାରତର ମନ୍ଦିରମାନଙ୍କରେ ଉତ୍ସବ ପାଳିତ ହୋଇଥାଏ ।

ଭାରତୀୟ ଧାର୍ମିକ କ୍ଷେତ୍ରମାନଙ୍କ ମଧ୍ୟରେ ମଧ୍ୟ କାଶୀକୁ ଅନୁଭାରତ ବୋଲି କୁହାଯାଏ, ଧର୍ମଶାସ୍ତ୍ରାନୁସାରେ ସପ୍ତମୋକ୍ଷ ଦାୟିନୀ ସ୍ଥଳମାନଙ୍କ ମଧ୍ୟରେ କାଶୀ ଅନ୍ୟତମ ।

ଅଯୋଧ୍ୟା, ମଥୁରା, ମାୟା, କାଶୀ କାଞ୍ଚି ଅବନ୍ତିକା
ପୁରୀ ଦ୍ୱାରାବତୀ ଚୈବ ସପ୍ତୈତାମୋକ୍ଷ ଦାୟିକାଃ ।

କାଶୀରେ ପ୍ରଚଳିତ ଅଛି ସାତବାର ତେର ତିହାର । ବର୍ଷର ଅଧିକାଂଶ ଦିନ ଏଠାରେ ପର୍ବପର୍ବାଣି ଉତ୍ସବ ଲାଗି ରହିଥାଏ । ପୌଷ ପୂର୍ଣ୍ଣିମା ଦିନ ଏଠାରେ ବଦରୀନାରାୟଣଙ୍କ ପୂଜନୋତ୍ସବ ପାଳିତ ହୁଏ, ଏହା ସହ ମା ଶାକମ୍ଭରୀଙ୍କ ଜୟନ୍ତୀ ମଧ୍ୟ ଏହି ଦିନ ମହାସମାରୋହରେ ପାଳିତ ହୁଏ । ଦେବୀଙ୍କ ଅଙ୍ଗଭୂତା ଛଅଗୋଟି ଦେବୀଙ୍କ ମଧ୍ୟରେ ଶାକମ୍ଭରୀ ଏକ ଦେବୀ, ଯିଏ ଦୁର୍ଗାଙ୍କର ପ୍ରତୀକ, ଯାହାଙ୍କର ଶରୀରର କାନ୍ତି ନୀଳରଙ୍ଗ, ନେତ୍ର ନୀଳକମଳ ସଦୃଶ । ଏଣୁ ବର୍ଣ୍ଣନା କରାଯାଏ;

ଶାକମ୍ଭରୀ ନୀଳବର୍ଣ୍ଣା ନୀଳୋତ୍ପଳ ବିଲୋଚନା
ଗମ୍ଭୀର ନାଭିସ୍ତ୍ରବଳୀ ବିଭୂଷିତ ତନୁଦରୀ
ବିଶୋକା ଦୁଷ୍ଟଦମନୀ ଶମନୀ ଜୁରିତାପଦାସ
ଉମାଗୌରୀ ସତୀ ଚଣ୍ଡୀ କାଳିକା ସାଚ ପାର୍ବତୀ ।

ଅନ୍ୟତମ ମୋକ୍ଷଦାୟିନୀ ତୀର୍ଥ ଅଯୋଧ୍ୟା ଯହିଁ ପ୍ରଭୁ

ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ଉକ୍ତ ପୌଷପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇଥିଲା । ଦୁଷ୍ଟ ରାବଣର ବିନାଶ ଉପରାନ୍ତ ପ୍ରଜାବତ୍ସଳ ରାମଚନ୍ଦ୍ର ସିଂହାସନାରୂଢ଼ ହୋଇଥିଲେ । ପରଜାନୁରାଗୀ ରାମ ରାଜ୍ୟାଭିଷେକ ଦିନ ଘୋଷଣା କରିଥିଲେ;

ସ୍ନେହ ଦୟାଂଚ ସୌଖ୍ୟଂ ଚ ଯଦି ବା ଜାନକୀମପି
ଆରାଧନାୟ ଲୋକାନାଂ ମୁଞ୍ଚତେ ନାସ୍ତି ମେ ବ୍ୟଥା

ଯାହାକୁ ଗଙ୍ଗାଧର ଲେଖିଲେ;

ପରଜା ରଞ୍ଜନେ ଯଦି ହୁଏ ପ୍ରୟୋଜନ
ପ୍ରାଣସମା ସୀତା କରିପାରେ ବିସର୍ଜନ ।

ଦ୍ୱାପର ଯୁଗରେ ଅନ୍ୟତମ ମୋକ୍ଷସ୍ଥଳୀ ମଥୁରା । ଏଠାରେ କଂସର ପ୍ରାଦୁର୍ଭାବ, ଦୌରାତ୍ମ୍ୟ ବଢ଼ିଥିଲା । ଅନ୍ୟାୟର ବିଶାଳ ସାମ୍ରାଜ୍ୟ ଥିଲା । ଉକ୍ତ ପୌଷ ପୂର୍ଣ୍ଣିମା ଦିନ ଧନୁଯାତ୍ରା ଉତ୍ସବରେ ଦୁରାଚାରୀ କଂସର ନିପାତ ହୋଇଥିଲା । ମଥୁରା ନଗରୀର ପ୍ରଭୁ ଶ୍ରୀକୃଷ୍ଣଙ୍କ ଦ୍ୱାରା ଦୋଷ ରହିତ ସମାଜ ଗଠନ ସହ ସମ୍ପୂର୍ଣ୍ଣ ପ୍ରାଣୀ ଜଗତକୁ ଅଭୟ ଦାନ କରାଯିବାର ମନ୍ତ୍ର ପୌଷ ପୂର୍ଣ୍ଣିମା ଦିନ ଶ୍ରୀକୃଷ୍ଣ ଘୋଷଣା କରିଥିଲେ ।

ଏହି ସ୍ମୃତିକୁ ଉଦ୍‌ଜୀବିତ କରିବ ସକାଶେ ପଶ୍ଚିମ ଓଡ଼ିଶା ବରଗଡ ଠାରେ ପୃଥିବୀ ପ୍ରସିଦ୍ଧ ରଙ୍ଗମଞ୍ଚ ଅନୁଷ୍ଠିତ ହୁଏ । ସମଗ୍ର ବରଗଡ ମଥୁରା ନଗରୀ ସାଜିଯାଏ । ଉକ୍ତ ଦିନ କଂସ ବଧ ହୋଇ ଅନ୍ୟାୟ ଉପରେ ନ୍ୟାୟ ପ୍ରତିଷ୍ଠିତ ହୁଏ । ପୂର୍ଣ୍ଣିମା ଉପାନ୍ତ ବରଗଡ ଉତ୍ସବ ଶୂନ୍ୟ ସାଜିଯାଏ । ମଉଳି ଯାଏ ରହେନି ତାର ପ୍ରଭା । ମଥୁରା ସମ୍ପର୍କରେ ଯାହା କଂସରାଣୀମାନେ କହନ୍ତି –

ତ୍ୱୟା ବିରହିତା ପତ୍ୟା ପୁରୀୟଂ ପୁରୁଷଷର୍ଭ
ନ ଶୋଭତେ ବୟମି ନିବୃତ୍ତୋତ୍ସବ ମଙ୍ଗଳ

ଜଗନ୍ନାଥ ଦାସଙ୍କ ଭାଷାରେ,

"ଭୋ ନାଥ ! ମରଣେ ତୋହର, ମଥୁରା ନ ଦିଶେ ସୁନ୍ଦର
ତୋର ବିଯୋଗେ ମଧୁପୁରୀ, ଏବେ ହୋଇଲା ହତଶିରୀ ।"

ଜଗତର ନାଥ ଜଗନ୍ନାଥ ଯେଉଁ କ୍ଷେତ୍ରରେ ଅବସ୍ଥାନ କରନ୍ତି ସେ କ୍ଷେତ୍ର ପୁରୀ ସପ୍ତପୁଣ୍ୟ କ୍ଷେତ୍ର ମଧ୍ୟରୁ ଏକ ଓ ଅନନ୍ୟ । ତାଙ୍କର ବାର ମାସରେ ତେର ଯାତ୍ରା ହୁଏ । ତେର ଯାତ୍ରା ତ ନୁହେଁ, ଅନେକ ଯାତ୍ରା ହୋଇଥାଏ । ତନ୍ମଧ୍ୟରେ ଏହି ତେର ଯାତ୍ରା ମୁଖ୍ୟ । ଏମାନଙ୍କ ମଧ୍ୟରେ ପୌଷ ପୂର୍ଣ୍ଣିମା ଏକ । ଉକ୍ତ ଦିନ ପରମ ଆରାଧ୍ୟ ପ୍ରଭୁ ଶ୍ରୀ ଜଗନ୍ନାଥ ଶ୍ରୀମନ୍ଦିରରେ ସୁନା ବେଶ ହୋଇ ଦର୍ଶନ ଦିଅନ୍ତି । ଉକ୍ତ ଯାତ୍ରାକୁ ପୁଷ୍ୟାଭିଷେକ ଯାତ୍ରା ମଧ୍ୟ କୁହାଯାଏ । ଅନେକ ଭକ୍ତଙ୍କ ସମାଗମ ହୋଇଥାଏ ।

ପୌଷ ପୂର୍ଣ୍ଣିମା ପଶ୍ଚିମ ଓଡ଼ିଶାର ଏକ ଗଣପର୍ବ, ନବାନ୍ନ ପରି ଏହା କୃଷି ଭିତ୍ତିକ ପର୍ବ । ଚାଷୀ ତାର ବର୍ଷତମାମର ପରିଶ୍ରମର ଅନ୍ତିମ ଫସଲ ଅମଳ କରି ମାଁ ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରି କୃତଜ୍ଞତା ଜ୍ଞାପନ କରିଥାଏ । କାରଣ ଘରେ ସଞ୍ଚିତ ବିହନ, ବିଲ, ବାଡ଼ିରେ ଅଜାଡ଼ି ଦେଇଥାଏ । ଶୀତ, ଖରା, ବର୍ଷାକୁ ଏକାକାର କରି ସପରିବାର ବିଲରେ ଲାଗିଥାନ୍ତି । ଏଣୁ ଅମଳ ପରେ ଖୁସି ମନାଇ ଚାଷୀ ପୁଷ୍‌ପୁନି ପର୍ବ ମନାଇ ଥାଏ ।

ପୌଷ ପୂର୍ଣ୍ଣିମା ଏକ ସାମାଜିକ ପର୍ବରେ ପରିଣତ ହୋଇଯାଏ । ବିଶେଷତଃ ଗ୍ରାମାଞ୍ଚଳରେ ମାଲିକ, ଶ୍ରମିକ, ଧନୀ, ନିର୍ଦ୍ଧନ ଏକାକାର ହୋଇଯାଆନ୍ତି । ଘରେ ଘରେ ପୁରେ ପୁରେ ପିଠାପଣା, କ୍ଷୀରି-ପୁରୀର ମହକ ଛୁଟେ । ଘର ଦ୍ୱାର ପରିଷ୍କାର ପରିଚ୍ଛନ୍ନ କରି ଲକ୍ଷ୍ମୀ ନାରାୟଣ ପୂଜନ ହୁଏ, ଭୋଗ ଲାଗେ । ପଡ଼ୋଶୀ, ଚାକର-ଚାକରାଣୀ, ଗାଁର ଝାଙ୍କର ଚୌକିଦାର, ଅତିଥି ଅଭ୍ୟାଗତମାନଙ୍କୁ ପିଠାପଣାରେ ଆପ୍ୟାୟିତ କରାଯାଏ । ଆତିଥ୍ୟର ପର୍ବ ସାଜେ ।

ଘରେ ଥାଉ ନଥାଉ, ଆୟ ଠିକ୍ ହେଉ ନହେଉ ଭ୍ରୁକ୍ଷେପ ନଥାଏ ପଶ୍ଚିମ ଓଡ଼ିଶାବାସୀଙ୍କର । ଦୁଃଖ ଆସିଲେ, ଅଭାବ ଥିଲେ ମଧ୍ୟ ମନରେ ଉଦ୍‌ବେଗ ଜାତ ହୁଏ ନାହିଁ । ଗାଁ ସାରା ହାତ ମିଳାଇ ପାଳନ କରନ୍ତି ପୌଷପୂର୍ଣ୍ଣିମା (ପୁଷ୍‌ପୁନି) ମାଛ, ମାଂସ, ପିଠାପଣା ସମସ୍ତଙ୍କ ଘରେ ହୁଏ । ଗାଁ ଭିତରେ, ଗାଁ ଗାଁ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥାଏ । ଐକ୍ୟତାର ପର୍ବ କହିଲେ ଅତ୍ୟୁକ୍ତି ହେବନି । ଭାତୃଭାବ ସୃଷ୍ଟି ହୁଏ । ଅତୀତର ରାଗରୋଷ, ହିଂସା ଅହଙ୍କାର ଦୂର ହୋଇଯାଏ, ବସୁଧୈବ କୁଟୁମ୍ବକଂ ଭାବଜାଗେ ।

ଏ ପର୍ବ 'ଛେରଛେରା' ପର୍ବ ଭାବରେ ଜନାଦୃତ । ଗାଁର ପିଲାମାନେ ବାଡ଼ି ଖଣ୍ଡେ ଲେଖାଏଁ ଧରି ଗୀତ ଗାଇ ଛେରଛେରା ମାଗନ୍ତି । "ଆଏଜ ପୁନି କାଏଲ ପୁନି ଫଟା ଲୁଗା ତୁନା, ତୁନି, ଛେର୍ ଛେରଛେରା ।" ଆହୁରି କହନ୍ତି, "ଛେର ଛେର୍‌ଛେରା, ଇଘରର ବୁଢ଼ୀ କାହିଁଗଲା କୁଁଡ଼ାପିଠା ଖାଇ ଛେରେଇ ହେଲା, ଛେର ଛେର୍‌ଛେରା ।"

ଉପରୋକ୍ତ ଗୀତରେ ପରିପ୍ରକାଶ ହୁଏ ସମାଜରେ ଥିବା ଦୁଇଟି ଶ୍ରେଣୀ ବିଷୟରେ । କିଏ ଖାଇବାକୁ ପାଉନି, ପିନ୍ଧିବାକୁ ପାଉନି ଅଥଚ କେହି ଖାଇ ଖାଇ ଅଜୀର୍ଣ୍ଣରେ ପୀଡ଼ିତ ହେଉଛି । ସମାଜରେ ତାରତମ୍ୟର ସୂଚନା ଅଛି ଗୀତରେ ।

ଅନ୍ୟ ପକ୍ଷରେ ଏ ଗୀତ ମଣିଷ ହୃଦୟରେ ଦେବତ୍ୱ ବିରାଜମାନ କରାଏ । ସହଯୋଗର ହାତ ବଢ଼ାଏ । ଚଳପ୍ରଚଳ ଥିବା ପରିବାର ଚାଉଳ, ପିଠା, ମଣ୍ଡାଦି ଦେଇ ଆପ୍ୟାୟିତ କରିଥାନ୍ତି ଅଭାବୀ ପରିବାରର ସନ୍ତାନମାନଙ୍କୁ । ଆତ୍ମୀୟତାର ପର୍ବ କୁହାଯାଇପାରେ । ଭାବର ଆଦାନପ୍ରଦାନର ପର୍ବ କୁହାଯାଇପାରେ ।

ଏହା ଋତୁକାଳୀନ ପର୍ବ । ସାଧାରଣତଃ ଶୀତ ଦିନରେ ହଜମ ଶକ୍ତି ପ୍ରଚଣ୍ଡ ଥାଏ । ଏଣୁ ରାଶି ମଣ୍ଡା ଖାଇ ହଜମ କରିହୁଏ । ଗରିଷ୍ଠ ଭୋଜନ ସମ୍ଭବ ହୁଏ ।

ଏହା ଏକ ସ୍ୱାଧୀନ ଚେତନାର ପର୍ବ । କୃଷକ ଓ କୃଷି ଶ୍ରମିକ ମଧ୍ୟରେ ବର୍ଷକର ସମ୍ପର୍କ ଛିନ୍ନ ହୁଏ । ପ୍ରତ୍ୟେକେ ଉକ୍ତ ଦିନ ସ୍ୱାଧୀନ ମନୋଭାବାପନ୍ନ ହୋଇଥାନ୍ତି । ସାହୁକାର ହେଉକି ଶ୍ରମିକ ହେଉ ସ୍ୱଇଚ୍ଛାରେ ପୁନଃ ନିଯୁକ୍ତି ଦେଇଥାଏ ଓ ନେଇଥାଏ ।

ପୌଷ ପୂର୍ଣ୍ଣିମା ସର୍ବଭାରତୀୟ ପର୍ବ । ଆଧ୍ୟାତ୍ମିକ ପର୍ବ, ଆଞ୍ଚଳିକ ପର୍ବ ତଥା ଧନୀ ଦରିଦ୍ରର ପର୍ବ । ଗର୍ବ ଅହଂକାର ବିନାଶର ପର୍ବ । ସମଭାବାପନ୍ନର ପର୍ବ, ଅଭୟ ପ୍ରଦାନର ପର୍ବ, ଦିନକୁ ଦିନ ସମାଜରେ ଆର୍ଥିକ ତାରତମ୍ୟ ବଢ଼ି ଚାଲିଛି । ଦୂରତା ବଢ଼ି ଚାଲିଛି ସାମାଜିକ କ୍ଷେତ୍ରରେ, ଧନୀ ଦରିଦ୍ର ମଧ୍ୟରେ । କାହିଁ ରାମଚନ୍ଦ୍ରଙ୍କ ପରି ପରଜାନୁରଞ୍ଜନ ପ୍ରଶାସକ, କୃଷ୍ଣଚନ୍ଦ୍ରଙ୍କ ପରି ସମାଜ ସଂସ୍କାରକ । ଏଣୁ ପ୍ରତ୍ୟେକ ମଣିଷକୁ ଚିହ୍ନି ତାର ଦୁଃଖରେ, ଅସୁବିଧାରେ ସାମିଲ ହୋଇ ପାରିଲେ ଏହି ଗଣପର୍ବର ମହାତ୍ମ୍ୟ ପ୍ରତିପାଦିତ ହେବ ଓ ଛେରଛେରା ନୂଆ ନାମ ହେଲବି ସହଯୋଗର ପର୍ବ, ହୃଦୟର ପର୍ବ । 'ସର୍ବେ ଭବନ୍ତୁ ସୁଖୀନଃ'ର ପର୍ବ ।

**- ନୀଳଚକ୍ରନଗର, ଟିଟିଲାଗଡ**
**ମୋ- ୮୯୧୭୫ ୭୪୮୬୯**

# ନୂଆଁଖାଇ ପର୍ବ - ଏକ ଆଲେଖ୍ୟ

● ସୁଷମା ପ୍ରଧାନ

ବାରମାସରେ ତେର ପର୍ବ ବୋଲି କୁହାଯାଏ କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଆମେ ବାରମାସରେ ତେଇଶିରୁ ଅଧିକ ପର୍ବ ପାଳନକରୁ । ଦୁଃଖ କଞ୍ଜାଳରେ ବୁଡିରହି, ସେଥିରୁ ଟିକିଏ ଶାନ୍ତି ଏବଂ ସୁଖ ପାଇବାପାଇଁ ଆମେ ଅନେକ ପର୍ବ ପାଳନ କରିଆସୁଅଛୁ ସେହି ପର୍ବ ଗୁଡିକୁ ସମସ୍ତେ ମିଳିମିଶି ପାଳନ କରିବାରେ ଥାଏ ଅନେକ ଆନନ୍ଦ । ସେହିପରି ଏକ ଆନନ୍ଦ ସୁଖରିତ ଗଣପର୍ବ ହେଉଛି ନୂଆଖାଇ ।

ନୂଆଁଖାଇ କହିଲେ ପଶ୍ଚିମ ଓଡିଶାର ଏକ ମୁଖ୍ୟ ଗଣପର୍ବ । ମାତ୍ର ଏହି ପର୍ବକୁ ଓଡିଶା ସାରା ନୂଆଁଖାଇ ବା ନବାନ୍ନ ଭକ୍ଷଣ ରୂପେ ପାଳନ କରନ୍ତି । କେବଳ ଓଡିଶା କାହିଁକି, ଭାରତର ଭିନ୍ନଭିନ୍ନ ସ୍ଥାନରେ ମଧ୍ୟ ବେଶ୍ ଧୂମ୍‌ଧାମରେ ପାଳନ କରାଯାଏ ଏହି ପର୍ବ ଓ ହିଂସା, ଅହଂକାର, ମାନଅଭିମାନ, ମନାନ୍ତର, ମତାନ୍ତରକୁ ଭୁଲି ଗୋଟିଏ ପରିବାର ଅଥବା ଗୋଟିଏ ବଂଶର ସମସ୍ତ ବ୍ୟକ୍ତି ଏକତ୍ରିତ ହୋଇ ଏହି ପର୍ବକୁ ଆନନ୍ଦ ଉତ୍ସାହ ସହ ପାଳନ କରନ୍ତି । ଘରର ପ୍ରତ୍ୟେକ ମଣିଷ, ଯିଏ ଯେଉଁଠି ଥା'ଆୟୁନା କାହିଁକି ନୂଆଁଖାଇର ପୂର୍ବଦିନରେ ସମସ୍ତେ ନିଜନିଜ ଘରେ ଉପସ୍ଥିତ ରହନ୍ତି । ନିଜନିଜ ଭିତରେ ଯେତିକି କଳି ଝଗଡା ହୋଇଥିଲେ ମଧ୍ୟ ଏହିଦିନ ଗୋଟିଏ ଯାଗାରେ ରନ୍ଧାବଢା କରି ମିଳିମିଶି ଖାଇବାର ପରମ୍ପରା ନିଆରା । ଏହିଦିନ ସମସ୍ତେ ଏକାକାର ହୋଇଥା'ନ୍ତି ।

ଏହି ପର୍ବଟି ଭାଦ୍ରବମାସର ଶୁକ୍ଳପକ୍ଷ ପଞ୍ଚମୀ ତିଥୀ ବା ଗଣେଶ ପୂଜାର ପରବର୍ତ୍ତି ଦିନରେ ପାଳନ କରାଯାଏ । ଜଣାଯାଏ ଯେ, ଏହି ପର୍ବ ପାଳନ କରିବା ପାଇଁ ଲୋକମାନେ ଚାରିପାଞ୍ଚ ଦିନ ପୂର୍ବରୁ ପ୍ରସ୍ତୁତ ହୋଇଥା'ନ୍ତି । ଘରଦ୍ୱାର ଲିପାପୋଛା ଓ ଲୁଗାପଟା ସଫାସୁତୁରା କରନ୍ତି । କୁହାଯାଏ ଯେ ପୂର୍ବରୁ କେତେକ ଅଞ୍ଚଳରେ ନୂଆଁଖାଇ ଦିନ କୌଣସି ରୋଗ ନହେବା ପାଇଁ 'ରୁଗ୍‌ବଲା' କରାଯାଏ । ଏହାର ଅର୍ଥ ହେଉଛି ସମସ୍ତ ରୋଗମାନଙ୍କୁ ତଡିଦେବା ବା କୌଣସି ରୋଗକୁ ଆସିବାକୁ ନଦେବା । ନୂଆଁଖାଇ ସମୟରେ ଘରେ ଗାଁରେ କୌଣସି ରୋଗ ନହେବାପାଇଁ ଏହା ଏକ ପୂଜାବିଧି । ଏହି ବିଧିକୁ ନୂଆଁଖାଇର ପୂର୍ବରୁ ପଡୁଥିବା ମଙ୍ଗଳବାର ଦିନ କରାଯାଇଥାଏ । କ୍ଷେତରେ ଥିବା ଧାନରେ ରୋଗ ପୋକ ନହେବା ପାଇଁ ମଣ୍ଡାପିଠା ମଧ୍ୟରେ ପୋକ ଭରି ତାକୁ ପୂଜାକରି ବୋହିଯାଉଥିବା ପାଣିରେ ଭସାଇଦିଆଯିବାର ପରମ୍ପରା ମଧ୍ୟ କେତେକ ସ୍ଥାନରେ ଅଛି । ସମୟାନୁକ୍ରମେ ଏହି ପରମ୍ପରା ଲୁପ୍ତପ୍ରାୟ ।

ନୂଆଁଖାଇ ପାଇଁ ନିର୍ଦ୍ଦିଷ୍ଟ ଲଗ୍ନ ସ୍ଥିର କରାଯାଏ । ସେହି ଲଗ୍ନରେ ହିଁ ମାଁ ସମଲେଇଙ୍କ ପାଖରେ ବା ଗ୍ରାମଦେବତୀଙ୍କ ପାଖରେ ନୂଆଁ ଚାଉଳ ଭୋଗ ଲଗାଯାଏ । ତାପରେ ଗ୍ରାମର ପ୍ରତ୍ୟେକ ଘରେ କୁଳଦେବତା ତଥା ମାଁ ଲକ୍ଷ୍ମୀଙ୍କ ପାଖରେ ନୂଆଁ ଚାଉଳ ଭୋଗ ହୁଏ । ଗାଁ ରେ ଥିବା ଝାଙ୍କର (ଦେବୀ ପୂଜକ) ନୂଆଁଖାଇର ପୂର୍ବଦିନ ଘରଘର ବୁଲି ପତ୍ରପୁଡାରେ ନୂଆଁ ଚାଉଳ ବାଣ୍ଟି ଦେଇଥା'ନ୍ତି ଏବଂ ପ୍ରତିବଦଳରେ ଅଳିଆ ନେଇଥା'ନ୍ତି । ଏହା ମଧ୍ୟ ନୂଆଁଖାଇ ପର୍ବର ଏକ ପରମ୍ପରା ।

ନୂଆଁଖାଇ ଏକ କୃଷିଭିତ୍ତିକ ତଥା ସାମାଜିକ ପର୍ବ । ବର୍ଷକୁ ଅନ୍ତତଃ ଥରେ ଆମ ଅଞ୍ଚଳର ସବୁଆଡେ ଧାନଚାଷ କରାଯାଏ । ମାତ୍ର କେନାଲ ଜଳସେଚିତ ଅଞ୍ଚଳମାନଙ୍କରେ ବର୍ଷକୁ ଦୁଇଥର ଧାନଚାଷ ହୋଇଥାଏ । ମାତ୍ର ବର୍ଷାଋତୁରେ ପ୍ରଥମଥର ଯେଉଁ ଧାନ ସବୁ ଅଞ୍ଚଳରେ ହୋଇଥାଏ, ସେହି ଧାନର ଚାଉଳକୁ ଦେବୀ ମା'ଙ୍କ ପାଖରେ ଭୋଗ ଲଗାଯାଇଥାଏ । ଆମ ହିନ୍ଦୁ ପରମ୍ପରାନୁସାରେ ଗଛର ପ୍ରଥମ ଫଳ ଦେବାଦେବୀମାନଙ୍କୁ ଅର୍ପଣ କରାଯିବାର ବିଧି ଅଛି । ସେଥିପାଇଁ ପ୍ରଥମ କରି ଫଳୁଥିବା ଧାନର ଚାଉଳକୁ ଭୋଗ ଭାବରେ ଇଷ୍ଟଦେବୀଙ୍କୁ ଦିଆଯାଇଥାଏ । ହେଲେ ମନରେ ଗୋଟିଏ ପ୍ରଶ୍ନ ଉଠେ ଯେ, ଧାନ ଅମଳହୁଏ କାର୍ତ୍ତିକ

ମାସରେ, କିନ୍ତୁ ନୂଆଁଖାଇ ଭାଦ୍ରବ ମାସରେ କାହିଁକି ପାଳନ କରାଯାଏ । ଅଣ-ଜଳସେଚିତ ବା ଉପର ଅଞ୍ଚଳରେ ଛୋଟ ଦାନ ଚାଷ କରାଯାଏ ଯାହା କମ୍ ସମୟ ମଧ୍ୟରେ ଅର୍ଥାତ୍ ଭାଦ୍ରବ ମାସରେ ପାକଳ ହୋଇଥାଏ । କୌଣସି ଚଢେଇ ମୂଷା କିମ୍ବା ଅନ୍ୟ କୌଣସି ଜୀବ ଏହି ଫସଲକୁ ଖାଇବା ପୂର୍ବରୁ ତାକୁ ଇଷ୍ଟଦେବୀଙ୍କୁ ସମର୍ପଣ କରିଦିଆଯାଏ ।

ଏହି ପର୍ବ କେବେଠାରୁ ପାଳିତ ହୋଇଆସୁଛି ତା'ର କୌଣସି ଠିକଣା ନାହିଁ । ଆଞ୍ଚଳିକ ଅନୁସନ୍ଧାନକାରୀମାନେ କହନ୍ତି ଏହି ପର୍ବ ବୈଦିକ ଯୁଗରୁ ଚଳି ଆସୁଅଛି । ସେତେବେଳେ ମୁନିଋଷିମାନେ ଚାଷ ବିଷୟରେ ପାଞ୍ଚଟି କାମର କଥା କହୁଥିଲେ ଯାହାକୁ ପଞ୍ଚଯଜ୍ଞ ବୋଲି କୁହାଯାଇଥିଲା ।

୧. ଶୀତଯଜ୍ଞ (ମାଟିକୁ ସମାନ କରିବାର କାର୍ଯ୍ୟ)
୨. ପ୍ରବପନ ଯଜ୍ଞ (ମୋଟି ଉପରେ ମଞ୍ଜି ବୁଣିବାର କାର୍ଯ୍ୟ)
୩. ପ୍ରଲମ୍ବନ ଯଜ୍ଞ (ଶସ୍ୟ କାଟିବା ଆରମ୍ଭ କାର୍ଯ୍ୟ)
୪. ଖଳା ଯଜ୍ଞ (ଶସ୍ୟ ଅମଳ କାର୍ଯ୍ୟ)
୫. ପ୍ରଳୟନ ଯଜ୍ଞ (ଅମଳ କରିଥିବା ଶସ୍ୟକୁ ସଂରକ୍ଷିତ କରି ଉଜ୍ଜାଳାର କାମ)

ଏହି ସବୁକୁ ଅନୁଧ୍ୟାନ କଲେ ନୂଆଁଖାଇ ପ୍ରଲମ୍ବନ ଯଜ୍ଞ ଅଧୀନରେ ଆସେ । ହେଲେ ସମୟ କ୍ରମରେ ଏହି ପ୍ରସଙ୍ଗଟି ମଧ୍ୟ ଲୋକମାନସରୁ ବିଲୁପ୍ତ ହୋଇଗଲାଣି । ଆଉ କେହିକେହି କହନ୍ତି ବାରଶହ ମସିହାରେ ପ୍ରଥମ ଚୌହାନ ବଂଶର ରାଜା, ନିଜର ପ୍ରଚେଷ୍ଟାରେ ପାଟନା ରାଜ୍ୟ ଗଠନ କରିଥିଲେ । ସେତେବେଳେ ଲୋକମାନଙ୍କର ମୁଖ୍ୟବୃତ୍ତି ଥିଲା କୃଷିକାର୍ଯ୍ୟ ଏବଂ ଶିକାର କରିବା । ସେ ରାଜ୍ୟର ଉନ୍ନତି ପାଇଁ କୃଷିକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ । ସେହି ଦିନଠାରୁ ସେ ସମ୍ବଲପୁର ଅଞ୍ଚଳରେ (ଯାହାକି ପାଟନା ରାଜ୍ୟର ଏକ ଅଂଶ ଥିଲା) କୃଷିଭିତ୍ତିକ ଏକ ପର୍ବ ପ୍ରଚଳନ କରିଥିଲେ ଯାହାର ନାମ ନୂଆଁଖାଇ ଥିଲା । ତାଙ୍କର ଆଶା ଥିଲା ଯେ ନୂଆଁଖାଇ ପର୍ବ ପାଳନ ଦ୍ୱାରା କୃଷକମାନେ ଚାଷ କରିବାକୁ ଅଧିକ ଆଗ୍ରହ ପ୍ରକାଶ କରିବେ ଏବଂ ପ୍ରାଧାନ୍ୟ ଦେବେ । ରାଜାଙ୍କ ଆଦେଶାନୁସାରେ ସେହି ଦିନଠାରୁ ସମ୍ବଲପୁରର ସଂସ୍କୃତି ଏବଂ ପରମ୍ପରା ଅନୁସାରେ ନୂଆଁଖାଇ ପର୍ବ ପାଳିତ ହେଉଅଛି ।

ପୂର୍ବରୁ ଯେତେବେଳେ ନୂଆଁଖାଇ ପର୍ବ ପାଳନ ହେଉଥିଲା ତା'ର କୌଣସି ନିର୍ଦ୍ଦିଷ୍ଟ ତାରିଖ ବା ତିଥି ନଥିଲା । ଭାଦ୍ରବ ମାସର ଶୁକ୍ଳପକ୍ଷରେ କୌଣସି ନିର୍ଦ୍ଦିଷ୍ଟ ଦିନଟିଏ ଦେଖି ନୂଆଁଖାଇ ପର୍ବ ପାଳନ କରାଯାଉଥିଲା । ଭିନ୍ନଭିନ୍ନ ଗ୍ରାମରେ ଭିନ୍ନଭିନ୍ନ ଦିନରେ ଏହି ପର୍ବ ପାଳନ କରୁଥିଲେ । ସେତେବେଳେ ଛୋଟ ଧାନଗୁଡିକ ପାକଳ ହୋଇଆସୁଥିବାର ଦେଖି ନୂଆଁଖାଇ ପର୍ବ ପାଳନ କରିବା ଠିକ୍ ହେବ ବୋଲି ଲୋକମାନେ ଭାବୁଥିଲେ । ଗ୍ରାମର ମୁଖିଆ (ଗୌନ୍ତିଆ) ବା ପୁରୋହିତ ନୂଆଁଖାଇ ଲଗ୍ନ ଠିକ୍ କରୁଥିଲେ । ୧୯୯୧ ମସିହା ପର୍ଯ୍ୟନ୍ତ ନୂଆଁଖାଇ ପର୍ବ ପ୍ରତ୍ୟେକ ବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ପାଳିତ ହେଉନଥିଲା । ଓଡିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ସାରା ଓଡିଶାରେ ଗୋଟିଏ ଦିନରେ ନୂଆଁଖାଇ ପର୍ବ ପାଳନ କରିବା ପାଇଁ ଘୋଷଣା କରି ସାରା ଓଡିଶାରେ ସରକାରୀ ଛୁଟି ଘୋଷଣା କରିଥିଲେ । ତଥାପି କଳାହାଣ୍ଡିର କେତେକ ଅଞ୍ଚଳରେ ଭାଦ୍ରବ ଶୁକ୍ଳ ଦଶମୀ ତିଥିରେ ପାଳନ କରନ୍ତି ଓ ପୂର୍ବାଚଳରେ ଆଶ୍ୱିନ ମହାଳୟା ତିଥ ଭିତରେ ଏହି ପର୍ବ ସମ୍ପନ୍ନ କରିଥା'ନ୍ତି ।

ଏହି ପର୍ବରେ ଭାତ, ଡାଲି ବିଭିନ୍ନ ପ୍ରକାରର ତରକାରୀ, ଶାଗ, ଭଜା, ପୁରୀ ଓ ପିଠାପଣାରେ ପ୍ରତିଘର ମହମହ ହୋଇ ବାସି ଉଠେ । ନୂଆଁ ଚାଉଳ ସହ ନଡିଆ କଦଳୀ ଛେନା ମିଶାଇ କିମ୍ବା ନୂଆଁ ଚାଉଳରେ ଖିରୀ ପ୍ରସ୍ତୁତ କରି ତାକୁ ଇଷ୍ଟଦେବୀ ଗ୍ରାମଦେବୀ (ମାଉଲି), ଦେବତା ପାଖରେ ପ୍ରଥମେ ଅର୍ପଣ କରାଯାଏ । ତାପରେ ଘରର ସମସ୍ତେ ଏକାଠି ବସନ୍ତି । ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି ସମସ୍ତଙ୍କୁ ନୂଆଁ ଚାଉଳ ବାଣ୍ଟି ଦେଇଥା'ନ୍ତି । ନୂଆଁ ଚାଉଳ ଖାଇସାରିବା ପରେ ସମସ୍ତେ ନିଜଠୁ ବଡମାନଙ୍କୁ ମୁଣ୍ଡିଆ ମାରନ୍ତି । ଏହାକୁ ନୂଆଁଖାଇ ଜୁହାର କୁହାଯାଏ । ଯାହାକି ସାମାଜିକ ବନ୍ଧନକୁ ସୁଦୃଢ଼ କରିବାର ଏକ ପରମ୍ପରା । ତାପରେ ଆରମ୍ଭ ହୁଏ ନୂଆଁଖାଇ ଭେଟଘାଟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ।

ନୂଆଁଖାଇର ପରଦିନକୁ ନୂଆଁଖାଇ ବାସୀ ବୋଲି କୁହାଯାଏ । ନୂଆଁଖାଇ ଦିନ ନିଜର ଇଷ୍ଟଦେବୀଙ୍କୁ ଭୋଗ ଲାଗି କରୁଥିବାରୁ ସେଦିନ କେହି ଆମିଷ ଭକ୍ଷଣ କରନ୍ତି ନାହିଁ । ସେଥିପାଇଁ ନୂଆଁଖାଇ ବାସୀ ଦିନଟିକୁ ଆମିଷ ଭୋଜନ ସହ ମଉଜ ମଜଲିସ୍‌ରେ ପାଳନ କରନ୍ତି ।

ସମୟ ବଦଳି ଯାଇଛି । ପାଳନ ବିଧିରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି । ତଥାପି ସେହି ଗହଗହ ମହମହ ନୂଆଁଖାଇ ବାସନା ଲୋକଙ୍କ ମନରେ ଆଜି ବି ଭରିରହିଛି ।

- ତକବା, ସିନ୍ଦୁରପଙ୍କ, ସମ୍ବଲପୁର
ମୋ - ୨୦୦୩୨ ୩୮୦୦

# RAMPAD STONE INSCRIPTIONS DECIPHERED IN 2016

● **Dr. Sasanka Sekhar Panda**



Photo no. 1 - Rampad Stone inscrion No.1
(Photo courtsey - Dipak Kumar Panda)

As I am born and brought up in Kunjelpara of Sambalpur city, it was my moral obligation to bring to light the reading of the Devanagari stone inscriptions on the monolithic rock in the mid-stream of river Mahanadi near Durgapali. Durgapali is a small village situated in the outskirt of Sambalpur city. I was wondering how the Sambalpur University, although established more than sixty years ago, none of the history department scholars tried to take the pair of deciphering two inscriptions in the Devanagari scripts.

In response to my request letter to the Director, Epigraphical Survey of India, Mysuru, he sent the Epigraphical Superintendent Dr. M. Venkata Raghavendra Verma and the Estampage Expert Shri Sushil Kuma in October, 2016 to Visit Kalahandi and Sambalpur districts to cover all stone inscriptions and to decipher them. After covering the inscription sites of Kalahandi district Dr. Verma made a phone call and requested me to come down from Bhubaneswar to Sambalpur to give him logistic support. I requested my elder brother, the reputed Folk Culture expert. Dr. Shyama Sunder Dhar to take to arrange a boat to visit Rampad in the mid-stream of rives Maheradi, Dr. Dhar contacted the youth of Durgapali, Gulshan Pandey and Roshan to take us Rampad in their boat. On my request my younger brother history-researcher and Journalist Shri Dipak Kumar Panda joined with the ESI team for photographic coverage in his powerful camera.

The team covered the site and took estampages of two stone inscriptions of Rampad. Dr. M. Venkat Raghavendra Verma informed through e-mail on 6th January, 2017 the detail readings those inscriptions, which were not deciphered earlier by anybody.



Photo no. 2 - Rampad Stone inscrion No.2
(Photo courtsey - Dipak Kumar Panda)

The text of the long eight lined inscription is as follows - (Line-1). Sri Sri Sri Parama... (Line-2) Jani Parama 1552 Sam (Line-3) Sakabarusa Gi...4 Jamarana (Line-4) Saneta Raghurupani Bhumandala Mane Sapra Rama (Line-5) 15 Pam 14 Disa Mahaguro Paramaguro. Parama Bhagavato (Line-6) Srirama Sarana Bhajo Sri Ra... (Live-7) Pam Sanjana Punya (Live-8) Sri Rama

The eighth line is engraved at the corner of the inscription. It is damaged and work out. It is in Sanskrit and local dialet in Nagari characters. It seems to record the performances of some rituals dedicated to srirama by fifteen Pandits for fourteen days in the Saka Samvat Year – 1552 (Cirea 1630 A.D.)

The second inscription at Rampad is very short. It is deciphered as (Line-1) Sri Rama 6261 Hari (Live-2) Sri Rama 6261 Hari.

It mentions (Line-1) Sri Rama 6261 Hari. (Live-2) Sri Rama 6261 Hari. The purpose is not clear.

The Reports of both Rampad Inscriptions have been published by the Epigraphical Society of India (Mysuru) in its Annual Report of 2016-2017 in April, 2017 for the benefit of scholars and researchers.

- Retired Director (Technical)
& Additional Secretary to Govt. Information
& P. R. Department, Government of Odisha.
Mobile: 94 381 60195.

# ବୌଦ୍ଧଗୁରୁ ପଦ୍ମସମ୍ଭବଙ୍କର ଜନମ ମାଏଟ ସମ୍ବଲପୁର

● ଭବାନୀଶ ଭୋଇ

ଓଡିଶାର ପୁରାତନ ନାଆଁ ଉଡ୍ର, ଉଡଭିସା, ଉଡ୍ଡିଆନ ବଲି ପ୍ରମାଣିତ ହେଇସାରିଛେ । ଐତିହାସିକ ଡ. ହର ପ୍ରସାଦ ଶାସ୍ତ୍ରୀ, ନିକ୍ ଡୁଗଲସ, ନବିନ ସାହୁ, ବିମଲେନ୍ଦୁ ମହାନ୍ତି, ଭାଗରଥୀ ପଟନାଏକ ଲେଖେ କେତନି ପ୍ରତିଷ୍ଠିତ ଇତିହାସବିଦ ଓଡିଶାକେ ପୁରାତନ ଉଡ୍ର/ଉଡ୍ଡିଆନ ବଲି ବର୍ଣ୍ଣନା କରିଛନ । ତାର ସାଙ୍ଗେ ଇନ୍ଦ୍ରଭୁତିଙ୍କର ରାଏଜ ସମ୍ବଲକ/ସମ୍ବଲ ଏଛନିର ସମ୍ବଲପୁର ବଲି ଭି କେତନି ଇତିହାସକାର ପ୍ରମାଣିତ କରିସାରିଛନ । ଆସୁନ ସେହି ଉଡ୍ଡିଆନ କ୍ଷେତ୍ରନେ ଥିବାର ସମ୍ବଲକ/ସମ୍ବଲ ର କିଛି ପ୍ରମାଣ ଖୁଜିବାକେ ଚେଷ୍ଟା କରମା । ଇତିହାସରେ ସମ୍ବଲପୁରର ପହେଲା ବର୍ଣ୍ଣନା ଦେଖବାକେ ମିଲିସି ଟଲେମୀଙ୍କ ବର୍ଣ୍ଣନାରେ । ପ୍ରାଚୀନ ମିଶର (ବର୍ତ୍ତମାନର ଇଜିପ୍ଟ) ଦେଶର ଆଲେକଜାଣ୍ଡ୍ରିଆ ନଗରୀରେ ଜନମ ହେଇଥିବାର ଭୂଗୋଲବିଦ ଟଲେମି (ଆନୁମାନିକ ସମିୟା କାଲ ୧୦୦-୧୭୦ ଖ୍ରୀଷ୍ଟାବ୍ଦ) ତାଙ୍କର ଭୂଗୋଲ ବହିନେ ଉଡ୍ଡୟନ କ୍ଷେତ୍ରରେ ସମ୍ବଲକ ନଗରୀ ରହିଥିବାର କଥା ବର୍ଣ୍ଣନା କରିଛନ । ତାର ଅର୍ଥ ସେତେବେଲେ ସମ୍ବଲପୁର ଗୁଟେ ଗାଁ ନାଇଁଥାଇ ନଗରର ରୁପ ନେଇଥିଲା । ସେତେବେଲେ ସମ୍ବଲକରେ ହୀରା ମିଲୁଥିଲା ବଲି ଟଲେମୀ ଲେଖିଛନ । ସମ୍ବଲକନୁ ହୀରା ସେତେବେଲେ ରୋମକେ ଯାଉଥିଲା । ତାର ଅର୍ଥ ୨ ଶହ ଶତାବ୍ଦୀ ବେଲକେ ସମ୍ବଲପୁର ରୋମ ନେ ପରିଚିତ ଥିଲା । ସେହି ସମ୍ବଲକ ନଗର ପୁଣି ମନଦସ/ମାନଦ ନଦୀ କୁଳରେ ଥିବା ସେ କହିଛନ । ସମ୍ବଲକ ପାଖେ ହୀରାଖଣ୍ଡି ଥିଲା । ସେହି ହୀରାଖଣି ଏଛନିର ହୀରାକୁଦ ବଲି ବିଶ୍ୱାସ କରାଯାଏସି । ହୀରାକେ ବଜ୍ର ବଲି ପୁରାଣରେ କୁହାହେଇଛେ । ଅଷ୍ଟମ ଶତାବ୍ଦୀଥି ବେଲକେ ସମ୍ବଲକର ରଜା ଇନ୍ଦ୍ରଭୂତି ବୌଦ୍ଧ ଧରମର ତନ୍ତ୍ରଯାନକେ ଆଦିମ ଅଧିବାସୀମାନକର ମୟୂରୀ ବିଦ୍ୟା ସାଙ୍ଗେ ମିଶେଇ କରି ବଜ୍ରଯାନ ବୌଦ୍ଧ ଧରମ ପ୍ରଚର କରି ଥିଲେ । ସମ୍ବଲପୁରନୁ ମିଳୁଥିବାର ବଜ୍ର /ହୀରା ପରିଚିତ ଥିଲଶ ସେଥିର ଲାଗି ତାଙ୍କର ସାଧନାକେ ବଜ୍ରଯାନ ବଲି କୁହାଯାଇଥିବା ଅନମାନ କରାଯାଏସି । ଇନ୍ଦ୍ରଭୂତି ଲେଖଲା ଧରମ ଗ୍ରନଥ 'ଜ୍ଞାନସିଦ୍ଧି' ର ପହେଲା ଶ୍ଳୋକଥି ଜଗନ୍ନାଥ ମାହାପୁରୁକର ବନ୍ଦନା କରିଛତ । ଜଗନ୍ନାଥ ମାହାପୁରୁଁକର ଇତାର ଆଘରୁ ଆରୁ କେନସି ଭି ଧରମ ପୁଥି ପୁରାନ କି ତଁବାପଟାଥି ଲିଖିତ ପରମାଣ ନାଇଁ ମିଲିଥାଇ । ଖାଲି ଇନ୍ଦ୍ରଭୂତିକଁର 'ଜ୍ଞାନସିଦ୍ଧି' ନୁହେସେ, ତାକର ଗୁରୁ ଅନଙ୍ଗବଜ୍ର ବି ତାଁକର୍ ଲେଖଲା ଗ୍ରନ୍ଥ, ପ୍ରଜ୍ଞୋପାୟ ବିନିଶ୍ଚୟ ସିଦ୍ଧି ଥି ବୁଦ୍ଧକୁଁ ଜଗନ୍ନାଥ ହିସାବେ ଗୁରୁ ବଲିକରି ସଂବୋଧନ୍ କରିଛନ୍ ।

ସମ୍ବଲର ରାଜା ଇନ୍ଦ୍ରଭୁତି ଅଷ୍ଟମ ଶତାବ୍ଦୀନେ (ଅନୁମାନିକ ୬୫୭ ସାଲରୁ ୭୧୭ ଭିତରେ) ଶାସନ କରୁଥିବାର ଜନା ଯାଏସି । ରାଜା ଇନ୍ଦ୍ରଭୁତିଙ୍କର ପୁଅର ମରନ ଉତାରୁ ପୁଓଟେ ଲାଗି ଚିନ୍ତାରେ ପଡିଥିଲେ । ପୁଓଟେ ପାଏବାର ଲାଗି ସେ ବୌଦ୍ଧ ଭିକ୍ଷୁମାନଙ୍କୁ ଡକେଇ କରି ମହାଦାନ କରିଥିଲେ । ସେ ମହାଦାନ ଥି ଖୁସି ହେଇକରି ସ୍ୱର୍ଣ୍ଣଦ୍ୱିପର ନାଗକନ୍ୟା ତାହାଁକୁ ଚିନ୍ତାମଣି ରତ୍ନ ଦେଇଥିଲେ । ସମ୍ବଲକର ଧନକୋଶ ଜଳାଶୟ ଭିତରେ ପଦ୍ମରେ ବସିକରି ତପସ୍ୟା କରୁଥିବାର ଅବସ୍ଥାନେ ଆଠ ବର୍ଷର ଶିଶୁକେ ଦେଖଲେ । ସେ ଛୁଆକେ ତାର ଉତାରୁ ପୁଓ ହିସାବେ ଗ୍ରହଣ କଲେ । ପଦ୍ମରୁ ଜନମ ହେଇଥିବାରନୁ ସେହି ଛୁଆର ନାଁ ଦିଆହେଲା ପଦ୍ମସଂଭବ । ତାହାଙ୍କୁ ଆଉର ବି ସରୋରୁହ ବ୍ରଜ ବଲି ବି କହେସନ । ସେ ବାପା ଇନ୍ଦ୍ରଭୁତିଙ୍କର ଠାନୁ ଛୋଟ ସମିୟାନୁ

ବଜ୍ରଯାନ ଉପରେ ଗଭୀର ଅଧ୍ୟୟନ କରିସାରିଥିଲେ । ତାର ସାଙ୍ଗେ ତାଙ୍କର ନାନା ଲକ୍ଷ୍ମୀକରା ସହଜଯାନର ପ୍ରବର୍ତ୍ତକ । ମାତ୍ର ସାତ ବର୍ଷ ବୟସରଙ୍କ ସେ ସିଦ୍ଧି ପ୍ରାପ୍ତି କରି ସାରିଥିଲେ । ସେ ମଧ୍ୟ ଇନ୍ଦ୍ରଭୁତିଙ୍କ ଠାନୁ ଶିକ୍ଷା ଗ୍ରହଣ କରିଥିଲେ । ତାର ସାଙ୍ଗେ ନିଜେ ସାଧନା କରି ସହଜ ଯାନ ବଲି ନୂଆଁ ଧାରାଟେ ମୂଳ କରିଥିଲେ । ତାଙ୍କର ସାଧନା କ୍ଷେତ୍ର ହିସାବେ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗୁରୀ ଆର ହୁମା ବଲି ବିଶ୍ୱାସ କରାଯାଏସି । ତାନ୍ତ୍ରୀକ ମାନେ ସେଥିର ଲାଗି ଇ ଦୁହି ଜାଗାକେତ୍ରୁର କ୍ଷେତ୍ର ବଲି ବିଶ୍ୱାସ କରସନ । ଲକ୍ଷ୍ମୀଡୁଙ୍ଗୁରୀ ସେହି ମହାନ ସାଧିକା ଲକ୍ଷ୍ମୀକରାଙ୍କର ନାଁଥି ନାମିତ ହେଇଛେ ବଲି ଲୋକମାନଙ୍କର ବି୍ବାସ ରହିଛେ । ଲକ୍ଷ୍ମୀକରା ଅଦ୍ୱୟ ସିଦ୍ଧି ପୁସ୍ତକ ରଚନା କରିଥିଲେ । ଅଦ୍ୱୟସିଦ୍ଧି ପୁସ୍ତକରେ ସେ ସହଜ ଯାନ ବିଷୟରେ ବର୍ଣ୍ଣନା କରି ଲେଖିଛନ . . .

ନ କଷ୍ଟକଲ୍ପନାଂ କୁର୍ଯ୍ୟାତ୍ ମୋପବାସୋ ନଚ କ୍ରୀୟାମ ।
ସ୍ନାନଂ ଶୌଚ ନଚୈବାତ୍ର ଗ୍ରାମଧର୍ମ ବିବଜନମ୍ ।।
ନ ଚାପି ବନ୍ଦୟେଦ୍ଦେବାନ୍ କାଷ୍ଟପାଷାଣ ମୃଣ୍ମୟାନ ।
ପୁଜାମସୈବ କାୟସ୍ୟ କୁର୍ଯ୍ୟନ୍ନିତ୍ୟଂ ସମାହିତ: ।।
(ଅଦ୍ୱୟସିଦ୍ଧି)

ପଦ୍ମ ସମ୍ଭବ ତାଙ୍କର ନନା ଲକ୍ଷ୍ମୀକରାଙ୍କର ଠାନୁ ସହଜ ଯାନ ଶିକ୍ଷା କରିଥିଲେ । ସେଥିର ଲାଗି ସେ ବଜ୍ରଯାନ ଆର ସହଜ ଯାନ ରେ ପାରଙ୍ଗମ ହେଇ ପାରିଥିଲେ । ପଦ୍ମସମ୍ଭବ ଅସ୍ତ୍ର ଅଭ୍ୟାସ କରୁଥିବାର ସମିଆନେ ଭୁଲରେ ସମ୍ବଲକର ଝନେ ଅଧିକାରୀଙ୍କର ପୁଅର ବେଁକ କଟିଗଲା ଇନ୍ଦ୍ରଭୁତି ରାଜ୍ୟରେ ହତ୍ୟାକାରୀକେ ଦେଶାନ୍ତର ଦଣ୍ଡ ଦେଉଥିଲେ । ସେଥିର ଲାଗି ସବୁଠାନୁ ବେଶି ପଦ୍ମସମ୍ଭବକେ ଭଲ ପାଉଥିଲେବି ସେ ନିଜର ନ୍ୟାୟରେ ଅଟଳ ରହେଲେ । ପଦ୍ମସଂଭବକେ ବି ଦେଶାନ୍ତର ହେବାକେ ପଡଲା । ସେ ପହେଲା ଯାଇକରି ତାର ବାଦ ବାପାଙ୍କର ନିର୍ଦ୍ଦେଶରେ ନାଲନନ୍ଦାରେ ଯାଇକରି ପାଠ ପଢଲେ । ସେନ ଦୀକ୍ଷା ଗ୍ରହଣ କରବାର ଉତାରୁ ନାଳନ୍ଦାରେ ହିଁ ଗୁରୁ ହିସାବେ ଶିକ୍ଷାଦାନ କଲେ । ସେ ଯାଲୋର ଏଛନିର କେନ୍ଦୁଝରେ ଅଞ୍ଚଳର ରାଜକନ୍ୟାକେ ବିହା ହେଇଥିଲେ । ତାଙ୍କର ଶଳା ଶାନ୍ତିରକ୍ଷିତ ବି ନାଳନ୍ଦାର ଝନେ ଅଧ୍ୟାପକ ଥିଲେ । ପଦ୍ମସମ୍ଭବଙ୍କୁ ଅଲୌକିକ ପ୍ରତିଭା ବିଷୟରେ ଦେଶ ବିଦେଶରେ ପ୍ରଚାରିତ ହେଇସାରିଥିଲା । ଭୁଟାନରେ ସେତେବେଲେ ଅରାଜକତା ଦେଖାଦେଇଥିଲା । ଭୁଟାର ରାଜା ଗୁରୁ ପଦ୍ମସମ୍ଭବକେ ଭୁଟାନ ଆସିକରି ସମାଧାନ ଲାଗି ଅନୁରୋଧ କରିଥିଲେ । ସେ ଭୁଟାନ ଯାଇକରି ସେନ ଶାନ୍ତି ଥାପନା କରିଥିଲେ । ତାର ବାଦ ସେ ସିକିମ୍, ନେପାଲ, ଆଦି ଅଞ୍ଚଲରେ ବି ଧର୍ମ ପ୍ରଚାର କରିଥିଲେ । ତିବ୍ୱତର ରାଜା ତାଙ୍କୁ ନିଜର ଦେଶକେ ଆସିକରି ସେନ ଚାଲିଥିବାର ରୋଗଗ୍ରସିତ ପରିସ୍ଥିତିକେ ଠିକ କରବାକେ ଅନୁରୋଧ କରିଥିଲେ । ନିଜର ଶଳା ଶାନ୍ତରକ୍ଷିତ ଙ୍କର ସାଂଗେ ତିବ୍ୱତ ଯାଇଗରି ଆନୁମାନିକ ୭୫୦ ରୁ ପଚାଶ ବର୍ଷ ରହିଥିଲେ । ସେତେବେଲେ ତିବ୍ୱତର ରଜା ଥିଲେ ଖ୍ରୀ-ସ୍ରୋନ-ଦେ-ତାନ୍ । ତାଙ୍କର ଶାସନ ସମିୟାରେ ୭୫୫ ସାଲୁ ୭୯୭ ସାଲ୍ ଭିତରେ ପଦ୍ମସମ୍ଭବ ଭାରତନୁ ନେପାଲ ରାସ୍ତାରେ ତିବ୍ୱତ୍ ପୁହୁଁଚିଥିଲେ । ଗୁରୁ ପଦ୍ମସମ୍ଭବ ତିବବତରେ ମହାବିହାର ଏବଂ ଗୁରୁ (ଲାମା) ପରମ୍ପରା ଆରମ୍ଭ କରିଥିଲେ । ଆଜି ତିବ୍ୱତ, ଚୀନ,ନେପାଲ, ଭୁଟାନ, ସିକ୍କିମ, ଉତ୍ତରାଖଣ୍ଡା, ହିମାଚଲ, ଲଦ୍ଦାଖରେ ପଦ୍ମସମ୍ଭବଙ୍କୁ ଗୁରୁ ରିଂପୋଚେ ହିସାବେ ପୂଜା କରାଯାଏସି । ତାର ସାଙ୍ଗେ ବୁଦ୍ଧ ଧର୍ମରେ ଗୁରୁ ପଦ୍ମସମ୍ଭବଙ୍କ ଠାନ ବହୁତ ଉପରେ ଏନ୍ତାକି ତାହାଙ୍କୁ ଦ୍ୱିତୀୟ ବୁଦ୍ଧ ହିସାବ ଗ୍ରହଣ କରାଯାଏସି । ହେଲେ ଦୁର୍ଭାଗ୍ୟର ବିଷୟ ତାଙ୍କର ଜନମ ଜାଗା ସମ୍ବଲପୁରରେ ତାଙ୍କର ବିଷୟରେ ଅଧିକାଂଶ ଲୋକ ଅନଜାନ ଆନ । ତାର ପଛାଡେ ବଡ କାରଣ ହେଇପାରେ ସେ ଯୁଆନ ସମିଆନୁ ସମ୍ବଲପୁର ଛାଡଲା ଉତାରୁ ଆର କେଭେ ସେ ଆଉ ସମ୍ବଲପୁର ନାଇଁ ଫିରି । ସେଥିର ଲାଗି ତାଙ୍କର ଇତିହାସ ଯେତକି ବିଦେଶରେ ସୁନବାକେ ମିଲସି ସେତକି ନିଜର ଜନମ ମାଏଟରେ ଚର୍ଚ୍ଚା ବି ନାଇଁ ହୁଏ । ତାଙ୍କର ବିଷୟରେ ସବୁଠାନୁ ପହେଲା ଜର୍ମାନ ଗବେଷକମାନେ ଗବେଷଣା କରି ତାଙ୍କର ଜୀବନ ଆର ଦର୍ଶନ ବିଷୟରେ ତଥ୍ୟ ଲୋକ ଲୋଚନକେ ଆନଲା ବେଲେ ତାଙ୍କର ଜନମ ମାଏଟ ବିଷୟରେ ଭୁଲ ତଥ୍ୟ ଉପସ୍ଥାପନ କରିଦେଇଥିଲେ । ସେମାନେ ସମ୍ବଲ ଜାଗାଟା ସ୍ୱାତ ଉପତ୍ୟତାରେ ରହିଥିବାର କଥା ଅନୁମାନ କରିଥିଲେ । ତିବ୍ୱତର ପାଖେ ରହିଥିବାର ଲାଗି ସେ ସ୍ୱାତ ଉପତ୍ୟକାନୁ ତିବ୍ୱତକେ ଯାଇକରି ଧର୍ମପ୍ରଚାର କରିଥିବାର ଅନୁମାନ କରିଥିଲେ । ହେଲେ ସମ୍ବଲପୁର ଲେଖେ ଗୁଟେ ଜାଗାର ଭୌଗଳିକ ଆର ସାଂସ୍କୃତିକ ଥିତି ବିଷୟରେ ସେମାନଙ୍କର ଜାନବାର ଅବାକଶ ନାଇଁଥିବାର ସ୍ୱାଭାବିକ ଆୟେ । ହେଲେ ଭାରତୀୟ ଗବେଷକ

ଡ. ହର ପ୍ରସାଦ ଶାସ୍ତ୍ରୀ, ନବିନ ସାହୁ, ବିମଳେନ୍ଦୁ ମହାନ୍ତ, ଆର ନିକ୍ ଡୁଗଲସ ଲେଖେ ପ୍ରତିଷ୍ଠିତ ଇତିହାସବିଦ ମାନେ ସମ୍ବଲପୁର ହିଁ ପ୍ରକୃତରେ ପୁରାତନ ସମ୍ବଲକ ଆର ଗୁରୁ ପଦ୍ମସମ୍ଭବଙ୍କର ଜନମ ମାଏଟ ବଲି ପ୍ରମାଣିକ କରିଛନ ।

ପାଠକ ମାନଙ୍କର ଜିଜ୍ଞାସା କେ ଦୁର କରବାର ଲାଗି ଆମେ ସମ୍ବଲକ ଆର ସମ୍ବଲପୁର କେ ନେଇକରି କେତେଟା କଥା ଆଲୋଚନା କରିପାରମା ।

୧) ପହେଲା ଆମେ ଆଲୋଚନା କରିସାରିଛୁଁ ଭୂଗୋଲବିଦ ଟଲେମି ତାଙ୍କର ବହିରେ ଉଡ୍ଡିୟାନ କ୍ଷେତ୍ରରେ ସମ୍ବଲକ ନଗରୀ ରହିଥିବାର କଥା ଲେଖିଛନ । ସମ୍ବଲକ ନଗର ଦେଇକରି ମନଦସ/ମାନଦ ନଦୀ ବହିଯାଉଥିଲା । ସେ ସାନଦ ମହାନଦୀ ଆୟେ ବଲି ପ୍ରମାଣିତ ହେଇ ସାରିଛେ । ସେତେବେଲେ ସମ୍ବଲକରେ ହୀରା ମିଲୁଥିଲା ବଲି ଟଲେମୀ ଲେଖିଛନ । ସମ୍ବଲପୁର ପାଖେ ହୀରାଖଁଣି ଥିଲା ଯାହାକେ ଏଛନି ହୀରାକୁଦ (କୁଦ ମାନେ ଖଁଣି) ରହିଛେ । ସମ୍ବଲକନୁ ହୀରା ସେତେବେଲେ ରୋମକେ ଯାଉଥିଲା ।

୨) ଚୀନ ପରିବ୍ରାଜକ ହୁଏନସାଂ ୬୩୦ ରୁ ୬୪୩ ମଧ୍ୟରେ ଭାରତ ର ଅନେକ ଅଞ୍ଚଲ ବୁଲିଥିଲେ । ପଶିମାଞ୍ଚଲରେ ଶହେ ସଂଘାରାମ ଥିଲା ଯେନଜାଗାରେ ଦଶ ସହସ୍ର ସନ୍ୟାସୀ ରହୁଥିବା ସେ ବର୍ଣ୍ଣନା କରିଛନ୍ତି । ଚିନର ଭୁଗୋଲବିଦ ହୁଏନସାଂ ସମ୍ବଲକର ରଜା ଇନ୍ଦ୍ରଭୂତିଙ୍କର ସମିଆରେ ସପ୍ତମ ଶତାବ୍ଦୀନେ ସମ୍ବଲପୁର ଅଞ୍ଚଲକେ ଆସିଥିଲେ । ତାଙ୍କର ଲେଖା ଅନସାରେ ରାଜା ଇନ୍ଦ୍ରଭୁତି ବୌଦ୍ଧ ଧର୍ମ ସାଂଗେ ତନ୍ତ୍ରଯାନକେ ଯୁଡିକରି ବଜ୍ରଯାନର ପ୍ରଚାର କରଥିଲେ ।

୩) ପଦ୍ମ ସମ୍ଭବଙ୍କର ନନା ଲକ୍ଷ୍ମିକରା ଯିଏକି ସାରା ଦେଶର ୬୪ ଝନ ଯୋଗିନୀ ମାନଙ୍କର ଭିତରେ ଝନେ, ମହାନ ତନ୍ତ୍ର ସାଧିକା ଲକ୍ଷ୍ମୀକରାଙ୍କର ଠାନୁ ତନ୍ତ୍ରବିଦ୍ୟା ଶିକ୍ଷାକରିଥିଲେ । ଇନ୍ଦ୍ରଭୁତିଙ୍କର ବହେନ ତେବେ ସେ ସୋନପୁର/ ଲଙ୍କାପୁରୀ ନ ରାଜା ଜଲେନ୍ଦ୍ରଙ୍କର ପୋକେ ବିହା ହେଇଥିଲେ ।

୪) ସମ୍ବଲକ ତନ୍ତ୍ର କ୍ଷେତ୍ର ହିସାବରେ ବେଶ ଖ୍ୟାତି ହାସିଲ କରିଥିଲା । ପଶ୍ଚିମାଞ୍ଚଲର ସାତ ଜଣ ସିଦ୍ଧ ସାଧିକା ଜ୍ଞାନଦେଇ ମାଲେନ, ସୁକ୍ଟି ଚମାରେନ, ପତ୍ରପିନ୍ଧି ଶବରେନ, ନିତେଇ ଧୁବେନ , ଗାଙ୍ଗୀ ଗଉରେନ, ଲୁହାକୁଟି ଲୁହୁରେନ ଆରୁ ଶୁଆ ତେଲେନ ସହଜଯାନର ସାଧିକା ଥିଲେ । ସେମାନଙ୍କୁ ସାତବହନୀ ବଲି ଆଜିବି ପଶ୍ଚିମାଞ୍ଚଲରେ କୁହାଯାଏସି । ସେମାନେ ଅନ୍ଧାର ରାତି ବନ୍ଧ ମାନକେ ସାଧନା କରୁଥିଲେ ବଲି ଆଜିବି ବନ୍ଧ ମାନକେ ସାତବହନି ଥିସନ ବଲି କଥା ରହିଛେ ।

୫) ପଶ୍ଚିମାଞ୍ଚଲର ତାନ୍ତ୍ରିକ / ଗୁନିଆଁମାନେ ଲୋକ ମାନଙ୍କର ନାଁରେ ଥିବା ମନ୍ତ୍ରରେ ଫୁକାଝଡ଼ା କରୁଥିବାର ଜନଯାଏସି । ତାର ସାଙ୍ଗେ ସମ୍ବଲପୁର ସମେତ ପଶ୍ଚିମାଞ୍ଚଲରେ ଏବେବି ମୁଠିବିଦ୍ୟା ରହିଛି ଯାହା ତନ୍ତ୍ର ସାଧନାର ଗୁଟେ ଅଂଶ ।

୬) ଜାତକ ବେବସ୍ଥା ପଶ୍ଚିମାଞ୍ଚଲର ଧାର୍ମିକ କାର୍ଯ୍ୟକ୍ରମ ଆର ପରମ୍ପରା ଥି ରହିଛେ । ଯେନଟା ବୌଦ୍ଧ ଧର୍ମର ତନ୍ତ୍ରବିଦ୍ୟା ସାଙ୍ଗେ ଜଡିତ । ପଶ୍ଚିମାଞ୍ଚଲରେ ଛୁଆ ଜନମ ହେବାର ଉତାରୁ ତାର ଜାତକ ନାଆଁ ଦିଆଯିବାର ପରମ୍ପରା ରହଆସିଛେ । ଜାତକ ନାଁକେ ତନ୍ତ୍ରବିଦ୍ୟାରେ ବେଭାର କରି ଛୁଆ ମାନଙ୍କର କ୍ଷତି କରି ପାରୁଥିଲେ । ସେଥିର ଲାଗି ମାଁ ବାପା ଜାତକ ନାମକେ ଖାଲି ବହାଘର ଆର ଦୁସରା ଧାର୍ମିକ କାମରେ ବେଭାର କରୁଥିଲେ । ସେଥିର ଲାଗି ଆମର ଅଞ୍ଚଲନେ ଛୁଆମାନଙ୍କର ଡାକବାର ନାଁଟା ଅଲଗା ରହିଥିସି ।

୭) ସେଥିର ଲାଗି ଘରର ଲୋକଙ୍କୁ ଛାଡି ଜାତକ ନାଁ ମାନେ ଦୁସରା ଲୋକ ଜାନି ନାଇଁ ପାରୁଥାଇ । ଯଦି ଜନ୍ମର ଲଗ୍ନ ଦେଖକରି ନା ସ୍ଥିର କରାଯାଏ ତେବେ ତାକୁ କାହାରି ସାମନାରେ ବେଭାର ନାଇଁ କରବାରଟା ନିଶ୍ଚିତ ଗୁଟେ ବିଚାରର ବିଷୟ ଆୟେ ।

୮) ଆଠଶହ ଶତାବ୍ଦୀ ବେଲକେ ସମ୍ବଲକ ତନ୍ତ୍ର ବିଦ୍ୟାର ଗୁଟେ ମୁଖ୍ୟ କେନ୍ଦ୍ର ଥିଲା । ଲକ୍ଷ୍ମୀକରା ସମ୍ବଲପୁର ପାଖର ମହାନଦି କୁଲେ ଥିବା ଲକ୍ଷ୍ମୀ ଡୁଙ୍ଗରୀରେ ସାଧନା କରୁଥିଲେ ବଲି କୁହାହେସି । ତାଙ୍କା ସାଧନା ଲାଗି ସେ ଡୁଂଗରୀ କେ ଲକ୍ଷ୍ମୀ ଡୁଙ୍ଗରୀ ବଲି ନାଁ ଦିଆହେଇଥିବାର ଲୋକର ମୁହୁଁଥୁ ଶୁନବାରକେ ମିଲସି ।

୯) ଇତିହାସ ଗବେଷକ ଶ୍ରୀ କୁଳମଣି ପଟେଲ କହେସନା କିଛି ବଛର ଆଘରୁ ପାହାଡ ଉପରେ ଲକ୍ଷ୍ମୀକରାଙ୍କର ଗୁଟେ ମୂର୍ତ୍ତି ରହିଥିଲା ଯେନଟା ତନ୍ତ୍ର ସାଧକମାନେ ତନ୍ତ୍ର ସାଧନା କରୁଥିଲେ । ତେଭେ କିଛି ବଛର ଆଗରୁ ସେ ମୂର୍ତ୍ତି ଚୁରି ହୋଇଯାଇଛେ । ଏବେବି ଲୋକମାନେ ଲକ୍ଷ୍ମୀଡୁଙ୍ଗରୀକୁ ତନ୍ତ୍ରକ୍ଷେତ୍ର ବଲି କହେସନ । ଲକ୍ଷ୍ମୀକରାଙ୍କ ନାଁରେ ସମ୍ବଲପୁରର ଲକ୍ଷ୍ମୀଡୁଙ୍ଗରୀ ନାମିତ ହେଇଥିବାର ଅନୁମାନ କରାଯାଏସି ।

୧୦) କିଛି ବଛର ଆଗରୁ ସମ୍ବଲପୁରର ଦୁର୍ଗାପାଲିର ଯୁଗିବନ୍ଧ ଆର କ୍ଷେତରାଜପୁର ଫ୍ଲାଇଓଭର ତଲୁ ୭୦୦ ସାଲର ଇଟା ମିଲିଛେ । ଐତିହାସିକ ଦୀପକ ପଣ୍ଡା, ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର, କୁଲମଣୀ ପଟେଲ ଆର ତାଙ୍କର ଟିମ ଇ ଇତିହାସକେ ଉନ୍ମୋଚନ କରିପାରିଛନ । ସେନ ଯୁଗି (ବୌଦ୍ଧ ଭିକ୍ଷୁ) ମାନେ ସାଧନା କରୁଥିବାର ଅନୁମାନ କରାଯାଉଛେ । ତାର ମାନେ ସେତେବେଲେ ସମ୍ବଲପୁର ନୁଁ ଲୋକ ବାକ ରହୁଥିବାର ଆର ବୌଦ୍ଧ ସଂସ୍କୃତି ଥିବାର ଜନା ପଡୁଛେ ।

୧୧) କିଛି ଗବେଷକ ହଜାରେ ବଛର ଆଗରୁ ସମ୍ବଲପୁର ସହରଟା ହୀରାକୁଦ ସହରର ଉପର ପାଖେ ଥିବାର କହେସନ । ଉପରମୁଡେ ସମ୍ବଲପୁର ଥିଲା ଆର ତଲକେ ହୀରାଖଁଣି । ଇକଥା ଅବିସ୍ୱାସ କରବାର କିଛି ନାଇଁନ । ସେତେବେଲେ ଯେନ ଝରା, ସହଁରା, କେଉଁଟ ଲେଖେ ଜାତିର ଲୋକ ରହୁଥିଲେ । ସେମାନେ ମହାନଦୀର ପାନି ଆର ଜଙ୍ଗଲ ଉପରେ ନିର୍ଭର କରୁଥିଲେ । ସେଥିର ଲାଗି ସମିଆ ସାଙ୍ଗେ ମହାନଦୀର ତଲକେତଲକେ ଆସିଥିବାର ବଡ କଥା ନୁହେ । ବଲରାମ ଦେବଙ୍କର ସମିଆରେ ବଡବଜାର ବଏଲେ ସମ୍ବଲପୁର ଥିଲା । ଏଛନି ସମ୍ବଲପୁର ଦଶ କିଲୋମିଟର ଦୁରୀଆ ତକୁ ତଲକେ ପହଁଚିଗଲାନ ।

୧୨) ସାତଶହ ଆର ଆଠଶହ ଶତାବ୍ଦୀ ବେଲକେ ସମ୍ବଲପୁର ଆଖେ ପାଖେ ବୌଦ୍ଧ ଧର୍ମର ଗହୀର ପ୍ରଭାବ ଥିଲା । ନରସିଂହ ନାଥନୁଁ ମୁଲକରି ଗନିଆ ପାଲି, ଭଟଲି, ସିଂହ ପାଲି ଲେଖେ ଜାଗା ସେ ସମିଆରେ ବୌଦ୍ଧ ଧର୍ମର ପରିଚିତ ଜାଗା ମାନେ ଥିଲା ।

୧୩) ଗୁରୁ ପଦ୍ମସମ୍ଭବ ଜାଲୋଇଥରେ ବିହା ହେଇଥିଲେ । ତାଙ୍କର ଶଲା ବି ନାଳନ୍ଦାର ଅଧ୍ୟାପକ ଥିଲେ । ଜାଲୋଇ ଏଛନିର କେନ୍ଦୁଝର ବଲି ଜନା ପଡୁଛେ । ବେଲେ ପଦ୍ମସମ୍ଭବଙ୍କ ସମ୍ବଲପୁରର ହେଇଥିବାରଟା ଅସମ୍ଭବ ନୁହେ ।

୧୪) ଇନ୍ଦ୍ରଭୁତିଙ୍କର ରାଏଜ ସମ୍ବଲପୁର ଥିବାରଟା କେହି ଅସ୍ୱୀକାର ନାଇଁ କରବାର ହେଲେ ତାଙ୍କର ପାଲିତ ପୁଓ ଗୁରୁ ପଦ୍ମସମ୍ଭବ ସମ୍ବଲପୁରର ବଲି ଅସ୍ୱିକାର କରବାର କେନସି କାରଣ ନାଇଁନ ।

୧୫) ସବୁଠାନୁ ବଡ କଥା ଆଏ ଆମର ଅଂଚଲ ଟା ଉଡ୍ଡିଆନ କ୍ଷେତ୍ରଥି ଥିଲା ତାର କେତନି ପ୍ରମାଣ ରହିଛେ । ତେଭେ ସ୍ୱାତ ଉପତ୍ୟକାରେ ଗୁରୁ ପଦ୍ମସମ୍ଭବ ଜନମ ହେଇଥିବାର କହେବାରଟା ଠିକ ନୁହେସେ ।

ଗଲା ୨୦୧୬ ସାଲୁ ଭାରତୀ ସମାଜ ତରଫରୁ ଗୁରୁ ଗୁରୁ ପଦ୍ମସମ୍ଭବଙ୍କର ଇତିହାସ ଉନ୍ମାଚନ ଲାଗି ଚେଷ୍ଟା କରାଯାଉଛେ । ଲକ୍ଷ୍ମିଡୁଙ୍ଗରୀନେ ଗୁରୁ ପଦ୍ମସମ୍ଭବ ପ୍ରକୃତି ଉଦ୍ୟାନ ବନେଇକରି ତତ୍କାଲିନ ସମିଆର ପ୍ରତିକୃତିମାନେ ଥାପନା କରବାର ଲାଗି ଜିଲ୍ଲା ପ୍ରଶାସନକେ ଅନୁରୋଧ ବି କରାଯାଇଛେ । ଆଗକେ ଉଡ୍‌ଡିଆନ ଆର ସମ୍ବଲକ ବିଷୟରେ ଅଏଧକା ପ୍ରଚାର ହେଇ ପାରଲେ ଆମର ଅଂଚଲ ପର୍ଯ୍ୟଟନ ଦୃଷ୍ଟିନେ କେତନି ଆଗକେ ବଢି ପାରତା । କେତନି ନୂଆଁ ନୂଆଁ ଇତିହାସକାରମାନେ ଆମର ଫାଲର ଇତିହାସକେ ନୂଆଁକରି ଖୁଜବାର ଚେଷ୍ଟା କରୁଛନ । ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଲୟର ଇତିହାସ ବିଭାଗ ମୁଖ୍ୟ ଡ ଅତୁଲ ପ୍ରଧାନ ରେଢାଖୋଲ ଅଞ୍ଚଲନେ ୧୦ ହଜାର ବଛର ପୁରୁନା ଇତିହାସ ରହିଥିବାର କଥା ଖୁଜିକରି ବାହାର କରିସାରଲେନ । ବେଲେ ଗୁରୁ ପଦ୍ମସମ୍ଭବଙ୍କୁ ନେଇ କରି ଆରଟିବେ ଖୁଜାନୁରା ହେଲେ ଆମର ଅଞ୍ଚଲର ନୂଆଁ ପରିଚୟଟେ ତିହାର ହେଇ ପାରବା ବଲି ମୋର ଆଶା ।

ସମ୍ପାଦକ – ସମ୍ବଲପୁରୀ ଦରପନ,
ଆବାହକ- ପଶ୍ଚିମାଞ୍ଚଲ ଏକତା ମଞ୍ଚ
ଠିକଣା-ସାରସ୍ୱତ କଲୋନୀ, ସମ୍ବଲପୁର -୦୧
ମୋବାଇଲ-୯୪୩୭୭୮୧୨୨୫

# ସଂକ୍ଷେପରେ ସମ୍ବଲପୁର

● ଡ. ପ୍ରମୋଦ କୁମାର ପଣ୍ଡା

ପଶ୍ଚିମ ଓଡ଼ିଶର ପ୍ରାଣକେନ୍ଦ୍ର ସମ୍ବଲପୁର କ୍ଷ ଅଷ୍ଟାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ନାମରେ ନାମିତ ଏହି ଜିଲ୍ଲା ଓ ସହର । ଚିରସ୍ରୋତା ମହାନଦୀର ଅବବାହିକାରେ ଅବସ୍ଥିତ ସମ୍ବଲପୁରରେ ପୂର୍ବେ ହୀରା ଖଣି ଉପଲବ୍ଧ ଥିବା ହେତୁ ଏହା ହୀରାଖଣ୍ଡ ନାମରେ ପ୍ରସିଦ୍ଧି ଲାଭ କରିଥିଲା । ରାଜା ମହେନ୍ଦ୍ରଙ୍କ ଶାସନ କାଳରେ ସମ୍ବଲପୁର ତତ୍କାଳୀନ କୋଶଳ ସାମ୍ରାଜ୍ୟାନ୍ତର୍ଭୁକ୍ତ ଥିଲା । ଚତୁର୍ଥ ଶତାବ୍ଦୀରେ ରାଜା ସମୁଦ୍ରଗୁପ୍ତ ପ*ମ ଏବଂ ଷଷ୍ଠ ଶତାବ୍ଦୀରେ ସର୍ଭପୁରିଆ, ସପ୍ତମ ଶତାବ୍ଦୀରେ ରାଜା ବ୍ରିଭର ଦେବ ଓ ନବମ ଶତାବ୍ଦୀର ଶେଷ ଆଡକୁ ରାଜା ଜନ୍ମେଜୟ ସମ୍ବଲପୁରରେ ରାଜତ୍ୱ କରିଥିଲେ କ୍ଷ ସୋମବଂଶୀ ରାଜା ମହାଭାବଗୁପ୍ତ ସାମ୍ରାଜ୍ୟ ବିସ୍ତାର କରି ସମ୍ବଲପୁର ଓ ବଲାଙ୍ଗୀରକୁ ନିଜ ସାମ୍ରାକ୍ୟାନ୍ତର୍ଭୁକ୍ତ କରିଥିଲେ । ତାଙ୍କ ଅନ୍ତେ ସମ୍ବଲପୁର ରତ୍ନପୁଅର କଳାଚୁରିମାନଙ୍କ ଅଧୀନରେ ରହିଲା । ତେର ଶତାବ୍ଦୀରେ ଗଣ୍ଡମାନେ କଳାଚୁରିଙ୍କୁ ପରାସ୍ତ କରି ସମ୍ବଲପୁର ଅଧିକାର କଲେ । ଚଉଦ ଶତାବ୍ଦୀର ମଧ୍ୟଭାଗରେ ରମାଇ ଦେବ ପଶ୍ଚିମ ଓଡିଶାରେ ଚୌହାନ ବଂଶର ଭିତ୍ତି ସ୍ଥାପନ କଲେ । ବଳରାମ ଦେବ (୧୫୭୦-୧୫୯୫) ଥିଲେ ଚୌହାନ ବଂଶୀୟ ପ୍ରଥମ ରାଜା । ତାଙ୍କ ଉତ୍ତରାକାରୀ ଭାବେ ହୃଦୟ ନାରାୟଣ ଦେବ (୧୫୯୫ - ୧୬୦୫), ବଳଭଦ୍ର ଦେବ (୧୬୦୫ -୧୬୩୦), ମଧୁକର ଦେବ (୧୬୩୦-୧୬୬୦), ବଳିୟାର ଦେବ (୧୬୬୦ -୧୬୮୮ ). ରତନ ସିଂ (୧୬୮୮ - ୧୬୯୦), ଛତ୍ର ସାଏ (୧୬୯୦-୧୭୨୫), ଅଜିତ ସିଂ (୧୭୨୫ - ୧୭୬୬), ଅଭୟ ସିଂ (୧୭୬୬ - ୧୭୭୮), ବଳଭଦ୍ର ସିଂ (୧୭୭୮-୧୭୮୧ ). ଜୟନ୍ତ ସିଂ (୧୭୮୧-୧୮୧୮ ), ମହାରାଜ ସାଏ (୧୮୨୦ ୧୮୨୭ ) ଓ ରାନି ମୋହନ କୁମାରୀ (୧୮୨୭ -୧୮୩୩) ସମ୍ବଲପୁର ଶାସନ କଲେ । ନାରାୟଣ ସିଂ (୧୮୩୩ -୧୮୪୯) ଥିଲେ ଚୌହାନ ବଂଶର ଅନ୍ତିମ ଶାସକ ଓ ପରେ କନ୍ଧ ଓ ବିଞ୍ଝାଲ ଜମିନଦାରମାନେ ଓ ସୁରେନ୍ଦ୍ର ସାଏ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହାରମ୍ଭ କରିଥିଲେ ।

୧୮୫୮ ମସିହାରେ କଟକ ଡିଭିଜନକୁ ସ୍ଥାନାନ୍ତରିତ ହୋଇଥିବା ସମ୍ବଲପୁର ସମେତ ଅନ୍ୟ ଭାରତୀୟ ଗଡଜାତ ରାଜ୍ୟକୁ ୧୮୬୨ ରେ ବ୍ରିଟିଶ ମଧ୍ୟ-ପ୍ରାନ୍ତରୁ ଅଲଗା କରି ନୂଆଁ କରି ସୃଷ୍ଟି ହୋଇଥିବା ଛତିଶଗଡ ଡିଭିଜନରେ ସାମିଲ କରାଯାଇଥିଲା । ବଙ୍ଗାଳ ପ୍ରେସିଡେନ୍ସିର ଓଡିଶା ଡିଭିଜନକୁ ଏହା ୧୯୦୫ ମସିହାରେ ସ୍ଥାନାନ୍ତର ହୋଇଥୁଲା କ୍ଷ ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହେଲା । ସେ ସମୟର ତେର ଜିଲ୍ଲା ମଧ୍ୟରୁ ସମ୍ବଲପୁର ଅନ୍ୟତମ । ୧୯୯୩ ମସିହାରେ ବରଗଡ଼ ଓ ୧୯୯୪ ମସିହାରେ ଝାରସୁଗୁଡା ଓ ଦେବଗଡ଼ ତତ୍କାଳୀନ ସମ୍ବଲପୁରରୁ ପୃଥକ ହୋଇ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଲାଭ କରିଥିଲେ ।

ସମ୍ବଲପୁର, ରେଢ଼ାଖୋଲ ଓ କୁଚିଣ୍ଡା ଉପଖଣ୍ଡକୁ ନେଇ ଗଠିତ ସମ୍ବଲପୁର ଜିଲ୍ଲାରେ ନଅଗୋଟି ବ୍ଲକ ରହିଛି । ଧନକଉଡ଼ା, ମାନେଶ୍ୱର, ଜୁଯୋମୁରା, ରେଙ୍ଗାଲି, ରେଢ଼ାଖୋଲ, ନାକଟିଦେଉଳ, କୁଚିଣ୍ଡା, ବାମରା ଓ ଜମନକିରା । ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ତହସିଲ ଅଫିସ କାର୍ଯ୍ୟ କରୁଛି । ଜିଲ୍ଲାରେ ୨୪ ପୁଲିସ ଷ୍ଟେସନ, ୧୩୯ ଗ୍ରାମ ପଂଚାୟତ ଓ ୧୩୪୯ ରାଜସ୍ୱ ଗ୍ରାମ ରହିଛି ।

୬୭୦୨ ବର୍ଗ କିଲୋମିଟର ଭୌଗୋଳିକ କ୍ଷେତ୍ରଫଳ ବିଶିଷ୍ଟ ସମ୍ବଲପୁର ଜିଲ୍ଲାର ସମୁଦାୟ ଲୋକସଂଖ୍ୟା ୧୦,

୪୧,୦୯୯ ଓ ଚନ୍ଦ୍ରରୁ ୧୮.୪୩% ଅନୁସୂଚିତ ଜାତି ଓ ୩୪.୧୨% ଅନୁସୂଚିତ ଜନଜାତି ସମ୍ପ୍ରଦାୟର । ସହରାଞ୍ଚଳରେ ୨୯.୫୯୯୬ ଲୋକ ରହୁଥିବା ବେଳେ ୭୦.୪୧% ଗ୍ରାମାଞ୍ଚଳରେ ବସବାସ କରନ୍ତି । ଜିଲ୍ଲାର ସାକ୍ଷରତା ହାର ୭୬.୯୧% ଓ ସମ୍ବଲପୁର ସହରର ସାକ୍ଷରତା ହାର ୮୫.୬୯% ରହିଛି ।

ଜିଲ୍ଲାରେ ବିଭିନ୍ନ ଭାଷାଭାଷୀର ଲୋକ ବସବାସ କରନ୍ତି । ମୁଖ୍ୟ ଭାଷା ଓଡ଼ିଆ ଓ ସମ୍ବଲପୁରୀ ବ୍ୟତୀତ ହିନ୍ଦୀ ଭାଷାର ପ୍ରଚଳନ ମଧ୍ୟ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଦେବାକୁ ମିଳେ । ଜିଲ୍ଲାର ୫୨.୪୧% ଓଡ଼ିଆ. ୨୬.୩୮% ସମ୍ବଲପୁରୀ, ୪.୯୮% କିସାନ,୩.୯୮% ହିନ୍ଦୀ, ୩.୮୮% ମୁଣ୍ଡାରୀ, ୧.୮୫% ସାଦ୍ରୀ ଓ ୧.୪୯% ଖରିଆ ଓ ଅବଶିଷ୍ଟ ୫.୦୩୯୬ ଲୋକ ଅନ୍ୟ ଭାଷାରେ କଥାବାର୍ତ୍ତା କରିଥାନ୍ତି ।

ଚାକିରୀ ଏବଂ ବିଭିନ୍ନ ଛୋଟବଡ ବ୍ୟବସାୟ ଉପାର୍ଜନର ମାଧ୍ୟମ ହୋଇଥିଲେ ମଧ୍ୟ ଜିଲ୍ଲାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ । ଧାନ, ଚଣା, ଅଗହର, ରାଶି, ବାଦାମ, ଆଖୁ, ଅଳସୀ, ଶୋରିଷାଦ ଜିଲ୍ଲାର ମୁଖ୍ୟ ଫସଲ । ଆଦିବାସୀ ସମ୍ପ୍ରଦାୟର ଲୋକେ ଚାଷ ସହିତ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବନ ନିର୍ବାହ କରନ୍ତି । ବାସି ଓ ଗରମ ପଖାଳ, ଆଳୁ ବାଇଗଣ ଝୋଳ, ଆଳୁ ଭଜା, ଦହି ବାଇଗଣ, ବାଇଗଣ ଓ ଆଳୁ ଭର୍ତ୍ତା, ମାଛ ଭଜା, କୁକୁଡ଼ା ଝୋଳାଦି ଏଠା ଲୋକଙ୍କ ପ୍ରିୟଖାଦ୍ୟ । ସୋନପାପୁଡି ଏହି ଅଞ୍ଚଳର ପ୍ରସିଦ୍ଧ ମିଠା । ସମ୍ବଲପୁର ତିଆରି ସ୍ୱତନ୍ତ୍ର ମିଠା ସରସତିଆ ସାରା ରାଜ୍ୟରେ ପ୍ରସିଦ୍ଧ ।

ପ୍ରାକ ସ୍ୱତନ୍ତ୍ରତା କାଳରେ ସମ୍ବଲପୁର ଜିଲ୍ଲାରେ ଶିକ୍ଷାର ଅବସ୍ଥା ମୋଟେ ଭଲ ନଥିଲା । ବ୍ରିଟିଶ ସରକାରଙ୍କ ପ୍ରଥମ ପ୍ରଶାସନିକ ପ୍ରତିନିଧି କିଡେନ ହେବ ୧୮୫୧ ମସିହାରେ ସମ୍ବଲପୁର ସହରରେ ଏକ ମିଡିଲ ଭର୍ନାକୁଲାର ସ୍କୁଲ ସ୍ଥାପନ କରିଥିଲେ । ଜିଲ୍ଲାରେ ୧୮୬୮ ବେଳକୁ ୨୪୯ ସ୍କୁଲରେ ୧୩୨୭୬ ପିଲା ପଢୁଥିଲେ ଯାହା ୧୯୨୮-୨୯ ବେଳକୁ ୨୩୫୦୮କୁ ବୃଦ୍ଧି ପାଇଥିଲା । ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ସ୍କୁଲ ସଂଖ୍ୟା ବଢ଼ି ୧୯୩୬-୩୭ ବେଳକୁ ଯଥାକ୍ରମେ ୬୨ ଓ ୩୫୭ରେ ପହଞ୍ଚିଥିଲା ।

ସ୍ୱାଧୀନତା ପରେ ୧୯୪୭-୪୮ ମସିହାରେ ଜିଲ୍ଲାରେ ୫୨୮ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଟ୍ରେନିଂ ସ୍କୁଲ ଥିଲା । ପରିଦର୍ଶନ ପାଇଁ ୧୦ ଜଣ ସ୍କୁଲ ଅନୁ ନିରୀକ୍ଷକ ନିଯୁକ୍ତ ଥିଲେ । ସ୍କୁଲ ସଂଖ୍ୟା ୧ ୧୯୬୫-୬୬ ମସିହାରେ ୧୯୭୬ ସ୍କୁଲରେ ୧୩୮୧୮୯ ଛାତ୍ରଛାତ୍ରୀ ପଢୁଥିଲେ । ବରଗଡ଼, ଝାରସୁଗୁଡା ଓ ଦେବଗଡ଼ ସ୍ୱତନ୍ତ୍ର ଜିଲ୍ଲା ହେବା ଯୋଗୁଁ ୧୯୯୩-୯୪ ମସିହାରେ ସ୍କୁଲ ଓ ପିଲା ସଂଖ୍ୟା ହ୍ରାସପାଇଁ ଯଥାକ୍ରମେ ୯୩୬ ଓ ୮୭,୪୭୩ ରେ ପହଞ୍ଚିଥିଲା ଯାହା ୨୦୦୧ ବେଳକୁ ପୁନର୍ବାର ୧୦୩୩ ଓ ୯୨୬୧୯ କୁ ବୃଦ୍ଧି ପାଇଥିଲା । ସମ୍ପ୍ରତି ଜିଲ୍ଲାର ସ୍କୁଲ ଓ ପିଲା ସଂଖ୍ୟା ଯଥାକ୍ରମେ ୧୫୩୮ ଓ ୧,୮୩,୫୪୯ ଅଟେ । ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଏରଜ ଯଥାକ୍ରମେ ୯୯.୧୩% ଓ ୭୫.୬୩୯% ବାବେଳେ ଘରଜ ୮୬.୯୫% ଓ ୪୯.୯୧% ରହିଛି । ଶିକ୍ଷକ ତାଲିମ ପାଇଁ DIET, ୧୯୮୯ ଓ PMAISE, ୧୯୬୨ କାର୍ଯ୍ୟକରୁଛି । ଜିଲ୍ଲାରେ ଜବାହାର ନବୋଦୟ ବିଦ୍ୟାଳୟ (୧୯୮୭), ଆଇନ ମହାବିଦ୍ୟାଳୟ (୧୯୬୫), ସରକାରୀ ମହିଳା ମହାବିଦ୍ୟାଳୟ, କୃଷି ମହାବିଦ୍ୟାଳୟ (୧୯୮୧) ଓ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟ (୧୯୬୫ ଓ ୨୦୧୫) ଏବଂ ଛଅ ଗୋଟି ବିଶ୍ୱବିଦ୍ୟାଳୟ; SU, (୧୯୬୭), GMU (୨୦୧୫), VSSUT (୧୯୫୬), VIMSAR, ୧୯୫୯, IIM (୨୦୧୫) ଓ OSOU ରହିଛି ।

୧୯୬୭ ମସିହାରେ ପ୍ରତିଷ୍ଠିତ SU ସର୍ବପ୍ରଥମେ ଧନୁପାଲିସ୍ଥିତ ଏକ ଭଡ଼ା ଘରେ ଓ ପରେ ଅଇଁଠାପାଲିସ୍ଥିତ ଏକ ସରକାରୀ ଘରେ ୧୯୭୨ ପର୍ଯ୍ୟନ୍ତ ଚାଲିଥିଲା । ୧୯୭୩ ମସିହାରେ ଏହା ଜ୍ୟୋତିବିହାର, ବୁର୍ଲାକୁ ସ୍ଥାନାନ୍ତର ହେଲା । ଏଠି ୨୦ ଟି ବିଭାଗ ମାଧ୍ୟମରେ ୨୭ ଟି ସ୍ନାତକୋତ୍ତର ବିଷୟ ଶିକ୍ଷାଦାନ ସହିତ ଗବେଷଣା କାର୍ଯ୍ୟ ଜାରିରହିଛି । ପ୍ରଫେସର ପର୍ଶୁରାମ ମିଶ୍ର ଏହି ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଥିଲେ ।

ମାତ୍ର ୧୯୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୧୯୪୪ ମସିହାରେ ପ୍ରତିଷ୍ଠିତ ସମ୍ବଲପୁର କଲେଜ ୧୯୪୯ ମସିହାରେ ଗଙ୍ଗାଧର ମେହେର କଲେଜରେ ନାମିତ ହୋଇଥିଲା । ୧୯୧୫ ମସିହାରେ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିଲା । କଳା ଓ ବାଣିଜ୍ୟ ବିଭାଗକୁ ନେଇ ଖୋଲିଥିବା କଲେଜରେ ୧୯୫୭ ରେ ବିଜ୍ଞାନ ସ୍ନାତକ ଓ ୧୯୮୩ ରେ ଏମ୍.ଫିଲ ସାମିଲ ହେଲା । ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାର ତିନିବର୍ଷ ପରେ ୨୦୧୮ ମସିହାରେ ପିଏଚ.ଡି. ଡିଗ୍ରୀ ପାଠ୍ୟକ୍ରମାନ୍ତର୍ଭୁକ୍ତ ହେଲା ।

ସମସ୍ତଙ୍କ ପରିଚିତ ୟୁନିଭର୍ସିଟି କଲେଜ ଅଫ ଇଞ୍ଜିନିଅରିଙ୍ଗ, ବୁର୍ଲା ୨୦୦୯ ମସିହାରେ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରି ବୀର ସୁରେନ୍ଦ୍ର ସାଏ ପ୍ରଦ୍ୟୋଗିକ ବିଶ୍ୱବିଦ୍ୟାଳୟ ନାମରେ ନାମିତ ହେଲା ଓ କମ୍ପ୍ୟୁଟର ଇଞ୍ଜିନିଅରିଙ୍ଗ, ଇଲେକଟ୍ରିକାଲ ଇଞ୍ଜିନିୟରିଙ୍ଗ ଓ ମେକାନିକାଲ ଇଞ୍ଜିନିଅରିଙ୍ଗ ୨୦ ପିଲାଙ୍କୁ ନେଇ ଆରମ୍ଭ ହୋଇଥିବା କଲେଜ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ତପ୍ରରେ ୧୯୬୭ରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନରେ ରହିଲା । ଏବେ ଏହା ସ୍ୱୟଂଶାସିତ । ବିଟେକ, ଏମଟେକ ଏମଏସସ,ଏମଫିଲ, ପିଚଡ଼ି, ଏମସିଏ ଓ ବି ଆର୍କିଟେକ୍ଚରାଦି ପାଠ୍ୟକ୍ରମ ଏହି ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ।

୧୯୫୮ ମସିହାରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ନିଷ୍ପତ୍ତିକ୍ରମେ ପଶ୍ଚିମ ଓଡିଶାର ବୁର୍ଲାରେ ରାଜ୍ୟର ଦ୍ୱିତୀୟ ଓ ଦେଶର ଚଉବନତମ ମେଡିକାଲ କଲେଜ ସ୍ଥାପିତ ହେଲା । ୪୧ ଛାତ୍ର ଓ ୨ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ମେଡିକାଲ କଲେଜର ପ୍ରଥମ ଅଧ୍ୟକ୍ଷ ଥିଲେ ରାଧାନାଥ ମିଶ୍ର । ୧୯୬୭ରେ ଏମସିଆଇ ଅନୁମୋଦନ ଓ ପରେ ୧୯୬୯ ମସିହାରେ ଏହା ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ନାମରେ ନାମିତ ହେଲା । ପ୍ରତିବର୍ଷ MBBS ରେ ୨୦୦ ଓ MD/MS ର ୧୯ ଟି ବିଷୟରେ ୧୧୩ ପିଲା ପଢ଼ନ୍ତି । VIMSAR ପଶ୍ଚିମ ଓଡ଼ିଶାର ସବୁଠୁ ବଡ଼ ଡାକ୍ତରଖାନା । ବିଭିନ୍ନ ୱାର୍ଡରେ ୧୦୮୦ ଓ ଆପାତକାଳୀନ ୩୦ ଶଯ୍ୟା ଏଠାରେ ଉପଲବ୍ଧ ।

'ନବସର୍ଜନମଂ ଶୁଚିତା ସମାବେଶତ୍ୱଂ ' ଉଦ୍ଦେଶ୍ୟ ନେଇ ସ୍ଥାପିତ ଭାରତୀୟ ପ୍ରବନ୍ଧନ ସଂସ୍ଥାନ (ଆଇଆଇଏମ୍) ସମ୍ବଲପୁରରୁ ପ୍ରାୟ ୨୦ କିଲୋମିଟର ଦୂର ବସନ୍ତପୁର ଠାରେ ଅବସ୍ଥିତ । ୨୩୭ ଏକର ପରିମିତ ପରିବ୍ୟାପ୍ତ ପ୍ରତିଷ୍ଠାନ ୨୦୧୫ ମସିହାରେ ପ୍ରାରମ୍ଭିକାବସ୍ଥାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅସ୍ଥାୟୀ ଭାବେ ଚାଲୁଥିଲା । ୨୦୨୧ରେ ଭିତ୍ତିପ୍ରସ୍ତର ଓ ୨୦୨୪ରେ ନବନିର୍ମିତ କୋଠା ଶୁଭଉଦ୍‌ଘାଟିତ ହୋଇଥିଲା । ସମ୍ପ୍ରତି ୨୫୨ ପିଜି ଓ ୧୮ ଗବେଷକ ଅଧ୍ୟୟନ/ଗବେଷଣରତ । ନିର୍ଦ୍ଦେଶକଙ୍କ ସମେତ ୫୦ ଜଣ କର୍ମଚାରୀ ବର୍ତ୍ତମାନ ପ୍ରତିଷ୍ଠାନରେ କାର୍ଯ୍ୟରତ ।

ଜିଲ୍ଲାରେ ଶିକ୍ଷା ଭଳି ସ୍ୱାସ୍ଥ୍ୟର ମଧ୍ୟ ଏକ ଅବିସ୍ମରଣୀୟ ଇତିହାସ ରହିଛି । ବ୍ରିଟିଶ ଶାସନ କାଳରେ ଚିକିତ୍ସା କ୍ଷେତ୍ରରେ ସମ୍ବଲପୁର ଅଗ୍ରଗତି କରିପାରିନଥିଲା । ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁ ହାର ଶିଖର ଛୁଇଁଥିଲା । ରୋଗ ଉପଚାର ପାଇଁ ଦେବା ଦେବୀଙ୍କ ପୂଜାର୍ଚ୍ଚନା ଓ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସ ଜୀବନ ରକ୍ଷାରେ ଥିଲା ସମ୍ପୂର୍ଣ୍ଣ ଅସମର୍ଥ । ଏବେ ଜିଲ୍ଲାରେ ୩୧ PHC, ୧୧CHC, ୬ UPHC, ୨ SDH, JP Maternity Hospital, DHH ଓ VIMSAR ରୋଗୀ ସେବାରେ କାର୍ଯ୍ୟରତ ଅଛନ୍ତି । ୨୦୨୩ ସୁଦ୍ଧା ଜିଲ୍ଲାର ୧୪୦ ବେସରକାରୀ ରୋଗ ନୈଦାନିକ ସଂସ୍ଥାନ ନିରନ୍ତର ସ୍ୱାସ୍ଥ୍ୟ ସେବା ଯୋଗାଉଛି ।

ଜିଲ୍ଲାରେ କାରୁକାର୍ଯ୍ୟ ଖଚିତ ଅନେକ ଦେବାଦେବୀ ମନ୍ଦିର, ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଓ ପ୍ରାକୃତିକ ଶୋଭା ବିନାଶିତ ବଣଭୋଜି ସ୍ଥଳ ରହିଛି । ଶକ୍ତି, ଶାକ୍ତ ଓ ବୈଷ୍ଣବ ଉପାସନାର ପବିତ୍ର ଭୂମି ସମ୍ବଲପୁରରେ ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ମହାମାୟୀ ମନ୍ଦିର, ଲିଆଖାଇ ମନ୍ଦିର, ବୁଢାରଜା ମନ୍ଦିର, ବିମ୍ବଲେଶ୍ୱର ମନ୍ଦିର, ମଦନ ମୋହନ ମନ୍ଦିର, ସତ୍ୟବାଦୀ ମନ୍ଦିର, ବରିହା ମନ୍ଦିର, ବ୍ରହ୍ମପୁରା ମନ୍ଦିର, ଲୋକନାଥ ମନ୍ଦିର, ମାନେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, ଗୋପାଳଜୀ ମନ୍ଦିର, ଶଙ୍କର ମଠ, ଗାନ୍ଧୀ ମନ୍ଦିରାଦି ଦେଖିବାକୁ ମିଳେ । ସହରରେ ଗୀର୍ଜାଘର, ମସଜିଦ, ଗୁରୁଦ୍ୱାରାଦି ମଧ୍ୟ ରହିଛି ।

ଖଜୁରାଓ ମନ୍ଦିର ସହିତ ଅନେକ ସାମଞ୍ଜସ୍ୟ ଥିବା ସମଲେଶ୍ୱରୀ ମନ୍ଦିର ୧୬ ଶତାବ୍ଦୀର ମଧ୍ୟଭାଗରେ ଚୌହାନ ବଂଶର ପ୍ରଥମ ରାଜା ବଳରାମ ଦେବଙ୍କ ଦ୍ୱାରା ନିର୍ମିତ । ଆଦି କବି ସାରଳା ଦାସଙ୍କ ଓଡ଼ିଆ ମହାଭାରତରେ ସମ୍ବଲେଶ୍ୱରୀ ପୀଠ ଶକ୍ତିପୀଠ ଭାବେ ବର୍ଣ୍ଣିତ ।

ଲୋକକଥାନୁସାରେ ସିମୁଳି ଗଛ ମୂଳେ ଦେବୀଙ୍କ ଆବିର୍ଭାବ ହୋଇଥିବାରୁ ତାଙ୍କୁ ସମଳେଇ କିମ୍ବା ସମଲେଶ୍ୱରୀ ଏବଂ ତାଙ୍କ ପାଇଁ ନିର୍ମିତ ମନ୍ଦିରକୁ ସମଲେଇ ଗୁଡ଼ି କିମ୍ବା ସମଲେଶ୍ୱରୀ ମନ୍ଦିର କୁହାଯାଏ । ଢାଂଚାଗତ ଦୃଷ୍ଟିରୁ ମନ୍ଦିରର ଦୁଇଟି ଅଂଶ ଓ ପରିକ୍ରମା କ୍ଷେତ୍ର ଓ ପୂଜା କ୍ଷେତ୍ର । ପରିକ୍ରମା କ୍ଷେତ୍ରରେ ବିଭିନ୍ନ ଦେବାଦେବୀଙ୍କ ବିଗ୍ରହ ସ୍ଥାପିତ । ଏହାର ଦକ୍ଷିଣ ପାର୍ଶ୍ୱ ଗର୍ଭଗୃହରେ ମାଁଙ୍କ ନିୟମିତ ପୂଜାର୍ଜନା ହୁଏ ।

ଚୌହାନ ବଂଶର ସପ୍ତମ ରାଜା ଛତ୍ର ସାଏ ଦେବଙ୍କ ସମୟରେ ଏହି ମନ୍ଦିର ମରାମତି ହୋଇଥିଲା । ନୂଆଁଖାଇରେ ନୂଆଁ ଚାଉଳ ସର୍ବପ୍ରଥମେ ମାଁଙ୍କୁ ଲାଗି ହୁଏ । ପରେ ସମସ୍ତେ ନିଜ ନିଜ ଘରେ ନୂଆଁ ଖାଇଥାନ୍ତି । ମନ୍ଦିର ପାଇଁ ସ୍ଥାୟୀ ପୂଜକ ଓ ସେବାୟତ ତଥା ତାଙ୍କ ପାଇଁ ସମ୍ପତ୍ତି ଓ ଭୂମିଦାନ ବ୍ୟବସ୍ଥା ଛତ୍ର ସାଏଙ୍କ ଶାସନ କାଳରେ ହୋଇଥିଲା । ଓଡ଼ିଶା ସରକାରଙ୍କ ଅନୁମୋଦିତ ୩୮୮ କୋଟି ଟଙ୍କା ବ୍ୟୟରେ ସମଲେଶ୍ୱରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ କାମ ଚାଲିଛି ।

ସମ୍ବଲପୁର ଠାରୁ ପ୍ରାୟ ୪୫ କିଲୋମିଟର ଦୂର ମହାନଦୀ ତଟସ୍ଥ ହୁମା ଗ୍ରାମରେ ବିମଲେଶ୍ୱର ମନ୍ଦିର ପଞ୍ଚମ-ଷଷ୍ଠ ଶତାବ୍ଦୀରେ ଗଙ୍ଗ ବଂଶୀୟ ରାଜା ଅନଙ୍ଗଭୀମ ଦେବ ତୃତୀୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା । ସତର ଶତାବ୍ଦୀର ଶେଷଆଡକୁ ଚୌହାନ ବଂଶର ପଞ୍ଚମ ରାଜା ବଳିୟାର ସିଂ ବର୍ତ୍ତମାନର ମନ୍ଦିର ନିର୍ମାଣ କରିଥିଲେ । ପରେ ଅଠର ଶତାବ୍ଦୀରେ ଅଜିତ ସିଂ ଏହାର ସମ୍ପ୍ରସାରଣ କରିଥିଲେ । ଏହା ଏକ ପୁରାତନ ଶୈବ ପୀଠ । ଆଉଜି ହୋଇ ରହିଥିବା ହେତୁ ଏହାକୁ ବକ୍ର ମନ୍ଦିର କୁହାଯାଏ । ବିଶ୍ୱରେ ଏମିତି ବକ୍ର ମନ୍ଦିର ଖୁବ୍ ବିରଳ ।

ମନ୍ଦିର ନିକଟସ୍ଥ ମହାନଦୀ ଘାଟରେ ଏକ ବିରଳ ପ୍ରଜାତିର କୁଡ଼ୋ ମାଛ ଦେଖିବାକୁ ମିଳେ । ଏହି ମାଛ କେହି ଧରନ୍ତି ନାହିଁ କିମ୍ବା ଖାଆନ୍ତି ନାହିଁ । କିମ୍ବଦନ୍ତୀ କୁହେ, ଯିଏ ଏହି ମାଛ ଧରେ ସିଏ ସେହି ସ୍ଥାନରେ ପଥର ପାଲଟିଯାଏ । ଏହାର ନିଚ୍ଛଳ ସାକ୍ଷୀ ସ୍ୱରୂପ ମନ୍ଦିର ବେଢାରେ ଜଣେ ମହିଳା କୁଡ଼ୋ ମାଛ କାଟୁଥିବାର ଏକ ପଥର ମୂର୍ତ୍ତି ରହିଛି । କୁଡ଼ୋ ମାଛ କାଟିବା ସମୟରେ ମହିଳା ଜଣକ ପଥର ପାଲଟି ଯାଇଥିଲେ ବୋଲି ଲୋକକଥା ରହିଛି । ଏହି ଶୈବ ପୀଠରେ ପ୍ରତିବର୍ଷ ମହା ଶିବରାତ୍ରି ପର୍ବ ପାଳିତ ହୁଏ । ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ । ଭିଡ଼ ଜମେ । ବଜାର ବସେ । ଭକ୍ତମାନେ ଭଗବାନ ଶିବଙ୍କ ମୁଣ୍ଡରେ ଜଳ ଢାଳି ଦୁଃଖ ନିବାରଣ ପାଇଁ ପ୍ରାର୍ଥନା କରନ୍ତି ।

ସମ୍ବଲପୁର ଠାରୁ ପ୍ରାୟ ୧୮ କିଲୋମିଟର ଦୂରରେ ଚିପିଲମା ନିକଟବର୍ତ୍ତୀ ମହାନଦୀ କୂଳରେ ଘଣ୍ଟେଶ୍ୱରୀ ମନ୍ଦିର ଅବସ୍ଥିତ । ମନ୍ଦିରକୁ ଯିବାକୁ ହେଲେ ଏକ ଅଣଓସାରିଆ ଝୁଲା ଲୁହା ପୋଲ ପାରି ହେବାକୁ ପଡେ । ଘଣ୍ଟେଶ୍ୱରୀଙ୍କୁ ମାଛଧରାଳିଙ୍କ ଇଷ୍ଟଦେବୀ କୁହାଯାଏ । ପୂର୍ବରୁ ସେମାନେ ମାଁ ଘଣ୍ଟେଶ୍ୱରୀଙ୍କୁ ପୂଜା କରୁଥିଲେ । ଆଗେ ମନ୍ଦିରରେ ବଡ଼ ବଡ଼ ଘଣ୍ଟି ବନ୍ଧା ହେଉଥିଲା । ନାବିକ ମାନେ ଘଣ୍ଟି ଶବ୍ଦ ଶୁଣି ପବନର ଗତି, ବେଗ ଓ ଦିଗ ନିର୍ଣ୍ଣୟ କରୁଥିଲେ । ତେଣୁ ଏହି ମନ୍ଦିରକୁ ଆଲୋକ ବିହୀନ ଆଲୋକ ଘର କୁହାଯାଇଥିଲା । ସମ୍ପ୍ରତି ଏହି ମନ୍ଦିରରେ ଶହଶହ ଛୋଟବଡ ଘଣ୍ଟି ଝୁଲୁଥିବାର ଦେଖିବାକୁ ମିଳେ । ରାଜ୍ୟ ଓ ରାଜ୍ୟବାହାର ଭକ୍ତମାନେ ନିଜନିଜର ମନସ୍କାମନା ପୂର୍ଣ୍ଣ ପାଇଁ ଘଣ୍ଟି ଦାନ କରିଥାନ୍ତି ।

ଅନ୍ୟାନ୍ୟ ପର୍ଯଟନ ସ୍ଥଳୀ ମଧ୍ୟରେ ହୀରାକୁଦ ବନ୍ଧ, ଗାନ୍ଧୀ ମିନାର, ଜବହାର ମିନାର, ବାମ ଓ ଦକ୍ଷିଣ ଡାଇକ, ଜିରୋ ପଏଣ୍ଟ, ଏପିଜେ ଅବଦୁଲ କାଲାମ ତାରା ଘର ଓ ବିଜ୍ଞାନ ଉଦ୍ୟାନ, ଦେବ୍ରୀଗଡ଼ ବାନ୍ୟଜନ୍ତୁ ଅଭୟାରଣ୍ୟ, ଗୁଦଗୁଦା ଜଳପ୍ରପାତ, ଉଷାକୋଠି ବାନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର, ଦେଓଝରନ, ମହାବୀର ଧାମ, ଚକଧରା, କ୍ଷେତ୍ରୀୟ କଳା ଗେଲେରୀ, ସମ୍ବଲପୁର ସଦର ଆଦି ପ୍ରସିଦ୍ଧ ।

ସମ୍ବଲପୁରରୁ ପ୍ରାୟ ୧୬.୫ କିଲୋମିଟର ଦୂର ମହାନଦୀ ଉପରେ ପୃଥିବୀର ବୃହତ୍ତମ ମାଟି ନଦୀବନ୍ଧ ହୀରାକୁଦ ନିର୍ମିତ । ବନ୍ଧ, ବାମପଟେ ଲକ୍ଷ୍ମୀଡୁଙ୍ଗୁରୀ ଓ ଡାହାଣପଟେ ଚନ୍ଦଲି ଡୁଙ୍ଗୁରୀକୁ ସଂଯୋଗ କରୁଛି । ବନ୍ୟା ନିୟନ୍ତ୍ରଣ, ଫସଲ ସଂରକ୍ଷଣ, ଜଳସେଚନ ଓ ଜଳବିଦ୍ୟୁତ ଉତ୍ପାଦନାଦି ବହୁମୁଖୀ ଲକ୍ଷ୍ୟ ନେଇ ତତ୍କାଳୀନ ରାଜ୍ୟପାଳ ସାର ହାଓ୍ୱରନା ଲୁଇସ ୧୯୪୬ ମସିହାରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଦଶ ବର୍ଷର କାମ ପରେ ୧୯୫୭ ମସିହାରେ ଭାରତର ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ୧.୦୧ ବିଲିୟନ ଟଙ୍କା (୧୯୫୩ ମସିହାରେ) ବ୍ୟୟରେ ନିର୍ମିତ ୨୫.୮ କିଲୋମିଟର (ବାମଡାହାଣ ଡାଇକ ମିଶାଇ) ଦୈର୍ଘ୍ୟ ବିଶିଷ୍ଟ ଏହି ସେତୁର ମୁଖ୍ୟବନ୍ଧ ୪.୮ କିଲୋମିଟର ଓ ଉଚ୍ଚତା ୨୦୦ ଫୁଟ । ଏହି ବନ୍ଧରେ ସର୍ବମୋଟ ୬୪ ଟି ସ୍ଲୁଇସ ଓ ୩୪ ଟି କ୍ରେଷ୍ଟ ଗେଟ ରହିଛି । ଏହାର ଜଳ ଧାରଣ କ୍ଷମତା ୫.୮୯୬,୦୦୦,୦୦୦ କ୍ୟୁବ ମିଟର । ବନ୍ଧ ପଛପଟେ ସୃଷ୍ଟ କୃତ୍ରିମ ହ୍ରଦର ଆୟତନ ୭୪୩ ବର୍ଗ କିଲୋମିଟର ଓ ଏହାର ଜଳ ଗ୍ରହଣ କ୍ଷେତ୍ର ୮୩୪୦୦ ବର୍ଗ କିଲୋମିଟର । ଏହି ବନ୍ଧରୁ ସମ୍ବଲପୁର, ବରଗଡ଼, ବଲାଙ୍ଗୀର ଓ ସୋନପୁର ଜିଲ୍ଲାର ୧୫୫୬ ବର୍ଗ କିଲୋମିଟର ଜମି ଖରିଫରେ ଏବଂ ୧୦୮୪ ବର୍ଗ କିଲୋମିଟର ଜମି ରବିରେ

ଜଳସେଚିତ ହେଉଛି । ବନ୍ଧର ୩୦୭.୫ ମେଗାଓ୍ୱାଟ ବିଜୁଳି ଉତ୍ପନ୍ନ କ୍ଷମତା ରହିଛି । କ୍ରମଶଃ ଜଳଭଣ୍ଡାର ପଟୁ ମାଟିରେ ପାଟିହେଉଛି । ଫଳତଃ ଜଳ ଧାରଣ କ୍ଷମତା ୨୪% ହ୍ରାସ ପାଇବାକୁ ବସିଲାଣି ।

ମୁଠିଛୁଆଁ, ସାବିତ୍ରୀ, ଶୀତଳ ଷଷ୍ଠୀ, ରଥଯାତ୍ରା, ରାଖିପୁନି, ଜନ୍ମାଷ୍ଟମୀ, ନୂଆଁଖାଇ, କରମା, ଲଙ୍କାପୋଡ଼ି, ପୁରା ଉଆଁସ ପୁଓ ଓ ଭାଇ ଜିଉଁତିଆ, ଦୁର୍ଗାପୂଜା, ଜୁଆ ପୁନି ଦିଆଲି, କାଳୀପୂଜା, ପଞ୍ଚକ, ଲକ୍ଷ୍ମୀପୂଜା, ପୁଷପୁନି, ମକର ସଂକ୍ରାନ୍ତି, ଶିବରାତ୍ରି, ଗୁଁଡ଼ିଖାଇ, ଦୋଳଯାତ୍ରା, ହୋଲି ଓ ମଙ୍ଗଳବାର ଓଷାଦି ବାର ମାସରେ ତେର ପର୍ବ, ଯାନିଯାତ୍ରା ଓ ଓଷାବ୍ରତ ସମ୍ବଲପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ । ସମ୍ବଲପୁରର ପ୍ରସିଦ୍ଧ ଶିତଳ ଷଷ୍ଠୀ ଯାତ୍ରାର ଇତିହାସ ବହୁତ ପୁରୁଣା । ଜ୍ୟେଷ୍ଠ ମାସ ଶୁକ୍ଲ ପକ୍ଷ ଷଷ୍ଠୀ ତିଥିରେ ପ୍ରାୟ ଚାରି ଶହ ବର୍ଷ ତଳୁ ଏହା ପାଳିତ ହୋଇଆସୁଛି । ଶିବ ପାର୍ବତୀଙ୍କ ଭବ୍ୟ ବିବାହରେ ଗୋଟିଏ ପରିବାର କନ୍ୟା ପକ୍ଷ ପିତାମାତା ଓ ଅନ୍ୟ ଏକ ପରିବାର ବର ପକ୍ଷ ମାଆବାପା ଦାୟିତ୍ୱ ତୁଲାନ୍ତି । ଶାକ୍ତ ମନ୍ଦିରରୁ ବରାତ ବାହାରି କନ୍ୟା ଘରେ ପହଞ୍ଚେ । ବୈଦିକ ରୀତିନୀତି ଅନୁଯାୟୀ ବିବାହ ହୁଏ । ଥାଳଉଠା (ଶୁଭାରମ୍ଭ), ପରପେଣ୍ଡି (କନ୍ୟା ଖୋଜୀ, ନିର୍ବନ୍ଧ ), ଗୁଆଗୁଣ୍ଡା (ନିମନ୍ତ୍ରଣ) ଓ ଗଣ୍ଠିଖୋଲାଦି ବୈଦିକ ପରମ୍ପରା ଅନୁସୃତ ହୁଏ । ବରାତି ଓ ମନ୍ଦିର ପ୍ରବେଶ ସମୟରେ ଲୋକନାଚ, ଲୋକଗୀତ, ଆଧୁନିକ ଗୀତନାଚ, କୀର୍ତ୍ତନ, ଘଣ୍ଟବାଦ୍ୟ, ଅର୍କେଷ୍ଟାଦିରେ ସହର ପ୍ରକମ୍ପିତ ହୁଏ ।

ନନ୍ଦପଡାର ଉତ୍କଳୀୟ ବ୍ରାହ୍ମଣମାନେ ବାଲୁଙ୍କେଶ୍ୱର ମନ୍ଦିର ନିର୍ମାଣ କରି ରାଜପରିବାରର ପୃଷ୍ଠପୋଷକତାରେ ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ କଲେ । ଝାଡୁଆପଡାର ଆରଣ୍ୟକ ବ୍ରାହ୍ମଣମାନେ ଲୋକନାଥ ମନ୍ଦିର ନିର୍ମାଣ କରି ପରେ ସମାନ୍ତରାଳ ଭାବେ ଷଷ୍ଠୀ ଯାତ୍ରା କଲେ । ୧୯୭୨ ରୁ ମୁଦିପଡ଼ାରେ ମଧ୍ୟ ଏହି ଯାତ୍ରା ଆୟୋଜିତ ହୋଇଆସୁଅଛି । କୁହାଯାଏ, ସମିଆ ଗୁଡ଼ିରୁ ପ୍ରଥମେ ଶିକ ବିବାହ ପ୍ରାରମ୍ଭ ହୋଇଥିଲା ।

ଅନୁରୂପ ଭାବେ ନବରାତ୍ରି ଓ ଦଶହରା ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳିତ ହୁଏ । ସୁଚମ୍ୟ ତୋରଣ, ମାଁଙ୍କ ସୁସଜ୍ଜିତ ଦିବ୍ୟ ମୃଣ୍ମୟ ମୂର୍ତ୍ତି, ପୂଜାର୍ଚ୍ଚନା, ମନ୍ତ୍ରପାଠ, ପ୍ରାଚୀ ଓ ସନ୍ଧ୍ୟା ଆଳତିରେ ସହର ଆଧ୍ୟାତ୍ମିକ ପରିବେଶରେ ପରିପୂର୍ଣ୍ଣ ହୋଇଉଠେ । ଲୋକେ ମାଙ୍କୁ ଦର୍ଶନ କରି ମଥା ଟେକନ୍ତି । ଦୁଃଖ ଜଣାନ୍ତି । ମାଁଙ୍କ ପଣତକାନି ତାଙ୍କୁ ସୁରକ୍ଷିତ ରଖୁ ବୋଲି ଗୁହାରି କରନ୍ତି । ଅଇଁଠାପାଲି, ବୁଢାରଜା, ଓଭରବ୍ରିଜ, ଜିଲ୍ଲା ସ୍କୁଲ ଛକ, ଗୋବିନ୍ଦତୋଳା, କ୍ଷେତରାଜପୁର ଓ ଧନୁପାଲିର ଭବ୍ୟ ତୋରଣ ମନ ମୋହିନିଏ । ଦିବ୍ୟ ଅନୁଭୂତି ଲୋକଙ୍କୁ ପରମାନନ୍ଦ ପ୍ରଦାନ କରେ ।

ସମ୍ବଲପୁର, ସମ୍ବଲପୁରୀ ବସ୍ତ୍ର, ସମ୍ବଲପୁରୀ ନାଚ ଓ ଗୀତ ପାଇଁ ବିଶ୍ୱପ୍ରସିଦ୍ଧ । ଏଠାକାର ହାତବୁଣା ସମ୍ବଲପୁରୀ ପାଟ ଦେଶ ଓ ଦେଶ ବାହାରେ ବିଶେଷ ଆଦୃତ । ସମ୍ବଲପୁରୀ ହସ୍ତତନ୍ତରେ ଟାଏ ଏଣ୍ଡ ଡାଏ ପ୍ରଣାଳୀରେ ବିଭିନ୍ନ ଡିଜାଇନ ବସ୍ତ୍ରର ଉଭୟ ପଟେ କରାଯାଏ । ଏହି କଳା ଚୌହାନ ଶାସନର ପତନ ପରେ ୧୧୯୨ ମସିହା ଆଡକୁ ଉତ୍ତର ଭାରତରୁ ପଶ୍ଚିମ ଓଡିଶାକୁ ପ୍ରବାସୀ ଭାବେ ଆସିଥିବା ଭୁଲିଆ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ଏହି କଳା ୧୯୨୫ ପର୍ଯ୍ୟନ୍ତ ପନିପରିବା ଡିଜାଇନ ଭିତରେ ସୀମିତ ଥିଲା । ପ୍ରଥମେ ଶ୍ରୀ ରାଧେଶ୍ୟାମ ମେହେର ଓ ତତ୍ପରେ ପଦ୍ମଶ୍ରୀ କୈଳାଶ ଚନ୍ଦ୍ର ମେହେର, ପଦ୍ମଶ୍ରୀ କୁଞ୍ଜ ବିହାରୀ ମେହେର, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଓ ପଦ୍ମଶ୍ରୀ ରାମକୃଷ୍ଣ ମେହେରଙ୍କ ପ୍ରଚେଷ୍ଟା ବଳରେ ସମ୍ବଲପୁରୀ ହସ୍ତତନ୍ତ ଉନ୍ନତିର ଚରମ ସୋପାନ ସ୍ପର୍ଶ କରିଥିଲା । ଅଧୁନା ସମ୍ବଲପୁରୀ ହସ୍ତତନ୍ତ କେବଳ ସମ୍ବଲପୁରୀ ଶାଢ଼ୀରେ ଭିତରେ ସୀମିତ ନୁହେଁ । ସମ୍ବଲପୁରୀ ରେଡ଼ିମେଡ଼ ଡ୍ରେସ ଓ କପଡାଦି ଅନେକ ଆଧୁନିକ ଡିଜାଇନ ଓ ରଙ୍ଗ ଉପଲବ୍ଧ । ସମ୍ବଲପୁରୀ ହସ୍ତତନ୍ତର ପ୍ରୋତ୍ସାହନ ପାଇଁ ଓଡିଶା ସରକାର ସାପ୍ତାହିକ ଗୋଟିଏ ଦିନ ସମ୍ବଲପୁରୀ ଶାଢ଼ୀ, ଜାମାଦି ପରିଧାନର ଆଦେଶନାମା ଜାରି କରିଛନ୍ତି । ସ୍ୱତନ୍ତ୍ର ଭାବେ ସମ୍ବଲପୁରୀ ଦିବସ ମଧ୍ୟ ପାଳିତ ହେଉଛି !

ରସରକେଳି, ଡାଇଖାଇ, ମାଏଲା ଜଡ ଆଦି ସମ୍ବଲପୁରୀ ନାଚ ଓ ଗୀତର ଛନ୍ଦ, ଲୟ, ତାଳ ଓ ଗୀତ ସମସ୍ତଙ୍କର ମନ ମୋହିନିଏ । ଦେଖଣାହାରୀ ଏହାର ତାଳେତାଳେ ଝୁମିବାକୁ ଲାଗନ୍ତି । ଢୋଲ, ନିଶାନ ଓ ମାନ୍ଦଲ ସମ୍ବଲପୁରୀ ନାଚ ଓ ଗୀତ ପରିବେଷଣାର ମୁଖ୍ୟ ବାଦ୍ୟଯନ୍ତ୍ର ସମ୍ବଲପୁରୀ ଲୋକଗୀତ ମଧ୍ୟରେ ରଙ୍ଗବତୀ ସୁପ୍ରସିଦ୍ଧ ଓ ସର୍ବଜନାଦୃତ । ୧୯୪୨ ମସିହାରେ ଜନ୍ମିତ ଶ୍ରୀଯୁକ୍ତ ମିତ୍ରଭାନୁ ଗୌଣ୍ତିଆ ଓ ଦିବଂଗତ

ପ୍ରଭୁଦର ପ୍ରଧାନ ଯଥାକ୍ରମେ ଏହାର ଉଚ୍ଚଯିବା ଏବଂ ସ୍ୱର ସଂଯୋଜକ । ଜିତେନ୍ଦ୍ରିୟ ହରିପାଲ ଓ କ୍ରିଷ୍ଣା ପଟେଲ ଗୀତଟି ପରିବେଷଣ କରିଛନ୍ତି । ଦେଶରେ ପ୍ରଥମ ଥର ପାଇଁ ଏହି ସମ୍ବଲପୁରୀ ଲୋକ ଗୀତ ଛଅ ବର୍ଷ ଭିତରେ ତିନି ତିନି ଗୋଟି ପଦ୍ମ ପୁରସ୍କାରରେ ପୁରସ୍କୃତ ହୋଇଅଛି ଓ ୧୯୧୭, ୧୯୨୦ ଠ ୧୯୨୩ ମସିହାରେ ଯଥାକ୍ରମେ ଗାୟକ, ରଚୟିତା ଓ ଗାୟିକାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଅଛି ।

ଜିଲ୍ଲାର ଅନେକ ସୁଯୋଗ୍ୟ ସନ୍ତାନଙ୍କ ମାଟିମାଁ ପାଇଁ ଅବଦାନ ଅତୁଳନୀୟ । ଅନେକ କଷ୍ଟ ଓ ଯାତନା ସହି ମାତୃଭୂମି ଓ ମାତୃଭାଷାର ସୁରକ୍ଷାରେ ପ୍ରାଣବଳି ମଧ୍ୟ ଦେଇଛନ୍ତି ସେମାନେ । ସେମାନେ ମରି ମଧ୍ୟ ଅମର । ସମ୍ବଲପୁର ଇତିହାସରେ ତାଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ପ୍ରବୀଣ ଓ ପ୍ରବାଦ ପୁରୁଷମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ସ୍ୱଭାବ କବି ଗଙ୍ଗାଧର ମେହେର, ସନ୍ଥକବି ଭୀମ ଭୋଇ, ସମ୍ବଲପୁରୀ ଭାଷା ପ୍ରକ୍ଷେତା ସତ୍ୟନାରାୟଣ ବହିବାର, କବି ଓ ବିଶିଷ୍ଟ ସାମ୍ବାଦିକ ସ୍ୱପ୍ନେଶ୍ୱର ଦାସ, କବି ଗୋକୁଳାନନ୍ଦ ପଣ୍ଡା, ହାସ୍ୟ ଲେଖକ ସୁନୀଲ ମିଶ୍ର, ଶିକ୍ଷାବିତ ବ୍ରଜମୋହନ ପଣ୍ଡା, ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ନାରାୟଣ ମିଶ୍ର, ବୈଜ୍ଞାନିକ ଓ ଶିକ୍ଷାବିଦ ପର୍ଶୁରାମ ମିଶ୍ର, ଲେଖକ ଶିବ ପ୍ରସାଦ ଦାସ, ପଶ୍ଚିମ ଓଡ଼ିଶାର ଗାନ୍ଧୀ ନୃସିଂହ ଗୁରୁ, ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ବେହେରା, ହସ୍ତଶିଳ୍ପୀ ପଦ୍ମଶ୍ରୀ ଯଦୁନଥ ସୁପକାର, ବହୁମୁଖୀ ପ୍ରତିଭାଧିକାରୀ ଶ୍ରଦ୍ଧାକର ସୁପକାର, ଡାକ୍ତର ବାପା ଜନାର୍ଦ୍ଦନ ପୂଝାରୀ, ବିଶିଷ୍ଟ ଓକିଲ ବାଲୁଙ୍କେଶ୍ୱର ମିଶ୍ର, ଦାରିଦ୍ର ଦୂରୀକରଣ ସଂଗ୍ରାମୀ ବିଶ୍ୱକେଶନ ମିଶ୍ର ଭାରତୀୟ ଅନ୍ତର୍ଜାତୀୟ ଫୁଟବଲ ତାରକା ଲୋଚନ ମୁଣ୍ଡା, କୁଷ୍ଠ ରୋଗ ନିରାକରଣ ମିଶନର ପୁରୋଧା ଆଇଜାକ ସାନ୍ତା, ବିଶିଷ୍ଟ ଚିକିସକ କାଶୀନାଥ ସିଂ ଓ ସାହିତ୍ୟ ସାଧକ ମଙ୍ଗଙ୍କୁ ଚରଣ ବିଶ୍ୱାଳ ଅନ୍ୟତମ ।

ବୀର ସୁରେନ୍ଦ୍ର ସାଏ ୧୮୦୯ ମସିହାରେ ସମ୍ବଲପୁରର ଦ୍ୱାରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କୁ ବ୍ରିଟିଶ ସରକାର ହଜାରିବାଗ ଜେଲରେ ବନ୍ଦୀ କରି ରଖିଥିଲେ । ସିପାହୀ ବିଦ୍ରୋହ ପରେ ଜେଲରୁ ମୁକ୍ତ ହୋଇ ହଜାର ହଜାର ସମର୍ଥକଙ୍କ ସହିତ ସମ୍ବଲପୁର ଆସି ବ୍ରିଟିଶ ସରକାର ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ ସେ । ଏକ ନିଷ୍ଠାପର ସ୍ୱାଧୀନତା ସଂଗ୍ରାମୀ ଭାବେ ତାଙ୍କର ଆମ୍ ପରିଚିତି ଥିଲା । ବ୍ରିଟିଶ ସରକାର ତାଙ୍କୁ ଅସୁରଗଡ଼ ଦୁର୍ଗରେ ବନ୍ଦୀ ଭାବେ ରଖିଲେ । ଜେଲରେ ୧୮୮୪ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଜନ୍ମାନ୍ଧ ସନ୍ଥକବି ଭୀମ ଭୋଇ ୧୯୫୦ ମସିହାରେ ରେଢ଼ାଖୋଲ ନିକଟବର୍ତ୍ତୀ ଏକ ଗ୍ରାମର କନ୍ଧ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ମହିମା ମହାପ୍ରଭୁଙ୍କ ଆଶୀର୍ବାଦରେ ସେ ସ୍ମୃତି ଚିନ୍ତାମଣି, ଶ୍ରୁତିନିଷେଧ ଗୀତା, ଅଷ୍ଟକ ବିହାରୀ ଗୀତା, ବ୍ରହ୍ମ ନିରୂପଣ ଗୀତା, ନିର୍ବେଦ ସାଧନା, ଭଜନ ମାଳାଦି ଅନନ୍ୟ ସର୍ଜନାରେ ସଫଳ ହୋଇଥିଲେ । ବସୁଧୈବ କୁଟୁମ୍ବଙ୍କ ବାର୍ତ୍ତା ବହନ କରୁଥିବା ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ..... ଭୀମ ଭୋଇଙ୍କ ହୃଦୟସ୍ପର୍ଶୀ ଓ ସର୍ବଜନାଦୃତ କବିତା ପକ୍ତି । ୧୮୮୫ ମସିହାରେ ମହିମାଧର୍ମ ପ୍ରଚାରକ ସନ୍ଥକବିଙ୍କ ମହାପ୍ରୟାଣ ହୋଇଥିଲା ।

୧୯୧୩ ମସିହାରେ ଜନ୍ମିତ ସତ୍ୟ ନାରାୟଣ ବହିବାର ସମ୍ବଲପୁରୀ ଭାଷାର ପ୍ରାଣ ପ୍ରତିଷ୍ଠାତା । ଛୋଟ ବେଳୁ ସେ ସମ୍ବଲପୁରରେ ବଢ଼ିଥିଲେ । ସମ୍ବଲପୁରୀ ଶବ୍ଦକୋଷ ଓ ବ୍ୟାକରଣ ତାଙ୍କ ଅକ୍ଲାନ୍ତ ପରିଶ୍ରମର ଫଳ । ୧୯୮୦ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା ।

ରମ୍ପେଲା ଜମିନଦାର ପରିବାରରେ ୧୮୮୭ ମସିହାରେ ଜନ୍ମିତ ଗୋକୁଳାନନ୍ଦ ପଣ୍ଡା ଥିଲେ ଜଣେ ସାହିତ୍ୟ ସାଧକ । 'ହୃଦୟ ଲହରୀ' କବିତା ସଙ୍କଳନ ତାଙ୍କର ଅନବଦ୍ୟ କୃତୀ । ସେ ୧୯୫୧ ମସିହାରେ ମୃତ୍ୟୁବରଣ କରିଥିଲେ ।

ହାସ୍ୟ ଲେଖକ, ସାମ୍ବାଦିକ, ନାଟ୍ୟକାର ତଥା 'ଜନ ସମୀକ୍ଷା' ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ସୁନୀଲ ମିଶ୍ର ମାଣିକ୍ୟ ମୁଣ୍ଡ୍ର, ନୃସିଂହନାଥ, ଆକବରରାୟ ଭଳି ନାଟକ ରଚନା କରି ଜନାଦୃତ ହୋଇପାରିଥିଲେ । ୧୯୮୬ ମସିହାରେ ସେ ଇହଧାମ ତ୍ୟାଗ କରିଥିଲେ ।

ସମାଜ ଖବର କାଗଜପାଇଁ ଦୁଇ ଦଶନ୍ଧିରୁ ଅଧିକ ସମୟ କାମ କରିଥିବା ସଚ୍ଚୋଟ ସାମ୍ବାଦିକ ପଶ୍ଚିମ ଓଡ଼ିଶାର ଗାନ୍ଧୀ ନୃସିଂହ ଗୁରୁ ୧୯୦୧ ମସିହାରେ ଜନ୍ମଗ୍ରହଣ କରିଥିଲେ । ଶିକ୍ଷା କ୍ଷେତ୍ରରେ ତାଙ୍କର ଆଗ୍ରହ ଓ ଅବଦାନ ଥିଲା ଅତୁଳନୀୟ । ୧୯୮୪ ମସିହାରେ ସେ ତାଙ୍କର ଇହଲୀଳା ସମ୍ବରଣ କରିଥିଲେ । ନୃସିଂହ ଗୁରୁ ସରକାରୀ ଟାଉନ ହାଇସ୍କୁଲ, ସମ୍ବଲପୁର ତାଙ୍କ ନାମରେ ନାମିତ ।

ନିକଟସ୍ଥ ଧନକଉଡ଼ା ଗ୍ରାମରେ ୧୮୭୩ ମସିହାରେ ଜନ୍ମିତ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ବେହେରା ଥିଲେ ଓଡିଶାର ପ୍ରଥମ ଓକିଲ । ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ଉଦ୍ଦେଶ୍ୟରେ ଆୟୋଜିତ ଉତ୍କଳ ସମ୍ମିଳନୀର ସେ ଥିଲେ ଜଣେ ସକ୍ରିୟ ସଦସ୍ୟ । ୧୯୩୬ ମସିହାରେ ତାଙ୍କର ଦେହାବସାନ ହୋଇଥିଲା ।

ଜାତୀୟ କଳା ବିଦ୍ୟାଳୟ ଶାନ୍ତି ନିକେତନରୁ ଶିକ୍ଷାପ୍ରାପ୍ତ ଯଦୁନାଥ ଦାସଙ୍କର ଜନ୍ମ ହୋଇଥିଲା ୧୯୩୧ ମସିହାରେ । ଜଗତର ଓ ପାରମ୍ପରିକ ବୁଣାଇରେ ସେ ଥିଲେ ଅତ୍ୟନ୍ତ ପ୍ରବୀଣ ଓ ସିଦ୍ଧହସ୍ତ । ତାଙ୍କରି ଡିଜାଇନ ଲଣ୍ଡନ, ପେରିସ ଓ ନ୍ୟୁୟର୍କରେ ଉଚ୍ଚପ୍ରସଂଶିତ ହୋଇଥିଲା । ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ଉପାରେ ସମ୍ମାନିତ କରିଥିଲେ ସେ ।

ଝାଡୁଆପଡାରେ ୧୯୧୫ ମସିହାରେ ଜନ୍ମିତ ଶ୍ରଦ୍ଧାକର ସୁପକାର ଥିଲେ ଜଣେ ବହୁମୁଖୀ ପ୍ରତିଭାକାରୀ । ଓଡିଶା ବିଧାନ ସଭା ବିରୋଧୀଦଳ ନେତା ଥିଲେ ସେ । ତାଙ୍କ ରଚିତ 'ମଧ୍ୟମ ପୁରୁଷ', କବିତା ସଂକଳନ 'ପ୍ରେମର ଅନେକ ରଙ୍ଗ' ବେଶ ଆଦୃତ ଲାଭ କରିଥିଲା । ୧୯୯୩ ମସିହାରେ ମୃତ୍ୟୁବରଣ କରି ଆଜି ମଧ୍ୟ ସେ ଅମର ।

ଉତ୍ତର ଭାରତରୁ ସମ୍ବଲପୁର ଆସି ସ୍ଥାୟୀ ଭାବେ ବସବାସ କରୁଥିବା କାଶୀନାଥ ସିଂ ପେଶାରେ ଜଣେ ସୁଦକ୍ଷ ଚିକିତ୍ସକ ଥିଲେ । ସମ୍ବଲପୁର ରାଜପରିବାରର ପାରିବାରିକ ଡାକ୍ତର ସିଂ ସାହେବ କଲେରା, ଛୋଟମାତା ଓ ବଡମାତା ରୋଗୀଙ୍କୁ ଯତ୍ନର ସହିତ ଚିକିତ୍ସା କରୁଥିଲେ ।

ସମ୍ବଲପୁରରେ ଜନ୍ମିତ ଡଃ ଆଇଜାକ ସାନ୍ତା କଟକରୁ ଡାକ୍ତରୀ ପାଠ ଶେଷ କରି ନିଜକୁ ଜନସେବାରେ ଉତ୍ସର୍ଗ କରିଥିଲେ । କୁଷ୍ଠ ରୋଗ ନିରାକରଣ ମିଶନରେ ସାମିଲ ହୋଇ ଜିଲ୍ଲାର ହାତିବାରୀ ଠାରେ ଏକ କୁଷ୍ଠାଶ୍ରମ ସ୍ଥାପନ କରିଥିଲେ । ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା ।

୧୮୮୭ ମସିହାରେ ଜନ୍ମିତ ବିଶ୍ୱକେଶନ ମିଶ୍ର ସରକାରୀ ଚାକିରିରୁ ଇସ୍ତଫା ଦେଇ ନିଜର ସବୁରି ବର୍ଷ ଜୀବନ କାଳ ମଧ୍ୟରେ ଦାରିଦ୍ରତା ବିରୁଦ୍ଧରେ ନିରନ୍ତର ସଂଗ୍ରାମ ଜାରିରଖିଥିଲେ । ସେ ସମ୍ବଲପୁର ଓ କଲିକତାରୁ ଶିକ୍ଷା ଲାଭ କଲାପରେ କୃଷକାନ୍ଦୋଳନରେ ସାମିଲ ହୋଇଥିଲେ । ୧୯୫୭ ମସିହାରେ ତାଙ୍କର ନିଧନ ହୋଇଥିଲା ।

କଲିକତାରୁ ଡାକ୍ତରୀ ଡ଼ିଗ୍ରୀ ହାସଲ କରିଥିବା ଜନାର୍ଦ୍ଦନ ପୂଝାରୀ ୧୮୯୩ ମସିହାରେ ରେଢ଼ାଖୋଲରେ ଜନ୍ମଗ୍ରହଣ କରିଥିଲେ । ସତସଙ୍ଗ ଓ କଲ୍ୟାଣ ଆଶ୍ରମ ପ୍ରତିଷ୍ଠା କରି ସେ ହୋଇଥିଲେ ଅତ୍ୟନ୍ତ ଜନପ୍ରିୟ । ଡାକ୍ତର ପାପୀ ଭାବେ ସୁପରିଚିତ ଡାକ୍ତର ପୂଝାରୀଙ୍କ ୧୯୬୧ ମସିହାରେ ଦେହାବସାନ ଘଟିଥିଲା ।

୧୯୦୬ ମସିହାରେ ଜନ୍ମିତ ଲକ୍ଷ୍ମୀ ନାରାୟଣ ମିଶ୍ର ଦେଶର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାପାଇଁ ପାଠପଢା ଛାଡି ୧୭ ବର୍ଷ କାଳ ଜେଲ ଭୋଗିଥିଲେ । ଜଣେ ଅସାଧାରଣ ବକ୍ତା ଓ ସଂସ୍କୃତ, ଉର୍ଦ୍ଦୁ, ବେଙ୍ଗଲୀ, ତେଲଗୁ, ହିନ୍ଦୀ ଓ ଇଂରାଜୀ ଭାଷାର ବିଶେଷଜ୍ଞ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ ସେ । ଏକଦା ଟ୍ରେନ ଯାତ୍ରାକାଳରେ ଝାରସୁଗୁଡା ଠାରେ ତାଙ୍କୁ ହତ୍ୟା କରାଯାଇଥିଲା ।

୧୮୯୪ରେ ଜନ୍ମିତ ଡ଼ା ପର୍ଶୁରାମ ମିଶ୍ର ଲିଡ଼ସ ୟୁନିଭର୍ସିଟିରୁ ଉଦ୍ଭିଦବିଜ୍ଞାନରେ ପିଏଚଡି ଲାଭ ପରେ ସେଠାରେ କିଛିକାଳ ଅଧ୍ୟାପନା କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଓ ପରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ରୂପେ ସେ ନିଯୁକ୍ତ ହୋଇଥିଲେ । ଓଡ଼ିଶାର ପ୍ରଥମ ବିଦ୍ୟାବାଚସ୍ପତି ପଦ୍ମଭୂଷଣ ଡଃ ମିଶ୍ର ୧୯୮୧ ମସିହାରେ ଦେହତ୍ୟାଗ କରିଥିଲେ । PMIASE ତାଙ୍କ ନାମରେ ନାମିତ ।

ପେଶା ଶିକ୍ଷକତା ଓ ନିଶା ସାହିତ୍ୟ ସାଧନା । ୧୯୩୫ ମସିହାରେ ଜନ୍ମିତ ମଙ୍ଗଳୁ ଚରଣ ବିଶ୍ୱାଳ ଦରିଆ ପାରିର କବିତା, ଅନ୍ତରଙ୍ଗର କବି, ଦି' ଧାର ଲୁହ, ଅଗ୍ନିସମ୍ଭବା, ଅନନ୍ୟା ଆଦି ଅନବଦ୍ୟ ସୃଷ୍ଟିର ସ୍ରଷ୍ଟା । ପୁରସ୍କାରପ୍ରାପ୍ତ ସମ୍ବଲପୁରୀ ସିନେମା ଭୁଖାର ରଚୟିତା । ୨୦୨୧ ମସିହାରେ ମୃତ୍ୟୁ ହୋଇଥିଲେ ବି ସେ ଆଜି ସାହିତ୍ୟ ଜଗତରେ ଜୀବିତ ।

ଶିକ୍ଷା, ସ୍ୱାସ୍ଥ୍ୟ ଓ ବାଣିଜ୍ୟ ବ୍ୟବସାୟର ସୁବିଧା ହେତୁ ଅନ୍ୟ ଜିଲ୍ଲା ଓ ଆଖପାଖ ଗାଁର ଲୋକେ ସମ୍ବଲପୁରରେ ରହିବା ପସନ୍ଦ କରନ୍ତି । ସହର କିମ୍ବା ପାଖାପାଖି ଅଞ୍ଚଳରେ ଜାଗା ଖଣ୍ଡେ ମିଳିବା କଷ୍ଟକର । ଯଦିବି ମିଳେ, ତେବେ ତାହା ଅମୁଲମୁଲ । ମଧ୍ୟବିତ୍ତଙ୍କ ଆର୍ଥିକ ସାମର୍ଥ୍ୟ ବାହାରେ । ସହର ସମସ୍ତଙ୍କୁ ସବୁପ୍ରକାର ସୁଖ ସୁବିଧା ଦେବାରେ ଦିନକୁ ଦିନ ବିଫଳ ହେବାରେ ଲାଗିଛି । କେଉଁଠି ରାସ୍ତା ନାହିଁ ତ ଅନ୍ୟ

କେଉଁଠି ପିଇବାକୁ ପାଣି । ବର୍ଷା ଦିନେ ସହରର ପାଣି ସମ୍ପୂର୍ଣ୍ଣ ରୂପେ ନିଷ୍କାସିତ ହୋଇପାରେ ନାହିଁ । ତଳି ଅଞ୍ଚଳ ବୁଡ଼େ । କୃତ୍ରିମ ବନ୍ୟା ହୁଏ । ଲୋକ ହନ୍ତସନ୍ତ ହୁଅନ୍ତି । ରକ୍ଷଣାବେକ୍ଷଣ ଅଭାବରୁ ଡ୍ରେନ ପୋତି ହୋଇଯାଏ । ମଇଳା ପାଣି ଜମି ରୁହେ । ଅପରିଷ୍କୃତ ପରିମଳ ବ୍ୟବସ୍ଥା । ମଶା ମାଛି ଦାଉ ସାଧନ୍ତି । ନାନାପ୍ରକାର ରୋଗର ଶିକାର ହୁଅନ୍ତି ଲୋକେ । ପ୍ରାଣ ବି ହରାନ୍ତି । ଖରାଦିନେ ବିପରୀତ ସ୍ଥିତି । ଜଳସଙ୍କଟ । ପାଣି ମୁନ୍ଦେ ପାଇଁ ଲୋକେ ଜହକବିକଳ ହୁଅନ୍ତି । ଗାଧୋଇବା ଦୂରେ ଥାଉ ପିଇବାକୁ ବି ଶୁଦ୍ଧ ପାଣି ମିଳେନାହିଁ । ଅମୃତ ଧାରା ଯୋଜନାରେ ସହରର ପ୍ରମୁଖ ସ୍ଥାନମାନଙ୍କରେ ଶୀତଳ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । କିନ୍ତୁ ହାତଗଣତି ଅମୃତଧାରା ଛାଡିଦେଲେ ବାକିସବୁ ଅଚଳାବସ୍ଥାରେ ।

ଦୁର୍ବଳ ଟ୍ରାଫିକ ବ୍ୟବସ୍ଥା । ନିୟମର ଅବମାନନା । କ୍ୱଚିତ ହେଲମେଟ ଓ ବେଲ୍ଟ ବ୍ୟବହାର କରନ୍ତି ଲୋକେ । ଦ୍ରୁତ ଗତି ମହା ବିପତ୍ତି । ତ୍ରୁଟିପୂର୍ଣ୍ଣ ଦିଶାବିହୀନ ଅତିକ୍ରମଣ । ନୋ ପାର୍କିଙ୍ଗ ଜୋନର ଖୋଲା ଅପବ୍ୟବହାର । ଏକାବେଳେ ଦୁଇଟି କାମ ଫୋନ କଥାବାର୍ତ୍ତା ଓ ଗାଡି ଚାଳନା । ଦୁର୍ଘଟଣା ପାଇଁ ଅଧିକାଂଶ ଭାବେ ଏସବୁ ଦାୟୀ । ପୁଲିସ ପ୍ରଶାସନର କଡ଼ା ପଦକ୍ଷେପ, ସିସିଟିଭି ବ୍ୟବସ୍ଥା, ନିୟମିତ ତଦାରଖ ଓ ଚାଲାଣ ଅନେକାଂଶରେ ସହାୟକ ହୋଇପାରନ୍ତା ।

ଜନ ପରିବହନର ମଧ୍ୟ ତାଦୃଶାବସ୍ଥା । ଇଚ୍ଛାନୁସାରେ ଯେ କୌଣସି ସ୍ଥାନରେ ଯାତ୍ରୀ ଉଠାନ୍ତି ଓ ଓହ୍ଲାନ୍ତି । ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ ଷ୍ଟପ ପୋଷ୍ଟର ବ୍ୟବସ୍ଥା କଲେ ବିଶୃଙ୍ଖଳା ହୁଅନ୍ତା ନହିଁ । ଯାତାୟାତ ଓ ଗମନାଗମନ ସରଳ ହୁଅନ୍ତା । ଦୁର୍ଘଟଣା କମନ୍ତା । ବିଶ୍ରାମାଗାର, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ହେଲେ ଲାଭ ମିଳନ୍ତା । ସକାଳ ୨ଟାରୁ ୧୦ଟା ଏବଂ ଅପରାହ୍ନ ୪ଟାରୁ ୫ଟା ପର୍ଯ୍ୟନ୍ତ ସହରର ମୁଖ୍ୟ ଛକ ମାନଙ୍କରେ ବହୁତ ଭିଡ଼ ହୁଏ । ଟ୍ରାଫିକ ଜାମ ହୁଏ । ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଦୁର୍ଘଟଣା ଘଟେ । ପ୍ରାଣ ଯାଏ । ସୁଦୃଢ ଗ୍ରାଫିକ ନିୟନ୍ତ୍ରଣ ଓ ସଚେତନତା ଆମକୁ ବଞ୍ଚାଇ ପାରନ୍ତା ।

ଜବରଦଖଲ ଉଚ୍ଛେଦ, ରାସ୍ତା ପ୍ରଶସ୍ତିକରଣ, ଆଲୋକୀକରଣ ଆଞ୍ଚଳିକ ଆଦିବାସୀ ଚିତ୍ରକଳାରେ ସୌନ୍ଦର୍ଯ୍ୟକରଣାଦି ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଉଠା ଦୋକାନୀଙ୍କ ପୁନଃ ଅତିକ୍ରମଣ ଯଥା ପୂର୍ବ ତଥା ପରଂ ସ୍ଥିତି ସୃଷ୍ଟି କରେ । ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ ତଥା ଆବଣ୍ଟନ ସମସ୍ୟା ସମାଧାନ କରିପାରନ୍ତା । ମୁଖ୍ୟ ରାସ୍ତା ଜତରେ କୁଢ଼କୁଢ଼ ମଇଳା ଗଦା ସହରର ସୌନ୍ଦର୍ଯ୍ୟ ନଷ୍ଟ କରେ । ନାନାଦି ରୋଗର କାରଣ ବନେ । ନିୟମିତ ସଫାସୁତ୍ରର ଓ କୁଡାଦାନର ବ୍ୟବସ୍ଥା ସହରକୁ ସୁସ୍ଥ ରଖନ୍ତା ।

କଚେରୀ ଛକରୁ ଜାତୀୟ ରାଜପଥ ପର୍ଯନ୍ତ ନିର୍ମିତ ରିଂରୋଡ଼ ମଝିରେ ପଡେ ମାଁ ସମଲେଇଙ୍କ ଭବ୍ୟ ମନ୍ଦିର । ସମଲେଇ ପ୍ରକଳ୍ପ ହେତୁ ଏହି ରାସ୍ତାର ଗୁରୁତ୍ୱ ଯଥେଷ୍ଟ ବଢିଛି । ମନ୍ଦିର, ଏସଏମସି ଅଫିସ, ବୁର୍ଲା ଡାକ୍ତରଖାନା କିମ୍ୱା ସ୍ୱର୍ଗ ଦ୍ୱାର ଯିବାପାଇଁ ଏହା ମୁଖ୍ୟ ରାସ୍ତା । ଉଭୟ ବଡ଼ ପଥଚଲା ରାସ୍ତାର ପେଭର ବ୍ଲକ, ଡିଭାଇଡ଼ର ମଝିର ବୃକ୍ଷ, ବିଶ୍ରାମାଗାର, ଆଲୋକୀକରଣାଦିର ଯଥାଯଥ ରକ୍ଷଣାବେକ୍ଷଣ କଲେ ଭଲ ହୁଅନ୍ତା ।

ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହିତ ଅପରାଧକ ମାମଲା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆନ୍ଦୋଳନ, ଧାରଣା, ଧର୍ମଘଟ, ଧାର୍ମିକ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ହେବା ପରିବର୍ତ୍ତେ ଧିରେଧିରେ ଅଶାନ୍ତ ହେବାରେ ଲାଗିଛି । ଦିନ ଦ୍ୱିପହରେ ଚୋରି, ଲୁଟରାଜ, ମାରପିଟ, ହତ୍ୟା, ଗୋଷ୍ଠୀ ସଂଘର୍ଷ ଦେଖିବାକୁ ମିଳୁଛି । ପୁଲିସ ପ୍ରଶାସନର ସକ୍ରିୟ ତଥା ତତକ୍ଷଣାତ ଉଚିତ ପଦକ୍ଷେପ ଏସବୁର ପର୍ଦ୍ଦାଫାସ କରୁଛି । ସର୍ବସାଧାରଣଙ୍କ ପ୍ରଶାସନକୁ ଆନ୍ତରିକ ସହଯୋଗ ସ୍ଥିତିକୁ ଅଧିକ ସୁଦୃଢ଼ କରନ୍ତା । ଅପ୍ରତ୍ୟାଶିତ ପ୍ରତିକୂଳ ପରିସ୍ଥିତି କାମନ୍ତା । ଚାଷୀ, ବୁଣାକାର, ମତ୍ସ୍ୟଜୀବୀ, ସାଧାରଣ ଖାଉଟିଙ୍କ ସମସ୍ୟା, ବାନ୍ୟଜନ୍ତୁ ସଂରକ୍ଷଣ ଓ ଜଙ୍ଗଲ ସୁରକ୍ଷା, ନିଶା ନିବାରଣ, ଚୋରାଚାଲାଣ ପ୍ରତିହତ, ରାସ୍ତାଘାଟ ନିର୍ମାଣ, ମରାମତି, ଉନ୍ନତିକରଣ, ଆଲୋକୀକରଣ, ବିଦ୍ୟୁତ ଯୋଗାଣ, ପ୍ରଦୂଷଣ ନିୟନ୍ତ୍ରଣ, ପରିମଳ ବ୍ୟବସ୍ଥାଦି ଜନକଲ୍ୟାଣକାରୀ ଯୋଜନାରେ ପ୍ରଶାସନ ଓ ଲୋକଙ୍କ ସହଯୋଗିତା ଓ ସହାଭାଗିତା ରହିଲେ ସମ୍ବଲପୁର ଅଧିକ ବିକଶିତ ହୁଅନ୍ତା ।

- ପ୍ରାକ୍ତନ ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ : ୭୯୭୮୨୮୩୧୯୦

# ଭାଷା ଆର୍ ସଂସ୍କୃତି

● ପୂର୍ଣ୍ଣଚନ୍ଦ୍ର ସାହୁ

ଭାଷା ଆର୍ ସଁସ୍କୃତି ମୁନ୍‌ଷର୍ ମୁହୁଁ ଆର୍ ଦର୍ପନ୍ ବାଗିର୍ ଆଏ । ସଁସ୍କୃତି ବଏଲେଁ ସଁସ୍କାର୍ ଯେନ୍ତା କୁଟାକାଟି ସଫା କରିଁ ପାଛ୍‌ରି କରିଁ ଆମ୍ଭେ ଧାନ୍ ରଖ୍‌ସୁଁ ହେନ୍ତା ସଁସ୍କାର୍ ବଏଲେଁ ବହ୍ନିଆଁ ଦିନୁ ଯେନ୍‌ଟା ଚଲିଁ ଆସୁଛେ ପଏର୍ଚ୍ଛା ହେତେଲ୍ ହେତେଲ୍ ତାର୍ ମଏଲା ସବୁ ଯେନ୍ତା ଆମ୍ଭେ ଅଲ୍‌ଗାତେଲ୍ ଯଉଥିସୁଁ ସେଟାକେ ସଁସ୍କୃତି କୁହା ଯାଏସି । ଆର୍ ଆମ୍ଭେ ଯେନ୍ କଥା କହୁଥିସୁଁ ସେଟାକେ କେନ୍‌ସି ଗୁଟେ ନିଅମ୍ ବନେଇ କରିଁ ରଖିନେଲେଁ ସେଟାକେ ଭାଷା କୁହା ଯାଏସି । ଭାଷା ଆର୍ ବୁଲିକେ ଅମର୍ କୋଷ୍‌ରେ ଭି ଅଲ୍‌ଗା ଅଲ୍‌ଗା ବର୍ଗଥୁଁ ଭାଗ୍ କରିଛନ୍ । ବୁଲିକେ "ବ୍ୟାହାର ଉକ୍ତିର୍ଲପିତଂ ଭାଷିତଂ ବଚନଂ ବଚଃ ।" ଆର୍ ଭାଷାକେ "ବ୍ରାହ୍ମୀ ତୁ ଭାରତୀ ଭାଷା ଗୀର୍ବାଗ୍‌ବାଣୀ ସରସ୍ୱତୀ ।" ସେଥିର୍ ଲାଗିଁ ଯେନ୍‌ମାନେ କହୁଛନ୍ ଯେ ଯେନ୍ତା କହୁଛୁଁ ହେନ୍ତା ଲିଖ୍‌ମା ବଏଲେଁ । କିଏ କେନ୍ତା କହୁଛେ ଯେ କାଣା ସମାନ୍ ହଉଛେ । ଇ ବାବ୍‌ଦେଁ ବୈଦ୍ୟକୀୟ ସୁଭାଷିତ ସାହିତ୍ୟମ୍‌ରେ ଗୁଟେ ଶ୍ଳୁଲ୍‌କ ଅଛେ ଦେଖୁନ୍ –

ପିଣ୍ଡେ ପିଣ୍ଡେ ମତିର୍ଭିନ୍ନା କୁଣ୍ଡେ କୁଣ୍ଡେ ନବଂ ପୟଃ ।
ଜାତୌ ଜାତୌ ନବାଚାରା ନବା ବାଣୀ ମୁଖେ ମୁଖେ ॥

ଇଟା ବୁଝ୍‌ବାର୍‌କେ ସହଜ୍ ଅଛେ । ବୁଝାବାର୍‌କେ ନେଇଁ ପଡ଼େ । ଗୁଟେ ମୁହେଁ ଗୁଟେ କଥା । ଅଲ୍‌ଗା ଅଲ୍‌ଗା ମୁହେଁ ଅଲ୍‌ଗା ଅଲ୍‌ଗା କଥା ବଲିଁ କୁହା ହଉଛେ । ବଏଲେଁ କାହାର୍‌ଟାକେ ଧର୍‌ମା ଆର୍ ଲିଖ୍‌ମା । ସାହିତ୍ୟ ସମାନ୍ ହେବାକେଁ । ଝନ୍‌କ ଗୁଟେ ଗୁଟେ ସାହିତ୍ୟ ସୃଷ୍ଟି ହେବା । ଯେନ୍‌ଟା କାହାରିର୍‌ଟା କିକେ ନେଇଁ ପଢ଼ି ପାରନ୍ । ଆମର୍ ଗାଆଁର୍ ଗୁଟେ ଘରେଁ ବିଶିପାଲିକେ ପାଲି ଗାଆଁ ବଲ୍‌ସନ୍ । କାଁକରି ତାକର୍ ଘରର୍ ବୁଢ଼ାର୍ ନାଆଁ ବିଶିକେସନ୍ । ଏନ୍ତା ଗୁଟେ ଗୁଟେ ଲୁକ୍‌କର୍ ମୁହେଁ ସବୁ କଥା ନେଇଁ ହୁଏ । ଆମର୍ ଗାଆଁମାନ୍‌କେଁ ଗାଆଁକ ଗୁଟେ ଗୁଟେ କଥା ଚଲିଁ ଆସୁଥିସି ସେଟା ସେ ଗାଆଁର୍ ଲୁକେ ଖାଲି ଜାନିଥିସନ୍ । ଦୁସ୍‌ରା ଗାଆଁର୍ ଲୁକେ ନେଇଁ ଜାନନ୍ । ଗାଆଁମାନ୍‌କେଁ ନାନା ରକ୍‌ମର୍ ଜାଏତ୍ ରହୁଛୁଁ ସବୁ ଜାତିଁ ସମାନ୍ କଥା ନେଇଁ କହେବାର୍ । ଇହାଦେ ଭି ହେନ୍ତା ଜାଏତ୍‌ମାନେ ଅଛନ୍ ତାକର୍ ଜାତିର୍ ଭାଷା କହୁଛନ୍ । ମେହେଜି ଟୁକେଲ୍‌ମାନେ ବିଶେଷ୍ କରିଁ ହେନ୍ତା ଜାତିର୍‌ଟା ତାକର୍ ଘରେଁ କହୁଛନ୍ ତାଏଲ୍ । ଆମର୍ ଜିଲ୍ଲାମାନ୍‌କର୍ କଥା ଦେଖୁନ୍ ଯେନ୍ତା କଲେଁ ଭି କଲାହାଣ୍ଡି ଠାନୁ ଆମର୍ ଭାଷା ଅଲ୍‌ଗା ରହୁଛେ । ଭାଷା ଗୁଟେ ଏନ୍ତା ଜିନିଷ୍ ଆଏ ଟିଖେ ସହି ନେଇଁ ପାରେ । ପାଖେ କହେଲେଁ ପାଖେ ବୁଝ୍‌ସନ୍ । ସେଟା କେନ୍‌କେ ପଲେଇଁଯିବା ଯେ ଜାନି ନେଇଁ ହୁଏ । ଆମର୍ ଝନେ କାଣା କରିଥିଲେ ଲଫାଫାର୍ ଦେବ୍‌ରି ଫାଲେଁ ଯାର୍ ନିକେ ଚିଠି ଯିବା ତାର୍ ନାଆଁ ଲେଖିଥିଲେ ଆର୍ ଭୁଜ୍‌ନି ଫାଲେଁ ତାକର୍ ଠିକଣା ଲେଖିଥିଲେ । ଆର୍ ମତେ ବଏଲେଁ ଇଟା ରେଷ୍ଟି କର୍‌ମି ପୋଷ୍ଟମାଷ୍ଟର୍ କାଣା କହେବା ଭାଏଲ୍ । ମୁଇଁ ବଏଲିଁ ଆପଣ୍‌କୁଁ ଗାଏଲ୍ ଦେବା ହେଁଟା ନେଇଁ ନଉନ୍ । ସେ ବଏଲେଁ ଲେଖି ନେଲିନ ନେଇଁ ଦେଖ୍‌ସିଁତ ବଏଲେ ଆର୍ ନେଲେ । ପୋଷ୍ଟମାଷ୍ଟର୍ ରିଶ୍ଚି ହେଲା ଆର୍ ଫିରେଇ ନେଲା ଯେ ଦୁସ୍‌ରା ଲିଖିଲେ । ଆଏଲେ ବେଲ୍‌କେ ଆମ୍ଭେ ବହ୍ନିଆଁ ଝନ୍‌ଦୁ ଥିଲୁଁ ଯେ ମତେ ଦେଖିଲେ କି ବଏଲେଁ ସଥେଁ ଆଜ୍ଞା ଠିକ୍ କହେଲେ ପୋଷ୍ଟମାଷ୍ଟର୍ ଦେଖିଲା କି ବଅଁଅଁ କଲା ବଏଲେ । ଆମର୍ ଭିତ୍‌ରେଁ ଜଣେ ସେ ପୁରୀ ଆଡ଼ର୍ ଥିଲେ । ସେ ବଏଲେ କଣ କହିଲେ ? ତାର୍ ଅର୍ଥ କଣ ? । ସେ ବଏଲେ ବିରକ୍ତ ହେଲା

ଆଜ୍ଞା । ସେ ଭି ଦିନେ ହେନ୍ତା କାଣା ଗୁଟେ ଭୁଲ୍ କରିକରିଁ ପୋଷ୍ଟଅଫିସ୍‌କେ ଗଲେ ବେଲ୍‌କେ ପୋଷ୍ଟମାଷ୍ଟର୍ ଗାଲି ଦେଲା । ସେ ଆସିକରିଁ ଆମର୍‌ନୁ ଚନ୍ଦର୍ ବିନ୍ଦୁ ଅଲ୍‌ଗେଇ କରିଁ ବ....କଲା ବଏଲେ । ଆମ୍ଭେ ଯାହା ଥିଲୁଁ ସଭେ ହଁସ୍‌ଲୁଁ ବେଲ୍‌କେ ସେ ମଜା ହଉଛେ ବଲିଁ ଆର୍ ଆର୍ କହି ବସ୍‌ଲେ ସତରେ ସତରେ ଏମିତି କହିଲା ବଏଲେ ଯେ । ସେନୁ ତାହାକୁ ଜଲ୍‌ଦି ଯିବାର୍ ଲାଗିଁ କହେଲୁଁ । ଭାଷା ଗୁଟେ ଏନ୍ତା ଜିନିଷ୍ ଆଏ ଟିଖେ ନେଇଁ ସହେ । ଶଁକର୍ ବଏଲେଁ ଆମ୍ଭେ ଶିବ ଭଗ୍‌ବାନ୍‌କୁଁ ବୁଝୁଛୁଁ । ସେଟାକେ ଯଦି ସଁକର୍ କରିନେବେ ବଏଲେଁ ସଙ୍କର ଜାତୀୟ ହଇଁଯିବା । ଏନ୍ତା କେତ୍‌ନି କଥା ଅଛେ । ଛାଡୁନ୍ ଭାଷାର୍ ବେଭାର୍ ଦିଗ୍‌କେ ଟିକେ ଦେଖୁଁ ।

ଭାଷାର୍ କବାର୍ କେତ୍‌ନି କେତେ ଜାଗାନୁ ଅଛେ । ଖାଲି ଇଟା ସାହିତ୍ୟ ବନାବାର୍ ଲାଗିଁ ନୁହେ । ଦେଖୁନ୍ ଭାଷାର୍ କବାର୍ କେନ୍ତା ରକ୍‌ମେ ଜ୍ୟୋତିଷ୍ ଶାସ୍ତରୁ୍ଥୁଁ ଅଛେ । ଆମର୍ ଛୁଆଟେ ଜନମ୍ ହେଲା କି ସଭେ ପ୍ରାଏ ଜାତକ୍ ବନଉଛୁଁ । ଆଗୋ ପାଲ୍‌କେଁ ଜହ ଲୋକ୍ ନେଇଁ ବନଉଥେଇଁ । ଇହାଦେ ଭୋଟ୍‌ନୁ ମୂଲ୍ କରିକରିଁ ଗଲା ବିହା ଦେଖ୍‌ନି ଯାତ୍ରା ପରବ୍ ମନ୍ଦିର୍ ପଦିଷ୍ଠା ଘର୍ ପଦିଷ୍ଠା ଛୁଆ ଖୁଆ ମଲା ମିର୍କିଟିଆ ଠାନୁ ସବୁନୁ ଜ୍ୟୋତିଷ୍ ଶାସ୍ତର୍ ଦର୍‌କାର୍ କରୁଛେ । ସେଟା ଆମର୍ ଭାରତର୍ ମୁନି ଋଷିମାନେ ସୂକ୍ଷ୍ମ ଭାବେଁ ଗ୍ରହ ନଏକ୍ଷେତର୍ ରାଶିମାନ୍‌କୁଁ ବୁଲୁଥିବାର୍ ଦେଖିକରିଁ ମୁନ୍‌ଷର୍ ଉପରେଁ ତାକର୍ ପ୍ରଭାବ୍ କାଣା ଅଛେ ସେଟା ଗନ୍ତି କରିକରିଁ ଭୂତ୍ ଭବିଷ୍ୟତ୍ ବର୍ତ୍ତମାନ୍ ଜାନ୍‌ବାର୍ ଶାସ୍ତର୍‌ମାନେ ଲେଖି ନେଇଛନ୍ । ଯେନ୍ତା ଜନମ୍ ସମିଆକେ ଯେନ୍ ନଏକ୍ଷେତର୍ ଥିବା ସେତାର୍ ହିସାବେଁ ନାଆଁ ଦିଆ ହଉଛେ । ଆମ୍ଭେ ଯଦି ଯେନ୍ ଅନେକ୍ ଶ ଅନେକ୍ ଯ ଅଛେ ବଲିଁ କହୁଛୁଁ ଆର୍ ଯେନ୍ତା କହୁଛୁଁ ହେନ୍ତା ଲିଖିମା ବଲୁଛୁଁ ବଏଲେଁ କେନ୍ତା କରିଁ ହେବା ଦେଖୁନ୍ । ଗୁଟେ ଛୁଆ ଯଦି ହସ୍ତା ନଏକ୍ଷେତର୍ କନ୍ୟା ରାଶିର୍ ଦୁତୀଅ ପାଦେଁ ଜନମ୍ ହେବା ସେତାର୍ ନାଆଁ ଷ ଅଖରୁ୍ଥୁଁ ମୂଲ୍ ହେବା ଯେନ୍ତା କି ଷଡ଼ାନନ୍,ଷଡ଼୍‌ବର୍ଗ ଆଦି । ଇଟାକେ ଯଦି ଦନ୍ତ୍ୟ ସ କରିନେମା ସେଟା ଶତ୍‌ଭିଷା/କୁମ୍ଭ ରାଶି ହେବା ବଏଲେଁ ତାର୍ ବିହା ଦେଖ୍‌ନି ସୁଝାବୁଡ଼ା ଦଶା ଉପଦଶା କେନ୍ତା କରିଁ ଗନ୍‌ମା । ଜଣ୍‌କର୍ ନାଆଁ ଯଦି ଜ୍ଞାନ୍ ରଞ୍ଜନ୍ ଥିବା ଆମ୍ଭେ ସେଟାକେ ଗ୍ୟାନ୍ ରଞ୍ଜନ୍ ଲେଖିଥିମା ବଏଲେଁ ଉତ୍ତରାଷାଢ଼ା/ମକ୍‌ର ରାଶିଟା ଧନିଷ୍ଠା/ମକ୍‌ର ହଇଁଯିବା । ହେନ୍ତା ଯୁଧିଷ୍ଠିର୍‌କେ ଜୁଧିଷ୍ଟିର୍ ଲିଖିନେଲେଁ ବିଛା ରାଶିଟା ମକ୍‌ର ରାଶି ହଇଁଯିବା । କ୍ଷମାନିଧିକେ ଖ୍ୟମାନିଧି ଲିଖିନେଲେଁ ମୃଗଶିରା/ ମିଥୁନ ରାଶିଟା ମକ୍‌ର ରାଶି ହଇଁଯିବା । ବଏଲେଁ ଇ ସବୁ ଜ୍ୟୋତିଷ୍ ଭୁଲ୍ ହେତେଲ୍ ଯିବା । ଇଟା କେନ୍ତା କର୍‌ମା ପହେଲା ଚିନ୍ତା କରୁଁ ।

ଯୋଗ୍ ଶାସ୍ତର୍ ହିସାବେଁ ଆମର୍ ମେରୁଦଣ୍ଡ ଭିତ୍‌ରେଁ ତିନ୍‌ଟା ନାଡ଼ି ଥିସି ଇଡ଼ା ପିଙ୍ଗ୍‌ଲା ଆର୍ ମଝାର୍‌ଟା ସୁଷୁମ୍ନା । ଇ ସୁଷୁମ୍ନା ନାଡ଼ି ଭିତ୍‌ରେଁ ଛଅଟା ଚକର୍ ଅଛେ । ତଲର୍ ଚକର୍ ମୂଳାଧାର୍‌ନୁ ଚାଏର୍‌ଟା ଅଖର୍ ବ, ଶ, ଷ, ସ ରହେସି । ତାର୍ ଉତାରୁଁ ସ୍ୱାଧିଷ୍ଠାନ୍ ଚକରୁ୍ଥୁଁ ବ, ଭ, ମ, ଯ, ର, ଲ, ଛଅଟା ଅଖର୍ ରହେସି । ତେହେରୁଁ ମଣିପୁରୁ୍ଥୁଁ ଦଶ୍‌ଟା ଡ ଢ ଣ ତ ଥ ଦ, ଧ, ନ, ପ, ଫ ରହେସି । ହେନ୍ତା ଅନାହତ୍‌ଥୁଁ ବାରଟା କଠାନୁ ଠତକ୍ ରହେସି । ବିଶୁଦ୍ଧୁ୍ଥୁଁ ଷୁହ୍ଲଟା ସବୁ ସ୍ୱର୍‌ବର୍ଣ୍ଣ ରହେସି । ଆଜ୍ଞା ଚକରୁ୍ଥୁଁ ହଂ ଆର୍ ସଃ ରହେସି ଇଟାକେ ଅନୁସ୍ୱାର୍ ଆର୍ ବିସର୍ଗ କହେସନ୍ । ଇଟା ସିଦ୍ଧି କର୍‌ବାର୍ ଲାଗିଁ ହେଲେଁ ଚକର୍‌ମାନ୍‌କୁଁ ଭେଦ୍ କର୍‌ବାର୍‌କେ ପଡ଼୍‌ବା ଆର୍ ସେ ଅଖର୍‌ମାନ୍‌କୁଁ ଉଚ୍ଚାରଣ୍ କର୍‌ବାର୍‌କେ ପଡ଼୍‌ବା । ବଏଲେଁ ଇଟା ପଡ଼୍‌ମା କି ଛାଡ଼୍‌ମା ବିଚାର୍ କରୁଁ ।

ହର୍ସ ଦୀର୍ଘ ଅଖର୍ ଯଦି ଉଠେଇ ନେମା ବଏଲେଁ ଆୟୁର୍ବେଦୁ୍ଥୁଁ ମଧୁକ ବଏଲେଁ ଯଷ୍ଟି ମଧୁ ହେସି ଆର୍ ମଧୂକ ବଏଲେଁ ମହୁଲ୍ ହେସି । ଉଷୋ ଘିନିଯିମା ବେଲ୍‌କେ ଖାଲି ହର୍ସଉ ଲିଖିଥିମା ବେଲ୍‌କେ ମହୁଲ୍ ପଡ଼୍‌ବାର୍ ଥିଲେଁ ଦୁକାନି କେନ୍‌ଟା ଦେବା । ବହିଥୁଁ ଉତ୍‌ରେଇ କରିଁ ନେଇଥିମା ବେଲ୍‌କେ ମହୁଲ୍ ପଡ଼୍‌ବାର୍ ଥିଲେଁ ସବୁ ଉଷୋଥୁଁ କାଣା ଯଷ୍ଟିମଧୁ ଲଗାମା ଯେ କାମ୍ ଦେବା କେଁ ? । ତାର୍ ପରେ ମନୁ ସ୍ମୃତିଥୁଁ ନାଆଁ ଦେବାର୍ ଲାଗିଁ ଟୁକେଲ୍‌ମାନ୍‌କର୍ ନାଆଁ "ମଙ୍ଗଲ୍ୟଂ ଦୀର୍ଘବର୍ଣ୍ଣାନ୍ତା-" ଲିଖା ହଇଛେ ବଏଲେଁ ଟୁକେଲ୍‌ମାନ୍‌କର୍ ନାଆଁର୍ ଶେଷେଁ ଦୀର୍ଘବର୍ଣ୍ଣ ରହେବା । ବଏଲେଁ ଦୀର୍ଘକେ ଉଠେଇ ନେମା ଯେ ଇ ଧରମ୍ ଶାସ୍ତର୍‌କେ ଭି ବିରୋଧ୍ କର୍‌ମା କେଁ ?। ବିଚାର୍ କରିଦେଖୁଁ । ଆମର୍ ସଁସ୍କୃତି କେନ୍ତା ବିକୃତ୍ ନେଇଁ ହେବା ।

ଆମର୍ ହିନ୍ଦୁମାନ୍‌କର୍ ଧରମ୍‌ଗରନ୍ଥ ହଉଛେ ତିହ୍ନି ବେଦ୍ ଋଗ୍, ଯଜୁ ଆର୍ ସାମ । ବେଦ୍ ପଢ଼୍‌ବାର୍ ଲାଗିଁ ନାନା ରକ୍‌ମର୍ ନିଅମ୍ ଅଛେ । ସେଥିର୍ ବାବ୍‌ଦେଁ ଶିକ୍ଷା ଗରନ୍ଥ ଆର୍ ନିରୁକ୍ତ

ଗରନ୍ଥୁଁ ଲିଖା ହଇଛେ ଯେ-

"ମନ୍ତ୍ରୋ ହୀନଃ ସ୍ୱରତୋ ବର୍ଣ୍ଣତୋ ବା
ମିଥ୍ୟାପ୍ରଯୁକ୍ତୋ ନ ତମର୍ଥମାହ ।
ସ ବାଗ୍‌ବଜ୍ରୋ ଯଜମାନଂ ହିନସ୍ତି
ଯଥେନ୍ଦ୍ରଶତ୍ରୁଃ ସ୍ୱରତୋଽପରାଧାତ୍ ।।"

ଇତାର୍ ଅର୍ଥ ହେଲା ମନ୍ତର୍ ସିଦ୍ଧିକଲା ବେଲ୍‌କେ ବା ପଢ଼୍‌ଲା ବେଲ୍‌କେ ଯଦି ମନ୍ତର୍‌ଥୁଁ କେନ୍‌ସି ସ୍ୱର୍ କି ବ୍ୟଞ୍ଜନ୍ ବର୍ଣ୍ଣକେ ଠିକ୍ ଭାବେଁ ନେଇଁ ପଢ଼୍‌ଲେଁ

ତାର୍ ଅର୍ଥ ଉଲ୍‌ଟା ପୁଲ୍‌ଟା ହେବା ଆର୍ ମନ୍ତର୍ ତ ସିଦ୍ଧି ନେଇଁ ହୁଏ, ଆର୍ ଉଲ୍‌ଟିଆ ଯଜ୍ଞକଲା ଲୁକର୍ ନକ୍‌ଶାନି କର୍‌ବା । ଏନ୍ତା କି ଜୀବନ୍ ଭି ପଲେଇଁ ଯିବାର୍‌ଟା ବଡ଼୍ କଥା ନୁହେସେ । ଯେନ୍ତା ଇଥିର୍ ବାବ୍‌ଦେଁ ଗୁଟେ ସତର୍ କଥା ଅଛେ ଯେନ୍ତା ବୃତ୍ରାସୁର୍ ଇନ୍ଦର୍‌କେ ମାର୍‌ବାର୍ ଲାଗିଁ ସାଧନ୍ କରୁଥିଲା ଆର୍ ଠିକ୍ ଭାବେଁ ଅଖର୍‌କେ ଉଚ୍ଚାରଣ୍ ନେଇଁ କରି ଜାନ୍‌ଲା ଯେ ଯୁଦ୍ଧ ବେଲ୍‌କେ ସେତାକେ ଇନ୍ଦର୍ ମାରିନେଲା ।

କଥା ହେଲା ଥରେ ବୃତ୍ରାସୁର୍ ଆର୍ ଇନ୍ଦର୍ ଭିତ୍‌ରେଁ ଗୁଲିଆ ପୁଲିଆ ହେଲା ଆର୍ ଦୁହେ ଦୁହିଲୁକର୍ ଶତ୍ରୁ ହଇଁଗଲେ । ବୃତ୍ରାସୁର୍ ଇନ୍ଦର୍‌କେ ମାର୍‌ବାର୍ ଲାଗିଁ ତାର୍ ଗୁରୁ ଶୁକ୍ରାଚାର୍ଯ୍ୟକେ କହେଲା ଯେ ଗୁରୁ କେନ୍ତା କଲେଁ ମୁଇଁ ଇନ୍ଦର୍‌କେ ମାରି ପାର୍‌ମି କହତ । ଶୁକ୍ରାଚାର୍ଯ୍ୟ ତାର୍ ଲାଗିଁ ଗୁଟେ ମନ୍ତର୍ ସିଦ୍ଧି କର୍‌ବାର୍ ଲାଗିଁ କହେଲେ ଆର୍ ବଏଲେ ତୁଇଁ ଇ ମନ୍ତର୍‌କେ ଲାଖେ ଲାଖେ କରିଁ ଏକ୍‌ଶ ଆଠ୍‌ଥର୍ ଅଗ୍ନିଥୁଁ ଆହୁତି ଦେଇ ପାର୍‌ବୁ ଆର୍ ଯୁଦ୍ଧ କର୍‌ବୁ ଇନ୍ଦର୍ ସାଙ୍ଗେଁ ବଏଲେଁ ଇନ୍ଦର୍ ମର୍‌ିଁଯିବା । ମନ୍ତର୍‌ଟା ହେଲା "ଇନ୍ଦ୍ରଶତ୍ରୁର୍ବର୍ଦ୍ଧସ୍ୱ"। ବୃତ୍ରାସୁର୍ ଗୁରୁଠାନୁ ଇ ମନ୍ତର୍‌କେ ଆନିକରିଁ ପଢ଼ି ପଢ଼ିକରିଁ ଅଗ୍ନିଥୁଁ ଆହୁତି ଦେଲା ଆର୍ ଯୁଦ୍ଧ କରିଗଲା ବେଲ୍‌କେ ମନ୍ତର୍ ଭୁଲ୍ କଲା କି ଅର୍ଥ ଉଲ୍‌ଟିଁଗଲା ଆର୍ ଇନ୍ଦର୍ ବୃତ୍ରାସୁର୍‌କେ ମାରିନେଲା । ଇମନ୍ତରର୍ ଅର୍ଥ ହଉଛେ ଇନ୍ଦ୍ରର୍ ଶତ୍ରୁ ବଢ଼ିଁଯଉ । ଆର୍ ଇଥିର୍ ଇନ୍ଦ୍ରଶତ୍ରୁ ଗୁଟେ ଏନ୍ତା ଶବ୍ଦ ଆଏ ଯେନ୍‌ଟା ଦୁଇ ରକ୍‌ମେ ସମାସ୍ ହେବା ଆର୍ ଅର୍ଥ ଅଲ୍‌ଗା ଅଲ୍‌ଗା ହେବା । ଗୁଟେ ସମାସ୍ ହେବା ଇନ୍ଦ୍ରର ଶତ୍ରୁ=ଇନ୍ଦ୍ରଶତ୍ରୁ ଷଷ୍ଠୀ ତତ୍‌ପୁରୁଷ୍ ସମାସ୍ ହେଲେଁ ଇଟା ବ୍ୟାକରଣ୍ ସୂତ୍ର ଅନ୍‌ସାରେଁ ଅନ୍ତ ଉଦାତ୍ତ ହେବା ଇତାର୍ ଅର୍ଥ ହେବା ବୃତ୍ରାସୁର୍ । ଆର୍ ଇନ୍ଦ୍ର ହିଁ ଯେନୁ ଶତ୍ରୁ=ଇନ୍ଦ୍ରଶତ୍ରୁ ହେଲେଁ ବହୁବ୍ରୀହି ସମାସ୍ ହେଲେଁ ଆଦି ଉଦାତ୍ତ ହେବା ଇତାର୍ ଅର୍ଥ ହେବା ଇନ୍ଦର୍ । ବଏଲେଁ ବୃତ୍ରାସୁର୍ ଷଷ୍ଠୀ ତତ୍‌ପୁରୁଷ ହିସାବେଁ ଉଚ୍ଚାରଣ୍ ନେଇଁ କରିକରିଁ ବହୁବ୍ରୀହି ସମାସ୍ ହିସାବେଁ ଉଚ୍ଚାରଣ୍ କଲା ବେଲ୍ କେ ସେଆଡ଼େଁ ଇନ୍ଦର୍ ରଜାର୍ ଶକ୍ତି ବଢ଼ିଁଗଲା । ବହୁବ୍ରୀହି ସମାସ୍‌ଥୁଁ ଇତାର୍ ଅର୍ଥ ଇନ୍ଦର୍ ରଜା ହଇଁଗଲା ଆର୍ ଇନ୍ଦ୍ରର୍ ଶକ୍ତି ବଢ଼ିଁଗଲା । ତେତ୍‌କେଁ ଯେନ୍ତା ବୃତ୍ରାସୁର୍ ଆର୍ ଇନ୍ଦର୍ ରଜା ଯୁଦ୍ଧ କଲେ ବେଲ୍‌କେ ଇନ୍ଦର୍ ରଜା ବୃତ୍ରାସୁର୍‌କେ ଯୁଦ୍ଧଥୁଁ ମାରିନେଲା । ବଏଲେଁ ଆମ୍ଭେ ଇ ସବୁ ଅଖର୍ ଛାଡ଼୍‌ତେଲ୍ ଯିବା ବେଲ୍‌କେ ଇ ମନ୍ତର୍‌ମାନେ କେନ୍ତା କର୍‌ମା । ନେଇଁ ପଢ଼୍ଁ ନେଇଁ ପ୍ରୟୋଗ୍ କରୁଁ ଛାଡ଼ିନେମା କେଁ ?। ବିଚାର୍ କରୁଁ । ଆମର୍ ସଁସ୍କୃତି କେନ୍ତା ହେବା । କୁହା ହଇଛେ ଯେ-

ଅମନ୍ତ୍ରମକ୍ଷରଂ ନାସ୍ତି ନାସ୍ତି ମୂଳମନୌଷଧମ୍ ।
ଅଯୋଗ୍ୟଃ ପୁରୁଷୋ ନାସ୍ତି ଯୋଜକସ୍ତତ୍ର ଦୁର୍ଲଭଃ ।।

ଅର୍ଥାତ୍ ସବୁ ଅଖର୍‌କେ ମନ୍ତର୍ କରା ଯେଇପାରେ । ସବୁ ଗଛର୍ ଚେର୍ ଉଷୋ ଆଏ ବିନ୍ ଉଷୋ ନେଇଁ ହେବାର୍ କେନ୍‌ସି ଗଛର୍ ଚେର୍ ନେଇନ । କେନ୍‌ସି ଲୋକ୍ ଭି ଅଲାଏଗ୍ ନୁହନ୍ । ଖାଲି ସେଟାକେ ଜାନିକରିଁ କାମେ ଲଗାବାର୍ ଲୋକ୍ ଦର୍‌କାର୍ । ଅଖର୍‌ମାନ୍‌କର୍ ବାବ୍‌ଦେଁ ଆମର୍ ଋଷିମାନ୍‌କର୍ ଶ ଶ ଶିକ୍ଷା ଗରନ୍ଥମାନେ ଅଛେ । ସେଥୁମ୍ ବର୍ଣ୍ଣମାନ୍‌କର୍ ବାବ୍‌ଦେଁ କେତ୍‌ନି କେତେ କଥା ଅଛେ । ସେ ସବୁ ବର୍ଣ୍ଣମାନ୍‌କର୍ ଦେବ୍‌ତା ଅଛନ୍ କିଏ କେନ୍ ଭୂତର୍ ଆଏ କିଏ କେନ୍ ବର୍ଣ୍ଣ ଆଏ । ଏନ୍ତା ନାନା କଥାମାନେ ଋଷିମାନେ ବିଚାର୍ କରିଁ ଆମର୍ ଲାଗିଁ ରଖି ନେଇଛନ୍ । ଆମ୍ଭେ ଖାଲି ପଢ଼ିକରିଁ ଜାନ୍‌ବାର୍ ବୁଝ୍‌ବାର୍ କଥା । ପାଣିନି ନିଜେଁ ତାକର୍ ଶିକ୍ଷା ଗରନ୍ଥୁଁ କହିଛନ୍ ଯେ-

ପ୍ରସିଦ୍ଧମପି ଶବ୍ଦାର୍ଥମବିଜ୍ଞାତମବୁଦ୍ଧିଭିଃ ।
ପୁନର୍ବ୍ୟକ୍ତୀକରିଷ୍ୟାମି ବାଚଂଉଚ୍ଚାରଣେ ବିଧିମ୍ ।।

ଇତାର୍ ଅର୍ଥ ହେଲା ଯେ ସଭେ ଶବ୍ଦ ଉଚ୍ଚାରଣ୍ କରିକରିଁ କଥା କହୁଥିଲେଁ ଭି ସାଧାରଣ୍ ଲୋକ୍ ଅଖର୍‌ମାନ୍‌କର୍ ବାବ୍‌ଦେଁ ନେଇଁ ଜାନିପାରେ । କେନ୍ ବର୍ଣ୍ଣ କେନ୍ତା କରିଁ କେନୁ ଉଚ୍ଚାରଣ୍ ହଉଛେ ସେଟା ସୂକ୍ଷ୍ମଦର୍ଶୀ ଋଷିମାନେ କହି ପାର୍‌ବେ । ଯେନ୍‌ମାନେ ତିର୍‌କାଲ୍‌ଦର୍ଶୀ ଆନ୍ । ସେଥିର୍ ଲାଗିଁ ବର୍ଣ୍ଣ ସଭେ କହୁଥିଲେ ଭି ମୁଇଁ ବର୍ଣ୍ଣମାନ୍‌କର୍ ଉଚ୍ଚାରଣ୍ ଆଦି କଥା କହିନେମି । ଇହାଦେ ବର୍ଣ୍ଣର୍ ସୂକ୍ଷ୍ମତା ବିଚାର୍ କରିଦେଖୁଁ । ଆମ୍ଭେ ମାଈଁଥୁଁ ଯଦି ଖାଲି ଚନ୍ଦର୍‌ବିନ୍ଦୁକେ ଅଲ୍‌ଗେଇ କରିଁ କହେମା

ବଏଲେଁ କେନ୍ତା ହେବା ଦେଖୁନ୍ । ବଏଲେଁ କାଣା ହେବା ଦେଖୁନ୍ । ଜୁଏଁଥୁଁ ହେନ୍ତା ଚନ୍ଦର୍ ବିନ୍ଦୁ ଅଲଗେଇ ନେମା ବଏଲେଁ କେନ୍ତା କରିଁ ହେବା । ଚିହ୍ନାଟେ ଖାଲି ଅଲଗେଇନେଲେଁ ଯଦି ଅର୍ଥ ପାଖେ ପାଖେ ଘିଚୁଛେ କାଁକରି ଅଲଗାମା ବିଚାର୍ କରୁଁ । ହେନ୍ତା ସଏଲ୍‌ତାଥୁଁ ହଲନ୍ ଅଲ୍‌ଗେଇ ନେଲେଁ ଅର୍ଥ କେନ୍‌ଆଡ଼୍‌କେ ଯିବା ବିଚାର୍ କରି ଦେଖୁନ୍ । ବଲ୍‌ଦଥୁଁ ହେଁ ଲଥିର୍ ହଲନ୍‌କେ ଅଲ୍‌ଗେଇ କରିଁ ଦଥୁଁ ଲଗେଇନେଲେଁ ଅର୍ଥ କେନ୍‌କେ ଯିବା ବିଚାର୍ କରୁନ୍ । ତାର୍ ପରେ ଯେତ୍‌କି ବ୍ୟଞ୍ଜନ ବର୍ଣ୍ଣ ଅଛେ ସେଟା ଗୁଟେ ଗୁଟେ ପୁରା ଅଖର୍ ନୁହେସେ ଧ୍ୱନିମାନେ ଆଏ । ସେଥୁନ୍ ସ୍ୱରବର୍ଣ୍ଣ ଗୁଟେ ଲାଗ୍‌ଲେଁ ଜନା ପଡ଼୍‌ସି ପୁରାପୁରି ଅଖରର୍ ସରୂପ୍ । ଆପଣ୍ ଥିର୍ ହଇକରିଁ ବସୁନ୍ ଆର୍ କଷ୍ଟେ ବଲିଁ ଉଚ୍ଚାରଣ୍ କରିଦେଖୁନ୍ ଦାଁତ୍‌ନିକେ ଜିଭ୍ ନେଇଁ ଠେଠେଇଁ ହେବାର୍ ଆର୍ ଷ ସେ ଭିତ୍‌ରେଁ ଉଚ୍ଚାରଣ୍ ହଇଁ ଯେଇଛେ । ହେଁଟାକେ କଷ୍ଟେ ବଲିଁ ଦେଖୁନ୍ ତାଲୁଥୁଁ ଜିଭ୍ ନେଇଁ ଲାଗ୍‌ଲେଁ ନେଇଁ ହେବାର୍ । ହେଁଟାକେ କଷ୍ଟେ ବଲିଁ ଦେଖୁନ୍ ଦାଁତ୍ ନିକେ ଜିଭ୍ ଠେଠେଇ ନେଇଁ ହେଲେଁ ନେଇଁ ହେବାର୍ ଆର୍ ହେଁ ଭିତ୍‌ରେଁ ଶମାନେ ଉଚ୍ଚାରଣ୍ ହଇଁ ଯେଇଛେ । ବଏଲେଁ ଆପଣ୍ ଇହାଦେ କହୁନ୍ କେନ୍‌ଟା କାଏଁ ଶ ହେବା ଯେ । ଆର୍ ଆମ୍ଭେ ତିହ୍ନି ଶକେ ଉଡ଼େଇ ନେଇକରିଁ ଭାଷା ବନାମା ଯେ କେନ୍ତା କରମା । ତାର୍ ପରେ ଦେଖୁନ୍ ସଁସ୍କୃତ୍ ଠାନୁ ଆରମ୍ଭ କରିଁ ହିନ୍ଦୀ ଇଂଲିଶ୍ ତେଲଗୁ ତାମିଲ୍ ଉଡ଼ିଆ ବେଙ୍ଗ୍‌ଲି ବିହାରୀ ଆସାମୀ ସବୁ ଭାଷାମାନ୍‌କେଁ ଦୁଇଟା ତିନ୍‌ଟା ଲେଖା ଶମାନେ ଅଛେ ଆର୍ ଆମ୍ଭେ ବଢ଼େ ଜାନ୍‌ବାର୍ ବାଗିର୍ ଆମର୍ ଭାଷାଥୁଁ ଗୁଟେ ଶକାର୍ ରଖ୍‌ମା ବେଲ୍‌କେ ଆମର୍ ଭାଷାକେ କିଏ କେଭେଁ ଶାସ୍ତ୍ରୀୟ ଭାଷାର୍ ମାନ୍ୟତା ଦେବାକେଁ । ଶାସ୍ତରର୍ ନିଅମ୍ କାହ୍ନୁନ୍‌ଥୁଁ ପଡୁଛେ କାଏଁ । ବଏଲେଁ ଆମର୍ ସଁସ୍କୃତି ଭାରତର୍ ସବୁ ସଁସ୍କୃତିଥୁଁ ଅଲ୍‌ଗା କରମା କେଁ ।

ତାର୍ ପରେ ଭାଗ୍‌ବତ୍‌କେ ଭାଷାକେ ଭଗ୍‌ବାନ୍ ବଲିଁ କୁହା ହଇଛେ । ଭାଗବତେଁ ସୃଷ୍ଟି ସିର୍ଜନା ବେଲ୍‌କେ ବର୍ହ୍ମାର୍ କେନ୍ ଠାନୁ କେନ୍ ବର୍ଣ୍ଣ ଜନମ୍ ହେଲା ବା କେନ୍‌ଟା କେନ୍ ବର୍ଣ୍ଣ ଆଏ ଦିଆ ହଇଛେ । ଦେଖୁନ୍-

ସ୍ପର୍ଶସ୍ତସ୍ୟାଭବଜ୍ଜୀବଃ ସ୍ୱରୋ ଦେହ ଉଦାହୃତଃ ॥
ଉଷ୍ମାଣମିନ୍ଦ୍ରିୟାଣ୍ୟାହୁରନ୍ତଃସ୍ଥା ବଳମାତ୍ମନଃ ।
ସ୍ୱରାଃ ସପ୍ତ ବିହାରେଣ ଭବନ୍ତି ସ୍ମ ପ୍ରଜାପତେଃ ।।୩/ ୧ ୨/ ୪ ୭

ଇତାର୍ ଅର୍ଥ ହେଲା କଠାନୁ ମଯାଏକ୍ ସ୍ପର୍ଶ ବର୍ଣ୍ଣ ବଲସନ୍ ଇଟା ବର୍ହ୍ମାକର୍ ଜୀବନ୍ ହେଲା ମାନେ ଜୀବନ୍‌ଥୁଁ ଜନମ୍ ହେଲା । ସ୍ୱରବର୍ଣ୍ଣ ଅଠାନୁ ଔତକ୍ ବର୍ହ୍ମାର୍ ଦିହି ହେଲା । ଉଷ୍ମବର୍ଣ୍ଣ ବଏଲେଁ ଶ, ଷ, ସ, ହ, ଇ ଚାଏର୍‌ଟା ଇନ୍ଦ୍ରିୟ ହେଲା । ଅନ୍ତଃସ୍ଥ ବଏଲେଁ ଯ, ବ, ର, ଲ, ଇ ଚାର୍ହି ଅଖର୍ ବର୍ହ୍ମାର୍ ବଲ୍ ହେଲା । ବଏଲେଁ ଇଟାମାନେ ସବୁ ଉଠେଇନେମା ଯେ ଆମର୍ ସଁସ୍କୃତି କେନ୍ତା ହେବା ବିଚାର୍ କରିଁ ଦେଖୁଁ ।

ଆପିଶଳ ଶିକ୍ଷାଥୁଁ ଅଛେ ଯେ-

ତମକ୍ଷରଂ ବହ୍ମପରଂ ପବିତ୍ରଂ ଗୁହାଶୟଂ ସମ୍ୟଗୁଶନ୍ତି ବିପ୍ରାଃ ।
ସ ଶ୍ରେୟସା ଚାଭ୍ୟୁଦୟେନ ଚୈବ ସମ୍ୟକ୍ ପ୍ରଯୁକ୍ତଃ ପୁରୁଷଂ ଯୁନକ୍ତି ॥

ଇତାର୍ ଅର୍ଥ ହେଲା ଅଖରମାନେ ପରମ୍‌ବ୍ରହ୍ମ ଯେ କି ମୁନ୍‌ଷର୍ ଜୀବନ୍ ଖୋଲ୍ ଭିତ୍‌ରେଁ ଥିସି । ମୁନ୍‌ଷର୍ ଯଦି ଉନ୍ନତି କର୍‌ବାର୍ ଅଛେ ନିଜର୍ ଯଦି ମଙ୍ଗଲ୍ ଚାହୁଁଛେ ବଏଲେଁ ଠିକ୍ ଠିକ୍ ଭାବେଁ ଅଖରର୍ ପ୍ରୟୋଗ୍ କର୍‌ବାର୍ ଲାଗିଁ ମୁନୁଷ୍‌କେ ଯୁଡ଼୍‌ସି । ଆମର୍ ପ୍ରାଚୀନ୍ ଶିକ୍ଷା ଗରନ୍ଥମାନ୍‌କେଁ ସବୁ ବର୍ଣ୍ଣମାନ୍‌କର୍ ଦେବ୍‌ତା,ରଙ୍ଗ୍, ବର୍ଣ୍ଣ,ଲିଙ୍ଗ ଠାନୁ କୁହାହଇଛେ । ପରାଶର୍ ଇତ୍ୟାଦି ଶିକ୍ଷାଥୁଁ ଯେ ଅଖର୍ ଭୁଲ୍ ଉଚ୍ଚାରଣ୍ କର୍‌ସି ସେ କେଭେଁ ଭି ମୋର୍ ପିଅର୍ ହଇ ନେଇଁ ପାରେ । ଅମୋଘନନ୍ଦିନୀ ଶିକ୍ଷାରେ କୁହା ହଇଛେ ଯେ ବର୍ଣ୍ଣକେ ଭୁଲ୍ ଭାଲ୍ କରିଁ ପଡ଼୍‌ସି ସେତାକେ ସେତାର୍ ଫଲ୍ ନେଇଁ ମିଲେ । ନାରଦୀୟ ଶିକ୍ଷାଥୁଁ ତ-

ତ୍ରିଫଳା ଲବଣାଖ୍ୟେନ ଭକ୍ଷୟେଚ୍ଛିକ୍ଷକଃ ସଦା ।
ଅଗ୍ନିମେଧାଜନନ୍ୟେଷା ସ୍ୱରବର୍ଣ୍ଣକରୋ ତଥା ॥

ଅଖର୍ ଫଟିକ୍ ଉଚ୍ଚାରଣ୍ କର୍‌ବାର୍ ଲାଗିଁ ଉଷୋ ବତେଇଛନ୍ ଆର୍ କହିଛନ୍ ଯେ ଯେନ୍‌ମାନେ ଶିକ୍ଷକ୍ ଆନ୍ ସେମାନେ ଇଟା ନିଶ୍ଚେ ପର୍ତିଦିନ୍ ଖାଏବାର୍ କଥା ବଲିଁ କହିଛନ୍ । ଆର୍ ବେଦର୍ ପ୍ରାତିଶାଖ୍ୟମାନ୍‌କେଁ ଏତ୍‌କିଟେ କଥା ଗୁଟେ ଗୁଟେ ବର୍ଣ୍ଣ ବାବଦ୍‌ରେ ଅଛେ ସେଟା ଦେଖ୍‌ଲେଁ ପୁରା ଆଶ୍‌ରିଯ୍ ଲାଗୁଛେ । ଗୁଟେ ଗୁଟେ ଶିକ୍ଷା ଖାଲି ବିସର୍ଗଉଚ୍ଚାରଣ୍ କର୍‌ବାର୍ ଲାଗିଁ ଲିଖା ହଇଛେ । ସେଟା ଖଁଡ଼େ ବହି ହେବା । ଅଲ୍‌ଗା ଅଲ୍‌ଗା ବେଦର୍ ଲାଗିଁ ଅଲ୍‌ଗା ଅଲ୍‌ଗା ବ୍ୟାକରଣ୍ (ପ୍ରାତିଶାଖ୍ୟ) ଲିଖା ହଇଛେ । ଏତକିଟେ କଥା ଇ ଛୋଟ୍ ଲିଖା ଗୁଟେଥୁଁ ନେଇଁ ଲିଖିଁ ହୁଏ । ନେହେଲେଁ ବର୍ଣ୍ଣ ବାବଦ୍‌ରେ କେତ୍‌ନି କେତେ କଥା ଅଛେ । ଯେନ୍ ଭାଷାଥୁଁ ଆମ୍ଭେ ଆଗୋ ପଢୁଥିଲୁଁ ଦୁଇଟା

ରକାର୍ ଥିଲା ଇହାଦେ ଉଠେଇ ନେଲେନ । ହେନ୍ତା ଉଠାମା ବଏଲେଁ କେତ୍‌ନି ବର୍ଣ୍ଣ ଉଠିଁଯିବା । ତାର୍ ବ୍ୟବହାର୍ ନେଇଁ ଜାନ୍‌ବାର୍ ପଚ୍‌ରାଲା ବେଲ୍‌କେ ହେଁ ବଲୁଛନ୍ । ଶିକ୍ଷିତ୍ ଝନେ ମତେ ପଚ୍‌ରଲେ ଯେ ଆଜ୍ଞା ଆମର୍ ଭାଷାଥୁଁ ଦୀର୍ଘ ରକାର୍ କେନୁ ବେଭାର୍ ହଉଛେ ଆପଣ୍‌କର୍ ସଁସ୍କୃତ୍ ଭାଷାଥୁଁ ଯୁଡ଼େ ରକାର୍ ଅଛେ ଯେ । ମୁଇଁ ବଏଲିଁ ଆଜ୍ଞା ଆମର୍ ସଁସ୍କୃତଥୁଁ କେତ୍‌ନି ବେଭାର୍ ହଉଛେ ହେଲେଁ ଆପଣ୍‌କର୍ ଉଡ଼ିଆଥୁଁ ସନ୍ଧି କର୍‌ସନ୍ କିନି ବଏଲିଁ । ସେ ବଏଲେ ହଁ ହଉଛେ । ମୁଇଁ ବଏଲିଁ ଆଛା ନର+ଅଧମ ନରାଧମ କର୍‌ସନ୍ କି ନେଇଁ । ସେ ବଏଲେ ହଁ କର୍‌ସୁଁ । ମୁଇଁ ବଏଲିଁ ହୋତୃ+ରକାର ଥିଲେଁ ସନ୍ଧି କର୍‌ବେ କି ନେଇଁ ଆର୍ କାଣା କର୍‌ବେ ବଏଲିଁ । ସେ ଟିକେ ଅଟ୍‌କିଁଗଲେ ଆର୍ ବଏଲେଁ ଇଟା ମୁଇଁ ଉତ୍କଲ୍ ୟୁନିଭର୍‌ସିଟିନୁ ସେମିନାର୍‌ମାନେ ହେସି ହେନୁ ଉଠାମି ତ କାଆଁ ବଲ୍‌ବେ ଯେ ମୁଇଁ ତ ଇଟା ଭାବି ନେଇଁ ଥେଇଁ । ଏନ୍ତା କହି ବସ୍‌ଲେଁ କେତ୍‌ନି କେତେ କଥା ହେବା ।ଆର୍ ହେନ୍ତା ଉଠାମା ବଏଲେଁ କ ଅଖରଥୁଁ ଖ ଭି ଚଲିଁଯିବା ଯେନ୍ତା ଉର୍ଦ୍ଦୁ ଭାଷାଥୁଁ କେ ବଲିଁ କ ବର୍ଣ୍ଣ ଗୁଟେ ଗାର୍ ଥିସି । ସେଟାକେ ଦୁଇଟାଗାର୍ କରିନେଲେଁ ଖ ହଇଁଯାଏସି ସେଟାକେ ଦୋଚଷ୍ମୀ ଅଖର୍ ବଲ୍‌ସନ୍ । ଗୁଡ଼ାଦୁ ଅଖରଥୁଁ ଚଲାମା ବଏଲେଁ । ଅଖର୍ ବାବ୍‌ଦେଁ କେନ୍‌ଟା କମ୍ ଅଛେ ଯେ ସେଟା ଗବେଷଣା କରିକରିଁ ନୂଆଁ ଅଖର୍ ସିନେ ବାହାର୍ କର୍‌ମା ଆର୍ ଯେନ୍‌ଟା ଆମର୍ ପୁର୍‌ଖାର୍ ଲୋକ୍‌ମାନେ ଆମ୍‌କୁଁ ଯେନ୍ ସମ୍ପତି ଦେଇଛନ୍ ସେଟା ଛାଡ଼୍‌ତେଲ୍ ଯିମା ବଏଲେଁ ଆମର୍ ସଁସ୍କୃତି କେନ୍ତା ହେବା ଇଟା ବିଚାର୍ କର୍‌ବାର୍ କଥା । ଆମର୍ ଭାଷା ଦୁସ୍‌ରାନିର୍ ଲୋକ୍ ଦେଖିବେ ବେଲ୍‌କେ କାଆଁ ବଲ୍‌ବେ ଆମର୍ ସଁସ୍କୃତିକେ । ଯେନ୍ ଭାଷା ଯେତ୍‌କି ଉନ୍ନତ୍ ଥିସି ସେତାର୍ ସଁସ୍କୃତି ସେତ୍‌କି ଉନ୍ନତ୍ ଥିସି ବଲିଁ କହେସନ୍ । ସେଟା ତାର୍ ଭାଷାଥୁଁ ଜନା ପଡ଼୍‌ସି ଯେନ୍ତା ଆମର୍ ବୈଦିକ୍ ସଁସ୍କୃତି । ବଏଲେଁ ଯଦି ଏନ୍ତା ଯାହାପାରି ତାହା ଯାର୍ ମନେ ଯେ ଯହା ପାର୍‌ମା ଲିଖିମା ବଏଲେଁ ଆମର୍ ସଁସ୍କୃତିକେ କେତେ ଉନ୍ନତ୍ ବଲ୍‌ବେ ଲୋକ୍ ବିଚାର୍ କରୁଁ ।

- ମୋ : ୭୩୭୭୭୫୪୯୩୦୨

# ତାଗେ ସୂତା ମାଲେ ଫୁଲର ମହକ

● ଡ. ଅକ୍ଷୟ କୁମାର ପଣ୍ଡା

ମୋର୍ ପିଲା ଦିନର୍ କଥା ! ଆମର୍ ଗାଁ କୁଲ୍‌ତା ବୁଢ଼ା (ଡାକ୍ ନାଁ କୁଲତାବୁଢ଼ା, କିନ୍ତୁ ଭଲ ନାଁ ଧନୁର୍ଜୟ ବରିହା) ବଡା ଗୀତ୍ ରସିଆ । ଛୋଟ୍ ଛୋଟ୍ ଗୀତ୍ ବହି ହଉ କି ପୁରାନ୍ ଶାସ୍ତର୍ ଉପରେଁ ବହି, ଚଟିବହି ଯାହା ପାଏଲା ହାଟୁଁ ବଜାରୁଁ ଘିନି ଆନ୍‌ବା । ଖେତର୍ ଆରିହଉ କି ବରଗଛର୍ ମଣ୍ଡପ୍ ! ବସଲା ବଏଲେଁ ଗୀତ ବହି ଧରିକରି ଗାଏଲା । ହାଟେଁ ବଜାରେ ମିଲୁ ଥିବା ମାଏନ୍ ମାଏନ୍‌ସା ସାନ୍‌ସୁରୁ ଚଟି ଗୀତ୍ ବହିମାନେ ତାର୍‌ନ ଭର୍‌ନେ । ଝାରମଲୀ, ରସର୍‌କେଲି, ଗଉଁଲିଆ ରାମାୟଣ, ଜାମୁଡାଲି, ଖାଣ୍ଟି ସମଲ୍‌ପୁରୀ, ଇନ୍ତାବହିମାନେ ତାର୍ ଘରର୍ ଫୁଲିଥିଁ ଭର୍‌ପୁର୍ ! ଥରେ ଦେଖ୍‌ଲିଁ ତାକର୍ ହାତେଁ 'ତାଗେ ସୂତା ମାଲେଫୁଲ୍' ବଲି ବହିଟେ ! ଦଦା ଦିଅତ ଇଟା ଟିକେ ପଢ଼ମି ବଏଲିଁ । ଉହୁଁ..... ! ଇଟା ତତେ ଦେମିଁ ! ଇଟା ପରେ କେଡେ କଷ୍ଟେଁ ମୁଇଁ ବରଗଡନୁ ମଗେଇଛେଁ । ଜାନିଛୁ ଇଥିର୍ ସବୁ ଗାନା ରେଡିଓ ନ ବାଜିଛେ ଆରୁ ବାଜୁଛେ । ଇଟା ମୁଇଁ କାହାକେ ନାଇଁ ଦେଇ ପାରେଁ ଭାଇ, ମାଫ୍ କରବୁ । ବହିଟା ଟିକେ ଛଡେଇ ଆନ୍‌ଲିଁ ଆରୁ ଉଲ୍‌ଟେଇ ପୁଲ୍‌ଟେଇ ଦେଖ୍‌ଲିଁ । ସାଙ୍ଗେ ସାଙ୍ଗେ ମୋର ହାତୁଁ ସେ ଛଡେଇ ନେଲେ ।

ଇ ଭିତ୍‌ରେଁ ଗଡି ଯାଇଛେ ଚାଲିସ୍ କି ପଏଁଚାଲିସ୍ ବଚ୍ଛର୍ ! ଆମର୍ ଗାଁର୍ କୁଲ୍‌ତା ବୁଢ଼ା ଚାଲିଯାଇଛନ୍, ସରଗବାସୀ ହେଇଯାଇଛନ୍ କାହିଁ କେତେ ବରଷ୍‌ନୁ । ହେଲେଁ ଗଲା ବର୍ଷେଁ ଭଗବାନ୍‌ଙ୍କର୍ ଆଶୀର୍ବାଦ୍ ବାଗିର୍ ତାଗେସୂତା ମାଲେଫୁଲ୍ ବହିଟେ ତାର୍ ଲେଖକ୍ ପଦ୍ମଶ୍ରୀ ମିତ୍ରଭାନୁ ଆଜ୍ଞାଙ୍କର୍ ହାତୁଁ ପାଏଲିଁ । ଅଗଷ୍ଟ ୧ ତାରିଖ ପଦମ୍‌ପୁର୍ ଆମେ ଯାଇଥିଲୁଁ ସିର୍‌ଜିନା ଅନୁଷ୍ଠାନ୍‌ର କୁନୁଆଁ ହେଇ ସମଲପୁରୀଦିନ ପାଲନ୍ ଉଧେଁ । ସେତେବେଲେଁ ସେ ମୋର ଆଗ୍ରହ ଦେଖି ତାଗେ ସୂତା ମାଲେଫୁଲ୍ ବହିଟେ ଉପହାର ଦେଇଥିଲେ । ଇମୂଲ୍ୟବାନ୍ ବହିର୍ ଉପ୍‌ରେଁ ଆପଣ ମାନଙ୍କୁ କିଛି କିହେବାର୍‌ଟା ଉଚିତ୍ ମନେ କଲିଁ ।

ଇବହିର୍ ଲେଖକ୍ ମାହିର୍‌ଗୀତକାର୍, କବି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ୧୯୬୯ ସାଲୁଁ ଆକାଶବାଣୀର ଗୀତକବି ଭାବେଁ ସ୍ୱୀକୃତି ପାଇଛନ୍ । ତାକର୍ ଲେଖ୍‌ଲା ହଜାର୍ ହଜାର୍ ଗୀତ ଆକାଶ୍‌ବାଣୀ ଥିଁ ପ୍ରଚାରିତ୍ ହେଇଛେ । ସେ ତ ନାଟକ୍ ଗୀତନାଟ୍ୟ ଭିଲ୍ ଲେଖିଛନ୍ । ହେଲେଁ ରଙ୍ଗବତୀ ଗୀତର୍ ଜନମ୍ ଆଗ୍‌ରୁଁ ୧୯୭୫ ସାଲେଁ ସେ କାହିଁ କଟକ ଯାଇ ସେନର୍ "ରାଷ୍ଟ୍ରଭାଷା ସମବାୟ ପ୍ରେସ୍" ନ ଇ ବହି ଛପେଇଛନ୍ । ଆଏଜ୍ କାଲିର୍ ବହି ଛପାବା ଆରୁ ସେ ବେଲର୍ ବହିଟେ ବନାବାର୍ ଭିତ୍‌ରେଁ ଆକାଶପାତାଲ୍ ଫରକ୍ ! ତଥାପି ଗୌଁତିଆ ଆଜ୍ଞାଙ୍କର୍ ସାହସ ଆରୁ ଧୈର୍ଯ୍ୟ ମାନ୍‌ବାର୍ କେ ପଡବା । ଆମର ରାଜ୍ୟର ବଡେବଡେ ନାମ୍‌କରା ଆରୁ ପ୍ରତିଷ୍ଠିତ ବ୍ୟକ୍ତି ମାନ୍‌କର୍ ଅଭିମତ୍ ଅଛେ ବହିଥିଁ । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ (ଆମର୍ ଓଡିଶାର୍ ମହାନ୍ କବି, ଲେଖକ୍, ନାଟ୍ୟକାର୍, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର୍ ଉଦ୍ୟୋକ୍ତା), ସତ୍ୟନାରାୟଣ ବହିଦାର୍ (ଯାହାଙ୍କର୍ ଜନମ୍ ଦିନ୍ କେ ଆମେ ସମଲପୁରୀ ଦିନ୍ ପାଲ୍‌ସୁଁ), ନାଁକରା ପ୍ରଫେସର୍ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଲେଖକ୍ ତଥା କବି ମଙ୍ଗଲୁ ଚରଣ ବିଶ୍ୱାଳ (ଭୂଖା ନାଟକର ମୂଲ୍ ଲେଖକ, ଯେନ୍‌ଟାକି ପଛେଁ ଫିଲ୍ମ ହେଇଛେ) କାର୍ତ୍ତିକେଶ୍ୱର ନାୟକ୍, ମହନ୍ତ ନୀଳାମ୍ବର ଦାସ୍, ଧରଣୀଧର ନାୟକ, ସୁରେନ୍ଦ୍ର ପ୍ରସାଦ୍ ପଟେଲ୍ ଆରୁ ଜରାବଗା ହାଇସ୍କୁଲ୍‌ର ସେ ବେଲର୍ ହେଡ୍ ମାଷ୍ଟର ଡୋଲାମଣୀ ଖମାରୀ ଆଜ୍ଞାଙ୍କର ଅଭିମତ୍‌ରେ ବହିଟା ବଡା ଉଭାଗର୍ ହେଇଛେ ।

ଶହେ ପଚାଶଟା (୧୫୦ଟା) ଗୀତ୍ କେ ଫୁଲ୍ ବାଗିର୍ ତାଗେ ସୂତାରେ ମାଲ୍‌ଟେ ଗୁଁଥି ଛନ୍ ଆରୁ ବହିକରି ଛାପିଛନ୍ । ବୋଧିହୁଏ ସମ୍ବଲପୁରୀ ଗୀତି କବିତାର୍ ପହେଲା ବଡ୍ ବହି ମିତାର୍ ଲାଗ୍‌ସି । ଆରମ୍ଭନ କବି ଗୌନ୍ତିଆ ଆଜ୍ଞା "ମୋର୍ ପଦେ" ବଲି ନିଜର୍ ମତ ଦେଇଛନ୍ ଆରୁ ବହିସାଙ୍ଗେ ଜୁଡି ହେଇଥିବା ସମ୍‌କୁ କୃତଜ୍ଞତା ଅର୍ପଣ୍ କରିଛନ୍ । ଆଏଜ୍ ସମ୍ବଲପୁରୀ ଭାଷା ଯେତ୍‌କି ଆଗେଇଛେ, ସେତେବେଲେଁ ସେନ୍ତା ନାଇଁ ଥାଇଁ । ଲୁକେ ଇ ଭାଷାକେ ଅନାର୍ଯ୍ୟ ଆରୁ ତଲିଆ ଭାଷାଟେ ବଲି ଭାବୁଥିଲେ । ହେଥିର୍ ଲାଗିଁ ବୋଧହୁଏ ସେ ଲେଖିଛନ୍ "ଛୁଆ ଯେନ୍ ଭାଷାଥିଁ ପହେଲା କଥା କହି ଜାନ୍‌ସି, ସେଟା ତାହାର୍ 'ମାତୃଭାଷା' ହେସି । ଇତାର୍ ଲାଗିଁ ମୋର୍ ମାତୃଭାଷା ସମ୍ବଲପୁରୀ ହେବାର କଥା ।" ଫେର୍ ଲେଖିଛନ୍ ଉଡ୍‌ଶାର୍ ମାତୃଭାଷା ଉଡିଆ ହେଲେଁଭି ପଶ୍ଚିମ୍ ଉଡ୍‌ଶାର ଲୁକେ ସମ୍ବଲପୁରୀ ଭାଷାଥିଁ ଭାବ୍ ଦିଆ ନିଆ କର୍‌ସଁତ୍, ଲେକିନ୍ ସ୍କୁଲ୍‌କେ ଗଲେ ଉଡିଆ ପଢ଼୍‌ସଁତ୍ । ଟିକେ ଭାବ୍‌ଲେଁ ଇଟା କେଡେ ବୁଝା ଆଏ କହତ ? ସେ ତାର ମାଁନୁ ଶିଖିସି ଗୁଟେ ଭାଷା, ଆଉର୍ ପଢ଼ସି ଆର୍ ଗୁଟେ ଭାଷା ! ଇଥିରୁ 'ଟିକ୍ ବାରି ହଉଛେ ପିଲାଦିନୁ ସମ୍ବଲପୁରୀ ଭାଷା ପ୍ରତି ତାକର କେତେ ଯେ ଶ୍ରଦ୍ଧା ଆରୁ ସମ୍ମାନ୍ ନାଇଁଥିଲା ?

ଏକ୍ ଶହ ପଚାଶଟା ଗୀତ କବିତାରେ ବହିଟା ଯଦି ଗୁଟେ ସୂତା ହବୋ, ଶହେ ପଚାଶଟା ଫୁଲ୍ ଲେଖେଁ ଗୀତ୍ ଇଥିରେ ଗୁଁଥିକରି ଗୁଟେ ମାଲା ବନେଇ ଦେଇଛନ୍ କବି । ଯେ ଯାହା ଭାବୁନ୍ ମୋର ଦିସାବେଁ ତାଙ୍କର ଗୀତିକବିତାକେ ୫ଭାଗେଁ ବିଭକ୍ତ କରାଯାଇପାରେ ଯଥା-

୧. ଭକ୍ତି ମୂଳକ
୨. ଦେଶାତ୍ମବୋଧକ
୩. ଜୀବନ ଧର୍ମୀ ଆରୁ ଉପଦେଶାତ୍ମକ
୪. କୃଷିଭିତ୍ତିକ୍ ତଥା ଆଦିବାସୀ କୈନ୍ଦ୍ରିକ୍
୫. ବିବିଧ ରୋମାଣ୍ଟିକ୍ ତଥା ଆଧୁନିକ ବା ମଜାକିଆ ଗୀତ

**୧) ଭକ୍ତି ମୂଳକ୍ ଗୀତ –**

ଗୀତିକାର ଅତି ସୁନ୍ଦର ଭାବେଁ ଧର୍ମ ନିରପେକ୍ଷତା ଭାବ୍‌କେ ତାକର ଆଲ୍ଲା ଯୀଶୁରାମ୍ ଗୀତ୍ ଥିଁ ସଫଲ୍ ଭାବେ ଫୁଟେଇ ପାରିଛନ୍ । ସେ କହିଛନ୍ –

କିଏ କହୁଛେ ଯୀଶୁ, କିଏ କହୁଛେ ରାମ୍
ଯେ ଯାହା କହି ମନ୍ ବୁଝାଲା ସେ ଝନ୍‌କର୍ ନାମ୍

ସ୍ତୁତି କବିତାଥିଁ ରବୀନ୍ଦ୍ରଠାକୁର୍ ଯେନ୍ତା ଭଗ୍‌ବାନ୍‌କୁ ସବୁଠାନେ ଅନୁଭବ କରି କହିଛନ୍ –

"ଆଛ ଅନଲ୍ ଅନୀଲେ
ଚିର୍ ନଭନୀଲେ
ଆକାଶେ ବତାଶେ ଗରନେ
ଆଛ ବିଟପୀ ଲାତାୟ ଜଲ୍‌ଦେର୍ ଗାୟ
ଶଶି ତାରକାୟ ତପନେ ।"

କବିଙ୍କର୍ ଭାଷାଥିଁ –

ମୁଇଁତ ନୁର୍‌ସିଁ ଖାଲି ଝାର୍ ଜଙ୍ଗଲ
ପାହାଡ୍ ବନେ
ଜାନି ଶୁନି ତମେ କରସ କାଣା
ଭାବେ ରହିଯିସ, ଖୁଜ୍‌ଲେ ଠାନେ .... ଇତ୍ୟାଦି

**୨) ଦେଶାତ୍ମବୋଧକ ଗୀତ -**

ସମ୍ବଲପୁର୍ ସଭେ ଆମେ
ମାଁ ଭାରତ୍ ଭୁଇଁ
ଯେନ୍ ଦୁଷ୍ମନ୍ ଆଏବା ଇନେ
ଲଢ଼୍ ମୁଁ ସଭେ ଯାଇ

କିଛି ଦେଶାତ୍ମବୋଧକ୍ ଗୀତ୍‌ରେ କବି ସମ୍ବଲପୁରର୍ ମହତ୍ କେ ଉଚ୍ଚା କରି ଟେକିଛନ୍ । ଆମେ ସମ୍ବଲପୁରୀଆ ବଲି ଗରବ୍ କରିଛନ୍ ତ ପଶ୍ଚିମା*ଲ୍‌ର ସମକୁ ଏକ୍ ବଲି କହିଛନ୍ । ସମଲପୁର ବଲାଙ୍ଗିର୍ ଭିତ୍‌ରେ ସମ୍ପର୍କ କେ ଗଭୀର୍ କର୍‌ବାର୍ ଲଗିଁ ସେ "ସୁରୁବାବୁ ବିହା ହେବା ଯାଇ ବଲାଙ୍ଗିରୁ କାଏଁ ଆମର୍ ଜିଲା ସମ୍ବଲପୁରୁ.......... ତେତେଲ୍ ପତ୍‌ର ସୁରୁ......... ବଲି ଗାଇଛନ୍ ।"

**୩) କୃଷି ଭିତ୍ତିକ୍ ତଥା ଆଦିବାସୀ ଜୀବନ କୈନ୍ଦ୍ରିକ ଗୀତ –**

ଗୌଉଁତିଆ ଅନେକ ଗୀତ ଆଦିବାସୀ ଜନଜୀବନ ଉପରେଁ ଲେଖିଛନ୍ । ବିହାମଲ୍ ମଲ୍ ପର୍‌ଲାଡଲା, ଚଷୀର୍ ଲାଗି, କାନେ ବେଟି ନେଇଛେ ବେଁଟ୍‌ଲା "ପାଏବୁ ଦିନେ ଭୂତି" । କୃଷିଭିତ୍ତିକ ଗୀତ ତ ଇ ବହିଥିଁ ଭର୍‌ପୂର୍ ! "ଗୁସଲା ବିହନ୍ ଅଁକରି ଯିବା", "ଉଠ୍ ବୋ ଚଷୀ ଝାଏଁ କରି" ।

**୪) ଜୀବନ ଧର୍ମୀ ବା ଉପଦେଶାତ୍ମକ ଗୀତ –**

ଇ ବହିଥିଁ ବନେ କେତେଟା ଜୀବନ୍ ଧର୍ମୀ, ନୀତି ଉପଦେଶାତ୍ମକ ଗୀତ ବି ଭରିଛେ : କବି ଜୀବନ୍ ଟା ପାଏନ୍

ଫୁଟ୍‌କା ଆରୁ ଦୁଇ ଦିନିଆଁ ଆଏ ବଲି ତାକର୍ ଲେଖା ମ୍ଭମଥିଁ ଆମ୍‌କୁ ସଚେତନ୍ ବାର୍ତ୍ତା ଦେଇଛନ୍ । "ଫୁଟ୍ କଲେଁ ଗଲା ଜୀବନ୍", "ଏକ୍‌ଲା ଆଇଛୁ...." ଆରୁ "ସମିହାର୍ ଚକ୍" ବାଗିର୍ ଗୀତ୍ ନ ।

**୪)** ଆଧୁନିକ ଆରୁ ରୋମାଣ୍ଟିକ୍ ଗୀତ୍ ଆଦିବାସୀ ପରମ୍ପରା ଥିଁ ବିହାବର୍ପନ୍, ଟୁକେଲ୍ ଦେଖା, ବନ୍ଧୁ ଚର୍ଚ୍ଚା, ଝିଇଦିଆ, ବରପରଘା, ବହଡୁକା ସାଜୋବାଜୋ ଉପରେଁ ଗୀତିକାର୍ ଅନେକ ଗୀତ୍ ଲେଖିଛନ୍ । ଯଥା – ନିଜର୍ ସମଧିକେ ଆକାଶଛୁଆଁ ତାରି଼୍ କରି ସେ ଲେଖିଛନ୍ :

"ବନ୍ଧୁ ହୋ ସରଗ୍ ଠାନୁଁ ଉଁଚ ତୁମର୍
ବନ୍ଧୁ ବେଭାର୍ ଚରଚ
ହୁରୁଦ୍ ତମର୍ ଗଙ୍ଗା ଗୟା
ସାଫ୍ ସୁନ୍ଦର୍ ଫରଚ ।"

x x x x

ଗୁନ୍ ତୁମର୍ ସୁନାଗୁନା
ଝଲ୍ ମଲାସି ହୀରା
ସରଗ୍ ଲେଖେଁ ବନ୍ଧୁ ପାଇ
ମୁଇଁ ଛୁଇସିଁ ତରା
ସଲଖ୍ ସୁନ୍ଦର ସବୁ ସଫା ଦିହେଁ ନାଇନ କରଚ ।"

ସବୁ ଠାନୁଁ ବଡ୍ କଥା ହେଲା ଗୌନ୍ତିଆ ଆଜ୍ଞା ସିନେ ୧୯୭୭-୭୮ ପରେଁ ରଙ୍ଗବତୀ ଲାଗିଁ ଦେଶ ବିଦେଶିଁ ନ ପରିଚିତ୍ ହେଲେ, ଲେକିନ୍ ତାର୍ ବହୁତ୍ ଆଘୁଁ ତାଗେ ସୂତା ମାଲେ ଫୁଲ୍ ଥିଁ ଥିବା ଗୀତ୍ ଗୁଡାକ ଲାଗିଁବି ଜଣେ ମାହିର କବି ବଲି ପହେଁଚନ୍ ପାଇ ପାରି ସାରିଥିଲେ । ଇଥିରେ ଥିବା ଆରୁ ଇ ବହିଥି ଛପାହେବାର୍ ଗୁର୍ଦୁଦିନ୍ ଆଘୁଁ ସେ ରେଡିଓ ଲାଗିଁ ଆରୁ ଆକାଶବାଣୀ ସମ୍ବଲପୁର୍ ରେ ପ୍ରଚାରିତ ହେଇଥିବାର୍ ଲାଗିଁ ନାଁ କମେଇ ସାରିଥିଲେ । ତାକର୍ ଗୀତ ଗୁଡାକ ବାରମ୍ବାର ରେଡିଓରେ ଅନୁରୋଧ କାର୍ଯ୍ୟକ୍ରମରେ ବାଜୁଥିଲା । ଇବହିନ ଥିବା କମଲକୁମାରୀ ବେହେରା ଗାଇଥିବା "ତୁଇଁ ନୁରୁ ଥିଲେଁ ନୁରିନୁରି ମୁଇଁ", ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଗାଇଥିବା "ତେତେଲ୍ ପତର୍ ସୁରୁ ସୁରୁ ସୁନାଫୁଲ" ଆରୁ ବିଭୂତି ଭୂଷଣ ପଟ୍ଟନାୟକ ଗାଇଥିବା "କାନେଚବେ କାନ୍ କୁଟୁରୁ ମୁଣେଁ ଚବେ ଗୁଁଡିଆ" ଆରୁ "ସୁରୁ ସୁରୁ ସୁନା ପନିଆଁ" ବାଗିର୍ ଅନେକ୍ ଗୀତ୍ ପଦ୍ମଶ୍ରୀ ଗୌନ୍ତିଆଙ୍କୁ ସାରା ରାଏଜେଁ ଜଣେ ବଢ଼େଟେ ଗୀତ୍‌କାର୍ ହିସାବେଁ ପରିଚୟେ ଦେଇ ସାରିଥିଲା । ତାଙ୍କର ଲମ୍ବା ଦିନର ସାଧନା କେ ସଲାମ୍ କରୁଛେଁ । ଗୀତକାର୍‌ଙ୍କର୍ ସାଧନା କେ ମୁଡିଆ ମାରୁଛେଁ । ଜୟ ମାଁ ସମଲେଶ୍ୱରୀ ।

– ପ୍ରାକ୍ତନ ଅଧ୍ୟକ୍ଷ, ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ,
ଖମାର (ପାଳଲହଡା), ଅନୁଗୋଳ
ମୋ.-୯୪୩୭୫୪୬୯୮୭

# ସାହିତ୍ୟରେ ଲୋକ ଉପାଦାନ

● ଡ. ସିଦ୍ଧାର୍ଥ ପଣ୍ଡା

'ଲୋକ'କୁ ନେଇ ଲୋକ ସଂସ୍କୃତି । ଏହି ଲୋକ ସଂସ୍କୃତି ହେଉଛି ଲୋକ ଉପାଦାନର ଗନ୍ତାଘର । ଯୁକ୍ତି ଭେଦରେ ଅନେକ ବିଦ୍ୱାନ ଏହାକୁ 'ଲୋକବିଦ୍ୟା', 'ଲୋକ ବିଜ୍ଞାନ', 'ଲୋକତତ୍ତ୍ୱ', 'ଲୋକଯାନ', 'ଲୋକବାର୍ତ୍ତା', 'ଲୋକବିଦ୍ୟା', 'ଲୋକସାହିତ୍ୟ', 'ଲୋକଧାରା' ଆଦି ନାମରେ ନାମିତ କରି ଆଲୋଚନା କରିଆସିଛନ୍ତି । ତେବେ ଆର୍ଚର ଟେଲର ସମୁଦାୟ ଲୋକ ସଂସ୍କୃତି ବା Folklore କୁ ଏକ ଉପାଦାନ ଭାବରେ ଗ୍ରହଣ କରିଛନ୍ତି । ତାଙ୍କ ମତରେ - "Folklore is the material that is handed on by tradition either by word of mouth or by custom and practice. It may be folk songs, folk tales, riddles, proverbs or other materials preserved in words. It may be traditional tools and physical objects. It may be traditional procedures, it may be tradition belief." ଏହା ମୌଖିକ ରୀତିରେ ବା ପ୍ରଥା ଓ ଚଳଣି ମାଧ୍ୟମରେ ଗଢ଼ି ଆସୁଥିବା ଉପାଦାନ । ଏଗୁଡ଼ିକ ଲୋକଗୀତ, କାହାଣୀ, ନାଁ ଦିଆ, ପ୍ରବାଦ ପ୍ରବଚନ ବା ମୌଖିକ ଧାରାରେ ପ୍ରଚଳିତ ଅନ୍ୟ ଉପାଦାନ ହୋଇପାରେ, ପାରମ୍ପରିକ ଯନ୍ତ୍ରପାତି ଓ ବ୍ୟବହାରିକ ବସ୍ତୁ ହୋଇପାରେ, ପାରମ୍ପରିକ ପଦ୍ଧତି ହୋଇପାରେ, ହୋଇପାରେ ପାରମ୍ପରିକ ବିଶ୍ୱାସ । ଲଣ୍ଡନ ଫୋକଲୋର ସୋସାଇଟି ଲୋକ ଉପାଦାନର ଏକ ଦୀର୍ଘ ତାଲିକା ପ୍ରସ୍ତୁତ କରିଛନ୍ତି । ମୁଖ୍ୟତଃ ଅନଗ୍ରସର ଶ୍ରେଣୀର ପାରମ୍ପରିକ ଅନୁଷ୍ଠାନ, ସାମାଜିକ ପ୍ରଥା, ବିଶ୍ୱାସ, କଳା, କାହାଣୀ, ଗୀତ ଓ ଲୋକୋକ୍ତି, ଲୋକ ବିଶ୍ୱାସ ସାଧାରଣତଃ ସଜୀବ ବା ନିର୍ଜୀବ ପ୍ରକୃତି ବିଷୟକ, ଲୋକ ଚଳଣି ଓ ମଣିଷ ସୃଷ୍ଟି ବସ୍ତୁ ବିଷୟକ, ଅତିପ୍ରାକୃତ ଜଗତ ଓ ତା ପ୍ରତି ମଣିଷର ପ୍ରତିକ୍ରିୟା ସମ୍ପର୍କିତ, ଯାଦୁ ଓ ଡାଆଣୀ ବିଦ୍ୟା ବିଷୟକ, ଭୂତ ପ୍ରେତ ଓ ପରୀ ବିଷୟକ, କୁହୁକ, ମନ୍ତ୍ର, କବଚ, ଭାଗ୍ୟ ଓ ଶକୁନ ବିଷୟକ ରୋଗ ଓ ମୃତ୍ୟୁ ବିଷୟକ ହୋଇପାରେ । ପୁଣି ବିବାହ, ଉତ୍ତରାଧିକାର, ଶୈଶବ, ବୟଃପ୍ରାପ୍ତି, ମୃତ୍ୟୁ, ଶବ ସତ୍କାର, ବିଭିନ୍ନ ଉତ୍ସବ, ଯୁଦ୍ଧ ବିଗ୍ରହ, ଶିକାର, ମାଛ ଧରା, ଗୋପାଳନ, ଚାଷ ଆଦି ସହ ଜଡ଼ିତ ବିଭିନ୍ନ ପ୍ରଥା ଓ କ୍ରିୟାକର୍ମ ମଧ୍ୟ ଏହାର ଅନ୍ତର୍ଗତ । ପୁରାଣ କାହାଣୀ, କିମ୍ବଦନ୍ତୀ, ଗୀତ, ନୃତ୍ୟ, ପ୍ରବାଦ, ପ୍ରବଚନ, ନାଁଦିଆ, ପିଲାଭୁଲାଣୀ ଗୀତ ଓ ସ୍ଥାନୀୟ କିମ୍ବଦନ୍ତୀ ମଧ୍ୟ ଏହାର ଅନ୍ତର୍ଗତ । କେବଳ ଲୋକଙ୍କ ସ୍ମୃତିରେ ଗଢ଼ି ଆସୁଥିଲେ ହିଁ ଏଗୁଡ଼ିକ ଲୋକ ସଂସ୍କୃତିର ଅନ୍ତର୍ଗତ ହେବ ବୋଲି ଡ. ଶ୍ୟାମ ସୁନ୍ଦର ମହାପାତ୍ର ମତବ୍ୟକ୍ତି କରନ୍ତି ।

ମାତ୍ର ଉପରୋକ୍ତ ଲୋକ ଉପାଦାନମାନ ଯେ କୌଣସି ଲୋକ ସଂସ୍କୃତିର ସ୍ୱରୂପ ନିର୍ଦ୍ଧାରଣ କରିପାରିବାରେ ଯଥେଷ୍ଟ ହୋଇପାରିବ ନାହିଁ । ଆମେ ଜାଣୁ ଯେ, ଲୋକ ସଂସ୍କୃତି ଅଞ୍ଚଳ ଭେଦରେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରେ । ଏହାର ସ୍ୱରୂପକୁ ଡ. କୁମୁଦ ରଞ୍ଜନ ପାଣିଗ୍ରାହୀ ତିନି ଭାଗରେ ବିଭକ୍ତ କରିଛନ୍ତି ଯଥା; ଲୋକର ମାନସ ରୂପ, ଲୋକର କାର୍ଯ୍ୟରୂପ, ଲୋକର ଅଭିବ୍ୟକ୍ତି ରୂପ ।

ନିରୀକ୍ଷଣ କଲେ ଲୋକର ପ୍ରତ୍ୟେକ ଉପାଦାନ ପଛରେ ପ୍ରକୃତିର ସତ୍ତା ଆମେ ପାଇ ପାରିବା । ପ୍ରକୃତି, ପରିବେଶ ଓ ପରିସ୍ଥିତିରେ ତାର ମାନସ ଯେପରି ପ୍ରଭାବିତ ହୋଇଛି ସେହି ମାନସୋଦ୍ଭବ ଉପାଦାନଗୁଡ଼ିକ ପ୍ରକାଶ ପାଇଛି ତାର ବିଶ୍ୱାସ, କ୍ରିୟାକର୍ମ, କାର୍ଯ୍ୟ କୌଶଳ ଓ ଅଭିବ୍ୟକ୍ତିରେ । ତାହା ମୁକ୍ତ ଆକାଶ, ପାହାଡ଼, ନଦୀ, ସମୁଦ୍ର, ପକ୍ଷୀର କାକଳି, ଝରଣାର କଲ୍ଲୋଳି ଧ୍ୱନୀ, ପବନର ପରଶ ହୋଇପାରେ ଅଥବା ହୋଇପାରେ ତାର ଜୀବନର ଆନନ୍ଦ ବିଷାଦର ମୁହୂର୍ତ୍ତ, ହୋଇପାରେ ତାର ଜୀବନ

ସଂଗ୍ରାମ, ଖାଦ୍ୟ ବସ୍ତ୍ର ବାସଗୃହର ଚିନ୍ତାକୁ ନେଇ ତାର ଜୀବନ ସଂଘର୍ଷ । ସେଗୁଡ଼ିକ ଯେପରି ସ୍ୱତଃସ୍ଫୂର୍ତ୍ତ ତା ପାଇଁ ଏହାର ପରିପ୍ରକାଶ ଓ ସଂଚାରଣ ମଧ୍ୟ ଅନୁରୂପ ଭାବରେ ସ୍ୱତଃସ୍ଫୂର୍ତ୍ତ । ଯୁଗ ଯୁଗ ଧରି ଏହା ଚଳି ଆସୁଛି ପରିବର୍ତ୍ତନଶୀଳ ଜଗତରେ ନିତ୍ୟ ନୂତନ ରୂପ ନେଉଛି । ଲୋକର ଅଭିବ୍ୟକ୍ତି, ଚଳଣି ଆଦିରେ ପରିବର୍ତ୍ତନ, ସଂସ୍କାରାଦି ଆସୁଛି ସତ ମାତ୍ର ସେ ସମସ୍ତ ଉପାଦାନ ଅନ୍ତରାଳରେ ଲୋକମାସନର ସ୍ପର୍ଶ ଲୁଚି ରହୁଛି ଯାହା ଲେକମାନସର ପରିଚୟ ପ୍ରଦାନ କରୁଛି । ସଂଖ୍ୟାରେ ଏହି ଉପାଦାନଗୁଡ଼ିକୁ ଆକଳନ କରାଯାଇପାରିବ ନାହିଁ, ତେବେ କିଛି ଦୃଷ୍ଟାନ୍ତ ନେଇ ସେଗୁଡ଼ିକର ପ୍ରକାର ଭିତ୍ତିରେ ବିଭାଜନ ପୂର୍ବକ ଏହାର ସ୍ୱରୂପ ନିର୍ଣ୍ଣୟ କରାଯାଇପାରିବ ।

ଉପରୋକ୍ତ ଆଲୋଚନା ଆଧାରରେ ଲୋକ ଉପାଦାନର ସ୍ୱରୂପକୁ - ଲୋକାଚାର, ଲୋକ ବିଶ୍ୱାସ, ଲୋକତନ୍ତ୍ର, ଲୋକକଳା, ଲୋକ ବିଜ୍ଞାନ, ଲୋକକ୍ରୀଡ଼ା, ଲୋକ ସାହିତ୍ୟ ଭେଦରେ ବିଚାର କରାଯାଇପାରିବ ।

**(୧) ଲୋକାଚାର:-** ସାଧାରଣ ଭାବରେ ଲୋକାଚାରର ଦୁଇଟି ପ୍ରକାର ରହିଛି । ସେଗୁଡ଼ିକ ହେଲା (କ) ଧର୍ମାଚାର ଓ (ଖ) ସାମାଜିକ ଆଚାର ।

(କ) ଧର୍ମଚାରରେ ଲୋକ ଦ୍ୱାରା ସମ୍ପାଦିତ ହେଉଥିବା ବିଭିନ୍ନ ଓଷା, ବ୍ରତ, ପର୍ବ, ପୂଜନ, ଅନୁଷ୍ଠାନାଦିକୁ ବିଚାର କରିପାରିବା । ସେ ସମସ୍ତ ଅଚାର ମୂଳତଃ ଲୋକ ଦେବତା କୈନ୍ଦ୍ରିକ । କେତେକ ସ୍ଥଳରେ ଲୋକ ବିଶ୍ୱାସ ଏହାର ଆଧାର ହୋଇଥାଏ ।

(ଖ) ସାମାଜିକ ଆଚାରରେ ଲୋକର ସାଧାରଣ ଚର୍ଯ୍ୟା, ରୀତିନୀତି, କୃଷି ପଦ୍ଧତି, ବ୍ୟବସାୟ ପଦ୍ଧତି, ଶିକାର ପଦ୍ଧତି, କ୍ରୀଡ଼ା, ଋତୁକାଳଳୀନ ନିୟମ, ବିବାହ ରୀତି, ରନ୍ଧନ ନିୟମାଦି ବିଚାରକୁ ଆସେ ।

**(୨) ଲୋକବିଶ୍ୱାସ:-** ଏହି ପରିପ୍ରେକ୍ଷୀରେ ଆମେ ଲୋକର ଭୌତିକ, ଆଧିଭୌତିକ ବିଶ୍ୱାସଗୁଡ଼ିକୁ ବିଚାରକୁ ନେଇପାରିବା ଯେପରି, ଆତ୍ମା, ଭୂତ, ପ୍ରେତ, ଦେବତାଙ୍କ ଆରୋପଣ, ଦେବତାଙ୍କ କୋପ, ଦେବତାଙ୍କ ଆଶିର୍ବାଦ, ସ୍ୱପ୍ନଫଳ, ଶକୁନ ଅପଶକୁନ ବିଶ୍ୱାସ, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ସମ୍ବନ୍ଧୀୟ ବିଶ୍ୱାସ ଆଦି । ଆମେ ଜାଣୁ ଯେ ଲୋକ ତାର ବିଶ୍ୱାସର ସତ୍ୟାସତ୍ୟ କେବେ ହେଲେ ଅନ୍ୱେଷଣ କରେ ନାହିଁ ବା ତାହାର ବୈଜ୍ଞାନିକ ଅନୁଶିଳନ କରେ ନାହିଁ । ପରମ୍ପରା କ୍ରମେ ସେ ଯେଉଁ ତତ୍ତ୍ୱଗୁଡ଼ିକ ଉପରେ ବିଶ୍ୱାସ କରେ ସେହି ବିଶ୍ୱାସକୁ ମାନି ଚଳେ । ସେହି ବିଶ୍ୱାସର ପ୍ରତିକୂଳରେ ଯିବା ତା ସକାଶେ ସମ୍ଭବ ନୁହେଁ । ଲୋକ ନିଜ ବିଶ୍ୱାସକୁ ମାନିବାରେ ଅଟଳ ଓ ଦୃଢ଼ ।

**(୩) ଲୋକତନ୍ତ୍ର:-** ଏହାର ସମ୍ପର୍କ ଲୋକ ବିଜ୍ଞାନ ଓ ଲୋକ ଚିକିତ୍ସା ସହ ଅତି ଘନିଷ୍ଠ ହୋଇଥିବାରୁ ଏହାକୁ ବହୁ ଗବେଷକ ସେହି ପର୍ଯ୍ୟାୟରେ ବିବେଚନା କରିଥାଆନ୍ତି । ତନ୍ତ୍ର ପଦ୍ଧତି ସହ ଲୋକ କିପରି ଜଡ଼ିତ ହେଲା ତତ୍ ସମ୍ପର୍କରେ ବହୁମତ ରହିଛି । ମାତ୍ର ଏହାର ଭିତ୍ତି ସୃଷ୍ଟି କରିଛି ଲୋକ ବିଶ୍ୱାସ । ଗୁଣିଆ ଏଠାରେ ମୁଖ୍ୟ ଭୂମିକା ଗ୍ରହଣ କରେ । ସେ ଭୂତ ପ୍ରେତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଦେବତାଙ୍କ ସହ ଯୋଗାଯୋଗ ରକ୍ଷା କରିପାରେ । ତାର ଅଲୌକିକ ସାଧନ ଶକ୍ତି ବଳରେ ଅସୁସ୍ଥ ଲୋକଙ୍କୁ ସୁସ୍ଥ କରିପାରେ । କେତେକ ସ୍ଥଳରେ ବନୌଷଧିର ବ୍ୟବହାର ମଧ୍ୟ କରେ । ଲୋକରେ ପ୍ରଚଳିତ ଯାଦୁବିଦ୍ୟାକୁ ମଧ୍ୟ ଆମେ ଏହି ପର୍ଯ୍ୟାୟରେ ବିଚାର କରିପାରିବା ।

**(୪) ଲୋକକଳା:-** ଏହାକୁ (କ) ଚିତ୍ରକଳା, (ଖ) ମୂର୍ତ୍ତି ବା ଆକୃତି ଗଢ଼ଣକଳା, (ଗ) ନୃତ୍ୟକଳା, (ଘ) ବାଦ୍ୟକଳା, (ଙ) ଗାୟନକଳା, (ଚ) ଅଭିନୟ କଳା ଆଦି ଭେଦରେ ବିଚାର କରାଯାଇପାରିବ । ସଂପ୍ରତି ଲୋକାଚାର ଅନ୍ତର୍ଭୁକ୍ତ (ଛ) ରନ୍ଧନକଳାକୁ ମଧ୍ୟ ଲୋକକଳା ଭାବରେ ଗ୍ରହଣ କରାଯାଉଛି ।

(କ) ଚିତ୍ରକଳା ପର୍ଯ୍ୟାୟରେ ଆମେ ଗୃହ ସଜ୍ଜିକରଣ ନିମନ୍ତେ ଅଙ୍କା ଯାଉଥିବା ବିଭିନ୍ନ ଛବି ଆକୃତି, ସେଥିରେ ବିଭିନ୍ନ ପ୍ରାକୃତିକ ରଙ୍ଗର ବ୍ୟବହାର ଝୋଟି ମୂରୁଜ, ଶରୀରର ବିଭିନ୍ନ ଅଙ୍ଗରେ ଅଙ୍କାଯାଉଥିବା ଚିତା, ଲୋକବିଶ୍ୱାସ ଆଧାରିତ ଛବି ଆଦିକୁ ଗ୍ରହଣ କରିପାରିବା ।

(ଖ) ବାଉଁଶ, କାଠ, ମାଟି, ବିଭିନ୍ନ ପ୍ରକାର ଧାତୁ ବ୍ୟବହାର କରି ପାରମ୍ପରିକ କୌଶଳରେ ଯେଉଁ ମୂର୍ତ୍ତି, ଖେଳଣା, ଆକୃତିମାନ ନିର୍ମାଣ କରାଯାଏ ତାହା ଏହି ପର୍ଯ୍ୟାୟ ଅନ୍ତର୍ଭୁକ୍ତ ।

(ଗ) ଲୋକକଳା ମଧ୍ୟରେ ଲୋକନୃତ୍ୟକୁ ସର୍ବପ୍ରାଚୀନ ବୋଲି କେତେକ ବିଦ୍ୱାନ ମତ ଦିଅନ୍ତି । ମଣିଷର ହସ୍ତପଦ ସଂଚାଳନ ଓ ଅଙ୍ଗଭଙ୍ଗୀରୁ ଏହାର ଉତ୍ପତ୍ତି ବୋଲି ସେମାନଙ୍କ ମତ । ଲୋକନୃତ୍ୟଗୁଡ଼ିକ ପ୍ରାୟତଃ ଯୌଥ । ଏଥିରେ ଅଭିନୟ ଅପେକ୍ଷା ତାଳ ସହ ଅଙ୍ଗ ସଞ୍ଚାଳନର ପ୍ରଭାବ ଅଧିକ

ଦୃଷ୍ଟିଗୋଚର ହୁଏ । ଅନେକ ସ୍ଥଳରେ ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ସଙ୍ଘଟିତ ହୋଇଥାଏ । ଏହା ଧର୍ମାଚାର ଭିତ୍ତିକ ଓ ଆନନ୍ଦୋତ୍ସବ ନିମନ୍ତେ ଉଦ୍ଦିଷ୍ଟ ହୋଇପାରେ ।

(ଘ) ବାଦ୍ୟକଳାରେ ଲୋକ ଦ୍ୱାରା ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାରର ବାଦ୍ୟ, ସେଗୁଡ଼ିକର ନିର୍ମାଣ ଶୈଳୀ, ସେଥି ନିମନ୍ତେ ବ୍ୟବହାର କରାଯାଉଥିବା ବିଭିନ୍ନ ସାମଗ୍ରୀ ଯଥା ବିଭିନ୍ନ ଆକୃତିର ମାଟିଖୋଳ, ବିଭିନ୍ନ ଜନ୍ତୁଙ୍କ ଚର୍ମ (ଗୋମହିଷାଦିଙ୍କ ଚର୍ମ, ହନୁମାଙ୍କଡ଼ ଚର୍ମ, ଗୋଧି ଚର୍ମ ଇତ୍ୟାଦି), ବିଭିନ୍ନ ଅକୃତିର ବାଉଁଶ, ବାଡ଼ି, କାଠ, କାଠି, କାଠଖୋଳ, ଜନ୍ତୁଙ୍କ ଶିଙ୍ଘ, ବାଳ ଆଦିର ବ୍ୟବହାର ଠାରୁ ଆରମ୍ଭକରି ଏହାର ବାଦନ କାଳର ତାଳ ନିର୍ଣ୍ଣୟ ପର୍ଯ୍ୟନ୍ତ ଏହି ପର୍ଯ୍ୟାୟରେ ଆଲୋଚନା କରାଯାଇପାରିବ ।

(ଙ) (ଚ) ଗାୟନ କଳା ଓ ଅଭିନୟ କଳା ଯଥାକ୍ରମେ ଲୋକଗୀତ ଓ ଲୋକନାଟ୍ୟ ପର୍ଯ୍ୟାୟ ଭୁକ୍ତ ହୋଇଥିବାରୁ ସେ ସମ୍ପର୍କରେ ପ୍ରବନ୍ଧରେ ଅନ୍ୟତ୍ର ଆଲୋଚନା କରାଯାଇଛି ।

**(୫) ଲୋକ ବିଜ୍ଞାନ :-** ଏହି ପର୍ଯ୍ୟାୟରେ ଲୋକ ସମାଜରେ ବ୍ୟବହୃତ ବିଭିନ୍ନ ଉପକରଣର ନିର୍ମାଣ କୌଶଳ, ପରମ୍ପରାଗତ ଜ୍ଞାନରୁ ବିଭିନ୍ନ ସାମଗ୍ରୀର ପ୍ରୟୋଗ ବିଧି, ବିଭିନ୍ନ ପ୍ରକାର ମାଛଧରା କୌଶଳ, ଜନ୍ତୁଧରା ଫାଶ ତିଆରି, ଗୃହ ନିର୍ମାଣ କୌଶଳ, ବନୌଷଧିର ବ୍ୟବହାର ଆଦି ଅନ୍ତର୍ଭୁକ୍ତ ।

**(୬) ଲୋକକ୍ରୀଡ଼ା :-** ଶରୀର ଓ ମନକୁ ସୁସ୍ଥ ଓ ଫୁର୍ତ୍ତି ରଖିବା ସକାଶେ କ୍ରୀଡ଼ା ହେଉଛି ପ୍ରକୃଷ୍ଟ ମାଧ୍ୟମ । ତେଣୁ ଲୋକସମାଜ ହେଉ ବା ଶିଷ୍ଟସମାଜ, ସବୁ ସମାଜରେ କ୍ରୀଡ଼ାର ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ତେବେ ଶିଷ୍ଟ ସମାଜରେ ପ୍ରଚଳିତ କ୍ରୀଡ଼ା ଓ ଲୋକସମାଜରେ ପ୍ରଚଳିତ କ୍ରୀଡ଼ା ମଧ୍ୟରେ ମୁଖ୍ୟତଃ ଦୁଇଗୋଟି ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ । ପ୍ରଥମତଃ, ଲୋକକ୍ରୀଡ଼ା ଭଳି ଶିଷ୍ଟ ସମାଜରେ ପ୍ରଚଳିତ କ୍ରୀଡ଼ାଗୁଡ଼ିକରେ ଗୀତର ବ୍ୟବହାର ନଥାଏ । ଦ୍ୱିତୀୟତଃ, ଶିଷ୍ଟ ସମାଜରେ ପ୍ରଚଳିତ କ୍ରୀଡ଼ାରେ ଯେଉଁଭଳି ବିଶେଷ ଧରଣର ଉପକରଣମାନ ବ୍ୟବହୃତ ହୁଏ ଲୋକକ୍ରୀଡ଼ାରେ ସେହିଭଳି ହୋଇନଥାଏ । ଲୋକଙ୍କୁ ତା'ର ପରିବେଶରୁ ଯାହା ସୁବିଧାରେ ମିଳିଲା ତାକୁ ହିଁ ବ୍ୟବହାର କରି ସେମାନେ ଖେଳନ୍ତି । ଯେପରି ବାଡ଼ି, କଞ୍ଚା ପିଜୁଳି, ତେନ୍ତୁଳି ମଞ୍ଜି, ଭଙ୍ଗା ଚୁଡ଼ି ଇତ୍ୟାଦି । ଯେଉଁ ଲୋକକ୍ରୀଡ଼ା ଗୁଡ଼ିକରେ ଯେଉଁଥିରେ କୌଣସି ଉପକରଣ ବା ମାଧ୍ୟମ ଆବଶ୍ୟକ ହୋଇଥାଏ ସେଗୁଡ଼ିକରେ ଗୀତର ପ୍ରୟୋଗ ଖୁବ୍ କମ୍ ହୋଇଥାଏ ।

ଲୋକକ୍ରୀଡ଼ା କେବଳ ଯେ ଶିଶୁମାନଙ୍କ ମଧ୍ୟରେ ହୋଇଥାଏ ତାହା ନୁହେଁ, ବୟସ୍କମାନଙ୍କ ସକାଶେ ମଧ୍ୟ ବହୁଧରଣର ଲୋକକ୍ରୀଡ଼ା ପ୍ରଚଳିତ ଥିବାର ଦୃଷ୍ଟାନ୍ତ ରହିଛି । ଏଗୁଡ଼ିକ ମଧ୍ୟରୁ କେତୋଟି ଖେଳ ଘର ଭିତରେ ଖେଳାଯାଏ ଯେପରି ସକଟା, ବାଘ ଛେଳି ଇତ୍ୟାଦି । ତାହା ମୁଖ୍ୟତଃ ଯୁବତୀମାନଙ୍କ ବା ମହିଳାମାନଙ୍କ ଖେଳ; ଅନ୍ୟାନ୍ୟ ସମସ୍ତ ଖେଳ ଘର ବାହାରେ ଖେଳାଯାଏ । ଉଦାହରଣ ସ୍ୱରୂପ ଯୁବକ ଖେଳ ମୁଖ୍ୟତଃ ପର୍ବଭିତ୍ତିକ । ଶ୍ରାବଣ ପୂର୍ଣ୍ଣିମା ଅବସରରେ ଯୁବକମାନଙ୍କର ଗମ୍ଭାଡେଗା ଖେଳ ହେଉଥିବା ବେଳେ ହୋଲିର ରଙ୍ଗ ଖେଳ ପୂର୍ବ ସନ୍ଧ୍ୟାରେ ହୋଲକୁଦା ଖେଳ ହୋଇଥାଏ । ଉଭୟ ଖେଳ ରୋମାଞ୍ଚ ଧର୍ମୀ, ଏଥିରେ ଗାଁର ପୁରୁଷମାନେ ନିଜର ପୌରୁଷ ଓ ବୀରତ୍ୱର ପ୍ରଦର୍ଶନ କରିଥା'ନ୍ତି । ତେଣୁ ଲୋକକ୍ରୀଡ଼ାକୁ ଗୀତଯୁକ୍ତ ଓ ଗୀତରହିତ ଭେଦରେ କିମ୍ବା ଶିଶୁମାନଙ୍କ କ୍ରୀଡ଼ା ଓ ବୟସ୍କମାନଙ୍କ କ୍ରୀଡ଼ା ଭେଦରେ ବିଭାଜନ କରାଯାଇପାରିବ ।

**(୭) ଲୋକ ସାହିତ୍ୟ :-** ଆଙ୍ଗିକ ଦୃଷ୍ଟିରୁ ବିଭାଜନ କଲେ ସାହିତ୍ୟ ଗଦ୍ୟ ଓ ପଦ୍ୟ, ଏହି ଭଳି ଦୁଇ ଭାଗରେ ବିଭକ୍ତ । ଲୋକସାହିତ୍ୟକୁ ମଧ୍ୟ ବହୁ ବର୍ଗରେ ବିଭାଜନ କରାଯାଇଛି । ମୁଖ୍ୟତଃ ଲୋକସାହିତ୍ୟର ପ୍ରକାଶଭଙ୍ଗୀ ଓ ଶୈଳୀକୁ ନେଇ ଏତାଦୃଶ ବିଭାଜନ କରାଯାଇଅଛି । ଲୋକସାହିତ୍ୟକୁ ଆମେ ପାଞ୍ଚଟି ବର୍ଗରେ ବିଭକ୍ତ କରିପାରିବା । ଯଥା - ଲୋକଗୀତ, ଲୋକଗାଥା, ଲୋକକଥା, ଲୋକନାଟ୍ୟ, ଲୋକୋକ୍ତି । ଏଥିରେ ଅନେକ ଲୋକଉପାଦାନମାନ ରହିଛି ଯାହାକୁ ନେଇ ଲୋକ ନିଜର ସ୍ୱତନ୍ତ୍ର ପରିଚୟ ରଖିପାରିଛି । ତେବେ ଲକ୍ଷଣ ଓ ପ୍ରକାର ଦୃଷ୍ଟିରୁ ସେଗୁଡ଼ିକ ଭିନ୍ନ ହେଲେ ମଧ୍ୟ ପରସ୍ପରଠାରୁ ସମ୍ପୂର୍ଣ୍ଣ ପୃଥକ ନୁହନ୍ତି; ବିଶ୍ୱାସ ସହ ଧର୍ମ, ବାଦ୍ୟ ସହ ନୃତ୍ୟର ସମ୍ପର୍କ ଭଳି ଏହି ଲୋକ ଉପାଦାନମାନ ସମ୍ପର୍କ ରକ୍ଷା କରନ୍ତି । ଏହାର ଅଧ୍ୟୟନ କାଳରେ ସେଥିରେ ଲୋକମାନସିକତାକୁ ହିଁ ପ୍ରାଧାନ୍ୟ ଦିଆଯାଏ । 'ଲୋକ' ଓ 'ଶିଷ୍ଟ' ଉଭୟେ ଉଭୟଙ୍କ ଦ୍ୱାରା ଅନେକ ସ୍ଥଳରେ ପ୍ରଭାବିତ ହେବା ସ୍ୱାଭାବିକ । ଶିଷ୍ଟ ସାହିତ୍ୟରେ ଏହି ଲୋକଉପାଦାନଗୁଡ଼ିକର ପ୍ରୟୋଗ ଲୋକ

ସମାଜ ପ୍ରତି ଶିଷ୍ଟର ଆକର୍ଷଣକୁ ସୂଚିତ କରେ । ଏହି ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟରେ ଏହାର ପ୍ରୟୋଗ ସମ୍ପର୍କରେ ନିମ୍ନରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଗଲା ।

ଓଡିଆ କାବ୍ୟ କବିତାରେ ଲୋକ ଉପାଦାନର ପ୍ରୟୋଗ ପ୍ରାକ ସାରଳା ଯୁଗୀୟ ସାହିତ୍ୟରୁ ଦୃଷ୍ଟି ଗୋଚର ହୋଇଥାଏ । ବିଶେଷ କରି ବୌଦ୍ଧ ଧର୍ମ ସମ୍ପର୍କିତ ଚର୍ଯ୍ୟାପଦ ଗୁଡିକର ଗୁହ୍ୟ ଅର୍ଥମାନ ଗଭୀର ତତ୍ତ୍ୱପୂର୍ଣ୍ଣ ହୋଇଥିଲେ ହେଁ ଏହାର ରଚନାରେ ବ୍ୟବହୃତ ରୂପକଧର୍ମୀ ଶବ୍ଦର ବ୍ୟବହାର ସହ ଅତି ଲୌକିକ ଜୀବନଶୈଳୀର ଚିତ୍ରାୟନରେ ବହୁ ମାତ୍ରାରେ ଲୋକ ଉପାଦାନ ଉପଲବ୍ଧ । ସମାଜର ଶବର ଡୋମ ପ୍ରଭୃତିଙ୍କ ବିଷୟରେ ବହୁ ବର୍ଣ୍ଣନା ଏଠାରେ ରହିଥିବା ବେଳେ ସେମାନେ ମଦ୍ୟପାନ କରିବା, ବକ୍କଳ ପିନ୍ଧିବା, ଶିକାର କରି ଜୀବିକା ଅର୍ଜନ କରିବା, ଡୋମ୍ବି ବାଉଁଶ ପାତିଆରେ ପାଛିଆ ବନାଇବା ଆଦିର ବର୍ଣ୍ଣନା ସହ ସେମାନଙ୍କର ବେଶସଜ୍ୟାର ବର୍ଣ୍ଣନାରେ ମଧ୍ୟ ଅନୁରୂପ ଲୋକ ଉପାଦାନ ଆମେ ପାଇ ପାରିବା । ଶରହ ପାଦଙ୍କ ଏକ ଚର୍ଚ୍ଚିତ ଚର୍ଯ୍ୟାପଦର ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଗଲା -

'ଉଁଚା ଉଁଚା ପାବତ ତହିଁ ବସଇ ସବରୀ ବାଲୀ
ମୋରଙ୍ଗୀ ପିଚ୍ଛ ପରିହିଣ ଗବତ ଗୁଞ୍ଜରୀ ମାଲୀ'

ଉମତ ସବରୋ ପାଗଲ ସବରୋ ମା କର ଗୁଲୀ ଗୁହାଡା ତୋହ । ଏଠାରେ ସବରୀ ବାଲୀ ମୟୁର ପୁଚ୍ଛ, କାଇଁଚ ମାଳି ଆଦିରେ ନିଜକୁ ସଜ୍ଜିତ କରିବା କଥା ବର୍ଣ୍ଣିତ । ଯାହାକି ସେ କାଳର ଲୋକଜୀବନର ଏକ ଚିତ୍ର ବୋଲି ଆମେ କହି ପାରିବା ।

ପ୍ରାକ ସାରଳା ଯୁଗ ପରେ ସାରଳାଙ୍କ ସାହିତ୍ୟ କୃତିରେ ମଧ୍ୟ ବହୁ ସ୍ଥଳରେ ଲୋକ ଉପାଦାନର ପ୍ରୟୋଗ ରହିଛି । ସାରଳାଙ୍କ ମହାଭାରତରେ କୃଷ୍ଣଙ୍କ ଗଧ ପାଦ ଧରିବା ପ୍ରସଙ୍ଗ ଅଥବା ସତ୍ୟ ଆମ୍ବ କଥା ପ୍ରସଙ୍ଗ ଭଳି କେତେକ ପ୍ରସଙ୍ଗକୁ ସେ ସମୟରେ ପ୍ରଚଳିତ ଲୋକକଥାର ଅଂଶବିଶେଷ ବୋଲି କେତେକ ଗବେଷକ ଅନୁମାନ କରନ୍ତି । ଏପରିକି ଏହି ମହାଭାରତରେ ଜାଗୁଳେଇ, ହିଙ୍ଗୁଳା ଭଳି ଲୋକ ଦେବାଦେବୀଙ୍କ ନାମ ଦେବା ସହ ସାରଳା ଲୋକରେ ପ୍ରଚଳିତ ବେଶ ପରିଧାନ ପିଠା ଆଦି ଖାଦ୍ୟ ପ୍ରସ୍ତୁତି ସହ ରାନ୍ଧଣା ବିଧି,ବଶୀକରଣ ମାରଣ ଭଳି ଗୁଣିଗାରେଡି କଥା ମଧ୍ୟ ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବରେ ପଞ୍ଚସଖା ଯୁଗୀୟ ସାହିତ୍ୟ ଓ ରୀତି ଯୁଗୀୟ ସାହିତ୍ୟରେ ମଧ୍ୟ ଲୋକ ଉପାଦାନର ପ୍ରୟୋଗ ରହିଛି । ଯୁଗ ଦାସଙ୍କ 'ନୃସିଂହ ଚରିତ' କିମ୍ବା ପ୍ରତାପ ରାୟଙ୍କ 'ଶଶୀସେଣା' ଭଳି କାବ୍ୟ ମାନ ସଂପୂର୍ଣ୍ଣ ଭାବରେ ଲୋକରେ ପ୍ରଚଳିତ କିମ୍ବଦନ୍ତୀ ଉପରେ ଆଧାରିତ । ତେବେ ଏଠାରେ ସ୍ମରଣ ଯୋଗ୍ୟ ଯେ,ଏହି ସମୟରେ ଶାସ୍ତ୍ରାଦିର ପ୍ରବଳ ପ୍ରଭାବ ଓଡିଶାର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠି ତଥା ଆଭିଜାତ୍ୟ ବର୍ଗରେ ସୀମିତ ହୋଇରହିଥିଲା । ଅଧିକାଂଶ ବର୍ଗର ଲୋକ ପରମ୍ପରାକୁ ନେଇ ଜୀବନ ନିର୍ବାହ କରୁଥିଲେ ଏବଂ ସମାଜର ଅପର ଗୋଷ୍ଠି ମଧ୍ୟ ସେଥିରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅଲଗା କରି ପାରି ନଥିଲେ ଫଳତଃ ସେକାଳର ବିଦଗ୍ଧ ସୃଷ୍ଟିମାନଙ୍କରେ ଲୋକ ଉପାଦାନର ପ୍ରାବଲ୍ୟ/ପ୍ରଭାବ ରହିବା ସ୍ୱାଭାବିକ, ପୁନଶ୍ଚ ଓଡିଶା ଲୋକ ଉପାଦାନକୁ ନେଇ ଏକ ସମୃଦ୍ଧ ରାଜ୍ୟ ହୋଇଥିବାରୁ ଏହି ଅଞ୍ଚଳର ସାହିତ୍ୟ ତାହା ପ୍ରାଚୀନ ହେଉ ବା ଆଧୁନିକ ସେଥିରେ ପ୍ରତ୍ୟକ୍ଷ ହେଉ ବା ପରୋକ୍ଷ ଭାବରେ ହେଉ କିଛିନା କିଛି ମାତ୍ରାରେ ଲୋକ ଉପାଦାନର ଛଟା ପରିଲକ୍ଷିତ ହୋଇଥାଏ । ଯେପରି ଗଙ୍ଗାଧରଙ୍କ 'କୀଚକ ବଧ'ରେ –

'ସମ୍ବାଦ ଚହଟିଲା ତା କାନୁ ତା କାନେ
କିନ୍ତୁ ଗୋପ୍ୟ ବୋଲି କହୁଥାନ୍ତି ଏକ ଆନେ ।'

ଏଠାରେ ପଶ୍ଚିମ ଓଡିଶାରେ ପ୍ରଚଳିତ ଏକ ଲୋକୋକ୍ତି 'ହୁରିଆ ହେଲାନ ଜାନୁଛୁ ବିଲେଇ ଗୁହୁକେ ଖାପୁଛୁ'ର ପ୍ରଭାବ ପରିଲକ୍ଷିତ ହେଉଛି । ପୁନଶ୍ଚ କବିଙ୍କ ପ୍ରସିଦ୍ଧ କାବ୍ୟ 'ତପସ୍ୱିନୀ'ରେ –

'ଯଦି ବାଜିଗର ରଜ୍ଜୁରେ ପୟର ଦେବାରୁ ନଯିବ
ଚାଲି
ତାଳି ମାରି ଥୁକେ ହସିଦେବେ ଲୋକେ ବାଦ୍ୟକାର
ଦେବ ଗାଳି ।'

ପଦଟିରେ ଲୋକକ୍ରୀଡା ବାଉଁଶରାଣୀ ବା ଡାଙ୍ଗଡାର ସ୍ପଷ୍ଟ ଚିତ୍ର ରହିଛି । କବି ବିନୋଦ ଚନ୍ଦ୍ର ନାଏକଙ୍କ 'ଗ୍ରାମପଥ' କବିତାଟି ସାମଗ୍ରିକ ଭାବରେ ଯଦିଓ ଗ୍ରାମ୍ୟ ଜୀବନ-ଦୃଶ୍ୟ ଉପରେ ଆଧାରିତ କିନ୍ତୁ ସେ –'ଉଠ୍ ପୁତା ଉଠ୍ ଉଠ୍ ପୁରିଲାଣି ମାଣ' ପଦଟିର ପ୍ରୟୋଗରେ ଯେଉଁଭଳି ଏକ ଲୋକ କାହାଣୀର ସ୍ପର୍ଶ ଦେଇଛନ୍ତି ତାହା କବିତାକୁ ଆହୁରି ପ୍ରାଣବନ୍ତ କରିପାରିଛି ।

ବୌଦ୍ଧ ଜିଲ୍ଲାରେ ପାଳିତ ହେଉଥିବା ଚୂଡାଖାଇ ଯାତ୍ରାର କାହାଣୀକୁ ଭିତ୍ତିକରି ସାଂପ୍ରତିକ ଓଡିଆ କାବ୍ୟ ଜଗତର ଜଣେ ସ୍ୱର୍ଦ୍ଧିତ ସ୍ୱର କବି ସୂର୍ଯ୍ୟ ମିଶ୍ରଙ୍କ କବିତା ସମ୍ପୂର୍ଣ୍ଣ ଭାବରେ ଏକ ଲୋକରେ ପ୍ରଚଳିତ କିମ୍ବଦନ୍ତୀ ଉପରେ ଆଧାରିତ । କିମ୍ବଦନ୍ତୀଟି

ହେଲା..... ପ୍ରେମରେ ସମର୍ପିତା ଏକ କୁମାରୀକୁ ମହାନଦୀର ମଲାଗୁଣୀ ନାମକ ସ୍ଥାନରେ ପ୍ରେମିକର ପରିବାର କ୍ଷତାକ୍ତ କରି ମୁମୂର୍ଷୁ ଅବସ୍ଥାରେ ଫିଙ୍ଗି ଦେଇଥିଲେ, ସେ କ୍ରମେ ପାଣିରେ ମୃତବତ ଭାସି ଆସି ମହାନଦୀର ଏକ ବାଲିମୟ ଟାପୁରେ ଲାଗିଲା, ତା ଭିତରେ ବଞ୍ଚିଥିବାର ସୂଚନା ମିଳିଲା । ତାକୁ ଦେବୀ କି ମାନବୀ ଭାବି ସାହାଯ୍ୟ କରିବାକୁ ଅନେକ ଧାଇଁ ଆସିଲେ । ମାତ୍ର ସେ ସମର୍ପିତ ପ୍ରେମର କରୁଣ ପରିଣତି ବିଷୟରେ ଜଣେଇ ତାର ପ୍ରାଣବାୟୁ ଉଡ଼ିଗଲା । ସେଠାକାର ଲୋକେ ସେହି ଦ୍ୱୀପରେ ତାକୁ ବାଲି ଶେଯରେ ଦାହ କରି ଦେଲେ ଓ ପ୍ରେମର ସ୍ମାରକୀ ଭାବରେ କାଠ ଖଣ୍ଡେ ପୋତି ଦେଲେ । ସେହି ଦିନଠାରୁ ସେ ସ୍ଥାନରେ ଛୁଡ଼ାଖାଇ ଯାତ୍ରା ପାଳିତ ହୋଇଆସୁଛି । ଏବେ ବୌଦ୍ଧ ଜିଲ୍ଲାର ଅନ୍ୟାନ୍ୟ କେତେକ ସ୍ଥାନରେ ମଧ୍ୟ ଚୂଡ଼ାଖାଇ ଯାତ୍ରା ପାଳିତ ହୁଏ । 'ଗୋଟିଏ ଅବିଶ୍ୱାସ ପ୍ରେମ କଥା'ରେ ଏହି ଲୋକ କଥାଟି ପ୍ରେମ କିପରି ପୂଜାରେ ପରିଣତ ହୁଏ ତାକୁ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି ।

ସେ ଦିନୁ ଦ୍ୱୀପ ଭିତରେ ଥିବା ସତୀ କନ୍ୟା ଘାଟରେ
ସେହି କାଠକୁ ପୂଜା କରୁଛନ୍ତି ସେମାନେ
ଫି ବର୍ଷ ପାଳୁଛନ୍ତି ଚୂଡ଼ାଖାଇ ଯାତ ବଡ଼ ନିଷ୍ଠାରେ ।

x x x

କେବଳ ବିଶ୍ୱାସ ଦୃଢ଼ କରିବା ପାଇଁ ଯେ
ପ୍ରେମିକାମାନେ ଠାକୁରାଣୀ ଏବଂ ପ୍ରେମ ହିଁ ନୈବେଦ୍ୟ ।

**(ଲିଖିତ ନିରବତା)**

ଲୋକକଥାର ସେହି ରାଜକୁମାରୀ ମନେ ପଡ଼ନ୍ତି, ସେ ରାତି ହେଲେ କୁଆଡ଼େ ଉଭାନ ହୋଇଯାଏ । ପଚାରିଲେ କାହାକୁ କିଛି କହେ ନାହିଁ ବରଂ ତାର ଯିବାର କାରଣ କି ଯିବା କଥାକୁ ସେ ଅସ୍ୱୀକାର କରେ - ସୌଭାଗ୍ୟ କୁମାର ମିଶ୍ରଙ୍କ 'ରଜାଝିଅ' କବିତାରେ ସେ ଚିତ୍ର ସୁସ୍ପଷ୍ଟ -

ଚନ୍ଦ୍ର ଉଦିଆ ଉଆସରେ
ରହୁଥିଲା ରଜା ଝିଅ
ରଜାଝିଅର ସବୁ ଭଲ ଯେ ଖାଲି ଥରେ ଥରେ
ରାତି ଅଧରେ ସେ
ଉଭାନ ହୋଇଯାଉ କୁଆଡ଼େ ।
ଦାସୀ ପରିଚାରୀ ଏଣେ ଖୋଜନ୍ତି ତେଣେ ଖୋଜନ୍ତି
ଛାତରେ ଯାଇ ପଚାରନ୍ତି ଫୁଟିଆ ତରାକୁ ।

**(ମାତ୍ରାସ୍ପର୍ଶ)**

ଓଡିଆ କଥାସାହିତ୍ୟ ବା ଗଳ୍ପ ଉପନ୍ୟାସାଦିରେ ଲୋକ ଉପାଦାନର ପ୍ରୟୋଗ ବିଚାର କଲେ ଯଥେଷ୍ଟ ଦୃଷ୍ଟାନ୍ତ ମିଳି ପାରିବ । ଲୋକ ମାନସ ଆଧାରିତ ଲୋକ ବିଶ୍ୱାସ,ଲୋକର ସାମାଜିକ ଜୀବନ ଚଳଣୀ, ସଂସ୍କାର ପରମ୍ପରାଦିର ପ୍ରୟୋଗକୁ ନେଇ ବିଚାରକଲେ ଆମେ ଅନେକ ଉଦାହରଣ ପାଇ ପାରିବା । ପ୍ରାଚୀନ ଓଡିଆ ଗଦ୍ୟ ସାହିତ୍ୟରେ ମଧ୍ୟ ଅନୁରୂପ ଭାବରେ ଲୋକ ଉପାଦାନର ସତ୍ତା ରହିଛି ତେବେ ପ୍ରାଚୀନ ଓଡିଆ ଗଦ୍ୟ ସାହିତ୍ୟମାନ ଅନେକ ସ୍ଥଳରେ କାବ୍ୟାଶ୍ରୟୀ ହୋଇଥିବାରୁ ପ୍ରାୟତଃ ଊନବିଂଶ ଶତାବ୍ଦୀରୁ ପାଶ୍ଚାତ୍ୟ ଧାରା ଅନୁସୃତ ଗଦ୍ୟ ସାହିତ୍ୟକୁ ନେଇ ଏଠାରେ ଆଲୋଚନା କରିବା ସମୀଚୀନ ମନେହୁଏ ।

ଗଳ୍ପ ସାହିତ୍ୟରେ ବିଚାର କଲେ ଫକିରମୋହନଙ୍କ ରେବତୀ ଗଳ୍ପରେ ଝିଅମାନେ ପାଠ ପଢିବାକୁ ଅଶୁଭ ବୋଲି ବିଚାର କରିବାର ସାମାଜରେ ଚଳୁଥିବା ଅନ୍ଧବିଶ୍ୱାସ ଏହାର ଭିତ୍ତି ।ଏଥିରେ ଅନେକ ସ୍ଥଳରେ ଲୋକୋକ୍ତିର ପ୍ରୟୋଗ ଯେପରି -ଯାହା ଆପଣା କିଆ, ତହିଁକି ଇଲାଜ କିଆଁ ? ମାଛିକି ମର ନକହିବା ଆଦି ରହିଛି । ସେହିଭଳି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢା ଶଙ୍ଖାରି' ଗଳ୍ପରେ ପହିଲି ରଜରେ ଝିଅ-ବହୁଏ ନୂଆ ଶଙ୍ଖା, ନୂଆ ଶାଢି ପିନ୍ଧିବାର ଲୋକ ପରମ୍ପରାକୁ ଗୁରୁତ୍ୱ ଦିଆ ଯାଇଛି । ସଚ୍ଚି ରାଉତରାୟଙ୍କ 'ଅନ୍ଧାରୁଆ' ଗଳ୍ପରେ ଅନ୍ୟ କିଛି ନନେଇ ଷଠି ଘରଟିକୁ ଖୋଳି ନେବାର ବର୍ଣ୍ଣନାରେ ପରମ୍ପରା ସହ ଜଡ଼ିତ ରହିଥିବା ସାଧାରଣ ଲୋକର ମର୍ମସ୍ପର୍ଶୀ ଉଦ୍‌ଗାର ବ୍ୟକ୍ତ କରାଯାଇଛି । ସାଂପ୍ରତିକ କାଳର ବିଶିଷ୍ଟ ଗାଳ୍ପିକ ଗୌରହରି ଦାସଙ୍କ 'ସନାତନ ମାଷ୍ଟ୍ରେ' ଗଳ୍ପରେ କୁଆଁର ପୁନେଇରେ ଚଉରାକୁ ସରସା କରିବା ସକାଶେ କଇଁଫୁଲ ଆଣିବା ଘଟଣାର ବର୍ଣ୍ଣନା ଗଳ୍ପଟିକୁ ଭାବସ୍ପର୍ଶୀ କରିପାରିଛି । ଏହିଭଳି ଓଡିଆ ଗଳ୍ପ ସାହିତ୍ୟରେ ଲୋକ ଉପାଦାନ ପ୍ରୟୋଗର ଶତାଧିକ ଦୃଷ୍ଟାନ୍ତ ନିଆ ଯାଇପାରିବ ।

ଉପନ୍ୟାସ କ୍ଷେତ୍ରରେ ବିଚାରକଲେ ମଧ୍ୟ ଆମେ ଅନୁରୂପ ଫଳ ପାଇପାରିବା । ପ୍ରଥମ ପୂର୍ଣ୍ଣାଙ୍ଗ ଓଡିଆ ଉପନ୍ୟାସ ଭାବରେ ଆମେ ଯଦି ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳି'କୁ ଗ୍ରହଣ କରିବା ତେବେ ଏହି ଉପନ୍ୟାସର କଥାବସ୍ତୁ ପରିକଳ୍ପନା ଲୋକକଥା ଅନୁସୃତ ବୋଲି ବହୁ ବିଦ୍ୱାନ ମତବ୍ୟକ୍ତ କରିଛନ୍ତି ।

ପରବର୍ତ୍ତି ପର୍ଯ୍ୟାୟରେ ରାମଶଙ୍କର ରାୟଙ୍କ 'ବିବାସିନୀ' ଉପନ୍ୟାସରେ ବହୁ ଲୋକ ଦେବାଦେବୀଙ୍କ ପ୍ରସଙ୍ଗ ସାପେକ୍ଷ ବର୍ଣ୍ଣନା ରହିଛି । ଫକିରମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସକୁ ସୂକ୍ଷ୍ମ ଭାବରେ ନିରୀକ୍ଷଣ କଲେ ଏହି ଛ'ମାଣ ଆଠଗୁଣ୍ଠ' ଜମି ହିଁ ଏକ ବଂଶବୁଡା ଜମି ବୋଲି କହିହେବ । ସେ ଜମି ଯାହା ପାଖରେ ରହୁଛି ତା'ବଂଶ ବୁଡୁଛି । ସାଧାଣତଃ ଓଡିଶାର ଗ୍ରାମାଞ୍ଚଳରେ ଏହି ଧାରଣା ବହନକାରୀ ଜମିମାନ ଥାଏ ଏବଂ ଲୋକରେ ଏହି ବିଶ୍ୱାସ ପ୍ରବଳ ଭାବରେ ରହିଥାଏ । 'ଅଧର୍ମ ବିତ୍ତ ବଢ଼େ ବହୁତ ଗଲାବେଳେ ଯାଏ ମୂଳ ସହିତ' ଲୋକୋକ୍ତି ନ୍ୟାୟରେ ରଚିତ ଏହି ଉପନ୍ୟାସରେ ମଧ୍ୟ ଗାଁ ପୋଖରୀକୁ ନେଇ ଲୋକ ବିଶ୍ୱାସ, ପ୍ରେତ ବିଶ୍ୱାସ, ଗାଁ ଠାକୁରାଣୀଙ୍କ ଉପରେ ବିଶ୍ୱାସ ଆଦିର ବର୍ଣ୍ଣନା ସହ ବହୁ ଲୋକୋକ୍ତିର ପ୍ରୟୋଗ ରହିଛି । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ' ଉପନ୍ୟାସରେ ଗ୍ରାମ୍ୟ ଜୀବନର ବର୍ଣ୍ଣନା ସହ ଲୋକୋକ୍ତିର ବ୍ୟବହାର ଶଗଡିଆ ଗୀତର ଚିତ୍ରଣ ଯେପରି – 'ରାମ ବିଭାକାରେ ଲୋ ଲଖଣ ବରଜାତି-ଇ-ଟ୍ଟ୍-ଟ୍ଟ୍ । ସବଣ୍ୟ ବେଦୀତରେ ଲୋ ଧଇଲେ ପାଟଛତି – ଇ-ଟ୍ଟ୍-ଟ୍ଟ୍ । ସେହିପରି 'ବୁଢୀମା' କାହାଣୀର ଚିତ୍ରଣରେ ଏହାର ପ୍ରସ୍ତାବନା ଗୀତ –

'ଟୁବି ଗଡିଆରେ ଟୁବି ଗଡିଆ
ଟୁବି ଗଡିଆରେ ପାଣି,
ଛ ଦେଢଶୁରେ ଛଅ ସାଆନ୍ତ
ଛଅ ଯାଆ ଛ' ସାଆନ୍ତାଣୀ । '

ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ' ଓ 'ପରଜା' ଦୁଇଟି ଯାକ ଉପନ୍ୟାସ ଆଦିବାସୀ ଜୀବନ ଶୈଳୀ ଉପରେ ଆଧାରିତ । ଏହି ଉପନ୍ୟାସ ଦ୍ୱୟରେ ମଧ୍ୟ ଆଦିବାସୀ ନୃତ୍ୟ ଗୀତ ପରମ୍ପରାଦିର ଚିତ୍ରଣ ବହୁସ୍ଥଳରେ ପ୍ରାସଂଗିକ ହୋଇଛି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ଓଡିଆ ଉପନ୍ୟାସ ଗୁଡିକରେ ରହିଥିବା ଲୋକ ଉପାଦାନ ଗୁଡିକୁ ଡ. ମିହିର କୁମାର ସାହୁ ତାଙ୍କ 'ଓଡିଆ ଉପନ୍ୟାସରେ ଲୋକ-ଉପାଦାନ' ପୁସ୍ତକରେ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରି କହିଛନ୍ତି – 'ଘ ଘ ଘ କିନ୍ତୁ ଉପନ୍ୟାସ ଓ ଲୋକ ଉପାଦାନର ସଂପର୍କ କେବେହେଲେ ବିଚ୍ଛିନ୍ନ ହୋଇଯାଇନାହିଁ । ପାଶ୍ଚାତ୍ୟ ପ୍ରଭାବରେ ଏହାର ଜୀବନ୍ୟାସ ଘଟିଥିଲେ ମଧ୍ୟ, ଭାରତୀୟ ତଥା ଉତ୍କଳୀୟ ଉପାଦାନରେ ପରିପୃଷ୍ଟ ହୋଇଥିଲେ ମଧ୍ୟ ଲୋକ ଉପାଦାନ ଯେ ଏହାକୁ ପ୍ରାଣପ୍ରାଚୁର୍ଯ୍ୟରେ ଭରିଦେଇଛି,ଏଥିରେ ସନ୍ଦେହ ନାହିଁ ।'

ଲୋକ ଉପାଦାନର ପ୍ରୟୋଗ ନାଟକ କ୍ଷେତ୍ରରେ ଆଙ୍ଗିକ ଓ ଆତ୍ମିକ ଦୁଇ ଭେଦରେ ବିଚାର କରାଯାଇପାରିବ । ଆଙ୍ଗିକରେ ନାଟକର ମଞ୍ଚନ ଶୈଳୀରେ ଲୋକନାଟକ ଶୈଳୀର ଅବତାରଣାକୁ ବିଚାର କରାଯିବା ବେଳେ ଆତ୍ମିକରେ ନାଟକର ଦୃଶ୍ୟ ଅଭିନୟ, କଥାବସ୍ତୁ ସଂଳାପ ଆଦିରେ ଲୋକ ଉପାଦାନର ପ୍ରୟୋଗକୁ ଅନୁଧ୍ୟାନ କରାଯାଏ । ଡ. ବିଜୟ କୁମାର ଶତପଥୀ ତାଙ୍କ ପ୍ରବନ୍ଧରେ କେଉଁ ସବୁ ଦୃଷ୍ଟିକୋଣରୁ ଏ କାଳର ନାଟ୍ୟକାରମାନେ ଲୋକ ଉପାଦାନର ପ୍ରୟୋଗ କରିଛନ୍ତି ଓ ଏଥିରେ କେଉଁସବୁ ବୈଚିତ୍ର୍ୟର ସନ୍ଧାନ ସେମାନେ କରିଛନ୍ତି ତାର ଦଶଟି କାରଣ ଦର୍ଶାଇଛନ୍ତି । ସେଗୁଡ଼ିକ ହେଲା; (୧) ଲୋକନାଟକର ମୁକ୍ତଧାରା ଗ୍ରହଣ କରିବା ଫଳରେ ଆଜିର ନାଟକ ଅଧିକରୁ ଅଧିକ ଗଣଚେତନା ସହ ଜଡ଼ିତ ହୋଇପାରୁଛି । (୨) ପ୍ରସେନିୟମ ମଞ୍ଚର ଯାବତୀୟ ଜଟିଳତାରୁ ମୁକ୍ତ ହୋଇଥିବା ଯୋଗୁଁ ମଞ୍ଚ କର୍ମ ନିତାନ୍ତ ସରଳ ବୋଲି ବିବେଚିତ ହୋଇଛି । (୩) ଲୋକ ସାହିତ୍ୟର ଦିଗଗୁଡ଼ିକ (ଗୀତ, ଗଳ୍ପ ନାଟକ) ମଧ୍ୟରେ ସମୂହ ଭାବାବେଦ ପ୍ରତିଫଳିତ ହୋଇଥିବାରୁ ଏହା ଆଜିର ଦର୍ଶକକୁ ବେଶ୍ ସ୍ପର୍ଶ କରିପାରୁଛି । (୪) ଇୟକ୍ତ୍ସ୍ୱବସ୍ୱସକ୍ଟଭ, ଙ୍କଟ୍ସ୍ୱସଲଲ ଓ ରଙ୍କକ୍ତ୍ସ୍ୱକ୍ଟଙ୍ଗସପ୍ସ୍ୱବସ୍ୱସକ୍ଟଭ ଏହି ତିନି ସ୍ତର ମାଧ୍ୟମରେ ଆଜିର ନାଟ୍ୟକାର ଲୋକ ଉପାଦାନକୁ ଗ୍ରହଣ କରି ତାକୁ ପରିବେଷଣ କରୁଛି । ଏହି ତିନିଗୋଟି ସ୍ତରକୁ ଉଭୟ ଚରିତ୍ର କାହାଣୀରେ ଅବଲମ୍ବନ କରାଯାଇପାରେ । (୫) ଲୋକ ନାଟ୍ୟ ରୀତିର ଭବକ୍ସ୍ୱବସ୍ୱସଙ୍ଗର ସ୍ପସ୍ପଙ୍କଷର ଖୁବ୍ ଆକର୍ଷଣୀୟ ହୋଇ ଥିବା ଯୋଗୁଁ ସାମ୍ପ୍ରତିକ ନାଟକରେ ସୂତ୍ରଧର, ନିର୍ଦ୍ଦେଶକ କିମ୍ବା କୋରସ୍‌ର ବକ୍ତବ୍ୟରେ ଏହାକୁ ବ୍ୟବହାର କରିବା ସୁବିଧାଜନକ ହେଉଛି । ଏହା ଫଳରେ ଶୂନ୍ୟମଞ୍ଚ ଦୃଶ୍ୟ ମଞ୍ଚରେ ରୂପାୟିତ ହୋଇପାରୁଛି । (୬) ଙ୍କସ୍ୱବଭସ୍ପଲକ୍ଟସ୍ୱଙ୍କବସ୍ପସକ୍ଟଭ (ଉଭୟ ଘଟଣା ଓ ଚରିତ୍ର ପାଇଁ) ଶୈଳୀ ଲୋକନାଟକଗୁଡ଼ିକର ଏକ ପ୍ରମୁଖ ବୈଶିଷ୍ଟ୍ୟ । ଉଦାହରଣ ସ୍ୱରୂପ ଆମ ପାଲାର ଗାୟନ ମାଧ୍ୟମରେ କାହାଣୀ ଉପସ୍ଥାପନ କରୁଥିଲାବେଳେ ସେ କିମ୍ବା କୌଣସି ପାଲିଆ ଭିନ୍ନ ଭିନ୍ନ ଚରିତ୍ରରେ ନିଜକୁ ଅବତୀର୍ଣ୍ଣ କରାଇ ବଚନିକା କହିଥାନ୍ତେ । ଆଧୁନିକ କାଳର ନାଟ୍ୟତତ୍ତ୍ୱବିତ୍ ଏରକ୍ସ୍ୱବକ୍ଷୟ ଙ୍ଗବକ୍ଷରସ୍ପ ଏହି ସ୍ପସ୍ୱବଭସ୍ପଲକ୍ଟସ୍ୱଙ୍କବସ୍ପସକ୍ଟଭ ସମ୍ପର୍କରେ ସର୍ବଶେଷ ଚର୍ଚ୍ଚା କରିଛନ୍ତି ଯଦିଓ ଆମର ପାରମ୍ପରିକ ନାଟ୍ୟକଳାରେ ଏହା ବହୁ

ଆଗରୁ ଥିଲା । (୭) ଝରକ୍ଷଲ ହ୍ୱରଲକ୍ଷରଘଙ୍ଗଙ୍ଗର ଷ୍ପଷ୍ପଛକ୍ଷର (ଯେମିତି – ମୁଁ ଆସିଲି ସୀତୟା ଗୋ ରାମର ଘରଣୀ) ଲୋକ ନାଟକଗୁଡ଼ିକର ଏକ ଆକର୍ଷଣୀୟ ଉପାଦାନ । ଏହି ବିଶେଷତ୍ୱକୁ ଆଜିର ନାଟକମାନ ମଧ୍ୟ ଗ୍ରହଣ କରିଛି । (୮) ସାମ୍ପ୍ରତିକ ନାଟ୍ୟଧାରାରେ ଷ୍ପଷରବଷ୍ପକ୍ବର କ୍ଟଲ ଙ୍କସଘଙ୍ଗରୟ ଙ୍କରବଭଷ୍ପ କଥା କୁହଯାଇଛି । ଏ ସମ୍ପର୍କରେ ଜସମଷବକ୍ବୟ କକ୍ଟଷ୍ପଷ୍ପରକ୍ଷଭରଷ୍ପଛ ତାଙ୍କର ଗସଘଙ୍ଗରୟ ଙ୍କରବଷ୍ପ ଙ୍କରୟବ ରେ ସବିଶେଷ ଆଲୋଚନା କରିଛନ୍ତି । ଲକ୍ଷ୍ୟ କଲେ ଦେଖାଯିବ ଯେ ଆମର ଲୋକନାଟକଗୁଡ଼ିକ ଗୀତ, ବାଦ୍ୟ, ନୃତ୍ୟ ଆଦିରେ ସମନ୍ୱିତ ହୋଇଥିବା ଯୋଗୁଁ ଏହା ଙ୍କସଘଙ୍ଗରୟ ଙ୍କରବଭଷ୍ପ ଷ୍ପଷରବଷ୍ପକ୍ବର ଠାରୁ ବିଶେଷ ଦୂରବର୍ତ୍ତୀ ନୁହେଁ । ତେଣୁ ଲୋକ ନାଟ୍ୟରୀତିର ପ୍ରୟୋଗ ଏ ଦୃଷ୍ଟିରୁ ସାମ୍ପ୍ରତିକ ନାଟକକୁ ଅଧିକ ପ୍ରାଣପ୍ରାଚୁର୍ଯ୍ୟ ମଣ୍ଡିତ କରିଛି । (୯) ଲୋକ ଗଳ୍ପ, ଲୋକ ଗୀତ ଓ ଲୋକନାଟକ ଗୁଡ଼ିକ ରବଭଷ୍ପବଷ୍ପଛ ର ଇଲାକାମାନ ତିଆରି କରିଛନ୍ତି । ଆଜିର ନାଟ୍ୟକାର ଲୋକ ଉପାଦାନଗୁଡ଼ିକରୁ ଏହା ସଂଗ୍ରହ କରି ପ୍ରୟୋଗ କରିବା ଫଳରେ ନାଟକର ବାର୍ତ୍ତା ଅଧିକ ସଂପ୍ରେଷଣକ୍ଷମ ହେଇଛି । ବାସ୍ତବତା ଆହୁରି ନିବିଡ଼ ହୋଇଛି ଓ ଗ୍ରହଣଯୋଗ୍ୟ ହେଇଛି । (୧୦) ଲୋକ ଉପାଦାନ ବା ରକ୍ଟକ୍ଷଲ ରକ୍ଷରଙ୍କରଭଷ୍ପ ସହ ଆଜିର ନାଟକର ଲୋକପ୍ରିୟ ଉପାଦାନ ବା ଚକ୍ଟକ୍ଟଙ୍କକ୍ଷବକ୍ବ ରକ୍ଷରଙ୍କରଭଷ୍ପ ର ପ୍ରୟୋଗ ଘଟୁଛି ଯାହା ଚକ୍ଟକ୍ଟମଙ୍କକ୍ଷଷ୍ପଙ୍କକ୍ବର ସଂଜାତ । ଲୋକ ଉପାଦାନର ମହିମା ଅବଶ୍ୟ ଲୋକପ୍ରିୟ ଉପାଦାନମାନଙ୍କରେ ନାହିଁ । କୌଣସି ସଂସ୍କୃତିର ଲୋକପ୍ରିୟ ଉପାଦାନ ସମୂହ ଭସାମେଘ ପରି ଅଳ୍ପ ସମୟ ପାଇଁ ଆସନ୍ତି ପୁଣି ଅନ୍ତର୍ଦ୍ଧାନ ହୋଇଯାଆନ୍ତି । ଚକ୍ଟକ୍ଟମଙ୍କକ୍ଷଷ୍ପଙ୍କକ୍ବର ର ନାୟକ ନାୟିକା, ଚକ୍ଟକ୍ଟ ଗୀତ ଇତ୍ୟାଦି ଏହିପରି । ରକ୍ଟକ୍ଷଲ ରକ୍ଷର-ଙ୍କରଭଷ୍ପ ର ଚିରାୟତ ସୌନ୍ଦର୍ଯ୍ୟ ଓ ମହିମା ଚକ୍ଟକ୍ଟ ରକ୍ଷର-ଙ୍କରଭଷ୍ପ ବହନ କରେ ନାହିଁ ।

ସମ୍ପ୍ରତି ନାଟ୍ୟକାରଗଣ ଲୋକ ଉପାଦାନ ସହ ଲୋକପ୍ରିୟ ଉପାଦାନଗୁଡ଼ିକର ସଂଯୋଗ ଘଟାଇଛନ୍ତି ନାଟକକୁ ଗଣପ୍ରିୟ କରିବା ପାଇଁ । ଡ. ବିଜୟ କୁମାର ଶତପଥୀଙ୍କ ମତରେ ଓଡ଼ିଆ ନାଟ୍ୟକାରମାନେ ୧୯୭୦ ପରେ ନାଟକରେ ଲୋକ ଉପାଦାନର ପ୍ରୟୋଗକୁ ନେଇ ସକ୍ରିୟ ହୋଇଛନ୍ତି, ଯାହା ଫଳରେ ନାଟକଗୁଡ଼ିକରେ ଲୋକ ଉପାଦାନର ପ୍ରୟୋଗ ବ୍ୟବସ୍ଥିତ ଓ ମାର୍ଜିତ ଭାବରେ ହୋଇପାରିଛି । ମନୋରଞ୍ଜନ ଦାସଙ୍କ 'ଅମୃତସ୍ୟ ପୁତ୍ରଃ' ଓ 'କାଠଘୋଡ଼ା' ଏବଂ ରମେଶ ପାଣିଗ୍ରାହୀଙ୍କ ମହାକାବ୍ୟ ରୀତିରେ ଲିଖିତ 'ମହାନାଟକ' ଆଦିରେ ଲୋକ ନାଟକ ଶୈଳୀର ପ୍ରୟୋଗ ଓଡ଼ିଆ ନାଟ୍ୟଧାରାରେ ନୂତନତ୍ୱ ଆଣି ନାଟକଗୁଡ଼ିକୁ ଲୋକାର୍ଷକ କରିବାରେ ସମର୍ଥ ହୋଇପାରିଥିଲା । ପରବର୍ତ୍ତୀ ସମୟରେ ମନୋରଞ୍ଜନ ଦସଙ୍କ 'ନନ୍ଦିକା କେଶରୀ', ବିଜୟ ମିଶ୍ରଙ୍କର 'ଜଣେ ରାଜାଥିଲେ', ରତି ମିଶ୍ରଙ୍କ 'ଅତି ଆଚମ୍ବିତ କଥା', ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'କଲୁରିବେଣ୍ଟ' ଆଦି ଲୋକ ନାଟକର ଆଙ୍ଗିକରେ ଲିଖିତ ।

ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ପ୍ରସିଦ୍ଧ ସମ୍ବଲପୁରୀ ନାଟକ 'ଭୁଖା'ର ଅପୂର୍ବ ସଫଳତା ପରେ ଓଡ଼ିଶାର ନାଟ୍ୟକାରମାନେ ଲୋକଜୀବନ ତଥା ଲୋକମିଥ୍ ଆଧାରିତ ନାଟକମାନ ରଚନା କରିବାକୁ ମନସ୍ଥ ହେଉଛନ୍ତି । ସେହିପରି ମିଥକୁ ନେଇ କୁଞ୍ଜ ରାୟଙ୍କ 'କାଳାନ୍ତର', ରବିନ୍ଦ୍ରନାଥ ଦାସଙ୍କ 'ଯଯାତି ଯନ୍ତ୍ରଣା', ଆନନ୍ଦ ଚନ୍ଦ୍ର ପହିଙ୍କ 'ପ୍ରତୀକ୍ଷାରେ ପରୀକ୍ଷିତ' ଭଳି ଅନେକ ମିଥ୍ ଆଧାରିତ ନାଟକମାନ ରହିଅଛି କିନ୍ତୁ ସବୁ ନାଟକ ଲୋକମିଥ ଆଧାରିତ ନୁହେଁ ପ୍ରାୟତଃ ପୁରାଣ ଓ ଐତିହ୍ୟ ଉପରେ ଲିଖିତ ତେବେ ଏହାର ଉପସ୍ଥାପନାରେ ଲୋକଶୈଳୀକୁ ଅବଶ୍ୟ ସ୍ଥଳ ବିଶେଷରେ ଅନୁକରଣ କରାଯାଇଛି । ନାଟକରେ ସୂତ୍ରଧରର/ ବୀଣାକାର ଚରିତ୍ର ଜରିଆରେ ନାଟକର ବିଷୟବସ୍ତୁ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ସୁବିଧା ହେଉଛି ତଥା ଦର୍ଶକ ଏହାକୁ ଗ୍ରହଣ କରୁଛି ମଧ୍ୟ । ପରମେଶ୍ୱର ମୁଣ୍ଡଙ୍କ 'ମିଗନିନା', କେଶରଞ୍ଜନ ପ୍ରଧାନଙ୍କ 'ଗରାବନ୍ଧା' ଭଳି ସମ୍ପୂର୍ଣ୍ଣ ଭାବରେ ଲୋକମିଥ ଆଧାରିତ ନାଟକମାନ ଆଜି ଦର୍ଶକମାନଙ୍କୁ ନାଟକ ପ୍ରତି ଆକୃଷ୍ଟ କରିବାରେ ସକ୍ଷମ ହୋଇପାରିଛି ।

ଶିଷ୍ଟ ଲୋକଠାରୁ ସମ୍ପୂର୍ଣ୍ଣ ଭାବରେ ଅଲଗା ହୋଇପାରିବ ନାହିଁ । ଶିଷ୍ଟର ସୃଷ୍ଟିରେ ଲୋକର ପ୍ରଭାବ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଅବଶ୍ୟ ରହିବ । ତେବେ ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଲୋକ ଉପାଦାନର ପ୍ରୟୋଗ ଓ ଭୂମିକା ଅନସ୍ୱୀକାର୍ଯ୍ୟ । ଶିଷ୍ଟ ସାହିତ୍ୟରେ ଲୋକଉପାଦାନର ପ୍ରୟୋଗ ରହି ଆସିଛି ଓ ଭବିଷ୍ୟତରେ ରହିବ ମଧ୍ୟ ।

– ସମ୍ବଲପୁର

# ସମ୍ବଲପୁରୀ ଭାଷାର ବିକାଶଧାରା ନ ଗୀତ

● ଲକ୍ଷ୍ମୀନାରାୟଣ ପଣ୍ଡା

କାହାରି ଭି ବିକାଶ ଗୁଟେ ଦିଗେ ନାଇଁ ହଏ । ତାର ଚାରହି କୁତି ଫଏଲିସି । ନାଇଁ ହେଲେ ଏକପାଖିଆ ବିକାଶଟା ଗୁଟେ ହିସାବେ ବିକାଶ ନୁହେ । ଇ କଥାଟା ଗୁଟେ ଭାଷାର ବିକାଶ ଲାଗି ଭି ଲାଗୁ ହେବା । ଇଥିର ଗୁନୁ ବିକାଶର କଥା ଭାବଲା ବେଲକେ ଆମେ ପହେଲା ତାର କେନ କେନ ଦିଗେ ବିକାଶ ହେଇପାରବା ସେ କଥାକେ ଧିଆନ ଦେବାରକେ ପଡବା । ଇନ ମୁଇଁ ଯାହା ଲେଖୁଛେଁ ସେଟା ପୁରାପୁରି ମୋର ନିଜର ମତ ଆଏ । ଇ ଦିଗେ ମୁଇଁ କିଛି ଗବେଷଣା ନାଇଁ କରି । ଗିଆନ ଅଲପ । ସଭା ସମିତିନ ଇ ବିଷଏନେ ଗବେଷଣା କରିଥିବାର ଜ୍ଞାନି ଲୁକର ମତାମତ ଶୁନିକରି କି କିଛି ପଢିକରି ମୋର ମନକେ ଛିଇଁଥିବାର କଥାମାନେ କହୁଛେଁ । ଭୁଲ ଭଟକା ହେଇପାରେ ।

ଆମେ ଇନ ଖାଲି ଗୁଟେ ଭାଷାର ବିକାଶଧାରାକେ ନେଇକରି ଚର୍ଚ୍ଚା କରମା । ଦୁନିଆଁନ କେତେ ଭାଷା ଅଛେ ଯେ ତାର ସଠିକ ଗଣନା କରବାରଟା ମୁସ୍କିଲ ଆଏ । ମୁନୁଷ ଝନେନୁ ଦୁଇଝନ ହଇଗଲେ କଥା ବାରତା ହେବାରକେ ପଡବା ଆଉର ସେଥିରଲାଗି ଗୁଟେ ଭାଷା ଦରକାର । ଇଲାକା ଜାନିକରି ଭାଷା ଅଲଗ ଅଛେ । ଆମେ ଯଦି ଅନମାନ କରମା ବଏଲେ ସବୁ ଭାଷା ପହେଲା କଥିତ ଭାଷା ହଇକରି ଜନମ ହଇଥିବା । କଥିତ ଭାଷାଟା କହେବାର ଆଉର ଶୁନବାର ଲୋକ ପାଶେ ପାଶେ ନାଇଁ ହେଲେ ନାଇଁ ହଇପାରେ । ଧୁରେ ଥିବାର ଲୋକନିକେ ଖବରଟେ ଦେମି ବଏଲେ ଭାଷା କଥିତ ଥିଲା ବେଲକେ ନିଜେ ଯିବ ନାଇଁହେଲେ ଲୋକଟେ ହିଁ ପଠାବାରକେ ପଡବା । ସେଥିରଲାଗି ଭାଷାକେ ଲିଖିତ ଆକାର ଦେବାର ନିହାତି ଜରୁରି । ଆଉର କଥିତ ଭାଷା ଲିଖିତ ହେବାରକେ ହେଲେ ଗୁଟେ ଲିପି ଦରକାର । ଇସବୁ ଗତି ଧିରେ ଧିରେ ହଇଛେ ବଲି ଇତିହାସକାର ଆଉର ଗବେଷକମାନେ କହୁଛନ । କଥିତନୁ ଲିଖିତ ଭାଷା ହେବାରଟା ଗୁଟେ ଭାଷାର ପହେଲା ବିକାଶ ଯେନଟାକି ଗୁଟେ ମଞ୍ଜିନୁ ଗଛ ଆଁକରିଲା ବାଗିର କଥା । ଗଛଟେ ଆଁକରିଗଲେ ତାକେ ଟିକେ ଯତନ କରଲେ ବଢବାରକେ ଆଉର କିହେ ଅଟକେଇ ନାଇଁ ପାରନ । ହେଲେ ବିନା ଯତନରେ ସେ ଭି ବଢି ନାଇଁ ପାରେ କି ବଢଲେ ଯତଖତିଆ ବଢବା । ଗବେଷକମାନକର ହିସାବେ ଯତନର ଅଭାବନୁ ହେନ୍ତା କେତେ ଭାଷା ମରିଗଲେନ ଆଉର କେତେ ପୁଟପୁଟ କରୁଛନ, ବଏଲେ କଥିତନୁ ଲିଖିତ ହେଇ ନାଇଁ ପାରବାର । ଯାହାହେଉ ଆମେ ଭାଗ୍ୟବାନ ଆଉଁଯେ ଆମର ଭାଷା ଲିଖିତ ହେଇକରି ଦିନୁ ଦିନକେ ବୁରସାଲ ହେତେଲ ଯାଉଛେ । ହେଲେ ଲସଲସାଲା ଫସଲ ଭି ଖପିକରି ଖାରହେଇଯାଏସି ପୋକ ଲାଗିଗଲେ । ଯତନ ନାଇଁ କଲେ କେନସି ଭି ଦରବ ଠିକ ହିସାବେ ନାଇଁ ରହେ ।

କଥିତ ଭାଷାଟା ଲିଖିତ ଭାଷା ହେଲା ଉତାରୁ ବରଗଛ ମେତାର ତାର ଭାଉଁରେ ଡାଲ ପଏଁଖରା ମେଲେଇକରି ବଢସି । ଗିତ ଆଉର କଥାନି ପହେଲା ଦୁଇଟା ଡାଲ ହେଇଥିବା ମେତାର ଲାଗସି, କାଁ କରି ବଏଲେ ଇ ଦୁହିଟା କଥିତ ଭାଷାଥି ଭି ବନେ ଉଧେଇଥିସି । ଛୁଆ ଭୁରତାବାର ଲାଗି ଇ ଦୁହିଟା ପହେଲା ମୁଲ ହେଇଥିବା । ଇ ରକମର ଗୀତ ଆଉର କଥାନି ଛଡା ଟପା ଦାଏକା ଆଉର ଢଗ ଢମାଲି ଭି ଆମର ଭାଷାଥି ଜଜବଜ ଅଛେ । ଇ ସବୁ ଭି ଲିଖିତ ହେବାର ଆଘୁଁ ଚଲି ଆସୁଛେ । ତାର ଉତାରୁ ପ୍ରବନ୍ଧ, ଉପନ୍ୟାସ, କାବ୍ୟ, ମହାକାବ୍ୟ, କବିତା ଭାଷାକେ ଆଗକେ ନେଇକରି ଶାନ ମାନ ବଢେଇଛେ ।

ସାହିତ୍ୟର ଇ ସବୁ ବିଭାଗ ଭିତରେ କାବ୍ୟ, ମହାକାବ୍ୟ ଆଉର କବିତାର ଠାନ ଅଲଗା । ଇ ସବୁ ଲେଖା ଭିନ ଭିନ ଛନ୍ଦଥି ଲେଖା ହେଇକରି ଗାଏବାର ଲାଏକର ହେଇଥିସି । ଇତାର ମଞ୍ଚାଟା କେନସି ଗୁଟେ ସତକଥା କି କଥାନି ହେଇଥିସି । ଗୁଟେ ରକମେ

ଦେଖଲେ ଆମେ ପ୍ରବନ୍ଧ କି କଥାନିଟାକେ କାବ୍ୟ ହିସାବେ ଲେଖିପାରମା । ହେଲେ ଇଟା ଛନ୍ଦ ହିସାବେ ଲେଖା ହେଉଥିବାର ଲାଗି ଲେଖବାରଟା କଠିନ ଆଏ । ମାତରକ କାବ୍ୟ କବିତା ସୁନ୍ଦର ହେଇଥିଲେ ଲୁକର ମନକେ ଭେଦିକରି ଅଲଗ ଛାପଟେ ଛାଡିଯାଏସି । ଭଲ ଭାବେ ବିଚାର କରମା ବଏଲେ ଇସବୁ ହେଉଛେ ଗୁଟେ ଭାଷାର ଅଲଙ୍କାର । ଇ ଅଲଙ୍କାର ଭିତରେ ଫେର ହିରା ବାଗିର ଝଁକୁଥିସି ଗିତ ଆଉର ଗୀତିକବିତା ।

ଗୀତିକବିତାଟା ଆକାରରେ ଛୋଟ ଆଏ ହେଲେ ଅମୃତ ଥିପେ ଲେଖେଁଟା । ଠାନ ଜାନିକରି ମନ, ଚଏତନ, ବିବେକକେ ନୁଆଁ ଜୀବନଟେ ଦେସି । ବହୁତ ଲୁକର ବଏସିରାଯେ କାମବୁତା କରିକରି ଅଥାବିଥା ହଇ ଥାକଲା ବେଲକେ ମନ ପସନ୍ଦର ଗୀତଟେ ଶୁନଲେ ଉରଘା ବଥା କେନଆଡେ ପଲେଇ ଯାଏସି । ବହୁତ ଲୋକ ଦୁଖର ସମିଆକେ ମନକେ ଥାବେ ରଖବାର ଲାଗି ଗୀତ ଶୁନସନ । ମଉଜ ମଜଲିସ ସମିଆର କଥାତ ନାଇଁ କହନ, ଗିତଟେ ବାଜିଗଲେ ଉଷତ ଦୁଇଗୁନା ହେଇଯାଏସି । ନାଚ ଭି ବାଜନା ସଙ୍ଗେ ଯଦି ଗୀତଟେ ମିଶିଯିବା ବଏଲେ ତାର ଭାଉ କେତନିଟେ ବଢିଯାଏସି । ଏନ୍ତା କେତେଟେ କଥା ଅଛେ ଯେନୁ ଆମେ ଜାନି ପାରସୁଁ ଯେ ଗୀତଟେ ସୁରୁ ହେଲେ ଭି ତାର ତାକତ କେତନିଟେ ।

ଗୀତିକବିତାଟା ଭାଷା ସାହିତ୍ୟର ବାଏରନ ଗୁଟେ ଲୁଭଲୁଭନିଆ ସୁନ୍ଦର ଫୁଲ ଯାର ମହକ ଲୁକର ମନକେ ମୁହିନେସି । ଗୁଟେ ଫୁଲର ଯଦି ମହକ ଅଛେ ବଏଲେ ତାର ନାଆଁ କି ରଙ୍ଗ ନାଇଁ ଜାନଲା ଲୋକ ଭି ପସନ୍ଦ କରସନ । ସେ ରକମର ସୁନ୍ଦର ତାଲ ମାନ ସୁରରେ ଯଦି ଗୀତିକବିତାଟେ ଝନେ ଗାଉଛେ ବଏଲେ ତାର ଭାଷାକେ ନାଇଁ ବୁଝଲା ଲୁକର ଭି ମନକେ ଛୁଇଁ ପାରସି । ଇ କଥାକେ ସତ ବଲିକରି ଯତେଇ ଦେଉଛେ ଆମର ସମ୍ବଲପୁରୀ ଭାଷାର "ରଙ୍ଗବତୀ" ଗୀତ । ସାରା ଦୁନିଆଁ ଖେପି ଆଏଲାନ ବଏଲେ ଚଲବା । ଗୀତିକବିତାର ଭାବଟା ଭାଷା ନାଇଁ ବୁଝଲା ଲୋକ ବୁଝି ପାରସନ ଯେତେବେଲେ ସେ ଗୀତ ଅନସାରେ ନାଚୁଥିବାର ଲୋକର ହାତ ଗୋଡ ଆଏଁଖ କଥା କହେସନ । ଗୀତ ଆଉର ନାଚ ଏକାକାର ହଇଗଲେ ନୂଆଁ ଭାଷାଟେ ବାହରସି, ଭାବର ଭାଷା ଯେନଟା ଇ କଥିତ ଆଉର ଲିଖିତ ଭାଷାର ବହୁତ ଉପରେ । ସେ ଭୁଗୋଲର ସିମା କି ଇତିହାସର ଜାଏତ ଧରମ କିଛି ନାଇଁ ମାନଏ । ଯେନକେ ଗଲେ ଭି ଦୁଲକେଇ ଦେସି ମଚାନ, କୁତକୁତେଇ କରି ହଁସେଇ ନଚେଇ ଦହଲେଇ ଦେସି ଲୁକକର ତନ ଆଉର ମନ ।

ବନିହାଁ ଦିନ ତଲର କଥା, ସମ୍ବଲପୁର ପାନ୍ଥ ନିବାସନ ଓଡିଶା ସାହିତ୍ୟ ଏକାଡେମୀ ତରଫନୁ ଗୀତିକବିତା ଉପରେ ଗୁଟେ ଆଲୋଚନା ଚକ୍ର ହଇଥିଲା । ଗୀତିକବିମାନକର ସଙ୍ଗେ ବନିହାନ ଜ୍ଞାନି ସିଆନ ସୁଜନ ଠୋଲ ହଇଥିଲେ । ସେନ ଝନେ ନାଁକରା ଲେଖକ କହେଲେ ଯେ ସେ କଥାନି, ପ୍ରବନ୍ଧ, କାବ୍ୟ, କବିତା ସବୁ ଲେଖିପାରଲେ ହେଲେ ଗୀତିକବିତାଟେ ଲେଖି ନାଇଁ ପାରଲେ । କଥାଟା ମୋର ବାଗିର କେତେ ଲୁକକୁଁ ଅଜବ ଲାଗଲା । ଆମର ମୁହେଁ ଫଟିକ ଦିଶଲା ଆଶରିଯ ଭାବ । ସିଆନ ଝନକ ମୁଲକି ହଁସିଟେ ମାରିକରି କହେଲେ – ଗୀତିକବିତା ସିନେ ସାନଟେ ହେଲେ ତାକେ ଲେଖବାର କାମଟା ବଡେଟେ । ବୁତଲ ଭିତରେ ଗୁଟେ ବ୍ରହ୍ମ ରାକ୍ଷସକେ ଭରଲା ମେତାରଟା । ଗୀତିକବିତାର ଗଠନକେ ଦେଖମା ବଏଲେ ପହେଲା ପଦଟେ ଘୋଷା ରହେବା ତାର ଉତାରୁ ଦୁଇ ପଦ କି ତିନ ପଦ ଅନ୍ତରା ରହେବା । ବେଶି ସେ ବେଶି ହେଲେ କୁଡେ ପଚିଶ ଧାଡି ହେବା । ଘୋଷା ଆଉର ଅନ୍ତରାର ଶେଷ ଧାଡି ଆଉର ଶେଷ ଶବଦ ମେଲ ଖାଉଥିବାର କଥା । ଶବଦମାନେ ସରଲ ତରଲ ହଇକରି ପାଏନ ବାଗିର ବୁହି ଯାଉଥିବାର କଥା ତାଲ ମାନର ନିତି ନିଅମ ମାନିକରି । ଇଟା ତ ହେଲା ଲେଖା ଆଉର ଶବଦର ବନ୍ଧନ ହେଲେ ଅସଲ କାମ ହେଲା ସେ ସୀମା ଭିତରେ ଭାବ ସରସର ଭାବନାଟେ ଫୁଟେଇ ପାରବାର କଥା । ସେ ଭାବନାଟା ସମାଜକେ ବନଏ ବାରତାଟେ ଦେବାର ଚାହି । ସୋର ସୁତର ଭାଷା ଆଉର ଭାବର ଠିକ ମେଲନ ମିଶନ ନାଇଁ ହେଲେ ଗୀତିକବିତାଟେ ଶୁନଲା ଲୋକର ହୁରୁଦକେ ଛୁଇଁ ନାଇଁ ପାରେ । ଆଲମାଲ ଥରେ ହୁରୁଦକେ ଛୁଇଁଦେଲା ବଏଲେ ସେନ ସବୁଦିନର ଲାଗି ଘରକରି ରହିଯାଏସି ।

ସବୁ ଦିଗକେ ଦେଖଲା ବେଲକେ ଲାଗସି ଯେ ଛୁଆ ଭୁରତା, ଛୁଆଖେଲାନୁ ଆମର ସଂସ୍କୃତି ପରମ୍ପରା ସବୁକେ ଆବରି ଧରିଛେ ଆମର ଗୀତିକବିତା । ରେଡିଓ, ଦୂରଦର୍ଶନ ଆଉର ଏଭେଁ ଇ ମୋବାଇଲ ଗୀତିକବିତାର ପ୍ରଚାର ପ୍ରସାରକେ ପବନ ଲେଖେଁ ପୁରଥିର କୁନା କୁନାକେ ପହଁଚେଇ ଦେଇଛେ । ଗୀତିକବିତାକେ ଆମର ଭାଷା ସାହିତ୍ୟର ହୁରୁଦ ଆଉର ସଂସ୍କୃତି ପରମ୍ପରାର ଡେନା କହେଲେ କିଛି ଅଏତକା ନାଇଁ ହଏ । ଆସ ସଭେ ମିଶି ଇ ଗୀତିକବିତାର ସୁର ତାଲ ମାନ, ଗୁନ, ଭାବ, ଭାଷାକେ ଉଁଚା ଦରଜାର କରି ଆମର ସଂସ୍କୃତି ଆଉର ପରମ୍ପରାର ଟେକ ରଖମା ।

- ସ୍ୱୀକୃତିପ୍ରାପ୍ତ ଗୀତିକାର, ଆକାଶବାଣୀ
ମୋ- ୯୯୩୭୪ ୮୭୨୮୪

# ଲୋକ ସଂସ୍କୃତି, ଲୋକ ସାହିତ୍ୟର ଶାବ୍ଦିକ ବିଚାର

● ଡ. ସ୍ୱୟଂ ପ୍ରକାଶ ପଣ୍ଡା

ପ୍ରବନ୍ଧଟିର ଶିର୍ଷକ ଦେଖିଲା ବା ପଢିଲା ମାତ୍ରକେ ଅନେକ ଛାତ୍ର, ଗବେଷକ, ବିଦ୍ୱାନ, ପାଠକଙ୍କ ମନରେ ଭିନ୍ନ ଭିନ୍ନ ପ୍ରକାରର ସଂଶୟ ଆସିପାରେ । କିନ୍ତୁ ଲୋକସଂସ୍କୃତି, ଲୋକସାହିତ୍ୟ ଏବଂ ଆମେ ତାକୁ କିଭଳି ବିଚାର କରୁ ସେ ବିଷୟ ଉପରେ ହିଁ ଆଲୋକପାତ କରାଯାଇଅଛି । ବିଷୟବସ୍ତୁ ଆଲୋଚନା ପୂର୍ବରୁ ଆମେ ଜାଣିରଖିବା ଉଚିତ୍ ଯେ ପ୍ରକୃତରେ ଲୋକସଂସ୍କୃତି ଏକ ବିରାଡ ବିଷୟ ଏବଂ ଲୋକସଂସ୍କୃତି ଯଦି ଅଂଗୀ ହୁଏ ଲୋକସାହିତ୍ୟ ହେଲା ତାର ଗୋଟିଏ ବିଶେଷ ଅଂଗ । ତେଣୁ ଉପରୋକ୍ତ ଶୀର୍ଷକର ପ୍ରତ୍ୟେକଟି ଶବ୍ଦର ଶାବ୍ଦିକ ବିଚାର ସହ ଲୋକ ଏବଂ ଲୋକମାନସର ବିଶେଷତ୍ୱ ମଧ୍ୟ ଆଲୋଚନା କରାଯାଇପାରେ । କାରଣ ଏହି ପ୍ରତ୍ୟେକଟି ଶବ୍ଦ ପ୍ରତ୍ୟେକେ ସମସ୍ତଙ୍କ ସଙ୍ଗେ ଓତଃପ୍ରୋତ ଭାବେ ଜଡିତ । ଆବଶ୍ୟକସ୍ଥଳେ ଲୋକସଂସ୍କୃତି ଏବଂ ଲୋକସାହିତ୍ୟର ଆଲୋଚନା ପ୍ରସଂଗରେ ପଶ୍ଚିମ ଓଡିଶାରେ ପାଳିତ ଓଷା, ବ୍ରତ ଇତ୍ୟାଦି ତଥା ଲୋକସାହିତ୍ୟରେ ବ୍ୟବହୃତ ବିଭିନ୍ନ ଦୃଷ୍ଟାନ୍ତକୁ ସଂକ୍ଷେପରେ ଉଦାହୃତ ହୋଇଛି ।

ଲୋକସଂସ୍କୃତି, ଲୋକସାହିତ୍ୟ ଉଭୟ ଶବ୍ଦରେ ଲୋକ ଶବ୍ଦର ପ୍ରୟୋଗ ହୋଇଛି । ତେଣୁ ଲୋକସଂସ୍କୃତି, ଲୋକସାହିତ୍ୟ ଆଲୋଚନା ପୂର୍ବରୁ ଲୋକ ଶବ୍ଦର ଆଲୋଚନା ନିହାତି ଆବଶ୍ୟକ । ପ୍ରକୃତରେ ଆମେ ଲୋକ କାହାକୁ କହିପାରିବା, ଏହା ଏକ ବଡ ପ୍ରଶ୍ନ । ଅନେକେ ଯୁକ୍ତି କରନ୍ତି ଯେ, ସର୍ବସାଧାରଣଙ୍କୁ ଲୋକ କୁହାଯିବ । ପୁଣି ସାଧାରଣ ଜନତା ଭିତରେ ଶିକ୍ଷିତ ଅଶିକ୍ଷିତ, ସଂସ୍କୃତ ଅସଂସ୍କୃତ, ଧନୀ ଦରିଦ୍ର, ଆଦିମ, ବର୍ବର, ସଭ୍ୟ-ଅସଭ୍ୟ ସବୁ ଲୋକ ଅର୍ନ୍ତଭୁକ୍ତ । ତେବେ ଏମାନଙ୍କ ମଧ୍ୟରୁ କାହାର ସଂସ୍କୃତି ଓ ସାହିତ୍ୟକୁ ଆମେ ଲୋକସଂସ୍କୃତି ବା ଲୋକସାହିତ୍ୟ କହିବା ? ଆମ ଦେଶର ସର୍ବୋଚ୍ଚ ଶାସନ ସଂସ୍ଥା ପାର୍ଲାମେଣ୍ଟର ନିମ୍ନସଭାକୁ ଆମେ ଲୋକସଭା କହୁଛୁ । ଏହା ଆମର ବିଷୟ ଆଧାରିତ ଲୋକ ଶବ୍ଦ ଭିତ୍ତିକ କି ? ଲୋକ ବା ସାଧାରଣ ଜନତା, ତାର ସଂସ୍କୃତି, ସାହିତ୍ୟ, ଧର୍ମ, ଆଚାର ବିଚାର, ଚାଲିଚଳନ, ରୀତିନୀତି ସହିତ ଜଡିତ ।

ଲୋକ ଶବ୍ଦ ଅତ୍ୟନ୍ତ ପ୍ରାଚୀନ ଅଟେ । ସଂସ୍କୃତରେ ଲୋକ୍ ଦର୍ଶନ ଧାତୁରେ ଘଞ ପ୍ରତ୍ୟୟ ଯୁକ୍ତ ହୋଇ ଲୋକ ଶବ୍ଦ ନିଷ୍ପନ୍ନ ହୋଇଛି । ଏହି ଧାତୁର ଅର୍ଥ ଦେଖିବା ଯାହାର ଲଟଲକାର ଅନ୍ୟପୁରୁଷ ଏକ ବଚନର ରୂପ ହେଲା ଲୋକତେ । ତେଣୁ ଲୋକ ଶବ୍ଦର ଅର୍ଥ ହେଲା ଦେଖିବା ଲୋକ ବା ଯିଏ ଦେଖିପାରେ । ଯେତେବେଳେ ସମଗ୍ର ଜନସମୁଦାୟ ସେହି କାର୍ଯ୍ୟକୁ କରେ, ସେ ସମୟରେ ସେ ଲୋକ ପାଲଟିଯାଏ । ଋକବେଦରେ ଲୋକ ବଦଳରେ ଜନର ପ୍ରୟୋଗ ମଧ୍ୟ ଦେଖିବାକୁ ମିଳିଥାଏ । ଭଗବତ ଗୀତାରେ ମଧ୍ୟ ଲୋକ ତଥା ଲୋକସଂଗ୍ରହ ଆଦି ଅନେକ ଶବ୍ଦର ପ୍ରୟୋଗ ବିଭିନ୍ନ ସ୍ଥାନରେ କରାଯାଇଛି । ଭଗବାନ ଶ୍ରୀକୃଷ୍ଣ ଲୋକସଂଗ୍ରହ ପ୍ରତି ବିଶେଷ ଗୁରୁତ୍ୱ ଦେଇଛନ୍ତି ।

କର୍ମଣୈବ ହି ସଂସିଦ୍ଧି, ମାସ୍ଥିତା ଜନକାଦୟଃ,
ଲୋକସଂଗ୍ରହେମବାପି, ସଂ - ପଶ୍ୟନ କର୍ତ୍ତୁମର୍ହସି ।
(ଶ୍ରୀମଦ୍ ଭଗବତ୍ ଗୀତା, ତୃତୀୟ ଅଧ୍ୟାୟ, ଶ୍ଳୋକ – ୨୦)

ଏଠାରେ କହିବାର କୌଣସି ପ୍ରୟୋଜନତା ନାହିଁ ଯେ ଲୋକସଂଗ୍ରହର ଅର୍ଥ ସାଧାରଣ ଜନତାର ଆଚରଣ, ବ୍ୟବହାର ତଥା ଆଦର୍ଶ ଅଟେ । ଲୋକଶବ୍ଦଟି ଅତ୍ୟନ୍ତ ପ୍ରାଚୀନ, ବ୍ୟାପକ ଓ ପ୍ରଧାନତଃ ସର୍ବସାଧାରଣ ଜନତା ବୋଲି ବୁଝିଥାଉଁ । ନିଘଞ୍ଚ

ଅରଣ୍ୟାନି ଭିତରେ ତଥା ଗାଁ ଗଣ୍ଡାରେବସବାସ କରୁଥିବା ବିଭିନ୍ନ ଆଦିବାସୀ ଜନଜାତି ପ୍ରଭୃତିଙ୍କଠାରୁ ଆରମ୍ଭ କରି ପଲ୍ଲୀ ତଥା ନଗରର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଓ ଶିକ୍ଷିତ ଜନତାଙ୍କୁ ମଧ୍ୟ ଏହାର ଅର୍ନ୍ତଭୂକ୍ତ କରାଯାଇପାରେ । ଏମାନଙ୍କର ରୀତିନୀତି, ଚାଲିଚଳନ, ଆଚାର ବିଚାର, ଧର୍ମ, ସଂସ୍କାର, ବିଶ୍ୱାସ ପ୍ରଭୃତିକୁ ସାମଗ୍ରିକ ଭାବରେ ଲୋକସଂସ୍କୃତି କୁହାଯାଇପାରେ । ଯେଉଁ ବ୍ୟକ୍ତି ବା ଗୋଷ୍ଠୀରେ ଲୋକମାନସର ମାତ୍ରା ଅଧିକ, ଯେଉଁମାନଙ୍କର ଜୀବନଧାରଣ ପ୍ରଣାଳୀ ଲୋକମାନସଦ୍ୱାରା ଅଧିକତଃ ପରିଚାଳିତ ବା ନିୟନ୍ତ୍ରିତ ସେମାନଙ୍କୁ ଲୋକ କହିଲେ ଅଧିକ ଯୁକ୍ତିଯୁକ୍ତ ମନେ କରାଯାଏ । ଯେଉଁ ବ୍ୟକ୍ତି ପାଖରେ ଲୋକମାନସର ସ୍ୱରୂପ ତଥା ପ୍ରଭାବ ଯେତେ ବେଶି ପରିମାଣରେ ଅନୁଭୂତ ହୋଇଥାଏ ସେହି ବ୍ୟକ୍ତି ପାଖରେ ଏହି ଲୋକମାନସ ବିଶେଷ ଭାବରେ ବିଦ୍ୟମାନ ଓ ସମାଜର ରୀତି, ନୀତି, ସଂସ୍କୃତି, ପରଂପରାକୁ ଜାବୁଡି ଧରି ବସିଥାନ୍ତି, ଅପରିବର୍ତ୍ତନୀୟ ଚାଲିଚଳନକୁ ମାନି ଚଳୁଥାନ୍ତି, ଅବୈଜ୍ଞାନିକ ଦୃଷ୍ଟିକୋଣରୁ ସବୁକୁ ବିଚାର କରିଥାନ୍ତି, ଆମେ ସେମାନଙ୍କୁ ଲୋକ ବୋଲି କହିପାରିବା ।

ଲୋକ ଶବ୍ଦର ଯୌକ୍ତିକ ଶାବ୍ଦିକ ବିଚାର ଆଲୋଚନା ପରେ ଲୋକସଂସ୍କୃତିର କଥାକୁ ବିଚାରକୁ ନିଆଯାଇପାରେ । ଲୋକର ସଂସ୍କୃତିକୁ ଲୋକସଂସ୍କୃତି ବୋଲି କୁହାଯାଇପାରେ । ଲୋକ ବା ସର୍ବସଧାରଣ ଜନତାର ରୀତି-ନୀତି, ଚାଲିଚଳନ, ଅନ୍ଧବିଶ୍ୱାସ ବା ବିଶ୍ୱାସ, ପ୍ରଥା, ପରମ୍ପରା, ଧର୍ମ, ଓଷା, ବ୍ରତ ଇତ୍ୟାଦିକୁ ସଂସ୍କୃତି ବୋଲି ବିଚର କରାଯାଇପାରେ । ବିଦ୍ୱାନମାନେ ନିଜ ନିଜର ବୁଦ୍ଧିର ପ୍ରୟୋଗ କରି ଲୋକସଂସ୍କୃତିର ବିଭିନ୍ନ ପର୍ଯ୍ୟାୟବାଚୀ ଶବ୍ଦର ପ୍ରୟୋଗ ମଧ୍ୟ କରିଛନ୍ତି । କେବଳ ଯେ ପର୍ଯ୍ୟାୟବାଚୀ ଶବ୍ଦର ପ୍ରୟୋଗ କରିଦେଇଛନ୍ତି, ତା ନୁହେଁ ବରଂ ଅନେକ ସମୟରେ ସେହି ଶବ୍ଦର ଯୌକ୍ତିକତାକୁ ବଳିଷ୍ଠ କରିବା ପାଇଁ ବିଭିନ୍ନ ସଂଜ୍ଞା ବା ପ୍ରମାଣ ମଧ୍ୟ ଦେଇଛନ୍ତି । ଯେମିତି ଲୋକସଂସ୍କୃତିର ଅନ୍ୟାନ୍ୟ ପର୍ଯ୍ୟାୟବାଚୀ ଶବ୍ଦଗୁଡିକ ହେଲା – ଲୋକବାର୍ତ୍ତା, ଲୋକତତ୍ତ୍ୱ, ଲୋକବିଦ୍ୟା, ଲୋକାୟନ, ଲୋକବିଜ୍ଞାନ, ଲୋକବୃତ୍ତ, ଲୋକଶ୍ରୁତି, ଗ୍ରାମସାହିତ୍ୟ, ଲୋକଚର୍ଯ୍ୟା, ଲୋକବାଙ୍ମୟ, ଲୋକଲୋର, ଲୋକକୃତି, ଲୋକଚାରଣ, ଲୋକଯାତ୍ରା, ଲୋକଧାରା ଇତ୍ୟାଦି । ଇଂରାଜୀରେ ଏହାକୁ ପୁଣି ? ? ବୋଲି କୁହାଯାଏ । ତେଣୁ ଏତେଗୁଡିଏ ପର୍ଯାୟବାଚୀ ଶବ୍ଦର ପ୍ରକୃତ ତଥ୍ୟଗତ ପ୍ରାମାଣିକତାର କଥାକୁ ବିଶେଷ ବିଚାର ନ କରି ଆମେ ପୂର୍ବରୁ ଆଲୋଚନା କରାଯାଇଥିବା ଲୋକର ଚାଲିଚଳନ, ରୀତିନୀତି, ପରମ୍ପରା ଇତ୍ୟାଦିକୁ ଲୋକର ସଂସ୍କୃତି କିମ୍ବା ଗୋଟିଏ ଶବ୍ଦରେ ଲୋକସଂସ୍କୃତି ବୋଲି ଧରିନିଆଯାଇପାରେ ।

ଲୋକସଂସ୍କୃତିକୁ ବୁଝିବାକୁ ଗଲେ ସାଧାରଣଜନତାର ବା ଲୋକର ରୀତି-ନୀତି, ଚାଲିଚଳନ, ପ୍ରଥା, ପରମ୍ପରା, ଅନ୍ଧବିଶ୍ୱାସ ବା ବିଶ୍ୱାସକୁ ଆମକୁ ଭଲ ଭାବରେ ଅନୁଧ୍ୟାନ କରିବାକୁ ପଡିବ ଏବଂ ଏ ସବୁର ମୂଳ ଉତ୍ସ ହେଲା ଲୋକମାନଓ । ଲୋକମାନଓ ହେଲା କେନ୍ଦ୍ରବିନ୍ଦୁ । ଲୋକର ଯେଉଁ କାର୍ଯ୍ୟରୁ ତଥା ବ୍ୟବହାରରୁ ସ୍ୱୀୟ ଲୋକମାନସର ଐତିହାସିକ ଅଭିବ୍ୟକ୍ତି ସୂଚିତ ହୁଏ, ତାହାହିଁ ନିର୍ଦ୍ଦିଷ୍ଟ ଭାବରେ ଲୋକସଂସ୍କୃତି । ସଭ୍ୟତାର ଉନ୍ନତି, ଜାତିର ଅଗ୍ରଗତି ଭିତରେ ଲୋକମାନଓ ସାଧାରଣତଃ ତିନିଗୋଟି ସ୍ତରରେ ବଞ୍ଚିରହେ । ଯଥା ; ପ୍ରଥମ – ଲୋକମାନସ, ଦ୍ୱିତୀୟ – ଜନମାନଓ ଓ ତୃତୀୟ – ମୁନିମାନସ । ଆଜିର ବୈଜ୍ଞାନିକ ଯୁଗରେ, ସଭ୍ୟତାର ଅଗ୍ରଗତିରେ ସଭୟ ସମାଜର ସ୍ୱରୂପରେ ଏହି ଲୋକମାନସକୁ ନିଜ ସ୍ତରରେ ଗ୍ରହଣ କରିଥାନ୍ତି ।ତେଣୁ ଲୋକସଂସ୍କୃତିର ପ୍ରତ୍ୟେକଟି ଅଂଗ ପ୍ରତ୍ୟଂଗ ଲୋକମାନସର ଅଧିକୃତ । କେତେକ ବିଦ୍ୱାନ ଲୋକମାନସକୁ କେବଳ ଚେନତମାନସ ବୋଲି ସ୍ୱୀକାର କରୁଥିବାବେଳେ ଅନ୍ୟ କେତେକ ବିଦ୍ୱାନ ଏହାକୁ ଅବଚେତନ ମାନସର ବିଷୟବସ୍ତୁ ବୋଲି ମଧ୍ୟ ସ୍ୱୀକାର କରିଅଛନ୍ତି । କାରଣ ଲୋକସଂସ୍କୃତିର ପ୍ରତ୍ୟେକଟି ବିଷୟ ଚେତନ ସ୍ତରରେ ଯେତେବେଶି ଦୃଢ ସେ ତାର ଅବଚେତନ ସ୍ତରରେ ମଧ୍ୟ ସେତିକି ଦୃଢ ।

ଆଜିର ଆଧୁନିକ ମନୁଷ୍ୟ ଭିତରେ ଯେତେବେଳେ ସେହି ଆଦିମ ମାନବର ପ୍ରବୃତ୍ତି ଦେଖିବାକୁ ମିଳେ, ଆମେ ସେଠାରେ ଲୋକମାନସର ଉପସ୍ଥିତି ବୋଲି ଗ୍ରହଣ କରିନେଉ । ଲୋକମାନସ ହେଉଛି ସାଧାରଣ ମାନବ-ମାନସର ଏକ ଅଂଶ ଓ ଅଂଗ । ଲୋକମାନସର ପ୍ରତ୍ୟକ୍ଷୀକରଣ କୌଣସି ବ୍ୟକ୍ତିଦ୍ୱାରା ହୁଏ ନାହିଁ । ବ୍ୟକ୍ତି ପାଖରେ ବିଦ୍ୟମାନ ଆଇ ସୁଦ୍ଧା ମନୋବୈଜ୍ଞାନିକ ଏହି ମାନସକୁ ଅଭିବ୍ୟକ୍ତିର ମାଧ୍ୟମରେ ହିଁ ଖୋଜି ପାଇଥାନ୍ତି । ଲୋକମାନସ ମଣିଷ ପାଖରେ କିପରି କାର୍ଯ୍ୟକରେ ତାହା ଏକ ଉଦାହରଣ ମାଧ୍ୟମରେ ଆଲୋଚନା

କରିପାରିବା, ଯଥା – ଜଣେ ବୈଜ୍ଞାନିକ ନିଜର ଶ୍ରେଣୀ କକ୍ଷରେ ବୈଜ୍ଞାନିକ ଚିନ୍ତାଧାରାରେ ବିଚାର ଆଲୋଚନା କରିବା ଗୋଟିଏ ମାନସିକତା ଏବଂ ଘରକୁ ଫେରିଲା ପରେ ପୁଅର ସ୍ୱାସ୍ଥ୍ୟ ରକ୍ଷା ବା ଦୀର୍ଘ ଜୀବନ ପାଇଁ ମାଁ କାଳୀଙ୍କଠାରେ କୁକୁଡା ଯାଚିବା କିମ୍ବା ଶିବ ମନ୍ଦିରରେ ଅଭିଷେକ କରାଇବା ଅନ୍ୟ ଏକ ମାନସିକତା । ବ୍ୟକ୍ତି ଜଣେ କିନ୍ତୁ ମାନସିକତା ଦୁଇ ପ୍ରକାରର । ପ୍ରଥମଟି ଶିଷ୍ଟ ମାନସିକତା ଓ ଅପରଟି ଲୋକମାନସଗତ ଅଭିବ୍ୟକ୍ତି । ଲେକମାନସ ପ୍ରକୃତରେଆମର ପ୍ରବୃତ୍ତିଗୁଡିକର ମୂଳରେ ଥାଏ ଏବଂ ଯାହାଦ୍ୱାରା ଆମର ପରଂପରାର ଆରମ୍ଭ ତଥା ଏହି ପରଂପରା ମଧ୍ୟ ଲୋକମାନସର ଅବିଭାଜ୍ୟ ଅଂଗ । ଲୋକମାନସର ସମ୍ବନ୍ଧ ପୁଣି ଯେଉଁ ଲୂଳ ପ୍ରବୃତ୍ତି ସହ ଅଛି ତାହା ମୁଖ୍ୟତଃ ଦୁଇ ପ୍ରକାରର ; ଯଥା - ଆଶ୍ଚର୍ଯ୍ୟ ଏବଂ ଭୟ । ପ୍ରକୃତରେ ଲୋକମାନସ ସହିତ ଲୋକ ଅଙ୍ଗାଙ୍ଗୀ ଭାବେ ଜଡିତ । ପୁଣି ଲୋକ ତାର ସଂସ୍କୃତି, ପରଂପରା ଇତ୍ୟାଦି ସହିତ ଜଡିତ । ତେଣୁ ଲୋକମାନସକୁ ଠିକ୍ ଭାବରେ ବୁଝିପାରିଲେ ଲୋକ ଏବଂ ଲୋକସଂସ୍କୃତିକୁ ମଧ୍ୟ ସଂପୂର୍ଣ୍ଣ ଭାବରେ ଜାଣିହେବ । ଲୋକସଂସ୍କୃତି କୌଣସି ଦେଶର ସଭ୍ୟତାର ଦର୍ପଣ ଅଟେ । ଏହାଦ୍ୱାରା ଲୋକମାନଙ୍କର ମନ ତଥା ଆତ୍ମା ଉଭୟକୁ ଜାଣିହୁଏ ।

ଲୋକସଂସ୍କୃତିର ଉପାଦାନଗୁଡିକ ହେଲା – ଓଷା, ବ୍ରତ, ଆଚାର, ବ୍ୟବହାର, ଲୋକକ୍ରୀଡା, ଲୋକବାଦ୍ୟ, ଲୋକନୃତ୍ୟ, ଲୋକକଳା ତଥା ଲୋକସାହତ୍ୟ । ଲୋକସଂସ୍କୃତି ମଣିଷ ସମାଜ ଭିତରେ ମଣିଷର ମାନସିକତାକୁ ନେଇ ଯାଦୁବିଦ୍ୟା, ସମ୍ମୋହନ, ବଶିକରଣ, ହାତରେ ତାବିଜ ପରଧାନ କରିବା, ଭାଗ୍ୟ, ଶୁଭ ସମୟ, ଅଶୁଭ ସମୟ ଇତ୍ୟାଦି ମାଧ୍ୟମରେ ବଞ୍ଚିରହେ ।ଏଠାରେ ଆଲୋଚନାକ୍ରମେ ପଶ୍ଚିମ ଓଡିଶାରେ ପାଳିତ ହେଉଥିବା ଓଷା, ବ୍ରତାଦିର ଉଦାହରଣ ନିଆଯାଇପାରେ । ଯଥା – ଡାଲଖାଇ ଓଷା, କଲାସୀ ଓଷା, ଭାଇ ଜିଉଁତିଆ, ପୁଓ ଜିଉଁତିଆ, ପୁଓ ଜିଉଁତିଆ, କରମା, ନୂଆଖାଇ, ପୁଷପୁନି, ବଏଲଯାତ୍ରା, କାଦୋଯାତ୍ରା ଇତ୍ୟାଦି । ଅନ୍ୟାନ୍ୟ ପର୍ବପର୍ବାଣୀ, ଓଷା, ବ୍ରତାଦିର ବିଷୟ ଏଠାରେ ଆଲୋଚନା ନକରି ନୂଆଖାଇ ପର୍ବକୁ ଉଦାହରଣସ୍ୱରୂପ ବିଚାରକୁ ନିଆଯାଇପାରେ । ନୂଆଖାଇ ପଶ୍ଚିମ ଓଡିଶାର ଗଣପର୍ବ ବା ଲୋକପର୍ବ । ଏଠାକାର ସ୍ଥାନୀୟ ବାସିନ୍ଦା ସମସ୍ତ ଦୁଃଖ, ମନୋମାଳିନ୍ୟ, ଭେଦଭାବକୁ ପରିତ୍ୟାଗ କରି ଏକାସାଂଗରେ ଗୋଟିଏ ସମାନ ନିୟମକୁ ମାନି ଗୋଟିଏ ପରିବାରର ବିଚାରକରି ପାଳନ କରିଥାନ୍ତି । ନାବାନ୍ନ ଭକ୍ଷଣ ପଶ୍ଚିମ ଓଡିଶାର କାହିଁକି ଓଡିଶାରେ ତଥା ଭାରତ ବର୍ଷର ବିଭିନ୍ନ ସ୍ଥାନରେ ଏବଂ ଭାରତ ବାହାରେ ମଧ୍ୟ ପାଳନ କରାଯାଏ । କିନ୍ତୁ ପଶ୍ଚିମ ଓଡିଶାରେ ତାର ବିଶେଷତ୍ୱ ତଥା ସ୍ୱତନ୍ତ୍ରତା କଣ ? ପ୍ରକୃତରେ ବିଧି ଅନୁଯାୟୀ ପଶ୍ଚିମ ଓଡିଶାର ନୂଆଖାଇ ଭାଦ୍ରବ ଶୁକ୍ଳ ପକ୍ଷ ସିଂହ ସଂକ୍ରାନ୍ତି ଚଳନ ଭିତରେ ବିଭିନ୍ନ ସ୍ଥାନରେ, ବିଭିନ୍ନ ତିଥିରେ ସ୍ଥାନୀୟ ଦେବୀଙ୍କ ଲଗ୍ନ ଅନୁସାରେ ନବାନ୍ନ ଭକ୍ଷଣ କରି ଆସୁଥିଲେ । କିନ୍ତୁ ଏହି ଅଞ୍ଚଳରେ ସମସ୍ତେ ସରକାରୀ ଅନୁମୋଦନକ୍ରମେ ଗଣେଶ ଚତୁର୍ଥୀର ପରଦିନ ନବାନ୍ନ ଭକ୍ଷଣ ପାଳନ କରିଆସୁଛନ୍ତି । ଓଡିଶାର ଭାତହାଣ୍ଡି ବୋଲି କୁହାଯାଉଥିବା ପଶ୍ଚିମ ଓଡିଶାର ଚାଷୀ ଭାଇଙ୍କ ଏହା ଏକ ମହାନ ପର୍ବ । କିନ୍ତୁ ଏଥିରେ ହେଉଥିବା ରୀତି, ନୀତି, ଅଚାର ବ୍ୟବହାରକୁ ଦୃଷ୍ଟିଦେଲେ ସେଥିରେ ଆମେ ଅନେକାଂଶେ ଲୋକସଂସ୍କୃତିର ରୂପ ଦେଖିବାକୁ ପାଇଥାଉଁ ।

ଲୋକସଂସ୍କୃତିର ଅନ୍ୟାନ୍ୟ ଉପାଦାନଠାରୁ ଲୋକସାହିତ୍ୟ ହେଲା ସର୍ବୋତ୍କୃଷ୍ଟ ବିଭବ । ଲୋକସାହିତ୍ୟ ଏଭଳି ଏକ ବିଷୟ ଯାହାରକି ପ୍ରତ୍ୟେକଟି ଅବୟବ ଲୋକସଂସ୍କୃତି ସହ ଜଡିତ । ଭିନ୍ନରୂପେ ଆମେ କହିପାରିବା ଯେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି ଗୋଟିଏ ଲୋକସଂସ୍କୃତି ହେଲେ ଅନ୍ୟଟି ଲୋକସାହିତ୍ୟ ହୋଇପାରେ । ଲୋକସଂସ୍କୃତି ଯଦି ଗୋଟିଏ ବଟ ବୃକ୍ଷ ହୁଏ, ତେବେ ଲୋକସାହତ୍ୟ ତାର ଗୋଟିଏ ଡାଳ ସଦୃଶ । କାରଣ ଲୋକସଂସ୍କୃତିର ବିଭିନ୍ନ ଉପାଦାନ ଭିତରେ ଲୋକସାହିତ୍ୟର ବିଭିନ୍ନ ରୂପ ଦେଖିବାକୁ ମିଳିଥାଏ ତଥା ଲୋକସାହିତ୍ୟ ଭିତରେ ସେହି ଲୋକସଂସ୍କୃତିର ବିଭିନ୍ନ ରୂପ ମଧ୍ୟ ପରିଦର୍ଶିତ ହୋଇଥାଏ । ଲୋକସାହିତ୍ୟର ବିଭନ୍ନ ଉପାଦାନଗୁଡିକ ହେଲା – ଲୋକଗୀତ, ଲୋକଗାଥା, ଲୋକନାଟକ, ଲୋକୋକ୍ତି ବା ଧନ୍ଦା, ନାଁଦିଆ, ପ୍ରବାଦ, ପ୍ରବଚନ ଇତ୍ୟାଦି । ନିଜ ବିଷୟରେ ଜାଣିବା ପାଇଁ ଆମର ଯଦି କୌତୁହଳ ଥାଏ, ତାହେଲେ ଲୋକସାହିତ୍ୟ ବିଷୟରେ ସ୍ୱତଃ କୌତୁହଳ ଜାଗ୍ରତ ହେବା ସ୍ୱାଭାବିକ ।

ଧନୀ ଦରିଦ୍ର, କଳା ଗୋରା, ନାରୀ ପୁରୁଷ ନିର୍ବିଶେଷରେ ଛୋଟଦିନରୁ ହିଁ ଆମର ମନ ଲୋକସାହିତ୍ୟର ବିଭିନ୍ନ ଉପାଦାନ

ସହ ଯୋଡି ହୋଇଥାଏ ତଥା ଗଢିଉଠେ । ମୂଳତଃ ଲୋକସାହିତ୍ୟ ଏକ ସର୍ବସାଧାରଣ ସାମାଜିକ ସଂପତ୍ତି ; ଏଥିରେ କାହାରି ବ୍ୟକ୍ତିଗତ ସ୍ୱାଧିକାର ରହିନଥାଏ । ଏହାର ନିର୍ଦ୍ଦିଷ୍ଟ ପାଠ ବା ପୁସ୍ତକ ନଥାଏ । ଏହା ମୁହଁରୁ ମୁହଁକୁ ଗତି କରି ଉଜ୍ଜିବିତ ହୋଇ ରହେ । ସାଂପ୍ରତିକ ଯୁଗରେ ଲୋକସାହିତ୍ୟ ଅତି ଆଦରର ବିଷୟବସ୍ତୁ ।ପ୍ରତ୍ୟେକ ସମୟରେ ସାହିତ୍ୟସ୍ରଷ୍ଟା ତାର ସୃଷ୍ଟି ଭିତରେ ଏହି ଲୋକସାହିତ୍ୟର ବିଭିନ୍ନ ଉପାଦାନକୁ ଜାଣତରେ କିମ୍ବା ଅଜାଣତରେ ପ୍ରୟୋଗ କରି ତାହାକୁ ଅଧିକ ରୁଚିମନ୍ତ କରିଥାଏ । ପୁଣି ସାହିତ୍ୟର କଥା ଆଲୋଚନା କଲାବେଳେ ସାଧାରଣତଃ ଆମେ ଦୁଇ ପ୍ରକାରର ସାହିତ୍ୟର ଆଲୋଚନା କରୁଁ, ଯଥା ଶିଷ୍ଟ ସାହିତ୍ୟ ଓ ଲୋକସାହିତ୍ୟ । ଉପରୋକ୍ତ ଆଲୋଚନା ଅନୁସାରେ ଶିଷ୍ଟ ସାହିତ୍ୟ ଉପରେ ଲୋକସାହିତ୍ୟର ପ୍ରଭାବ ଦେଖିବାକୁ ମିଳିଥାଏ କିନ୍ତୁ ଲୋକସାହିତ୍ୟରେ ଶିଷ୍ଟ ସାହିତ୍ୟର କୌଣସି ପ୍ରଭାବ ଦେଖିବାକୁ ମିଳି ନଥାଏ । ତେଣୁ ସେହି ଦୃଷ୍ଟିରୁ ବିଚାର କରାଯାଇପାରେ ଲୋକସାହିତ୍ୟ ଅଗ୍ରଜ, ବିଦଗ୍ଧ ସାହିତ୍ୟ ଅନୁଜ । ଲୋକସାହିତ୍ୟ ହୃଦୟର ସ୍ଫୁରଣ ବା ସ୍ୱତଃସ୍ଫୂର୍ତ୍ତ ସୃଷ୍ଟି ।

ଲୋକସାହିତ୍ୟର ବିସ୍ତାର ମଧ୍ୟ ଅତ୍ୟନ୍ତ ବ୍ୟାପକ ଅଟେ । ମଣିଷର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମଣିଷର ଦୁଃଖ ସୁଖ, ହର୍ଷ ବିଷାଦରେ ତାର ମନ ଗାଇ ଉଠେ । ପ୍ରକୃତିର ନିୟମ ଅନୁସାରେ ଋତୁର ପରିବର୍ତ୍ତନ ହେବା ସଂଗେ ସଂଗେ ମଣିଷ ପ୍ରକୃତିର ମଧ୍ୟ ପରିବର୍ତ୍ତନ ଦେଖାଦିଏ । ଯେଉଁ କୃଷକକୁ ଦେଶର ମେରୁଦଣ୍ଡ ବିଚାର କରାଯାଏ ସେବି ଯେତେବେଳେ ନିଜ କ୍ଷେତରେ ଦୁଃଖ କ୍ଲେଶ ହେଉ, ଶ୍ରମ ଲାଘବ ପାଇଁ ହେଉ କିମ୍ବା ଶଷ୍ୟ ଉତ୍ପାଦନ ସମୟରେ ହେଉ ଖୁସୀରେ ଗୀତ ଗାଇଉଠେ । କେତେବେଳେ ପୁଣି ସାଧାରଣ ମଣିଷଟିଏ ତାର ପୂର୍ବଜଙ୍କ ସ୍ତୁତିଚାରଣ ବା ଗୁଣଗାନ କରି ଗୀତ ଗାଇ ପକାଏ । ସମାଜ ଭିତରେ ସାଧାରଣ ମଣିଷ ବା ଲୋକଙ୍କ ମନ ଭିତରେ ଏଭଳିଭିନ୍ନ ଭିନ୍ନ ସମୟରେ, ପରିବେଶରେ, ପରିସ୍ଥିତରେ, କେତେବେଳେ ହସଖୁସିର, ଦୁଃଖ ବିଷାଦର, ଥଟ୍ଟା ତାମ୍‌ସା, କୌଣସି ଅର୍ଥକୁ ବହନ ନ କରୁଥିବା କିନ୍ତୁ ଅର୍ଥବୋଧ ହେଉଥିବା, ବ୍ୟଂଗ, ବିଦ୍ରୂପ ଇତ୍ୟାଦିର ରୂପ ଲୋକଗୀତର ରୂପ ନେଇ ତାର ଆସ୍ଥାନ ଜମାଇଥାଏ ଏବଂ ଯାହାକି ସ୍ୱତଃ ପ୍ରବୃତ୍ତ ଲୋକସାହିତ୍ୟ ଅର୍ନ୍ତଭୁକ୍ତ ହୋଇଥାଏ ।

ପଶ୍ଚିମ ଓଡିଶାରେ ପ୍ରଚଳିତ ଗୋଟିଏ ହଳିଆ ଗୀତ ମାଧ୍ୟମରେ ଜଣେ ଚାଷୀ ତାର କୁଟୁମ୍ବ ପୋଷଣ, କର୍ମ ଜଞ୍ଜାଳର କଥା ଗୀତ ମାଧ୍ୟମରେ ପ୍ରକାଶ କରେ ...

"ବଏଲାରେ ......ଏ ...... ଏ......ଏ......
ସାହୁର ଜଞ୍ଜାଲ ଯେ କୁଟୁମ୍ବର ତ ଦୁଃଖ, କୁଟୁମ୍ବର ତ ଦୁଃଖ,
ସେ ପ୍ରାଣୀମାନଙ୍କର ଯେ କେଭେଁ ନାଇଁ ସୁଖରେ ......
ଏ ...... ସାହୁକେ ଦେଖିଲେଁ ଦେଖ ମୁଇଁ ଖାତକ ଖାତକ,
ଖାତକ ମୁଇଁ ଭାବଇଁ ଯମଦୂତରେ...... ଏ...... ହ......
ତରରେ ତତ ।"

ଲୋକସାହିତ୍ୟର ଅନ୍ୟ ଏକ ବିଶିଷ୍ଟ ଉପାଦାନ ହେଲା ଲୋକକାହାଣୀ । ପଶ୍ଚିମ ଓଡିଶାରେ ଏହି ଲୋକକାହାଣୀ କଥାନି ଭାବେ ପରିଚିତ । କାହାଣୀ କହିବା ଏବଂ ଶୁଣିବା ସାଧାରଣତଃ ପରିବାର ଭିତରେ ହିଁ ସଂପନ୍ନ ହୋଇଥାଏ । ଘରର ଯିଏ ସର୍ବୋଚ୍ଚ ମୁରବି ଯଥା; ଅଜା ବା ଆଈ ହିଁ ତାଙ୍କର ନାତି ନାତୁଣିଙ୍କୁ ଶୋଇବା ସମୟରେ ସେହି ଛୁଆମାନେ ଶୋଇବା ପାଇଁ କାହାଣୀ କହିଥାନ୍ତି । ଏହି କାହାଣୀ କହିବା ଭିତରେ ହୁଁ କାର ଦେବା ହେଲା ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅଜା କିମ୍ବା ଆଈ କାହାଣୀ କହୁଥିବା ସମୟରେ ଛୁଆମାନେ ହୁଁ କାର ଦେଇ ଦେଇ କେତେବେଳେ ଶୋଇପଡନ୍ତି । ଲୋକକାହାଣୀ ସାଧାରଣତଃ ମନୋରଞ୍ଜନ ଧର୍ମୀ । କେବଳ ଯେ ମନୋରଞ୍ଜନ ଏହାର ଉଦ୍ଦେଶ୍ୟ ଏହା ନୁହେଁ କାହାଣୀ ଭିତରେ ବେଳେବେଳେ ନୀତି ବା ଉପଦେଶାତ୍ମକ, ପ୍ରେମ ତଥା ଶୃଙ୍ଗାରମୂଳକ, ଅନ୍ଧବିଶ୍ୱାସ ଆଧାରିତ ଓଷା, ବ୍ରତାଦିର କଥା ମଧ୍ୟ ଆସ୍ଥାନ ଜମାଇଥାଏ ।

ଏହିଭଳି ଭାବେ ଲୋକଗାଥା ସାହିତ୍ୟର କଥାକୁ ଆଲୋଚନା କଲେ ଆମେ ଅନେକ ପ୍ରକାରର ଲୋକଗାଥା ମଧ୍ୟ ଦେଖିବାକୁ ପାଇଥାଉଁ । ଯଥା ସାହାଡା ଚରିତ, ଶିବଙ୍କ ଗୋହତ୍ୟା ପାପ, ସୁନାଧର ଗମର ଇତ୍ୟାଦି ଲୋକଗାଥା ମଧ୍ୟ ଆମେ ଓଡିଶାର ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ଶୁଣିବାକୁ ପାଇଥାଉଁ । ଲୋକକାହାଣୀ ତଥା ଲୋକଗାଥାର ବିଷୟବସ୍ତୁଗତ ବ୍ୟାପକତା ଦୃଷ୍ଟିରୁ ଆଲୋଚ୍ୟ ନିବନ୍ଧ ଭିତରେ ଉଦାହରଣ ସ୍ୱରୂପ ସ୍ଥାନ ଦିଆଯାଇପାରୁନାହିଁ ।

ଏଭଳି ଭାବରେ ଲୋକସାହିତ୍ୟର ଅନ୍ୟ ଏକ ବଳିଷ୍ଠ ଉପାଦନ ହେଲା ଲୋକୋକ୍ତି ।

ଲୋକୋକ୍ତିଗୁଡ଼ିକ ପୁଣି ବେଳେବେଳେ ଢଗ, ପ୍ରବଚନ ବା ଧନ୍ଦା, ନାଁଦିଆ, ବଖାନି ବା ଭେକାନି ମାଧ୍ୟମରେ ସମାଜରେ ଲୋକଙ୍କୁ ଶୃଙ୍ଖଳ, ସାବଧାନ, ସଚେତନ, ଅନୁଭବ ସିଦ୍ଧତା, ବାସ୍ତବତାର ସୁଚନା ଦେଇଥାଏ । ପ୍ରବଚନ ବା ଢଗଢମାଳି ହେଉଛି ଲୋକଙ୍କର ଅନୁଭବସିଦ୍ଧ ଏକ ଏକ ମାପକାଠି । ଗୋଟିଏ ଗୋଟିଏ କ୍ଷୁଦ୍ର ଢଗ ଭିତରେ ଢଗମର୍ତ୍ତା ବିରାଟ କଥାବସ୍ତୁ ବା ଘଟଣାର କିମ୍ବା ଭଲ-ଭେଲ ବାଛିବାର ସୂଚନା ଦେଇଥାଏ । ପଶ୍ଚିମ ଓଡିଶାରେ ପ୍ରଚଳିତ ଏକ ଲୋକୋକ୍ତିର ଉଦାହରଣ ଏଠାରେ ନିଆଯାଇପାରେ । ଯଥା –

ଝି ବଢବାର ଯାଏକ୍ ପିନ୍ଧିଥା,
ଇହ ଆଏବାର ଯାଏକ୍ ଖାଇଥା ।
କିମ୍ବା
ମାଁ ଦେଖେ ପେଟ,
ମାଏପୋ ଦେଖେ ଅଁଟ ।

ଏଭଳି ବିଭିନ୍ନ ପ୍ରକାର ଲୋକୋକ୍ତି ମାଧ୍ୟମରେ ଲୋକସାହିତ୍ୟରଦ୍ଧିମନ୍ତ ହୋଇ ରହିଥାଏ । ପରବର୍ତ୍ତୀ ପର୍ଯାୟରେ ଲୋକନାଟକର କଥାକୁ ଯଦି ବିଚାର କରାଯାଏ, ତେବେ ଏହା ମଧ୍ୟ ଲୋକସାହିତ୍ୟର ଏକ ପର୍ଯ୍ୟାପ୍ତ ବିଷୟ । ଲୋକନାଟକର କଥାବସ୍ତୁ ବା ବିଷୟ ବିନ୍ୟାସ ବେଳେବେଳେ ପୁରାଣ ବା ଶାସ୍ତ୍ର ଆଧାରିତ ହୋଇଥାଏ ତ ବେଳେବେଳେ ସଂପୂର୍ଣ୍ଣ ଲୌକିକ ଘଟଣାବସ୍ତୁ ଆଧାରିତ ହୋଇଥାଏ ।

ତେଣୁ ନାଟକର ବିଷୟବସ୍ତୁ , ଚରିତ୍ର, ସଂଳାପ, ମଞ୍ଚ, ଭାଷା, ବେଶଭୂଷା ଇତ୍ୟାଦିରେ ସଂପୂର୍ଣ୍ଣ ଲୌକିକତା ଦେଖିବାକୁ ମିଳିଥାଏ, ଯାହାକି ସଂପୂର୍ଣ୍ଣ ଲୋକନାଟକ ବା ଲୋକସାହିତ୍ୟ ଅନ୍ତର୍ଗତ । ଉଦାହରଣସ୍ୱରୂପ ପଶ୍ଚିମ ଓଡିଶାରେ ଦେଖିବାକୁ ମିଳୁଥିବା ଶୀତଳଷଷ୍ଠୀ, ଧନୁଯାତ୍ରା, ରାମଲୀଳା, କୃଷ୍ଣଲୀଳା, ଭରତଲୀଳା, ଶବରୀଲୀଳା ଇତ୍ୟାଦି ଲୋକନାଟକ ପର୍ଯ୍ୟାୟଭୁକ୍ତ ହୋଇପାରେ ।

ଉପରୋକ୍ତ ଆଲୋଚନା ପରିପ୍ରେକ୍ଷୀରେ ପ୍ରାବନ୍ଧିକ ପ୍ରବନ୍ଧର ନିୟମାନୁଯାୟୀ ଲୋକସାହିତ୍ୟର ସମସ୍ତ ବିଭାଗର ସବିଶେଷ ଆଲୋଚନା ନକରି ତାର କେବଳ କିଛିଟା ଧାରଣା ଦେବାର ପ୍ରୟାସ କରିଛନ୍ତି । ପ୍ରବନ୍ଧଟିରେ ଲୋକସଂସ୍କୃତି ଓ ଲୋକସାହିତ୍ୟକୁ ବୁଝାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଦୃଷ୍ଟାନ୍ତ ମାଧ୍ୟମରେ ଆଲୋଚନା ବୋଧେ ଲୋକସଂସ୍କୃତିର ଛାତ୍ର, ଗବେଷକ ଏବଂ ପାଠକଙ୍କୁ ବୁଝିବାରେ କ୍ଲିଷ୍ଟତା ହୋଇନପାରେ ।

**- ଅଧ୍ୟାପକ, ଓଡିଆ ବିଭାଗ**
**ବୀର ସୁରେନ୍ଦ୍ର ସାଏ ବିଜ୍ଞାନ ବିଦ୍ୟାଳୟ**
**ଧନକଉଡା, ସମ୍ବଲପୁର**
**ମୋ - ୯୪୩୭୪୧୭୨୧୬**

# ପଶ୍ଚିମ ଓଡ଼ିଶାର ବାରମାସୀ ଲୋକଗୀତରେ ରାଧାଙ୍କ ବିରହ ଦୁଃଖ ଓ ଆଧ୍ୟାତ୍ମିକତା

● ଡ. ଆର୍ ପୁଷ୍ପାଞ୍ଜଳି

ଓଡ଼ିଶାର ଲୋକ ଗୀତ, ଲୋକ କଳା, ଲୋକ ସଂସ୍କୃତି ଅଭିନ୍ନ । ଓଡ଼ିଶା ହେଉଛି ଆଧ୍ୟାତ୍ମିକତାର ପୀଠସ୍ଥଳୀ । ଏଠିକାର ସଂସ୍କୃତି ଏତେ ମହାନ ଯେ ପରସ୍ପର ଭିତରେ ଜାତି, ଧର୍ମ, ବର୍ଣ୍ଣ, ଅଧ୍ୟାତ୍ମିକତାର ଭାବ ସୃଷ୍ଟି କରେ । ଓଡ଼ିଶାର ସଂସ୍କୃତି ବିପଥଗାମୀ ମଣିଷକୁ ସତ ରାସ୍ତା ଦେଖାଏ । ଏଠି ବସ୍ତ କଥା କହେ, ମଣିଷର ବ୍ୟବହାର ସଂସ୍କୃତିର ପରିଚୟ ଦିଏ ।

ଠିକ ସେଭଳି ପଶ୍ଚିମ ଓଡ଼ିଶାର ଲୋକ କଳା, ଲୋକ ସଂସ୍କୃତି, ଲୋକ ଗଳ୍ପ, ଲୋକ ବାଦ୍ୟ, ଲୋକ ସଙ୍ଗୀତ, ଲୋକ ନୃତ୍ୟ, ସଂସ୍କୃତିର ବାର୍ତା ବଖାଣେ ।

ପଶ୍ଚିମ ଓଡ଼ିଶାର ଲୋକ ବା ଜନ ସାଧାରଣ ଏତେ ସରଳ, ନିଷ୍କପଟ ଏବଂ ହୃଦୟବାନ ଯେ ସେମାନଙ୍କ ହୃଦୟର ନିବୃତ୍ତ କୋଣରୁ ଝରି ଆସେ ଶୁଦ୍ଧ ପବିତ୍ର ବାରିଧାରା ପରି ସଙ୍ଗୀତର ମଧୁର ମୂର୍ଚ୍ଛନା । ପକ୍ଷୀର କାକଳି ଭଳି ସୁମଧୁର ସ୍ୱର, ଭ୍ରମରର ଗୁଞ୍ଜନ, ବସନ୍ତର ସୁଲୋଳିତ ପବନ ପରି ମିଠାମିଠା ଗୀତ ଭିତରେ ସେମାନଙ୍କ ଭାବର ଅଭିବ୍ୟକ୍ତି ସଙ୍ଗୀତର ରୂପ ନେଇ ଝରି ଆସେ ।

ଜଗନ୍ନାଥ ସଂସ୍କୃତି ଭିତର ଦେଇ ଆସିଥିବା ବାରମାସର ତେର ପର୍ବକୁ ସେ ନିଜର ବ୍ରତ ପରି ପାଳନ କରେ । ଯେଉଁଠି ଓଡ଼ିଶାର ଜନ ଜୀବନର ଦର୍ଶନ ଓ ସଂସ୍କୃତି ପ୍ରତିଫଳିତ ହୋଇଥାଏ ।

ବାରମାସର ମାହାତ୍ମ୍ୟକୁ ନେଇ ପ୍ରେମ, ପ୍ରଣୟ, ବିରହ, ଦୁଃଖ, ବେଦନା, ଦର୍ଶନ, ସାହିତ୍ୟ, ପଶ୍ଚିମ ଓଡ଼ିଶାର ଜନ ଜୀବନର –ଜୀବନ ଶୈଳୀର ବଞ୍ଚିବାର ତରିକା ବେଶ ଚମତ୍କାର ଭାବରେ ରୂପାୟିତ ହୋଇଛି ଲୋକ ଗୀତରେ ପ୍ରଭୁ ଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା । ସେ ଓଡିଆମାନଙ୍କର ମଉଡମଣି । ପ୍ରଭୁ ଜଗନ୍ନାଥ ଭକ୍ତ ମାନଙ୍କ ପାଇଁ ଜୀବନ୍ତ ଠାକୁର । ତାଙ୍କ ନୀତିକାନ୍ତି ଅନ୍ୟ ଦେବାଦେବୀଙ୍କ ଠାରୁ । ଅନ୍ୟ ଠାକୁରଙ୍କ ପାଖକୁ ଭକ୍ତ ଦର୍ଶନ ନିମନ୍ତେ ମନ୍ଦିରକୁ ଯାଉଥିବା ବେଳେ, ପ୍ରଭୁ ଜଗନ୍ନାଥ କିନ୍ତୁ ଭକ୍ତଙ୍କୁ ଦର୍ଶନ ଦେବା ସକାଶେ ସେ ବଡ ଦେଉଳରୁ ବଡ ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଭକ୍ତ ବତ୍ସଳ ସେ, ଭକତ ବାନ୍ଧବ । ସେ ହିଁ ଜଗନ୍ନାଥ, ସେ ହିଁ କୃଷ୍ଣ । କେତେବେଳେ କେଉଁ ରୂପରେ ସେ ଲୀଳା ଖେଳା କରନ୍ତି ତାହା ତାଙ୍କୁ ହିଁ ଜଣା । ଭକ୍ତଙ୍କୁ ଦର୍ଶନ ଦେଇ ପ୍ରଭୁ ଜଗନ୍ନାଥ ନ' ଦିନ ଯାଏ ମାଉସୀ ଘରକୁ ଯାଆନ୍ତି ।

ଏଠାରେ ଜଗନ୍ନାଥ ହେଉଛନ୍ତି ପ୍ରେମିକ । ଏବଂ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଭକ୍ତ ବିରହିଣୀ ନାୟିକା । ତେଣୁ ସେମାନେ ଜଗନ୍ନାଥଙ୍କ ଅନୁପସ୍ଥିତିକୁ ଉପଲବ୍ଧି କରି ତାଙ୍କ ବିନା ବଂଚିବା କଷ୍ଟସାଧ୍ୟ ହୋଇ ପଡିଛି । ସେମାନେ ନିଜକୁ ଏକଲା ମନେ କରି ବୁକୁ ଫଟା କ୍ରନ୍ଦନ କରି ନିଜ ହୃଦୟର ବ୍ୟଥାକୁ ବ୍ୟକ୍ତ କରିଛନ୍ତି । ଯଥା –

ଆଷାଢେ ଗୁଣ୍ଡିଚା ଜାତ,
ବିଜେ କଲେ ଜଗନ୍ନାଥ,
କା ସଙ୍ଗେ ଖେଳିବୁ,
କା ସଙ୍ଗେ ବୁଲିବୁ
ଛାଡି ଗଲେ ପ୍ରାଣନାଥ ।

ଭିଜା ଭିଜା ଶ୍ରବଣର ନିଝୁମ ରାତିରେ ପ୍ରେମ ପାଗଳିନୀ ପ୍ରେମିକା ତାର ପ୍ରେମିକର ବିରହରେ ଯେମିତି ନିଜକୁ ନିଃସଙ୍ଗ ମନେ କରେ ଠିକ ସେମିତି ଶ୍ରାବଣର

ଝିପିଝିପି ବର୍ଷାରେ ସ୍ୱାମୀ ବିଧୁରା ପତ୍ନୀ ପାଗଳିନୀ ସଦୃଶ କନ୍ଦର୍ପର ଜ୍ୱାଳାରେ ଜର୍ଜରିତ ହୋଇ ନିଜ ଜୀବନକୁ ଶ୍ରାବଣର ମୁଷଳଧାରା ବର୍ଷା ପରି ସବୁ ଧୋଇ ହୋଇ ଯାଉଥିବାର ମନେ କରେ ।

ଶ୍ରାବଣ ମାସରେ ଜଳ,
ବହିଯାଏ ଖଳ ଖଳ,
ଏକାଳେ ଯୁବତୀ ନାହିଁ ତାର ପତି
ଜୀବନଟା କଲବଲ ।

ପ୍ରସ୍ଫୁଟିତ କିଆ ଫୁଲର ମହମହ ବାସ୍ନା ଭିତରେ ଚତୁରପାର୍ଶ୍ୱ ସୁବାସିତ ହୋଇଯାଏ । ନବ ଯୁବତୀ ଦେହରେ ଯୌବନର ଉନ୍ମାଦନା ଭରିଯାଏ ଭିନ୍ନ ଭାବନା ନେଇ । ସବୁକିଛି ନୂଆନୂଆ ଲାଗେ । କିନ୍ତୁ ବିଧିର ବିଧାନ ଭାରି ବିଚିତ୍ର ସତରେ, ମିଳନ ରୂପକ ଅମୃତରେ ବିରହ ରୂପକ ବିଷଥାଏ ।ଯାହା ଉଭୟ ନାୟକ ନାୟିକାଙ୍କୁ ଝୁରି ହେବାକୁ ପଡେ –

ଭାଦ୍ରବ ମାସରେ ଫୁଟିଲା କିଆ,
ହରି ତ କଲେ ନିର୍ଦୟା
କା ସଙ୍ଗେ ବିହରିବୁ
ଛାଡିଗଲେ ଗିରିଧରା ।

ମା' ଯଶୋଦାଙ୍କ ଗଳାର ହାର, ଲବଣୀ ପିତୁଳା, ଏକଇର ବଳା ଶ୍ରୀକୃଷ୍ଣଙ୍କୁ କଂସର ଆଦେଶ ଯୋଗୁଁ ଅକ୍ରୁର ଘେନି ଗଲା । ମଥୁରାକୁ ଯାଇ ଶ୍ରୀକୃଷ୍ଣ ଆଉ ଗୋପ ପୁରକୁ ଫେରି ନଥିଲେ । କଂସ ତାଙ୍କ ସହ ବଇରୀ ଭାବ ରଖି ମୃତ୍ୟୁ ବରଣ କଲା । ହେଲେ ଅନ୍ଧର ଲଉଡି କରିଥିବା ମାତା ଯଶୋଦା ବାତ୍ସଲ୍ୟ ରସରେ ଝୁରି ଝୁରି ଦିନ କାଟିଲେ । ଶିତର କଷ୍ଟଠାରୁ ମାତୃ ବେଦନା ଯେ କେତେ ଉର୍ଦ୍ଧରେ ତାହା ଏ ଗୀତରୁ ସ୍ପଷ୍ଟ ଜଣା ପଡେ-----

ପୌଷରେ କଂସ ମରିଲା
ଶୀତ କାଳ ଆସିହେଲା
ମୋର ଗଲା ହାର ଚୁରାଇ ଅକ୍ରୁର
ଭଣ୍ଡି କରି ଧରି ନେଲା ।

ମାଘ ମାସର ହାଡ ଭଙ୍ଗା ଶୀତରେ ଚାଷୀ, ଶ୍ରମିକ, ମୁଲିଆ ନିଜ ଜୀବନକୁ ବାଜି ଲଗାଇ ସମଗ୍ର ଦୁନିଆଁ ପାଇଁ ସେ ଆହାର ଯୋଗାଏ ଶୀତରେ ତାର ଦେହ ସତେ ଯେମିତି କୁମ୍ଭୀର ପିଠି ପରି ଦୃଶ୍ୟ ମାନ ହୁଏ । ନିଜେ ଲୁହ ଲହୁରେ ଜର୍ଜରିତ ହୋଇ ସମାଜ ପାଇଁ ସେ ଜଡ ପାଲଟିଯାଏ –

ମାଘ ମାସେ ଶୀତ ବଡ
ଶୀତରେ ନ ଚଳେ ଗୋଡ
ହାଡଭଙ୍ଗା ଶୀତେ ଚଷା ଭାଇ ଖଟେ
ଜୀବନଟା ଜଡସଡ଼ ।

ଶ୍ରୀକୃଷ୍ଣ ଷୋଳ ସହସ୍ର ଗୋପନାରୀଙ୍କ ସହିତ ରାସଲୀଳା କରୁଥିଲେ ମଧ୍ୟ ରାଧାଙ୍କ ପାଇଁ ସେଥିଲେ ସ୍ୱତନ୍ତ୍ର ପୁରୁଷ ।ଶ୍ରୀକୃଷ୍ଣ ଓ ରାଧାଙ୍କ ପ୍ରେମ ସବୁ କାଳରେ ଅବ୍ୟକ୍ତ ।ରାଧା ଓ କୃଷ୍ଣ ଦୁଇଟି ଦେହ ହେଲେ ମଧ୍ୟ ଆତ୍ମା ଏକ ଏବଂ ଅଭିନ୍ନ । ଦୁହେଁ ଦୁହିଁଙ୍କ ପାଇଁ ସ୍ୱତନ୍ତ୍ର । ଏବଂ ସେ ସମ୍ପର୍କ ଥିଲା ନିଷ୍କାମ । ପରସ୍ପର ପରସ୍ପର ସହିତ ସେମାନେ ସବୁ ସମୟରେ ମଧୁର ମୁହୂର୍ତ୍ତ ବିତାଉ ଥିଲେ । ଶ୍ରୀକୃଷ୍ଣ ରାଧାଙ୍କ ତନୁ-ମନରେ ଭାବର ରଙ୍ଗ ଭରି ଦେଉଥିଲେ –

ଫଗୁନେ ଗୋବିନ୍ଦ ଧୂଳି
ଗୋପେ ଥିଲେ ବନମାଳୀ
ଗୋପ ଗୋପାଳୁଣୀ ତୁଲେ
ରାଧିକା ସଙ୍ଗରେ ଫଗୁ ଖେଳନ୍ତି ଶ୍ରୀ ହରି ।

ମହୁଲ ଫୁଲର ଭୁରୁଭୁରୁ ବାସ୍ନା ଭିତରେ ମଲ୍ଲୀର ସୁଗନ୍ଧ ଆହୁରି ସୁବାସିତ କରେ ନବ ଯୌବନା ସୁନ୍ଦରୀକୁ । ପ୍ରଣୟର ଫୁଲକୁ ହାର କରି ଗଭାରେ ଖୋସିବାର ଅଭିଳାଷ ନେଇ ବେଶ ଆନନ୍ଦିତା ହୁଏ । ଅପେକ୍ଷା କରିଥାଏ ତାର ମନର ମଣିଷକୁ ଚକୋରୀ ପରି ।ହେଲେ ତାର ସବୁ ଆଶା, ସ୍ୱପ୍ନ ଯେ ସ୍ୱପ୍ନରେ ରହିଯିବ ତାହା ତାର ଖେୟାଲରେ ନଥାଏ –

ଚଇତେ ଫୁଟିଲା ମଲ୍ଲୀ,
ହାର ହାର କରି ମାଳି
ଗୁନ୍ଥିଥିଲା ହାର ବାସି ଆସି ହେଲା
ଦିନ ସରୁ ନାଇ ଭାଲି ।

ମଣିଷର ସକଳ ଦୁଃଖ ଯନ୍ତ୍ରଣାକୁ ଉପଶମ କରିବାପାଇଁ ଦେବୀଙ୍କୁ ଆବାହନ କରାଯାଇଥାଏ । ସ୍ନେହମୟୀ, ମମତାମୟୀ ଏ ସଂସାରକୁ ସୁଖ ପ୍ରଦାନ କରିବା ପାଇଁ ଯୁଗେ ଯୁଗେ ମାଁ ରୂପରେ ଆବିର୍ଭୂତା ହୁଅନ୍ତି । ସନ୍ତାନର କଷ୍ଟକୁ ସେ କେବେ ସହ୍ୟ କରି ପାରନ୍ତି ନାହିଁ ତେଣୁ ସେ ଧରା

ପୃଷ୍ଠକୁ ଶକ୍ତିରୂପରେ ଓହ୍ଲାଇ ଆସନ୍ତି । ମାଁ ପରି ପାଳିବା ପାଇଁ -

ଆସିଲା ଆଶ୍ୱିନ ମାସ
ଦେବା ଦେବୀଙ୍କର ହେଲା ପ୍ରବେଶ
ଦୁଃଖ କରିବେ ବିନାଶ ।

ଓଡ଼ିଶାର ସାଂସ୍କୃତିକ ଓ ଐତିହ୍ୟ ପରମ୍ପରାରେ କାର୍ତ୍ତିକ ମାସର ମହତ୍ୱକୁ ଲୋକ ଜୀବନରୁ ଉପେକ୍ଷା କରାଯାଇ ପାରେନାହିଁ । କାର୍ତ୍ତିକ ପୂର୍ଣ୍ଣିମାରେ ଗାଁ ସାରା ଲୋକ ଅଁଳା ତଳେଏକାଠି ବସି ସ୍ୱାତ୍ତିକ ଭୋଜନ କରିବା ଗାଁର ଭାବ ଓ ଏକତାକୁ ଯେତେ ସୁଦୃଢ କରେ, ଆଧାତ୍ମିକ ଦିଗ ଆଡକୁ ଯିବା ପାଇଁ ସେତେ ମଧ ପ୍ରୋତ୍ସାହିତ କରିଥାଏ ।

ମାର୍ଗଶୀର ମାଁ ଲକ୍ଷୀଙ୍କର ପ୍ରିୟ ମାସ । ଏହି ମାସରେ ଭକ୍ତର ମନ ପରି ଘର ବି ପରିଷ୍କାର ଥାଏ, ଯେହେତୁ ମା ଲକ୍ଷ୍ମୀଙ୍କର ପାଦ ପଡେ । ତେଣୁ ଓଡିଆ ବହୁ ରାତିର ତୃତୀୟ ପ୍ରହରରୁ ସ୍ନାନ କରି ପିଠଉରେ ମାଁ ଲକ୍ଷୀଙ୍କ ପାଦ ଅଙ୍କନ କରି ତାଙ୍କୁ ଯୋଡ ହସ୍ତରେ ପୂଜା କରିବା ପରମ୍ପରା ସମଗ୍ର ବିଶ୍ୱ ପରମ୍ପରାକୁ ବଶୀଭୂତ କରେ ।

ଏବଂ ଏ ସମାଜରେ ଉଚ୍ଚ ନୀଚ କୌଣସି ପ୍ରକାର ଜାତି ଭେଦ ଯେ ନାହିଁ, ଲକ୍ଷ୍ମୀ ପୂଜା ତାର ପ୍ରମାଣ ଦିଏ ।ଯେମିତି କି ଲକ୍ଷ୍ମୀ ଚାଣ୍ଡାଲୁଣୀ ଘରକୁ ଯାଇଥିଲେ ବୋଲି ଜଗନ୍ନାଥଙ୍କ ବଡ ଭାଇ ବଳରାମ ଲକ୍ଷ୍ମୀଙ୍କୁ ବିରୋଧ କରିଥିଲେ ଏବଂ ଲକ୍ଷ୍ମୀ ଛଡା ହୋଇ ଦୁଇ ଭାଇ କ୍ଷୁଧାରେ ଛଟ ପଟ ହୋଇଥିଲେ ।ନାରୀ ସମ୍ମାନ ପାଉଥିବା ଘର ସ୍ୱର୍ଗଠୁ ସୁନ୍ଦର । ଯେ ନାରୀକୁ ଅସମ୍ମାନ କରେ ତାର ଏ ପ୍ରକାର ଦଶା ହୁଏ -

ମାର୍ଗଶିର ପହଞ୍ଚିଗଲେ
ଘରେ ଘରେ ଲକ୍ଷ୍ମୀ ପୂଜା ପାଇଲେ
ଦାଣ୍ଡେ ଦାଣ୍ଡେ ବୁଲି
ପ୍ରଭୁ ଭିକ୍ଷା ମାଗିଲେ
ଜଗତର ଲୋକେ ଏ କଥା ଜାଣିଲେ ।

ବୈଶାଖର ପ୍ରଚଣ୍ଡ ଖରାରେ ଧରା ଜରାଜୀର୍ଣ୍ଣ ହୋଇ ଧୂସର ପାଲଟି ଯାଏ । ସଂସାରର ସମସ୍ତପ୍ରାଣୀଙ୍କ ଆର୍ତ୍ତ ଚିତ୍କାରରେ ଆକାଶ ପ୍ରକମ୍ପିତ ହୁଏ । ମାଟି ମାଆଁ କରି ରହିଥାଏ । ଯୁଆଡ଼େ ଦେଖିଲେ ଡହ ଡହ ଖରାରେ ଜଳି ପୋଡି ଯାଉଥାଏ । ଏହି ଉତ୍ତାପର ଅଗ୍ନିକୁ ନିର୍ବାପିତ କରିବା ପାଇଁ ଭଗବାନଙ୍କ ଚନ୍ଦନ ଯାତ୍ରା ଆୟୋଜିତ ହୁଏ -

ବୈଶାଖେ ବଡ ଖରା
ପ୍ରାଣ ହୁଏ ଘବରା
ଧରାକୁ ଶୀତଳ କରିବାର ଲାଗି
ହୁଏ ଚନ୍ଦନ ଯାତରା !

ମାଟିକୁ ଅନୁକୂଳ କରିବା ପାଇଁ ଅକ୍ଷୟ ତୃତୀୟାରୁ ହିଁ ତାର କୃଷି କାମର ଶୋଭାରମ୍ଭ କରିଥାଏ । ସକାଳ ହେବା ଆଗରୁ ଅଣ୍ଟାରେ ଗାମୁଛା ଭିଡି ମୁଣ୍ଡରେ ପଗଡି ମାରି ହଳ ଲଙ୍ଗଳ ସହ କ୍ଷେତକୁ ଯାଏ ଏବଂ ତା ସାରା ପରିବାର ତାକୁ ସହଯୋଗ କରନ୍ତି । ବର୍ଷ ତମାମ ଅକ୍ଲାନ୍ତ ପରିଶ୍ରମ ପରେ ଯେତେବେଳେ ତାର କ୍ଷେତରେ ସୁନାର ଫସଲ ଫଳେ । ତାର ସବୁ ଅଭାବ ପୂରଣ ହୋଇଯାଏ । ତେଣୁ ସବୁ ମାସ ଭିତରେ ଜେଷ୍ଠ ମାସ କୃଷକ ବନ୍ଧୁ ପାଇଁ ଅତି ମହତ୍ୱ ପୂର୍ଣ୍ଣ ମନେ ହୁଏ -

ଜେଷ୍ଠରେ ପାଚିଲା ଆମ୍ବ
ଚାଷ କାମର ହେଲା ଆରମ୍ଭ
ଲାଗିଛନ ସାରା କୁଟୁମ୍ବ ।

ପଶ୍ଚିମ ଓଡ଼ିଶାର ବାରମାସୀ ଲୋକ ଗୀତରେ ବାରମାସର ମାହାତ୍ମ୍ୟ ଓ ଆଧାତ୍ମିକତା ଅପେକ୍ଷା ତାର ଲୋକ ଗୀତର ଭାବ ହିଁ ମୁଖ୍ୟ ଉପଜୀବ୍ୟ, ଯାହା ସମଗ୍ର ପଶ୍ଚିମ ଓଡ଼ିଶାର ଜନ ଜୀବନକୁ ସରସ ସୁନ୍ଦର କରେ ।

- ନାକଟିଦେଉଳ, ସ୍ନାତକ ମହାବିଦ୍ୟାଳୟ,
ନାକଟି ଦେଉଳ, ରେଢାଖୋଲ, ସମ୍ବଲପୁର

# ରେଢ଼ାଖୋଲ ଉପଖଣ୍ଡରେ ଲୋକକଳା ଓ ଲୋକ ସଂସ୍କୃତି ସ୍ଥିତି ଓ ବିକାଶ

● ଡ. ଦୀପେନ କୁମାର ପଟ୍ଟନାୟକ

ରେଢାଖୋଲ ଉପଖଣ୍ଡ ୧୯୪୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହା ରେଢାଖୋଲ ବ୍ଲକ୍‌ର ୧୪ ଟି ପଞ୍ଚାୟତ ଓ ନାକଟିଦେଉଳ ୧୪ ଟି ପଞ୍ଚାୟତକୁ ନେଇ ଗଠିତ । ରେଢାଖୋଲ ସହରକୁ ପଶ୍ଚିମ ଓଡିଶାର ପ୍ରବେଶ ଦ୍ୱାର ବୋଲି କୁହାଯାଏ । ବିଶ୍ୱ ପ୍ରସିଦ୍ଧ ସନ୍ଥ କବିଙ୍କ ଜନ୍ମସ୍ଥାନ ରେଢାଖୋଲ ନିକଟସ୍ଥ କନ୍ଧରା ଗ୍ରାମ ହୋଇଥିବାରୁ ଓ ଏହାର ଅଧିକାଂଶ ବ୍ୟକ୍ତି ମହିମାଧର୍ମ ତଥା ଭୀମ ଭୋଇଙ୍କ ବାଣୀରେ ବିଶ୍ୱାସ କରୁଥିବାରୁ ରେଢାଖୋଲ ଉପଖଣ୍ଡ ଜାତୀୟ ଓ ରାଜ୍ୟସ୍ତରରେ ପ୍ରସିଦ୍ଧି ଲାଭ କରିଛି । ଲୋକ ସଂଖ୍ୟା ବଢିବା ପରେ ୧୯୯୯ ମସିହା ମାର୍ଚ୍ଚ ୧ ତାରିଖରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ ହୋଇଥିଲା । ୧୮୨୫ ରୁ ୧୯୪୮ ପର୍ଯ୍ୟନ୍ତ ରେଢାଖୋଲ ରାଜ୍ୟ ବ୍ରିଟିଶ୍ ପ୍ରଶାସନ ଅଧୀନରେ ଏକ ଦେଶୀୟ ବା ଗଡଜାତ ରାଜ୍ୟ ଥିଲା । ସବୁଜ ବନାନୀ ଅଞ୍ଚଳ ଓ କେନ୍ଦୁପତ୍ର ଉତ୍ପାଦନ ପାଇଁ ରେଢାଖୋଲ ଉପଖଣ୍ଡ ପ୍ରସିଦ୍ଧ । ଏହି ଉପଖଣ୍ଡର ଅଧିକାଂଶ ଲୋକ ଚଷା ଜାତିର ହୋଇଥିବାବେଳେ ବ୍ରାହ୍ମଣ, କରଣ, ଡୁମାଲ, ଗଉଡ, ବୈଷ୍ଣବ, କେଉଁଟ, ଗଣ୍ଡ, କମାର, କ୍ଷତ୍ରୀୟ, ଧୋବା ତଥା ହରିଜନ ଓରାମ ଓ କିଶାନ ଜାତିର ଲୋକମାନେ ରହନ୍ତି । ୧୮୫୭ ର ସିପାହୀ ବିଦ୍ରୋହ ସମୟରେ ବୀର ସୁରେନ୍ଦ୍ର ସାଏଙ୍କ ସହଯୋଗୀ ତଥା ଯୁଯୁମୁରା ଜମିଦାର ମଧୁ ଗଡତିଆ ଓ ତାଙ୍କ ସହଯୋଗୀ ମାନେ କଟକରୁ ଘୋଡା ଗାଡିରେ ଆସୁଥିବା ସମୟରେ ଜଜ୍ ଓ ମୁର୍ ସାହେବଙ୍କୁ ଆକ୍ରମଣ କରିବାରୁ ଜଣଙ୍କର ମୃତ୍ୟୁ ହୋଇଥିଲା । ରେଢାଖୋଲର ରାଜା ମଧୁ ଗଡତିଆଙ୍କ ବନ୍ଧୁ ହୋଇଥିଲେ ମଧ୍ୟ କିଛି ସାହାଯ୍ୟ କରିପାରି ନଥିଲେ । ମଧୁ ଗଡତିଆଙ୍କୁ ସରାପାଲି ନିକଟ ଟିକିରା ନଦୀ କୂଳରେ ଫାଶୀ ଦିଆଯାଇଥିଲା । ଏହାକୁ ପରବର୍ତ୍ତୀ ସମୟ ରେ ଫାଶୀ ଦିଆପଦା ବା କୁଞ୍ଜବନ-ମଧୁବନ କୁହାଗଲା ।

ଲୋକନାଟକ ଓ ଲୋକ ନୃତ୍ୟ ଲୋକ କଳା ସଂସ୍କୃତିର ଦୁଇଟି ପ୍ରମୁଖ ଅଙ୍ଗ ଅଟେ । ରେଢାଖୋଲ ଉପଖଣ୍ଡର ଲୋକନାଟକ-ଲୋକ ନୃତ୍ୟର ଉଦାହରଣ ହେଲା ଦଣ୍ଡ ନୃତ୍ୟ, ସୁଆଙ୍ଗ, ଖଞ୍ଜଣୀ ପରିବେଷଣ, କୃଷ୍ଣଗୁରୁ, ଧୂନକେଲ, ଘୁଡୁକା, ଆଦିବାସୀ ନାଚ, ଖଣ୍ଡା ନାଚ, ପାଲା, ଦାସକାଠିଆ, ଓ ଗଉଡ ବାଡି । ସମ୍ବଲପୁର ଜିଲ୍ଲାରେ ରେଢାଖୋଲ ଉପଖଣ୍ଡ ତଥା ନାକଟିଦେଉଳ ବ୍ଲକ୍‌ର ସ୍ୱତନ୍ତ୍ର ଭୂମିକା ରହିଛି । ରେଢାଖୋଲ ଉପଖଣ୍ଡର ଢୋଲ ବାଦ୍ୟ, ଖଞ୍ଜଣୀ, ଦଣ୍ଡ ନୃତ୍ୟ ଓ କେନ୍ଦୁପତ୍ରର ମହତ୍ତ୍ୱ ଅଛି । ରେଢାଖୋଲ ଉପଖଣ୍ଡର ଭାଷା ଉପରେ ଅନଗୁଳିଆ, ଦେବଗଡିଆ, ବଉଦିଆ ଓ ସମ୍ବଲପୁରିଆ କଥିତ ଭାଷାର ପ୍ରଭାବ ରହିଛି । ପଞ୍ଚଖଣ୍ଡା ଓ ଗ୍ରାମ ଦେବତୀ ଉପାସନା ରେଢାଖୋଲ ଅଞ୍ଚଳର ପ୍ରାଚୀନ ପରମ୍ପରା ଅଟେ । ଗଣେଶ ପୂଜାର ପରବର୍ତ୍ତୀ ରବିବାର ଦିନ ପଞ୍ଚଖଣ୍ଡା ଓ ମାଁ ଅନ୍ଧାରବାଉତୀଙ୍କ ନିକଟରେ ଅନ୍ନଭୋଗ ଲଗାଯାଇ ନୂଆଁମୁଣ୍ଡା ବା ନୂଆଁଖାଇ ପାଳନ କରାଯାଏ । ସନ୍ଥ କବି ଭୀମଭୋଇଙ୍କ ଜନ୍ମସ୍ଥାନ ରେଢାଖୋଲ ନିକଟ କନ୍ଧରା-ମଧୁପୁର ହୋଇଥିବାରୁ ଭୀମଭୋଇଙ୍କ ଖଞ୍ଜଣୀ ଭଜନ ଏକ ସ୍ୱତନ୍ତ୍ର ସ୍ଥାନ ନେଇଛି ।

ଗଞ୍ଜାମ, ଢେଙ୍କାନାଳ, ଅନୁଗୁଳ, ବୌଦ, ଫୁଲବାଣି ଓ ଦେବଗଡ ଜିଲ୍ଲା ପରି ରେଢାଖୋଲ ଉପଖଣ୍ଡରେ ଦଣ୍ଡ ଯାତ୍ରା ଚୈତ୍ର ମାସରେ ଆରମ୍ଭ ହୋଇ ୧୩ କିମ୍ବା ୨୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଏହି ଅଞ୍ଚଳର ଧୂଳିଦଣ୍ଡ, ପାଣିଦଣ୍ଡ, ଅଗ୍ନିଦଣ୍ଡ, ସୁଆଙ୍ଗ ଓ ମେରୁ ଯାତ୍ରାର ବୈଶିଷ୍ଟତା ରହିଛି ।

ଧୂଳି ଦଣ୍ଡର 'ଆସ ଆସ ବାବୁର ବୁଆ ପଖାଲ ଖାଇଗୋ ରାନ୍ଧିଥିଲି କୁଲୁଥ ଡାଲି ଶିଝିଲା ନାହିଁ ତ, ରାନ୍ଧିଥିଲି ଶୁଖା ଚିଙ୍ଗୁଡି ଫାଲେ ଫାଲେ ଯାଇଛି ପୁଡି' ଓ 'ବାହାରେ ବୁଢା ହାଡି' ଗୀତ ଶୁଣିବାକୁ ଭଲଲାଗେ । ରାତ୍ରିର କାର୍ଯ୍ୟକ୍ରମରେ ହାଡି ହାଡିଆଣି, ଶବର ଶବରାଣି, ବିଣାକାର ବିଣାକାରୁଆଣି, ଯୋଗୀ ଯୋଗୀଆଣି, ଶିବପାର୍ବତୀ ଓ ଚଢେୟା ଚଢେୟାଣୀ ନୃତ୍ୟ ଆକର୍ଷଣୀୟ ହୋଇଥାଏ । ଏହି ଦଣ୍ଡ ଯାତ୍ରାରେ ସ୍ଥାନୀୟ କଥିତ ଭାଷା, ବିଶ୍ୱାସ ଓ ପରମ୍ପରା ପ୍ରତିଫଳିତ ହୋଇଥାଏ । ବିଶେଷ କରି ପ୍ରଧାନ ବୁଢା ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ବାର୍ତ୍ତାଳାପ ଶୁଣିବାକୁ ଭଲଲାଗେ । କାଁ ଭାଁ କେତାଟି ବାକ୍ୟ ଛାଡିଦେଲେ ଅଶ୍ଳୀଳତାର ସ୍ଥାନ ନାହିଁ ।

ଖଞ୍ଜଣି ଭଜନ ଓ ନୃତ୍ୟ ପ୍ରାୟ ବର୍ଷସାରା ରେଢାଖୋଲ ଉପଖଣ୍ଡରେ ହେଉଥାଏ । ଦଣ୍ଡ ଯାତ୍ରା, ଦଶହରା ଓ ନୂଆଁମୁଣ୍ଡା ପୂଜାରେ ଅନବରତ ଢୋଲର ବ୍ୟବହାର ହେଉଥିବାରୁ ଢୁଲିଆର ଚାହିଦା ବଢି ଯାଇଥାଏ । ନାକଟିଦେଉଳ ଅଞ୍ଚଳରେ ଘୁଡୁକା ନାଚ ହୁଏ ଯେଉଁଥିରେ ଜଣେ ପୁରୁଷ ଘୁଡୁକୁଡୁ ବଜାଉଥିବା ବେଳେ ଜଣେ ନାରୀ ନୃତ୍ୟ କରିଥାନ୍ତି । ଦଶହରା ଯାତ୍ରା ସମୟରେ ନାକଟିଦେଉଳ ବ୍ଲକ୍‌ର ବିଭିନ୍ନ ଗ୍ରାମଗୁଡ଼ିକରେ ଧୂନକେଲ୍ ନୃତ୍ୟ ସଂଗୀତ ପରିବେଷଣ କରାଯାଇଥାଏ । ପୌଷ ରବିବାର ପର୍ବ ଏବେ ବିଲୁପ୍ତ ହେବାକୁ ବସିଲାଣି । ଏଥିରେ ଅଶ୍ଳୀଳ ଗୀତର ବ୍ୟବହାର ହେଉଥବାରୁ ଶିକ୍ଷିତା ଝିଅମାନେ ଏହି ପର୍ବ କରିବା ପାଇଁ ଆଗ୍ରହୀ ହେଉନାହାନ୍ତି । କିଛି ବର୍ଷ ଆଗରୁ ନାକଟିଦେଉଳର ଢୁଲିଆମାନେ ସମ୍ବଲପୁର ଶୀତଳଷଷ୍ଠୀ ସମୟରେ ନୃତ୍ୟ ପରିବେଷଣ କରୁଥିଲେ । ପଶୁହତ୍ୟା ଓ ଶୀକାର ନିଷିଦ୍ଧ ପାଇଁ ଆଇନ ହେବାରୁ ଢୋଲ, ମାଦଳ ଓ ଖଞ୍ଜଣୀ ତିଆରିରେ ଅସୁବିଧା ହେଉଛି ।

ଆଜିକାଲି ଏହିସବୁ ବାଦ୍ୟ ଫାଇବର, ପ୍ଲାଷ୍ଟିକ୍ ଓ ଟିଣରେ ତିଆରି ହେଉଛି । ନାକଟିଦେଉଳ ବ୍ଲକ ଅଞ୍ଚଳର ସାମୁହିକ ଆଦିବାସୀ ନୃତ୍ୟ ନିଆରା ଅଟେ । ମନ୍ଦିର ପ୍ରତିଷ୍ଠା ତଥା ବିଭିନ୍ନ ଧାର୍ମୀକ ସମାବେଶରେ ମହିଳାମାନଙ୍କର କଳସୀଯାତ୍ରା ଆକର୍ଷଣୀୟ ହୋଇଥାଏ । ରେଢାଖୋଲ ଉପଖଣ୍ଡ ଅଞ୍ଚଳର ମୁଆଁ ପିଠା, କାଞ୍ଜି ଆମିଳ ଓ କୁଲୁଥ ପୁଟୁକି ସ୍ୱାଦିଷ୍ଟ ଅଟେ । ବର୍ଷା ନହେଲେ ପାଣି ଆଣିବାକୁ ଗୀତ ଗାଇ ନୃତ୍ୟକରି ମହିଳାମାନେ ଗୁମ୍ପାକୁ ଯାଇଥାନ୍ତି ।

ଏହି ଅଞ୍ଚଳର ନଦିଆଁ କୀର୍ତ୍ତନ ଆକର୍ଷଣୀୟ ହୋଇଥାଏ । ରେଢାଖୋଲ ଉପଖଣ୍ଡର ଲୋକନାଟକ ଓ ଲୋକନୃତ୍ୟ ଆଧୁନିକୀକରଣ, କମ୍ପୁଟର ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଛି ।

- ଅବସରପ୍ରାପ୍ତ ପ୍ରଧାପକ ଓ ସଭାପତି
ପରିଚାଳନା କମିଟି ନାକଟିଦେଉଳ ମହାବିଦ୍ୟାଳୟ

# ଦଣ୍ଡନାଟ

● ଚିତ୍ରସେନ ପଶାୟତ

ଦଣ୍ଡନାଟ ଓଡ଼ିଶାର ଏକ ଲୋକପ୍ରିୟ ନୃତ୍ୟଧାରା । ଏହା କେବଳ ମଉଜମଜଲିସ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଏକ ଧାର୍ମିକ ଅନୁଷ୍ଠାନ ମଧ୍ୟ । ପଶ୍ଚିମ ତଥା ଦକ୍ଷିଣ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ବରଦ, ଫୁଲବାଣୀ, ସୋନପୁର, ବିନକା, ବଲାଙ୍ଗିର, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ନୟାଗଡ଼, ଦଶପଲ୍ଲା, ଆଠଗଡ଼, ନରସିଂହପୁର, ବଡ଼ମ୍ବା, ଢେଙ୍କାନାଳ ପ୍ରଭୃତି ଏକ ବିସ୍ତୃତ ଅଞ୍ଚଳରେ ଏହାର ପ୍ରଚଳନ ଅଧିକ । ଏହି ନୃତ୍ୟ ଗଭୀର ଧର୍ମ ଓ ଧର୍ମୋତ୍ତର ଆଚରଣକୁ ନେଇ ଗଠିତ । ଶୈବ ପରମ୍ପରା ସହିତ ନିର୍ମିତ୍ତ ଭାବରେ ସମ୍ପର୍କିତ ଏହି ଗଣନୃତ୍ୟ ଲୋକସମାଜର ଧର୍ମ, ବିଶ୍ୱାସ ଓ ରୀତିନୀତିକୁ ପ୍ରତିଫଳିତ କରିଥାଏ ।

ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ହେଲେ ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦେବତା । ପ୍ରଳୟରୁ ମୁକ୍ତି ପାଇବା ପାଇଁ ଶିବୋପାସନା ଏକାନ୍ତ ପ୍ରୟୋଜନ । ଏହି ଉପାସନା ଦଣ୍ଡନୃତ୍ୟରେ ରୂପାୟିତ ବୋଲି ଶୁଣାଯାଏ । ଯଦିଓ ଗ୍ରାମାଞ୍ଚଳରେ ଆଦିବାସୀ ଓ ନିମ୍ନଶ୍ରେଣୀର ହିନ୍ଦୁ ସମାଜ ସାଧାରଣତଃ ଏହି ନୃତ୍ୟରେ ଅଂଶଗ୍ରହଣ କରନ୍ତି, ତଥାପି ଏହାକୁ ଏକ ଗଣନୃତ୍ୟ କୁହାଯାଇପାରେ । କାରଣ ଏହା କୌଣସି ଏକ ନିର୍ଦ୍ଦିଷ୍ଟ ଜାତି, ସମ୍ପ୍ରଦାୟ ବା ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିନାହିଁ । ଜାତି, ଧର୍ମ, ବୟସ ନିର୍ବିଶେଷରେ ଲୋକମାନେ ଏହି ନୃତ୍ୟରେ ଅଂଶଗ୍ରହଣ କରିଥାନ୍ତି । ଏକ ବୃହତ୍ତର ସମାଜ ସହିତ ସଂଶ୍ଳିଷ୍ଟ ହୋଇଥିବାରୁ ଏହି ନୃତ୍ୟ ଏକ ଗଣନୃତ୍ୟ । ଏହାକୁ ନୃତ୍ୟ ମଧ୍ୟ କୁହାଯାଏ ଏବଂ ନାଟ ମଧ୍ୟ କୁହାଯାଏ । କାରଣ ଏହା ନୃତ୍ୟ, ଗୀତ ଓ ବାଦ୍ୟ ଆଶ୍ରିତ ଅଟେ ଏବଂ ଏହାକୁ ନାଟ୍ୟ ଶୈଳୀରେ ଉପସ୍ଥାପିତ କରାଯାଏ । ଏହି ନାଟ୍ୟ ପରମ୍ପରାର ସୃଷ୍ଟି ସ୍ୱଳ୍ପ ସମୟ ମଧ୍ୟରେ ହୋଇନାହିଁ । ଇତିହାସର ଧାରାବାହିକତାକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଏହା ଅନେକ ଯୁଗର ପରମ୍ପରାରେ ପରିପୁଷ୍ଟ ଅଟେ ।

ଦଣ୍ଡନୃତ୍ୟ ଚୈତ୍ର ପୂର୍ଣ୍ଣମୀଠାରୁ ଆରମ୍ଭ ହୋଇ ପଣାସଂକ୍ରାନ୍ତି ବା ବିଷୁବ ସଂକ୍ରାନ୍ତିଯାଏ ଚାଲେ ଓ ଏହିଦିନ ଉଦ୍‌ଯାପିତ ହୋଇଥାଏ । ଏହାକୁ 'ମେରୁ' କୁହାଯାଏ । ଏହି ନୃତ୍ୟରେ ତେର ଜଣ ଅଂଶଗ୍ରହଣକାରୀ ଥାଆନ୍ତି । ସେମାନଙ୍କୁ ଦଣ୍ଡୁଆ ବା ରୋଲା ବା ଋଷିପୁତ୍ର ବା ବ୍ରତଧାରୀ କହନ୍ତି । ଦଳର ମୁଖ୍ୟ ହେଲେ ପାଟଦଣ୍ଡୁଆ ବା ପାଟଭୋକ୍ତା । ବିଷୁବ ସଂକ୍ରାନ୍ତିର ନଅ, ବାର, ଅଠର ବା ଏକୋଇଶ ଦିନ ପୂର୍ବରୁ ଭୋକ୍ତାମାନେ ଶିବଗୋତ୍ରରେ ଦୀକ୍ଷିତ ହୋଇ ପଇତା ଧାରଣ କରନ୍ତି । ସେହିଦିନଠୁ ଗୋଲାପୀ, ନାରଙ୍ଗୀ ଓ ହଳଦିଆ ରଙ୍ଗର ନୂଆ ଧୋତି ପିନ୍ଧନ୍ତି ଓ ଗୋଟିଏ ଦଣ୍ଡ ବା ବେତ ଧାରଣ କରନ୍ତି । ଅନ୍ୟ ଅର୍ଥରେ କହିବାକୁ ଗଲେ ପଇତା ଧାରଣ କରିବା, ଗୋଲାପି, ନାରଙ୍ଗି ଓ ହଳଦିଆ ରଙ୍ଗର ନୂଆବସ୍ତ୍ର ପରିଧାନ କରିବା ଓ ହାତରେ ଏକ ଦଣ୍ଡ ବା ବେତ ଧରିବା ଭୋକ୍ତା ବା ବ୍ରତଧାରୀର ପରିଚୟ । ଶିବଦମନକ ଚତୁର୍ଦ୍ଦଶୀଠାରୁ ମେଷ । ମେରୁ ସଂକ୍ରାନ୍ତିଯାଏ ତେରଦିନ ପାଇଁ ସଂକଳ୍ପବଦ୍ଧ ହୋଇ ରୋକ୍ତାମାନେ ନିଷ୍ଠାର ସହିତ କଠୋର ନିୟମ ପାଳନ କରନ୍ତି ।

ଯେଉଁ ଦିନଠାରୁ ସେମାନେ ବ୍ରତ ପାଳନ କରନ୍ତି ସେହିଦିନଠାରୁ ଗୃହ ପରିତ୍ୟାଗ କରି ଗାଁ ମୁଣ୍ଡରେ ଥିବା କାମନା ଘରେ ରୁହନ୍ତି । ଯେଉଁ ଗାଁରେ ଏମିତି ଘର ନଥାଏ ସେଠାରେ ସେମାନେ ଶିବମନ୍ଦିର ବା ଆଖଡ଼ା ଘରେ ଆଶ୍ରୟ ନିଅନ୍ତି । ସ୍ତ୍ରୀ ସହବାସ ତଥା ମାଦକଦ୍ରବ୍ୟ ସେବନରୁ ଦୂରେଇ ରହନ୍ତି । ଗ୍ରାମ ବାହାରେ ଶିବମନ୍ଦିର କିମ୍ବା ଆମତୋଟାରେ ରନ୍ଧାବଢ଼ା କରି ଭୋଗ ଲଗାଇ ପ୍ରସାଦ ସେବନ କରନ୍ତି । ଦିନବେଳା ଉପବାସ ରହନ୍ତି ଓ ସନ୍ଧ୍ୟା ପୂର୍ବରୁ ଥରେ ମାତ୍ର ଅରୂଆ ଅନ୍ନ ବା ଲିଆ

ଭୋଜନ କରି ହବିଷ୍ୟାନ୍ତ ପାଳନ କରନ୍ତି । ଖାଇଲାବେଳେ କାହା ସାଙ୍ଗେ କଥାବାର୍ତ୍ତା କରନ୍ତି ନାହିଁ । ତେଣୁ କେହି ଜଣେ ଲୋପ୍ତା ହୋଇ ବଢାଇ ଥାଏ । ଅନ୍ନ ବା କିଆ ଖାଇବାବେଳେ ବାଳ, ଗୋଡ଼ି, ବା ଖଇକିଛି ବାହାରିଲେ ଆଉ ଖାଆନ୍ତି ନାହିଁ । ଖାଇଲାବେଳେ ସେମାନଙ୍କ ଉପରେ କାହାରି ଛାଇ ସୁଦ୍ଧା ପଡ଼ିବା ମନା । ଭୋକ୍ତାମାନେ ପାଳନ କରୁଥିବା ନିୟମରେ କୌଣସି ବ୍ୟତିକ୍ରମ ବା ବ୍ୟାଘାତ ଘଟିଲେ ସେମାନେ ଅନ୍ନ ପରିତ୍ୟାଗ କରନ୍ତି । ଏହି ଦୃଷ୍ଟିକୋଣରୁ ବଣ୍ଡ ଶବ୍ଦଟିର ଅର୍ଥ ଯଷ୍ଟି ତୁଳନାରେ ସଂଯମ ଅର୍ଥରେ ବେଶୀ ଉପଯୁକ୍ତ ମନେହୁଏ । ଶିବଙ୍କୁ ଅତି କଠୋର ତପସ୍ୟା କରି ସନ୍ତୁଷ୍ଟ କରିବା ଓ ଶିବବନ୍ଦନା ଗାଇ ନାଚ କରିବାକୁ ଦଣ୍ଡନାଟ କହିବା ଅତି ପ୍ରଯୁକ୍ତ ।

ଦଣ୍ଡନାଟରେ ମାଛମାଂସର ବର୍ଜନ ଯୋଗୁଁ ଏହା ଦକ୍ଷିଣୋପାସନାର ଅନ୍ତର୍ଭୂକ୍ତ ବୋଲି କେତେ ଜଣ କହନ୍ତି । କାରଣ ଶୈବସିଦ୍ଧାନ୍ତ ଦକ୍ଷିଣୋପାସନାରେ ମାଛମାଂସ ଖାଇଲେ ସିଦ୍ଧିଲାଭ ହୁଏନାହିଁ । ଏହି ଦୃଷ୍ଟିକୋଣରୁ ଦଣ୍ଡନାଟରେ ଶକ୍ତିପୂଜାର ପ୍ରଭାବ ଅନୁରୂତ ହେଲେ ହେଁ ଦଣ୍ଡନାଟର ମୂଳ ଶୈବତନ୍ତ୍ର ଅଟେ ଏବଂ ବଙ୍ଗଦେଶର ସାର ତନ୍ତ୍ର ହିଁ ପଶ୍ଚିମ ଓଡ଼ିଶାର ଦଣ୍ଡନାଟର ଶୈବତନ୍ତ୍ର ଅଟେ । ଭୋଲାମାନେ ପାରିବାରିକ ଜୀବନକୁ ପରିତ୍ୟାଗ କରି କଠୋର ନିୟମ ପାଳନ ପୂର୍ବକ ଯେଉଁ ନିଷ୍ଠା ଓ ଆବଣ ବାହିଁ ଯାଆନ୍ତି ସେପାଇଁ ଗ୍ରାମବାସୀମାନେ ସେମାନଙ୍କୁ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ସ୍ୱାଭାବିକ ମନେହୁଏ । ଏଠାରେ ଉଲ୍ଲେଖନୀୟ ଯେ ଦଣ୍ଡନାଟରେ ବେଉ ଶବ୍ଦଟି ଅର୍ଥମୂଳକ ବୋଲି ଅନେକେ କୁହନ୍ତି । କାରଣ ଏଥିରେ ତେର ଜଣ ବ୍ରତଧାରୀ ବା ଭୋକ୍ତା ଅଂଶଗ୍ରହଣ କରନ୍ତି । ସେମାନେ ଯେଉଁ ଦଣ୍ଡ ବା ବେତ ଧାରଣ କରନ୍ତି ସେଥ ?ିରେ ତେରଟି ପଦ ଥାଏ ବୋଲି କୁହାଯାଏ । ଦଶନୃତ୍ୟ ସାଧାରଣତଃ ତେରଦିନବ୍ୟାପୀ ଚାଲେ । ଏତଦବ୍ୟତୀତ ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଏହି ତେରଜଣ ବ୍ରତଧାରୀ ହେଲେ ତେରଜଣ ଅଭିଶପ୍ତ ଋଷିପୁତ୍ର ।

ଦଣ୍ଡନାଟ ପାଇଁ ଯେଉଁଠୁ ନିମନ୍ତ୍ରଣ ପାଆରି ସେଠାକୁ ଭୋକ୍ତାଗଣ ଯାତ୍ରା କରନ୍ତି । ଯାହା ପାଖରୁ ନିମନ୍ତ୍ରଣ ପାଇଥାନ୍ତି ସେହି ବ୍ୟକ୍ତି ବା ଗ୍ରାମର ଲୋକେ ମିଶି ଭୋକ୍ତାମାନଙ୍କର ଚର୍ଚା କରନ୍ତି । ଏଥିରେ ନିମନ୍ତ୍ରଣ କରିବାର ସ୍ୱତନ୍ତ୍ର ବିଧି ପରିଲକ୍ଷିତ ହୁଏ । ଦଣ୍ଡନାଟ ମନାସିଥିବା ବ୍ୟକ୍ତି ଘର ଆଗରେ ଗୋବର ଲିପି ପାଣିପୂର୍ଣ୍ଣ କଳସ/ଗଡୁଟିଏ ରଖିଦିଅନ୍ତି । ଦଣ୍ଡନାଟ ଦଳ ଦାଣରେ ଗଲାବେଳେ ତାହା ଦେଖି ଜାଣିପାଗରି ଯେ ଗୃହକର୍ତ୍ତା ଦଣ୍ଡବ୍ରତ ରଛନ୍ତି । ଆଉ କେତେକ କ୍ଷେତ୍ରରେ ଦଣ୍ଡନାଟ ମନାସିଥିବା ବ୍ୟକ୍ତି ଗ୍ରାମ ପରିକ୍ରମାରେ ବାହାରିଥିବା ଦଣ୍ଡନାଟ ଦଳଙ୍କ ସାମନାରେ ପାଣି ଚାଳିଥାନ୍ତି । ଏହା ନିମନ୍ତ୍ରଣ ସୂଚକ ଅଟେ । ତା'ପରେ ଦଣ୍ଡନାଟବଳ ତାଙ୍କ ଘରେ କିମ୍ବା ଗୃହପିଣାରେ ଦୀପଟିଏ ଜାଳି ବିଶ୍ରାମସ୍ଥାନକୁ ଫେରିଯାଆରି । ପ୍ରାପ୍ୟଧନକୁ ଲାଗବାଣ୍ଟିନେବାର କୌଣସି ନିୟମ ନାହିଁ । ସେହି ଧନରେ ପୃଷ୍କରିଣୀ ଖୋଳାଇବା, ମନ୍ଦିର ତଥା ଧର୍ମଶାଳା ନିର୍ମାଣ କରିବା ପ୍ରକୃତି ଜନହିତକର କାର୍ଯ୍ୟ କରାଯାଇଥାଏ ।

ଦଣ୍ଡନାଟ ଏକ ଗୋଷ୍ଠୀନାଚ । ପ୍ରତି ଗୋଷ୍ଠୀରେ ପନ୍ଦରରୁ କୋଡିଏ ଜଣଯାଏ ଲୋକ ଥାଆନ୍ତି । ସେମାନେ ସମସ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ଜାତି, ଗୋଷ୍ଠୀ ବା ଗ୍ରାମର ହୋଇମଧ ନପାରି । ଅବଶ୍ୟ ଏଥିରେ କେବଳ ପୁରୁଷମାନେ ଯୋଗ ଦେବାର ଦେଖାଯାଏ । ତେଣୁ ସ୍ତ୍ରୀ ଭୂମିକାରେ ପୁରୁଷମାନେ ଅବତୀର୍ଣ୍ଣ ହୁଅନ୍ତି । ଉଭୟ ଆଦିବାସୀ ଓ ଅଣଆଦିବାସୀ କଳାକାରମାନେ ଯୋଗ ଦିଅରି । ସାଧାରଣତଃ ହରିଜନ ଶ୍ରେଣୀର କଳାକାର୍ନ୍ତୁ ମାଦଳ ଦଢାଏ । ସମସ୍ତେ ମିଶି ଏକାଠି ଖାଆରି, ଏକାଠି ରୁହନ୍ତି ଏବଂ ନୃତ୍ୟ ପ୍ରଦର୍ଶନ କରନ୍ତି । ବ୍ରାହ୍ମଣ, କରଣ, କ୍ଷତ୍ରୀୟ ପ୍ରଭୃତି ଉଚ୍ଚବର ଯେଉଁଲୋକ ରୋଗ୍ରା ହୋଇ ବ୍ରତ ଇବାରେ ମର୍ଯ୍ୟାଦା ହାନିକର ବୋଲି ମନେକରେ କିମ୍ବା ବର୍ଣବୈଷମ୍ୟ ଦୃଷ୍ଟିରୁ ଅଂଶଗ୍ରହଣ କରିପାରେ ନାହିଁ, କିନ୍ତୁ ଶିବଙ୍କଠାରେ ଦଣ୍ଡନାଟ ମନାସିଥାଏ ସେ ଏହି ନୃତ୍ୟଦଳକୁ ଆମନ୍ତ୍ରଣ କରି ନିଜଘର ସାମନା ଦାଣ୍ଡରେ ବା ଅଗଣାରେ ଦଣ୍ଡନାଟର ଆୟୋଜନ କରିବାର ଦେଖାଯାଏ । ଏଥିରୁ ଜଣାପଡ଼େ ଯେ ବିଭିନ୍ନ ଜାତି ଓ ସମାଜର ଲୋକମାନଙ୍କ ମଧ୍ୟରେ ସଂହତି ସ୍ଥାପନ ପାଇଁ ଏହା ଏକ ବଡ଼ ମାଧ୍ୟମ । ମାନବିକ ଓ ସାମାଜିକ ଦୁର୍ଗାବନା ବିରୂଦ୍ଧରେ ଦଣ୍ଡନାଟ ପରମ୍ପରା ସଦ୍‌ଭାବନା ତଥା ସଜୀବତାର ପ୍ରତୀକ ମନେହୁଏ । ଜାତି, ବର୍ଣ୍ଣ, ଧର୍ମ, ଛୋଟ, ବଡ଼, କାଳ, ପାତ୍ର, ଦେଶ ନିର୍ବିଶେଷରେ ଏହି ପରମ୍ପରା ପ୍ରେମ, ସଂହତି ଓ ସମାନତାବାଦର ପରିବାହକ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି କ୍ରମରେ ସାମାଜିକ ଐକ୍ୟ ତଥା ସଂହତିର ରକ୍ଷା ତଥା ସୃଷ୍ଟି କ୍ଷେତ୍ରରେ ଦଣ୍ଡନାଟର ଅବଦାନକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ଦଣ୍ଡନାଟର ଉତ୍ପତ୍ତି ବହୁ ପ୍ରାଚୀନ କାଳରୁ ହୋଇଥିବାର ଅନୁମାନ କରାଯାଏ । ଅବଶ୍ୟ ଏହାର ମୂଳ ଉପାଖ୍ୟାନ ଖୋଜି ବାହାର କରିବା କଷ୍ଟକର । ଲୋକମୁଖ ତଥା ଦଣ୍ଡନୃତ୍ୟର ଗୁରୁମାନଙ୍କ ପାଖରୁ ଅନେକ କଥା ଶୁଣିବାକୁ ମିଳେ । ଶୁଣାଯାଏ ଯେ ତ୍ରେତୟା ଯୁଗରେ ଦୂରଙ୍ଗ ଋଷିଙ୍କ ଔରସରୁ ଚଉଦଜଣ ପୁତ୍ର ଜାତ ହେଲେ । ଋଷିପୁତ୍ର ହେଲେ ମଧ୍ୟ ସେମାନଙ୍କ ଅତ୍ୟାଚାରରେ ଦେବତା ଓ ଅସୁରକୁଳ ଉଭୟେ ଅତିଷ୍ଠ ହୋଇ ବ୍ରହ୍ମାଙ୍କ ଶରଣାଗତ ହେଲେ । ଚଉଦଜଣଙ୍କ ମଧ୍ୟରୁ ଜଣେ ଅଭକ୍ଷ ଖାଇ ପତିତ ହେଲା ଏବଂ ବାକି ତେରଜଣଯାକ ବ୍ରହ୍ମାଙ୍କ ଅଭିଶାପ ପାଇ ବାଲ୍ମୀକିରେ ପରିଣତ ହେଲେ । ସେଇଠୁ ସେମାନେ ବ୍ରହ୍ମାଙ୍କୁ ଉପସ୍ୟା କଲେ । ବ୍ରହ୍ମା ସନ୍ତୁଷ୍ଟ ହୋଇ ନିଜ ଦେହରୁ ଦଶ ଜାତକରି ସେମାନଙ୍କୁ ପ୍ରଦାନକଲେ ଏବଂ ଦଣ୍ଡଯାତ୍ରା କରିବା ପାଇଁ ଆଦେଶ ଦେଲେ । ଏହାଦ୍ୱାରା ସେମାନଙ୍କ ପାପନାଶ ହେବ ବୋଲି ମଧ୍ୟ କହିଲେ । ସେଇଠୁ ସେମାନେ ହେଲେ ତେର ଭୋକ୍ତା ଏବଂ ଦର୍ଶନାଟର ସୂତ୍ରଧର । ଏମାନଙ୍କ ମଧ୍ୟରେ କପିଳ, ପରାଶର, ଶୁକ, ଅଙ୍ଗିରାଶ, ମାର୍କଣ୍ଡ, ବଶିଷ୍ଠ, ବାଲ୍ମୀକି, ବେଦବ୍ୟାସ ଅନ୍ୟତମ ବୋଲି କୁହାଯାଏ ।

ଆଉ ଏକ ମିଥ୍ ଅନୁଯାୟୀ ଜନୈକ ଋଷିଙ୍କ ପାଖେ ଗୋଟିଏ ନିମ୍ନଶ୍ରେଣୀର ପିଲାଟିଏ ଚାକର ଥିଲା । ଆଶ୍ରମ ସଫା ଇଷ୍ଟା ତଥା ଋଷିଙ୍କ ସେବା କରିବା ହେଲା ତା'ର କାମ । ଋଷିଙ୍କ ପାଖକୁ ନିତିଦିନ ସକାଳୁ କେତେଜଣ ବ୍ରାହ୍ମଣ ପିଲା ବିଦ୍ୟାଧ୍ୟୟନ ନିମନ୍ତେ ଆସୁଥିଲେ । ସେମାନେ ଆସିବା ଆଗରୁ ଚାକରପିଲାଟି ଆଶ୍ରମକୁ ସଫାକରି ଆସନ ପାରି ଦେଇଥାଏ । ଆଶ୍ରମ କାମ ଶେଷ ହୋଇଗଲା ପରେ ଗୋଟିଏ କୋଣରେ ବସି ଗୁରୁ ତାଙ୍କ ଶିଷ୍ୟମାନଙ୍କୁ ଯାହା ଶିକ୍ଷା ଦିଅନ୍ତି ତାହା ଶୁଣେ । ଆପେ ଆପେ ଚାକର ପିଲାଟି ମଧ୍ୟ ଯୋଗ ତଥା ଅନ୍ୟାନ୍ୟ ଶାସ୍ତ୍ରରେ ପାରଙ୍ଗମ ହୋଇଗଲା । ସବୁଦିନ ବଡ଼ିଭୋରରୁ ଉଠି ଗୁରୁଙ୍କ ଶିଷ୍ୟମାନେ ଆସିବା ବହୁପୂର୍ବରୁ ଚାକର ପିଲାଟି ଯୋଗାଭ୍ୟାସ ମଧ୍ୟ କରେ । ଦିନେ ସକାଳୁ ପିଲାମାନେ ଆଶ୍ରମକୁ ଆସି ଦେଖିଲା ବେଳକୁ ଚାରିଆଡ଼େ ମଇଳା ଜମା ହୋଇଛି ଏବଂ ଘରସଫା ହୋଇନାହିଁ ।

ସେଇଠୁ ଚାକର ଟୋକାକୁ ଖୋଜାହେଲା । ଦେଖାଗଲା ସେ ଧ୍ୟାନମଗ୍ନ । ଏହାଦେଖି ପିଲାମାନେ ଏକଦମ ନିଆଁବାଣ । ଗୁରୁଙ୍କ ପାଖରେ ଅଭିଯୋଗ ହେଲା । ଗୁରୁ ଆସି ଚାକରପିଲାକୁ ବହୁତ ବାଡ଼େଇଲେ । ଚାକର ପିଲାକୁ ବାଧିଲା; ଏହି ସାମାନ୍ୟ ଦୋଷ ପାଇଁ ଏତେ ମାଡ଼ ଖାଇବାକୁ ପଡ଼ିଲା । ସେ ରାଗିଯାଇ ଏମିତି ଏକ ମନ୍ତ୍ର ଉଚ୍ଚାରଣ କଲାଯେ ଗୁରୁଙ୍କ ଶରୀର ହୁହୁ ହୋଇ ଜଳିବାକୁ ଲାଗିଲା । ଏହାଦେଖି ପାଖରେ ଥିବା ଶିଷ୍ୟମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଯେନତେନ ପ୍ରକାରେଣ ଗୁରୁଙ୍କ ପ୍ରାଣରକ୍ଷା ହେଲା । ସାମାନ୍ୟ ନୀଚଶ୍ରେଣୀ ପିଲାଟିଏ ପାଖରେ ଏମିତି ବିଦ୍ୟା ଦେଖି ସେମାନଙ୍କୁ ଈର୍ଷା ଲାଗିଲା । ତେଣୁ ସେମାନେ ତାଠୁ ସେହି ବିଦ୍ୟା ଜୋରଜବରଦସ୍ତ ଆଦାୟ କରିନେଇ କଇଳାଶ ପର୍ବତର ଗୁମ୍ଫା ଭିତରେ ସୂଚେଇ ରଖିଲେ । ଏକଥା ଯେତେବେଳେ ଶିବ ଜାଣିପାରିଲେ, ସେତେବେଳେ ସେ ସାଙ୍ଗେ ସାଙ୍ଗେ ତାଙ୍କ ନନ୍ଦିକୁ ଡାକି ସେହି ବିଦ୍ୟାକୁ ମୁକ୍ତ କରିବା ପାଇଁ କହିଲେ । ତାହା ପୃଥିବୀର ସାଧାରଣ ଲୋକଙ୍କ ମୁକ୍ତି ପାଇଁ ଦଣ୍ଡନାଟ ରୂପେ ପ୍ରଚଳିତ ହେଲା । କେତେଜଣ ଗବେଷକଙ୍କ ମତରେ, ମଣିଷର ଅବଚେତନ ମନରୁ ମିଥ୍ୟାଗୁଡ଼ିକର ଉତ୍ପତ୍ତି ଘଟିଛି । ମଣିଷ ଏହାକୁ କଳ୍ପନା କରିନାହିଁ । ସେ ଯାହାହେଉ ମିଥରୁ ଆଶ୍ରୟ କରି ଦେବୀ, ଦେବତାଙ୍କର ମହିମା ପ୍ରତିଷ୍ଠା କରାଯିବା ଘଟଣାରୁ ଧର୍ମକୃତ୍ୟ (ri- tual) ସହିତ mythର ଘନିଷ୍ଠ ସମ୍ପର୍କ ବୁଝାପଡ଼େ ।

କେତେଜଣ କହନ୍ତି ପଞ୍ଚମ-ଷଷ୍ଠ ଶତାବ୍ଦୀରେ ଦଣ୍ଡନାଟର ସୃଷ୍ଟି ହୋଇଥିଲା । ଆଉ କେତେଜଣଙ୍କର ମତ ଯେ ଅଷ୍ଟମ-ନବମ ଶତାବ୍ଦୀ ବେଳକୁ ଏହାର ସୃଷ୍ଟି । କାରଣ ଓଡ଼ିଶାରେ ପାର୍ଶ୍ୱପତ ଶୈବଧର୍ମ ପ୍ରବର୍ତ୍ତିତ ହୋଇଥିଲା । ଏହାର ପ୍ରବର୍ତ୍ତକ ଇଗୁଡ଼ାଶ ବା ଉକ୍ଳୀଶ । ଉକ୍ଳୀୟ ସ୍ଥାପତ୍ୟରେ ସେ ଏକ କଗୁଡ଼ ବା ଦଣ୍ଡଧାରଣ କରନ୍ତି । ଦଣ୍ଡଧାରଣ କରୁଥି[। ଗୋଟିଏ ଗୋଷ୍ଠୀର ସନ୍ନ୍ୟାସୀମାନଙ୍କୁ ଦଣ୍ଡୀ ବୋଲି କୁହାଯାଉଥିଲା । ତେଣୁ ଦଣ୍ଡ ବେତ୍ରଦଣ୍ଡ ଧାରଣ କରୁଥିବା ଶିବଗୋତ୍ରୀ ଦଣ୍ଡୁଆମାନଙ୍କଦ୍ୱାରା ହେଉଥିବା ନୃତ୍ୟର ନାମ ଦଣ୍ଡନାଟ ଅବା ଦଣ୍ଡର ଉପସ୍ଥିତିରେ ହେଉଥିବା ନୃତ୍ୟହିଁ ଦଣ୍ଡନାଚ । ଯଦିଓ ଏ ସମ୍ପର୍କରେ ସଠିକ ଐତିହାସିକ ତଥ୍ୟ ନାହିଁ, ତଥାପି ଓଡ଼ିଶାରେ ଶିବ ଆରାଧନା ବହୁ ପ୍ରାଚୀନ କାଳରୁ ଅନୁସୃତ । ତେଣୁ ଦଣ୍ଡନାଟର ପ୍ରାଚୀନତା ଅନ୍ୟାନ୍ୟ ଲୋକନାଟକ ତୁଳନାରେ ସର୍ବାପେକ୍ଷା ବେଶୀ ବୋଲି କୁହାଯାଇପାରେ । ତେବେ ପଶ୍ଚିମ ଓଡ଼ିଶାରେ ସୋମବଂଶୀ କାଳରେ ଏବଂ ପୂର୍ବ ଓଡ଼ିଶାରେ କେଶରୀବଂଶ କାଳରେ ଦଣ୍ଡନୃତ୍ୟର ଉତ୍ପତ୍ତି ହୋଇଥିବାର ଅନୁମାନ କରାଯାଏ । କାରଣ ଏହି ସମୟରେ ଶୈବଧର୍ମ

ଗଣଧର୍ମରେ ପରିଣତ ହୋଇଛି । ବୌଦ୍ଧଧର୍ମର ପ୍ରଭାବରେ ହିନ୍ଦୁଧର୍ମ ଲୋକପ୍ରିୟତା ହରାଇ ବସିବାରୁ ଏହାର ପୁନରୁଦ୍ଧାର ତଥା ପ୍ରସାର ନିମନ୍ତେ ରାଜନ୍ୟବର୍ଗଙ୍କ ପୃଷ୍ଠପୋଷକତା ଏହି ସମୟରେ ମିଳିଥିଲା । ଏହି ସମୟରେ ସାଧାରଣ ଲୋକଙ୍କ ମଧ୍ୟରେ ଶୈବଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ଦଣ୍ଡନୃତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମନେହୁଏ ।

ପରମ୍ପରାପ୍ରତି ଆସକ୍ତି ଓ ସମ୍ମାନ ସାଧାରଣ ଲୋକର ଦୁର୍ବଳତା । ତେଣୁ ପରମ୍ପରାକୁ ଭିତ୍ତିକରି ସେମାନଙ୍କୁ ସଙ୍ଗଠିତ କରିବା ପାଇଁ ପରମ୍ପରା ଏକ ବଡ଼ ଶକ୍ତି ମଧ୍ୟ । ସମାଜର ନିମ୍ନଶ୍ରେଣୀର ଲୋକଙ୍କ ମଧ୍ୟରେ ଶୈବଧର୍ମର ପ୍ରସାର ପାଇଁ ହିନ୍ଦୁ ପରମ୍ପରାକୁ ବଦଳାଇ ଦିଆଯାଇଛି - ଲୋକଜୀବନକୁ ସୁହାଇବା ଭଳି । ଶୈବଧର୍ମ ଏକ ସର୍ବଭାରତୀୟ ପରମ୍ପରା (Great Indian Tradition) କିନ୍ତୁ ଦଣ୍ଡନାଟ ଏକ ଆଞ୍ଚଳିକ ବା ସ୍ଥାନୀୟ ପରମ୍ପରା (Little Indian Tradition) । (Loca- lisation/Parochialisation) ପ୍ରକ୍ରିୟା ଫଳରେ ହିନ୍ଦୁ ପରମ୍ପରାରୁ ଗୃହୀତ ଉପାଦାନର ରୂପାନ୍ତର ଘଟିଛି । ପୁନଶ୍ଚ କୌଣସି ସାମାଜିକ ତଥା ସାଂସ୍କୃତିକ ବ୍ୟବସ୍ଥା ସ୍ଥାଣୁ ନୁହେଁ । ଏହା ନିରବଚ୍ଛିନ୍ନ, ପରିବର୍ତ୍ତନ ଏବଂ ପ୍ରବହମାନ ଅଟେ । ତେଣୁ କାଳକ୍ରମେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଦଣ୍ଡନାଟ ପରମ୍ପରାରେ ସାମାନ୍ୟ ଆଞ୍ଚଳିକ ପାର୍ଥକ୍ୟ ଦୃଷ୍ଟିଗୋଚର ହେବା ସ୍ୱାଭାବିକ । ତେବେ ଏଠାରେ ସ୍ମରଣୀୟ ଯେ ଦଣ୍ଡନାଟର ଦେବତା ହେଲେ ଶିବ । ତାଙ୍କର ପ୍ରତୀକ ସ୍ୱରୂପ ଦଣ୍ଡକୁ ପୂଜା କରାଯାଏ । ତେଣୁ ଦଣ୍ଡନାଟ ମୂଳତଃ ପୌରାଣିକ ବା ଶାସ୍ତ୍ରୀୟ । ଏହି ଶାସ୍ତ୍ରୀୟ ହିନ୍ଦୁ ପରମ୍ପରାକୁ ଅଣହିନ୍ଦୁ ତଥା ନିମ୍ନଶ୍ରେଣୀର ହିନ୍ଦୁ ସମାଜରେ ଚଳାଇବା ବେଳେ ସେଥିରେ ଅନେକ ପରିବର୍ତ୍ତନ ଓ ସଂସ୍କାର କରାଯାଇଛି । ପୁନଶ୍ଚ, ଏଠାରେ ମନେ ରଖିବାକୁ ହେବ ଯେ ଆମେ ଯେଉଁ ଦଶ ପରମ୍ପରାକୁ ଏକାନ୍ତଭାବେ ନିଜର କରି ନେଇଛୁ, ତାହା ଉପରୁ ଶାସ୍ତ୍ରୀୟ ପରମ୍ପରାରୁ ଯେପରି ଉପାଦାନ ଗ୍ରହଣ କରିଛି, ସେହିପରି ତଳୁ ନିମ୍ନବର୍ଗର ପରମ୍ପରାରେ ମିଶି ରହିଥିବା ପ୍ରାକ୍ ଐତିହାସିକ ସୂତ୍ରରୁ ମଧ୍ୟ ବହୁ ଉପାଦାନକୁ ନିଜର କରିନେଇଛି, କାରଣ ସେହି ସାମାଜିକ ଭିତ୍ତିଭୂମି ଉପରେ ହିଁ ଦଣ୍ଡ ପରମ୍ପରାର ବିକାଶ ଦଣ୍ଡନାଟର ତିନୋଟି ପର୍ଯ୍ୟାୟ ରହିଛି- ଧୂଳିଦଣ୍ଡ ବା ଭୂମିଦଣ୍ଡ, ପାଣିଦଣ୍ଡ ଓ ଦଣ୍ଡ । ଧୂଳିଦଣ୍ଡ ହେଲା ଦଣ୍ଡନାଟର ପ୍ରଥମ ପର୍ଯ୍ୟାୟ । ଚୈତ୍ର-ବୈଶାଖ ମାସରେ ଅସହ୍ୟ ଖରାରେ ଦିନର ବାରଟା ବେଳେ ଏହି ପର୍ବ ପରିବେଷଣ ହୋଇଥାଏ । ମନେହୁଏ ଶାରୀରିକ କଷ୍ଟ ପ୍ରଦର୍ଶନ ମାଧ୍ୟମରେ ଦେବକରୁଣାପ୍ରାପ୍ତି ହେଉଛି ଭୂମିଦଣ୍ଡ ବା ଧୂଳିଦଣ୍ଡର ଲକ୍ଷ୍ୟ । ପୂଜାର୍ଚ୍ଚନା ପରେ ଢୋଲ ବାଜେ । ବୀଣାକାରିଆ ଏହାର ପ୍ରଧାନ ଗାୟକ । ଶିବ ଓ ପାର୍ବତୀଙ୍କୁ କୃଷି ଦେବତା ରୂପେ ଚିତ୍ରଣ କରି ପୂଜା କରାଯାଏ ଓ କୃଷିଭିତ୍ତିକ ଚରିତ୍ର ପରିବେଶିତ ହୋଇଥାଏ । ଚାରିଜଣ ଗୋଲା ଦ୍ୱିପହରର ପ୍ରଚଣ୍ଡ ଖରାରେ ଭୂମିରେ ଶୋଇ ଚାରିକୋଣିଆ ଭାବରେ ଗୋଡ଼ମୁଣ୍ଡ ଯୋଡ଼ି ଧାନ ତିଆରି ଦୃଶ୍ୟ ତିଆରି କରନ୍ତି । ଦୁଇଜଣ କୋଲା ବଳଦ ହୁଅନ୍ତି । ଜଣେ ହଳିଆ ହୁଏ । ଏଠାରେ ଶିବ ହଳିଆ ରୂପରେ ଚାଷକାମ କରନ୍ତି । ଧୂଳିର ଧାନ, ମୁଗ, ବିରି, କୋଳଥ ସେହି କିଆରିରେ ବୁଣିବା, ପାଣି ମଡ଼ାଯିବା, ପଥର ଖୋଳାଯିବା, ଫସଲ ଅମଳ କରିବାର ଦୃଶ୍ୟ ପରିବେଷିତ ହୁଏ । କୃଷିରିରିକ ସମାଜରେ ଶିବଙ୍କୁ ସାଧାରଣ କୃଷକ ଭାବରେ ଚିତ୍ରଣ କରି ସାମାଜିକ ଦୃଷ୍ଟିକୋଣରୁ କୃଷିକର୍ମର ମହାନତା ତଥା ଆବଶ୍ୟକତାକୁ ପ୍ରତିପାଦନ କରାଯାଏ । ଲୋକବିଶ୍ୱାସ ଯେ ଚୈତ୍ର-ବୈଶାଖ ମାସରେ ଦିନ ଦ୍ୱିପହରର ପ୍ରଚଣ୍ଡ ଖରାରେ ତାତିଲା ବାଲି ଉପରେ ଝାଳନାଳ ହୋଇ ଅନୁଷ୍ଠିତ ହେଉଥିବା ଏହି ପ୍ରାୟଶ୍ଚିତମୂଳକ ଦଣ୍ଡଭୋଗଦ୍ୱାରା ସଜଳପାପରୁ ମୁକ୍ତିମିଳେ ।

ଧୂଳିଦଣ୍ଡ ପରେ ପାଣିଦଣ୍ଡ ବା ପାଏନଦଣ୍ଡ ଅଳ୍ପସମୟ ପାଇଁ ପରିବେଷିତ ହୁଏ । ଏଥିରେ ମୁଖ୍ୟତଃ ଗ୍ରାମ୍ୟଚରିତ୍ର ଓ ଗ୍ରାମ୍ୟ ଘଟଣାବଳୀକୁ ଉପସ୍ଥାପନ କରାଯାଏ । ଏଥିରେ ମହୁଲର ପରିଚୟ, ଗୁଣ, କାର୍ଯ୍ୟକାରିତା, ଉପଯୋଗିତା ଓ ଆହରଣ ପ୍ରଣାଳୀ ଚର୍ଚ୍ଚନା କରାଯାଏ । ମହୁଲ ଏହି ଅଞ୍ଚଳର ଏକ ଉପାଦେୟ ଫସଲ ଏବଂ ଠିକ୍ ଚୈତ୍ର ମାସରେ ଏହା ଅମଳ କରାଯାଏ । ଏହି ପର୍ଯ୍ୟାୟରେ ଭୋକ୍ତାମାନେ କ୍ଲାନ୍ତି ଓ ତାପ ନିବାରଣ ନିମନ୍ତେ ତରଭୂଜ, କାକୁଡ଼ି ପ୍ରଭୃତି ଜଳ ପ୍ରଧାନ ଫଳ ଆହରଣ କରିବାର ଦେଖାଯାଏ । ତୃତୀୟ ପର୍ଯ୍ୟାୟରେ ଦଣ୍ଡନୃତ୍ୟ ରାତ୍ରିକାଳରେ ପରିବେଷିତ ହୁଏ । ପ୍ରାରମ୍ଭରେ ଛତ୍ରପୂଜା ହୁଏ । ପ୍ରଥମେ ବିଘ୍ନବିନାଶକ ଗଣେଶଙ୍କୁ ବନ୍ଦନା କରାଯାଏ । କଳାରଙ୍ଗର ବସ୍ତ୍ରରେ ଛତ୍ରଟି ତିଆରି ହୋଇ ବିଭିନ୍ନ ଫୁଲରେ ସଜ୍ଜିତ ହୋଇଥାଏ ।

ଛତ୍ରତଳେ କାଠନିର୍ମିତ ଏକ ଆସନରେ ଅଧିଷ୍ଠିତ ଦଣ୍ଡ

ହେଲେ ଈଶ୍ୱରଙ୍କ ପ୍ରତୀକ । ପୂଜାପରେ ପ୍ରଭାନୃତ୍ୟ ପରିବେଷଣ ହୁଏ । ପ୍ରଭାନୃତ୍ୟ ହେଲା ଶିବଙ୍କ ତାଣ୍ଡବନୃତ୍ୟ । କୁହାଯାଏ ଶିବଙ୍କର ମହାପ୍ରଳୟ କାଳୀନ ଉଦ୍ଦଣ୍ଡନୃତ୍ୟର ଅପଭ୍ରଂଶ ହିଁ ଦଣ୍ଡନାଟ । ଜଣେ ଅଭିଜ୍ଞ ରୋଲା ଏହି ନୃତ୍ୟ ପରିବେଷଣ କରନ୍ତି । ଷୋହଳଖାଡ଼ି ବାଦ୍ୟ ପ୍ରଭାନୃତ୍ୟର ଅନ୍ୟତମ ଆକର୍ଷଣ । ଷୋହଳଟି ତାଳରେ ଢୋଲ ବାଜେ । ଢୋଲ ଓ ମୁହୁରୀ ହେଲା ଦଣ୍ଡନୃତ୍ୟର ମୂଖ୍ୟ ବାଦ୍ୟଯନ୍ତ୍ର । ରାମଲୀଳା ସଦୃଶ ଚରିତ୍ରମାନେ ଆସି ନିଜନିଜର ପରିଚୟ ପ୍ରଦାନ କରିଥା'ନ୍ତି ।

ବୀଣାକାରିଆ, ଥେଟେଲ, କାଁଡ଼ି ହେଲେ ଦଣ୍ଡନୃତ୍ୟର ଆକର୍ଷଣୀୟ ଚରିତ୍ର । ଦଣ୍ଡନାଟର ଅନ୍ୟାନ୍ୟ ପୌରାଣିକ ଚରିତ୍ରଗୁଡିକ ହେଲେ ଗଣେଶ, କାର୍ତିକ, ବୃଷଭ, ନବଛନକା, ନବଛନକୀ । ଏଠାରେ ସୂଚନାଯୋଗ୍ୟ ଯେ କାଁଡ଼ି ହେଉଛି ନପୁଂସକ ଚନ୍ଦ୍ରସେଣାର ଜଜଣୀ ଓ ଏକ ଅସ୍ଥିର ନାରୀ ଚରିତ୍ର । ଅନେକ ସ୍ଥାନରେ କାଁଡ଼ିବୁଡଲର ଲୋକପ୍ରିୟତା ଏହାକୁ ଏକ ସ୍ୱତନ୍ତ୍ର ନୃତ୍ୟର ମର୍ଯ୍ୟାଦା ଦେଇଛି । କାଁଡ଼ି ସାଙ୍ଗକୁ ଲଢିବା, ବିଶାଖା, ଦୂତୀ, ଚନ୍ଦ୍ରସେଣା, ଦୁଆରୀ ପ୍ରକୃତି ହେଲେ ଗାଁଡ଼ିବୁଡଲ ନୃତ୍ୟର ଅନ୍ୟାନ୍ୟ ଚରିତ୍ର । କାଁଡ଼ିବୁଡଲର ମାନେ ହେଲା ଭଙ୍ଗୀ ବୋତଲ । ବୋଧହୁଏ କେତେକ ଅସ୍ଥିର ଚରିତ୍ର ଏଥିରେ ଆତ୍ମପ୍ରକାଶ କରୁଥିବାରୁ ଏହାର ନାମକରଣ ଏହିପରି ହୋଇଛି । ଏଥିରେ ବ୍ୟଙ୍ଗ, ପରିହାସ ସାଙ୍ଗକୁ ଯୌନ, ଅଶ୍ଳୀଳତାର ମଧ୍ୟ ସୂଚନା ମିଳେ; କାରଣ ଇନ୍ଦ୍ରିୟାନୁଭୂତ ଆବେଗ ଏଥିରେ ବିଶେଷ ପ୍ରଭାବଶାଳୀ । ଏହାଛଡ଼ା ଭାଇଧନ, ଭାଇଆନୃତ୍ୟ, ଶବର- ଶବରୁଣୀ, ଚଢ଼େୟା-ଚଢ଼େୟାଣୀ, ପତ୍ରସଉରା-ସଉରାଣୀ, ପକୀର-ଫକୀରାଣୀ, ସାପୁଆ-ସାପୁଆଣୀ, କେଳା-ଜେଲୁଣୀ, କନ୍ଧ-କନ୍ଧୁଣୀ, ବୀଣାକାର-ବୀଣାକାରୁଣୀ, ରାଧାକୃଷ୍ଣ ନୃତ୍ୟ ଆଦି ଦଣ୍ଡନାଟର ଅନ୍ୟାନ୍ୟ ଆକର୍ଷଣ । ଦଣ୍ଡନାଟରେ ରାମାୟଣ ଓ ମହାଭାରତର ପ୍ରସଙ୍ଗ ମଧ୍ୟ ଅବତାରଣା କରାଯାଏ ।

ଉପରୋକ୍ତ ଆଲୋଚନାରୁ ଜଣାପଡ଼େ ଯେ, ଶିବ-ପାର୍ବତୀ ଦଣ୍ଡନାଟର ପ୍ରଧାନ ଆରାଧ ଦେବତା ହେଲେ ମଧ୍ୟ ଅନ୍ୟ ଦେବତାମାନଙ୍କ ପ୍ରସଙ୍ଗ ଏଥିରେ ସ୍ଥାନ ପାଇଥାଏ । ଏଥିରୁ ମନେହୁଏ ଯେ ହିନ୍ଦୁଧର୍ମର ପୁନରୁତ୍‌ଥାନ ସମୟରେ ଦଣ୍ଡ ପରମ୍ପରା ଶୈବଧାରାରେ ଅନୁପ୍ରାଣିତ ହୋଇଥିଲେ ମଧ୍ୟ ଲୋକଜୀବନର ଆବଶ୍ୟକତାକୁ ଉପଲବ୍ଧ କରି ଏକ ଉଦାର ଆଧ୍ୟାତ୍ମିକ ରାସ୍ତାକୁ ବାଛିନେଇ ଅନେକ ତ ?କୁ ଆବୋରି ନେଇଛି । ତେବେ ଧର୍ମୀୟ ଉଦାରତା ପରବର୍ତ୍ତୀ ସଂଯୋଗ ବୋଲି ମନେହୁଏ । ଶୈବ, ଶାକ୍ତ, ତନ୍ତ୍ର, ବୈଷ୍ଣବ ପ୍ରଭୃତି ବିଭିନ୍ନ ମତର ଏକ ସମନ୍ୱୟ ଏଥିରେ ହୁଏତ ପରବର୍ତ୍ତୀ କାଳରେ ନରାଯାଇଛି । ଏଠାରେ ଉଲ୍ଲେଖନୀୟ ଯେକୌଣସି ଏକ ଅଞ୍ଚଳରେ ଗୋଟିଏ ଧର୍ମର ବିଭିନ୍ନ ମତାବଲମ୍ବୀର ଲୋକ ବାସ କରିବା ସ୍ୱାଭାବିକ । ଏମାନଙ୍କ ମଧ୍ୟରେ ଶାରିପୂର୍ଣ ସହାବସ୍ଥାନ ଓ ସୌହାର୍ଯ୍ୟ ପ୍ରତିଷ୍ଠା ନହେଲେ ବିଭିନ୍ନତା, ବିଛିନ୍ନତା ଓ ସଂକୀର୍ଣ୍ଣ ମନୋଭାବ ସୃଷ୍ଟିହେବା ସଙ୍ଗେ ସଙ୍ଗେ ସାମାଜିକ ଜୀଳନ କଳୁଷିତ ହେବା ସୁନିଶ୍ଚିତ । - ଏହି ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ସମୟାନୁକ୍ରମେ ଦର୍ଣନାଟ ପରମ୍ପରା ସମନ୍ୱୟର ପ୍ରତୀକ, ଏକ୍ୟ ଓ ସଂହତିର ନିଦର୍ଶନ ରୂପେ ସମସ୍ତ ମତାବଲମ୍ବୀଙ୍କୁ ଏକତା ସୂତ୍ରରେ ବାନ୍ଧିରଖି ଆସିଛି ।

ଐତିହାସିକ କାଳରେ ସମୟାନୁକ୍ରମେ ସମାଜ ଓ ସାମୂହିକ ତଥା ବ୍ୟକ୍ତିଗତ ଜୀବନ ଓ ଚଳଣି ବଦଳୁଥାଏ । ଏହି ଦୃଷ୍ଟିକୋଣରୁ ଦଣ୍ଡନାଟ ମଣିଷର ସହଯାତ୍ରୀରୂପେ ବହୁ ଅଭିଜ୍ଞତାକୁ ବହନ କରି ଆସିଛି । ଆପେ ଆପେ ଦଣ୍ଡନାଟରେ ହାଇଖାଇ, ରସରକେଲି, ମାଏଲାଜଡ଼, ଜାଇଫୁଲ ଆଦି ଲୋକନୃତ୍ୟ ଓ ଗୀତର ସମାବେଶ ଘଟିଛି । ଦଣ୍ଡନୃତ୍ୟ ଓ ଗୀତରେ ଦେବଦେବୀଙ୍କ ବନ୍ଦନାଠାରୁ ଆରମ୍ଭ କରି ପୌରାଣିକ ଆଖ୍ୟାନ, ଧର୍ମତତ୍ତ୍ୱ, ପ୍ରେମ, ଅଟ୍ଟା-ତାମସା, ଛଟା-ଦାଏକା, ବ୍ୟଙ୍ଗ-ପରିହାସ, ଘଉଜଳି ପ୍ରଭୃତି ଅନେକ ବିଷୟ ଦର୍ଶିତ ହୋଇଥାଏ । ନୃତ୍ୟ, ଗୀତ ଓ ସଙ୍ଗୀତର ଏହା ଏକ ଅପୂର୍ବ ସମନ୍ୱୟ ଅଟେ । ଲୋକଜୀବନର, ସମସ୍ତ ସୁଖ, ଦୁଃଖ ଅନ୍ୟାନ୍ୟ ଲୋକନାଟକରେ ଯେମିତି ପରିବେଷିତ ହୁଏ, ଏଥିରେ ମଧ୍ୟ ତାହା କରାଯାଇଛି ।

ନୃତ୍ୟ ଓ ଗୀତ ମଣିଷର ସହଜାତ ପ୍ରବୃତି । ପରସ୍ପର ପରସ୍ପରକୁ ନେଇ ସମୃଦ୍ଧ ଓ ପରିପୃଷ୍ଟ । ଏଥିରେ ଅଛି ଆଶା ଓ ଜୀବନପ୍ରବଣତା । ଦଣ୍ଡନୃତ୍ୟ, ଗୀତ ଓ ସଙ୍ଗୀତ ପ୍ରତି ଦିଗରୁ ଓଡ଼ିଆ ଲୋକସଂସ୍କୃତି ଓ ଲୋକଜୀବନର ଉତ୍କର୍ଷତାକୁ ଅଂଶ । ସମୟ ସମୟରେ ଲିପିବଦ୍ଧ ଗୀତଟିଏ ମୌକ କବିତା ପରି ଲାଗେ । କିନ୍ତୁ ଗାଇବାଲୋକ ଗାଇଲା ବେଳକୁ ଠିକ୍ ଉଦାହରଣ । ଏହା ସ୍ୱତଃସ୍ଫୁର୍ତ୍ତ ଆନନ୍ଦର ଛନ୍ଦେ ଛନ୍ଦେ ତା'ର ଅଭିବ୍ୟକ୍ତି ୧୬ ପରିପ୍ରକାଶ ଏଠି ବ୍ୟକ୍ତିଗତ ପ୍ରଚେଷ୍ଟାକୁ ନାହିଁ,

ତେଣୁ ତା'ର ସ୍ରଷ୍ଟା କିଏ ଖୋଜିବା କଷ୍ଟ । ପରମ୍ପରାକ୍ରମେ ମୁହଁରୁ ମୁହଁକୁ, ପିଢ଼ିରୁ ପିଢିକୁ ସେ ଗଢ଼ିଆସେ । ଏହି କ୍ରମରେ ଏଠି ସେଠି ସାମାନ୍ୟ ପରିବର୍ତ୍ତନ ମଧ୍ୟ ଘଟିଥାଏ । ତେଣୁ ଦଣ୍ଡନାଟର ଗୀତ ଗୋଷ୍ଠୀଗତ ବା ସାମୂହିକ । ଏହାର ସ୍ରଷ୍ଟା ସମାଜ, ସମସ୍ତ ସମ୍ପ୍ରଦାୟ ।

ଦଣ୍ଡନାଟ ସମୟରେ ଗାଁରେ ଯେଉଁ ସାମୂହିକ ମନୋଭାବ ପ୍ରକାଶ ପାଏ ତାହା ପାରସ୍ପରିକତାର ଏକ ବାତାବରଣ ସୃଷ୍ଟି କରେ । ମାନସିକ ସ୍ତରରେ ସୃଷ୍ଟି ହେଉଥିବା ଏହିପରି ଗୋଷ୍ଠୀଭାବଦ୍ୱାରା ସାମାଜିକ ଐକ୍ୟ ସୁଦୃଢ଼ ହେବା ସ୍ୱାଭାବିକ । ମନେହୁଏ, ଲୋକଙ୍କ ମଧ୍ୟରେ ସାମାଜିକ ଏକତ୍ୱର ପ୍ରତିଷ୍ଠା ତଥା ବ୍ୟାପକତା ନିମନ୍ତେ ଦଣ୍ଡନାଟ ଏକ ପାରମ୍ପରିକ ବ୍ୟବସ୍ଥା ଅଟେ । ଆଜିକାଲି ଦଣ୍ଡନାଟରେ ସିନେମା ତଥା ଆଧୁନିକ ବାଦ୍ୟସଙ୍ଗୀତ ଓ ଶୈଳୀର ପ୍ରୟୋଗ ଦେଖାଯାଉଛି । ଲୋକକଳାକାରମାନଙ୍କୁ ଉପେକ୍ଷା, ମଞ୍ଚକଳାକାରଙ୍କ ଆଧିପତ୍ୟ ସାଙ୍ଗକୁ ନଗର-ଜୀବନର ପ୍ରଭାବ ଆସ୍ତେ ଆସ୍ତେ ଦଣ୍ଡନାଟର ଆଧ୍ୟାତ୍ମ ଚେତନାକୁ ନଷ୍ଟ କରିଦେଉଛି ବୋଲି ମନେହୁଏ । ସମୟାନୁକ୍ରମେ ପରିବର୍ତ୍ତିତ ପରିସ୍ଥିତିରେ ଦଣ୍ଡନାଟ ପରମ୍ପରାଭ ମୂଲ୍ୟବୋଧରେ ପରିବର୍ତ୍ତନ ଘଟିବା ଫଳରେ ଏହାର ପୂର୍ବ ବର୍ଣ୍ଣାଢ୍ୟରୂପ କ୍ରମଶଃ ସଂକ୍ଷିପ୍ତ ହୋଇପଡ଼ିବା ପରି ମନେହୁଏ ।

- (ଓ.ଏ.ଏସ୍) ସମ୍ବଲପୁର କଲେକ୍ଟରେଟ୍

# ସଞ୍ଚାର ନୃତ୍ୟ ପରଂପରା ଓ ବରଗଡ଼ ଧନୁଯାତ୍ରା

● ମୋହନ ସାହୁ

ବରଗଡ଼ ଧନୁଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ସଞ୍ଚାର କଳା ବା ଗାହାକ୍-ବାହାକ୍‌କୁ ଗ୍ରହଣ କରାଯାଇଥାଏ । ଧନୁଯାତ୍ରା ଆୟୋଜନ ସମୟରେ ଉଦ୍ୟୋକ୍ତାମାନେ ସଞ୍ଚାର କଳାକାରମାନଙ୍କୁ ବହୁ ପୂର୍ବରୁ ନିମନ୍ତ୍ରଣ କରିବା ଏକ ପ୍ରତିଷ୍ଠିତ ବିଧି ହୋଇ ରହିଆସିଅଛି । ସଞ୍ଚାର କଳା ଦ୍ୱାରା ପ୍ରଭାବିତ ହୋଇ ବରଗଡ଼ରେ ଧନୁଯାତ୍ରା ପରି ଏକ ବିରାଟ ମହୋତ୍ସବ ଆୟୋଜନର ପରିକଳ୍ପନା ଉଦ୍ୟୋକ୍ତାମାନଙ୍କ ମନରେ ଉଦ୍ରେକ ହୋଇଥିବାର କେହି କେହି ମତବ୍ୟକ୍ତ କରିଥାନ୍ତି । ଧନୁଯାତ୍ରା ଆୟୋଜନ ପୂର୍ବରୁ ଅର୍ଥାତ୍ ୧୯୪୭-୪୮ ପୂର୍ବରୁ ବରଗଡ଼ ଜୀରାନଦୀର ବିସ୍ତୃତ ବାଲୁକାଶଯ୍ୟାରେ ଓ ତା'ର କିଛି ଦୂର ତଳଭାଗରେ ଖୁଣ୍ଟପାଲିରେ କାର୍ତ୍ତିକପୂର୍ଣ୍ଣିମା ଅବସରରେ ବାଲିଯାତ୍ରା ମହାସମାରୋହରେ ଆୟୋଜିତ ହୋଇଆସୁଥିଲା । ବରଗଡ଼ ଓ ଅମ୍ବାପାଲିକୁ ସଂଯୋଗ କରୁଥିବା ଲୁହାରେ ତିଆରି ବ୍ରିଜ୍‌ର ଡାହାଣ ପଟେ ଜୀରାନଦୀର ପ୍ରଶସ୍ତ ବାଲିଶଯ୍ୟାରେ ପ୍ରତିବର୍ଷ ନିୟମିତ ଭାବରେ ବାଲିଯାତ୍ରା ଆୟୋଜନ କରାଯାଉଥିଲା । ବାଲିଯାତ୍ରା ଅବସରରେ ରାତିରେ ଯାତ୍ରା ଦେଖିବାକୁ ଆସିଥିବା ସମବେତ ଜନତାଙ୍କ ମନୋରଞ୍ଜନ ସକାଶେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଞ୍ଚାର କଳାକାରମାନଙ୍କ ଦ୍ୱାରା ସଞ୍ଚାର କଳା ପରିବେଷଣ କରାଯାଉଥିଲା । ସଞ୍ଚାର ନୃତ୍ୟକଳାରେ ବିଭିନ୍ନ ପୌରାଣିକ ଉପାଖ୍ୟାନ ପରିବେଷିତ ହେଉଥିଲେ ମଧ୍ୟ ଶ୍ରୀକୃଷ୍ଣଲୀଳା ହିଁ ଏହି ଅଭିନବ ନୃତ୍ୟଶୈଳୀର ମୁଖ୍ୟ କଥାବସ୍ତୁ ଥିଲା । ସଞ୍ଚାର କଳାରେ ଗୀତ-ନୃତ୍ୟ-ବାଦ୍ୟ ପରିବେଷଣ ସହ କଳାକାରମାନେ ବିଷୟ ଉପଯୋଗୀ ପ୍ରାସଙ୍ଗିକ ଅଭିନୟ କରି ଦର୍ଶକମଣ୍ଡଳୀର ମନ ମୋହି ନେଉଥିଲେ । ଗୀତ-ନୃତ୍ୟ-ବାଦ୍ୟ-ବ୍ୟାଖ୍ୟା-ସଂଳାପ ଉଚ୍ଚାରଣ ଓ ଅଭିନୟରେ ପ୍ରବୀଣ ଏହି ସଞ୍ଚାର କଳାକାରମାନଙ୍କ ପ୍ରତିଭାକୁ ସମ୍ବଳକରି ଧନୁଯାତ୍ରାର ଉଦ୍ୟୋକ୍ତାମାନେ ଧନୁଯାତ୍ରାର ଅଭିନୟ ଦିଗଟିକୁ ବଳିଷ୍ଠ କରିବା ପାଇଁ ଆସ୍ଥା ପ୍ରକଟ କରିବା ପ୍ରାସଙ୍ଗିକ ମନେ ହୁଏ । ବରଗଡ଼ ଧନୁଯାତ୍ରାର ଅନେକ ପ୍ରମୁଖ ଚରିତ୍ରରେ ସଞ୍ଚାର କଳାକାରମାନେ ସଫଳ ଭାବରେ ଅଭିନୟ କରିବା ସହ ଗୌଣ ଚରିତ୍ରମାନଙ୍କୁ ଚଳାଇନେବାର ଦାୟିତ୍ୱ ମଧ୍ୟ ଏହି ସଞ୍ଚାର କଳାକାରମାନଙ୍କ ଉପରେ ନ୍ୟସ୍ତ କରାଯାଉଥିଲା ।

ଉଭୟ ନୃତ୍ୟକଳା ଓ ନାଟ୍ୟକଳାର ଏକ ଅଭିନବ ସମନ୍ୱୟ ସଞ୍ଚାର କଳାରେ ପରିଲକ୍ଷିତ ହୋଇଥାଏ । ବରଗଡ଼ ଧନୁଯାତ୍ରା ସହ ଓତଃପ୍ରୋତ ଭାବରେ ସଂପର୍କିତ ସଞ୍ଚାରକଳାର ଉଦ୍‌ଭବ ବା ଆଦିକାଳ ସଂପର୍କରେ ପୁରାତନ କିମ୍ବଦନ୍ତୀ ସୃଷ୍ଟିକାରୀ ସଞ୍ଚାର କଳାକାରମାନେ ଭିନ୍ନଭିନ୍ନ ମତ ଉପସ୍ଥାପନ କରିଥାନ୍ତି । ତେବେ ଦୁର୍ଲଭ ଦାସ, ମନବୋଧ ଭାଟ, ଅଭିମନ୍ୟୁ ଖମାରୀ ଓ ଗଜପତି ପଶାୟତ ଆଦି ସଞ୍ଚାରକଳାର ପ୍ରଖ୍ୟାତ କଳାକାରମାନଙ୍କ ମତ ଅନୁସାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଅବତାର ନେବା ପରେପରେ ଗିନି ଓ ମୃଦଙ୍ଗ ବାଦ୍ୟ ସହିତ ଶ୍ରୀରାଧା-ଶ୍ରୀକୃଷ୍ଣ ପ୍ରେମକଥାର ପବିତ୍ର ମହିମା ଗାନ ଓ ପ୍ରଚାର କରିବା ନିମିତ୍ତ ନାମ-ସଂକୀର୍ତ୍ତନ ମାଧ୍ୟମରେ ଏହି ସଞ୍ଚାର କଳାର ଆରମ୍ଭ ହୋଇଥିଲା । ଏହା ଧର୍ମୀୟ ସଂପ୍ରଦାୟ ସୃଷ୍ଟି କରି ସେହି ସଂପ୍ରଦାୟ ମାଧ୍ୟମରେ ପରିବେଷିତ ହେଉଥିବାରୁ ଏପରି ନାମ ସଂକୀର୍ତ୍ତନକୁ ଓଡ଼ିଶାର ପଶ୍ଚିମାଞ୍ଚଳରେ 'ସଂପ୍ରଦା' ବା 'ସଂପର୍ଦ୍ଦା' କୁହାଯାଏ । ଏକ ବା ଏକାଧିକ ମୃଦଙ୍ଗ ବାଦନକାରୀଙ୍କ ସହ ସଂପର୍ଦ୍ଦା ମଣ୍ଡଳୀରେ ସମବେତ ହୋଇ ଗୋଷ୍ଠୀ ରୂପରେ ସ୍ତ୍ରୀ ଓ ପୁରୁଷମାନେ କରତାଳ ଧରି ଗୀତ ଗାଇବା ପୂର୍ବକ ମଣ୍ଡଳାକାରରେ ମୃଦଙ୍ଗର ତାଳରେ ପାଦପକାଇ ନୃତ୍ୟ କରି ହରିଙ୍କ ମହିମା ଗାନ କରିବା ହେଉଛି ସଂପର୍ଦ୍ଦାର ବିଶେଷତ୍ୱ । ସଂପର୍ଦ୍ଦାର ଭିନ୍ନ ଏକ ସ୍ୱରୂପ ଭାବରେ 'ଗଉଡ଼ିଆ' ବା 'ଗୌଡ଼ୀୟ କୀର୍ତ୍ତନ'କୁ ଗ୍ରହଣ କରାଯାଇଥାଏ । ରାମାନନ୍ଦ, ଶ୍ୟାମାନନ୍ଦ, ମାଧବାନନ୍ଦ ଓ ନିମାଇଁନନ୍ଦ ନାମକ ଶ୍ରୀଚୈତନ୍ୟଙ୍କ ପ୍ରମୁଖ ଶିଷ୍ୟମାନେ ଓଡ଼ିଶାରେ

ଏହି ନାମ ସଂକୀର୍ତ୍ତନର ପ୍ରଚାର ପ୍ରସାରରେ ଅଗ୍ରଗଣ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଚାରିଜଣ ଶିଷ୍ୟମାନଙ୍କ ମଧ୍ୟରୁ ମାଧବାନନ୍ଦଙ୍କୁ ସଞ୍ଚାରବାଦ୍ୟର ଆଦିସ୍ରଷ୍ଟା ଭାବରେ ଗ୍ରହଣ କରାଯାଇଥାଏ । ମାଧବାନନ୍ଦଙ୍କ ଦୁଇଜଣ ଶିଷ୍ୟ ହରି ଓ ଗୌରୀ ପ୍ରଥମ ଅବସ୍ଥାରେ ମାୟାଧର ସେଠ, ଶମ୍ଭୁ ପଶାୟତ ଓ ମାଧବ ବେହେରାଙ୍କ ପରି ମୃଦଙ୍ଗ ବାଦ୍ୟ ବାଦନରେ ପାରଙ୍ଗମ ତିନିଜଣ ପ୍ରସିଦ୍ଧ ମୃଦଙ୍ଗବାଦକଙ୍କୁ ସଞ୍ଚାର ନୃତ୍ୟକଳା ଶିକ୍ଷା ଦେଇଥିଲେ । ଉତ୍ତରାଧିକାରୀ ସୂତ୍ରରେ ଗୁରୁ-ଶିଷ୍ୟ ପରମ୍ପରାନୁଯାୟୀ ମାୟାଧର ସେଠ(ଖରମୁଣ୍ଡା, ବିଜେପୁର) ତାଙ୍କ କନ୍ୟାଙ୍କୁ ଏହି ନୃତ୍ୟକଳା ଶିକ୍ଷା ଦେଇଥିଲେ । ତାଙ୍କ କନ୍ୟାଙ୍କ ଠାରୁ ବିଦ୍ୟାଧର ମାଝି, ନାରୁ ଓ ଛବିଳ ଆଦି ପରବର୍ତ୍ତୀ ପୀଢ଼ିର କଳାକାରମାନେ ଏହି ନୃତ୍ୟକଳାକୁ ବିକଶିତ କରି ତା'ର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ । ମାୟାଧର ସେଠଙ୍କ ସଞ୍ଚାର ପରିବେଷଣ ଶୈଳୀ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗ୍ରାମର ଖ୍ୟାତନାମା ସଞ୍ଚାର କଳାକାର ବାବାଜୀ ଶତପଥିଙ୍କ ସଞ୍ଚାର ପରିବେଷଣରେ ପ୍ରତିଫଳିତ ହେବାର ଲକ୍ଷ୍ୟ କରାଯାଉଥିଲା । ସେହି ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଗଁଠିଆପାଲି ଗ୍ରାମର ଶମ୍ଭୁ ପଶାୟତ, ବଂଶୀଧର ପଶାୟତଙ୍କ ଠାରୁ ଗଜପତି ପଶାୟତ ଏବଂ ତାଙ୍କ ପୁତ୍ର ସଂପ୍ରତି (୨୦୨୩) ସଞ୍ଚାର ମଣ୍ଡଳୀରେ ସକ୍ରିୟ ଭାବରେ କଳା ପ୍ରଦର୍ଶନ କରୁଥିବା ବାସୁଦେବ ପଶାୟତ ଉତ୍ତରାଧିକାରୀ ସୂତ୍ରରେ ପୁରୁଷାନୁକ୍ରମେ ଗୁରୁଶିଷ୍ୟ ପରଂପରାନୁସାରେ ଏହି କଳା ପ୍ରଦର୍ଶନ କରିଆସୁଛନ୍ତି । ଶମ୍ଭୁ ପଶାୟତଙ୍କ ସଞ୍ଚାର ପରିବେଷଣ ଶୈଳୀ ଏବେ ମଧ୍ୟ ମୌଳିକ ରୂପରେ ବାସୁଦେବ ପଶାୟତଙ୍କ ମୃଦଙ୍ଗ ବାଦନ, ପଦଚାଳନା, ନୃତ୍ୟଭଙ୍ଗୀ ଓ ଗାୟକୀରେ ଦେଖିବାକୁ ମିଳେ । ବରଗଡ଼ ଜିଲ୍ଲା ଅନ୍ତର୍ଗତ ସୋହେଲା ବ୍ଲକ ଅଧୀନସ୍ଥ ତବଡ଼ା ଗ୍ରାମର ପ୍ରସିଦ୍ଧ ସଞ୍ଚାରଶିଳ୍ପୀ ମାଧବ ବେହେରାଙ୍କ ସଞ୍ଚାର ପରିବେଷଣ ଶୈଳୀ ପୁରୁଷାନୁକ୍ରମେ ଉତ୍ତରାଧିକାରୀ ସୂତ୍ରରେ ସେହି ପରିବାରର ଦୟାନିଧି ବେହେରା, ତାଙ୍କ ପରେ ଉପେନ୍ଦ୍ର ବେହେରା ଓ ଉପେନ୍ଦ୍ରଙ୍କ ପରେ ଏବେ (୨୦୨୩) ସକ୍ରିୟ କଳାକାର ଅଚ୍ୟୁତ ବେହେରା ଅକ୍ଷତ ଭାବରେ ବଞ୍ଚାଇ ରଖିଛନ୍ତି । ମାୟାଧର - ଶମ୍ଭୁ- ମାଧବ କଳାକାର ତ୍ରୟ ତାଙ୍କ ଭିନ୍ନଭିନ୍ନ ଶୈଳୀ ବା ସଂଗୀତର ଭାଷାରେ 'ଘରାନା' ସୃଷ୍ଟି କରିଯାଇଛନ୍ତି । ସେମାନେ ତାଙ୍କ ନାମ ନୁହେଁ, ବରଂ ଜାତିର ନାମ ଅନୁସାରେ 'ଧୁବା-ଭଁଡ଼ାରି-ତିଅର୍' ଭାବରେ ଶ୍ରଦ୍ଧାରେ ସଞ୍ଚାରପ୍ରେମୀ ଦର୍ଶକ ମହଲରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ଏମାନଙ୍କ ବ୍ୟତୀତ ସଞ୍ଚାର କଳାରେ ପଶ୍ଚିମ ଓଡ଼ିଶାର ଅଞ୍ଚଳ ଭେଦରେ ବା ସ୍ଥଳବିଶେଷରେ ପ୍ରସିଦ୍ଧ ସଞ୍ଚାର କଳାକାରମାନଙ୍କ ଦ୍ୱାରା ଭିନ୍ନଭିନ୍ନ ନୃତ୍ୟନାଟଶୈଳୀ ବା 'ଘରାନା' ସବୁ ସୃଷ୍ଟି ହୋଇଅଛି । ତନ୍ମଧ୍ୟରୁ ପ୍ରଖ୍ୟାତ କଳାକାର ନୀଳମଣି ସେଟ୍ (କୈବର୍ତ୍ତ ବା କେଉଁଟ)ଙ୍କୁ ତାଙ୍କ ପିତା କହ୍ନେଇ ସଞ୍ଚାର କଳା ଶିକ୍ଷା ଦେଇଥିଲେ । ସଞ୍ଚାର ଜଗତରେ ସ୍ୱନାମଧନ୍ୟ ନୀଳମଣିଙ୍କ ଦୁଇଜଣ ଶିଷ୍ୟ ହେଉଛନ୍ତି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅଧୀନସ୍ଥ ଖୁଁଟି ଚକ୍ଲିର ମନବୋଧ ଭାଟ ଓ ଅଭିମନ୍ୟୁ ଖମାରୀ, ଯିଏ କି କଳାକାର ମହଲରେ 'ଅଭି ଡୁମାଲ୍' ଭାବରେ ପରିଚିତ । ମନବୋଧ ଭାଟଙ୍କ ଶିଷ୍ୟ ଭାବରେ ବରଗଡ଼ ନିକଟସ୍ଥ ବରାହଗୋଡ଼ା ଗ୍ରାମର ବିପିନ୍ ସେଟ୍ (ବିପିନ୍ କେଉଁଟ୍) ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ମନବୋଧ ଭାଟ, ଅଭିମନ୍ୟୁ ଖମାରୀ ଓ ବିପିନ୍ ସେଟ୍ ନୀଳମଣି ସେଟ୍‌ଙ୍କ ଶୈଳୀକୁ ଅବିକଳ ରୂପରେ ମଣ୍ଡଳୀରେ ପରିବେଷଣ କରିବାର ଦକ୍ଷତା ଓ ଯୋଗ୍ୟତା ରଖିଥିଲେ । ଅନୁରୂପ ଭାବରେ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ଭଡ଼ିଗାଁର ଦୁର୍ଲଭ ଦାସ ତଥା ଅନ୍ୟାନ୍ୟ କଳାକାର ଯଥା-ପର୍ଶୁରାମ ଝରା, ଚୈତନ୍ୟ ମାହାର, ଅଏବନ୍ ସହଁରା, ରୁଦ୍ର କେଉଁଟ ଆଦି ସଞ୍ଚାରକଳା ଜଗତର ପ୍ରାତଃସ୍ମରଣୀୟ ଅମର ସାଧକମାନେ ସଞ୍ଚାରକଳାର ଭିନ୍ନଭିନ୍ନ ଶୈଳୀ, ଭିନ୍ନଭିନ୍ନ ପରଂପରା ବା ଘରାନାରୁ ସୃଷ୍ଟି ହୋଇ ନିଜସ୍ୱ ଘରାନାର ମୌଳିକତା ରକ୍ଷା ପୂର୍ବକ ଜୀବନବ୍ୟାପୀ କଳା ପରିବେଷଣ କରି ନିଜପାଇଁ ସ୍ୱତନ୍ତ୍ର ସ୍ଥାନ ଓ ପରିଚିତି ସୃଷ୍ଟି କରି ଯାଇଛନ୍ତି । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓ ଏକବିଂଶ ଶତାବ୍ଦୀର ପ୍ରଥମ ପର୍ଯ୍ୟାୟରେ ସଂଚାର ମଣ୍ଡଳୀରେ ସକ୍ରିୟ ଭାବରେ କଳା ପରିବେଷଣ କରିଆସିଥିବା ପ୍ରତିଭାଶାଳୀ କଳାକାରମାନଙ୍କ ମଧ୍ୟରେ ରହିଛନ୍ତି ସାଁପଲହର (ସମ୍ବଲପୁର)ର ଦୁଃଖନାଶନ ବେହେରା, ତାଲମେଣ୍ଡା (ଭେଡ଼େନ)ର ଅଲେଖ ସାହୁ, ମହଦା (ଭଟଲି)ର କ୍ଷମାନିଧି ସାହୁ, ଶଁକରା (ଛତିଶଗଡ଼)ର ବୈକୁଣ୍ଠ ଦିୱାନ (ଦୁଆନ୍), ତିନ୍‌ମିନି (ଛତିଶଗଡ଼)ର ସୁନ୍ଦରମତୀ ସେଠ, ଝରାପାଲି (ଭେଡ଼େନ)ର ବିରଞ୍ଚି ମାଝି, ବଂଜାରୀ (ସୋହେଲା)ର ରାଧାକାନ୍ତି ବାରିକ (ରାଧାତୂରୀ), ପରମାନପୁର (ସମ୍ବଲପୁର)ର ଚନ୍ଦ୍ରମା ବାଗ, ଜହ୍ନାପଡ଼ା (ଅତାବିରା)ର ବିଶାଖା ରଣା, ରୂପାପାଲି (ଭେଡ଼େନ)ର ପାର୍ବତୀ ଦାସ, ବାଗମୁଡ଼ା (ଝାରସୁଗୁଡ଼ା)ର ପଞ୍ଚୁଲାଲ ବିଶ୍ୱାଳ, ମୁହୁଦି (ଝାରସୁଗୁଡ଼ା)ର ବିକଳ ସାହୁ, ସୁନାରୀ (ଝାରସୁଗୁଡ଼ା)ର କିଶୋର ଶତପଥି ଓ ଆହୁରି ଅନେକ ଜଣା ଅଜଣା କଳାକାରମାନେ ।

ସ୍ୱୟଂ ପ୍ରଭୁ ଶ୍ରୀକୃଷ୍ଣ ସଞ୍ଚାର ମଣ୍ଡଳୀରେ ବିଜେ କରିଥାନ୍ତି ବୋଲି ସଞ୍ଚାର କଳାକାରମାନେ ବିଶ୍ୱାସ କରନ୍ତି । ତେଣୁ ସେହି ପବିତ୍ର ସଞ୍ଚାର ମଣ୍ଡଳୀରେ କାର୍ଯ୍ୟକ୍ରମ ଆରମ୍ଭଦିନ ବିଧିବଦ୍ଧ ଭାବରେ ପୂଜାପାଠ କରାଯାଇଥାଏ । ଶ୍ରୀରାଧା-ଶ୍ରୀକୃଷ୍ଣଙ୍କ ସହ ଶ୍ରୀଚୈତନ୍ୟ ମହାପ୍ରଭୁ ଓ ତତ୍‌ସହ ସଞ୍ଚାରକଳାର ମୂଳବାଦ୍ୟ ମୃଦଙ୍ଗକୁ ମଧ୍ୟ ବିଧିମତେ ପୂଜା କରାଯାଏ । ବରଗଡ଼ ଧନୁଯାତ୍ରାରେ ସଞ୍ଚାରକଳାର ସ୍ଥାନ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହିକଳା ପରିବେଷଣ ପାଇଁ ବରଗଡ଼ ହାଟପଦାରେ ଏକ ଖୋଲା ସ୍ଥାନରେ ସାଜସଜ୍ଜା କରି ସଞ୍ଚାର ମଣ୍ଡଳୀ ତିଆରି କରାଯାଏ । ଅନେକ ଲୋକ ବସି ସଞ୍ଚାର ଦେଖିପାରିବା ଭଳି ବ୍ୟବସ୍ଥା ରହିଥାଏ । ଆଗକାଳରେ ଅଞ୍ଚଳରେ ବହୁତ ଜାମୁଗଛ ଥିବାରୁ ଜାମୁଡ଼ାଳ ଆଚ୍ଛାଦନ କରି ଛାମୁଣ୍ଡିଆ ତିଆରି କରାଯାଉଥିଲା ଓ ବିଭିନ୍ନ କିସମର ରଙ୍ଗୀନ୍ ବମ୍ କାଗଜରେ ଭଳିକିଭଳି ଝାଲେର୍ ତିଆରି କରି ମଣ୍ଡଳୀକୁ ସୁଶୋଭିତ କରାଯାଉଥିଲା । ଚାରିଆଡ଼େ ଆମ୍ବତୋରଣ ଓ ଫୁଲମାଳ ମଧ୍ୟ ଲଗାଯାଉଥିଲା । ବର୍ତ୍ତମାନ ସମୟରେ ଜାମୁଗଛ ଡାଳ ସୁଲଭ ନ ଥିବାରୁ ଟେଣ୍ଟହାଉସ୍ ଦ୍ୱାରା ବିଭିନ୍ନ ରଙ୍ଗୀନ୍ କପଡ଼ାରେ ସଞ୍ଚାର ମଣ୍ଡଳୀର ସାଜସଜ୍ଜା କରାଯାଉଛି । ଡିସେମ୍ବର-ଜାନୁଆରୀ ମାସର ପ୍ରଚଣ୍ଡ ଶୀତରେ ମଧ୍ୟ ସଞ୍ଚାରପ୍ରେମୀ ଜନସାଧାରଣ ପାଛୁଡ଼ା-କମ୍ବଳ ଘୋଡ଼େଇ ହୋଇ ଏବେ ମଧ୍ୟ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସଞ୍ଚାର କଳାକୁ ଉପଭୋଗ କରିଥାନ୍ତି । ଧନୁଯାତ୍ରା ଆୟୋଜନର ପ୍ରାୟ ମାସେ ଆଗରୁ ପ୍ରତିବର୍ଷ ଶୁଭଲଗ୍ନ ଦେଖି, ତିଥିବାର ନିର୍ଦ୍ଧାରଣ କରି ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀର କେନ୍ଦ୍ରସ୍ଥଳରେ, ଆୟୋଜନ କମିଟୀର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପୂଜାପାଠ ସହ 'ଶୁଭସ୍ତମ୍ଭ' ସ୍ଥାପନ କରାଯାଏ । ପ୍ରତ୍ୟହ ସନ୍ଧ୍ୟାକାଳରେ ଦୂରଦୂରାନ୍ତରୁ ଆଗତ ସଞ୍ଚାର କଳାକାରମାନେ ମଣ୍ଡଳୀ ପୂଜା କରିବା ପରେ ସେହି ଦିନର ସଞ୍ଚାର କାର୍ଯ୍ୟକ୍ରମ ଆରମ୍ଭ କରିଥାନ୍ତି ।

ସଞ୍ଚାରକଳା ଯଦିଓ କୌଣସି ଉତ୍ସବ-ଅନୁଷ୍ଠାନ, ଯାନିଯାତ୍ରା, ପର୍ବପର୍ବାଣିକୁ ଉପଲକ୍ଷ୍ୟ କରି ପରିବେଷିତ ହୋଇଥାଏ, ତଥାପି ଆବଶ୍ୟକତା ଅନୁସାରେ ଯେ କୌଣସି ଋତୁରେ ବା ବର୍ଷର ଯେ କୌଣସି ସମୟରେ ଏହା ପରିବେଷଣ କରିବାରେ ଶାସ୍ତ୍ରୀୟ କଟକଣା କିଛି ନ ଥାଏ । ଏକ ବିଶାଳ ପ୍ରାନ୍ତରରେ ବା ପ୍ରଶସ୍ତ ଗାଁ ଦାଣ୍ଡରେ ଜାମୁଡ଼ାଳର ଛାମୁଣ୍ଡିଆ କରି ବା ଖୋଲାଆକାଶ ତଳେ ମଣ୍ଡଳାକାରରେ ସଞ୍ଚାର ମଣ୍ଡଳୀ ତିଆରି କରାଯାଏ । ମଣ୍ଡଳୀର ଚାରିଆଡ଼େ ଦର୍ଶକମାନେ ବସନ୍ତି । ରାତ୍ରିର ଜହ୍ନ ଆଲୁଅରେ ସଞ୍ଚାର କଳା ପରିବେଷଣ କରାଯାଇପାରେ ବା ଗୋଟାଏ ଦୁଇଟି ପେଟ୍ରୋମେକ୍ସ ଲାଇଟ୍ ଜାଳି ସାମାନ୍ୟ ଆଲୋକରେ ଅନ୍ଧାରରାତିରେ ମଧ୍ୟ ଏହି କଳାର ପ୍ରଦର୍ଶନ ସମ୍ଭବପର ହୋଇଥାଏ । ପ୍ରତ୍ୟେକ ସଞ୍ଚାର କାର୍ଯ୍ୟକ୍ରମରେ ଏକାଧିକ କଳାକାର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାକୁ ଥିବାରୁ ବେଳେବେଳେ ଦର୍ଶକଙ୍କ ପସନ୍ଦ ମୁତାବକ ସଞ୍ଚାର କଳାକାରମାନଙ୍କୁ କାର୍ଯ୍ୟକ୍ରମର ଉଦ୍ୟୋକ୍ତାମାନେ ପ୍ରଥମେ ସଞ୍ଚାରମଣ୍ଡଳୀକୁ ଓହ୍ଲାଇବାର ବ୍ୟବସ୍ଥା କରିଥାନ୍ତି । ମଣ୍ଡଳୀ ପ୍ରବେଶ କରିବାକୁ ଥିବା ବାହାକ୍ (ବାୟକ) ଧୋତି ଓ ଗଂଜିର ମିଳନସ୍ଥଳ ଅଣ୍ଟାରେ ଗାମୁଛା ଭଲ ଭାବରେ ଭିଡୁ ଭିଡୁ ଛିଡ଼ା ହୁଅନ୍ତି ଓ କାନ୍ଧରେ ମୃଦଙ୍ଗ ପକାଇ ଧାୟାଁ ଓ ବାୟାଁ ଦି' ପଟକୁ ଆଉଁସି ଦିଅନ୍ତି । ଧିରେଧିରେ ମୃଦଙ୍ଗ ଦୁଇପଟେ ମୃଦୁ ଆଘାତ କରି ବାଦନ କରିବସନ୍ତି । ଏହି ସମୟରେ ତାଙ୍କ ପାଲିଆ ବା ବାୟାମନମାନେ ତାଙ୍କ ଦୁଇପାଦରେ ଦୃଢ଼ କରି ଘୁଙ୍ଗୁର ବାନ୍ଧି ଦିଅନ୍ତି । ଘୁଙ୍ଗୁର ବନ୍ଧା ସରିବା ପରେ ସଞ୍ଚାର ବାୟକ ଡାହାଣପାଦ ଆଗକୁ ବଢ଼ାଇ ଧିରପଦରେ ସଞ୍ଚାର ମଣ୍ଡଳୀ ଭିତରକୁ ପ୍ରବେଶ କରନ୍ତି, ରାଗ ଟେକନ୍ତି ବା ଆଳାପ କରନ୍ତି ଓ ମୃଦଙ୍ଗ ବାଦନ କରି ବୃତ୍ତାକାର ସଞ୍ଚାର ମଣ୍ଡଳୀର ଚାରିପଟେ ବୁଲନ୍ତି । ମୃଦଙ୍ଗର ଉତ୍ପନ୍ନ ଶବ୍ଦକୁ ମୁହଁରେ 'ବୋଲ୍' ଆକାରରେ ଉଚ୍ଚାରଣ କରିଥାନ୍ତି । 'ବାଣୀ, ଯାହା କହିବ, ପାଣି ତାହା କହିବ' ନ୍ୟାୟରେ ମୁହଁରେ 'ବୋଲ୍' ହାକି ସେହି 'ବୋଲ୍'କୁ 'ପାଣି' ବା ହାତରେ ମୃଦଙ୍ଗରେ ବାଡ଼େଇ ସେପରି ଅବିକଳ ଧ୍ୱନି ଉତ୍ପନ୍ନ କରିଥାନ୍ତି । ଯଥା - ଝନତାକ ଧୈୟା... ଝନତାକ ଧୈୟା... ବୋଲତା ମୃଦଙ୍ଗ... ଗୋବିନ୍ଦ... ଗୋପାଳ... ଗୋବିନ୍ଦ... ଗୋପାଳ...ରାଧେକୃଷ୍ଣ... ଚୈତନ୍ୟ... ନିତ୍ୟାନନ୍ଦ... ଇତ୍ୟାଦି । ଯେଉଁ ବାୟକର କଥା ବା ନିର୍ଦ୍ଦେଶ ଅନୁସାରେ ମୃଦଙ୍ଗ ଯେତେ ଭଲ ଓ ସ୍ପଷ୍ଟ ଭାବରେ ବୋଲ ମାନୁଛି ଓ ଧ୍ୱନି ସୃଷ୍ଟି କରୁଛି, ସେ କଳାକାର ସେତେ ଉଚ୍ଚକୋଟୀର ଓ ଦକ୍ଷ ବୋଲି ଦର୍ଶକମଣ୍ଡଳୀରେ ପରିଗଣିତ ହୋଇଥାନ୍ତି ଓ ତଦନୁସାରେ ପ୍ରଶଂସା ମଧ୍ୟ ପାଇଥାନ୍ତି । କିଛିସମୟ ବାୟକ ମୃଦଙ୍ଗ ବାଦନ ସହ ମଣ୍ଡଳୀରେ ପଦଚାରଣ ଓ ପଦଚାଳନା କରିବା ସହ ପାଲିଆ ବା ବାୟାମନମାନଙ୍କ ସହ

ପ୍ରାରମ୍ଭିକ କଥୋପକଥନ କରିବା ପରେ ପାଳିଆମାନେ ମଧ୍ୟ ନିଜ ନିଜ ଅଣ୍ଟାରେ ଗାମୁଛା ଓ ପାଦରେ ଘୁଙ୍ଗୁର ବାନ୍ଧି ମଣ୍ଡଳୀକୁ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ହୁଅନ୍ତି । ପ୍ରାରମ୍ଭିକ ଆଳାପ, ଗୁରୁବନ୍ଦନା, ଆଦିଘାତ ସହ ବାୟକ ଓ ବାୟାମନମାନଙ୍କ ମଧ୍ୟରେ ମୃଦୁ ହାସ୍ୟବ୍ୟଙ୍ଗ ଭରା ଆମୋଦଦାୟକ ଲଘୁ କଥାବାର୍ତ୍ତା ପରେ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ ବିଷୟ ପ୍ରସଙ୍ଗ ଆଧାରିତ ସଞ୍ଚାର ନାଟ୍ୟ ଆରମ୍ଭ ହୁଏ । ନାନା ପ୍ରକାର ରାଗରାଗିଣୀ ଆଧାରିତ ବିଭିନ୍ନ ଶାସ୍ତ୍ରରୁ ଉଦ୍ଧାର କରାଯାଇଥିବା ଗୀତ, ଭଜନ, ଜଣାଣ, ଛାନ୍ଦ, ଚଉତିଶା, ଓଡ଼ିଶୀ ଇତ୍ୟାଦି ସଞ୍ଚାରରେ ପରିବେଷଣ କରାଯାଇଥାଏ । ବିଭିନ୍ନ ଶାସ୍ତ୍ରପୁରାଣରୁ, ସାହିତ୍ୟରୁ ବିଦ୍ୱାନ୍, ଜ୍ଞାନୀ, ଗୁଣୀ, ପଣ୍ଡିତମାନଙ୍କ ପାଇଁ ସଞ୍ଚାରରେ ତତ୍ତ୍ୱ ଆଧାରିତ ଦାର୍ଶନିକ ବିଷୟବସ୍ତୁ ରହିଥିବାବେଳେ ପାଠଶାଠ ପଢ଼ି ନ ଥିବା ବା ଅଳ୍ପଶିକ୍ଷାପ୍ରାପ୍ତ ସାଧାରଣ ଦର୍ଶକମାନଙ୍କ ପାଇଁ ସ୍ଥାନୀୟ ଆଞ୍ଚଳିକ ସମ୍ବଲପୁରୀ ଭାଷା ଓ ଛତିଶଗଡ଼ି ଭାଷାରେ ମନୋରଞ୍ଜନ ଧର୍ମୀ ଲୋକସଙ୍ଗୀତ ଓ ଲୋକଗୀତ ପରିବେଷଣ କରାଯାଇଥାଏ । ମଝିରେ ମଝିରେ ଗମ୍ଭୀର ବିଷୟ ଅବତାରଣା ଦ୍ୱାରା ବାତାବରଣ ଗମ୍ଭୀର ହେଲେ ତା'କୁ ଲଘୁ କରିବା ପାଇଁ ଉଭୟ ଗୀତ ଓ ସଂଳାପ ମାଧ୍ୟମରେ ହାସ-ପରିହାସଧର୍ମୀ ଫାର୍ସ ମଧ୍ୟ ଉପସ୍ଥାପନ କରାଯାଇଥାଏ । ମୋଟାମୋଟି ଭାବରେ କହିବାକୁ ଗଲେ ସମାଜର ସବୁ ବର୍ଗର ଓ ସବୁ ବୟସର ପୁରୁଷ ଓ ନାରୀ ଦର୍ଶକଦର୍ଶିକାଙ୍କ ପାଇଁ ମନୋରଂଜନର ଯଥେଷ୍ଟ ଉପାଦାନ ସଞ୍ଚାର କଳାରେ ଭରି ରହିଥାଏ । ଜଣେ କଳାକାର ଏକକାଳୀନ ଘଣ୍ଟେ ବା ଦୁଇଘଣ୍ଟା ପରିବେଷଣ କଲାପରେ ପରବର୍ତ୍ତୀ କଳାକାରଙ୍କ ପାଳି ପଡ଼ିଥାଏ । ପ୍ରତିଯୋଗିତାମୂଳକ ପାଲା ବା ବାଦୀପାଲା ପରି ସଞ୍ଚାର କଳାରେ ମଧ୍ୟ ଜଣେ ବାୟକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବାୟକ ବା ପାଳିଆମାନେ ତାଙ୍କ ପ୍ରତିପକ୍ଷ ପାଳିଆମାନଙ୍କ ପ୍ରତି ବ୍ୟଙ୍ଗବିଦ୍ରୂପ, ଟାହିଟାପରା, ଟୀକା-ଟିପ୍ପଣୀ କରି ବାଚନିକ ଆକ୍ରମଣ କରିଥାନ୍ତି । ମୁଖ୍ୟତଃ ପ୍ରତିପକ୍ଷଙ୍କ 'ଜାତି' ଓ ଶିକ୍ଷାଗତ ଯୋଗ୍ୟତା ତଥା ସାଧନାକୁ ଦୃଷ୍ଟିରେ ରଖି ତାଙ୍କୁ ନ୍ୟୂନ ଦର୍ଶାଇ ନିରୁତ୍ସାହିତ କରି ପ୍ରତିଯୋଗିତାରେ ପରାଜିତ କରିବାକୁ ପ୍ରୟାସ କରିଥାନ୍ତି । ଦର୍ଶକମାନେ ଏହି ସବୁ ଆମୋଦଦାୟକ ଦୃଶ୍ୟାବଳୀର ଭରପୁର ଆନନ୍ଦ ଉଠାଇଥାନ୍ତି । ସଞ୍ଚାର ମଣ୍ଡଳୀରେ କଳାକାରମାନଙ୍କ ମଧ୍ୟରେ ଯେତେ ବାଦାନୁବାଦ, କଥା କଟାକଟି ହୋଇ ଲଢ଼େଇ ହୋଇଥିଲେ ମଧ୍ୟ ରହଣିସ୍ଥଳରେ ସେମାନେ ହୁଅନ୍ତି ଏକାକାର, ଅତୁଟ ରହିଥାଏ ଭ୍ରାତୃଭାବ, ପାରସ୍ପରିକ ସ୍ନେହ ସୌହାର୍ଦ୍ଦ୍ୟଭାବ ।

ସଞ୍ଚାରକଳା ପରିବେଷଣ ପାଇଁ ଧରାବନ୍ଧା ଭାବରେ ସେପରି କିଛି ଉତ୍ସବାନୁଷ୍ଠାନ, ଯାନିଯାତ୍ରା ବା ପର୍ବପର୍ବାଣିକୁ ଅପେକ୍ଷା କରିବାକୁ ପଡ଼େ ନାହିଁ । ଦିବସବ୍ୟାପୀ କର୍ମକ୍ଲାନ୍ତ ଜୀବନକୁ ପୁନର୍ବାର ସତେଜ କରିବାକୁ, ସରସସୁନ୍ଦର କରିବାକୁ ଉଭୟ ଶାସ୍ତ୍ରୀୟ ଓ ଲୋକକଳାର ଏହା ଏକ ସୁନ୍ଦର ସମନ୍ୱୟ, ନୃତ୍ୟନାଟ୍ୟକଳାର ଏକ ଅଭିନବ ଉପସ୍ଥାପନା । ଅବଶ୍ୟ ସଞ୍ଚାରମଣ୍ଡଳୀ ମଝିରେ ଶ୍ରୀରାଧା-ଶ୍ରୀକୃଷ୍ଣଙ୍କୁ ତଥା ଶ୍ରୀଚୈତନ୍ୟଙ୍କୁ ସଞ୍ଚାରକଳାର ଉପାସ୍ୟଦେବ ଭାବରେ ସଂସ୍ଥାପନ କରି ନୃତ୍ୟକଳା ପରିବେଷଣ କରିବାର ପ୍ରତିଷ୍ଠିତ ବିଧି ଓ ପରମ୍ପରା ରହିଆସିଛି । ସଞ୍ଚାର ଏକ ଦୀର୍ଘ ସାଧନା ସାପେକ୍ଷ ନୃତ୍ୟକଳା । ଅଳ୍ପ ବୟସରୁ ଶିଷ୍ୟଭାବରେ ଗୁରୁଗୃହରେ ଅବସ୍ଥାନ ପୂର୍ବକ ଗୁରୁଙ୍କ ଠାରୁ ନିଷ୍ଠାପୂର୍ବକ ଗୀତ-ନୃତ୍ୟ-ବାଦ୍ୟ ଆଦି ଶିକ୍ଷା ଓ ସାଧନା କରିବାକୁ ହୋଇଥାଏ । ଏହି ସାଧନା ଦୀର୍ଘ ବର୍ଷବର୍ଷ ଧରି ଏକ ପ୍ରଲମ୍ବିତ ପ୍ରକ୍ରିୟା । ଶହଶହ ବର୍ଷ ଧରି ଗୁରୁ-ଶିଷ୍ୟ ପରଂପରା ଅନୁସାରେ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ଛତିଶଗଡ଼ ଅଞ୍ଚଳରେ ଅଞ୍ଚଳ ଭେଦରେ ସଞ୍ଚାର କଳାର ଭିନ୍ନଭିନ୍ନ ଶୈଳୀ ଏହାର ବୈଚିତ୍ର୍ୟକୁ ପ୍ରତିପାଦିତ କରିସାରିଛି ।

ସଞ୍ଚାରକଳା ପରିବେଷଣ କାଳରେ ଏକ ନିର୍ଦ୍ଧାରିତ, ବିଧିସମ୍ମତ ଅନୁକ୍ରମ ଅନୁସରଣ କରାଯାଏ । ଆଦ୍ୟ ପର୍ଯ୍ୟାୟରେ ଆଳାପ, ପରେପରେ ବିଭୁବନ୍ଦନା, ତତ୍‌ପରେ ଗୁରୁବନ୍ଦନା ଓ ଗୁରୁବନ୍ଦନା ପରେ ଶାସ୍ତ୍ରୀୟ ଓ ଲୋକଗୀତ ପରିବେଷଣ କରାଯାଏ । ସଞ୍ଚାର ପରିବେଷଣର ଶେଷ ପର୍ଯ୍ୟାୟରେ ଦର୍ଶକମଣ୍ଡଳୀର ଅନୁରୋଧକୁ ସମ୍ମାନ ଜଣାଇ କଳାକାରମାନେ ବିଭିନ୍ନ ଶୈଳୀ ଓ ରୁଚିର ଗୀତସଙ୍ଗୀତ ପରିବେଷଣ କରିଥାନ୍ତି । ଜନସାଧାରଣଙ୍କ ମୃଦୁ ମନୋରଞ୍ଜନ ପାଇଁ ଅଭିପ୍ରେତ ହୋଇଥିଲେ ମଧ୍ୟ ସଞ୍ଚାର ନୃତ୍ୟକଳାରେ ଗୀତ, ନୃତ୍ୟ, ବାଦ୍ୟ ଆଦିରେ ଅନେକତ୍ର ଶାସ୍ତ୍ରୀୟ ଉପାଦାନ ବିଦ୍ୟମାନ ଥିବାର ପରିଲକ୍ଷିତ ହୁଏ । ତେବେ ସମାଜର ସବୁବର୍ଗର ଲୋକଙ୍କ ପାଇଁ ନୃତ୍ୟ ନାଟ୍ୟକଳା ବର୍ଷାନୁକ୍ରମେ ପର୍ଯ୍ୟାପ୍ତ ମନୋରଞ୍ଜନ ଯୋଗାଇ ଆସିଛି ।

ଜଣେ ବାହାକ୍ ଓ ଜଣେ, ଦୁଇଜଣ ବା ତିନିଜଣ ପାଳିଆ

(ବାୟାମନ)ଙ୍କୁ ନେଇ ସଞ୍ଚାରକଳା ମଣ୍ଡଳୀରେ ପରିବେଷଣ କରାଯାଇଥାଏ । ବାହାକ୍, ବାୟକ ବା ମୃଦଙ୍ଗବାଦକ ହେଉଛନ୍ତି ସଞ୍ଚାରକଳାର ମୁଖ୍ୟଚରିତ୍ର ବା କେନ୍ଦ୍ରବିନ୍ଦୁ । ସେ ଗୀତ ଗାଇ ନାଚିନାଚି ମୃଦଙ୍ଗବାଦନ କରିଥାନ୍ତି ଓ ତାଙ୍କୁ ପାଳିଆମାନେ ଅନୁସରଣ କରିଥାନ୍ତି । ମୃଦଙ୍ଗବାଦକ ବାହାକ ପାଳିଆମାନଙ୍କ ଗୁରୁଭାବରେ ବିବେଚିତ ହୋଇଥାନ୍ତି । ବାହାକ୍ ଶାସ୍ତ୍ରୀୟ- ଅର୍ଦ୍ଧଶାସ୍ତ୍ରୀୟ, ଲଘୁସଂଗୀତ ତଥା ପାରଂପରିକ ଲୋକଗୀତ ଓ ସଂଗୀତକୁ ସଞ୍ଚାର ଢାଞ୍ଚାରେ ପରିବେଷଣ କରିବାରେ ପାରଦର୍ଶିତା ଅର୍ଜନ କରିଥାନ୍ତି । ବାହାକ୍ ସୁମଧୁର କଣ୍ଠରେ ଗୀତଗାଇ ମୃଦଙ୍ଗ ବଜାଇ ନୃତ୍ୟ କରିବାବେଳେ ପାଳିଆମାନେ ବାହାକ୍ ଗାଇଥିବା ଗୀତର ଘୋଷାକୁ ପୁନରାବୃତ୍ତି କରି ପାଳିଆ ଧରିଥାନ୍ତି ଓ କରତାଳ ଦେଇ ବାହାକଙ୍କ ପାଦର ଛନ୍ଦରେ ତାଳ ମିଳାଇ ନାଚିଥାନ୍ତି । ମଝିରେ ମଝିରେ ହାସ୍ୟରସାତ୍ମକ ପ୍ରସଙ୍ଗ ଉପସ୍ଥାପନ କରି ଗୀତ ଓ ବ୍ୟାଖ୍ୟା କରି ବିଭିନ୍ନ ପ୍ରସଙ୍ଗକୁ ବୁଝାଇଥାନ୍ତି । ଆବଶ୍ୟକ ହେଲେ ଭିନ୍ନଭିନ୍ନ ଚରିତ୍ରରେ ଅଭିନୟ କରି ପ୍ରସଙ୍ଗକୁ ଦର୍ଶକଙ୍କ ଆଗରେ ପ୍ରାଞ୍ଜଳ ଭାବରେ ଉପସ୍ଥାପିତ କରି ଆମୋଦିତ କରିଥାନ୍ତି । ସ୍ଥଳ ବିଶେଷରେ ପାଳିଆ ବା ବାୟାମନମାନଙ୍କ ସ୍ଥାନରେ କେହି କେହି ବିଚକ୍ଷଣ ଗାହାକ ନିଜ ପାଳିଆମାନଙ୍କୁ ଧରି କରତାଳ ନେଇ ଆସିଥାନ୍ତି । ଏହିପରି ପରିସ୍ଥିତିରେ ଗାହାକ, ବାହାକର ପ୍ରତିପକ୍ଷ ଭାବରେ ଉପସ୍ଥାପିତ ହୋଇଥାନ୍ତି । ଗାହାକ ବିଭିନ୍ନ ରାଗରାଗିଣୀ ଆଧାରିତ ଅନେକ ପ୍ରକାର ଗୀତ ଗାଇବା ପୂର୍ବକ ସେହି ଗୀତମାନଙ୍କୁ ଲକ୍ଷ୍ୟ କରି ଗୀତାନୁସାରୀ ମୃଦଙ୍ଗର ବାଦ୍ୟରେ ତାଳ ଦେବା ପାଇଁ ବାହାକ୍‌କୁ ଆମନ୍ତ୍ରଣ ବା ଆହ୍ୱାନ ଦେଇଥାନ୍ତି । କ୍ରମଶଃ ଗୀତ-ବାଦ୍ୟ-ନୃତ୍ୟ ସଂଗୀତର ଐକ୍ୟତାନ ସୃଷ୍ଟି କରନ୍ତି ଓ ସଞ୍ଚାର କଳା ଦର୍ଶନରେ ଏକୀଭୂତ ଦର୍ଶକମଣ୍ଡଳୀକୁ ଆନନ୍ଦର ଏକ ଅତୀନ୍ଦ୍ରିୟ ସ୍ତରକୁ ନେଇଯିବାକୁ ସକ୍ଷମ ହୋଇଥାନ୍ତି ।

ସଞ୍ଚାରକଳାରେ ନାରୀ-ପୁରୁଷ ନିର୍ବିଶେଷରେ ସମସ୍ତେ କଳାସାଧନାର ଅଂଶବିଶେଷ ହୋଇପାରିବେ । ଏହି କଳାରେ କଳାକାରମାନଙ୍କ ବେଶପୋଷାକ ଓ ଆୟ-ଅଳଙ୍କାର ପରିଧାନ ମଧ୍ୟ ଭିନ୍ନ ଧରଣର ହୋଇଥାଏ । ମୃଦଙ୍ଗ ଧାରଣ କରି ମଣ୍ଡଳୀରେ ମୁକ୍ତଭାବରେ ବିଚରଣ କରି ଯେମିତି ସ୍ୱଚ୍ଛନ୍ଦରେ ନୃତ୍ୟ କରିହେବ, ତାହାକୁ ଦୃଷ୍ଟିରେ ରଖି ପୁରୁଷ ବାହାକ୍‌ମାନେ ଏକ ନିର୍ଦ୍ଧାରିତ ଶୈଳୀରେ ଧୋତି ପରିଧାନ କରିଥାନ୍ତି । ରଙ୍ଗବେରଙ୍ଗର ଜରିକାମ ହୋଇଥିବା ଓ ଫୁଲ ପଡ଼ିଥିବା ହାତ ନ ଥିବା କୁର୍ତ୍ତାସବୁ ମଧ୍ୟ ପିନ୍ଧିଥାନ୍ତି । କେତେକ ପୁରୁଷ ବାହାକ୍ ସାଧାରଣ ସଫେଦ ରଙ୍ଗର ଗଞ୍ଜି ମଧ୍ୟ ପିନ୍ଧନ୍ତି । ଅଣ୍ଟାରେ ଯେଉଁ ଲମ୍ବା ଗାମୁଛାକୁ ଦୁଇଭାଗ କରି ବାନ୍ଧିଥାନ୍ତି ତାହା ଧୋତିର ଗଣ୍ଠିକୁ ଦୀର୍ଘସମୟ ପର୍ଯ୍ୟନ୍ତ ସୁଦୃଢ଼ କରି ରଖିବା ପାଇଁ ସହାୟକ ହୋଇଥାଏ । ନାରୀ କଳାକାରମାନେ ଶାଢ଼ୀ, ବ୍ଲାଉଜ୍ ସହିତ ପୁରୁଷମାନଙ୍କ ପରି ଲମ୍ବା ଗାମୁଛା ଅଣ୍ଟାରେ ସୁଦୃଢ଼ କରି ଭିଡ଼ି ବାନ୍ଧିଥାନ୍ତି । ପୂର୍ବକାଳରେ ଉଭୟ ପୁରୁଷ ଓ ନାରୀ କଳାକାର ନାନା ସୁନାରୂପାର ଅଳଙ୍କାରରେ ବିଭୂଷିତ ହୋଇ ସଞ୍ଚାର ମଣ୍ଡଳୀକୁ ଓହ୍ଲାଉଥିଲେ । ବେକରେ ସୁନାର ହାର, କର୍ଣ୍ଣରେ କର୍ଣ୍ଣଫୁଲ-ଝଲ୍‌କା-କୁଣ୍ଡଳ, ମଣିବନ୍ଧରେ କଙ୍କଣ ଓ ହାତରେ ବାହୁଟି ଆଦି ପିନ୍ଧି ଏବେ ମଧ୍ୟ କେତେକ ସଞ୍ଚାର କଳାକାର କଳା ପରିବେଷଣ କରୁଥିବାର ଲକ୍ଷ୍ୟ କରାଯାଏ । ପୁରୁଷ କଳାକାରମାନେ ଆଗକାଳରେ ଏ ସବୁ ପରିଧାନ ଓ ଅଳଂକାର ସହ ମୁଣ୍ଡରେ ସ୍ୱତନ୍ତ୍ର ଭାବରେ  ପକ୍ଷୀ ଚୂଳଯୁକ୍ତ ପଗଡ଼ି ମଧ୍ୟ ବାନ୍ଧୁଥିଲେ ବା ପାଗ ମାରୁଥିଲେ । ପ୍ରଖ୍ୟାତ ସଞ୍ଚାର କଳାକାର ଅଭିମନ୍ୟୁ ଡୁମାଲ (ଖମାରୀ)ଙ୍କୁ ତାଙ୍କ ଡାହାଣ ହସ୍ତରେ ଏକ ସୁନାର ବାହୁଟି ପିନ୍ଧି ନୃତ୍ୟ କରୁଥିବାର ଅନେକ ସଞ୍ଚାର ମଣ୍ଡଳୀରେ ଦେଖିବାକୁ ମିଳୁଥିଲା । ବିରୁଆ ମହାରାଜାଙ୍କ ଠାରୁ ଏହି ସୁବର୍ଣ୍ଣ ବାହୁଟି ସେ ପୁରସ୍କାର ସ୍ୱରୂପ ଲାଭ କରିଥିବାର କୁହାଯାଏ । ସେହିପରି କାଦୋବାହାଲ୍ (ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧୀନସ୍ଥ) ଗ୍ରାମର ଖ୍ୟାତନାମା ମହିଳା ସଞ୍ଚାର କଳାକାର କିଶୋରୀ ମହାରଣାଙ୍କ କଳା ପରିବେଷଣରେ ପ୍ରୀତ ହୋଇ ଛତିଶଗଡ଼ (ତତ୍କାଳୀନ ମଧ୍ୟପ୍ରଦେଶ) ରାଜ୍ୟରେ ଥିବା ତଦାନୀନ୍ତନ ରାୟଗଡ଼ ରାଜା ଚକ୍ରଧର ସିଂହ ଓ ଝଁପା ରାଜାଙ୍କ ସମେତ ଅନେକ ରାଜା-ମହାରାଜାମାନେ ବହୁମୂଲ୍ୟ ସ୍ୱର୍ଣ୍ଣ ଆଭୂଷଣ ସହ ଅନେକ ପାଟଶାଢ଼ୀ ଦେଇ ତାଙ୍କୁ ସମ୍ମାନିତ କରିଥିବାର ପୁରୁଖା ସଞ୍ଚାର କଳାକାର ଆଚାର୍ଯ୍ୟ କ୍ଷମାନିଧି ସାହୁ (ଗ୍ରାମ-ମହଦା, ବ୍ଲକ-ଭଟଲି) ପ୍ରଗଲ୍‌ଭ ଭାବରେ ବର୍ଣ୍ଣନା କରନ୍ତି । ସାଧାରଣତଃ ମହିଳା ସଞ୍ଚାର କଳାକାରମାନେ ସମାଜର ନିମ୍ନବର୍ଗରୁ ପ୍ରତିନିଧିତ୍ୱ କରୁଥିବାରୁ ଦାରିଦ୍ର୍ୟ କାରଣରୁ ତାଙ୍କ ପାଖରେ ଏପରି ବହୁମୂଲ୍ୟ ସ୍ୱର୍ଣ୍ଣାଭୂଷଣ ଦେଖିବାକୁ ମିଳେ ନାହିଁ ।

ଶ୍ରୀରାଧା-ଶ୍ରୀକୃଷ୍ଣ ଓ ଶ୍ରୀ ଚୈତନ୍ୟଙ୍କ ସହ ବାଦ୍ୟ ପ୍ରଧାନ

ସଞ୍ଚାରକଳାର ମୁଖ୍ୟବାଦ୍ୟ ମୃଦଙ୍ଗଙ୍କୁ ମଧ୍ୟ ସଞ୍ଚାର ମଣ୍ଡଳୀରେ ବିଧି ଅନୁସାରେ ପୂଜା କରାଯିବାର ପରଂପରା ରହିଆସିଛି । ଏହି ମୃଦଙ୍ଗ ବାଦ୍ୟ କେବଳ ସଞ୍ଚାର କଳାରେ ବ୍ୟବହାର କରାଯାଏ ନାହିଁ, ବରଂ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ବିଭିନ୍ନ ଶାସ୍ତ୍ରୀୟ, ଅର୍ଦ୍ଧଶାସ୍ତ୍ରୀୟ ଓ ଲୋକନୃତ୍ୟମାନଙ୍କରେ ପ୍ରମୁଖ ବାଦ୍ୟ ଭାବରେ ବ୍ୟବହାର କରାଯାଉଥିବାର ଦେଖାଯାଏ । ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ଛତିଶଗଡ଼, ଉତ୍ତରପ୍ରଦେଶ, ଆସାମ ଓ ମଣିପୁର ଆଦି ରାଜ୍ୟମାନଙ୍କରେ ଯେଉଁଠାରେ ବୈଷ୍ଣବ ଧର୍ମର ବ୍ୟାପକ ପ୍ରଚାର ପ୍ରସାର ହୋଇଥିଲା, ସେଠାରେ ବୈଷ୍ଣବ ଧର୍ମାବଲମ୍ବୀ ଭକ୍ତମାନେ ଆତ୍ମବିଭୋର୍ ହୋଇ ହରିନାମ ସଂକୀର୍ତ୍ତନ କରିଥାନ୍ତି ଓ ମୃଦଙ୍ଗ ସହ ଗିନି ବଜାଇ ସମବେତ ନୃତ୍ୟ କରିଥାନ୍ତି । ଓଡ଼ିଶାର ସଞ୍ଚାରକଳାରେ ମୃଦଙ୍ଗବାଦ୍ୟର ଯେପରି ଏକ ସ୍ୱତନ୍ତ୍ର ଶାସ୍ତ୍ରୀୟ ଶୈଳୀ ରହିଛି, ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ମଧ୍ୟ ଏକ ବିଶେଷ ଶୈଳୀରେ ମୃଦଙ୍ଗ ବାଦନ କରାଯାଏ । ଦକ୍ଷିଣ ଭାରତୀୟ ଶୈଳୀରେ ଏକକବାଦ୍ୟ ଭାବରେ 'ମୃଦଙ୍ଗମ୍ ବାଦନ' ପରିବେଷିତ ହୋଇଥାଏ । ଭାରତର ବିଭିନ୍ନ ପ୍ରାନ୍ତରେ ନୃତ୍ୟ ସଙ୍ଗୀତରେ ବ୍ୟବହାର କରାଯାଉଥିବା ମୃଦଙ୍ଗସବୁ ଭିନ୍ନଭିନ୍ନ ଆକୃତିରେ ନିର୍ମାଣ କରାଯାଇଥାଏ ଏବଂ ମୃଦଙ୍ଗଗୁଡ଼ିକରୁ ଉତ୍ପନ୍ନ ଧ୍ୱନିରେ ମଧ୍ୟ ଉଲ୍ଲେଖନୀୟ ଭିନ୍ନତା ପରିଲକ୍ଷିତ ହୁଏ । ଓଡ଼ିଶାରେ ମଧ୍ୟ ଗୌଡ଼ୀୟ ପରଂପରାର ନାମ ସଂକୀର୍ତ୍ତନରେ ବ୍ୟବହାର ହେଉଥିବା ମୃଦଙ୍ଗ ଓ ସଞ୍ଚାରକଳାରେ ବ୍ୟବହୃତ ମୃଦଙ୍ଗ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି । ଧାତୁରେ ନିର୍ମିତ ମୃଦଙ୍ଗ, ଯଥା-କଂସା ଓ ପିତ୍ତଳରେ ନିର୍ମିତ ଓ ମାଟିରେ ନିର୍ମିତ ମୃଦଙ୍ଗର ଦୁଇ ଫମ୍ପାପଟକୁ ଗୋରୁ ଚମଡ଼ାର ଆବରଣରେ ଆବୃତ କରାଯାଇଥାଏ । ସଞ୍ଚାରକଳାରେ ବ୍ୟବହାର କରାଯାଉଥିବା ମୃଦଙ୍ଗ ମାଟି ଓ ଚମଡ଼ାରେ ତିଆରି ହୋଇଥାଏ ଓ ଏହା ସଂକୀର୍ତ୍ତନ ମୃଦଙ୍ଗ ପରି ଭାରି ବା ଓଜନିଆଁ ହୋଇ ନ ଥାଏ ।

ସଞ୍ଚାରକଳା ହେଉଛି ଗୁରୁ-ଶିଷ୍ୟ ପରଂପରା ଆଶ୍ରିତ ଏକ ଅଭିନବ ଅର୍ଦ୍ଧଶାସ୍ତ୍ରୀୟ ନୃତ୍ୟନାଟ୍ୟକଳା । ଭିନ୍ନଭିନ୍ନ ସଞ୍ଚାରଗୁରୁମାନଙ୍କର ଭିନ୍ନଭିନ୍ନ ଅଭିନବ ଶୈଳୀ (ଘରାନା)ରେ ମୃଦଙ୍ଗ ବାଦନ କରିବା ଓ ତା'ର ତାଳରେ ପଦଚାଳନା, ଅଙ୍ଗଚାଳନା କରି ନୃତ୍ୟ ପରିବେଷଣ କରିବା ଏହି କଳାର ବୈଚିତ୍ର୍ୟକୁ ହିଁ ଦର୍ଶାଇଥାଏ । ଦୀକ୍ଷିତ ଶ୍ରୋତା ବା ଦର୍ଶକ ମୃଦଙ୍ଗ ବାଦନ କରୁଥିବା କଳାକାରଙ୍କୁ ନ ଦେଖି ଆଖିବୁଜି କହିଦେଇପାରନ୍ତି ଯେ କେଉଁ ବାଦ୍ୟ କେଉଁ ପ୍ରଖ୍ୟାତ ସଞ୍ଚାରଶିଳ୍ପୀଙ୍କ ଶୈଳୀ ବା ଘରାନା ସହ ସଂପର୍କିତ । ଯେପରିକି ଗୁସେଇଁର ବାଦ୍ୟ (ଦୁର୍ଲଭ ଦାସ), କେଉଁଟର ବାଦ୍ୟ (ନୀଳମଣି ସେଟ୍), ଧୋବାର ବାଦ୍ୟ (ମାୟାଧର ସେଠ୍), ତିଅର୍‌ର ବାଦ୍ୟ (ମାଧବ ବେହେରା) ବା ଝରାର ବାଦ୍ୟ (ପର୍ଶୁରାମ ଝରା) । ସଞ୍ଚାର ନୃତ୍ୟଶୈଳୀର ବିଭିନ୍ନ ବିଭାଗରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରସିଦ୍ଧ କଳାକାରମାନଙ୍କୁ ଯୋଡ଼ି ଲୋକମାନଙ୍କ ମୁହଁରେ ଏକ ବହୁ ପ୍ରଚଳିତ ଲୋକକଥା ଶୁଣିବାକୁ ମିଳିଥାଏ - "ଚଉଁର୍‌ପୁରିଆର ଚପ (ଗୋବିନ୍ଦ ପାଣିଗ୍ରାହୀ), ପପଙ୍ଗିଆର୍ ଟିପ (ଧନେଶ୍ୱର ଦାସ), ଦୁର୍ଲଭର ଛବି ଚାଖି (ଦୁର୍ଲଭ ଦାସ), କୁନୁ ମାହାରର୍ ଚକ୍ରନୃତ୍ୟ ଚାଖି ବା ଚକି, ଆଦିର୍ ଘାତ (ଆଦି ସାହୁ), ମୁକ୍ତିର୍ ମାନ (ମୁକ୍ତେଶ୍ୱର ଦାସ), ଝରାର୍ ରସ (ପର୍ଶୁରାମ ଝରା), ମାୟାଧରର୍ ଭାଷା (ମାୟାଧର ସେଠ୍), ନୀଳମଣିର୍ ବେଶ (ନୀଳମଣି ସେଟ୍), ଅନ୍ତମାଝିର୍ ନିର୍ଗୁଣ ସୂତ୍ର (ଅନନ୍ତ ମାଝୀ), ଅଏବନର୍ ଅଁଟା (ଅଏବନ୍ ସହଁରା), ଆରୁ ଭାଟର୍ କଥା (ମନବୋଧ ଭାଟ) ।'

ବରଗଡ଼ ଧନୁଯାତ୍ରାରେ ସଞ୍ଚାର କଳା ପରିବେଷଣ କରି ପୁରୁଷ କଳାକାରମାନେ ଯେପରି ପ୍ରସିଦ୍ଧି ଅର୍ଜନ କରିଥିଲେ, ମହିଳା କଳାକାରମାନେ ମଧ୍ୟ କୌଣସି ଗୁଣରେ କମ୍ ବା ପଛରେ ନ ଥିଲେ । ସେହି ଉଲ୍ଲେଖଯୋଗ୍ୟ ମହିଳା କଳାକାରମାନଙ୍କ ସମ୍ପର୍କରେ ସମ୍ୟକ୍ ଆଲୋକପାତ କରାଯାଇପାରେ । ଏହି ପ୍ରଖ୍ୟାତ ମହିଳା ସଞ୍ଚାର କଳାକାରମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅତାବିରା ବ୍ଲକ କାଦୋବାହାଲ୍ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା କିଶୋରୀ ମହାରଣା ଅନ୍ୟତମ । ତାଙ୍କ ବାପା ଜଣେ ବିଚକ୍ଷଣ ସଞ୍ଚାର ଗାୟକ ଥିଲେ । ଉତ୍ତରାଧିକାରୀ ସୂତ୍ରରେ କିଶୋରୀ ମହାରଣା ମଧ୍ୟ ଜଣେ ସୁଗାୟିକା ଥିଲେ । ସେ ମୃଦଙ୍ଗ ବାଦନ କରୁ ନ ଥିଲେ । ଛତିଶଗଡ଼ ରାଜ୍ୟର ଚାଁପା ଅନ୍ତର୍ଗତ ସୁର୍‌ଗୁଜା ଜମିଦାର ଥରଟିଏ କିଶୋରୀମଣିଙ୍କୁ ନିମନ୍ତ୍ରଣ କରିବାକୁ ନିଜେ ଆସି ଭେଡ଼େନ ବ୍ଲକର ଝରାପାଲି ଗ୍ରାମରେ ଶିବିର ପକାଇଥିଲେ । ତାଙ୍କ ନିମନ୍ତ୍ରଣକ୍ରମେ କିଶୋରୀ ମହାରଣା, ବିରଞ୍ଚି ମାଝି (ଝରାପାଲି), ଓ ପୂର୍ଣ୍ଣଚନ୍ଦ୍ର ମେହେର (ଝିଲିମିଣ୍ଡା) ଝାରସୁଗୁଡ଼ା ଷ୍ଟେସନରୁ ରେଳଗାଡ଼ି ଯୋଗେ ସୁର୍‌ଗୁଜା ଯାଇଥିଲେ । ସୁର୍‌ଗୁଜା ଜମିଦାର କିଶୋରୀଙ୍କୁ ସୁନାର ଏକ ବହୁମୂଲ୍ୟ ହାର ଉପହାର ଦେଇଥିଲେ । କିଶୋରୀ ଏହିପରି ଅନେକ ରାଜା-ଜମିଦାରମାନଙ୍କ ଦରବାରରେ ସଞ୍ଚାର କଳା

ପରିବେଷଣ କରି ପ୍ରଶଂସାର ପାତ୍ରୀ ହୋଇପାରିଥିଲେ ଓ ଅନେକ ନାମୀଦାମୀ ଉପହାର ସବୁ ଲାଭ କରିପାରିଥିଲେ । କିଶୋରୀ ଗୌରବର୍ଣ୍ଣର ଜନୈକା ଅପୂର୍ବ ସୁନ୍ଦରୀ ମହିଳା ସଞ୍ଚାର କଳାକାର ଥିଲେ । ସେ ମଞ୍ଚକୁ ଓହ୍ଲାଇବା ମାତ୍ରେ ସ୍ୱର୍ଗରୁ ସତେକି ଅପ୍‌ସରାଟିଏ ଓହ୍ଲେଇ ଆସିବାର ଅନୁଭବ କରୁଥିଲେ ଦର୍ଶକମଣ୍ଡଳୀ । ସଞ୍ଚାର ନୃତ୍ୟକଳାର ଘରିଘାଟି, ଯଥା :- ରାଣୀଘାଟି, ମନ୍ଦାରୁଣୀ ଘାଟି, ବିଷ୍ଣୁପୁରୀ ଘାଟି ଓ ଗରଳ ଘାଟି ମଧ୍ୟରୁ କିଶୋରୀ ଗରଳ ଘାଟିର ତାଳ ପରିବେଷଣରେ ପାରଦର୍ଶିତା ଲାଭ କରିଥିଲେ । ସଞ୍ଚାର କଳାରେ ପରିବେଷଣ କରାଯାଉଥିବା ପ୍ରାୟ ଶହେ ଆଠ (୧୦୮) ପ୍ରକାର ତାଳ ପରିବେଷଣରେ କିଶୋରୀ ନିପୁଣା ଥିଲେ । ସେହିପରି ଅନ୍ୟ ଜଣେ ମହିଳା ସଞ୍ଚାରଶିଳ୍ପୀ ଥିଲେ ବରଗଡ଼ ଜିଲ୍ଲା ସୋହେଲା ଥାନା ଅନ୍ତର୍ଗତ ଲମ୍ଭରୁପାଲି ଗ୍ରାମର ରାଧାତୁରୀ (ରାଧାକାନ୍ତି ବାରିକ) । ଭଡ଼ିଗାଁର ପ୍ରଖ୍ୟାତ ସଞ୍ଚାରଶିଳ୍ପୀ ଦୁର୍ଲଭ ଦାସଙ୍କ ଶିଷ୍ୟା ରାଧା ଗୀତ-ବାଦ୍ୟ-ନୃତ୍ୟର ସମ୍ମିଶ୍ରଣରେ ସଞ୍ଚାର ପରିବେଷଣ କରି ସଞ୍ଚାର ମଣ୍ଡଳୀର ସମସ୍ତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିପାରୁଥିଲେ । ରାଧା ଗୁରୁଙ୍କ ଶୈଳୀ ଅନୁସରଣ କରିବା ସହ ତାଙ୍କ ନିଜସ୍ୱ ଶୈଳୀରେ ସଞ୍ଚାରକଳା ମାଧ୍ୟମରେ ପୁରାଣର ବିଭିନ୍ନ ବିଷୟବସ୍ତୁ ଉପସ୍ଥାପନ କରୁଥିଲେ । ତାଙ୍କର ସ୍ୱର-ମଧୁରତା ରହିଥିଲା । ରାଧା ନାରୀ ହେଲେ ମଧ୍ୟ ନୃତ୍ୟକଳାରେ ପୁରୁଷସୁଲଭ ଶୈଳୀମାନ ପରିବେଷଣ କରିପାରୁଥିଲେ । ଅନ୍ୟ ଜଣେ ମହିଳା ସଞ୍ଚାରଶିଳ୍ପୀ ହେଲେ ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଅର୍ଜୁଣ୍ଡା ଗ୍ରାମରେ ଜନ୍ମଗ୍ରହଣ କରିଥିବା ଉଜଲ୍‌ବତୀ ପଣ୍ଡା । ଉଜଲ୍‌ବତୀ ତାଙ୍କ ପିତା, 'ଗଉଁଲିଆ ରାମାୟଣ୍'ର ପ୍ରଣେତା କପିଳ ମହାପାତ୍ରଙ୍କ ଠାରୁ ସଞ୍ଚାରକଳା ଶିକ୍ଷା ଗ୍ରହଣ କରିଥିଲେ । ଯୋଗ୍ୟପିତାଙ୍କ ସୁଯୋଗ୍ୟ ଉତ୍ତରାଧିକାରିଣୀ ଭାବରେ ସଞ୍ଚାରମଣ୍ଡଳୀରେ ପରିବେଷଣ ପାଇଁ ସେ ମୌଳିକ ଗୀତସବୁ ରଚନା କରୁଥିଲେ । ଉଜଲ୍‌ବତୀ ଜଣେ ସୁଗାୟିକା ଥିଲେ । ତାଙ୍କ ଗୀତର ତାଳେତାଳେ ଖ୍ୟାତନାମା ସଞ୍ଚାର କଳାକାରମାନେ (ବାୟକମାନେ), ଯଥା :- ବିରଞ୍ଚି ମାଝି (ଝରାପାଲି), ଗଜପତି ପଶାୟତ (ଗଁଠିଆପାଲି), ପୂର୍ଣ୍ଣଚନ୍ଦ୍ର ମେହେର (ଝିଲିମିଣ୍ଡା), ନିତ୍ୟାନନ୍ଦ ଦାସ (ଭେଡ଼େନ), ବିପିନ୍ ସେଟ୍ (ବରାହଗୋଡ଼ା), ଉପେନ୍ଦ୍ର ବେହେରା (ତବଡ଼ା), ରସିକ ଦାସ (ଭଡ଼ିଗାଁ), ଚତୁର୍ଭୁଜ ମିଶ୍ର (ଜଡ଼ାମୁଡ଼ା, ଭଟଲି), ବିଦ୍ୟାଧର ଭୋଇ (ନଳିଚୁଆଁ, ଭଟଲି), ପୂର୍ଣ୍ଣାନନ୍ଦ ପଟେଲ (ଭେଉଁରିଆ) ଓ ମହାଦେବ ଭୋଇ (କନ୍‌ଗାଁ, ସୋହେଲା) ଆଦି ମୃଦଙ୍ଗ ବାଦନ କରି 'ମାନ୍' ଦେଉଥିଲେ । ଅଷ୍ଟାଦଶ ପୁରାଣ ଚର୍ଚ୍ଚାରେ ଉଜଲ୍‌ବତୀ ପଣ୍ଡା ଅସାମାନ୍ୟ ଦକ୍ଷତା ଅର୍ଜନ କରିଥିଲେ । କୃଷ୍ଣଜନ୍ମ ଠାରୁ କଂସବଧ ପର୍ଯ୍ୟନ୍ତ, ରାମଜନ୍ମ କଥାରୁ ଦେହତ୍ୟାଗ ପର୍ଯ୍ୟନ୍ତ ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିବାର ଅଦ୍ୱିତୀୟ ପ୍ରତିଭାର ଅଧିକାରିଣୀ ଥିଲେ ଉଜଲ୍‌ବତୀ । ଉଜଲ୍‌ବତୀ ସଞ୍ଚାର ମଣ୍ଡଳୀରେ 'ବାରମାସର୍ ତେର ଯାତ୍ରା', 'ଷୋଳକୁଞ୍ଜ' ଆଦି ପ୍ରସଙ୍ଗ ପରିବେଷଣ କରୁଥିଲେ । ତାଙ୍କ ରଚିତ ଜନପ୍ରିୟ ସମ୍ବଲପୁରୀ ଗୀତଗୁଡ଼ିକ ବାୟକ-ଗାୟକମାନେ ସଞ୍ଚାର ମଣ୍ଡଳୀରେ ଗାୟନ କରୁଥିଲେ । ଉଜଲ୍‌ବତୀ ପଣ୍ଡାଙ୍କ ଦ୍ୱାରା ରଚିତ 'ଉଜଲ୍‌ବତୀ ରାମାୟଣ' ପ୍ରଫେସର ହୃଦମଣି ପ୍ରଧାନଙ୍କ ଦ୍ୱାରା ସଂଗ୍ରହ ଓ ସଂପାଦନାରେ ୨୦୧୨ ମସିହାରେ ପ୍ରକାଶିତ ହୋଇଅଛି ।

ବରଗଡ଼ ଜିଲ୍ଲା ଭେଡ଼େନ୍ ଥାନା ଅନ୍ତର୍ଗତ ରୂପାପାଲି ଗ୍ରାମରେ ଜନ୍ମଗ୍ରହଣ କରିଥିବା ପାର୍ବତୀ ଦାସ ହେଉଛନ୍ତି ଝରାପାଲିର ପ୍ରସିଦ୍ଧ ସଞ୍ଚାର ବାୟକ ବିରଞ୍ଚି ମାଝି (ଝରା)ଙ୍କ ଶିଷ୍ୟା । ସୁଲଳିତ କଣ୍ଠରେ ଗୀତ ଗାଇବା, ମୃଦଙ୍ଗ ବାଦନ କରିବା ସହ କାଳିଦାସ, ଭବଭୂତି, ଭର୍ତ୍ତୃହରି, ଚାଣକ୍ୟ ଆଦି ପଣ୍ଡିତଙ୍କ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରି ସଞ୍ଚାର ମଣ୍ଡଳୀର ବିଦ୍ୱାନ୍ ଦର୍ଶକମାନଙ୍କୁ ବିମୋହିତ କରିବା ପାର୍ବତୀଙ୍କ କଳା ପରିବେଷଣର ଏକ ବିଶେଷତ୍ୱ । ପାର୍ବତୀ ସଞ୍ଚାର ପରିବେଷଣରେ ଯେପରି କୁଶଳୀ, ସଂକୀର୍ତ୍ତନ ଗୀତ ଗାଇବାରେ ମଧ୍ୟ ସେହିପରି ଉସ୍ତାଦ୍ । ତାଙ୍କ ସ୍ୱାମୀ ରାମଚନ୍ଦ୍ର ଦାସ ତାଙ୍କ ପାଳିଆ (ବାୟାମନ) ଭାବରେ ମଣ୍ଡଳୀରେ ଅବତୀର୍ଣ୍ଣ ହୋଇ ପାର୍ବତୀଙ୍କ ମନୋବଳ ବୃଦ୍ଧି କରିବାରେ ଯଥେଷ୍ଟ ସହାୟକ ହୋଇଛନ୍ତି । ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ଅଧୀନସ୍ଥ ଜହ୍ନାପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଶାଖା ରଣା ତାଙ୍କ ପିତା ଗଣେଶ ରଣା ଓ ଗୁରୁ ବିରଞ୍ଚି ମାଝି (ଝରା)ଙ୍କ ଠାରୁ ସଞ୍ଚାର କଳା ଶିକ୍ଷା କରିଥିଲେ । କିଶୋରୀ ବୟସରୁ ମଣ୍ଡଳୀକୁ ଓହ୍ଲାଇଥିବା ଓ ଆନୁଷ୍ଠାନିକ ଭାବରେ ଅଳ୍ପ ପାଠପଢ଼ିଥିବା ସତ୍ତ୍ୱେ ଗୀତ-ବାଦ୍ୟ-ନୃତ୍ୟ ପରିବେଷଣ ସହ ଶାସ୍ତ୍ରଚର୍ଚ୍ଚା କରିବା ଥିଲା ତାଙ୍କର ବିଶେଷତ୍ୱ । ଭୁବନେଶ୍ୱର, ପୁରୀ, କଟକ ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ସଞ୍ଚାର ପରିବେଷଣ କରିବା ସହ ବିଶାଖା ଦିଲ୍ଲୀ,

ହିମାଚଳ ପ୍ରଦେଶ ଓ ଗ୍ୱାଲିୟର୍ ମଧ୍ୟ ଯାଇଥିଲେ । ୧୯୮୯ ମସିହା ଅଗଷ୍ଟ ୨୬ ତାରିଖରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ସେ ଅଲେଖ ସାହୁ, ଦୁଃଖନାଶନ ବେହେରା ଓ ଚନ୍ଦ୍ରମା ବାଗ୍‌ଙ୍କ ସହ ଜାପାନର ଟୋକିଓ, ଓସାକା, ଓକାଜାକୀ, ନାଗାସାକୀ ଓ ନାଗୋୟାରେ ସଞ୍ଚାର ପରିବେଷଣ କରି ଆନ୍ତର୍ଜାତିକ ଖ୍ୟାତି ଅର୍ଜନ କରିଥିଲେ । ପ୍ରଥମ ମହିଳା ସଞ୍ଚାର କଳାକାର ଭାବରେ ବିଶାଖା ୨୦୦୯ ମସିହାରେ ଲୋକସଂଗୀତ ବର୍ଗରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ୨୦୧୪ ଅକ୍ଟୋବର ପ୍ରଥମ ସପ୍ତାହରେ ତାଙ୍କର ଦେହାନ୍ତ ହୋଇଥିଲା ।

ବରଗଡ଼ ଜିଲ୍ଲା ଓ ତତ୍‌ସଂଲଗ୍ନ ଚତୁର୍ଦ୍ଦିଗରେ ଥିବା ଅନ୍ୟ ଜିଲ୍ଲାମାନଙ୍କରେ ମଧ୍ୟ ପୁରୁଷ ସଞ୍ଚାର କଳାକାରଙ୍କ ସମେତ ଅନେକ ମହିଳା ସଞ୍ଚାର କଳାକାର ଗୁରୁ-ଶିଷ୍ୟ ପରଂପରା ଉପରେ ଆଧାରିତ ଏହି ପ୍ରାଚୀନ କଳା ସାଧନା କରିଥାନ୍ତି । ସେମାନଙ୍କ ମଧ୍ୟରେ ରହିଛନ୍ତି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଅଧୀନସ୍ଥ ପଣ୍ଡରିପାଣି ଗ୍ରାମର ଶାନ୍ତିଲତା ବିଶ୍ୱାଳ, ପରମାଣପୁରର ବିନୋଦିନୀ, ଶାନ୍ତି ଓ ଅଷ୍ଟମୀ, ସୁବର୍ଣ୍ଣପୁର ଜିଲ୍ଲା ଫଟାମୁଣ୍ଡାର ଦ୍ରୌପଦୀ ସନ୍ନ୍ୟାସୀ, ମୌଳିଖାଏର୍-ସରାଇପାଲି (ଛତିଶଗଡ଼)ର ପ୍ରଭାସିନୀ, ବିଦେଶିନୀ ଓ ଆଶାମତୀ, ସିଂଘୋଡ଼ା (ଛତିଶଗଡ଼)ର ଲତା, ସୁମତୀ ଓ ପିଙ୍କି ଭୋଇ । ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ଅଧୀନସ୍ଥ କୁରୁରାପାଲି ଗ୍ରାମରେ ଜନ୍ମିତା ବରଗଡ଼ ଧନୁଯାତ୍ରାରେ ନିୟମିତ ସଞ୍ଚାର କଳା ପରିବେଷଣ ସହ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଖ୍ୟାତି ଅର୍ଜନ କରିଥିବା ମହିଳା ସଞ୍ଚାରଶିଳ୍ପୀ ମୁଖୀ ଥିଲେ ଜଣେ ସମଧୁର କଣ୍ଠର ଅଧିକାରିଣୀ, ସୁଗାୟିକା । ତାଙ୍କ ସ୍ୱାମୀ ମୃଦଙ୍ଗ ବାଦନ କରି ତାଙ୍କ ସହ ସଙ୍ଗତ କରୁଥିଲେ । ଗାୟିକା ମୁଖୀ ରାଧାକାନ୍ତି ବାରିକ ଓ ଉଜଳ୍‌ବତୀ ପଣ୍ଡାଙ୍କ ସମସାମୟିକ କଳାକାର ଥିଲେ । ସେହିପରି ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ପରମାଣପୁର ଗ୍ରାମ ନିକଟସ୍ଥ ପଣ୍ଡରି ଗ୍ରାମରେ ଜନ୍ମଗ୍ରହଣ କରିଥିବା ଚନ୍ଦ୍ରମା ବାଗ ଜଣେ ଅସାମାନ୍ୟ ସଞ୍ଚାରଶିଳ୍ପୀ ଥିଲେ । ଉଜଳ୍‌ବତୀ, କିଶୋରୀ, ରାଧା, ମୁଖୀଙ୍କ ପରେ ପରବର୍ତ୍ତୀ ପିଢ଼ିର ସଞ୍ଚାର କଳାକାର ଯଥା : ଚନ୍ଦ୍ରମା ବାଗ, ଚିନାମାଲି ଦାସ (ରୂପାପାଲି), ବିଶାଖା ରଣା (ଜହ୍ନାପଡ଼ା), ପାର୍ବତୀ ଦାସ (ରୂପାପାଲି), ସାନ୍ତରା ସିଦ୍ଧାର (ଅମ୍ବାଭୋନା), ଶାନ୍ତିଲତା ବିଶ୍ୱାଳ (ପରମାଣପୁର, ସମ୍ବଲପୁର), ବସନ୍ତ ଗଣ୍ଡ (ଅନ୍ତରାଡ଼ି, ଅମ୍ବାଭୋନା), ପଦ୍ମିନୀ, ମନକାନ୍ତି ଓ କିଶୋରୀ (ପରମାଣପୁର, ଅତାବିରା), ରାଜକୁମାରୀ ଖରସେଲ (କଳାପାଣି, ବରଗଡ଼), ବିରାଜକୁମାରୀ (ଦେଉଁତି, ଝାରବନ୍ଧ) ଆଦି ସଞ୍ଚାର ନୃତ୍ୟକଳାରେ ବିଭିନ୍ନ ପର୍ଯ୍ୟାୟରେ ପ୍ରତିନିଧିତ୍ୱ କରି ପରାକାଷ୍ଠା ପ୍ରଦର୍ଶନ କରିଆସିଛନ୍ତି ।

ଚନ୍ଦ୍ରମା ବାଗଙ୍କ କଣ୍ଠ ଅତି ସ୍ପଷ୍ଟ ଓ ସୁଲଳିତ ଥିଲା । ତାଙ୍କ କଳା ପରିବେଷଣରେ ପୁରାଣ ଚର୍ଚ୍ଚାର ପ୍ରାଧାନ୍ୟ ରହିଥିଲା । ୧୯୮୯ରେ ଜାପାନରେ ନେହେରୁ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଚନ୍ଦ୍ରମା ମଧ୍ୟ ଅନ୍ୟ ସହ-କଳାକାରମାନଙ୍କ ସହିତ ନିଜସ୍ୱ କଳା ପରିବେଷଣ କରିଥିଲେ । ବିଡ଼ମ୍ବନାର ବିଷୟ, ରାଧାଙ୍କ ପରି ଚନ୍ଦ୍ରମା ମଧ୍ୟ ଶେଷଜୀବନରେ ଅତ୍ୟନ୍ତ ଦୁଃଖ ଓ କଷ୍ଟରେ କାଳାତିପାତ କରିଥିଲେ । ବାର୍ଦ୍ଧକ୍ୟାବସ୍ଥାରେ ଜଙ୍ଗଲରୁ କାଠପତ୍ର ସଂଗ୍ରହ କରି ଏହି ବିଦେଶ ଫେରନ୍ତା ସଞ୍ଚାର କଳାକାର ଜୀବିକା ନିର୍ବାହ କରୁଥିଲେ । ସରକାର ଓ ସମାଜର ଦୃଷ୍ଟି ଆଢୁଆଳରେ ରହି ସେ ଅତ୍ୟନ୍ତ ଦୟନୀୟ ଭାବରେ ମୃତ୍ୟୁବରଣ କଲେ । ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ୍‌ରେ ଥିବା ରୂପାପାଲି ଗ୍ରାମର ଚିନାମାଲି ଦାସଙ୍କ ଅଜା କପିଳ ଦାସ ଝରାପାଲିର ଅନନ୍ତ ମାଝି (ବିରଞ୍ଚି ମାଝିଙ୍କ ଅଜା)ଙ୍କ ଠାରୁ ସଞ୍ଚାର କଳା ଶିକ୍ଷା କରିଥିଲେ । କପିଳ ଦାସଙ୍କ ପୁତୁରା ନୃପ ଦାସଙ୍କ କନ୍ୟା ଚିନାମାଲି ବାପାଙ୍କଠାରୁ ଏହି ସଞ୍ଚାରକଳା ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ କରିଥିଲେ । ଚିନାମାଲିଙ୍କ ମାଆଙ୍କ ବାପା ଅର୍ଥାତ୍ ମାମୁଁଘର ଅଜା ହେଉଛନ୍ତି ପ୍ରସିଦ୍ଧ ପପଙ୍ଗିଆ (ପପଙ୍ଗା ଗ୍ରାମ ନିବାସୀ) ବାହାକ୍ ଧନେଶ୍ୱର ଦାସ । ଆନୁଷ୍ଠାନିକ ଭାବରେ କମ୍ ଶିକ୍ଷାପ୍ରାପ୍ତ ହୋଇଥିଲେ ମଧ୍ୟ ଚିନାମାଲି ଗୀତ-ବାଦ୍ୟ ନୃତ୍ୟରେ ନିପୁଣା ଅଟନ୍ତି । ଚିନାମାଲିଙ୍କ ବିଶେଷତ୍ୱ ହେଲା ଯେ, ସେ ପାଳିଆ (ବାୟାମନ)ମାନଙ୍କ ଅନୁପସ୍ଥିତିରେ ମଧ୍ୟ ଚମତ୍କାର ଭାବରେ ସଞ୍ଚାର ପରିବେଷଣ କରିପାରନ୍ତି ।

ସଂପ୍ରତି ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଅନ୍ତରାଡ଼ି ଗ୍ରାମର ବସନ୍ତ ଗଣ୍ଡ, କପାଶିରାର ହେମନ୍ତ ବାଗ, ଅତାବିରା ବ୍ଲକ୍ ଅନ୍ତର୍ଗତ ପରମାଣପୁର ଗ୍ରାମର ପଦ୍ମିନୀ, ମନକାନ୍ତି ଓ କିଶୋରୀ କଳାପାଣିର ରାଜକୁମାରୀ, ଦେଉଁତି (ଝାରବନ୍ଧ)ର ବିରାଜକୁମାରୀ, ପଣ୍ଡରି (ସମ୍ବଲପୁର)ର ଶାନ୍ତିଲତା ବିଶ୍ୱାଳ, ଡୁଙ୍ଗୁରିପାଲି (ସୁବର୍ଣ୍ଣପୁର)ର ଦ୍ରୌପଦୀ ସନ୍ନ୍ୟାସୀ, ଛତିଶଗଡ଼ର

ରାଜ୍ୟ ରାୟଗଡ଼ ଜିଲ୍ଲା ଅନ୍ତର୍ଗତ ତିନ୍‌ମିନିର ସୁନ୍ଦରମତୀ ସେଠ୍, କୁକରିପାଲି (ଡଭା, ଝାରବନ୍ଧ)ର ଶ୍ୱେତକୁମାରୀ ନିୟମିତ ଭାବରେ ବରଗଡ଼ ଧନୁଯାତ୍ରାରେ ସଞ୍ଚାର ପରିବେଷଣ କରିବା ସହିତ ଅଞ୍ଚଳର ବିଭିନ୍ନ ଯାନିଯାତ୍ରା, ଉତ୍ସବାନୁଷ୍ଠାନମାନଙ୍କରେ ସଞ୍ଚାରକଳା ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଆସୁଛନ୍ତି ଓ ପ୍ରଶଂସାଭାଜନ ହୋଇପାରିଛନ୍ତି । ଏମାନଙ୍କ କଳା ପ୍ରଦର୍ଶନ ଆମ ସାଂସ୍କୃତିକ ଜୀବନକୁ ଆହୁରି ବର୍ଣ୍ଣାଢ୍ୟ କରି ଗଢ଼ି ତୋଳିବାରେ ବହୁଭାବରେ ସହାୟକ ହେଉଅଛି । ରାଧା-ବିଶାଖା-ଚିନାମାଳି-ପାର୍ବତୀଙ୍କ ଆନୁଷ୍ଠାନିକ ବିଦ୍ୟାଳୟ ଶିକ୍ଷା ପଞ୍ଚମ ଶ୍ରେଣୀ ଭିତରେ ସୀମିତ ଥିବାବେଳେ ଚଳିତ ପୀଢ଼ିର ମହିଳା ସଞ୍ଚାରଶିଳ୍ପୀମାନଙ୍କ ମଧ୍ୟରେ ସ୍ନାତକୋତ୍ତର (MA) ଡିଗ୍ରୀ ପ୍ରାପ୍ତ ଓ ଓଡ଼ିଶା ସରକାରଙ୍କ ପୋଲିସ୍ ବିଭାଗରେ ହାବିଲ୍‌ଦାର ଭାବରେ କାର୍ଯ୍ୟ କରୁଥିବା ଡୁଙ୍ଗୁରିପାଲି (ଝାରବନ୍ଧ) ଗ୍ରାମର ଶ୍ରୀମତୀ ଜୟନ୍ତୀ ଦୀପ୍ ଅଛନ୍ତି । ଜୟନ୍ତୀ ତାଙ୍କ ମାମୁଁଙ୍କୁ ଗୁରୁ ଭାବରେ ଗ୍ରହଣ କରି ଗୁରୁ କୁଞ୍ଜବିହାରୀ ଲୁହାରଙ୍କ ଠାରୁ ସଞ୍ଚାରକଳା ଶିକ୍ଷା କରିଛନ୍ତି । ତାଙ୍କ ସ୍ୱାମୀ ଜମଲା (ପଦ୍ମପୁର)ଗ୍ରାମର ସୁରେଶ କୁମ୍ଭାର ମଧ୍ୟ ପୋଲିସ୍ ବିଭାଗରେ ହାବିଲ୍‌ଦାର ଭାବରେ କାର୍ଯ୍ୟ କରନ୍ତି । ତାଙ୍କ ପାଳିଆ (ବାୟାମନ) ମାନେ ହେଉଛନ୍ତି ମହେନ୍ଦ୍ର କନ୍ଧେର ଓ ରୋହିତ ତାଣ୍ଡି । ବରଗଡ଼ ଜିଲ୍ଲାର ଉପାନ୍ତ ଅଞ୍ଚଳ ଝାରବନ୍ଧ ବ୍ଲକ୍‌ର ଦେଏଁତି (ଲେରଗାଁ)ର ବିରାଜକୁମାରୀ ତାଣ୍ଡି ଏବଂ ବିଲାସପୁର ଗ୍ରାମର ସୀତାବତୀ ଛତର, ଉର୍ମିଳା ଛତର ଓ ପ୍ରମିଳା ଛତର ନାମଧାରୀ ଭଉଣୀତ୍ରୟ ବରଗଡ଼ ଧନୁଯାତ୍ରାରେ ଦୀର୍ଘବର୍ଷ ହେଲା ସଞ୍ଚାରକଳା ପରିବେଷଣ କରିଆସୁଛନ୍ତି ।

ବରଗଡ଼ ଜିଲ୍ଲାର ଚତୁର୍ଦ୍ଦିଗରେ ଭିନ୍ନଭିନ୍ନ ଅଞ୍ଚଳରେ ସଞ୍ଚାର କଳା ବ୍ୟାପକ ଭାବରେ ପରିବେଷଣ କରାଯାଇଥାଏ । ସଞ୍ଚାର କଳାକାରମାନଙ୍କ ପାଇଁ ବରଗଡ଼ ଧନୁଯାତ୍ରାରେ ଏକତ୍ର ହେବାର ଏକ ସୁଅବସର ମିଳିଥାଏ । ତେବେ ସଞ୍ଚାର କଳାରେ କେତେକ ବ୍ୟତିକ୍ରମ ବିଲକ୍ଷଣଯୁକ୍ତ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିଥାଏ । ସଞ୍ଚାରକଳା ବିଶେଷତଃ ଚୈତନ୍ୟଚରିତାମୃତ, ଗୋପୀ-ଗୋପାଳଙ୍କ ସହିତ ଶ୍ରୀକୃଷ୍ଣଙ୍କ ଶରତରାସ, ବସନ୍ତରାସ ଓ ନିମାଇଁ ସନ୍ନ୍ୟାସ ଆଦି ପ୍ରସଙ୍ଗକୁ ଆଧାର କରି ବିକଶିତ ଓ ପରିବେଷିତ ହୋଇଥାଏ । ତେଣୁ ସେହି ବିଷୟବସ୍ତୁକୁ କେନ୍ଦ୍ର କରି ପ୍ରଭୁଙ୍କ ମହିମାଗାନ କରାଯିବା ସହିତ ଅନ୍ୟାନ୍ୟ ପୌରାଣିକ, ନୈତିକ, ସାମାଜିକ, ତଥା ହାସ୍ୟବ୍ୟଙ୍ଗ ମନୋରଞ୍ଜନଧର୍ମୀ କଥୋପକଥନ ଓ ସଂଗୀତ ପରିବେଷଣ କରାଯାଇଥାଏ । କିନ୍ତୁ ମୌଳିକ ଧର୍ମ ଦୃଷ୍ଟିରୁ ଭିନ୍ନ ମାର୍ଗର ଅନୁଗାମୀ ହୋଇଥିବାରୁ ଦୁଇଜଣ ବିଶିଷ୍ଟ ସଞ୍ଚାରଶିଳ୍ପୀ, ଏହି ଧାରାର ବ୍ୟତିକ୍ରମ ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ବୋଡ଼ାସମ୍ବର (ପଦ୍ମପୁର) ଅଞ୍ଚଳର ଡୁଙ୍ଗୁରିପାଲି (ଜମଲା) ଗ୍ରାମର ବାବାଜୀ ବିଦ୍ୟାଧର ସାହୁ ହୋଇଥିବାବେଳେ ଅନ୍ୟ କଳାକାର ଜଣକ ହେଉଛନ୍ତି ନୂଆଁପାଲି (କନ୍‌ସିଂହା)ର ଶେଷଦେବ ନାୟକ । ଶେଷଦେବ ନାୟକଙ୍କ ଠାରୁ ଡୁଙ୍ଗୁରିପାଲିର ବିଦ୍ୟାଧର ସାହୁ ଥିଲେ ବରିଷ୍ଠ ସଞ୍ଚାର କଳାକାର । ସେ ଗେରୁଆ ବସ୍ତ୍ର ପରିଧାନ କରୁଥିବା ମହିମା ଧର୍ମାବଲମ୍ବୀ ଥିଲେ । ତାଙ୍କ ସଞ୍ଚାରକଳା ପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା ମହିମା ଧର୍ମର ତତ୍ତ୍ୱ ଓ ଦର୍ଶନକୁ ଗୀତ-ବାଦ୍ୟ-ନୃତ୍ୟ ଓ ବ୍ୟାଖ୍ୟା ମାଧ୍ୟମରେ ସରଳ ଓ ସୁଗମ ଭାଷାରେ ଗ୍ରାମୀଣ ଜନତାଙ୍କୁ ବୁଝାଇଦେବା । ବିଦ୍ୟାଧର୍ ବାହାକ୍ ତାଙ୍କର ସ୍ୱତନ୍ତ୍ର ମୃଦଙ୍ଗ ବାଦନ ଶୈଳୀ ପାଇଁ ଦର୍ଶକମଣ୍ଡଳୀରେ ନିଜର ପରିଚିତି ସୃଷ୍ଟି କରିଥିଲେ । ସେହିପରି ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକର ସରଳ ବ୍ୟାଖ୍ୟା ପାଇଁ ମଧ୍ୟ ତାଙ୍କର ଖ୍ୟାତି ରହିଥିଲା । ସେହିପରି ଶେଷଦେବ ନାୟକ ବୃତ୍ତିରେ ଜଣେ ପ୍ରାଥମିକ ସ୍କୁଲଶିକ୍ଷକ ହୋଇଥିବାବେଳେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ 'ଆର୍ଯ୍ୟ ସମାଜ' ଦ୍ୱାରା ପ୍ରବର୍ତ୍ତିତ ଓ ପ୍ରଦର୍ଶିତ ମାର୍ଗର ଜଣେ ଅନୁଗାମୀ ଥିଲେ । ସେ ବେଦ-ଉପନିଷଦ୍ ଉପରେ ଆସ୍ଥାପ୍ରକଟ କରୁଥିବା ଏକେଶ୍ୱର ପରମାତ୍ମା ବିଶ୍ୱାସୀ କଳାକାର ଥିଲେ । ମହର୍ଷି ଦୟାନନ୍ଦଙ୍କ ଆଧ୍ୟାତ୍ମିକ ଦର୍ଶନର ପ୍ରଚାର-ପ୍ରସାର କରିବା ତାଙ୍କ କଳାପ୍ରଦର୍ଶନର ମୁଖ୍ୟ ଲକ୍ଷ୍ୟ ଥିଲା ।

ବିଦ୍ୟାଧର ସାହୁ ଓ ଶେଷଦେବ ନାୟକଙ୍କ ପରି ଅନ୍ୟ ଦୁଇଜଣ ବ୍ୟତିକ୍ରମ ସଞ୍ଚାର କଳାକାର ହେଉଛନ୍ତି କ୍ଷିତି ସାହୁ ଓ ଟେଙ୍ଗ୍‌ନୁ ସାହୁ ବା କ୍ଷିତି-ଟେଙ୍ଗ୍‌ନୁ । କ୍ଷିତି ଛତିଶଗଡ଼ ରାଜ୍ୟ ସରିଆ ନିକଟସ୍ଥ ଲୁକାପରା ଗ୍ରାମର ହୋଇଥିବା ବେଳେ ଲୁକାପରା ପାଖାପାଖି ବରଙ୍ଗାକୋଟ୍ ଗ୍ରାମରେ ଟେଙ୍ଗ୍‌ନୁଙ୍କ ଜନ୍ମ । କ୍ଷିତି ଓ ଟେଙ୍ଗ୍‌ନୁ ସଞ୍ଚାର୍ କଳାକାର ମହଲରେ ସୁଗାୟକ ଭାବରେ ପରିଚିତ ଓ ଉଭୟେ ଉଭୟଙ୍କର ପାଳିଆ ଭାବରେ ମଧ୍ୟ କଳା ପରିବେଷଣ କରିଥାନ୍ତି । ଏମାନେ ପାଦରେ ଘୁଙ୍ଗୁର ବାନ୍ଧି ଗୀତ, ନୃତ୍ୟ କରିଥାନ୍ତି, କିନ୍ତୁ ତାଙ୍କ ନୃତ୍ୟଶୈଳୀରେ ମୃଦଙ୍ଗର ବ୍ୟବହାର ହୁଏ ନାହିଁ ଯଦିଓ ମୃଦଙ୍ଗ ହେଉଛି ସଞ୍ଚାର ନୃତ୍ୟକଳାର

ପ୍ରମୁଖ ବାଦ୍ୟଯନ୍ତ୍ର । ବିଭିନ୍ନ ଶାସ୍ତ୍ର-ପୁରାଣରୁ ବିଷୟବସ୍ତୁ ଆହରଣ କରି ତାଙ୍କ ଚିତ୍ତାକର୍ଷକ ଶୈଳୀରେ ସଞ୍ଚାରମଣ୍ଡଳୀରେ ପରିବେଷଣ କରିଥାନ୍ତି । ଗୀତ ଗାଇବା ସହ ବିଭିନ୍ନ ଛନ୍ଦରେ ପଦଚାଳନା ଦ୍ୱାରା ଘୁଙ୍ଗୁରରୁ ମଧୁର ଧ୍ୱନି ଉତ୍ପନ୍ନ କରିଥାନ୍ତି ଓ ଗୀତର ସୁର ତଥା ଘୁଙ୍ଗୁରର ସୁମଧୁର ଧ୍ୱନିସହ ତାଳ ଦେଇ ହାତରେ କରତାଳି ବଜାଇ, ଚୁଟ୍‌କି ଫୁଟେଇ ଅବା ଛାତିରେ, ଜଙ୍ଘରେ, ପିଠରେ ଥାପଡ଼ ମାରି ଶବ୍ଦ ସୃଷ୍ଟି କରି ସଂଗୀତର ଐକ୍ୟତାନ ପରିବେଷଣ କରିବାରେ ସଫଳ ହୋଇଥିଲେ । ଏହି ସଞ୍ଚାର କଳାକାରଦ୍ୱୟ କ୍ଷିତି-ଟେଙ୍ଗ୍‌ନୁଙ୍କ ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ, ବରଗଡ଼ ଧନୁଯାତ୍ରାର ଭିନ୍ନଭିନ୍ନ ଦିବସରେ ଦିନବେଳା ଅନୁଷ୍ଠିତ ହେଉଥିବା ପୌରାଣିକ ପ୍ରସଙ୍ଗ ଆଧାରିତ ଅଭିନୀତ ଦୃଶ୍ୟାବଳୀକୁ ନେଇ ସେହିଦିନ ରାତିରେ ସଞ୍ଚାରମଣ୍ଡଳୀରେ ସଞ୍ଚାରକଳା ମାଧ୍ୟମରେ ଦର୍ଶକମାନଙ୍କ ଆଗରେ ଉପସ୍ଥାପିତ କରିବା । ଏଗାର ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ବରଗଡ଼ ଧନୁଯାତ୍ରାରେ କ୍ରମାନ୍ୱୟରେ ବରଗଡ଼ (ମଥୁରାନଗରୀ) ଓ ଅମ୍ବାପାଲି(ଗୋପପୁର)ରେ ଯେଉଁସବୁ ପୌରାଣିକ ଦୃଶ୍ୟସବୁ ଅଭିନୀତ ହୋଇଥାଏ, ଯେପରିକି ଉଗ୍ରସେନଙ୍କ ଗାଦିଚ୍ୟୁତ ଓ ମହାରାଜ କଂସଙ୍କ ସିଂହାସନ ଆରୋହଣ ଓ ରାଜ୍ୟାଭିଷେକ, ଦେବକୀ-ବସୁଦେବ ବିବାହ, ବିଜୁଳିକନ୍ୟାଙ୍କ ଆବିର୍ଭାବ, ଦୈବୀବାଣୀ ଓ ବିଜୁଳିକନ୍ୟାଙ୍କ ଅନ୍ତର୍ଦ୍ଧାନ, କାରାଗାରରେ ଶ୍ରୀକୃଷ୍ଣଙ୍କ ଜନ୍ମ, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ବା ଗୋପଲୀଳା, ଅଘା-ବକା-ଷଣ୍ଢା-ଶକଟା ଆଦି ଦୈତ୍ୟଙ୍କୁ ଶ୍ରୀକୃଷ୍ଣ ବଧ କରିବା, ରଙ୍ଗସଭା, ଅକ୍ରୂର ଗମନ, ଧନୁଯାତ୍ରା ଆୟୋଜନ, ଶ୍ରୀକୃଷ୍ଣଙ୍କ ମଥୁରାଗମନ, ବିଭିନ୍ନ ନିଷ୍ପେଷିତ ପୌରାଣିକ ଚରିତ୍ରଙ୍କୁ ପରିତ୍ରାଣ, ପରିଶେଷରେ କଂସବଧ ପରି ସମସ୍ତ ଦୃଶ୍ୟକୁ ଏକାଦିକ୍ରମେ ପ୍ରତ୍ୟେକ ରାତିରେ ସଞ୍ଚାର ମଣ୍ଡଳୀରେ ଏହି ସଞ୍ଚାର କଳାକାରଦ୍ୱୟ କ୍ଷିତି-ଟେଙ୍ଗ୍‌ନୁ, ଜଂଘ ଓ ଛାତିକୁ ଦୁଇହାତରେ ବାଡ଼େଇ ବାଜା ବଜେଇ ନିଜସ୍ୱ ଶୈଳୀରେ ନୃତ୍ୟ ପରିବେଷଣ କରୁଥିଲେ । ଦର୍ଶକମଣ୍ଡଳୀ ମନ୍ତ୍ରମୁଗ୍ଧ ହୋଇ କ୍ଷିତି-ଟେଙ୍ଗ୍‌ନୁଙ୍କ କଳା ପରିବେଷଣକୁ ଉପଭୋଗ କରୁଥିଲେ । ରାତିରେ ସଞ୍ଚାର ମଣ୍ଡଳୀରେ କ୍ଷିତି-ଟେଙ୍ଗ୍‌ନୁଙ୍କ ଅଭିନୟ ଦ୍ୱାରା ଧନୁଯାତ୍ରାର ଦୃଶ୍ୟାବତାରଣାରୁ ଜଣେ ଦର୍ଶକ ସେହିଦିନ ବରଗଡ଼ ଧନୁଯାତ୍ରାରେ ମଥୁରାନଗରୀରେ ବା ଗୋପପୁରରେ କେଉଁ ଉପାଖ୍ୟାନଟି ଅଭିନୟ କରାଯାଇଛି, ସେ ବିଷୟରେ ସ୍ପଷ୍ଟ ଧାରଣା କରିପାରେ । ଏଥିସହିତ ପରବର୍ତ୍ତୀ ଦିବସରେ ଅଭିନୀତ ହେବାକୁ ଥିବା ଦୃଶ୍ୟାବଳୀ ସଂପର୍କରେ ମଧ୍ୟ ପ୍ରାକ୍‌ସୂଚନା ପାଇପାରିଥାଏ ଏବଂ ସେ ଦୃଶ୍ୟ କିପରି ହାତଛଡ଼ା ହୋଇ ନ ଯିବ, ସେଥିପାଇଁ ନିଜକୁ ଆଗୁଆ ପ୍ରସ୍ତୁତ କରି ରଖେ । ମହାରାଜ କଂସଙ୍କ ମୃତ୍ୟୁପରେ ତାଙ୍କ ଦୁଇ ବିଧବାରାଣୀ ହେତୀ ଓ ପ୍ରହେତୀ ଭୂମିକାରେ ଅବତୀର୍ଣ୍ଣ ହୋଇ କ୍ଷିତି ଓ ଟେଙ୍ଗ୍‌ନୁ କଂସଙ୍କ ଶବାଧାର ପଛରେ କାନ୍ଦିକାନ୍ଦି ଅନୁଗମନ କରିବା ଦୃଶ୍ୟ ଦର୍ଶକମହଲରେ ହାସ୍ୟରୋଳ ସୃଷ୍ଟି କରିଥାଏ । ଏହି ଶବ ଶୋଭାଯାତ୍ରାବେଳେ ପ୍ରଚଳିତ ଅନେକ ଶୋକଗୀତ ସମ୍ବଲପୁରୀ ଭାଷାରେ ନିଜସ୍ୱ ହାସ୍ୟବ୍ୟଙ୍ଗ ଶୈଳୀରେ ବୋଲିବାବେଳେ ତାହା ଶୋକ ପରିବର୍ତ୍ତେ ହାସ୍ୟରସ ସୃଷ୍ଟି କରିଥାଏ । କ୍ଷିତି ଓ ଟେଙ୍ଗ୍‌ନୁଙ୍କ ଅବର୍ତ୍ତମାନରେ ସେ ଦୃଶ୍ୟ ଆଉ ବରଗଡ଼ ଧନୁଯାତ୍ରାରେ ଅଭିନୀତ ହେଉନାହିଁ । ସେ କିମ୍ବଦନ୍ତୀ କଳାକାର ଦୁଇଜଣଙ୍କ ସ୍ଥାନ ଏବେ ଶୂନ୍ୟ ହୋଇ ପଡ଼ିରହିଛି ।

ବରଗଡ଼ ଧନୁଯାତ୍ରା ସହ ଓତଃପ୍ରୋତ ଭାବରେ ଜଡ଼ିତ ଓଡ଼ିଶାର ପଶ୍ଚିମାଞ୍ଚଳର ଏକ ସ୍ୱତନ୍ତ୍ର ନୃତ୍ୟନାଟ୍ୟଶୈଳୀ ସଞ୍ଚାରକଳାର କଳାକାରମାନଙ୍କ କଳାଚାତୁର୍ଯ୍ୟରେ ବିମୁଗ୍ଧ ଦର୍ଶକ, ବିତ୍ତଶାଳୀ ବ୍ୟକ୍ତି, ରାଜା ଜମିଦାର, ଗୌନ୍ତିଆ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ଏହି ଚତୁର୍ଗୁଣୀ କଳାକାରଙ୍କ ଜୀବନବ୍ୟାପୀ ସାଧନାର ସ୍ୱୀକୃତି ଓ ସମ୍ମାନ ସ୍ୱରୂପ ସେମାନଙ୍କୁ ସାର୍ଟିଫିକେଟ, ମେଡ଼ାଲ୍ ଓ ଉପଢ଼ୌକନ ପ୍ରଦାନ କରୁଥିଲେ । କେତେକ କ୍ଷେତ୍ରରେ ସ୍ୱର୍ଣ୍ଣାଳଙ୍କାର, ବାସଗୃହ, ଭୂସମ୍ପତ୍ତି, ଗାଈ ଆଦି ଦେବାର ମଧ୍ୟ ନଜିର୍ ରହିଛି । ଏତଦ୍‌ବ୍ୟତୀତ ପୁରୁଷ କଳାକାରମାନେ ବିବାହିତ ହୋଇଥିବା ଜାଣିସୁଦ୍ଧା ଧନାଢ଼୍ୟ ବ୍ୟକ୍ତିମାନେ ସେହି ଖ୍ୟାତନାମା କଳାକାରଙ୍କ ହାତରେ ନିଜର କୁମାରୀକନ୍ୟାକୁ ସମର୍ପଣ କରିବା ଗୌରବର ବିଷୟ ବୋଲି ମନେ କରୁଥିଲେ ଓ ଗର୍ବ ଅନୁଭବ କରୁଥିଲେ । ଭଟଲି ବ୍ଲକ୍ ଅନ୍ତର୍ଗତ ଭଡ଼ିଗାଁର ଦୁର୍ଲଭ ଦାସଙ୍କ କଳାପ୍ରଦର୍ଶନରେ ଅତ୍ୟନ୍ତ ପ୍ରୀତ ହୋଇ ହେମଗିର ରାଜା କଳାକାରଙ୍କୁ ସମ୍ମାନ ଜଣାଇ ଦୁର୍ଲଭ ଦାସଙ୍କ ଏକ ବିରାଟ ଫଟୋଚିତ୍ର ତାଙ୍କ ରାଜପ୍ରାସାଦର ପ୍ରବେଶ କକ୍ଷ କାନ୍ଥରେ ଟଙ୍ଗାଇ ରଖିଥିଲେ । ବରଗଡ଼ର ମାଫିଦାର୍ ଗୌନ୍ତିଆ ଗଜରାଜ ଦାଶ ଦୁର୍ଲଭ ଦାସଙ୍କୁ ସମ୍ବଲପୁରର ଫ୍ରେଜର ପ୍ରିଣ୍ଟିଙ୍ଗ୍ ପ୍ରେସ୍‌ରେ ମୁଦ୍ରିତ ଏକ ପ୍ରଶଂସାପତ୍ର ୧୯୧୭ ମସିହାରେ ପ୍ରଦାନ କରିଥିଲେ । ଏହି ପ୍ରଶସ୍ତିପତ୍ରରେ ଦୁର୍ଲଭ ଦାସଙ୍କୁ 'ମନରଞ୍ଜକ ବାହୁକସାଗର' ଉପାଧି

ଦିଆଯାଇଥିଲା । ସେହିପରି ଅନ୍ୟ ଏକ ଘଟଣାରେ ହେମଗିର ରାଜା ନୀଚଜାତିର ଲୋକ ମନେ କରି ବାୟକ ମାୟାଧର ସେଠ୍‌ଙ୍କୁ ରାଜକୀୟ ଯାତ୍ରାମଣ୍ଡଳୀରେ କଳା ପ୍ରଦର୍ଶନ ପାଇଁ ପ୍ରବେଶ କରିବାକୁ ଅନୁମତି ନ ଦେଇ ଅପେକ୍ଷାକୃତ କମ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସଞ୍ଚାର ପରିବେଷଣ କରିବାକୁ କହିଲେ । ଯେତେବେଳେ ଆବାଳ-ବୃଦ୍ଧ-ବନିତା ସମସ୍ତ ଦର୍ଶକ ମାୟାଧରଙ୍କ କଳା ଦେଖିବା ପାଇଁ ଅସମ୍ଭାଳ ଭିଡ଼ ସୃଷ୍ଟି କଲେ, ରାଜା ନିଜ କୃତକର୍ମ ପାଇଁ ଅନୁତାପ କରିଥିଲେ ଓ ମାୟାଧରଙ୍କୁ ସୁନାର ବଳା ଓ ପାଟଜଥା ଦେଇ ସମ୍ମାନିତ କରିଥିଲେ । ବରଗଡ଼ ସନ୍ନିକଟ ଖୁଣ୍ଟପାଲି ଗ୍ରାମର ବାଲିଯାତ୍ରାକୁ ସମ୍ବଲପୁର ଜିଲ୍ଲା ଖୁଣ୍ଟିଚକୁଳିର ବାୟକ ମନବୋଧ ଭାଟ ନିୟମିତ ଭାବରେ ଜୀବନ ଥିବା ପର୍ଯ୍ୟନ୍ତ ପ୍ରତିବର୍ଷ ଆସୁଥିଲେ । ଖୁଣ୍ଟପାଲି ଗ୍ରାମବାସୀ ତାଙ୍କୁ ସୁନାର ବାହୁଟି ଓ କାନରେ ପିନ୍ଧିବା ପାଇଁ ସୁବର୍ଣ୍ଣକୁଣ୍ଡଳ ପ୍ରଦାନ କରିଥିଲେ । ବାଞ୍ଜିପାଲି ଗ୍ରାମରେ ମନବୋଧ ଭାଟ ଏକ ସୁନାର ହାର ପାଇଥିବାବେଳେ ସରାଇପାଲି ଜମିଦାର ତାଙ୍କୁ ରାଜକୀୟ ପଗଡ଼ି ପ୍ରଦାନ କରିଥିଲେ । ଦୂରଦର୍ଶନ କେନ୍ଦ୍ର, କଟକ ଓ ଆକାଶବାଣୀ-ସମ୍ବଲପୁର କେନ୍ଦ୍ର ତରଫରୁ ମନବୋଧ ଭାଟଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରେକଡ଼ିଙ୍ଗ୍ କରି ପ୍ରସାରଣ କରାଯାଇଛି । ଅଭିମନ୍ୟୁ ଖମାରୀ ବିରୁଆଁ ମହାରାଜଙ୍କ ଠାରୁ ସୁନାର ବାହୁଟି ଓ ଭେଡ଼େନ ଥାନାନ୍ତର୍ଗତ ତାଳମେଣ୍ଡା ଗ୍ରାମବାସୀଙ୍କ ତରଫରୁ ସୁନାର କୁଣ୍ଡଳ ଓ ସୁନାର ହାର ପୁରସ୍କାର ପାଇଥିଲେ । ବରାହଗୋଡ଼ାର ବିପିନ୍ ସେଟ୍ ବେହେରା ଗ୍ରାମବାସୀଙ୍କ ଠାରୁ ହଳେ ଜୁଡ଼ୁକି ସୁନା ଓ କଳାପାଣି ଗ୍ରାମବାସୀଙ୍କ ଠାରୁ ଗୋଟିଏ ଛେରା ଗଜବନ୍ ମାଲୀ (ହାର) ପାଇଥିଲେ ତଥା ସମ୍ବଲପୁରରୁ ସିଲ୍‌ଡ୍-କପ୍ ମଧ୍ୟ ଲାଭ କରିଥିଲେ । ସଞ୍ଚାର କଳାକାର କିଶୋର ଚନ୍ଦ୍ର ଶତପଥି ଅନେକ ଅନୁଷ୍ଠାନରୁ ସୁନାର ମେଡ଼ାଲ୍ ସବୁ ପାଇଥିବା ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଥିଲେ । 'କିଶୋରଙ୍କ କରିସ୍ମା' ନାମକ ଏକ କାବ୍ୟଗ୍ରନ୍ଥର ପ୍ରଣେତା କିଶୋର ଚନ୍ଦ୍ର ଶତପଥି ୧୯୪୫ ମସିହା ବେଳକୁ ଏବେ ହୀରାକୁଦ ଜଳଭଣ୍ଡାରରେ ବୁଡ଼ିଯାଇଥିବା ରଂପେଲା ଗ୍ରାମର ଏମ୍.ଇ.ସ୍କୁଲରେ ଶିକ୍ଷକତା କରୁଥିଲେ । ଗୁଦେରପାଲି (ବିଜେପୁର) ଗ୍ରାମର ବାୟକ ବାବାଜୀ ଶତପଥି ବଲାଙ୍ଗିରର ତଳିଗୁଡ଼ାଠାରେ ଓ କୁସୁମିଠାରେ ଯଥାକ୍ରମେ ସୁନାର କୁଣ୍ଡଳ ଓ ସୁନାର ହାର ଲାଭ କରି ପୁରସ୍କୃତ ହୋଇଥିଲେ । ଛତିଶଗଡ଼ ରାଜ୍ୟ ଅଧୀନସ୍ଥ ଶଙ୍କରା ଗ୍ରାମନିବାସୀ କଳାକାର ବୈକୁଣ୍ଠ ଦୁଆନ୍, ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବିଭିନ୍ନ ସ୍ଥାନରେ କଳାପ୍ରଦର୍ଶନ କରି ସୁନାର କୁଣ୍ଡଳ ଓ ସୁନାର ହାର ଲାଭ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧୀନରେ ଥିବା ତତ୍କାଳୀନ ସୁଖା ଜମିଦାରଙ୍କ ଠାରୁ ସୁନାର ବଳା ଓ ସୁନାର କୁଣ୍ଡଳ ପୁରସ୍କାର ପାଇଥିବା କଳାକାର ଅଲେଖ ସାହୁ ଜାପାନ ଗସ୍ତକାଳ (୧୯୮୯)ରେ ଏକ ବଡ଼ ଆକାରର ସ୍ୱର୍ଣ୍ଣପଦକ ପ୍ରାପ୍ତ ହୋଇଥିଲେ । ପାର୍ବତୀ ଦାସ ମଧ୍ୟ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରେ, ଯଥା- ଭୁବନେଶ୍ୱର, କଟକ, ସିମ୍‌ଲା, ଦିଲ୍ଲୀଠାରେ ଅନେକ ପୁରସ୍କାର ସହ ସମ୍ମାନିତ ହୋଇଛନ୍ତି । ସଞ୍ଚାର କଳାର ଚଳନ୍ତି ପୀଢ଼ିର କିମ୍ବଦନ୍ତୀ କଳାକାର ଜୟନ୍ତୀ ଦୀପ ବର୍ତ୍ତମାନ ଆକାଶବାଣୀ କେନ୍ଦ୍ର ଓ ଦୂରଦର୍ଶନ କେନ୍ଦ୍ର ସମ୍ବଲପୁରର ଲୋକଗୀତ ବର୍ଗରେ ସ୍ୱୀକୃତିପ୍ରାପ୍ତ ଅପ୍‌ଗ୍ରେଡେଡ୍ କଳାକାର (ବି-ହାଇଗ୍ରେଡ୍) ଅନେକ ଟେଲିଫିଲ୍ମରେ ସେ କାର୍ଯ୍ୟକ୍ରମ ପରିବେଷଣ କରିବା ସହ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର 'ଶଳାବୁଢ଼ାର୍ ବଦ୍‌ଲା'ରେ ମଧ୍ୟ ସଞ୍ଚାରକଳା ପରିବେଷଣ କରିଛନ୍ତି । ତାଙ୍କ ପ୍ରତିଭାକୁ ସମ୍ମାନ ଜଣାଇ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଜୟନ୍ତୀ ଦୀପଙ୍କୁ 'କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିଛନ୍ତି ।

ରାଜା-ମହାରାଜାଙ୍କ ଯୁଗର ଅବସାନ ପରେ ସଞ୍ଚାର କଳାକାରମାନଙ୍କୁ ସୁନାର ବଳା, ହାର ଓ କୁଣ୍ଡଳ ଆଦି ପୁରସ୍କାର ଦେବା ପରଂପରା ମଧ୍ୟ ଧିରେଧିରେ ହଜିଗଲା । ସରକାରୀ ଓ ବେସରକାରୀ ଅନୁଷ୍ଠାନମାନେ କଳାକାରମାନଙ୍କୁ ଅର୍ଥରାଶି ସହ ମାନପତ୍ର, ଉପଢ଼ୌକନ ଓ ସ୍ମୃତିଫଳକ (Memento) ଦେବାର ନୂଆଁ ପରଂପରା ସୃଷ୍ଟି ହେଲା । ସେହିକ୍ରମରେ ଦୁଃଖନାଶନ ବେହେରା, ଅଲେଖ ସାହୁ ଓ ବିଶାଖା ରଣା ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । ଜୟନ୍ତୀ ଦୀପ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ 'କବିଚନ୍ଦ୍ର କାଳୀଚରଣ ଯୁବପ୍ରତିଭା ସମ୍ମାନ' ପ୍ରାପ୍ତ କରିଛନ୍ତି । ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ାର ଅଚ୍ୟୁତ ବେହେରା ଜର୍ମାନୀର ବର୍ଲିନ୍‌ସ୍ଥିତ ଫ୍ରି (Free) ୟୁନିଭର୍ସିଟିରେ ସଞ୍ଚାର ପରିବେଷଣ କରି ଉଚ୍ଚ ପ୍ରଶଂସାର ପାତ୍ର ହୋଇପାରିଛନ୍ତି । ତବଡ଼ାର ଅଚ୍ୟୁତ ବେହେରାଙ୍କ ଘର ଓ

ଭଡ଼ିଗାଁର ଦୁର୍ଲଭ ଦାସଙ୍କ ଘର ଏବେ ମଧ୍ୟ ସଞ୍ଚାରକଳା ସାଧନାର କ୍ଷେତ୍ର ଭାବରେ 'ଗୁରୁଘର' ନାମରେ ଅଞ୍ଚଳରେ ଖ୍ୟାତ । ୧୯୮୯ ମସିହାରେ ନେହେରୁ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଜାପାନରେ ଆୟୋଜିତ ହୋଇଥିବା ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ 'INDIA : ETERNAL DANCE AND MUSIC' ରେ ସଞ୍ଚାର କଳାକାର ଦୁଃଖନାଶନ ବେହେରା, ଅଲେଖ ସାହୁ, ବିଶାଖା ରଣା ଓ ଚନ୍ଦ୍ରମା ବାଗ ଅଂଶଗ୍ରହଣ କରି ଜାପାନର ବିଭିନ୍ନ ସହରରେ ଦୁଇ ସପ୍ତାହ ବ୍ୟାପୀ ସଞ୍ଚାରକଳା ପରିବେଷଣ କରିବା ଏହି କଳା ଇତିହାସର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି କୁହାଯାଇପାରେ । ସଞ୍ଚାର କଳା ଓ କଳାକାର ବିଦେଶ ଭୂମିରେ ଉଚ୍ଚ ପ୍ରଶଂସିତ ହେବା ସହ ପ୍ରତ୍ୟେକ କଳାକାରଙ୍କୁ ସ୍ୱତନ୍ତ୍ର ଭାବରେ ନିର୍ମିତ ଏକ ବଡ଼ ଆକାରର ସ୍ୱର୍ଣ୍ଣପଦକ ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ୨୦୦୨ ମସିହାରେ ଏହି ସଞ୍ଚାରକଳାର ଅନ୍ୟତମ ପ୍ରଶଂସକ ଓ ପୃଷ୍ଠପୋଷକ ପ୍ରଫେସର ମୀନକେତନ ପୁରୋହିତଙ୍କ ଉଦ୍ୟମରେ ସଞ୍ଚାର କଳାକାର ଅଲେଖ ସାହୁ, ଆଚାର୍ଯ୍ୟ କ୍ଷମାନିଧି ସାହୁ, ବୈକୁଣ୍ଠ ଦୁଆନ୍, ବସୁଦେବ ପଶାୟତ ଓ ବିଶାଖା ରଣା ପୁରୀ ଜଗନ୍ନାଥ ମନ୍ଦିରର ଗମ୍ଭୀରା ଭିତରେ ମହାପ୍ରଭୁଙ୍କ ରତ୍ନସିଂହାସନ ସମ୍ମୁଖରେ ଦଳଗତ ସଞ୍ଚାର ପରିବେଷଣ କରି ଜଗନ୍ନାଥପ୍ରେମୀ ଭକ୍ତମାନଙ୍କ ମନ ଓ ହୃଦୟରେ ଚମକ ସୃଷ୍ଟି କରିଥିଲେ ।

ପ୍ରସିଦ୍ଧ ସଞ୍ଚାର ବାୟକମାନଙ୍କ ମଧ୍ୟରୁ ଅଧିକାଂଶ ଜଣେଜଣେ ପ୍ରତିଭାବାନ ଗୀତିକାର ଥିଲେ । ସେମାନେ ମଧ୍ୟ ସ୍ୱତନ୍ତ୍ର ମୃଦଙ୍ଗ ବାଦ୍ୟଶୈଳୀର ସଂରଚକ, ପ୍ରବର୍ତ୍ତକ ଓ ସଂଚରକ ଥିଲେ । ଏହିପରି ଭାବରେ ସଞ୍ଚାର କଳା ସଞ୍ଚରି ଯାଇଥିଲା ଚତୁର୍ଦ୍ଦିଗକୁ । ତାଙ୍କ ସମକାଳୀନ ଓ ପରପୀଢ଼ିର କଳାକାରମାନେ ସେହି ପ୍ରସିଦ୍ଧି ଅର୍ଜନ କରିବାକୁ ସଞ୍ଚାରଶିଳ୍ପୀମାନଙ୍କ ନାମ ସଞ୍ଚାର ମଣ୍ଡଳୀରେ ସସମ୍ମାନ ଉଚ୍ଚାରଣ ପୂର୍ବକ ପ୍ରଣତି ଜଣାଇ ସେମାନଙ୍କ ସ୍ୱରଚିତ ଗୀତ ଗାୟନ କରି ଓ ସେମାନଂକ ସଂରଚନାର ସ୍ୱତନ୍ତ୍ର ବାଦ୍ୟ ବାଦନ କରି କଳାକ୍ଷେତ୍ରରେ ନିଜନିଜ ଉତ୍କର୍ଷ ପ୍ରତିପାଦନ କରିବାକୁ ପ୍ରୟାସ କରୁଥିଲେ । ଯୁଗରୁଚିର ପ୍ରଭାବ ଅନୁସାରେ ଏହି ସଞ୍ଚାର କଳା ପ୍ରତି ଜନଆକର୍ଷଣ ଓ ଜନଆଦୃତି ପୂର୍ବପରି ଦେଖିବାକୁ ମିଳୁନାହିଁ । ତେଣୁ ମୌଳିକତାକୁ ଦୃଷ୍ଟିରେ ରଖି ସତର୍କତାର ସହ ଏହି ପାରଂପରିକ ସଞ୍ଚାରକଳାରେ ନୂତନ ପ୍ରୟୋଗ କରି ଏହାକୁ ଯୁଗୋପଯୋଗୀ କରି ଗଢ଼ି ତୋଳିବାର ଆବଶ୍ୟକତା ଅନୁଭୂତ ହେବାରେ ଲାଗିଛି । ବରଗଡ଼ ଧନୁଯାତ୍ରା ସବୁକାଳରେ, ସବୁ ସମୟରେ ଯଥାସମ୍ଭବ ସଞ୍ଚାରକଳାକୁ ପ୍ରୋତ୍ସାହନ ଯୋଗାଇ ଆସିଛି । ପଶ୍ଚିମ ଓଡ଼ିଶାରେ ବରଗଡ଼ ଧନୁଯାତ୍ରା ବ୍ୟତୀତ ଅନ୍ୟ କୌଣସି ଯାନିଯାତ୍ରା, ଉତ୍ସବ-ଅନୁଷ୍ଠାନ ବା ପର୍ବପର୍ବାଣୀରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏତେ ସଂଖ୍ୟାରେ ସଞ୍ଚାର କଳାକାରମାନେ ସମବେତ ହେବାର ଦୃଷ୍ଟିଗୋଚର ହୁଏ ନାହିଁ । ଯଦିଓ ବରଗଡ଼ ଧନୁଯାତ୍ରା ମହୋତ୍ସବ କମିଟୀ ତରଫରୁ ଆୟୋଜକ କାର୍ଯ୍ୟକର୍ତ୍ତାମାନେ ସଞ୍ଚାର କଳାକାରମାନଙ୍କୁ ପୂର୍ବ ପ୍ରଚଳିତ ଚଳଣି ଅନୁସାରେ ବିଧିବଦ୍ଧ ଭାବରେ ନିମନ୍ତ୍ରଣ କରିଥାନ୍ତି, ତେବେ କୌଣସି ସଞ୍ଚାର କଳାକାର ନିମନ୍ତ୍ରଣର ଅପେକ୍ଷା ନ ରଖି 'ଏହା ଆମର ନିଜର ଯାତ୍ରା' ବୋଲି ମନେ କରି ଚାଲିଆସନ୍ତି । ଯେତେ ସଂଖ୍ୟାରେ ସଞ୍ଚାର କଳାକାର ବରଗଡ଼ ଧନୁଯାତ୍ରାକୁ ଆସିଲେ ମଧ୍ୟ ଆୟୋଜକମାନେ ଉପଯୁକ୍ତ ଆତିଥ୍ୟ ଦେଇ ସମସ୍ତଙ୍କୁ ସଞ୍ଚାର ମଣ୍ଡଳୀରେ ତାଙ୍କ ନିଜସ୍ୱ କଳା ପରିବେଷଣ କରିବା ପାଇଁ ସୁଯୋଗ ଦେଇଥାନ୍ତି । ଏଥିରେ ନବୀନ ଓ ପ୍ରବୀଣ ସମସ୍ତେ ଏକାକାର ହୋଇଯା'ନ୍ତି । ସଞ୍ଚାର କଳା ଦେଖିବା ପାଇଁ ମଧ୍ୟ ଦର୍ଶକମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥାଏ । ଧନୁଯାତ୍ରାର ଅନ୍ତିମ ପର୍ଯ୍ୟାୟରେ କଳାକାରମାନଙ୍କ ମଧ୍ୟରେ ବାଦୀ ଓ ପ୍ରତିଯୋଗିତା ମଧ୍ୟ କରାଯାଇଥାଏ ଓ କୃତୀ ପ୍ରତିଯୋଗୀଙ୍କୁ ନିମନ୍ତ୍ରୀତ ଅତିଥିମାନଙ୍କ ହସ୍ତରେ ସମ୍ମାନିତ କରାଯାଇଥାଏ । ପରିଶେଷରେ ସମସ୍ତେ ଏକ ସ୍ୱତନ୍ତ୍ର ଭାବରେ ଆୟୋଜିତ ଅନ୍ତରଙ୍ଗ ବନ୍ଧୁମିଳନରେ ଏକତ୍ରୀତ ହୋଇ ପରସ୍ପର ସୁଖଦୁଃଖ, ହାନିଲାଭ ଭାବବିନିମୟ କରିଥାନ୍ତି ଓ ବର୍ଷକର ତିହାର୍ ଧନୁଯାତ୍ରାର ପରିସମାପ୍ତି ଘଟିଥାଏ । ମୋଟାମୋଟି ଭାବରେ କହିବାକୁ ଗଲେ ବରଗଡ଼ ଧନୁଯାତ୍ରା ପଶ୍ଚିମ ଓଡ଼ିଶା ଓ ଛତିଶ୍‌ଗଡ଼ର ସଞ୍ଚାର କଳାକାରମାନଙ୍କ ଏକତ୍ରୀକରଣରେ ଏକ ମହାକୁମ୍ଭମେଳାର ରୂପ ନେଇଥାଏ ।

- ନି/ପୋ-ମନାପଡ଼ା
ଭାୟା-ଅତାବିରା, ଜି-ବରଗଡ଼
ମୋ : ୮୨୪୯୦୦୪୮୩୬

# ଶକ୍ତି ଆରାଧନାରେ ଷୋହଳ ଭରନି

● ଡ. ପ୍ରଦୀପ କୁମାର ପଣ୍ଡା

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଧର୍ମାଚାର ମଧ୍ୟରେ ତନ୍ତ୍ର ଭିତ୍ତିକ ପୂଜା ପାର୍ବଣ ଓ ଅଭିଚାର ତନ୍ତ୍ର ଆଦି ଅନୁଷ୍ଠାନ ସମୟରେ ମଣିଷ ଦେହରେ ଦେବାଭ୍ରୀଷ୍ଟ କରି ବରୁଆ/ଭରୁଆ ନୃତ୍ୟ କରାଯାଇଥାଏ । ବିଶେଷଭାବେ ନାଗବାଚା, ଝାମୁଯାତ୍ରା, ବଏଲ ଯାତ୍ରା ସମୟରେ ଏହା ଦେଖିବାକୁ ମିଳେ । ଏହି ନୃତ୍ୟ ବିଶେଷ ଭାବରେ ଧର୍ମାଚାର ବିଧି ବିଧାନରେ ଶାକ୍ତ ପ୍ରମୋଦ ରୀତିରେ ଅନୁଷ୍ଠିତ ହୋଇଥାଏ । ପଶ୍ଚିମ ଓଡ଼ିଶାର ଚୈତ୍ର ଏବଂ ଦଶହରା ଦେବୀ ପୂଜା ସମୟରେ ବରୁଆ ବା ଭରୁଆମାନେ ଶାକ୍ତ ପରିବେଶର ଭାବ ଗମ୍ଭୀର ପରିବେଶ ମଧ୍ୟରେ ଶାକ୍ତ ପ୍ରମୋଦ ରୀତିରେ ଶାକ୍ତ ବାଦ୍ୟ (ଢୋଲ, ନିସାନ ଆଦି)ର ତାଳେତାଳେ ଅପୂର୍ବ ନୃତ୍ୟ ପ୍ରଦର୍ଶନ କରିଥାନ୍ତି । ଏହି ସବୁ ନୃତ୍ୟ ତତ୍ତ୍ୱାଶ୍ରୟୀ ଓ ଯୋଗାଚାର ପଣ୍ଡିତ ଶାକ୍ତ-ତନ୍ତ୍ର ବୈଶିଷ୍ଟ୍ୟ ପ୍ରକାଶକ ଅଟନ୍ତି । ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଶାକ୍ତ ତନ୍ତ୍ର ନୃତ୍ୟ ଶାକ୍ତ ବାଦ୍ୟ ଢୋଲ ଓ ନିସାନ ସାହାଯ୍ୟରେ ଅନୁଷ୍ଠିତ ହୋଇଥାଏ । ଷୋହଳ ଭରନି/ସୁଲ୍‌ହ ଭରନି ବାଦ୍ୟ ନ ବାଜିଲେ ବରୁଆ ଆସେ ନାହିଁ । ଏହି ଢୋଲ ନିସାନ ଶାକ୍ତ ବାଦ୍ୟର ପରିକଳ୍ପନା ଏକ ଗୂଢ଼ତାତ୍ତ୍ୱିକ ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ହୋଇଥିବା ଜଣାପଡେ । ନିମ୍ନରେ ଏହି ଶାକ୍ତ ତନ୍ତ୍ରରେ ବ୍ୟବହୃତ ହେଉଥିବା ଷୋହଳ/ସୁଲ୍‌ହ ପ୍ରକାର ଶାକ୍ତ ବାଦ୍ୟର ତାତ୍ତ୍ୱିକ ବ୍ୟାଖ୍ୟାର ଅବତାରଣା କରାଗଲା ।

ପଶ୍ଚିମ ଓଡିଶାରେ ଏହି ଷୋହଳ ଭରନି ବାଦ୍ୟକୁ ସୁଲ୍‌ହ ଭର୍‌ନି ବଜା କହନ୍ତି । ସେଗୁଡିକ ହେଲା ଭର୍‌ନି, ରାସ୍‌ନୀ, ମଞ୍ଜମରା, ଭେଲ୍‌କି, ଆବାହିନୀ , ବେଜିଭରା, ଅଙ୍ଗ୍‌ଖେଲା, ଉର୍ଦ୍ଦଣ୍ଡ, ଚୂଳବନ୍‌ଧା, ଅଭିଷେକ, ରସାବେଶ, ଦେବ୍‌ଚଢା, ଉଭା, ଚକର୍‌ମରା, ଉରଘେନ, ଦେବ୍‌ଛାଡେନ୍ ନାମରେ ଜଣା ଯାଉଥିବା ଏହି ଶାକ୍ତ ବାଦ୍ୟର ସଂସ୍କୃତ ପରିଭାଷାରେ ଏହା ଭରଣି, ରଞ୍ଜନୀ, ମଞ୍ଜନୀ, ସମ୍ମୋହନୀ, ଶକ୍ତି ଆକର୍ଷଣୀ, ଅନୁପ୍ରବେଶିକା, ଉଦାତ୍ତଧାରିଣ, ପ୍ରଚଣ୍ଡା, ଶୀର୍ଷାବସ୍ଥିତି, ବିଳାସା, ଅନୁରଞ୍ଜନୀ, ଶକ୍ତ୍ୟାବେଶ, ଆବିର୍ଭାବ, ଚକ୍ରମଞ୍ଜରୀ, ବିମଳା ଓ ଶାନ୍ତିକରା ଅଟେ ।

**ଭରଣି :-** ଭରନି ବାଦ୍ୟରୁ ଏହି ଷୋହଳ ଭରନି ଅନୁକୂଳ ହେଉଥିବାରୁ ଏହାକୁ 'ଷୋହଳପାର ଭରନି' କୁହାଯାଏ । ଏହା ଷଡଜ, ଗାନ୍ଧାର ଓ ଧୈବତ ଧ୍ୱନିର ସମନ୍ୱୟରେ ? ଏହି ବାଦ୍ୟ ବଜାଯାଇଥାଏ ବୋଲି ପ୍ରାଚୀନ ତାଳପତ୍ର ପୋଥି ଓ ବାଦ୍ୟ ବିଶେଷଜ୍ଞ ବଜନିଆଁମାନଙ୍କ ନିକଟରୁ ଜଣାପଡ଼େ । ଏହାର ପ୍ରଭାବରେ ବରୁଆର ଅଙ୍ଗ ପ୍ରତ୍ୟଙ୍ଗରେ ଭାବ ସ୍ପନ୍ଦନ ସୃଷ୍ଟି ହୋଇଥାଏ । ଏହା ସହିତ ବରୁଆର ଚେତନା ଅନ୍ତର୍ମୁଖୀ ହେବା ସଙ୍ଗେ ସଙ୍ଗେ ସର୍ବାଙ୍ଗର ଶିରା ପ୍ରଶିରା ସତେଜ ହୋଇଉଠେ ।

**ରଞ୍ଜନୀ :-** ଏହା ଷୋହଳ ଭରନିର ଦ୍ୱିତୀୟ ପର୍ଯ୍ୟାୟ ବାଦ୍ୟ । ପ୍ରଥମ ବାଦ୍ୟରେ ବରୁଆର ଶରୀରରେ ସୃଷ୍ଟି ହୋଇଥିବା ସ୍ପନ୍ଦନ ଏହି ବାଦ୍ୟ ଦ୍ୱାରା ସମସ୍ତ ନାଡିରେ ପ୍ରତିଧ୍ୱନିତ ହୁଏ । ଏହି ବାଦ୍ୟର ପ୍ରଭାବରେ ବରୁଆର ସର୍ବାଙ୍ଗ ଏପରିକି ତା'ର ମସ୍ତକର କେଶରାଶି ମଧ୍ୟ ହଲିବା ଆରମ୍ଭ କରେ । ଏହି ବାଦ୍ୟର ଧ୍ୱନି ଆରୋହ ଓ ଅବରୋହ କ୍ରମରେ ଷଡଜ, ପଞ୍ଚମ ଓ ନିଷାଦ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

**ମଞ୍ଜନୀ :-** ଷୋହଳ ଭରନିର ଏହା ତୃତୀୟ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହାକୁ ମଞ୍ଜମରା କହନ୍ତି । ମଞ୍ଜ ଅର୍ଥ ସାରବତ୍ତା ଅଟେ । ଧ୍ୱନିର ସାରବତ୍ତା ସମସ୍ତ କୋଷାୟିତ ଚକ୍ରକୁ ପ୍ରତିଧ୍ୱନିତ କରି ଦୈବୀ ସତ୍ତାକୁ ସାରବତ୍ତା ଭାବରେ

ଅନ୍ତଃଜାଗରଣ ପାଇଁ ସୁଯୋଗ ଏହି ବାଦ୍ୟରେ ସୃଷ୍ଟି ହେଉଥିବାରୁ ଏହାକୁ 'ମଞ୍ଜମରା' କୁହାଯାଏ । ଏଥିରେ ଷଡ଼ଜ, ଗାନ୍ଧାର ସହିତ ଆଉ କେତେକ ସୂକ୍ଷ୍ମ ସ୍ୱର ଦ୍ୱାରା ବାଦ୍ୟ ପରିଚାଳିତ ହେଇଥାଏ ।

**ସମ୍ମୋହନୀ :-** ଷୋହଲ ଭରନିର ଏହା ଚତୁର୍ଥ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ପଶ୍ଚିମ ଓଡ଼ିଶାର ଲୋକମୁଖରେ ଏହା ଭେଲକି/ଭେଲକିମରା ନାମରେ କଥିତ । ଏହି ବାଦ୍ୟର ସ୍ୱରବିନ୍ୟାସ ଯୋଗୁଁ ବରୁଆ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଦୈବୀ ବିଳାସ ପର୍ଯ୍ୟାୟକୁ ଉନ୍ନିତ ହୋଇଥାଏ । ଏହି ବାଦ୍ୟ ବାଦନ ସମୟରେ ସପ୍ତ ସ୍ୱରର ପ୍ରୟୋଗ କରାଯାଇଥାଏ ।

**ଶକ୍ତି ଆକର୍ଷଣୀ :-** ଷୋହଲ ଭରନିର ଏହା ପଞ୍ଚମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଶକ୍ତି ଆକର୍ଷଣୀରେ ଦୈବୀ ଶକ୍ତିଙ୍କୁ ଦେହ ମଧ୍ୟକୁ ଆବାହନ/ଆକର୍ଷଣ କରାଯାଇଥାଏ । ଶକ୍ତି ଆକର୍ଷଣୀ/ଆବାହନ ବାଦ୍ୟ ନାଦର ପ୍ରଭାବରେ ବରୁଆ ଉଚ୍ଚାଟିତ ହୋଇ ଡେଇଁବାକୁ ଆରମ୍ଭ କରେ । ଏହି ବାଦ୍ୟର ପ୍ରୟୋଗ ଦ୍ୱାରା ବରୁଆ ଦେହରେ ବିଭିନ୍ନ ଅଲୌକିକ ଶକ୍ତି ଓ କ୍ରିୟାର ପ୍ରସ୍ଫୁରଣ ସୃଷ୍ଟି ହେଉଥିବାରୁ ଏହାକୁ ଆକର୍ଷଣୀ ନାମରେ ନାମିତ କରାଯାଇଛି । ଏଥିରେ ବାଦ୍ୟର ସପ୍ତକ (ସପ୍ତସ୍ୱରୀ) ଧ୍ୱନି ବ୍ୟଞ୍ଜକ ହୋଇଥାଏ ।

**ଅନୁପ୍ରବେଶିକା :-** ଷୋହଲ ଭରନିର ଏହା ଷଷ୍ଠ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ଭାଷାରେ ଏହାକୁ ବେଜିମରା କହନ୍ତି । ନିଷାଦ, ଗାନ୍ଧାର ଓ ପଞ୍ଚମ କ୍ରମରେ ଅନୁଷ୍ଠାନ ନିମନ୍ତେ ଆବଶ୍ୟକ ସଂଖ୍ୟକ ସମସ୍ତ ରାଗରେ ସମନ୍ୱୟରେ ଏହି ବାଦ୍ୟର ସ୍ୱର ବିନ୍ୟାସ କରାଯାଇଥା । ଏହି ବାଦ୍ୟର ନାଦରେ ବରୁଆର ସମସ୍ତ କୋଷାୟିତ ଚକ୍ରରେ ଏକ ପ୍ରଚଣ୍ଡ ସ୍ପନ୍ଦନ ଅନୁଭୂତ ହୋଇଥାଏ । ଏଥିରେ ବରୁଆ ଆତ୍ମ ଚେତନା ହରାଇ ବିଭିନ୍ନ ଅଙ୍ଗଭଙ୍ଗୀ ସଞ୍ଚାଳନ କରି ନୃତ୍ୟ ଆରମ୍ଭ କରିଥାଏ । ଏହାକୁ ପଶ୍ଚିମ ଓଡ଼ିଶାରେ ଅଙ୍ଗ ଖେଲା କହନ୍ତି ।

**ଉଦାତ୍ତଧାରିଣୀ :-** ଷୋହଲ ଭରନିର ଏହା ସପ୍ତମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହି ବାଦ୍ୟ ବାଦନରେ ଅନୁପ୍ରବେଶିକା ସ୍ତରରେ ବିକଶିତ ହୋଇଥିବା ଦୈବୀ ଶକ୍ତିର ଉଦାତ୍ତ ପ୍ରସ୍ଫୁରଣ ଘଟି ସର୍ବାଙ୍ଗରେ ବିସ୍ତାରିତ ହୋଇଯାଏ । ଏହି ସ୍ତରରେ ବରୁଆ କାୟିକ, ବାଚିକ ଓ ମାନସିକ ସ୍ତରରେ ବିଚିତ୍ର ବ୍ୟବହାରମାନ ପ୍ରଦର୍ଶନ କରେ । ଏହାର ପ୍ରଭାବରେ ବରୁଆ ନିଜର ସାଧାରଣ ଶକ୍ତିକୁ ଅତିକ୍ରମ କରି ଅସାଧାରଣ ଭାବରେ ଅଙ୍ଗ ଚାଳନା ସହିତ ରୌଦ୍ର ରସ ବ୍ୟଞ୍ଜକ ଲମ୍ଫ ଓ ନୃତ୍ୟ ପ୍ରଦର୍ଶନ କରିଥାଏ । ଏହି ବାଦ୍ୟ ଉଦାତ୍ତ ବାଦ୍ୟ ହୋଇଥିବାରୁ ଏଥିରେ ଋଷଭ, ଗାନ୍ଧାର, ଧୈବତ ଓ ଧୈବତର ଶୀର୍ଷ ଆରୋହ ବାଦ୍ୟ ଯଥା ଉଗ୍ର ଧୈବତ ଓ ଚରମ ପ୍ରକମ୍ପନ ବାଦ୍ୟ ଭାବରେ ଧ୍ୱନିତ ହୋଇଥାଏ । ଏଥିରେ ବରୁଆ ମୁକ୍ତ ଭାବରେ ଅଙ୍ଗ ଚାଳନା କରୁଥିବାରୁ ପଶ୍ଚିମ ଓଡ଼ିଶାର ପରିଭାଷାରେ ଏହାକୁ ଅଙ୍ଗ ଖେଲା ବୋଲି କହନ୍ତି ।

**ପ୍ରଚଣ୍ଡା :-** ଷୋହଲ ଭରନିର ଏହା ଅଷ୍ଟମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହା ଏକ ଉଦଣ୍ଡ ବାଦ୍ୟ ହୋଇଥିବାରୁ ଆଞ୍ଚଳିକ ପରିଭାଷାରେ ଏହାକୁ ଉଦଣ୍ଡ ନାମରେ ନାମିତ କରାଯାଇଛି । ଏହି ବାଦ୍ୟର ସ୍ୱର ବିନ୍ୟାସରେ ଷଡ଼ଜ, ମଧ୍ୟ-ପଞ୍ଚମ, ଉଗ୍ରଧୈବତ ଓ ପ୍ରଚଣ୍ଡ ଋଷଭର ବ୍ୟବହାର ଦେଖାଯାଏ । ପ୍ରଚଣ୍ଡା ବାଦ୍ୟର ପ୍ରଭାବରେ ବରୁଆ ପ୍ରଚଣ୍ଡ ବେଗରେ ଧାଇଁବା, ଡେଇଁବା, କୁହାଟ ମାରିବା ଏପରିକି ବଜନିଆମାନଙ୍କୁ ପ୍ରହାର କରିବା ନିମନ୍ତେ ଉଦ୍ୟତ ହୋଇଥାଏ । ଏହି ପ୍ରଚଣ୍ଡତା ସମୟ ସମୟରେ ଅସମ୍ଭାଳ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥାଏ ।

**ଶୀର୍ଷାବସ୍ଥିତି :-** ଷୋହଲ ଭରନିର ଏହା ନବମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହି ବାଦ୍ୟର ଆଞ୍ଚଳିକ ପରିଭାଷା ହେଉଛି ଚୂଳବନ୍ଧା । ବରୁଆ ଦେହରେ ଦେବୀଙ୍କର ପ୍ରଚଣ୍ଡତା ଶକ୍ତିର ଆବିର୍ଭାବ ପରେ ଅସମ୍ଭାଳ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ଚୂଳବନ୍ଧା ବା ଶୀର୍ଷାବସ୍ଥିତି କ୍ରିୟା ଓ ବାଦ୍ୟର ଆବଶ୍ୟକତା ହୋଇଥାଏ । ଚୂଳବନ୍ଧା ପରେ ଶିଖା ବନ୍ଧନ ପରେ ବରୁଆର ପ୍ରଚଣ୍ଡ ସ୍ୱଭାବ ପ୍ରଶମିତ ହୋଇଥାଏ ।

**ବିଳାସା :-** ଷୋହଲ ଭରନିର ଏହା ଦଶମ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ବରୁଆର ଚୂଳବନ୍ଧା ପରେ ଏହି ବାଦ୍ୟର ପ୍ରଭାବରେ ତା'ମଧ୍ୟରେ ଦୈବୀ ଶକ୍ତି ପ୍ରଶାନ୍ତ ଭାବରେ ଶରୀର ମଧ୍ୟସ୍ଥ କୋଷାୟିତ ଚକ୍ର ଗୁଡ଼ିକରେ ବିଳାସ କରିଥାଏ । ଆଞ୍ଚଳିକ ପରିଭାଷାରେ ଏହାକୁ ରିଝେନ ବୋଲି କହିଥାନ୍ତି । ଏହି ସମୟରେ ବରୁଆ ମନ୍ଥର ନୃତ୍ୟ ଛନ୍ଦ କରି ଶାନ୍ତ, ପ୍ରଶାନ୍ତ ଓ ଆଶୀର୍ବାଦ ବାଣୀରେ କଥାବାର୍ତ୍ତା କରିଥାଏ । ଏହି ସମୟର ବାଦ୍ୟ ମୃଦୁ-ମଧୁର-ମନ୍ଦ୍ର ଓ ବେଳେ ବେଳେ ବିଳମ୍ବିତ ତାଳରେ କ୍ଷୀଣ ସ୍ୱରରେ ବାଜିଥାଏ ।

**ଅନୁରଞ୍ଜନୀ :-** ଷୋହଲ ଭରନିର ଏହା ଏକାଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଏହାକୁ ଆଞ୍ଚଳିକ ପରିଭାଷାରେ ରସାବେଶ ବୋଲି କହନ୍ତି । ଏହି ସମୟରେ ବରୁଆ ଦେହରେ ଦୈବୀ ଶକ୍ତିର ଭାବ ରସାଣିତ ହୋଇଥାଏ । ବରୁଆ ସାରା ସୃଷ୍ଟିକୁ ଦୈବୀ ଶକ୍ତିର ବିଳାସ ଭାବରେ ଗ୍ରହଣ କରିଥାଏ । ଏହି ପର୍ଯ୍ୟାୟରେ ବରୁଆ ପ୍ରସନ୍ନ ଭାବ ପ୍ରକାଶ କରିଥାଏ । ଏହି ସମୟରେ ସପ୍ତସ୍ୱରୀ ବ୍ୟଞ୍ଜିତ ବାଦ୍ୟ ବାଜିଥାଏ ।

**ଶକ୍ତ୍ୟାବେଶ :-** ଷୋହଲ ଭରନିର ଏହା ଦ୍ୱାଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ବରୁଆର ଚୂଳବନ୍ଧା ପରେ ଦୈବୀ ଶକ୍ତି କ୍ଷୀଣରୁ କ୍ଷୀଣତର ହେବାକୁ ଲାଗେ । ଆବଶ୍ୟକତା କ୍ରମେ ପୁଣି ବରୁଆ ଶରୀରରେ ଦୈବୀ ଶକ୍ତିର ଆବାହନ କରିବାକୁ ପଡ଼ିଥାଏ । ଆଞ୍ଚଳିକ ପରିଭାଷାରେ ଏହାକୁ ଦେବ୍‌ତାଚଢା ବା ଚକର୍‌ଚଢା କୁହାଯାଏ । ଏହି ସମୟରେ ବାଦ୍ୟରେ ଉଗ୍ର ଧୈବତ (ଦୁଲ୍‌ଦୁଲି ବଜା) ର ଧ୍ୱନି ବିନ୍ୟାସ ହୋଇଥାଏ ।

**ଆବିର୍ଭାବ :-** ଷୋହଲ ଭରନିର ଏହା ତ୍ରୟୋଦଶ ପର୍ଯ୍ୟାୟର ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଉଭା କହନ୍ତି । ଏହି ସମୟରେ ବରୁଆ ପ୍ରସନ୍ନ ଚିତ୍ତରେ ଚିରାଚରିତ ବାତ୍ସଲ୍ୟ ଭାବର ପ୍ରକାଶ କରନ୍ତି । କୌଣସି କାରଣରୁ ବରୁଆ କ୍ଷୁବ୍ଧ ହୋଇଥିଲେ ତାଙ୍କୁ ତୁଷ୍ଟ କରିବା ପାଇଁ ପ୍ରଶାନ୍ତ ଶଙ୍କରୀ ମନ୍ତ୍ର ଓ ଆବିର୍ଭାବ ବାଦ୍ୟର ବ୍ୟବହାର କରାଯାଏ । ଏହି ବାଦ୍ୟରେ ଷଡଜ, ପଞ୍ଚମ, ସୁସ୍ୱର ଓ ମୃଦୁଧୈବତ ଧ୍ୱନିର ବିନ୍ୟାସ କରାଯାଏ ।

**ଚକ୍ରମଞ୍ଜରୀ :-** ଷୋହଲ ଭରନିର ଏହା ଚତୁର୍ଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଚକର୍‌ମରା କହନ୍ତି । ଏହି ବାଦ୍ୟରେ ଉନ୍ମୁକ୍ତ କାଳଚକ୍ର ଧ୍ୱନିରେ ସ୍ୱର ବିନ୍ୟାସ କରାଯାଇଥାଏ । ଏହି ବାଦ୍ୟ ଷଡଜରୁ ଧୈବତ ପର୍ଯ୍ୟନ୍ତ ଏବଂ ଧୈବତରୁ ଷଡଜ ପର୍ଯ୍ୟନ୍ତ ଏବଂ ପ୍ରତ୍ୟେକ ଦୁଇ ସ୍ୱର ଛାଡି ଦୁଇ ସ୍ୱର ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହି ବାଦ୍ୟ ସମୟରେ ବରୁଆ ପ୍ରସନ୍ନ ଚିତ୍ତରେ ଚକ୍ରାକାରରେ ନିଜ ମସ୍ତକକୁ ଘୁରାଇବା ସହିତ ବେଳେବେଳେ ନିଜେ ମଧ୍ୟ ଘୁରି ଥାନ୍ତି । ବରୁଆ ବେଳେବେଳେ ଉଗ୍ର, ବେଳେବେଳେ ଶାନ୍ତ ଓ ମଧ୍ୟମ ଭାବରେ ଦୈବୀ ଶକ୍ତିର ପ୍ରସ୍ଫୁରଣ କରାଇଥାଏ ।

**ବିମଳା :-** ଷୋହଲ ଭରନିର ଏହା ପଞ୍ଚଦଶ ପର୍ଯ୍ୟାୟ ବାଦ୍ୟ ରୂପେ ପରିଗଣିତ । ଆଞ୍ଚଳିକ ପରିଭାଷାରେ ଏହାକୁ ଉର୍‌ଘେନ କହନ୍ତି । ଏହି ସମୟରେ ଦେବୀଙ୍କ ବିଦାୟ ବେଳା ଆରମ୍ଭ ହେଉଥିବାରୁ ବରୁଆ ଶରୀରରୁ ଦୈବୀ ଶକ୍ତିର ତେଜ କ୍ଷୀଣ ହୋଇଥାଏ । ବରୁଆ ସାରଲ୍ୟ ଗୁଣକୁ ଅନୁସରଣ କରି ଭକ୍ତମାନଙ୍କୁ ଉପଦେଶ ଓ ଆଶୀର୍ବାଦ ଦେଇ ଥାନ୍ତି । ଏହି ସମୟରେ ମୃଦୁ ବାଦ୍ୟ ଷଡ଼ଜ, ଗାନ୍ଧାର, ଋଷଭ, ନିଷାଦ ଓ ପଞ୍ଚମ ସ୍ୱର ବିନ୍ୟାସରେ ମନ୍ଦ୍ରତାଳରେ ବାଜିଥାଏ ।

**ଶାନ୍ତିକରା :-** ଷୋହଲ ଭରନିର ଏହା ଷୋଡ଼ଶ ତଥା ଅନ୍ତିମ ପର୍ଯ୍ୟାୟର ବାଦ୍ୟ ରୂପେ ପରିଗଣିତ । ଏହି ସ୍ତରରେ ଗୁଜ୍ଜର୍, ଗାନ୍ଧାର ଧ୍ୱନି ବାଜିଥାଏ । ଏହି ସମୟରେ ପୂଜାର ବିସର୍ଜନୀ ମନ୍ତ୍ର ସହିତ ଗୁଜ୍ଜର୍ ଗାନ୍ଧାରରେ ମିଶ୍ର ପଞ୍ଚମ, ମିଶ୍ର ଷଡଜ, ମିଶ୍ର ଗାନ୍ଧାର ଓ ଶୁଦ୍ଧ ପଞ୍ଚମର ଆବଶ୍ୟକତା ପଡ଼ିଥାଏ । ଏହି ପର୍ଯ୍ୟାୟରେ ବରୁଆ ଦେହରୁ ଦୈବୀଶକ୍ତି ଅନ୍ତର୍ହିତ ହେବା ସହିତ ବରୁଆ ଚିତ ହୋଇ ମୂର୍ଚ୍ଛିତ ଅବସ୍ଥାରେ ପଡିଯାଏ । ଆଞ୍ଚଳିକ ପରିଭାଷାରେ ଏହାକୁ ଛଡେନ/ପାଟଗଲା ବୋଲି କହନ୍ତି ।

**ତଥ୍ୟସୂତ୍ର:- ଡ଼ଃ ଦୋଳଗୋବିନ୍ଦ ବିଶି, ଟିଟିଲାଗଡ଼**

- ନୂଆଁ ବରଙ୍ଗାମାଲ, ସମ୍ବଲପୁର

# ଓଡ଼ିଶାର ପ୍ରଦର୍ଶନ କଳାକୁ ପଶ୍ଚିମ ଓଡ଼ିଶାର ଅବଦାନ

● ପଙ୍କଜିନୀ ନାୟକ

ଜୀବନ ବଞ୍ଚିବା ପାଇଁ ସର୍ବନିମ୍ନ ଆବଶ୍ୟକତା ପୂରଣ ଏକାନ୍ତ କାମ୍ୟ । କିନ୍ତୁ ଏ ମଧୁମୟ ଜୀବନ ବଞ୍ଚି ନପାରିଲେ ଏହା ଶୁଷ୍କ ହୋଇ ଯାଏ ନିରସ ଜୀବନରେ ନଥାଏ ଉତ୍ସାହ । ଏକ ଦୀର୍ଘ ଜୀବନ ଅତିକ୍ରମ କରିବା ପାଇଁ ନିଜକୁ ରଞ୍ଜିତ କରିବା ଅପରିହାର୍ଯ୍ୟ । ତେଣୁ ପୁରାତନ କାଳରୁ ମଣିଷ ବିଭିନ୍ନ ମନୋରଞ୍ଜନ ର ମାଧ୍ୟମ ସୃଷ୍ଟି କରି ଆସିଛି । ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରକଳା, ପର୍ବପର୍ବାଣୀ, ଖେଳକୁଦ, ଲୋକକଥା, ଲୋକ ନାଟକ ତଥା ପରମ୍ପରା ଆଧାରିତ ସମସ୍ତ କଳା ସମାଜ ଓ ସଂସ୍କୃତି କୁ ପ୍ରଭାବିତ କରେ ।

କୌଣସି ସମାଜର ଗଭୀର ତମ ପରିବ୍ୟାପ୍ତ ଗୁଣ ଗୁଡ଼ିକ ର ସମଗ୍ର ସ୍ୱରୂପ ହେଉଛି ସଂସ୍କୃତି । ଯାହା ସମାଜର ଚିନ୍ତନ, ବିଚାର ଏବଂ କାର୍ଯ୍ୟ କରିବାର ସ୍ୱରୂପ ଭିତର ନିହିତ ଥାଏ । ଲୋକ କହିଲେ ସର୍ବସାଧାରଣକୁ ବୁଝାଏ । ଯାହାର ବ୍ୟକ୍ତିଗତ ପରିଚୟ ନଥାଇ ଥାଏ ସାମୁହିକ ପରିଚୟ । ଲୋକ ସଂସ୍କୃତି ଲୋକ ଜୀବନ ର ଅଭିନ୍ନ ଅଂଶ ଅଟେ । ଯାହା ଆମକୁ ସାମାଜିକ ମାନବ କରି ଗଢ଼ି ତୋଳେ ।ଲୋକ ସଂସ୍କୃତି, ଲୋକ ପରମ୍ପରା, ବିଶ୍ୱାସ, ଜୀବନଶୈଳୀ, ଆଧାତ୍ମିକ, ନୈତିକ ତଥା ଭଉତଇକ ସ୍ତରରେ ନିରନ୍ତର ଯୋଡ଼ି ହୋଇଥାଏ । ଏହା ଆମକୁ ଜୀବନର ଅର୍ଥ ଏବଂ ବଞ୍ଚିବାର ଉପାୟ ବତାଏ ।

ଓଡ଼ିଶାର କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ କରି ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳକୁ ପଶ୍ଚିମ ଓଡ଼ିଶା କୁହାଯାଏ । ଏହି ଅଞ୍ଚଳ ଭିତରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼, ଦେବଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ନୂଆପଡ଼ା, ବୌଦ୍ଧ, କଳାହାଣ୍ଡି ଜିଲ୍ଲା ସହ ଅନଗୁଳ ଜିଲ୍ଲାର ଆଠମଲ୍ଲିକ୍ ସବଡିଭିଜନ ଅନ୍ତର୍ଗତ । ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି, ଲୋକ ଗୀତ, ଲୋକ ନୃତ୍ୟ, ଲୋକ ବାଦ୍ୟ, ଚିତ୍ରକଳା ପରମ୍ପରା ଅତି ପ୍ରାଚୀନ ଏବଂ ଖୁବ୍ ଉନ୍ନତ ।

ଅନ୍ୟାନ୍ୟ କଳା ମାନଙ୍କ ମଧ୍ୟରେ ପଶ୍ଚିମ ଓଡିଶାର 'ପ୍ରଦର୍ଶନ କଳା' ଅନ୍ୟତମ । ପ୍ରଦର୍ଶନ କଳା ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇପାରେ । ନୃତ୍ୟ କଳା, ସଂଗୀତ କଳା, ନାଟକ କଳା ଏବଂ ଚିତ୍ର କଳା । ନୃତ୍ୟ କଳାର ଦୁଇଟି ପାର୍ଶ୍ୱ ହେଉଛି ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ । ପଶ୍ଚିମ ଓଡ଼ିଶାର ସବୁଠାରୁ ଲୋକପ୍ରିୟ ସାଂସ୍କୃତିକ ଉପାଦାନ ହେଉଛି ଏହାର ସୁମଧୁର ଲୋକଗୀତ, ଚିତ୍ତ ବିନୋଦନ କାରୀ ଲୋକ ନୃତ୍ୟ ଏବଂ ଲୋକ ବାଦ୍ୟ । ଏ ଅ*ଳର ଲୋକନୃତ୍ୟ ମଧ୍ୟରେ ସମ୍ବଲପୁରୀ, ଡାଲଖାଇ, ରସରକେଲି, ଜାଇଫୁଲ, ମଆଏଲଆଜଡ଼, ଚୁଟକୁ ଚୁଟା । କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଆଦି ଅ*ଳର ଢାପ, ଘୁମୁରା, ବୋରିଆ ବଲାଙ୍ଗୀରର ଡକା, ନାଗରୀ ଝାରସୁଗୁଡ଼ା, ସୁନ୍ଦରଗଡ଼ ଅଞ୍ଚଳର ମହନ୍ତ, ମୁଣ୍ଡା ସମ୍ପ୍ରଦାୟର ଲୋକମାନେ ଚୈତ୍ର ପୂଜା, କାଳୀ ପୂଜାରେ ପରିବେଷଣ କରୁଥିବା ଝୁମର, କରମା, ଦାସକାଠିଆ, ପାଲା, ଘୁବୁକୁଡୁ, ଦଣ୍ଡ, ମଦଲଇ, ଚାଙ୍ଗୁ ଇତ୍ୟାଦି ପ୍ରମୁଖ ।

'କରମା' ରେ କରମସାନୀ ଦେବୀ ଏବଂ କରମ ଦେବତାଙ୍କୁ ପୂଜା କରାଯାଏ ଏହା ମୁଖ୍ୟତଃ ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ଼ ଆଦି ଅଞ୍ଚଳରେ ବିଶେଷ କରି କୋହ୍ଲ, ଖଡ଼ିଆ, କିସାନ, ବିଞ୍ଝାଲ ଆଦି ଆଦିବାସୀ ସମ୍ପ୍ରଦାୟର ଲୋକମାନେ କରିଥାନ୍ତି । ତାଙ୍କୁ ଭାଗ୍ୟର ଦେବତା ଭାବରେ ପୂଜା କରନ୍ତି । ପଶ୍ଚିମ ଓଡ଼ିଶାରେ 'ଦଣ୍ଡ'କୁ ସୁଲହ ସୁଆଙ୍ଗ ମଧ୍ୟ କୁହାଯାଏ । ଏହା ଚୈତ୍ର ପୂର୍ଣ୍ଣିମା ଦିନ ଆରମ୍ଭ ହୋଇ ପଣା ସଂକ୍ରାନ୍ତି ଦିନ ଉଜ୍ଜାପିତ ହୋଇଥାଏ । ଦଣ୍ଡୁଆମାନେ କୌଣସି ଗୋଟିଏ ସ୍ଥାନରେ ସ୍ଥିର ନ ରହି ବିଭିନ୍ନ ସ୍ଥାନକୁ ପରିଭ୍ରମଣ କରି 'ଦଣ୍ଡ ନୃତ୍ୟ' ପ୍ରଦର୍ଶନ କରିଥାନ୍ତି । ସଂଚାର ଓ ଶବ୍ଦ ନୃତ୍ୟ ଶାସ୍ତ୍ରୀୟ ନୃତ୍ୟର ଅନ୍ତର୍ଭୁକ୍ତ । ଚଳିତ ବର୍ଷ ବରଗଡ଼

ଜିଲ୍ଲାର କୁମ୍ଭାରୀ ଗ୍ରାମର 'ଶବ୍ଦ' ଗୁରୁ 'ଭାଗବତ ପ୍ରଧାନ' ପଦ୍ମଶ୍ରୀ ସମ୍ମାନ ରେ ସମ୍ମାନିତ ହୋଇଛନ୍ତି ।

ହଳିଆ ଗୀତ, ଶଗଡ଼ିଆ ମାଡ଼େନ, କାନ୍ଦଣା ଗୀତ, ଛେରଛେରା, ନଚନିଆଁ ଆଦି ପଲ୍ଲୀ ଲୋକକଳା ଫୁଟି ଉଠେ ଖେତ ଖଳା, ଗାଁ ରାସ୍ତାଘାଟ ରେ । ଶିଶୁକୁ ଶୁଆଇବା ସମୟରେ ମାଁ ଶିଶୁକୁ ଗୀତ ଶୁଣାଏ । ମାଁ ଶିଶୁ ଉଦ୍ଦେଶ୍ୟରେ ଗୀତ ଗାଏ ସତ କିନ୍ତୁ ଶିଶୁଟି ଯେ କେବଳ ତାଳ ଓ ଲୟକୁ ନେଇ ଶୋଇପଡ଼ିବ, ଗୀତର ଅର୍ଥ କିଛି ବୁଝି ପାରିବ ନାହିଁ । ତାହା ଜାଣି ମଧ୍ୟ ସେ ଗୀତଟି ଗାଏ । ହଳିଆ ଗୀତ, ମାଡ଼େନ ଗୀତ, ଶଗଡ଼ିଆ ଗୀତଗୁଡ଼ିକରେ ଲୋକ କୌଣସି ଶ୍ରୋତାଙ୍କୁ ଅପେକ୍ଷା କରେ ନାହିଁ । ନିଜର ଶ୍ରମ ଲାଘବ ପାଇଁ ଅଥବା କ୍ଳାନ୍ତ ମନର ଅବସାନ ନିମନ୍ତେ ଏହି ଲୋକଗୀତ ଗାଇଥାଏ । ନିମ୍ନରେ କିଛି ଉଦାହରଣ ଦେଖିବା -

**ହଳିଆ ଗୀତ ....**

ଏ... ଆଷାଢ଼ ମାସରେ ଯେ ମେଘର ଲଏଁ ଲଏଁ
ରାତି ପବନ ଯେ ମାରଇ ସାଏଁ ସାଏଁ
ଏ...ବେଲ ଲେଉଟିଲା ବେଲେ ବନ୍ଧର ଆରି ଭାଙ୍ଗେ
ମହାନଦୀର୍ ପାନି କାଏଁ ବଉଲ
ଇ କୂଲ ସେ କୂଲ ଦିଶେ ହୋ.... ଅଁ...ତତ ତତ ତତ... ।

ଏଠାରେ ଆଷାଢ଼ ମାସରେ ରାତ୍ରି ର ଝଡ଼ିବର୍ଷା ର ପ୍ରାବଲ୍ୟ ଯୋଗୁଁ ମହାନଦୀ ପାଣି ଦୁଇ କୂଳକୁ ସ୍ପର୍ଶ କରି ଯାଉଥିବାର ବର୍ଣ୍ଣନା ଏହି ହଳିଆ ଗୀତ ମାଧ୍ୟମରେ ଫୁଟି ଉଠୁଛି ।

ଶିଶୁକୁ ଶୁଆଇ ଦେବା ସମୟରେ ମାଁ ମୁଖରୁ ଭାସିଆସେ -

ଦୋ ରେ ବାଇୟା ଦୋ
ଯେଉଁ କିଆରୀରେ ଗହଳ ମାଣ୍ଡିଆ
ସେହି କିଆରୀରେ ଶୋ ।

ଯେତେବେଳେ ଝିଅଟିଏ ଶାଶୁ ଘରକୁ ଯାଏ କିମ୍ବା ପରିବାରରେ କାହାର ବିୟୋଗ ହୁଏ ସେତେବେଳେ କାନ୍ଦଣା ଗୀତ ଗାଇ ବାହୁନି ବାହୁନି କାନ୍ଦନ୍ତି । ସ୍ତ୍ରୀ ତା'ର ସ୍ୱାମୀ ର ବିୟୋଗରେ ହୃଦୟ ବିଦାରକ କୋହଭରା କ୍ରନ୍ଦନ କରଇ ବାହୁନି ବସେ....

ମୋତେ ଏକା କରି ଚାଲିଗଲ ରଜା ଗୋ...
ମୁଇଁ କେମିତି ଜୀବନ ଧରି ରହିବି ମୋର ରଜା ଗୋ.... ।

ହୁମ ବଉଲି, ଦୋଳି, ପୁଚିଖେଳ (ଛିଲୋଲାଇ) ଏହି ଲୋକ କ୍ରୀଡ଼ା ଭିତ୍ତିକ ଗୀତ ଗ୍ରାମ୍ୟ ଜୀବନର ଏକ ଅଭିନ୍ନ ଅଙ୍ଗ । ଆଶ୍ୱିନ ମାସରେ ଗ୍ରାମୀଣ ନାରୀମାନେ ଦଳଗତ ଭାବରେ ଗାଁ'ଦାଣ୍ଡରେ ଗୀତ ବୋଲି ଖେଳ କୌତୁକ କରି ଜୀବନକୁ ରସସିକ୍ତ କରି ଥାନ୍ତି । ଜୀବନ ଦର୍ଶନ ସହିତ ଇତିହାସର ପୃଷ୍ଠା ମଧ୍ୟ ଉନ୍ମୋଚିତ ହୋଇଥାଏ ସେହି ଖେଳ ମାଧ୍ୟମରେ ।

**ହୁମ ବଉଲି ଗୀତ.....**

ହୁମ ନୁନ ନୁନ ଦେଶରେ ବଉଲ
ହୁମ ନୁନ ନୁନ ଦେଶରେ
ନ ଖାଉଁ ନ ପିଉଁ ଗୁଆ ପଣସ
ନ ଯାଉଁ ତୁମରି ଦେଶରେ ବଉଲ
ନ ଯାଉଁ ତୁମରି ଦେଶରେ..... ।

ପ୍ରତିପକ୍ଷ ଦଳରୁ ଭାସି ଆସେ.....

ଉଲି ଉଲି ଉଲି ଉଲି
ଛବିଲ ବାବୁକେ ବାଜିଲା ଗୁଲି
କୁଦୋପାଲିର ମଝା ଖୁଲିରେ ବଉଲ
କୁଦୋପାଲିର ମଝା ଖୁଲି ରେ..... ।

ଗାଁ ଦାଣ୍ଡରେ ପଟାଦୋଳି ରେ ବସି ଝିଅ ମାନେ ସାଇଁ ସାଇଁ ଝୁଲୁଥାଆନ୍ତି ଗୀତ ଗାଇ ଗାଇ.....

ଦୁଲିପଟା ଝୁଲୁଥିଲି
କକା ଡାକଦେଲେ ଝିଆରୀ ବୋଲି
ଝିଆରୀ ବୋଲି ରେ...
ମୁଇଁ ମଲିଫୁଲ ଗୁଁଥୁଥିଲି
ବଉଲିରେ... ।

ଜୀବ-ନିର୍ଜୀବ,ପ୍ରକୃତି-ପୁରୁଷ,ଜୀବନ-ମୃତ୍ୟୁ, ସ୍ରଷ୍ଟା ଓ ସୃଷ୍ଟି ଏମିତି ଅନେକ ଘଟଣା ଚକ୍ରକୁ ଅତିକ୍ରମ କରି ଆମେ ସଂସାରକୁ ଦେଖୁଛୁ । ଏହାରି ପଛରେ ଯେଉଁ ବିରାଟ ରହସ୍ୟ ରହିଛି,ତାହା ହେଉଛି ମଣିଷ ର ମନନ-ଚିନ୍ତନ ଶୀଳତାର ଭାବ । ଏହି ଭାବ ହିଁ ତାକୁ ଇତର ଠାରୁ ଭିନ୍ନ କରିଛି । ପ୍ରତି କ୍ଷଣରେ ସଂଘର୍ଷ କରି ସେ ଏହି ସ୍ଥାନକୁ ପହଞ୍ଚି ପାରିଛି । ସଂସାର ରୂପି ମଞ୍ଚକୁ ମଣିଷ ଆସିଛି ଅଭିନୟ କରିବାକୁ । ତା'ର ବାସ୍ତବ ଜୀବନର ଛବିକୁ ମଣିଷ ତିଆରି ମଞ୍ଚ ରେ ଯେଉଁ ଅଭିନୟ କରେ ତାହା ହେଉଛି ନାଟକ । ପଶ୍ଚିମ ଓଡ଼ିଶାର ଲୋକ ଗୀତ ଲୋକନୃତ୍ୟ ସହିତ ଲୋକ ନାଟକ ବିଶେଷ ଗୁରୁତ୍ୱ ବହନ କରେ ସମାଜ ପାଇଁ । ଦାଦନ, ଖଟିଖିଆ, ସର୍ବହରା, ଦଳିତ, ପତିତ, ଶିଶୁ, ନାରୀ ଚେତନା, ସଂସ୍କାର ମୂଳକ ବେକାରୀ ସମସ୍ୟା ଆଦି ବିଷୟବସ୍ତୁ ଉପରେ ଅନେକ ନାଟକ ରଚନା ତଥା ମଞ୍ଚସ୍ଥ ହୋଇ ସାରିଛି ।

ମଙ୍ଗଳୁ ଚରଣ ବିଶ୍ୱାଳ ଥିଲେ ଏକାଧାରରେ ଜଣେ କବି, ଗାଳ୍ପିକ, ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ ଏବଂ ନାଟ୍ୟକାର । ତାଙ୍କ ରଚିତ ନାଟକ (ଚଳଚିତ୍ର) 'ଭୁଖା' ୧୯୯୦ ମସିହାରେ ସ୍ପେନ ଠାରେ 'ଇଣ୍ଟରନେସନାଲ ଜୁରୀ ଆୱାର୍ଡ଼' ପାଇସାରିଛି । ଶରତ ପୂଜାରୀ ଏବଂ ସାଧୁ ମେହେର ଅଭିନୀତ ଏହି ଚଳଚିତ୍ରକୁ ପ୍ରଖ୍ୟାତ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ନିର୍ଦ୍ଦେଶନା ଦେଇଛନ୍ତି । ସବ୍ୟସାଚୀ ମହାପାତ୍ରଙ୍କ ଅନ୍ୟ ନିର୍ଦ୍ଦେଶିତ ଚଳଚିତ୍ର 'ଆଦିମ ବିଚାର' ମଧ୍ୟ ଜାତୀୟ ପୁରସ୍କାର ଲାଭ କରିଛି । ଡ.ଦ୍ୱାରିକା ନାଥ ନାୟକ,ବ୍ରଜେନ୍ଦ୍ର ନାୟକ, ଡ.ସନ୍ତୋଷ ଦାସ, କେଶ ରଞ୍ଜନ ପ୍ରଧାନ, ଡ.ପଞ୍ଚାନନ ମିଶ୍ର, ସରୋଜ ଦାସ, ପରମେଶ୍ୱର ମୁଣ୍ଡ, ପ୍ରଶାନ୍ତ ମାଝୀ, ଦୀପକ ପଣ୍ଡା, ଶଙ୍କର ମହାନନ୍ଦ, ରାଜେନ୍ଦ୍ର ମହାନ୍ତି, ଅରବିନ୍ଦ ବାଘ ଆଦି ଅନେକ ସୁନାମ ଧନ୍ୟ ନାଟ୍ୟକାର ପଶ୍ଚିମ ଓଡ଼ିଶାର ଲୋକ ନାଟ୍ୟକଳା କୁ ସମୃଦ୍ଧ କରିଛନ୍ତି ।

ଦୁଲଦୁଲି ଭିତରେ ଥିବା ପଞ୍ଚବାଦ୍ୟ ପଶ୍ଚିମ ଓଡ଼ିଶାର ପ୍ରଦର୍ଶନ କଳା ପାଇଁ ଓଡ଼ିଶାକୁ ଏକ ଅନନ୍ୟ ଅବଦାନ । ଆବାହମାନ କାଳରୁ ପଶ୍ଚିମ ଓଡ଼ିଶାରେ ଏହି ବାଦ୍ୟ ବାହାଘର, ବ୍ରତଘର ରୋଷଣୀ,ଏକୋଇଶିଆ ଏବଂ ଦେବାଦେବୀଙ୍କ ଆବାହନୀରେ ବ୍ୟବହୃତ ହେଉଥିଲା । ଏହି ବାଦ୍ୟକୁ ବିଶେଷ କରି ଗଣ୍ଡା ସମ୍ପ୍ରଦାୟର ଲୋକମାନେ ନିଜର ଜୀବିକା ଭାବରେ ଗ୍ରହଣ କରିଥିଲେ । ତେଣୁ ଏହି ବାଦ୍ୟ ଗଣ୍ଡା ବାଦ୍ୟ (ଗଁଡ଼ାବଜା)

ନାମରେ ଅଭିହିତ । ଅଧୁନା ନୃତ୍ୟ, ସଂଗୀତ ମଂସ୍ଥ ସମୟରେ ଅନ୍ୟ ଜାତିର କଳାକାରମାନେ ମଧ୍ୟ ଏହି ବାଦ୍ୟ ପରିବେଷଣ କରୁଛନ୍ତି । କିନ୍ତୁ ଜାନିଯାତ୍ରା, ବିବାହ ବ୍ରତ ସମୟରେ ଗଣ୍ଡାମାନେ ହିଁ ତାଙ୍କର ବୈଶିଷ୍ଟ୍ୟ କୁ ପରସି ଦେଇଥାନ୍ତି ଜନ ସମାଜରେ ।

**ସମ୍ବଲପୁରୀ ଲୋକଗୀତ 'ରଙ୍ଗବତୀ'-**

ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ପଛରେ ଗଣ୍ଡାବାଦ୍ୟ ର ଭୂମିକା ଅତୁଳନୀୟ । କଳା ସଂସ୍କୃତିରେ ଏହି ଗଣ୍ଡା ବଜାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ଏହି ବଜାର ସୁମଧୁର ତାଳରେ ୯୨୦ ଅଧିବେଶନ କୁ ଆସିଥିବା ବିଦେଶୀମାନେ ମଧ୍ୟ ନିଜକୁ ସମ୍ଭାଳି ନପାରି ନାଚିବାକୁ ଲାଗିଥିଲେ । ଗୀତରେ ଅଛି......

ବାଜିଗଲେ ରେ ଢୋଲ ନିଶାନ ତାସା
ନାଇଁ ନାଚି କାହିଁ ଯିବୁ
ଦୁଲକି ଯିବାରେ ଦୁଲ୍ ଦୁଲ୍ ଦୁଲ୍
ଆମେ ସମଲପୁରୀଆ ବାବୁ.... ।

ଚିତ୍ରକଳା ବା ପେଣ୍ଟିଂ ପଶ୍ଚିମ ଓଡ଼ିଶାର ପ୍ରଦର୍ଶନ କଳା ର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବିଶେଷ । ଚିତ୍ର କଳା ଏକ ସୃଜନ କଳା । ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ପ୍ରତିଟି ମଣିଷ ଭିତରେ ଏହି ପ୍ରବୃତ୍ତିଟି ଲୁକ୍କାୟିତ ଭାବରେ ରହିଛି । ତାହା କେବଳ ସୁଯୋଗ ଖୋଜୁଥାଏ ପରିପ୍ରକାଶ ପାଇଁ । ପ୍ରାଚୀନ କାଳରେ ମଣିଷ ଗିରି ଗୁମ୍ଫାରେ ଛବି ଆଙ୍କି ନିଜ ମନର ଭାଷା ପ୍ରକାଶ କରୁଥିଲା । କେତେବେଳେ ତାଳପତ୍ର ତ କେତେବେଳେ କାଠ ତ ଆଉ କେତେବେଳେ ମନ୍ଦିର କାନ୍ଥରେ ଫୁଟି ଉଠିଥିଲା ନିଖୁଣ କଳାର ନିଦର୍ଶନ ।

ପଶ୍ଚିମ ଓଡ଼ିଶା ମୁଖ୍ୟତଃ ଆଦିବାସୀ ବହୁଳ ଲୋକମାନଙ୍କର କେନ୍ଦ୍ର ସ୍ଥଳୀ । ସେମାନେ ହେଉଛନ୍ତି ପ୍ରକୃତିର ପୂଜାରୀ । ଘରର ଚାଳ କାନ୍ଥ ମାନଙ୍କରେ ନିଜର ଆରାଧ୍ୟ ଦେବୀ-ଦେବତାଙ୍କ ଚିତ୍ର କାଟି ପୂଜା କରୁଥିଲେ । ସେଥିମଧ୍ୟରୁ ଡାଲଖାଇ କୁଠି,ଝଞ୍ଜିରା (ପଉଡ଼ି ଭୂୟାଁ, କିସାନମାନଙ୍କର ଆରାଧ୍ୟ ଦେବୀ ଓ କୃଷି ସମ୍ବନ୍ଧୀୟ ଚିତ୍ର) ଆଦି ଅନ୍ତର୍ଭୂକ୍ତ ।

ସଭ୍ୟତାର ବିକାଶ କ୍ରମେ ସାମାଜିକ ଆହ୍ୱାନ ସହ ଚିତ୍ରକଳା ବିଭିନ୍ନ ରୂପ ନେଇଛି । ପଶ୍ଚିମ ଓଡ଼ିଶାର ଅନେକ ସୁନାମଧନ୍ୟ ଚିତ୍ରଶିଳ୍ପୀ ନିଜ ତୁଳୀର ଗାରିମା ନିଖୁଣ ଭାବରେ ପ୍ରଦର୍ଶିତ କରିଛନ୍ତି । ସେମାନଙ୍କ ମଧ୍ୟରେ ବୃନ୍ଦାବନ ମହାରଣା, ସୁଧାଂଶୁ ନାୟକ, କେଦାର ନାୟକ, ମହେଶ ପାଣ୍ଡେ, ସନ୍ତୋଷ ପଟ୍ଟନାୟକ, ରାଧା ରମଣ ମୁଦୁଲି, ଭୋଳାନାଥ ନାୟକ, ସବିତା ପଣ୍ଡା, ଦେବେନ୍ଦ୍ର ସାହୁ, ପ୍ରଶାନ୍ତ ମାଝୀ, ସୁଜାତା ବେହେରା, ଅନନ୍ୟା ବିଶ୍ୱକର୍ମା, ସଞ୍ଜୟ ସାହୁ, ଶୁଭମ ସାହୁ, ଶଶଧର ପତି, କୁଳଦୀପ ବର୍ମା ଆଦି ଅନ୍ୟତମ ।

ଘୁଁ ଘୁଁ ନାଦିଆ,ସରବ ମଁଗଲା, ଜାନୁଘଣ୍ଟା ପର୍ଶୁରାମ, ଘୁବୁକୁଡୁ,ମୁଡ଼ତୁପା, ଡାଙ୍ଗଡ଼ା, କେନ୍ଦରା, ଦେବଗୁନିଆଁ ଆଦି ବୃତ୍ତିଭିତ୍ତିକ ଲୋକକଳା ମାଧ୍ୟମରେ କଳାକାରମାନେ ନିଜର କଳାର ଦକ୍ଷତା ପ୍ରଦର୍ଶନ କରୁଥିଲେ ।ବର୍ତମାନ ଏଗୁଡ଼ିକ ବିଲୁପ୍ତ ପ୍ରାୟ ।

ପଶ୍ଚିମ ଓଡ଼ିଶାର ଲୋକ କଳା,ଲୋକ ସଂସ୍କୃତି ବିଶ୍ୱରେ ସର୍ବମାନ୍ୟ । ଓଡ଼ିଶାର ପ୍ରଦର୍ଶନ କଳା କୁ ପଶ୍ଚିମ ଓଡ଼ିଶାର ଅବଦାନ ଅତୁଳନୀୟ ଅଟେ ।

- ଗୋବିନ୍ଦତୋଲା, ଶକ୍ତି ନଗର
ଧନୁପାଲି, ସମ୍ବଲପୁର
ମୋ.- ୯୪୩୯୩୯୧୮୦୪

# ମାଁ କରମ୍‌ସାନି ଆରୁ ଜୁଲଟର୍ କର୍‌ମା ଡାଁଣ୍

● ତେଜରୁ ବାରିକ

ମାଁ, ମାଏଟ୍ ଆରୁ ମାତୃ-ସକ୍‌ତିକେ ପୁଜା କର୍‌ବାର ଉଧାନୁଁ ଆମର୍ ଲୋକ-ସଁସ୍କୃତି ଜେତ୍‌କି ବଜର୍ ଆଏ, ସେତ୍‌କି ବିସ୍‌ପାସ୍‌ମଏ ଆଏ । ପ୍ରକୃତି ଆରୁ ପୁରୁସ୍ ଗୁଟେ ଡାଲର୍ ଦୁଇଟା ଖାନି ଲେଖେଁ ସଁସାର୍ ଗଢେଁ 'ଏଲି ଥିସନ୍ । ପୁରୁସ୍ ନିଜର୍ ଜିବନ୍-ଜିବ୍‌କାନୁଁ ମୁଲ୍ କରିଁ ଜଅଁରା ଘରତକ୍ ଜିବାର୍ ପଛାଡେଁ ପର୍‌କୁତିର ଉଧାକେ ଛାଡି ନାଇଁପାରେ । ଫେର୍‌ଭି ଗଛ୍-ଖୁଁଟ୍, ନଏଦ୍-ନଲିଆ, ପାହାଡ୍ ଡଙ୍ଗର୍, ସୁରୁଜ୍-ଚନ୍ଦର୍‌କେ ମନ୍ ଭିତରେଁ ଗହରିଆ ଭାବ୍‌ଟେ ରଖିଁ ଭକ୍ତିର୍ ଅଗ୍‌ଡାପତରି ବାଢିଥିସି ସବୁ ଜୁଗେଁ । ହିନ୍ଦୁକୋସ୍ ପର୍ବତ୍ କର୍‌ପନୁଁ ଆର୍ଜ୍ୟମାନେ ଜମ୍ବୁଦ୍ୱିପକେ ଆସ୍‌ବାର ଆଘୋନୁଁ ଇନ ରହୁଥିଲେ । ପରକୁତି ତାକର୍ ମାଁ-ବୁଆ, ଦେ-ଦେବ୍‌ତା ସବୁ ଥିଲା । ସେଥିର୍ ଲାଗିଁ ଅନ୍ନର୍ ଦେବି ଲଖ୍‌ମି, ଝାରର୍ ଦେବି ଡାଲଖାଇ ଆରୁ କରମର୍ ଦେବି କରମ୍‌ସାନିକେ କାହୁଁ କେନ୍ ଦିନୁଁ ପୁଜା-ଧଜା କରି ଆସୁଥିଲେ ।

'କରମ୍' କେ 'ଭାଗ୍ୟ' ବଲିଁ କହେସୁଁ । କରମର୍ ଦେ-ଦେବ୍‌ତା ହିସାବେଁ ମାଁ କରମସାନିକେ ଉପାସନା କରବାର୍ ପଛାଡେଁ ଆମର୍ ଭିତରେଁ ଥିବା ଗହେର୍ ବିସ୍‌ପାସ୍ ଆରୁ ମାତୃ-ସକ୍‌ତିକେ ଭକ୍ତି ଭାବ୍‌ନା ଉଲ୍‌ଦିଁ ହେଇଥିସି । ଗାଁ-ଗଁଡା ନ ରହୁଥିବା ସରଲ୍ ବିସ୍‌ପାସି ଲୁକେ ଧନ୍-ଜନ୍-ସୁଖ୍-ସାନ୍ତି ପାଏବାର୍ ସାଙ୍ଗେଁ ରୋଗ୍‌ବାଗ୍ ନୁଁ ମୁକ୍ତି ଆରୁ ପ୍ରାକୃତିକ୍ ବିଧ୍ୱଂସ୍ ନୁଁ ତ୍ରାହି ପାଏବାର୍ କାମ୍‌ନା ରଖିଥିସନ୍ । ଭୁଦୋମାସର୍ ଉଜୁଲ୍ ପଖର୍ ଏକାଦସି ରାତିଁ ଗାଁର୍ ମଝାଖୁଲିଁ ମାଁ କରମ୍‌ସାନି ଦେବି ପୁଜା ପାଏସନ୍ । ମାଁକେ ସନ୍ତୋସ୍ କରବାର ଲାଗିଁ ଗାହାକ୍-ବାହାକ୍, ମାନ୍ଦଲ୍, ଝାଞ୍ଜ, କସ୍ତାଲ ବଜେଇଁ ରାଏତ୍‌ସାରା ଗୀତ୍ ଗାଇ-ନାଚି କରିଁ ଉଜାଗର୍ ରହେସନ୍ । ଜହକରି ଆମର୍ ପଛିମ୍ ଉଡ୍‌ସାର୍ ବଉଦ୍, ଝାରସୁଗୁଡା, ଦେବ୍‌ଗଡ୍ ସାଙ୍ଗେଁ ମୟୁର୍‌ଭଞ୍ଜ ଆର୍ କେନ୍ଦୁଝର୍ ନ କର୍‌ମା ଜାତ୍‌ରା ବଢେ ଉବାଗରେଁ ହେଇଥିସି । ଇନ ରହୁଥିବା ବିଂଝାଲ, ଖଡିଆ, ଓରାମ୍, କିସାନ୍, ଭୁୟାଁ, ଗଁଣ୍, କୁର୍‌ମି, ସହଁରା ବାଗିର୍ ଜନ୍‌ଜାତି ମାଁର୍ ସେବା ଆରୁ ଭକ୍ତିଥିଁ ଇ ଜାତ୍‌ରା କରିଥିସନ୍ ।

ଆମର୍ ଉଡ୍‌ସା ଭିତରେଁ ଆର୍ ବାହାର୍ ରାଇଜେଁ (ବିହାର୍, ଆସାମ୍, ଝାର୍‌ଖଁଡ୍, ମ୍ପ୍ରଦେସ୍, ଛତିସ୍‌ଗଡ୍ ଆରୁ ପସ୍‌ଚିମ୍ ବଙ୍ଗ୍) କରମ୍‌ସାନି ମାଁର୍ ପୁଜା-ଧଜା ହେଉଥିଲେଁ ଗଲେ ଆମର୍ ପଛିମ୍ ଉଡ୍‌ସାର୍ ପୁଜା-ବିଧି ଆରୁ ତାକର୍ ନାଁକେ ନେଇକରି ଭିନ୍ ଭିନ୍ କଥା ସୁନା ଜାଏସି । ଇନ ବଲ୍‌ସନ୍ ମାଁ କରମ୍‌ସାନି ହଉଛନ୍ କାଲି ମାଁର୍ ସାଙ୍ଗ୍, ଜେ କି ଚଉସଠି ଜୁଗ୍‌ନି ଭିତରୁଁ ଝନେ ଆନ୍ । ରକ୍ତବିର୍ଜ୍ୟକେ ମାର୍‌ଲା ବେଲ୍‌କେ କାଲି ସାଙ୍ଗେଁ ରକତ୍ ପି'ଥିଲେ । ସୈବ ଧରମ୍‌ଥିଁ ତାହାକୁଁ 'ସଙ୍କର ସିଆନି' ବଲିଁ କହୁଥିଲା ବେଲ୍‌କେ ସାବରିୟ ଧରମ୍‌ଥିଁ ସେ ଆନ୍ ମାଁ ଭଗ୍‌ବତି । 'ସାତ୍ ବହନି' ଭିତରୁଁ ସେ ଝନେ ଆନ୍ । ମାଏଟ୍‌କେ ଆମେ ମାଁ ବଲ୍‌ସୁଁ, ସେ ମାଁ ହିଁ ଆମର୍ 'କରମ୍' । କର୍ମର୍ ସିଆନ୍ ହଉ କି ସିଆନି; ସେ ହିଁ କରମ୍‌ସାନି ମାଁ ।

ମାଁ କରମ୍‌ସାନି ଝାରର୍ ଦେବି ବଲିଁ ଡାଲେଁ ପୁଜା ପାଏସନ୍ । ଗାଁର୍ ଦେବ୍‌ତି ବଲିଁ ଗାଁ ଡାଁଣେ ଉଭା ହେସନ୍ । ଜହ କରିଁ କରମାଗଛର୍ ଡାଲ୍‌କେ ମାଁର୍ ବିଗ୍ରହ ଲେଖେଁ ଥାପ୍‌ନା କରିଁ ଇ ପୁଜା କରିଥିସନ୍ । କିଏ ରେଙ୍ଗାଲ୍ ଡାଲ୍‌କେ ତ କିଏ ହଲନ୍, ମୁଇଟ୍ ଗଛର୍ ଡାଲ୍‌କେ ବରି ଥିସନ୍ । ତାକର୍ ଥାପ୍‌ନା ଗୁଡି-ଭାଡି ଦେଖିବାର୍‌କେ ନାଇଁ ମିଲେ । ହେଲେଁ ସବୁଠାନୁଁ

ଭିନ୍‌ଭିଟ୍‌କିଆ, ନୂଆଁ ରିତି ରିକ୍‌ମାଥିଁ ମାଁର୍ ପୂଜା ହେଇଥିସି ବରପାଲି ପାଖର୍ ଜୁଲଟ୍ ଗାଁର୍ କରମ୍‌ସାନି ମନ୍ଦିର ନ'।

ବର୍‌ଗଡ୍-ବର୍‌ପାଲି ରାଜ୍‌ପଥର୍ ମଝି କୁସନପୁରି ନ ଡେବ୍‌ରି ପଧାନମନ୍ତ୍ରି ସଡଖେଁ ତିନ୍ କିଲୋମିଟର ଆଏଲା ଉତାରୁଁ ପଡ୍‌ସି କର୍‌ମାଡାଁଣ୍। ତାର୍ ପୁରୁବ୍ ଦିଗେଁ ରେଲ୍‌ଲାଇନ୍ ଆରୁ ଉତ୍ତର୍ ଦିଗେଁ ବାଗ୍‌ବାଡି କେନାଲ୍ ଲମି ଜାଇଛେ ଆଗ୍‌କେ। ହେନ ସଡଖ୍‌କେ ଲାଗିକରିଁ ମାଁର୍ ଥାପ୍‌ନା ମନ୍ଦିର୍। ଗମ୍ଭିରା ଭିତ୍‌ରେଁ ମାଁର୍ ପୁତ୍‌ଲା ପାଖେଁ ମୁଡେ ଡେଙ୍ଗର୍ ପଥର୍ ଦିହେଁ ସେ ପୁଜା ପାଏସନ୍। ଭକତ୍‌ମାନେ ଜେଭେଁ ରହେଲେଁ ତାହାକୁଁ ଦର୍‌ସନ୍ କରିଁ ଆରଧନା କରି ପାର୍‌ସନ୍। ମନ୍ଦିର୍ ଭିତରେଁ କବାଟ୍ ନାଇଁନ। ପୂଜାଧଜା କର୍‌ବାର୍ ଲାଗିଁ ପୁଝାରି-ଦେହେରି ବି ନାଇଁଥାନ୍। ଲୁକେ ନିଜର୍ ବତ୍‌ରେଁ ଜାଇକରିଁ ମନ୍‌ଇଚ୍ଛା ପୂଜା କରିଥିସନ୍। ସମ୍‌କିର୍ ହାରି-ଗୁହାରି-ଅର୍ଦ୍ଧଲି ସୁନିକରିଁ ମନୋକାମନା ପରିପୁରନ୍ କରିଥିସନ୍, ସେଥିର୍ ଲାଗିଁ ମାର୍ ଉପରେଁ ଭକତ୍ ମାନକର୍ ଭକ୍ତି ଆରୁ ବିସ୍‌ପାସ୍ ଅହରହ ମାଥେବର୍ ହେତେଲ୍ ଜାଉଛେ।

କର୍‌ମାଡାଁଣେ ମନ୍ଦିର୍ ଥାପ୍‌ନା କର୍‌ବାର ପଛେଁ ଜେନ୍ ଘଟ୍‌ନା ଘଟିଛେ ସେଟା ସୁନ୍‌ଲା ଲୁକ୍‌କୁଁ କଥେନ୍ ବାଗିର୍ ଲାଗିଥିସି। କଙ୍ଗାଲି ବାରିକର୍ ପୁଓ ସାରଙ୍ଗ ବାରିକ୍ ଆରୁ ଜଏରାମ୍ ବାରିକକର୍ କହେତିକେ ଭୁଦୋମାସେଁ ଆମର୍ ଆଖ ପାଖର୍ ସବୁ ଗାଁନ କର୍‌ମା ଗାଡୁଥିଲେ ଆରୁ ଇହାଦେ ବି ଗାଡୁଛନ୍। ଖୁଁଟ୍‌ପାଲି ପାଖର୍ ବେହେରା ନ କରମା ନାଚିକରିଁ ଛ'ଝନ୍ ବାହାକ୍-ଗାହାକ୍ ଘର୍‌କେ ଫିର୍‌ବାର୍ ବାଟେଁ ଇହାଦେର୍ କର୍‌ମାଡାଁଣେ ଅଟ୍‌କିଥିଲେ। ସେ ଛ'ଛନ୍ ହଉଛନ୍ ଜୁଲ୍‌ଟର୍ ଲୋକନାଥ ବାରିକ, ବାଗ୍‌ବାଡିର୍ ପଟେଲ ବୁଢା, ଅଏଁଠାପାଲିର୍ ପରାନ୍ ବିସାଲ, କୁସନ୍‌ପୁରିର୍ ମାଲିବୁଢା (ସୁରତ ପଟେଲର୍ ଅଜା), ଗଏନପୁର-ସାହ୍ଲେପାଲିର୍ ଥପା ବୁଢା ଆରୁ କନବାରର୍ ଗଉର୍ ବୁଢା। ଇମାନେ ବରଗଛ୍ ତଲେଁ ଅଟ୍‌କିଁ ପର୍‌ସାତ୍ ଭାଗ୍ କର୍‌ଲେ। ହେଲେଁ ଅକାଭୋତ୍ କଥା ପର୍‌ସାତ୍ ଜେତ୍ନେଇଁ ଭାଗ୍ କଲେଁ ସାତ୍ ଜାଗା ହେଇ ଜାଉଥିଲା। ସେସେଁ ସେ ଛଇ ଝନ ବିଚର୍ କଲେ, ମାଁ କରମ୍‌ସାନି ଆମର୍ ସାଙ୍ଗେଁ ଇନ୍‌କେ ପଲେଇ ଆସିଛନ୍ ବଲିଁ ଭାଗେ ଅଏତ୍‌କା ହଉଛେ। ଆମେ ଇଠାନେଁ ମାଁର୍ ଜାତ୍‌ରା କର୍‌ମାଁ। ସେ ଛଇ ଝନ ହରିବୋଲ ପାରିଁ ନିଜର୍ ନିଜର୍ ଗାଁକେ ଗଲେ। ତାର୍ ଦୁଇଦିନ୍ ପରେଁ ବାରିକ୍ ବୁଢା, ପଟେଲ୍ ବୁଢା, ମାଲିବୁଢା, ଗଉରବୁଢା ଆରୁ ଅଏଁଠାପଲିଆ ପରାନ୍ ବିସାନ ହେଁ ବରଗଛ ତଲେଁ କରମାଁ ବସାଲେ। ଫି ବଛର୍ ଭୁଦୋ ମାସେଁ କର୍‌ମା ଡାଁଣେ କରମସାନି ମାଁର୍ ପୁଜା-ଧଜା ବଢେ ଉବାଗରେଁ ହେତେଲ୍ ଗଲା।

ପହେଲା ପିଢିର୍ ବୁଢାମାନେ ଗାଁର୍ ଜାତ୍‌ରା ମୁଲ୍ କରିଁ ଜୁଲଟ୍ ଆରୁ ଆଖ ପାଖର୍ ଗାଁ-ମାଁକୁ ଏକ୍‌ଜୁଟ୍ କରି ପାରିଥିଲେ। ତାକର୍ ଅନ୍ତେଁ ଜେନ୍ ଦୁସ୍‌ରା ପିଢିର୍ ଲୁକେ ଆଏଲେ ସେମାନେ ହିଁ ନାଁ କରା କବାର୍ କରିଥିଲେ। ଅଏଁଠାପାଲିର୍ ସେଲୁ ବିସାଲ, ଜୁଲଟର୍ କଙ୍ଗାଲି ବାରିକ୍, କଦଲିପାଲିର୍ ବାଲେସର ଭୁଏ, କୁସନପୁରିର୍ ସୁରତ ପଟେଲ ସାଙ୍ଗେଁ କନବାରର୍ କଏବଲ ଝାଁକର୍, ନୁର୍‌ପ କୁଇଲ୍‌ତା, ମଙ୍ଗଲୁ ଗଉର୍, କନବାର ଗାଁନ ସଭାଟେ କରିଁ କର୍‌ମାଡାଁଣେ ପାଁଚ୍‌ଦିନିଆଁ କର୍‌ମା ଜାତ୍‌ରା କର୍‌ବାର୍ ଥାଇ କଲେ। ଭୁଦୋ ମାସେଁ ନୁଆଁଖାଇ ମାଇ ତିହାର୍। ସବୁନ ଉଜୁର୍‌ପଖର୍ ଏକାଦସିକେ କର୍‌ମା ଜାତ୍‌ରା ମୁଲହେସି। ହେଲେଁ କନ୍‌ବାର୍ ସଭା ନ ଫଗୁନ ଉଜୁର୍ ପଖର୍ ଏକାଦସି ନୁଁ ପୁନି ତକ୍ ପାଁଚ୍ ଦିନିଆଁ ବଡ୍ କର୍‌ମା ଜାତ୍‌ରା କର୍‌ବାର୍ କଥାକେ ହରିବୋଲ୍ ପକେଇଁ ଥାଇ କରିଥିଲେ।

୧୯୫୭ ସାଲେଁ ଫଗୁନ୍ ଏକାଦସିକେ ପହେଲା କର୍‌ମାଁ ଜାତ୍‌ରା ପାଁଚ୍ ଦିନ୍ ତକ୍ ହେଲା। ଜୁଲଟ୍, କନବାର, ତୁର୍‌ଙ୍ଗା, ଲେଣ୍ଡା, ବାଗ୍‌ବାଡି, ପୁଟୁରୁପାଲି, ଖୁଁଟ୍‌ପାଲି, କୁସନପୁରି, ବେହେରା, ବାଏଲ୍‌ଜୁରି, କଦଲିପାଲି ଆରୁ ଅଏଁଠାପାଲି ନୁଁ ବରାଲ୍ ଆସିଥିଲା। କୁଡେ ମଠିଆ ଗୁର୍ ଆରୁ ପନ୍ଦର-ସତର ଟୁପା ଲିଆ-ଜୁଗାର୍ ପୁଜାନ ପଡିଥିଲା। ସେ ବେଲେଁ ବାହାକ୍-ଗାହାକ୍ ଆରୁ ଭକତ୍ ମାନକୁଁ ଲିଆ-ଗୁର୍ ଖାଏବାର୍‌କେ ଦିଆ ହଉଥିଲା। ଡେଢ୍ ସହ ନୁଁ ଦୁଇସହ ତକ୍ ଗାହାକ୍-ବାହାକର୍ ମହାଜୋଟ୍ ହଇଥିଲା କରମାଡାଁଣେ। ଲୁକେ ବଲଦ୍‌ଗାଡି ମାନ୍‌କେଁ ଜାତ୍‌ରା ଦେଖି ଆସିଥିଲେ। ଆମର୍ ବାହିର୍ ଜେତ୍‌କି ମନ୍ଦଲିଆ ଥିଲେ ତାକର୍ ସାଙ୍ଗେ ହାଏସର୍, ଗୁଏସର୍ ଆରୁ ସୁଲସୁଲିଆ ଗାଁର୍ ଜେତ୍‌କି ଥିଲେ ସମ୍‌ପଟା ଆସିଥିଲେ। ଜୁଲଟର୍ କଙ୍ଗାଲି ବାରିକର୍ ଘରେଁ ରନ୍ଧା-ବଢା କରିଁ ସମ୍‌କୁଁ ଖାଏବାର୍‌କେ ଦିଆ ହଇଥିଲା। ପୁନି ଦିନ ଜାତ୍‌ରା ବଢଲା ପରେଁ ବାହାକ୍-ଗାହାକ୍ ମାନକୁଁ ବିଦାକି ଦେବାର୍‌କେ ହାତେଁ ପଏସା ନାଇଁଥାଇଁ। ଖଁଣଥାର୍ ଦଲ ବିସାଲ ବଏଲେ- "ଆମେ ତ ଛୁଆଦିନୁଁ କର୍‌ମାଁ କରୁଛୁଁ। ଇମାନେ ମାଗି ଜାଁଚି ଜାତ୍‌ରାଟେ

କରିଛନ୍ । ଆମକୁଁ ଦେବେ କାଣାଁ ? ଆମେ ମାଁର୍ ଠାନେ ହରିବୋଲ୍ ପକଉଁ ଜେ, ଫି ବଛର୍ ଇନ୍ତା ସମିଆକେ ସଭେ ଇ କର୍‌ମାଡାଁଣେ ଭେଟ୍ ପଡ଼୍‌ମାଁ ।" ହରିବୋଲ୍ ସାଙ୍ଗେଁ ମାନ୍ଦଲ, କସ୍ତାଲ ଆରୁ ଝାଞ୍ଜ ଗର୍‌ଜି ଉଠିଥିଲା ସେନୁ ।

ପହେଲା ଜାତ୍‌ରା ବର୍‌ଗଛ୍ ତଲେଁ ରେଙ୍ଗାଲ୍ ଗଛ୍‌ଟେ ଗାଡିଁ ପୂଜା କରା ହଇଥିଲା । ପରେଁ ହରି ରାଉତ କର୍‌ମାଁ ଗଛ (ହଲନ୍) ଜଗେଇଥିଲେ ଆରୁ ସେନ ପୂଜା ହେଲା । ତାର୍ ଆଠ୍ ବଛର୍ ପରେଁ ୧୯୬୪ ସାଲେଁ ଅଏଁଠାପାଲିର୍ ରାହି ସାହୁ କର୍‌ମା ଗଛ୍ ତଲେଁ ସୁନ୍ଦର୍ ମନ୍ଦିର୍‌ଟେ ତିଆର୍ କରିଥିଲେ । ତାର୍ ଦସ୍ ବଛର୍ ପରେଁ ସିବ୍‌ଲାଲ ପଧାନ୍ ମନ୍ଦିରର୍ ମୁଖସାଲା ତିଆର୍ କଲେ । ମନ୍ଦିର୍ ଭିତରେଁ ରେଙ୍ଗାଲ୍ ଗଛ୍ ଆରୁ ପଥରର୍ ଥାପ୍‌ନା ବିଗ୍ରହକେ ପୁଜା କରାହଉଥିଲା । ପରେଁ ବାରଙ୍ଗପାଲିନୁ ମୁର୍ତ୍ତି ଆନିକରିଁ ପଥର୍ ପାଖେଁ ଥାପ୍‌ନା କରାଗଲା । ୧୯୮୭ ସାଲେଁ ମନ୍ଦିର ଆଗେଁ ଗରୁଡଖମ୍ ବନେଇଥିଲେ ଅଗସ୍ତି ବାରିକ୍ । ମନ୍ଦିରର୍ ଦଖିଣ୍ କନ୍‌କେ ଚୁଆଁଟେ ଭି ସେ କୁଡେଇଥିଲେ । ମନ୍ଦିରର୍ ପଛକୁତି ଧରମସାଲା ଆରୁ ରନ୍ଧା ଘର୍ । ଇ ଦୁହିଟା ଲୁକ୍‌କର୍ ଚନ୍ଦା-ବରାଲ୍‌ଥିଁ ହଇଛେ । ମାଏନ୍ତା ତୋଲାମଣି ବାରିକ୍, ଗୌରାଙ୍ଗ ବିସାଲ, ଜପ ବିସାଲ, ଇନ୍ଦ୍ର ପଧାନ ଆରୁ ଆତଙ୍ଗ ବାରିକ୍ ଲୁକ୍‌କର୍‌ନୁଁ ଚନ୍ଦା ଆନିକରିଁ କରମାଡାଁଣ୍‌କେ ଉବାଗର୍ କରିଥିଲେ । ଇମାନେ ଥିଲେ ତିନ୍ ନମର୍ ପିଢି । ଇତାକର୍ ସମିହାକେ ଜାତ୍‌ରା ଗଜ୍‌ଗଜଉଥିଲା । ପାଁଚ୍ ଦିନ୍ ତକ୍ ଜେନ୍ କଁଟେ ଗାହାକ୍-ବାହାକ୍ ଜମୁଥିଲେ ରାତିଁ ସେ କଁଟେ ନାଟ୍-ପାଲା ଭି ହଉଥିଲା ।

କର୍‌ମାଡାଁଣେ ଜୁଲଟର୍ କରମସାନି ମାଁକର୍ ପୁଜାଧଜା ଗୁଟେ ଭିନେ ରିତି-ରିକ୍‌ମାଥିଁ ହଇଥିସି । ପାଁଚ୍ ଦିନର୍ ଜାତ୍‌ରା, ଫଗୁନ୍ ଏକାଦସି ନୁଁ ପୁନି ତକ୍ । ତାର୍ ଆଗର୍ ଦସ୍‌ମି ଦିନେଁ ମାଁର୍ ଦଉଲେଁ ଆବାହନି ପୁଜା-ଧଜା କରିଁ ଜୁଆ ଜମାହେସି । ତାର୍ ଆର ଦିନ ବେଲହଉ ବେଲିଆ ମାଁକର୍ ଜାଗର୍ ଜାତ୍‌ରା । ଆଖ ପାଖର୍ ଗାଁର୍ ମାଁ-ବୁହେନେ ଉପାସ୍ ରହିଁ ବେଲ୍‌ବୁଡେଁ କର୍‌ମାଡାଁଣ୍‌କେ ଆଏସନ୍ । ଦଉଲ୍ ଆଗାଡେଁ ଧାଡିଧାଡି କରିଁ ବସି ପଡ଼୍‌ସନ୍ । ପୁଝାରି ଗମ୍ଭିରା ଭିତରେଁ ମାଁର୍ ପୁଜାକରିଁ କରମାଡାଲ୍, ଛତର ଧରି ଆଗାଡେଁ ଥିବା ବରଗଛ ତଲକେ ଆସିଁ ପୁଜା କର୍‌ସି । ଇ ବରଗଛ୍ ତଲେଁ ପହେଲା କରିଁ ଛ'ଟା ବୁଢା ପରସାତ୍ ଭାଗ୍‌ବଁଟା କରିଥିଲେ ଆରୁ ମାଁ ସାଙ୍ଗେଁ ଆସିଛନ୍ ବଲି ଜାନିଥିଲେ । ସେଠାନୁଁ ମାଁକେ ମାନ୍ଦଲ, ଝାଞ୍ଜ, କସ୍ତାଲ ବଜେଇଁ ବରି ଆନସନ୍ ମନ୍ଦିର ନିକେ । ମନ୍ଦିରର୍ ସାତ୍ ଭାଉଁର୍ କିନ୍ଦରିଲା ପରେଁ ଗୁଡି-ଗମ୍ଭିରା ଭିତରେଁ ମାଁକେ ଥାପ୍‌ନା କର୍‌ସନ୍ । ହରିବୋଲ-ହୁଲହୁଲିଥିଁ କରମାଡାଁଣ୍ କଁପି ଜାଉଥିସି । ତେତ୍‌କେଁ ଉପାସି ଜେତେ ଧାଡି ଧାଡି କରିଁ ଜାଗର୍ ଜାଲିଁ ପୁଜା କର୍‌ସନ୍ । ଝନେ ବୁଲିବୁଲି କରମ୍‌ସାନି ମାଁର୍ କଥେନ୍ କହେସି । ଇ କାମ୍ କନ୍‌ବାରର୍ ମଣିଜର ପଧାନ ଜିଁ ଥିବାର୍‌ତକ୍ କରୁଥିଲେ । କଥେନ୍ ସରଲା ପରେଁ ଉପାସିମାନେ ଧାଡିଥିଁ ଦଉଲ ଭିତରକେ ଢୁକବେ । ଫୁଲ-ନଡିଆ ଚଢେଇ ହାଏର୍ ଗୁହେର୍ କରବେ । ଜାହାକେ ଛୁଆପୁତା ନାଇଁ ହଉଥିବା ମାଁର୍ ଠାନେଁ ଅଧିଆ ପଡି ସୁବର୍‌ନା କର୍‌ସି । ପୁଝାରି ତାର୍ ଲାଗିଁ ହରିବୋଲ ପାର୍‌ସନ୍ । ସୁନା ଜାଏସି, ଏତ୍‌କି ଦିନ୍ ତକ୍ ମାଁ କାହାରିର୍ ମନ୍ ଉନା ନାଇଁକରିଁ । ମାଁର୍ କୁର୍‌ପା ନୁଁ କିଏ କାଣାଁ ପାଏଲା, ତାର୍ ଆର୍ ବଛରର୍ କରମାପୁଜାକେ ଜନା ପଡ଼୍‌ସି । ମନ୍‌କାମନା ପରିପୁରନ୍ ହେଇଥିବା ଉପାସିମାନେ ବଧିଆଁ ରଖିଥିବା ମାନ୍ଦଲ, ଘଁଟ୍, କସ୍ତାଲ, ଛତର ମାଁର୍ ଠାନେ ଜମା ଦେସନ୍ । ପହେଲା ଦିନର୍ ରାତିଁ ବାର ବଜେ ତକ୍ ଉପାସି ମାନକର୍ ଗହକି ଲାଗିଥିସି କରମାଡାଁଣେ । ତାର୍ ପରେଁ ଭିନ୍‌ଭିନ୍ ଗାଁନୁ ଆସିଥିବା ମନ୍ଦଲିଆ, ଗାହାକ୍, ବାହାକ୍ ରାଏତ୍‌ସାରା କର୍‌ମା ନାଚ୍‌ସନ୍ ।

କରମା ଜାତ୍‌ରା ବଏଲେଁ ଗାହାକ୍-ବାହାକ୍-ମନ୍ଦଲିଆ ମାନକର୍ ଗହକିକେ ବୁଝା ଜାଏସି । ସେମାନ୍‌କର୍ ମହାଜୋଟ୍ ହେସି କରମାଡାଁଣେ । ନୂଆଁ-ଜୁହ୍ନାଁ ସବୁ କଲାକାର୍ ନିଉତା ନାଇଁ ଦେଲେଁ ବି ଫି'ବଛର୍ ଆଏବେ । ପାଁଚ୍ ଦିନ୍ ତକ୍ ଗହମଦାବେ । ଖଁଣ୍ଥାର୍ ଜଲ ଭୁଏ, ଗଣ ଥନାପତି, ଅଁକୁର ପୁଝାରି, ଦଲ ବିସାଲ, କନବାରର ନୁରପ-କଏବଲ, ମଙ୍ଗଲୁ ବାହାକ୍, ପିପିଲିପାଲିର୍ ରୁଗ୍‌ଧର ସାହୁ, ବାଏଲଜୁରିର୍ ଉର୍କୁଲୁ ବିସାଲ, ବାଗ୍‌ଡିଆର୍ ଡୁଲା କୁଇଲ୍‌ତା, ନୁଆଁପଲିଆ ବିରଞ୍ଚି ବାହାକ୍ ଆରୁ ଘଁସିଆ ଲୁହା, କୁସନପୁରିର୍ ସଂକିର୍ତ୍ତନ ସହଁରା, ଚନ୍ଦଲିର୍ ହେମସାଗର, ବହଲପାଲିର୍ ଟାଏଟୁନ ସେଟ୍, ଖଁଣ୍ଥାର୍ ଗଙ୍ଗା-ଭାଲୁ, ଗାଏସମାର୍ ଭିମ ସାଙ୍ଗେଁ ହାଏସର୍, ଗୁଏସର୍, ସୁଲସୁଲିଆ, ନିଲେସର୍, ସୁରୁବାଏଲ, ଅସୁରଗଡ ଇନ୍ତା ଆହୁରି କେଥିନିଟେ ଗାଁନୁଁ କଲାକାର୍ ଆସିକରିଁ କରମାଡାଁଣେ ନାଚିଛନ୍ ।

ପାଁଚ୍ ଦିନିଆଁ ଜାତ୍ରାର୍ ପୁରନାହୁତି ପଡ୍ସି ହୋଲ୍ପୁନି ଦିନ । ଇହାଦେର୍ ପୂଝାରୀ ଦସରଥ ପଟେଲ ସଖାଲୁଁ ମାଁର୍ ଫୁଲ୍-ପରସାତ୍ ଧରିଁ ପାଖର୍ କେନାଲ୍ ପାନି ଉହୁଲେଇ ନେଲାପରେଁ କରମା ଜାତ୍ରା ବଢି ଜାଏସି । ମନ୍ଦଲିଆ-ପାଲିଆ-ଗାହାକ୍-ବାହାକ୍ ତିନ୍ଦଲ୍ ହଇଁ ବାଗ୍ବାଡି, କନ୍ବାର୍ ଆରୁ ଜୁଲଟ୍ ଗାଁକେ ଆଏସନ୍ । ପରାତ୍ଥାଲିଥିଁ ମାଁର୍ ପୂଜା ଆରୁ କରମାଡାଲ୍ ରଖିଁ ସବୁ ଘରର ବାଟ୍ ଦୁଆରକେ କରମା ନାଚି ନାଚି ଆଏସନ୍ । ମାଁ-ବୁହେନେ ଘରବାଟେଁ ଗୁବର୍ ଲିପିକରିଁ ପିଁଢା ପାରିଁ ଜାଗର୍ ବସେଇଁ କରମସାନିକେ ଟାଖିଥିସନ୍ । ଭଗତର୍ ହାରି-ଗୁହାରି ହରିବୋଲ ଆରୁ ମାନ୍ଦଲ-କଷ୍ଟାଲ ବଜେଇ ମାଁକେ ଜନାହେସି । ଗାଁ ବୁଲା ସର୍ଲା ପରେଁ ସଭେ ଫିରି ଜାଏସନ୍ କରମାଡାଁଣେକେ । ସେନ ସଭେ ପର୍ସାତ୍ ପାଏଲା ପରେଁ ବେଲବୁଡିଆ ବିଦାକି ନେଇକରିଁ ଫିରି ଜାଏସନ୍ ନିଜର ନିଜର ଗାଁକେ । ପରତିପଡା ରାତିଁ ଝାଏଁ କରୁଥିସି ମାଁର୍ ଗୁଡି । ସାତ୍ଦିନ୍ ପରେଁ ଗାଲ୍ ସିତ୍ଲାବାର୍ ଲାଗିଁ ପୁଝାରି-ମନ୍ଦଲିଆ ଫେର୍ ଘାଏ ଆସିଥିସନ୍ ।

ପଶ୍ଚିମ୍ ଉଡ୍ସା ହଉ କି ଦୁସ୍ରା ରାଏଜେଁ ହଉ, ମାଁ କରମ୍ସାନିକେ ଝାରେଁ-ଡାଲେଁ-ପତରେଁ ପୁଜା କରୁଥିଲା ବେଲ୍କେ ଜୁଲଟେଁ ଗୁଡି-ଗମ୍ଭିରା ଭିତରେଁ ପଥରର୍ ବିଗ୍ରହକେ ଆରଧନା କର୍ବାରଟା ସବୁଠାନୁଁ ଅଲଗ୍ ଆଏ । ଇ ମନ୍ଦିରର୍ ମାଁ-ବୁଆ କିହେ ନାଇଁନ । ରୋଡ୍ ତରେଁ ବନିଛେ । ଇତାର୍ ଜାଗା-ବାଡି-ସଂପତ୍ତି କିଛି ନାଇଁନ । ଲୁକ୍କର୍ ଦାନ୍-ଦକ୍ଷିଣାଥିଁ ପାଁଚ୍ ଦିନିଆ ଜାତ୍ରା ହେସି । ରୁଡେଁ ଜାଉଥିବା ଗାଡି-ମଟର୍ ବାଲେ ଇଟା କି ପଥରଟେ ଲେଖା ଦେଇଥିସନ୍, ହେନ୍ତା କରିଁ ମନ୍ଦିର୍ ପଛକୁତି ଧରମ୍ସାଲା ଆରୁ ରନ୍ଧାଘର୍ ହଇଛେ । କଲ୍ଚୁଆଁଗୁଟେ କେ ଛାଡିନେଲେଁ ସରକାରି ସହଜୋଗ୍ ଅନେ ଭି ନାଇଁ ଆସିଁ । ମନ୍ଦିରର୍ କେନ୍ସି ଟ୍ରଷ୍ଟି ନାଇଁନ । ଦେଖ୍ଭାଲ୍ କରୁଥିବା ଜଏରାମ୍ ବାରିକ, କେସବ ବାରିକ, ସଂଗ୍ରାମ ବାରିକ, ବଜ୍ରୁ ବାରିକ, ବିନୋଦ ବିଶି, ଖୁଞ୍ଝ ପଧାନ, ଶିର୍ପତି ସାହୁ, ଡିଲେଶ୍ୱର ବାରିକ, ଶିବ ବାରିକ, ପୂଝାରୀ ଦସରଥ୍ ପଟେଲ ଆରୁ ଦୁସ୍ରା ଲୁକେ ଜାହା ପାରୁଛନ୍ ଅତେବୁତେ କରିଥିସନ୍ । ବରପାଲିର୍ ରବିନାରେନ୍ ଦାସ୍ ଏଭେଁ ମନ୍ଦିର ଭିତରେଁ ପ୍ଲେଟ୍ ବିଛେଇଁ ମାଁର୍ ସେବା କରୁଥିମିଁ ବଲିଁ ଦଏନି ରଖିଛନ୍ । ଜେନ୍ ଦିନ ନେତା-ମନ୍ତ୍ରି କି ପ୍ରସାସନର୍ ଆଏଁଖ୍ ଇ ମନ୍ଦିରର୍ ଦୁର୍ଦସା ଉପରେଁ ପଡ୍ବା, ହେଁ ଦିନ ଇ ଠାନ୍‌ଟା ଫେର୍ ଘାଏ ଜମ୍କିବା ବଲିଁ ସଭେ ଆସା ରଖିଛନ୍ ।

- ଜୁଲଟ, କନବାର,
ବରପାଲି, ବରଗଡ-୭୬୮୦୨୯
ମୋ-୯୫୫୬୨ ୩୬୫୫୯

# ଡଁଡ ନାଚଥି ଚାଷର ଶିକ୍ଷା

● କମଲଲୋଚନ ପଣ୍ଡା

ଶିବ ଶଙ୍କର ହେ...
କଳା ରୁଦ୍ରମଣି କି ଭଜେ...

ଓଡ଼ିଶାର୍ ପ୍ରାଏ ସବୁ ଅଞ୍ଚଲ୍‌ନ ଇ ଡଁଡ୍‌ନାଚ୍ ହେଇଥିସି । କେନ୍ ଠାନେ ଇତାକେ ଝାମୁଯାତ୍ରା, କେନୁ ପାଟୁଆ ଯାତ, କେନୁ ଚଡ଼କ ପୂଜା ତ କେନୁ ପାଏନ୍ ଡଁଡ୍ / ଛତର୍ ବଏରଖି ଡଁଡ୍ ବି କହିଥିସନ୍ । କଟକ ଜିଲ୍ଲାର ବାଙ୍କି, ପୁରୀ ଜିଲ୍ଲାର କାକଟପୁର, ବରହମପୁର, ଗଞ୍ଜାମ୍, ଗଜପତି ଇ ଅଞ୍ଚଲଥି ଝାମୁଯାତ୍ରା ନାଁଥି ପରସିଧି ପାଇଛେ । ବାଲେଶ୍ୱର ଜିଲ୍ଲାର ମେଦିନୀପୁର ଅଞ୍ଚଲ୍‌ଥି ଇତା 'ଚଡ଼କ ପୂଜା' ନାଁଥି ପରିଚୟ ପାଇଛେ ।

ଡ. କୁଞ୍ଜବିହାରୀ ଦାଶ ପାଟୁଆମାନ୍‌କୁଁ ଆଠ୍ ଭାଗ୍‌ଥି ଭାଗ୍ କରିଛନ୍, ଯେନ୍ତା କି ସାଧାରନ୍ ପାଟୁଆ, କଣ୍ଟା ପାଟୁଆ, ଉଡ଼ା ପାଟୁଆ, ନିଆଁ ପାଟୁଆ, ଘାଟ ପାଟୁଆ, ଫୋଡ଼ା ପାଟୁଆ, ଖୋଲା ପାଟୁଆ, ଖଣ୍ଡା ପାଟୁଆ । ପଶ୍ଚିମ୍ ଓଡ଼ିଶାର ପ୍ରାୟତଃ ରେଢ଼ାଖୋଲ, ସୋନପୁର, ବୌଦ୍ଧ, ଆଠମଲ୍ଲିକ, ସମ୍ବଲପୁର, ବଲାଙ୍ଗୀର ଇ ଅଞ୍ଚଲ ମାନ୍‌କେ ଇ ସବୁଥିର୍ ବହୁତ୍ ପ୍ରଚଲନ୍ ଦେଖିବାର୍‌କେ ମିଲ୍‌ସି । ଚଇତ୍ ମାସର୍ ଆରମ୍ଭନୁ ପନା ସଂକ୍ରାନ୍ତି ତକ୍ ଭିନ୍ ଭିନ୍ ସମିଆଥି ଭିନ୍ ଭିନ୍ ଜାଗା ମାନ୍‌କେ ହେଇଥିସି । ମହାବିଷୁବ ସଂକ୍ରାନ୍ତି ଦିନ ଇତାର୍ ଉଦ୍‌ଯାପନ୍ ହେସି । ଯେନ୍‌ଟାକେ ମେରୁଭଙ୍ଗା ଉଛବ୍ କହେସନ୍ । ଇତାର୍ ମୁଲ୍ ମଏଧିଟା ଶିବ ଆନ୍ । ଇ ବର୍‌ତର୍ ପାଲନ୍‌ଟା ବହୁତ୍ କଠିନ୍ କାମ୍ ଆଏ । ଭିନ୍ ଭିନ୍ ପର୍‌କାରେ ନିଜର୍ ଶରୀର୍‌କେ ଦଣ୍ଡ ଦେଉଥିବାର୍ ଆର୍ ଭୁଗୁ ଥିବାର ଲାଗି ଇତାର୍ ନାଁ ଦଣ୍ଡ ନାଚ୍ ବଲି କୁହାଯାଏସି । ପଣ୍ଡିତ ଲକ୍ଷ୍ମୀ ନାରାୟଣ ସାହୁଙ୍କର୍ ମତେ - ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଇ ତିନ୍‌ହି ଦେବ୍‌ତା ସୃଷ୍ଟି, ସ୍ଥିତି ଆର୍ ଲୟ ତିନ୍‌ଟା ବିଭାଗର୍ ପ୍ରତୀକ୍ ଆନ୍ । ତାକର୍ ଉପ୍‌ରେ ଇ ସାରା ସୃଷ୍ଟିର୍ ଭାର୍ ଲଦି ଦିଆଯାଇଛେ । ସୃଷ୍ଟିର୍ ଭାର୍ 'ବ୍ରହ୍ମା', ପାଲନର୍ ଭାର୍ 'ବିଷ୍ଣୁ' ଆର୍ ଲୟର୍ ଭାର୍ 'ମହାଦେବ୍'ଙ୍କର୍ ଉପ୍‌ରେ । ଅତଏବ୍ ମହାଦେବ ହଉଛନ୍ ସବୁଠାନୁ କଡ଼ା ଦେବ୍‌ତା । ଯାର୍ ପାଖେ ସଂହାର୍‌ର ଦାୟିତ୍ୱ ଅଛେ । ହେଥିର୍ ଲାଗି ଲୟକେ ସଭେ ଡର୍‌ସନ୍ । ଜୀବନ୍‌କେ କାର୍ ଡର୍ ନାଇଁ । ସେଥିର୍ ଲାଗି ତାହାକୁଁ ପୂଜା କରିକରି ସନ୍ତୋଷ୍ କର୍ବାର୍ ହେଲେ ବହୁତ୍ କଠିନ୍ ତପସ୍ୟା କର୍ବାକେ ପଡ଼୍‌ସି । ଆର୍ ସେ ତପସ୍ୟାଟା ଦଣ୍ଡ ନାଚ୍ ବା ଡଁଡ୍ ନାଚ୍ ଆଏ । ଆଉ ବି କହୁଛନ୍ ଯେ, କାମନା ଘରେ ପାଟ୍ ଡଁଡୁଆର୍ ହାତେ ଯେନ୍ ଦୁଇଟା ଦୀପ ଦଣ୍ଡ ଥିସି, ଆର୍ ସେ ତାହାକେ 'ଦଣ୍ଡ ଉଠିବା' ବା 'ଡଁଡ୍ ଉଠା' କହେସନ୍ । ଯେତେବେଲେ ସେଥି ନିଆଁ ଲଗେଇ କରି ଆବାହନ କରାଯାଏସି ତାହାକେ 'ଦଣ୍ଡ ଡିଆଁଇବା' ବା 'ଡଁଡ୍ ଜିଆଁ' କହେସନ୍ । ଡଁଡର୍ ଆରମ୍ଭନୁ ଶେଷ୍ ତକ୍ ଇ ଦଣ୍ଡର୍ ଭୂମିକା କେଥିନିକେଥେ ରହିଛେ । ଇ ଦଣ୍ଡ ହିଁ ଗୁଟେ ଠାନୁ ବାହାରି କରି ଦଶ୍‌ଝନ୍ ଦେବୀ, ପର୍ଭା, ତେରଭୁକ୍ତା ଆର୍ ବାଦ୍ୟକାର୍ ମାନ୍‌କର୍ ସାଙ୍ଗେ ଏକୁଶ୍ ଦିନ୍ ଧରି କରି ଭିନ୍ ଭିନ୍, ଠାନ୍‌କେ ଯାତ୍ରା କର୍ସନ୍ । ବିଷୁବ ସଂକ୍ରାନ୍ତି ଦିନ ଡଁଡ୍ ମୁଜା / ବା ମେରୁ ଭଙ୍ଗା ହେଲା ପରେ ସେମାନେ ଫେର୍ ତାକର୍ ପହେଲା ଠାନ୍‌କେ ଫିର୍‌ସନ୍ । ସେନୁ ଫେର୍ ସେ ଦଣ୍ଡ ବା ବାଡ଼ିକେ ପୂଜା ଧଜା କରି କରି ନୂଆଁ ହାଁଡିଥି ଭରି କରି ମାଏଟ୍ ତଲେ ତୁପି ଦେସନ୍ । ସେଥିର୍ ଲାଗି ଇ ଚାର୍ହି ଦଣ୍ଡ ବା ବାଡ଼ିର୍ ଭୂମିକା ମୁଖ୍ୟ ଆଏ ଆର୍ ଦଣ୍ଡର୍ ନାମ୍‌କରନ୍ ବି ହେଥିର୍ ଲାଗି ହେଇଥିବାର୍‌ଟା ଯଥାର୍ଥ ବାଗିର୍ ଲାଗ୍‌ସି । ଭକ୍ତ ମାନ୍‌କର୍ ଗୁଟେ ଗୋଡ଼ ଟେକି କରି

କରୁଥିବାର୍ ଦଣ୍ଡ ନମସ୍କାରକେ ବି ଦେଖିଲେ ଇତାର୍ ଯଥାର୍ଥତାଟା ଜନା ପଡ଼ସି । ଯେହେତୁ ଇଟା ପ୍ରଭୁ ଶିବଙ୍କର ହିଁ ଯାତ୍ରା ଆଏ ପ୍ରଭୁଙ୍କର ତାଣ୍ଡବ ନୃତ୍ୟର୍ ପାଖାପାଖି ହେଇଥିବାର୍ ଲାଗି 'ତଣ୍ଡ' ଶବ୍ଦନୁ ଇଟା ଅପଭ୍ରଂଶ ହେଇ କରି ଦଣ୍ଡ ହେଇଥିବାର୍ ବି ବିଶ୍ୱାସ୍ କରାଯାଏସି । ଡ. ସନ୍ତୋଷ କୁମାର ଶତପଥୀଙ୍କର୍ ମତେ ଶିବଙ୍କର୍ ତାଣ୍ଡବ୍ ନୃତ୍ୟ ସମିଆଥି ମାଟି ପାହା ପକାଲେ କି 'ଦଂ' ଶବ୍ଦ ବାହାର୍ଲା ଆର୍ ପାଦର୍ ଘୁଙ୍ଗ୍‌ରୁ ମାଲ୍‌ଥୁ ଗୁଟେ ହିଟି ଯାଇ କରି ତଲେ ପଡ଼ିଗଲା ଆର୍ ଛିଟ୍‌କି ଯାଇ କରି ମର୍ଦ୍ଦଲ୍‌ଥି ଯେତେବେଲେ ବାଜ୍‌ଲା 'ଡଂ' ଶବ୍ଦଟେ ବାହାର୍ଲା । ବେଲେ ସେ ଦୁହି ଶବ୍ଦ ମିଶି କରି (ଦଂ+ ଡଂ) ଦଣ୍ଡ ଶବ୍ଦର ସୃଷ୍ଟି ହୋଇଥିବାର୍ ଲୋକ୍ ବିଶ୍ୱାସ୍ କର୍ସନ୍ । ଧିରେନ୍ ଦାଶଙ୍କର ମତେ ଦଣ୍ଡ ଶବ୍ଦର 'ଦ' ଅକ୍ଷର୍ ଶିବ କଳା ଆର୍ 'ଡ' ଅକ୍ଷର୍ ଗୌରୀ କଳା ହିସାବେ ଗ୍ରହନ୍ କରାଯାଇଛେ । ଇଟା ଉଭୟ ପୁରୁଷ ଆର୍ ସ୍ତ୍ରୀର ପ୍ରତୀକ୍ ଆଏ । (ଲୋକ୍ ଆର୍ ମାଏକିନା) ସେଥିର୍ ଲାଗି ଇତାକେ ଧୁର୍ବ ଦଣ୍ଡ ବଲି ବି କୁହାଯାଏସି । ଠିକ୍ ହେନ୍ତା କାଳୀ ଆର୍ ରୁଦ୍ର ଶବଦ୍ ମିଶି କରି 'କଳାରୁଦ୍ର' ହେଇଛେ ଆର୍ ଡଁଡ଼ଥି ହେଥିର୍ ଲାଗି ବାରମ୍ବାର 'କଳାରୁଦ୍ର ମଣି କି ଭଜେ' କହୁଥିସନ୍ । ଏନ୍ତା ଦେଖିଲେ ଇତାର୍ ନାମ୍ କରନ୍‌ର କାରନ୍ ଆହୁରି ବି ବହୁତ୍‌ଟେ ଅଛେ ।

ଡଁଡ୍‌ନାଚ୍‌ଥି ଉଭୟ ଶୈବ ଆର୍ ଶାକ୍ତ ଧର୍ମର ଗୁରୁତ୍ୱ ଆମେ ଦେଖିବାର୍‌କେ ପାଇଥିସୁଁ । ଇ ଯାତ୍ରାର୍ ମୁଖ୍ୟ ଶିବପାର୍ବତୀ ଆନ୍ । ଇତାକୁ ଛାଡ଼ି କରି ଆହୁରି 'ନ'ଝନ୍ ଦେବୀ ଯାତ୍ରାଥି ଭାଗ୍ ନେଇଥିସନ୍ । ସେମାନେ ହେଲେ କାଲ୍‌କା, ଦକ୍ଷିନ୍ କାଲୀ, ରୁଦ୍ର କାଲୀ, ରଣଘଣ୍ଟା, ବାଉତି, କ୍ଷେତ୍ରପାଲ୍, ଚଣ୍ଡୀ, ଭୈରବୀ ଆର୍ ଭୁବନେଶ୍ୱରୀ । ଇ ସବୁ ନାଁ ମାଁ ଦୁର୍ଗାଙ୍କର୍ ଭିନ୍ ଭିନ୍ ଲୌକିକ୍ ପୌରାନିକ୍ ତଥା ତାନ୍ତ୍ରିକ୍ ନାଁ ଆଏ ।

ଇ 'ନ' ଝନ୍ ଦେବୀ ଭିତ୍‌ରୁ ତିନ୍‌ଟା ନାଁ ଲୋକଦେବୀ ଭାବେ ଉଡ଼ିଶାନ ପୂଜା ପାଉଛନ୍ । ସେମାନେ ହେଲେ ରଣଘଣ୍ଟା, ବାଉତି ଆର୍ କ୍ଷେତ୍ରପାଳ । କାଳୀ (କାଳିକା, ରୁଦ୍ରକାଳୀ, ଦକ୍ଷିନ୍ କାଳୀ) ଭୈରବୀ ଆର୍ ଭୁବନେଶ୍ୱରୀ, ଇମାନେ ଦଶ ମହାବିଦ୍ୟା ଭିତରୁ ହିଁ ତିନ୍ ଝନ୍ ଆନ୍ । ଇଠାନେ ଦେଖିଲେ ଝନେ ଏଁର୍‌ରା ଦେବ୍‌ତା ଶିବ ମାଁହାପୁରୁ ସାଙ୍ଗେ ପାର୍ବତୀକେ ମିଶେଇ କରି ଦଶ୍ ଝନ୍ ଦେବୀ ଭାଗ୍ ନେଉଛନ୍ । ଇ ସବୁ ଦେବୀ ଶକ୍ତି ଭାବେ ଉଭା ହେଇଛନ୍ । ହେଥିର୍ ଲାଗି ଇ ଦଶି ଦେବୀଙ୍କୁଁ ତନ୍ତ୍ରର୍ ଦଶ ମହାବିଦ୍ୟା ବି ଗ୍ରହନ୍ କରଯାଇ ପାର୍ବା ।

ମର୍ତେ ଝାମୁଯାତ୍ରା ହଉଥିବାର୍ ଦେଖି କରି ଶିବ ଆର୍ ଠହରି ନାଇଁ ପାର୍ଲେ, ଏକ୍‌ଲା ବାହାରି ପଡ଼ିଲେ ଦେଖି । ହେଲେ କିହେ ଶିବଙ୍କୁଁ ଚିହ୍ନି ନାଇଁ ପାର୍ଲେ । କେନ୍ ବାବାଜୀଟେ ବୁଲୁଛେ ବଏଲେ, ଯେହେତୁ ମାତା ପାର୍ବତୀ ସାଙ୍ଗେ ନାଇଁନ । ଶକ୍ତିଙ୍କର ବିନା ଶିବଙ୍କର୍ ବି ଅସ୍ତିତ୍ୱ କଲ୍ପନା କର୍ବାର୍‌ଟା ବେକାର୍ ଆଏ । ତା ପରେ ସେ ପାର୍ବତୀକେ ଡାକ୍‌ଲେ –

"ବେଗେ ଆସ ତୁ ଝଟତି ଗୋ ହୈମବତୀ
କରିବା ଝାମୁ ଯାତ୍ରା ରୀତି....
କରିବା ଏଠାରେ ଝାମୁ ଯାତ୍‌ରା...
ତେଣୁ କରି ପାର୍ବତୀ ଗୋ କରୁଛି ନୁରା...
ଶିବ ବୋଲନ୍ତି ଗୋ ଶିବା, ଝାମୁଯାତ୍ରା ଭିଆଇବା
ସଂସାରେ ଦେଖିବେ ନର, ଜଗତେ ହେବ ପ୍ରଚାର
ଆମ୍ଭ ଯଶ ରାଶି ହେ ଆମ୍ଭ ଯଶ ରାଶି
ଦେଖି ସଭା ଜନେ ହେବେ ମହାଖୁସି ।
ମାତା ପାର୍ବତୀ ରାଗ୍ ହେଇଗଲେ ଘରେ ଖାଏବାର୍
ଲାଗି କିଛି ନାଇଁ ନ ବଢ଼େ ଯାତ୍ରା ଦେଖା ହେଇଛ..
ଏନ୍ତା ଗାଲି ଦେଇ କରି ପାର୍ବତୀ କହେଲେ –
ଗୁଞ୍ଜୁ ମୁହାଁ ତମେ ଖାଇଛ ଗଞ୍ଜାଇ ଧୂଆଁ
ଘରେ ଖାଏବାର୍‌ଟା କିଛି ନାଇଁ ଛୁଆ କରୁଛନ୍ କୁଆଁ କୁଆଁ"

ଶିବ ମାହାଁପୁରୁ ବିର୍ଝି ଗଲେ ଗାଁର୍ ଚଷା ପିଲା ଲେଖେଁ ଗାଲିଦେଲେ ..

"ଘର କରା ରୀତି ନ ଜାଣୁ ଅସତୀ
ତୋ ପରା ଘରଣୀ ନାହିଁ ଦରକାର...
ନ ରଖିବି ଆଜି ତୋତେ ଛାଡ଼ି ଦେବି
ନ ରହିବି ଘରେ ଯିବି ଅରଣ୍ୟରେ
ବ୍ରହ୍ମଜ୍ଞାନ ଜପୁଥିବି... ।।"

ଏନ୍ତା ଦୁହି ଲୁକ ଗାଲି ଲାଗି ବସ୍‌ସନ । ଶିବ ପାର୍ବତୀ ଯେନ୍ ଗାଲି ଲାଗ୍‌ସନ୍ ସେଟା ସାଧାରନ୍ ଗଅଁଲିଆ କଥା ହିଁ ରହିଥିସି । ଶିବ ଝନେ ଗଅଁଲିଆ ଲୋକ୍ ଆର୍ ପାର୍ବତୀ ଝନେ ଗଅଁଲି ମାଏକେନା ଲେଖେଁ ଥିସନ୍ । ଗଣେଶ୍ ଯେ ପଏର୍ଛା ଭକୁଆ ମୁରୁଖ୍ ବାଗିର୍ ଅଭିନଏ କରସନ୍ । ଶିବର୍ ମୁଡ଼େ

ଜଟା ଦେଖି କରି ମାଁ ପାର୍ବତୀକେ ଗଣେଶ୍ କହୁଛନ୍ "ମାଁ ଗୋ ମୋର୍ ବୁଆର୍ ମୁଡ଼େ ମୁନ୍‌ଗା ଫଲିଛେ" । ହାସ୍ୟ ରସ୍‌କେ ଭର୍‌ବାର୍ ଲାଗି ସେନୁ ଗଣେଶ ଆର୍ କାର୍ତ୍ତିକକେ ନିଆ ଯାଇଛେ । ଇ ପଦେ ସେମାନ୍‌କର୍ ସରଲ୍‌ତା ବାଲୁତ୍ ପନ୍‌ଟା ଆମେ ଠହରେଇ ପାର୍ମା... କାର୍ତ୍ତିକ କହୁଛନ୍ -

"ମାଁ ମୋର୍ ଗୋ ଦୁ ଦୁ ଦେଇ ଯା ମତେ
ଶୁଇ କରି ମୁଇଁ ଇହାଦେ ଉଠୁଛେଁ
ଭୁଖେ ପେଟ୍ ସନ୍ଧିଗଲାନ ହାତେ
ମାଁ ମୋର୍ ଗୋ... ।
ମାଁ ମୋର୍ ଗୋ ଛାଡ଼ି ଆଇଲୁ ସିନେ
ଶୁଇ ପଡ଼ି ଥିଲିଁ ବଲଦ୍ ଗୁହାଲେ
ଗୁଁଡ଼ିଆ ଚାବ୍‌ଲା ଡେବ୍‌ରି କାନେ
ମାଁ ମୋର୍ ଗୋ.. ।।"

ଏନ୍ତା ଭିତରେ ଶିବ ପାର୍ବତୀର୍ ଗାଲି ଗୁହେର୍ ବଢ଼ି ଯାଏସି, ସିଧା ଛାଡ଼୍‌ପତର୍ ତକ୍ ବି କଥା ଯାଏସି । ଶେଷେ ସିଧା ସର୍ବଂସହା ମାଁ ପାର୍ବତୀ ମୋର୍ ଭୁଲ୍ ଆଏ ସବୁ ବଲି ସୀଉକାର୍ କରି ନେସନ୍ ଆର୍ କଥାଟା ପଟି ଯାଏସି । ତେଥିର ଶିବ ବି ବୁଝି ପାର୍ସନ୍ ଯେ ମୋର୍ ପରିବାର୍ ପୁଷ୍‌ବାର୍ ବି କିଛି ଦାୟିତ୍ୱ ଅଛେ । ତାର୍ ପରେ କାଣା ଖାଏମା, କାଣା ପିଇମା, ବଁଚ୍‌ମା କେନ୍ତା ଚିନ୍ତା କରି ବସ୍‌ସନ୍ ଆର୍ ପାର୍ବତୀକୁଁ କହେସନ୍ ତମେ ହେଲେ ବୁଧି ବୁଧା ଟିକେ ଦିଅ । ମୁଇଁ ତ ଭୁଲାଟା କିଛି ନାଇଁ ଜାନେ । ବୁଧି ଥିଲେ ମୁଇଁ ସବୁଯାକ ଦାନ୍ କରି କରି ଇନୁ ବାବା ହେଇ କରି ଆର୍ ବସିଥିତି କାଏଁ । ସ୍ୱୟଂ ଯେ ବ୍ରହ୍ମଜ୍ଞାନର୍ ଅଧିକାରୀ ସେ ଝନେ ସାଧାରନ୍ ଚଷା ପୁଓ ଲେଖେଁ ନିଜ୍‌କେ ସମର୍ପି ଦେସନ୍ ମାଁ ପାର୍ବତୀଙ୍କର୍ ପାଖେ ।

ସ୍ୱୟଂ ମହେଶଃ ଶ୍ୱଶୁରୋ ନଗେଶଃ
ସଖା ଧନେଶସ୍ତନୟୋ ଗଣେଶଃ
ତଥାପି ଭିକ୍ଷାଟନମେବ ଶଂମ୍ଭୋ
ର୍ବଲିୟସୀ କେବଳ ମିଶ୍ୱରେଚ୍ଛା ।।

ଶିବ ସ୍ୱୟଂ ଇଶ୍ୱର ଆନ୍, ତାକର୍ ଶଶୁର୍ ପର୍ବତ୍ ମାନ୍‌କର୍ ସ୍ୱାମୀ ଆଏ, ତାକର୍ ଘନିଷ୍ଟ ମିତ୍ ଧନ୍‌ପତି କୁବେର୍ ଆଏ ପୁଓ ଗଣେଶ ଯେ ଗଣ ବା ଦେବ୍‌ତା ମାନ୍‌କର୍ ସ୍ୱାମୀ ଆଏ ତାର୍ ପରେ ବି ଶିବ ଭିକ୍ଷା ମାଗି ଯାଏସନ୍ । ଇନୁ ଯନା ପଡ଼୍‌ସି ଯେ ଇଶ୍ୱରଙ୍କର ଇଚ୍ଛା ହିଁ ସବୁଠାନୁ ବଲ୍‌ବାନ୍ ଆଏ ଆରୁ ପ୍ରାରବ୍ଧ କାହାକେ ନାଇଁ ଛାଡେ ।

ଇ ସବୁକେ ଦେଖି କରି ମାଁ ପାର୍ବତୀ ଶିବଙ୍କର୍ ଭିଖି ମଗାକେ ବାରନ୍ କର୍ବାର୍‌କେ ଯାଇ କରି ଆମେ ନିଜେ କେନ୍ତା ଆମ୍ଭ ନିର୍ଭର ହେମା, ସେ ବୁଧି ବାଟ୍ ବତାବାର୍ ଚେଷ୍ଟା କରିଛନ୍ । କେନ୍ତା କଲେ ଶିବ ଚାଷ୍ କରବାର୍ ଲାଗି ରାଜି ହେବେ କାର୍‌ଠାନୁ କାଣା କାଣା ଆନ୍‌ବେ ଯେନ୍ ସାଧନ୍ ସବୁ ଚାଷ୍ କାମ୍ ଲାଗି ଦର୍କାର୍ କେନ୍ କେନ୍ ଲୋକ୍ ତାହାକୁଁ ଇ ଚାଷ୍ କାମ୍‌ଥି ସାହାଯ୍ କରି ପାର୍ବା ସେଥିର୍ ଗୁଟେ ସୁଚନାର୍ ସାଙ୍ଗେ ଉତ୍ତମ ବିଚାର୍‌ଟେ ଶିବଙ୍କର ଆଘେ ରଖିଛନ୍ । ପାର୍ବତୀ କହୁଛନ୍ :-

ରାମାତ୍ ଯାଚୟ ମେଦିନୀଂ ଧନପତେଃ
ବୀଜଂ ବଳାତ୍ ଲାଙ୍ଗଳଃ
ପ୍ରେତେଷାନ୍ମହିଷଂ ତବାସ୍ତି ବୃଷଭଃ
ଫାଳୋ ତ୍ରିଶୂଳଂ ତବ ।।
ସକ୍ତାହଂ ତବ ଚାନ୍ନ ଦାନ କରଣେ
ସ୍କନ୍ଦୋସ୍ତି ଗୋ ରକ୍ଷଣେ
କ୍ଷିନ୍ନା ହଂ ତବ ଭିକ୍ଷୟା କୁରୁ କୃଷି
ଗୌରୀ ବଚଃ ପାତୁବଃ ।।

ପାର୍ବତୀ କହୁଛନ୍, ହେ ସ୍ୱାମୀ ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ରାଜମଣି ଆନ୍ ଯେହେତୁ ତାଙ୍କର୍‌ଠାନୁ କିଛି ଚାଷ୍ ଜମି ଆନୁ, ଧନ୍‌ପତି କୁବେର୍ ସବୁ ବିହନ୍ ଭଣ୍ଡାରର୍ ମାଲିକ୍ ଆନ୍ ତାକର୍‌ନୁ ବୁନାବୁନି କର୍ବାର୍‌କେ କିଛି ବିହନ୍ ଆନୁ, ହଲ୍ ମୂଷଲ୍‌ଧାରୀ ବଲରାମ୍‌ଙ୍କର ଠାନୁ ତାକର୍ ନଙ୍ଗଲ୍‌ଟା ନେଇଆସୁଁ ଆର୍ ତମର୍ ତିର୍‌ଶୁଲ୍‌କେ ସେଥି ଲୁହା କରି କରି ଲଗେଇ ଦଉଁ । ପ୍ରେତପତି ଯମ୍ ଠାନେ ପଟେ ଭଇଁଷ୍ ଅଛେ ଆର୍ ଆମର୍‌ନୁ ପଟେ ବୃର୍ଷଭ ଅଛେ ଇ ଦୁହିକୁ ଫାନ୍ଦି ଦେଲେ ଜମି ଚାଷ୍ କର୍ବାରଥି ଗଲେ କିଛି ଅସୁବିଧା ନାଇଁ ହୁଏ । ମୁଇଁ ତୁମ୍‌କୁ କେଡ଼େ ସୁନ୍ଦର୍ ରାନ୍ଧିବାଢ଼ି କରି ଦଉଥିମି ଆର୍ କାଏଁ ଚିନ୍ତା । ବଡ଼ ପୁଅ କାର୍ତ୍ତିକ ଆମର୍ ଗାଏ ଦାମୁର୍ ସବୁ ଚରାବା । ହେଥିର୍ ଲାଗି ଆର୍ ଭିକ୍ ନାଇଁ ମାଗି କରି ଆମେ ଚାଷ୍‌ବାଷ୍‌ଥି ଧ୍ୟାନ ଦେଲେ କେଡ଼େ ବନେ କବାର୍‌ଟେ ହେତା ଆମ୍‌କୁ ଆର୍ କିହେ ଉଘେଇ କରି କଥା ନାଇଁ କହି ପାର୍ତେ ।

ପାର୍ବତୀ - ଚାଷ ଯାର ନାହିଁ ବାସ ତାର ନାହିଁ, ଚାଷୀ ଜଗତରେ ଜଣେ

ଆପେ ଚାଷ କଲେ ସୁଖରେ ରହିବ ନାଥ, ଗୃହେ ବସିବ ଆପଣେ ।

ଶିବ - ଚାଷ କରିବାକୁ ଯେବେ ଯିବି ବୋଲାଇ ବଳଦ କାହୁଁ ପାଇବା
ଘରେ ଧନ ନାହିଁ କେମନ୍ତ ପ୍ରକାରେ ଗୋ, ଚାଷ ଜୀବିକା କରିବା ।।

ପାର୍ବତୀ - ଆମ୍ଭର ହଡ଼ା ବୃଷଭ ଅଛଇ, ସେ ହେବ ହଲକୁ ପଟେ
ଯମ ଠାରୁ ପୁଣି ମଇଁଷି ଆଣିବା, ନାଥ ଚଷିବା ବୃକ୍ଷ ସହିତେ ।

ଶିବ - ଏବେ ନିଜ ଯେବେ ବଳଦ ହୋଇବ, ଲୁହା ପାଇଁ ଭାଲ କାହିଁ
କଉଡ଼ି ନ ଦେଲେ କିଏ ତାହା ଦେବ ଯେ, ମୋ ମନକୁ ନ ଆସଇ ।

ପାର୍ବତୀ - ମହା ଦାରୁ ବଳରାମଙ୍କୁ ମାଗିବା, ସେ ଦେବେ ହଳ ଲଙ୍ଗଳ
ତ୍ରିଶୁଳ ତୁମ୍ଭର ବସି ଗଡ଼ାଇବ ଯେ, ସେ ହୋଇବ ଲୁହା ଫାଳ ।

ଶିବ - ଜମି କାହାଠାରୁ ମାଗିବା ମିତଣୀ, କିଏ ସେ ଦେବ ବିହନ
ହଳିଆ ହୋଇକେ ହଳ ବୁଲାଇବ ଯେ, ସତ କହ ପ୍ରାଣଧନ ।

ପାର୍ବତୀ - ଶ୍ରୀରାମଙ୍କ ଠାରୁ ଜମି କିଛି ମାଗି, କରିବା ଯେ ଚାଷ ବୃତ୍ତି
କୁବେର ଭଣ୍ଡାରୁ ବିହନ ଆଣିବା ନାଥ, ହଳିଆ ତୁମ୍ଭେ ହେବଟି ।

ଝନେ ଭୁକ୍ତା ପାର୍ବତୀ ବାହାରି କରି ଇ କଥାକେ ଗୀତେ ଗାଇ ଗାଇ ଆସ୍‌ବେ...

ଉମା ଈଶ୍ୱରଙ୍କୁ ଚାହିଁଣ ବୋଲନ୍ତି
ଏବେ ମୋର ବୋଲକର,
ବାବା ବନିଜରେ ପେଟ ନ ପୂରଇ ହୋ
ଚାଷକୁ ଆରମ୍ଭ କର ।
ଖେତ ଖଣ୍ଡେ ଧରି ଦେଇ ଆରି କିରି
ପୁଣିବାଙ୍କ ବାଙ୍କ ଡୁଲି,
ଖଲିଆ ମାଟିରେ ଖତଖାଇ ଦେଲେ
ଧାନ ଫଳିବ ଝୁମୁରି ।
ଗଜା ହେଲା ଧାନ କରିବା ଯତନ
ସୁଆଁଲି ସମନା ଘିଚି,
ଲଟା ଗଡ଼ ଗଡ଼ ହେଲେ ଝାଡ଼ଝୁଡ଼ ଯେ
ଯତନେ ପକାଅ ବାଛି ।
ଘିଡ଼ି ଘିଡ଼ି କରି ବିଲରେ ବୁଲିବ
ଘଡ଼ିଏ ନ କରି ଛିନା,
ପାଣି ବାନ୍ଧି ଦିଅ ମାଟି କୁହି ଥାଉ ହୋ
ଆଶ୍ୱିନେ ବୁଣିବା ଚନା ।।

ଆର୍ ଝନେ ଭୁକ୍ତା ଶିବ ଭୂମିକାରେ ଆସି କରି ଚାଷ୍ କର୍ବାର୍ ଲାଗି ରାଜି ହେଇ କରି କହିଥିସନ୍ :-

ଉମା ମୁଖୁ ଶୁଣି ସିଦ୍ଧେଶ୍ୱର ବାବା ଯେ
ଚାଷକୁ ଆରମ୍ଭ କଲେ
କହୁଛନ୍ତି ହର କେ ଅଛି ବାହାର
ସାହା ମୋତେ ହୁଅ ଭଲେ ।
କୃଷିକ୍ଷେତ୍ର ଆମ ରହିଛି କେଉଁଠି
ଶୀଘ୍ର ଶୀଘ୍ର ଯିବା କୁହ
କାହା ଠାରେ ଅଛି ବୃଷଭ ମଇଁଷି
ହଳ ଗୋଟି ମତେ ଦିଅ ।
ଛଟା ହଳ କଲି ବାଛି ନାମ ଦେଲି
ପଟେ କଇରା କସରା
ସଉରା ହଳିଆ ଭାଙ୍ଗିଲା ଦଉରା ଯେ
ସାଉକାର ଯେ ଭୁଲିଆ ।।

ଇ ପର୍କାରେ ଚାଷର୍ କାଣା ଦର୍କାର୍ ଅଛେ, କେନ୍ତେଇ କରି ଚାଷ୍ କର୍‌ସନ୍ । ଧାନ୍ ହେଇ ସାର୍ଲା ପରେ ସେହି ଖେତେ ଫେର୍ ମୁଗ୍, କୁଲୁଥ୍, ଚନା କେଭେ କେନ୍ତା କରି ବୁନ୍‌ସନ୍ ଇ ସବୁ ବିଷେଥି ଶିବ ପାର୍ବତୀ ସବୁ ବତେଇ ଦେସନ୍ ଚାଷୀ ଯେତେବେଲେ ଖେତେ ଚାଷ୍ କରୁଥିସି ତାର୍ ମାଏପୋ ଖାଏବାର୍ ଭାତ୍ ପଖାଲ୍ ଖେତ୍‌କେ ଆନି ଦେସି । ସାଧାରନ୍ ମାଏକିନା ଘରର୍ ଘର୍‌ନି ହିସାବେ ପାର୍ବତୀ ବି ଶିବଙ୍କର୍ ଲାଗି ପଖାଲ୍ ଆନି ଦେସନ୍ । ଆରୁ ଆଏର୍ ତରାର୍ ଗଛ୍ ତଲେ ଠିଆ ହେଇ କରି ଶିବଙ୍କୁ ଡାକ୍ ପକାସନ୍.. ହଗୋ କାର୍ତ୍ତିକର୍ ବୁଆ ଆସ ଗୋ ପଖାଲ୍ ଖାଏବ, ଶିବ ନାଇଁ ଶୁନନ୍ ଫେର୍ ଡାକ୍‌ସନ୍ ହଗୋ ଗଣେଶର୍ ବୁଆ ଆସଗୋ ଥିର୍ ପିବ.. ତେଥିରୁ ଗୀତ୍ ଆକାରେ ଗାଏସନ୍....

ଆସ ଆସ ବାବୁର୍ ବୁଆ ପଖାଲ ଖାଇ ତ
ଆସ ଆସ ବାବୁର୍ ବୁଆ...
ରାନ୍ଧିଥିଲି ମୁଗଦାଲି ରାନ୍ଧିଥିଲିଁ ମୁଗ ଦାଲି
ସିଝିଲା ନାଇଁ ତ...
ଆସ ଆସ ବାବୁର୍ ବୁଆ... ।।

ଠିକ୍ ଦୁଇପହରେ ଯେତେବେଲେ ପାଏନ୍‌ଡଁଡ୍ ଭଙ୍ଗା ହେସି ତାର୍ ମୂଲ୍ କଥାବସ୍ତୁଟା ହିଁ ଚାଷ୍ ଆଏ । ମୁନୁଷ୍ ଜୀବନ୍‌ଥି ଚାଷ୍ ହିଁ ପହେଲା କାମ୍ ଆଏ ନାହେଲେ ଭୁଖେ ମର୍ବାର୍ ଟା ସାର୍ ଆଏ । ଶିବ ପାର୍ବତୀକେ ଚାଷର୍ ଦେବ୍‌ତା ଭାବି କରି ପୂଜା କରାଯାଏସି ଆର୍ କୃଷିଭିତ୍ତିକ୍ ଚରିତ୍ରରେ ପାଏନ୍ ଡଁଡ୍ ଭାଙ୍ଗ୍‌ଲା ବେଲେ ପରିବେଷନ୍ କରାଯାଏସି ।

ଚାଏର୍‌ଝନ୍ ଭୁକ୍ତା ଦୁଇ ପହରର୍ ଠାଡ୍‌ଖରାଥି ମାଏଟ୍ ଉପରେ ଚାଏର୍ କୁନିଆଁ ହେଇ କରି ଶୁଇଥିସନ୍ ଆର୍ ଗୋଡ୍ ମୁଡ୍ ଯୁରି କରି ଗୁଟେ ଖେତର୍ ଆକାର୍‌ଟେ ବନାସନ୍ । ଦୁଇ ଝନ୍ ଭୁକ୍ତା ବଲଦ୍ ହେସନ୍ । ଝନେ ହଲିଆ ହେସନ୍ । ଇଠାନେ ଶିବ ନିଜେ ହଲିଆ ହେଇ କରି ଚାଷ୍ କାମ୍ କର୍‌ସନ୍ । ଧୁଇଲ୍‌ଥି ଖେତ୍ କରି କରି ଧାନ, ମୁଗ, ବିର୍ହି, କୁଲୁଥ୍ ସେନୁ ବୁନ୍‌ବାର୍‌ଟା, ପାଏନ୍ ଧରାବାର୍‌ଟା, ସାର୍ ଉଷୋ ଦେବାର୍‌ଟା, ଲଟା ବାଛ୍‌ବାର୍‌ଟା, ଗୁଡ଼ି ପଥର୍ ବେଟ୍‌ବାର୍‌ଟା ଆର୍ ଶେଷ୍‌କେ ଅମଲ୍ କର୍ବାର୍‌ଟା ବି ସେନୁ ପରିବେଷନ୍ କରାଯାଏସି ।

ଇ କୃଷିଭିତ୍ତିକ ସମାଜ୍‌ଥି ଶିବ ପାର୍ବତୀଙ୍କୁ ସାଧାରନ୍ ଚାଷୀ ଭାବେ ଚିତ୍ରନ୍ କରି କରି ସାମାଜିକ ବିଧି ବେବସ୍ଥାଥି ଚାଷ୍ କାମ୍‌ର କେତେ ମହାନତା ତଥା ଆବଶ୍ୟକତା ଅଛେ ସେଟାକେ ଜନେଇ ଦିଆଯାଇଥିସି । ଇ ସମିଆଥି ସବୁ ନିପଟ୍ ଗାଉଁଲି ଆର୍ ଗାଁର୍ ଚରିତ୍ରକେ ଗାଁର୍ ଘଟ୍‌ନା ମାନ୍‌କୁ ଉପସ୍ଥାପନ୍ କରାଯାଇଥିସି । ତାର୍ ସାଙ୍ଗେ ମହୁଲ୍‌ର ପରିଚଏ, ତାର୍ ଗୁନ୍, ତାର୍ କାମ୍, ଉପକାର୍, ଉପଯୋଗ୍, ଆର୍ ଖାଏବାର୍‌କେ ବେଭାର୍ କର୍‌ବାର୍ ତରିକା ସବୁ ବର୍ଣ୍ଣନା କରାଯାଇଥିସି । ଯେହେତୁ ମହୁଲଟା ଆମର୍ ଅଂଚଲ୍‌ର ଗୁଟେ ବଡ଼ ଉପକାରୀ ଫସଲ ଆଏ ଆର୍ ଇଟା ଠକୋ କଲା ସେ ଚଇତ୍ ମାସେ ହିଁ ହେଇଥିସି ।

'ମହୁଲର୍ ଭାବ ମିଠେଇରେ
ନାତି ଖାଏଲେ ଛାଡ଼୍‌ବୁ ନାଇଁ ।'

ତାର୍ ପରେ ଭୁକ୍ତାମାନେ ତାକର୍ ଥକାନ୍ ମେଟାବାର୍ ଲାଗି ତରଭୁଜ୍, କାଁକେର୍ ବାଗିର୍ ପାଏନ୍ ବେଶି ଥିଲା ଫଲ୍ ଖାଏବାର୍‌ଟା ଦେଖ୍‌ବାର୍‌କେ ମିଲ୍‌ସି । ଶେଷ୍‌କେ ଶିବ, ପାର୍ବତୀ, ଛତର୍ ବଏରଖ୍ ଧରି କରି ଯେନ୍‌ଠାନେ ଡେରା କରିଥିସନ୍ ସେନ୍‌କେ ଯାଏସନ୍ । ଏତ୍‌କି ଭିତ୍‌ରେ ତାକର୍ ଧୁଇଲ୍ ଡଁଡ୍ ଆର୍ ପାଏନ୍ ଡଁଡ୍‌ଟା ସର୍‌ସି । ଫେର୍ ରାଏତ୍ ହେଲେ ସୁଆଙ୍ଗ ଡଁଡ୍ (ଷୁହ୍ଲ ସୁଆଙ୍ଗ) ଟା କର୍‌ସନ୍ ଆର୍ ଆର ଦିନ ସଖାଲୁ ଫେର୍ ଅଲଗା ଗାଁକେ ବାହାରି ଯାଏସନ୍ ।

"ଆମେ ଯାଉଛୁଁ ଆମର୍ ଦେଶ କୁଇଲି ରସ
ଆମେ ଯାଉଛୁ ଆମର ଦେଶ ।"

- ଗଉରଗୋଠ, ଦେଓଗାଁ, ଧମା
ସମ୍ବଲପୁର
ମୋ : ୯୯୩୭୩ ୧୭୩୨୧

**ତଥ୍ୟାଧାର -**

ଶ୍ଳୋକ ୧ - ଭର୍ତ୍ତୃହରି ନୀତିଶତକ
ଶ୍ଳୋକ ୨ - ବ୍ରହ୍ମବୈବର୍ତ୍ତପୁରାଣ (ଗଣେଶ ଖଣ୍ଡ)

**ଗୀତ ସହାୟକ -**

କ. ପ୍ରକାଶ ପ୍ରଧାନ (ଖୁବେଲ ଦଣ୍ଡନୃତ୍ୟ ଦଳ)
ଖ. ଚୌଧୁରୀ ବାଗ (ଖୁଣ୍ଡା ଦଣ୍ଡନୃତ୍ୟ ଦଳ)
ଗ. ବଂଶୀଧର ସେଠ (ଡକରା ଦଣ୍ଡନୃତ୍ୟ ଗୁରୁ)
ଘ. ପରମାନନ୍ଦ ଦେହୁରୀ (ଗଇଲମୁଣ୍ଡା ଦଣ୍ଡନୃତ୍ୟ ଦଳ)

# ପଶ୍ଚିମ ଓଡ଼ିଶା ଦଣ୍ଡନାଟରେ ପଞ୍ଚ ସଂସ୍କୃତି ସୌରଭ

● ଡ. (ଇଂ) ସଞ୍ଜୟ କୁମାର ପଣ୍ଡା

ଅରଣ୍ୟ ସଭ୍ୟତାରେ ଗୁମ୍ଫାମୟ ଜୀବନ ଅତିବାହିତ କରୁଥିବା ମନୁଷ୍ୟ ନିଜର ସଂଘର୍ଷମୟ ଜୀବନାନୁଭୂତିକୁ ପାଥେୟ କରି ଅଗ୍ରସିତ ହେଉଥିବା ବେଳେ ପ୍ରତ୍ୟକ୍ଷ ଅବା ପରୋକ୍ଷ ଭାବେ ପ୍ରକୃତି ଉପରେ ନିର୍ଭରଶୀଳ ହୁଏ । ପ୍ରକୃତିର ସହଯୋଗରେ ନିଜର ଯନ୍ତ୍ରଣା ଲାଘବ କରିବାର ଆଶା ଓ ଆକାଂକ୍ଷାକୁ ଉଜ୍ଜୀବିତ କରି ସମର୍ପଣ ମନୋଭାବ ନେଇ ପ୍ରକୃତି ଉପାସନାରେ ବ୍ରତୀ ହେବା ଆରମ୍ଭ କଲା । ପଞ୍ଚଭୂତରୁ ନିଜର ଜୀବନ ଓ ଜୀବିକା ଉପାର୍ଜନ କରି ପ୍ରାପ୍ତ ଦ୍ରବ୍ୟକୁ ହିଁ ଭକ୍ତିଭାବରେ ଅର୍ପଣ କରୁଥିଲା ପ୍ରକୃତିକୁ । ଏହି ନିବେଦନରୁ ସୃଷ୍ଟି ହେଲା ସଂସ୍କୃତି । ମୁଖନିସୃତବାଣୀ ହେଲା ତା ପାଇଁ ବେଦ । ପ୍ରକୃତି ହେଲା ବେଦୋକ୍ତ ଦେବାଦେବୀ । ମାନସିକ ସମର୍ପଣ ହିଁ ଭକ୍ତି ନୈବେଦ୍ୟ । ଏହି ବାଣୀ ସମଗ୍ର ମାନବ ଜାତିର ଆତ୍ମାନୁଭୂତି ଭିତ୍ତିକ ଗଭୀର ନିବେଦନ ଥିବାରୁ ଏହାକୁ ଲୋକବାଣୀ ଓ ଲୋକବେଦ ନାମେ ଆଖ୍ୟାୟିତ କରାଗଲା ଏବଂ ସାମାଜିକ ଜୀବନଚର୍ଯ୍ୟାର ସାମଗ୍ରିକ ପରିପ୍ରକାଶକୁ ନେଇ ଲୋକସଂସ୍କୃତିର ଭିତ୍ତିଭୂମି ଜାଗ୍ରତ ହେଲା ।

ଲୋକସଂସ୍କୃତିର ପ୍ରକୃତି ପୂଜା ଅତ୍ୟନ୍ତ ସ୍ୱଚ୍ଛ, ନିର୍ମଳ ଓ ଭାବୋଦ୍ଦୀପକ ଥିଲା । ଏହି ପ୍ରକରଣରୁ ବୃକ୍ଷ, ପ୍ରସ୍ତର, ଜଳ, ଅଗ୍ନି, ବାୟୁ, ଆକାଶ ଓ ଜାଗତିକ ପଦାର୍ଥର ପୂଜାବିଧି ପାଳନ ପୂର୍ବକ ବିଭିନ୍ନ ପର୍ବପର୍ବାଣି, ପରମ୍ପରାର ସ୍ରୋତ ଉଦ୍ରେକ ହେଲା । ନିଜର ଆନନ୍ଦ ଉଲ୍ଲାସ, ଯନ୍ତ୍ରଣା, କଷ୍ଟାଦିକୁ ଲାଘବ କରିବା ସହ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ଜାଗ୍ରତ କରିବାକୁ ନୃତ୍ୟ, ଗୀତ, କ୍ରୀଡ଼ା ଆଦିର ସହାୟତା ନେଲା ମାନବ । ଏହି କ୍ରମରେ ଲୋକସାହିତ୍ୟର ଅବୟବ ବହୁଗୁଣିତ ହୋଇ ସଭ୍ୟତା ବିକାଶର ନବଦିଗନ୍ତ ସର୍ଜିତ ହେଲା ।

ଓଡ୍ରାଞ୍ଚଳ, ମହାନଦୀ ଅବବାହିକା ବା ପଶ୍ଚିମ ଓଡ଼ିଶା ହିଁ ଅଟବି ସଭ୍ୟତାର ପ୍ରକୃଷ୍ଟ ଉଦାହରଣ ଥିବାରୁ ଏହାର ମୂଳ ଅଧିବାସୀଙ୍କ ପ୍ରାଚୀନ ଲୋକନୃତ୍ୟ ଭାବେ ଦଣ୍ଡ ନୃତ୍ୟ ପଶ୍ଚିମ ଓଡ଼ିଶାର ଭବ୍ୟ ଲୋକସଂସ୍କୃତିକୁ ଉଚ୍ଛାଟିତ କରୁଛି । ଇତିହାସ ପୃଷ୍ଠା ଅବଲୋକନ କଲେ ଏହା ସ୍ପଷ୍ଟ ଜ୍ଞାତ ହୁଏ ଯେ, ହିନ୍ଦୁ ଧର୍ମ ମୁଖ୍ୟତଃ ନିଗମବାଦକୁ ନେଇ ପ୍ରବର୍ଦ୍ଧିତ ହୋଇଥିଲା । ଶୂନ୍ୟ ବ୍ରହ୍ମକୁ ପୂଜାର୍ଚ୍ଚନା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ 'ଆଗମ' ସମ୍ପ୍ରଦାୟ ଉଜ୍ଜୀବତ ହୋଇ ମୂର୍ତ୍ତିପୂଜା ପ୍ରଚଳନ ହେଲା । ଅତ୍ୟନ୍ତ ପ୍ରାଚୀନ କାଳରୁ ବନଜାତି ସ୍ତମ୍ଭ ବା ଖମ୍ବର ପୂଜାର୍ଚ୍ଚନା କରୁଥିଲେ । ଖ୍ରୀ.ପୂ. ପଞ୍ଚମଶତାବ୍ଦୀରୁ ବୌଦ୍ଧ ଧର୍ମର ପ୍ରଚୁର ପ୍ରସାର ଥିଲା । କାଳକ୍ରମେ ବ୍ରାହ୍ମଣ୍ୟବାଦର ପ୍ରାବଲ୍ୟ ହେତୁ ବିଲୀନମୁଖୀ ବୌଦ୍ଧ ଧର୍ମ ଶୈବ ଓ ଶକ୍ତ ସଂସ୍କୃତିରେ ମିଳିତ ହେଲା ଏବଂ ବୌଦ୍ଧ ଧର୍ମର ସହଜଯାନୀ ଦେବାବେଦୀ ହିନ୍ଦୁ ଧର୍ମରେ ପୂଜିତ ହେବାକୁ ଲାଗିଲେ । ଏହିଠାରୁ ହିଁ ଶୈବ, ଶାକ୍ତ ସଂସ୍କୃତିର ଅଭୁତ ଅଭ୍ୟୁଦୟ ହେଲା । ଏଠାରେ ସୂଚନାଯୋଗ୍ୟ ଯେ, ଦଣ୍ଡନୃତ୍ୟ ଲୋକସଂସ୍କୃତିକୁ ନିଦର୍ଶିତ କରୁଥିବା ବେଳେ ସମୟଭିତ୍ତିକ ସାମାଜିକ ଚଳଣିର ପ୍ରଭାବରେ ନିଜର ଆତ୍ମିକ ଗୁଣାବଳୀରେ ପରିବର୍ତ୍ତିତ ହୋଇଛି । ଏହିକ୍ରମରେ ସ୍ତମ୍ଭ ପୂଜା କ୍ରମଶଃ ବୈଦିକ ପୂଜାପଦ୍ଧତିରେ ରୂପାନ୍ତରିତ ହୋଇଥିଲେ ସୁଦ୍ଧା ଲୋକସଂସ୍କୃତି ତାର ମୌଳିକ ସୌରଭ ଅକ୍ଷୁର୍ଣ୍ଣ ରଖିବା ସହ ପରିବର୍ତ୍ତନଶୀଳ ସାମାଜିକ ପଟ୍ଟଚିତ୍ରକୁ ଆଦରି ନେଇ ନିଜର କାୟା ବସ୍ତାରିତ କରି ଦିବ୍ୟତାର ପରିଚୟ ପ୍ରଦାନ କରିଛି । ଏହା ହିଁ ଲୋକସଂସ୍କୃତିର ମହନୀୟତା ।

ଐତିହାସିକ ପୃଷ୍ଠଭୂମି ଆଧାରରେ ନାଟ୍ୟଶାସ୍ତ୍ରର ରଚନା ଖ୍ରୀ.ପୂ. ଦ୍ୱିତୀୟ ଓ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ମଧ୍ୟରେ ରଚିତ ହୋଇଥିଲା । ଅତଏବ ଭରତ ମୁନୀଙ୍କ ନାଟ୍ୟଶାସ୍ତ୍ର ରଚନା ପୂର୍ବରୁ ଦଣ୍ଡନୃତ୍ୟ ଏକ ଲୋକନୃତ୍ୟ ରୂପେ ବିବେଚିତ ହୋଇସାରିଥିବ । ଦଣ୍ଡନୃତ୍ୟରେ ଥିବା କୃଷି, ଜଙ୍ଗଲ, ମାନବେତର ପ୍ରାଣୀ, ଆଧ୍ୟାତ୍ମିକ ଚିନ୍ତନ, ଭ୍ରମଣ ବୃତ୍ତାନ୍ତ ଆଦିର ବର୍ଣ୍ଣନ ନିଶ୍ଚିତ ରୂପେ ଏହାର ପ୍ରାଚୀନ ପରମ୍ପରାକୁ ସଙ୍କେତ କରୁଛି, ଯାହା ନାଟ୍ୟଶାସ୍ତ୍ର ରଚନାର ପୂର୍ବକାଳର କହିଲେ ଅତ୍ୟୁକ୍ତି ହେବ ନାହିଁ । ଦଣ୍ଡନୃତ୍ୟ ଯଦିଓ ଖ୍ରୀ.ପୂର୍ବ କାଳରେ ପ୍ରଚଳିତ ଥିବ କିନ୍ତୁ ଏହାର ପ୍ରଚୁର ପ୍ରଚାର, ପ୍ରସାର ଶୈବ ଧର୍ମର ପ୍ରଖରତା କାଳରେ ଖ୍ରୀ. ପଞ୍ଚମ ଶତାବ୍ଦୀ ପରଠାରୁ ଯଥେଷ୍ଟ ବୃଦ୍ଧି ପାଇଥିଲା । ଏହି ସମୟ କାଳରେ ବୌଦ୍ଧର ଶେଷ ବ୍ରାହ୍ମଣ ରାଜା ଥିଲେ ଗନ୍ଧମାର୍ଦ୍ଦନ ଦେବ । ଗନ୍ଧମାର୍ଦ୍ଦନ ଦେବ ଅନଙ୍ଗଦେବଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିବା ପରେ ବୌଦ୍ଧରେ ଭଞ୍ଜ ଶାସନର ଅଭ୍ୟୁଦୟ ହେଲା । ଭଞ୍ଜଶାସନ ରଣଭଞ୍ଜ ଦେବଙ୍କ ଦ୍ୱାରା ଖ୍ରୀ.ସପ୍ତମ/ଅଷ୍ଟମ ଶତାବ୍ଦୀରେ ତତ୍କାଳୀନ ବୌଦ ରାଜଧାନୀ ଗନ୍ଧତପଉନ (ଗନ୍ଧରାଡ଼ୀ)ରେ ହରହରି ଯୁଗଳ ମନ୍ଦିର ନିର୍ମାଣ କରିଥିଲେ; ଯାହାକି ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଠାରୁ ମଧ୍ୟ ପ୍ରାଚୀନ ଅଟେ । ସୋମବଂଶୀ ରାଜା ଜନ୍ମେଜୟଙ୍କ କୁଟଦ୍ୱାରା ରଣଭଞ୍ଜ ନିହିତ ହେବାପରେ କିଛି ସମୟ ପାଇଁ ବୌଦ୍ଧରୁ ଭଞ୍ଜବଂଶ ଅପସରି ଯାଇଥିଲେ । କିଛି ଗବେଷକଙ୍କ ମତରେ ସୋମବଂଶୀ ରାଜାଙ୍କ ସମୟରେ ଅନେକ ଶୈବାଳୟ ପ୍ରତିଷ୍ଠା ହୋଇଥିଲା, ଯାହାକି ସୁଦୂର କଟକ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ପରିବ୍ୟାପ୍ତ ହେଲା । ଅତଏବ ଦଣ୍ଡନୃତ୍ୟ ଶୈବ ସଂସ୍କୃତିରର ଆଦ୍ୟଭୂମି ବୌଦର ପ୍ରାଚୀନ ରାଜଧାନୀ ଗନ୍ଧରାଡ଼ୀଠାରୁ ପ୍ରାରମ୍ଭିତ ହୋଇଥିଲା । ଏହାର ଅନ୍ୟ ଏକ ବଳିଷ୍ଠ ପ୍ରମାଣ ହେଉଛି ଏଠାରେ ବିବର୍ଦ୍ଧିତ ହୋଇଥିବା ବୌଦ୍ଧ ସଂସ୍କୃତି । ସହଜଯାନୀଙ୍କ ବିଲୟ ପ୍ରାରମ୍ଭ ହେବାରୁ ଏଠାକାର ରାଜାରାଣୀ ଶୈବ/ଶାକ୍ତ ହୋଇ ମଧ୍ୟ ଅନ୍ୟ ଧର୍ମ ପ୍ରତି ସମ୍ବେଦନଶୀଳ ଥିବାରୁ ସ୍ତମ୍ଭ ପୂଜାକୁ ମଧ୍ୟ ସ୍ୱୀକୃତି ଦେଇ ଦଣ୍ଡନୃତ୍ୟକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ । ଦଣ୍ଡନୃତ୍ୟର ଉତ୍ପତ୍ତିସ୍ଥଳ ପ୍ରସଙ୍ଗ ଭବିଷ୍ୟତ ଗବେଷଣା ଅପେକ୍ଷା କରେ ।

ଦଣ୍ଡନୃତ୍ୟରେ ଦଣ୍ଡକୁ ନେଇ ଅନେକ ମତବାଦ ପ୍ରକାଶ ପାଉଛି । ଦଣ୍ଡକୁ କେହି ବାଡ଼ି ତ କେହି ସ୍ତମ୍ଭର ମାନ୍ୟତା ଦେଇ ଲୋକଦେବାଦେବୀ ରୂପେ ଶିବ, ପାର୍ବତୀଙ୍କୁ ପୂଜା କରିବା ଦର୍ଶାଉଛନ୍ତି । କେତେକ ଗବେଷକ ଏହି ନୃତ୍ୟ ଦାଣ୍ଡ (ପଥ)ରେ ପ୍ରଦର୍ଶିତ ହେଉଥିବାରୁ, ଏହାକୁ ଦାଣ୍ଡ ବା ଦଣ୍ଡ ନୃତ୍ୟ କହନ୍ତି । କେହି କେହି ସଂସ୍କୃତି ଗବେଷକ ଦଣ୍ଡକୁ ଶାରୀରିକ ଶାସ୍ତି ରୂପେ ବିବେଚନା କରି ଶରୀର ପୀଡ଼ା ଦ୍ୱାରା ଶୁଦ୍ଧିକରଣ ମାଧ୍ୟମରେ ଭଗବତ ସତ୍ତା ବା ମୋକ୍ଷ ପ୍ରାପ୍ତି ହେବାର ମାର୍ଗକୁ ବିଶ୍ୱାସ କରନ୍ତି । ଜୈନ ଧର୍ମରେ ନିଜର ଶରୀରକୁ କଷ୍ଟ ଦେଇ ଶରୀର ଓ ଆତ୍ମାର ଶୁଦ୍ଧିକରଣ କରିବାର ବିଧି ରହିଛି । ଜୈନ ଧର୍ମରେ ବୃକ୍ଷ ପୂଜାର ବିଧି ମଧ୍ୟ ରହିଛି ଓ କଳ୍ପବଟ ତାଙ୍କ ମୁଖ୍ୟ ଆରାଧ୍ୟ ହୋଇଥାଏ । ଅତଏବ ବୌଦ୍ଧ ଧର୍ମ ପରି ଜୈନ ଧର୍ମର ପ୍ରଭାବ ଦଣ୍ଡନୃତ୍ୟରେ ସ୍ପଷ୍ଟ ଅନୁମିତ । ଦଣ୍ଡ ପ୍ରସଙ୍ଗକୁ ଅନୁଧ୍ୟାନ କଲେ ଏହା ଜ୍ଞାତ ହୁଏ ଯେ, ପ୍ରାୟତଃ ଷୋହଳ ପ୍ରକାର ଦଣ୍ଡ ଦଣ୍ଡନୃତ୍ୟର ଅଂଶବିଶେଷ ହୋଇ ରହିଛି, ଯଥା- ୧) ଆହାର ଦଣ୍ଡ, ୨) ଉଜାଗର ଦଣ୍ଡ, ୩) ଗୃହତ୍ୟାଗ ଦଣ୍ଡ, ୪) ମୈଥୁନ ତ୍ୟାଗ ଦଣ୍ଡ, ୫) ପଦଚାଳନା ଦଣ୍ଡ, ୬) ଶ୍ମଶାନ, ନଦୀ ବାସ ଦଣ୍ଡ, ୭) ଧୂଳିଦଣ୍ଡ, ୮) ବଳଦଣ୍ଡ, ୯) ଅଗ୍ନିଦଣ୍ଡ, ୧୦) ଝାମୁ ଅଗ୍ନି ଦଣ୍ଡ, ୧୧) ନାଟ୍ୟଦଣ୍ଡ, ୧୨) ଗୃହ ଦଣ୍ଡ, ୧୩) ପାଟ ଦଣ୍ଡ, ୧୪) ଅଙ୍ଗବଳି ଦଣ୍ଡ, ୧୫) ମେରୁପଟା ଦଣ୍ଡ, ୧୬) ଶୁଦ୍ଧିକ୍ରିୟା ଦଣ୍ଡ ।

ପୌରାଣିକ କିମ୍ବଦନ୍ତୀ ଆଧାରରେ 'ଶୈବଚନ୍ଦ୍ରିକା'କୁ ଅନୁକରଣ କଲେ ଜ୍ଞାତ ହୁଏ ଯେ, ତ୍ରେତୟା ଯୁଗରେ ତୁରଙ୍ଗ ଋଷିଙ୍କ ଚତୁର୍ଦ୍ଦଶ ପୁତ୍ର ଥିଲେ, ଯାହାଙ୍କ ଚରିତ୍ର ଅତ୍ୟନ୍ତ କ୍ରୂର ଓ ବିଧର୍ମୀ ଥିଲା । ବିଭିନ୍ନ ଯଜ୍ଞାଦି ଧର୍ମୀୟ ଅନୁଷ୍ଠାନକୁ ଭଗ୍ନ କରିବା ଏମାନଙ୍କ ପ୍ରମୁଖ ରୁଚି ଥିଲା । ଏଣୁ ଏପରି ବିଧର୍ମୀ କାର୍ଯ୍ୟରେ ଅତିଷ୍ଠ ହୋଇ ଦେବ ଓ ଦାନବଗଣ ବ୍ରହ୍ମାଙ୍କ ଶରଣ ଗଲେ । ବ୍ରହ୍ମାଙ୍କ ଅଭିଶାପରୁ ଏମାନଙ୍କ ମଧ୍ୟରୁ ଜଣେ ପତିତ ହେଲା ଓ ଅବଶିଷ୍ଟ ତେରଜଣ ଉଇହୁଙ୍କାରେ ପରିବର୍ତ୍ତିତ ହେଲେ । କିଛି ଦିନ ଅତିକ୍ରାନ୍ତେ ଏକ ଋଷିପୁତ୍ରର କଠୋର ତପସ୍ୟାରେ ପ୍ରୀତ ହୋଇ ବ୍ରହ୍ମା ନିଜ ଶରୀରରୁ ତେରଟି ଦଣ୍ଡ ସୃଷ୍ଟି କରି ତେର ଭ୍ରାତାଙ୍କୁ ପ୍ରଦାନ କଲେ ଓ ପ୍ରତ୍ୟେକ ଦିନ ଜଳାଶୟରୁ ତେର ମୁଠା ବାଲି ଆଣି ବାଲୁକା ଶିବଲିଙ୍ଗ ସ୍ଥାପନ କରି ପୂଜା କରିବାକୁ ଉପଦେଶ ଦେଲେ । ଏହି ତେର ଋଷିପୁତ୍ର ଗ୍ରାମ ଗ୍ରାମ ବୁଲି ଶିବ ପାର୍ବତୀ ସ୍ତୁତି କରି ଦଣ୍ଡନୃତ୍ୟ କରିବାରୁ ଶାପମୁକ୍ତି ହେଲେ ଏବଂ ତେରଭୁକ୍ତା ରୂପେ ବିବେଚିତ ହେଲେ ।

ଏମାନଙ୍କ ମୁଖ୍ୟକୁ ପାଟଭୁକ୍ତା ମଧ୍ୟ କୁହାଯାଏ । ଏହି ତେର ଭୋକ୍ତା ଋଷିପୁତ୍ର ହୋଇ ଉଚ୍ଚ କୁଳର ଥିଲେ ମଧ୍ୟ ନିଜର କୁକର୍ମ ପାଇଁ ନୀଚ ବର୍ଗରେ ସାମିଲ ହେଲେ । ଏଣୁ ହିନ୍ଦୁ ଧର୍ମ ମତରେ କର୍ମଭିତ୍ତିକ ଜାତିବାଦକୁ ସୂଚୀତ କରୁଛି । ଦଣ୍ଡନୃତ୍ୟରେ ସବୁବର୍ଗର ବ୍ୟକ୍ତିବିଶେଷ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯୋଗଦାନ କରନ୍ତି । ଦଣ୍ଡର ପ୍ରାରମ୍ଭ ଦିବସରେ କୌଣସି ଜଳାଶୟ କିମ୍ବା ନଦୀ ତଟରେ ସ୍ନାନ ଶୌଚାଦି ଶୁଦ୍ଧି ପରେ ପୁରୋହିତଙ୍କ ଦ୍ୱାରା ଏମାନଙ୍କୁ ଯଜ୍ଞୋପବିତ ଧାରଣ କରାଯାଇ ଦୀକ୍ଷା ପ୍ରଦାନ କରାଯାଏ । ଏହାପରେ ଏମାନଙ୍କୁ ସାଂସାରିକ କୌଣସି ଛୁଁଆଛୁତି ଲାଗୁ ହୋଇ ନ ଥାଏ । ହିନ୍ଦୁ ଧର୍ମ ସହ ବୌଦ୍ଧ ଧର୍ମର ଜାତିହୀନ ପ୍ରଥା ଏଠାରେ ସ୍ପଷ୍ଟ ଅନୁମିତ । ଶ୍ରୀଚୈତନ୍ୟଙ୍କ ଆଗମନ ପରେ ଓଡ଼ିଶାରେ ବୈଷ୍ଣବ ଧର୍ମର ପ୍ରଚୁର ପ୍ରସାର ହେଲା । ଏହି ସମୟରେ ଏକ ବାଣୀ; "ବାର ଜାତି ତେର ଗୋଲା, ବୈଷ୍ଣବ ହେଲେ ସବୁ ଗଲା" ପୁରପଲ୍ଲୀରେ ବେଶ ଗୁଞ୍ଜରିତ ହେଉଥିଲା । ଅର୍ଥାତ୍ ବୈଷ୍ଣବ ଧର୍ମୀ ଲୋକ ଜାତିବାଦରେ ବିଶ୍ୱାସ କରୁ ନ ଥିବା ବେଳେ ଏହି ଧର୍ମରେ ସମସ୍ତେ ପରମେଶ୍ୱରଙ୍କ ଭକ୍ତଭାବେ ଏକାକାର, ଏହା ସ୍ପଷ୍ଟ ଅନୁଭୂତ । ଏହି ମତ ହିଁ ଦଣ୍ଡନୃତ୍ୟରେ ମଧ୍ୟ ପରିଲକ୍ଷିତ । ଅତଏବ ବୈଷ୍ଣବ ଧର୍ମର ପ୍ରଭାବ ମଧ୍ୟ ଦଣ୍ଡନୃତ୍ୟରେ ଦୃଶ୍ୟମାନ । ଏଥିହେତୁ ଦଣ୍ଡ ପ୍ରାରମ୍ଭରେ ବ୍ରତ ଧାରଣ କରିବା ହେତୁ ସମସ୍ତେ ଏକ ଜାତି ମାନି ନିଅନ୍ତି । କିନ୍ତୁ ଦଣ୍ଡଯାତ୍ରାର ମେରୁପର୍ବ ଅତିକ୍ରାନ୍ତେ ଏମାନେ ପୁନଶ୍ଚ ଜାତି ହୋଇ ନିଜ ନିଜ ଜାତିକୁ ଚାଲିଯାଆନ୍ତି ।

ଦଣ୍ଡନୃତ୍ୟ ସାଧାରଣତଃ ଚୈତ୍ର ତୃତୀୟ ପକ୍ଷରୁ ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳନ କରାଯାଏ । ଏହା ମୁଖ୍ୟତଃ ୧୩ ଦିନ ପାଳନ କରାଯାଇଥାଏ । ସ୍ଥଳବିଶେଷରେ ଏହା ୨୧ ଦିନ, ୧୧ ଦିନ, ୯ ଦିନ, ୭ ଦିନ, ୩ ଦିନ ଏବଂ କେବେ କେବେ ସାଙ୍କେତିକ ଏକ ଦିନ ପାଳନ କରିବାର ଦୃଷ୍ଟାନ୍ତ ରହିଛି । କୋଭିଡ଼ ମହାମାରୀ ସମୟରେ ଏହି ଯାତ୍ରା ବହୁତ ସ୍ଥାନରେ ପାଳିତ ହୋଇ ନଥିବା ସ୍ଥଳେ ଅନେକ ସ୍ଥାନରେ ଅତ୍ୟନ୍ତ ନିରାଡ଼ମ୍ବର ଭାବେ ଏକ ଦିବସୀୟ ମେରୁଯାତ୍ରା ପାଳନ କରାଯାଇଥିଲା । ସେହିପରି ଦଣ୍ଡନୃତ୍ୟରେ ପୂର୍ବରୁ ଷୋହଳ ସୁଆଙ୍ଗ ପାଳନ କରାଯାଉଥିବା ବେଳେ ସ୍ଥାନେ ସ୍ଥାନେ ଏକବିଂଶ ସୁଆଙ୍ଗ ଦୃଶମାନ ହେଉଥିଲା । ବର୍ତ୍ତମାନ ସମୟ ତାଡ଼ନାରେ ଏହି ଷୋହଳ ସୁଆଙ୍ଗ ଅଦୃଶ୍ୟ ହେବାକୁ ଲାଗିଲାଣି ବରଂ କିଛି ସୁଆଙ୍ଗ ପୁଣି ମନୋରଞ୍ଜନ ବା ଫାର୍ସଧର୍ମୀ ପରିବେଷଣ କରାଯାଉଛି । ଆଧାତ୍ମିକ ଚିନ୍ତା, ଚେତନା ଓ ତ୍ୟାଗର ପର୍ବ ଦଣ୍ଡପର୍ବ କ୍ରମଶଃ ଲଘୁକ୍ରିୟା ରୂପେ ପ୍ରତିପାଦିତ ହେବା ଅତ୍ୟନ୍ତ ଦୁଃଖଦ ବିଷୟ । ବିଭିନ୍ନ ଦଣ୍ଡ ଶୃଙ୍ଖଳା ସହ ଅନୁପାଳିତ ହୁଏ ନାହିଁ । ପାଦଦଣ୍ଡ ବର୍ତ୍ତମାନ ଅଦୃଶ୍ୟ ହୋଇ ଦଣ୍ଡଯାତ୍ରୀ ଯାନବାହାନରେ ଯିବା ଆସିବା କଲେଣି, ଯାହା ହିନ୍ଦୁ ସଂସ୍କୃତିକୁ ସମୟର ଆବଶ୍ୟକତା ନାମରେ ଆଖିଠାର ଅଟେ । ଏପରିକି ଖାଦ୍ୟ ପାନୀୟରେ ମଧ୍ୟ ବିଶୃଙ୍ଖଳା ସୃଷ୍ଟି ହେଲାଣି । ପୂର୍ବରୁ କେବଳ ପୁରୁଷମାନଙ୍କ ଦ୍ୱାରା ଦଣ୍ଡନୃତ୍ୟ ପ୍ରଦର୍ଶିତ ହେଉଥିବା ବେଳେ ଏବେ ଏବେ ସ୍ତ୍ରୀମାନଙ୍କ ପ୍ରବେଶ ଦେଖାଦେଲାଣି ।

ଦଣ୍ଡନୃତ୍ୟର ଅନ୍ତରାତ୍ମାକୁ ଅନୁଶୀଳନ କଲେ ଏହାକୁ ମୁଖ୍ୟତଃ ଧୂଳିଦଣ୍ଡ, ପାଣିଦଣ୍ଡ ଓ ଦଣ୍ଡରେ ବିଭକ୍ତ କରାଯାଇପାରେ । ଧୂଳିଦଣ୍ଡ ମୁଖ୍ୟତଃ ଦିନ ଦ୍ୱିପହରରୁ ମୁକ୍ତ ପଥପ୍ରାନ୍ତରେ ସୂର୍ଯ୍ୟଙ୍କ ପ୍ରଚଣ୍ଡ ରୌଦ୍ରତାପରେ ଅନୁଷ୍ଠିତ ହୁଏ । ଦଣ୍ଡନାଟ ମାନସିକଧାରୀଙ୍କ ଗୃହକୁ ପ୍ରଥମେ ଦଣ୍ଡଦଳ ପ୍ରଭାତ ସମୟରେ ଆସିଲେ, ଗୃହକର୍ତ୍ତା ଏକ ପିଢ଼ା ଆସନରେ ଗୋମୟ ପ୍ରଲେପ କରି ଜଳ, ଦୀପ ଓ ପୁଷ୍ପ ପ୍ରଦାନ ପୂର୍ବକ ବରଣ କରନ୍ତି । ଏହାପରେ ଦଣ୍ଡଦଳ ନିକଟସ୍ଥ ମନ୍ଦିର ପ୍ରାଙ୍ଗଣ, ବଟବୃକ୍ଷ ମୂଳ କିମ୍ବା ଜଳାଶୟ ତଟରେ ଆଶ୍ରୟ ନେଇ ଧୂଳିଦଣ୍ଡ ସମୟରେ ଗୃହକର୍ତ୍ତାଙ୍କ ଗୃହସମ୍ମୁଖ ପଥକୁ ଆସିଥାନ୍ତି । ଏଠାରେ ଦଣ୍ଡୁଆଗଣ ନିର୍ବାକ ଅଭିନୟ କରିଥାନ୍ତି ବୀଣାକାରିଆର ବୀଣା, ମହୁରି ଓ ଢୋଲିଆର ଢୋଲର ତାଳେ ତାଳେ । ଏଠାରେ କୃଷିକର୍ମଭିତ୍ତିକ ସମସ୍ତ କାର୍ଯ୍ୟକଳାପ ଯଥା- ଜମିଚଷ (ଚିରା), ଶସ୍ୟବୁଣା ଆଦି ପ୍ରଦର୍ଶନ କରାଯାଏ । ଧୂଳିଦଣ୍ଡରେ ଷୋହଳ ପ୍ରକାର କୃଷିକର୍ମ ଯଥା-ଧୂଳିଖେଳ ବା ଶିବଙ୍କ ପ୍ରାଙ୍ଗଣ ଝାଡୁମାରିବା, ବୃଷଭ ପୃଷ୍ଠରେ ବିରାଜମାନ ଶିବଙ୍କ ସଂେଇ କାର୍ଯ୍ୟ ଅନୁଧ୍ୟାନ, ଶିବଙ୍କ ପାତ୍ର ନିର୍ମାଣ (କୁମ୍ଭାରଦ୍ୱାରା), ପୋଖରୀ ଖନନ, ଗଉଡ଼ ପାଣି ଆଣିବା, ବାସୁକୀ ଦର୍ଶନ, ସୂର୍ଯ୍ୟ ଦର୍ଶନ, କେଳା ସାଧନ, କଇଁପର ପାଦୁକାପାନ, କଣ୍ଟକ ଶୟନ, କୃଷିକର୍ମଣି, ଧାନବୁଣା, ଲୁଗାବୁଣା ଇତ୍ୟାଦି ପ୍ରଦର୍ଶିତ ହୋଇଥାଏ । ଏହି ସମୟରେ ପଥର ଏପ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତରକୁ ନାଚି ନାଚି ଯାଇ ପ୍ରତ୍ୟାବର୍ତ୍ତନ କରିବା ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ହୃଦୟସ୍ପର୍ଶୀ । ଏହି ଧୂଳିଦଣ୍ଡ ମୁଖ୍ୟତଃ ତିନି ଚାରି ଘଣ୍ଟା ଚାଲିବା ପରେ ଦଣ୍ଡୁଆଦଳ ପୁନଶ୍ଚ ନିକଟସ୍ଥ ଜଳାଶୟକୁ ଯାଇଥାନ୍ତି, ଯେଉଁଠାରେ ପାଣିଦଣ୍ଡ

ଅନୁଷ୍ଠିତ ହୁଏ । ଏହି ନୃତ୍ୟକଳାରେ ଉଭୟ ସ୍ତ୍ରୀ ଓ ପୁରୁଷ ଭୂମିକାରେ କେବଳ ପୁରୁଷବ୍ରତଧାରୀ ହିଁ ଅଭିନୟ କରନ୍ତି ।

ପାଣିଦଣ୍ଡ ପାଳନ ସମୟରେ ତେରଭୁକ୍ତା ଜଣ ଜଣ କରି ଜଳାଶୟରେ ବୁଡ଼ମାରି ତେର ଆଞ୍ଜୁଳା ବାଲି ଆଣି ଜଳାଶୟ ତଟରେ ବାଲୁକା ଶିବଲିଙ୍ଗ ସ୍ଥାପନ କରାଯାଇ ଶିବ ପୂଜନ କରାଯାଏ । ଏହି ସମୟରେ ଢୋଲ, ମହୁରି ଓ ଶିବବାବାଙ୍କୁ ଭଜେ ଓ ଦଣିକ୍ଷକାଳୀଙ୍କୁ ଭଜେ ଧ୍ୱନିରେ ପରିସର ପ୍ରକମ୍ପିତ ହୋଇଥାଏ । ଏହାପରେ ଦଣ୍ଡବ୍ରତଧାରୀମାନେ ଜଳପାନ କରିଥାନ୍ତି । ଏହା ସହ ଶିବଙ୍କ ବିଭିନ୍ନ ନାମରେ ମଧ ମନ୍ତ୍ର ଧ୍ୱନି ବୋଲାଯାଏ ।

ରାତ୍ରି ସମୟରେ ହବିଷିଆଳୀଙ୍କ ପରି ଅଫୁଟା ଖାଦ୍ୟ ଗ୍ରହଣ କରନ୍ତି ବ୍ରତଧାରୀଗଣ । ଏହି ସମୟରେ ଢୋଲର ପ୍ରଚଣ୍ଡ ଶବ୍ଦ ମଧରେ କାହା ସହ କଥା ନହୋଇ, ବାହ୍ୟ ଶ୍ୱାନ କିମ୍ବା ଅନ୍ୟ ଶବ୍ଦ ଗ୍ରହଣ ନକରି, ବାହ୍ୟ ଦ୍ରବ୍ୟ ଗ୍ରହଣ ନକରି ଏକାଗ୍ରଚିତ୍ତରେ ପ୍ରଭୁନାମ ସ୍ମରଣ କରି ବ୍ରତଧାରୀ ପ୍ରସାଦ ଗ୍ରହଣ କରନ୍ତି । ଏଠାରେ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକ ହୋଇ ପ୍ରସାଦ ପ୍ରାପ୍ତ କରୁଥିବାରୁ ଏକପ୍ରକାର ଜଗନ୍ନାଥ ସଂସ୍କୃତିର ଆନନ୍ଦବଜାରର ଭ୍ରମ ସୃଷ୍ଟି ହୋଇଥାଏ । ଖାଦ୍ୟରେ କେଶ କିମ୍ବା ଅନ୍ୟ ବସ୍ତୁ ପଡ଼ିଥିଲେ ଏହା ଅଭକ୍ଷ ହୋଇଥାଏ । ପ୍ରସାଦ ସେବନର କିଛି ସମୟ ପରେ ମୁଖ୍ୟ ଦଣ୍ଡଯାତ୍ରା ମାନସିକଧାରୀ ଗୃହକର୍ତ୍ତାଙ୍କ ସମ୍ମୁଖରେ ପରିବେଷଣ କରାଯାଏ । ଜାତି ଧର୍ମ ନିର୍ବିଶେଷ ତତ୍ତ୍ୱ ବୌଦ୍ଧ ଓ ଜୈନ ଧର୍ମରେ ମଧ ଦୃଶ୍ୟମାନ ।

ମଧରାତ୍ରିରେ ମୁଖ୍ୟ ଦଣ୍ଡଯାତ୍ରାରେ ପ୍ରାୟତଃ ଷୋହଳ ସୁଆଙ୍ଗ ପ୍ରଦର୍ଶିତ ହେଉଥିଲା, ଯଥା- ୧) ଦାଣ୍ଡାଲୀ, ୨) ଝୁଣାଖେଳ, ୩) ହାଡ଼ି ହାଡ଼ିଆଣୀ, ୪) ପରଭା, ୫) ଶିବପାର୍ବତୀ, ୬) ଫକୀର-ଫକିରୁଣୀ, ୭) ଯୋଗୀ-ଯୋଗୀଆଣି, ୮) ନବଛନ୍‌କୀ, ୯) ଚଢ଼େୟା-ଚଢ଼େୟାଣୀ, ୧୦) କେଳା-କେଲୁଣୀ, ୧୧) ସାପୁଆ, ୧୨) ଭାଲୁଆ, ୧୩) ବାଇଧନ, ୧୪) ଶବର-ଶବରିଣୀ, ୧୫) ପତରସଉରା, ୧୬) ବୀଣାକାର-ବୀଣାକାରିଣୀ ଇତ୍ୟାଦି । ଏହି ଷୋହଳ ସୁଆଙ୍ଗ ସ୍ଥଳବିଶେଷର ପରିବର୍ତ୍ତିତ ହୋଇଛି । ଏଥିସହ ବାଣ୍ଡିବୁଡଲ, ଦିଅର-ଭାଉଜ, ଶାଳୀ-ଭିଣେଇ, ଦୁଇ ସଉତୁଣୀ ଆଦି ଅନେକ ଫାର୍ସଧର୍ମୀ ମନୋରଞ୍ଜନାତ୍ମକ ଉପସୁଆଙ୍ଗ ପରିବେଷଣ କରାଯାଉଛି । ସମୟସ୍ରୋତରେ ଏହି ସବୁ ସୁଆଙ୍ଗ ପୂର୍ଣ୍ଣାଙ୍ଗଭାବେ ପ୍ରଦର୍ଶିତ ହେଉ ନ ଥିବାରୁ ଷୋହଳ ସୁଆଙ୍ଗର ଅସ୍ତିତ୍ୱ ଧୀରେ ଧୀରେ ଲୋପ ପାଇବସିଲାଣି । ଏହା ବଦଳରେ ପଶ୍ଚିମ ଓଡ଼ିଶାରେ ବାଣ୍ଡିବୁଡଲ୍, ରାଧାକୃଷ୍ଣ ରାସଲୀଳା ସମ୍ବନ୍ଧରେ ବର୍ଣ୍ଣିତ ଉପସୁଆଙ୍ଗ ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଛି ।

ଷୋହଳ ସୁଆଙ୍ଗକୁ ତାତ୍ତ୍ୱିକ ଅନୁଶୀଳନ କଲେ ଜଣାଯାଏ, ଏହି ନୃତ୍ୟରେ ସମାଜିକ ତତ୍ତ୍ୱ ସହ ଆଧାତ୍ମିକ ତତ୍ତ୍ୱର ଅପୂର୍ବ ସମ୍ମିଳନ ହୋଇଛି । ଶୃଙ୍ଖଳିତ ଜୀବନଚର୍ଯ୍ୟାରେ ପ୍ରଭୁବନ୍ଦନା କଲାବେଳେ ସ୍ୱଚ୍ଛତା ରକ୍ଷା କରିବା ଓ ପ୍ରଭୁଙ୍କୁ ସ୍ୱାଗତ କରିବା ଲକ୍ଷ୍ୟରେ ପରିବେଶ ସୁଗନ୍ଧିତ ଓ ପରିଷ୍କାର କରିବା ଲକ୍ଷ୍ୟରେ ପ୍ରଥମ ତିନି ସୁଆଙ୍ଗର ତାତ୍ପର୍ଯ୍ୟ ଯଥେଷ୍ଟ ପରଲକ୍ଷିତ । ପୁନଶ୍ଚ ପରଭା ସୁଆଙ୍ଗ ଶାକ୍ତ ସଂସ୍କୃତିର ଉତ୍କୃଷ୍ଟ ବାହକ ଅଟେ । ଏହି ସମୟରେ କଳା ଆଭରଣଯୁକ୍ତ ଏକ ମେଢ଼କୁ ପାଟଭୁକ୍ତା ନିଜ ପିଠିରେ ବାନ୍ଧି ମାଁ କାଳୀଙ୍କ ନୃତ୍ୟ ପରିବେଷଣ କରେ । ଏହି ଆତ୍ମନିବିଷ୍ଟ ନୃତ୍ୟରେ ମାଁ କାଳୀ ତାର ଶରୀରରେ ପ୍ରବେଶ କରନ୍ତି । ଏହା ତ ଆଧାତ୍ମିକ ବିଶ୍ୱାସ । କିନ୍ତୁ ଏତେମାତ୍ରାରେ ସମର୍ପଣ ଭକ୍ତି ଭାବ ନେଇ ନୃତ୍ୟରତ ହେଲେ ଶରୀର ଅବଶ ହେବା ଥୟ । ତଥାପି ଏହି କ୍ରିୟାରେ ହିନ୍ଦୁ ଧର୍ମରେ ଶାକ୍ତ ସଂସ୍କୃତି ଅଧୀନ ନାରୀ ଚେତନାକୁ ସ୍ପଷ୍ଟ ସଙ୍କେତ କରୁଛି । ନାରୀ ହିଁ ଅଗ୍ରପୂଜ୍ୟା ଓ ନାରୀ ବିନା ଏ ବ୍ରହ୍ମାଣ୍ଡ ସତ୍ତାହୀନ, ଏହାର ଚରମ ନିଦର୍ଶନ ଦଣ୍ଡଯାତ୍ରାର ପ୍ରତ୍ୟେକ ସୁଆଙ୍ଗରେ ସ୍ପଷ୍ଟ ପରିଲକ୍ଷିତ ।

ଅରଣ୍ୟ ସଭ୍ୟତାର ପ୍ରତିଛବି ଚଢ଼େୟା-ଚଢ଼େୟାଣୀ, ଶବର-ଶବରିଣୀ, ପତରସଉରା, ଭାଲୁଆ, କେଳାକେଲୁଣୀ, ସାପୁଆ ଆଦି ସୁଆଙ୍ଗର ମୁଖ୍ୟ ଉପସ୍ଥାପନ । ଏହି ସମୟର ଜୀବନ ଜୀବିକା ଓ ସଂଘର୍ଷ ତଥା ସାଂସାରିକ ଗାଥା ବର୍ଣ୍ଣନା ବେଶ ମନୋରଞ୍ଜନ । ପୁନଶ୍ଚ ସେହିକାଳର ଗୁଣିଗାରେଡ଼ି, ବିଶ୍ୱାସ, ପରମ୍ପରା ଓ ପର୍ବପର୍ବାଣିର ବର୍ଣ୍ଣନା ଦଣ୍ଡନୃତ୍ୟର ଆତ୍ମିକ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିଥାଏ ।

ବୀଣାକାର ଓ ବାଇଧନକୁ କେତେକ ଏକ ପ୍ରକାର ସୁଆଙ୍ଗ ରୂପେ ବିବେଚନା କରିଥାନ୍ତି । ଏହି ନାଟ୍ୟକ୍ରମରୁ ପାଲାର ସୃଷ୍ଟି ହେବା ଅନୁମିତ । ବୀଣାକାରର ସାଙ୍ଗୀତିକ ପରିପ୍ରକାଶ ଲୋକସାହିତ୍ୟର ଉଭୟ ଗଦ୍ୟ ପଦ୍ୟଧର୍ମୀ ଗାଥା କବିତାକୁ ସନ୍ଦେଶିତ କରୁଥିବା ବେଳେ ବିଭିନ୍ନ ରସାତ୍ମକ ବର୍ଣ୍ଣନା ରୀତିଯୁଗୀୟ କାବ୍ୟ ଜଗତର କୃତିକୁ ମଧ ଉପସ୍ଥାପିତ

କରିଥାଏ । ବୀଣାକାର ସାଧାରଣତଃ ଲୋକସାହିତ୍ୟ ଜଗତର ଏକ ଆଶୁକବି ମଧ୍ୟ ହୋଇଥାଏ । ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମରେ ଦର୍ଶକଙ୍କ ପ୍ରଶ୍ନବାଣକୁ ମଧ୍ୟ ସମାଧାନ କରିବାର ଦକ୍ଷତା ବୀଣାକାର ସାମର୍ଥ୍ୟାଧୀନ ଥାଏ । ଷୋହଳ ସୁଆଙ୍ଗର ଅନେକ ସୁଆଙ୍ଗ ରସଯୁକ୍ତ ହେବା ସହ ମିଳନ ଓ ବିରହ ବେଦନାକୁ ବର୍ଣ୍ଣନା କରି ମନୋରଞ୍ଜନଧର୍ମୀ ହୋଇ ପ୍ରତିମୁହୂର୍ତ୍ତରେ ଉଦ୍ଦୀପନା ସୃଷ୍ଟି କରୁଥିବାରୁ ଏହାର ତୁଳନାତ୍ମକ ପ୍ରାସଙ୍ଗିକତା ଜାପାନର "ନୋ" ନାଟକ ସହ ରହିଛି । ବୀଣାକାର ନିଜର ସାମର୍ଥ୍ୟର ପାରଦର୍ଶିତା ପ୍ରତିପାଦିତ କରି କେତେବେଳେ ଦଣ୍ଡନୃତ୍ୟର ସୁଆଙ୍ଗକୁ ସଙ୍କୁଚିତ କରିଦିଏ ତ' କେବେ ଏହାକୁ ପ୍ରଲମ୍ବିତ କରି ପ୍ରଭାତ ସୂର୍ଯ୍ୟର ଦର୍ଶନ କରାଇଥାଏ । ଏହି ଦିବ୍ୟ ଗୁଣାବଳୀ ହିଁ ଲୋକସାହିତ୍ୟର ବିଭବ ଓ ପବିତ୍ର ଦଣ୍ଡନୃତ୍ୟର ଅନନ୍ୟ ସମ୍ଭାର ।

ଦଣ୍ଡନୃତ୍ୟରେ ଭିକ୍ଷାବୃତ୍ତିକୁ ଏକ ଆଧ୍ୟାତ୍ମିକ ଚଳଣି ରୂପେ ବ୍ୟାଖ୍ୟାୟିତ କରାଯାଏ । ନୀତିନିଷ୍ଠ ଭିକ୍ଷାଗ୍ରହଣ ହିନ୍ଦୁ ଧର୍ମର ଏକ ଦିବ୍ୟ ପ୍ରକାଶ । ଏହା ମାଧ୍ୟମରେ ଦାତା ଓ ଗ୍ରହୀତା ମଧ୍ୟରେ ଆଧ୍ୟାତ୍ମିକ ନିବିଡ଼ ସମ୍ପର୍କ ବଳବତ୍ତର ରହିବା ସହ ସାମାଜିକ ପ୍ରତିବଦ୍ଧତା ଜାଗ୍ରତ ହୋଇଥାଏ । ଦଣ୍ଡନୃତ୍ୟ ଯେ ସାମାଜିକ ସମ୍ବେଦନଶୀଳତା ଓ ମାନବୀୟ ମୂଲ୍ୟବୋଧ ଜାଗ୍ରତର ଏକ ଅନନ୍ୟ ଅବତାରଣା କହିଲେ ଅତ୍ୟୁକ୍ତି ହେବନାହିଁ ।

ଦଣ୍ଡନୃତ୍ୟରେ ଦଣ୍ଡ ରୂପେ ଶିବପାର୍ବତୀଙ୍କ ପୂଜା ପ୍ରାଚୀନ ଲୋକସଂସ୍କୃତିର ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରୁଛି । ଠିକ୍ ସେହିପରି ତେରଭୋକ୍ତାଗଣ ଗଉରୀ ବେତ ଧାରଣ କରିଥାନ୍ତି । ଏହା ଅନେକାଂଶରେ ଜଗନ୍ନାଥ ସଂସ୍କୃତିରେ ପଣ୍ଡାମାନଙ୍କ ଦ୍ୱାରା ବେତ ମୃଦୁଚାଳନାରେ ଆଶୀର୍ବାଦ ପ୍ରଦାନ କ୍ଷଣକୁ ସମ୍ପର୍କିତ କରୁଛି । ବ୍ରତ ଧାରଣ କରି ଜାତିବର୍ଣ୍ଣକୁ ନିଶ୍ଚିହ୍ନ କରି ମାନବଜାତି ଏକ ଓ ଅଭିନ୍ନ ବାର୍ତ୍ତାକୁ ସଫଳ ଚିତ୍ରାଙ୍କନ କରିଛି ଦଣ୍ଡଯାତ୍ରା, ଯାହା ହିନ୍ଦୁ ଧର୍ମରେ ନିଗମ ଓ ବୌଦ୍ଧ ଏବଂ ଜୈନ ଧର୍ମ ପରମ୍ପରା ସହ ସମ୍ପର୍କିତ କରୁଛି । ଶିବପାର୍ବତୀ ପୂଜନ, ଦକ୍ଷିଣକାଳୀ ପରଭା ପୂଜା ଶୈବ ଓ ଶାକ୍ତ ସଂସ୍କୃତିର ଅନନ୍ୟ ନିଦର୍ଶନ । ଅନେକ ଧର୍ମୀୟ ସଂସ୍କୃତିର ସମ୍ମିଶ୍ରଣରେ ଭବ୍ୟ, ଦିବ୍ୟ ପର୍ବ ହିଁ ଲୋକନୃତ୍ୟ 'ଦଣ୍ଡନୃତ୍ୟ' ।

ଚୈତ୍ରମାସ ସଂକ୍ରାନ୍ତି ତିଥିରେ ଦଣ୍ଡନୃତ୍ୟ ସମାପନ କରାଯାଏ, ଯାହାକୁ ପଶ୍ଚିମ ଓଡ଼ିଶାରେ ମେରୁଯାତ୍ରା କୁହାଯାଉଥିବା ବେଳେ ପୂର୍ବ ଓଡ଼ିଶାରେ ଝାମୁଯାତ୍ରା ବା ଝୁଣାଯାତ୍ରା କୁହାଯାଏ । ଝାମୁଯାତ୍ରାରେ ବ୍ରତଧାରୀମାନେ ନିଆଁରେ ଚାଲୁଥିବା ବେଳେ, ମେରୁଯାତ୍ରାରେ ଏକ ଦ୍ୱାରବନ୍ଧ ତୁଲ୍ୟ କାଷ୍ଠ ନିର୍ମିତ ଖୁଣ୍ଟ (ମେରୁଖୁଣ୍ଟ) ରେ ପାଟଭୋକ୍ତା (ଭୁକ୍ତା) ଙ୍କୁ ଓଲଟା ଝୁଲାଯାଏ । ପାଟଭୁକ୍ତା ନାକରୁ ରକ୍ତଟୋପା ମେରୁଖୁଣ୍ଟ ତଳେ ଥିବା ନିଆଁକୁଣ୍ଡରେ ପଡ଼ିଲେ, ମେରୁଦଣ୍ଡ ସମାପନ ହୁଏ । ଏହାକୁ ବଳି ଭାବେ ମଧ୍ୟ ବିବେଚନା କରାଯାଏ । ଏହା ହେଉଛି ଦଣ୍ଡଯାତ୍ରାର ଶେଷ ଦଣ୍ଡ । ପରିଶେଷରେ ପାଟଭୁକ୍ତାକୁ ଏଠାରୁ ଉଦ୍ଧାର କରି ବିଶ୍ରାମ ଦିଆଯାଏ ।

ଲୋକସଂସ୍କୃତିରେ ଦଣ୍ଡନୃତ୍ୟର ସ୍ଥାନ ଅନନ୍ୟ ଓ ଅତୁଳନୀୟ । ଏହି ନୃତ୍ୟଶାଳାର ମୁକ୍ତାକାଶରେ ସାଙ୍ଗୀତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋରମ । ଏହାର ଗ୍ରାମୀଣ ଆତ୍ମା ଓ ସରଳ ଜୀବନଧାରା ଅନେକ ସହରୀଙ୍କୁ ଚକ୍ଷୁଶୂଳ ହୋଇପାରେ । ଏହି ସଙ୍ଗୀତ ମଧ୍ୟରେ ଅଶ୍ଳୀଳତା ବୋଧହୁଏ ଅନେକଙ୍କୁ ଶ୍ରୁତିକଟୁ ହୋଇପାରେ । ଏହି ନୃତ୍ୟରେ ମୁଖ୍ୟତଃ ଗରିବଶ୍ରେଣୀ ଭକ୍ତଙ୍କ ସମାଗମ ଅନେକ ସମ୍ଭ୍ରାନ୍ତଙ୍କୁ ଅସୁଖ ପ୍ରଦାନ କରୁଥାଇପାରେ । ତଥାପି ଲୋକନୃତ୍ୟର ପାରମ୍ପାରିକ ଭକ୍ତିରସ ସମ୍ମିଳିତ ଶୃଙ୍ଗାରଚେତ୍ ନାଟ୍ୟ ପରମ୍ପରା ସମଗ୍ର ମାନବଜାତିକୁ ବିମୋହିତ ଓ ଆତ୍ମସ୍ଥ ହେବାକୁ ବାଧ୍ୟ କରିଛି । ଆଦିବାସୀ ଜୀବନର ସରଳ, ନିଷ୍କପଟ, ସ୍ୱଚ୍ଛ ସମର୍ପଣ ଭାବ ଦଣ୍ଡନୃତ୍ୟର ଅନନ୍ୟ ସମ୍ଭାର ।

ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତିର ବୈଭବ ସମଗ୍ର ଓଡ଼ିଆ ଜାତିକୁ ପୁଲକିତ କରୁଛି । ଏହି ଅଞ୍ଚଳର ନଦୀ ସଭ୍ୟତା, ଶୈଳପୂର୍ଣ୍ଣ ବାତାବରଣ, ଘଞ୍ଚ ଅଟବୀର ସୌନ୍ଦର୍ଯ୍ୟ ଓ ସୁନ୍ଦର ଭୌଗୋଳିକ ଅବସ୍ଥିତି ତା'ର ପୁଣ୍ୟ ଭାବକୁ ପ୍ରଶସ୍ତିତ କରିବା ସହ ଏହାର ସୌନ୍ଦର୍ଯ୍ୟମୟ ସଭ୍ୟତା, ସାହିତ୍ୟ, ଭାଷା ଓ ସଂସ୍କୃତି ସମଗ୍ର ଜଗତକୁ ଆହ୍ଲାଦିତ ଓ ଉନ୍ମାଦିତ କରୁଛି, ଏହା ନିଃସନ୍ଦେହ ।

- ପ୍ରାକ୍ତନ ଅର୍ଥକମିଟି ସଦସ୍ୟ
ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର
ମୋ-୯୪୩୭୦୭୯୦୯୯

# ସମ୍ବଲପୁରର୍ ଜୁନ୍‌ହାଁ କୀର୍ତ୍ତି

● ଡ. ଶ୍ୟାମ ସୁନ୍ଦର ଧର

ସମ୍ବଲପୁର ସହରେ ବନିହାଁ ଐତିହାସିକ କୀର୍ତ୍ତିମାନ୍ ରହିଛେ, ସେ ଐତିହାସିକ୍ କୀର୍ତ୍ତି ଭିତ୍ରୁ କିଛିଟା ବିଷେ ଉପ୍ରେ ତଥ୍ୟ ଠୁଲେଇ କରି ଇ ଲେଖାକେ ପ୍ରସ୍ତୁତ କରାହଇଛେ ।

**ନୀଲ୍‌ମାଧବ ମନ୍ଦିର :-** ମନ୍ଦଲିଆ ନାଲା ଯେନ୍‌ଠାନେ ମହାନଦୀଥି ମିଶିଛେ ସେ ମୁହାନ ନ ଗୁଟେ ଢ଼ାପୁନ ନୀଲ୍‌ମାଧବ ମନ୍ଦିର ଥିଲା । ମନ୍ଦିର ଟାକେ ଦୁର୍ଗାପାଲିର ବିର୍ତ୍ତିଆ ଜମାର ଯଦୋରାମ ବିର୍ତ୍ତିଆ ବଲି ଝନେ ଲୋକ ବନେଇ ଥିଲେ । ସେ ମନ୍ଦିରେ କଲା ମିସ୍ ମିସ୍ ନୀଲମାଧବଙ୍କର୍ ମୂର୍ତ୍ତି ପୂଜା ପାଉଥିଲେ । ଥରେ ନଦୀ ବଢ଼ିଥି ମନ୍ଦିରଟା ଧସ୍‌କି ଗଲା । ସେନିର୍ ମୂର୍ତ୍ତିକେ ଫାରମ୍ ରୋଡ଼ର୍ ଝନେ ଆନି କରି ପୂଜା କରୁଥିଲେ, ଥୁରେ ଦିନ୍ ବାଦ୍ ସେ ମୂର୍ତ୍ତିକେ ନେଇ ବୁର୍ଲା ଚାନ୍ଦ୍‌ଲି ପାହାଡ଼୍ ଉପ୍ରେ ଛୋଟ୍‌ଟେ ମନ୍ଦିର କରି ପୂଜା କରା ହଉଛେ ବଲି ଶୁନ୍‌ବାର୍‌କେ ମିଲୁଛେ । ନୀଲ ମାଧବ୍ ମନ୍ଦିର ବାବ୍‌ଦେ ଆଉ ଗୁଟେ କଥା ଶୁନ୍‌ବାର୍‌କେ ମିଲ୍‌ସି ଯେ ସମ୍ବଲପୁରର ରଜାର ଝି' ନୀଲା ଆଉ ରଜାର ଝନେ ଯୁବକ ସେନାପତି 'ମାଧବର୍' ପ୍ରେମ୍ କାହାନୀର୍ ସ୍ମାରକୀ ଆଏ ନୀଲମାଧବ ମନ୍ଦିର । ଇ କିମ୍ବଦନ୍ତୀକେ ଆଧାର୍ କରି ଦେବାନନ୍ଦ ସେନାପତି 'ମାଧବୀ' ବଲି କାବ୍ୟଟେ ଲେଖିଛନ୍ ।

**କଲାପାହାଡ଼ର୍ ସମାଧି :-** ବଡ଼ବଜାରୁ ଦୁର୍ଗାପାଲି ଆଡ଼େ ଗଲା ବେଲେ ନରସିଂହ ଗୁଡ଼ିର୍ ଟିକେ ଆଗ୍‌କେ ଡେବ୍‌ରି ଫାଲେ ଗୁଟେ ଆମ୍‌ବୁରେଇ ଥିଲା । ସେନ ବନେ ଗୁଡ଼ାଦୁ ସମାଧି ଥିଲା, ସେ ଭିତ୍ରୁ ଗୁଟେ ସମାଧି କଲାପାହାଡ଼ର ବଲି ଲୁକେ କହୁଥିଲେ ନ ଇତିହାସନୁ ଯାହା ଜନାପଡ଼୍‌ସି, କଲାପାହାଡ଼୍ ସମ୍ବଲପୁରୁ ଗଲା ବାଦ୍ ଆଉ ଦୁଇଟା ଲଢ଼େଇ କରିଥିଲେ, ହେଥିର୍ ଲାଗି ଇନ କଲାପାହାଡ଼ର ସମାଧି ଥିଲା ବଲି କେନ୍ତେଇ ବିଶ୍ୱାସ ହେବା । ତଥାପି ଏଛେନ୍ ତକ୍ ଲୁକ୍‌କର ଧାର୍‌ନା ଅଛେ ଯେ ଇନ କଲା ପାହାଡ଼ର ସମାଧି ଥିଲା । ସେନ ଯେନ୍ ସମାଧି ମାନ୍‌ଥିଲା, ସେଟାମାନ ରାଜ ପରିବାରର ସମାଧି ବଲି ଐତିହାସିକ ଦୀପକ୍ କୁମାର ପଣ୍ଡା କହିଛନ୍ । ସେ ସମାଧି ଗୁରାକର୍ ଉପ୍ରେ କୁମ୍ଭମାନ୍ ଥିଲା । ଏଛେନ୍ ଯେନ୍ ସମଲେଶ୍ୱରୀ କଲେଜ ଅଛେ ତାର୍ ଆଗ୍ ଆଡ଼େ ଆଉ ପଛ୍ ଆଡ଼େ ବି ସମାଧି ମାନ୍ ଥିଲା । ରାଜାଙ୍କର୍ ସେନାବାହିନୀଥି ଯେନ୍ ଅଧିକାରୀ ମାନେ ଥିଲେ ସେ ସମାଧି ମାନ୍ ତାକର୍ ଥିଲା । ଏଛେନ୍ ବି ସମଲେଶ୍ୱରୀ କଲେଜର୍ ପଛଆଡ଼େ ମୁସଲମାନ୍‌ମାନ୍‌କର୍ କବରସ୍ଥାନ ରହିଛେ ।

**ଜେମା ଦେଇ ମହଲ୍ :-** ସମ୍ବଲପୁରର୍ ତିନ୍ ନମ୍ବର ରଜା ବଳଭଦ୍ର ଦେବ, ଏଛ୍‌ନିର୍ ପାଟଣେଶ୍ୱରୀ ମନ୍ଦିର ପାସେ ଜାରୁ ମହଲ ବନେଇଥିଲେ । ସେ ପାଶେ ତିନ୍‌ଟା ମହଲ୍ ଥିଲା । ଶେଷ୍ ମହଲାଟା ବଲିଆର ସିଂ, ତାଁକର୍ ଝି ଜେମାଦେଇ ନାଁଥି ବନେଇ ଥିଲେ । ବାମଣ୍ଡା ରାଜାକେ ବଲିଆର ସିଂହ ଯୁଦ୍ଧଥି ହରେଇ ବନ୍ଦୀ କଲେ, କାରାଗାରନ ଖାଦ୍ୟ ଯୁଗଉ ଥିଲେ ନନ୍ଦରାମ୍ ବଲି ଝନେ ଲୋକ୍ । ନନ୍ଦରାମ ଆଉ ତାକର୍ ସ୍ତ୍ରୀ ମାଣିକ୍ୟର୍ ମାଧମଥି ବାମଣ୍ଡା ରାଜା ବଲିଆର୍ ସିଂହଙ୍କୁ ବନିହାଁ କ୍ଷତିପୂରନ୍ ରାଶି ଦେଇ ମୁକ୍ତି ଥିଲେ, ସେ କ୍ଷତିପୂରନ୍ ରାଶିଥୁ ଜେମା ଦେଇ ମହଲ୍ ବନା ହଇଥିଲା । ଧୀରେ ଧୀରେ କରି ସେ ମହଲ ଜରାଜୀର୍ଣ୍ଣ ହଇ ପଡ଼ିଥିଲା । କିଛି ବରଷ୍ ହେଲା ସେ ମହଲର୍ ଜୀର୍ଣ୍ଣ ଉଦ୍ଧାର କରିଛେ "ଇନ୍‌ଟେକ୍" ସଂସ୍ଥା ।

**ୟୁରୋପିଏନ୍ କ୍ଲବ୍ :-** ଏଛେନ୍ ଯେନ୍ ହେଡ଼ପୋଷ୍ଟ ଅଫିସ୍ ଅଛେ ତାର୍ ସାମନାଥି ୧୮୯୫ ସାଲେ ୟୁରୋପିଏନ୍

କ୍ଲବ୍ ଥାପିତ୍ ହଇଥିଲା । ସେ କ୍ଲବ୍‌କେ ଭାରତୀୟମାନ୍‌କୁ ମନା ଥିଲା । ସେତ୍‌କି ବେଲେ ଜେ.ଏନ୍. ସେନ୍ ବଲି ଝନେ ସ୍ୱାଭିମାନୀ ଓକିଲ ୧୮୯୮ଥି ସମ୍ବଲପୁର କ୍ଲବ୍ କଲେ ଆଉ ସେ କ୍ଲବ୍‌କେ ୟୁରୋପିଏନ୍‌ମାନ୍‌କୁ ଯିବାର୍ ମନା ଥିଲା, ଏଛେନ୍ ସେ କ୍ଲବ୍ ମହାନଦୀ କ୍ଲବ୍ ହଇଛେ ।

**ସରକାରୀ କବରସ୍ଥାନ :-** ହେଡ଼ପୋଷ୍ଟ ଅଫିସ୍ ଆଉ ମୁନିସିପାଲଟି ମଝିଥି ଯେନ୍ ଖାଲି ଜାଗାଟା ଅଛେ ସେନ ୧୮୧୮ ସାଲେ କବରସ୍ଥାନ ହଇ କରି କବର ଦେବାର୍ ମୂଲ୍ ହେଲା । ସେନ ବନିହାଁ ବ୍ରିଟିଶ୍ ଅଧିକାରୀ, ତାଁକର୍ ସ୍ତ୍ରୀ ଛୁଆପିଲା, ସେନା ଅଧିକାରୀ, ପୋଲିଟିକାଲ୍ ଏଜେଣ୍ଟ ମାନ୍‌କର୍ କବର୍ ଅଛେ । ସମ୍ବଲପୁରର ପହେଲା ଇସ୍‌କୁଲ 'ସମ୍ବଲପୁର ସ୍କୁଲ' ପଛେ ଜିଲ୍ଲାସ୍କୁଲ ହେଲା ଯେ ଥାପ୍‌ନା କରିଥିଲେ 'ଜନ୍ କେଡ଼େନ୍‌ହେଡ୍', ପୋଲିଟିକାଲ ଏଜେଣ୍ଟ 'ଏଡ଼ୱାର୍ଡ ରଫ୍‌ସିଜ୍', 'ଉଡ୍‌ବ୍ରିଜ୍', ମେଜର ଇମ୍ପେ ଆଉ ତାକର୍ ସ୍ତ୍ରୀର୍ ବି କବର୍ ଇଠାନେ ଅଛେ । ସେ କବରସ୍ଥାନନ "ଗଭରନ୍‌ମେଣ୍ଟ ସିମେଣ୍ଟ୍ରି" ଲେଖା ହଇଛେ ।

**ଡାକ୍‌ଘର୍ :-** ବମ୍ବେ ଆଉ କଲକତା ଯିବାର୍ ବାଟେ ସମ୍ବଲପୁର ରହିଛେ । ସେଥିର୍ ଲାଗି ଇନ ଭାରତର୍ ଗୁଟେ ପ୍ରମୁଖ ଡାକ୍ ରାସ୍ତା ଥିଲା । ଡାକ୍ ନିଆ ଅନା ଲାଗି ସମ୍ବଲପୁର ଗୁଟେ ବଡ଼କେନ୍ଦ୍ର ଥିଲା । ସମ୍ବଲପୁର ନାଗପୁର ଆଉ ସମ୍ବଲପୁର ମେଦିନୀପୁର ଇ ଦୁହି ଯାଗାକେ ଡାକ୍ ପଠାବାର୍ କେନ୍ଦ୍ର ଥିଲା ସମ୍ବଲପୁର । ୧୮୧୮ନୁ ଡାକ୍ ବେବସ୍ଥା ବିକଶିତ୍ ହେଲା, ସେଦିନୁ ସମ୍ବଲପୁରେ ଯେନ୍ ମୁଖ୍ୟ ଡାକଘର ଅଛେ ସେଟା ୧୯୦୦ ସାଲେ ହଇଥିଲା, ଆଘଲୁ ସେନ ଚାଲ୍‌ଘର୍ ଥିଲା ।

**ଚର୍ଚ୍ଚ :-** ସମ୍ବଲପୁରେ ଆଶାପାଲି ନ ପହେଲା ୧୮୮୨ଥି ଚର୍ଚ୍ଚ ହେଲା, ସେ ପାସେ ଅନାଥାଶ୍ରମ୍‌ଟେ ବି ଥିଲା, ହଏଜା ହେଲା ବେଲେ ଅନ୍ତେବାସୀମାନ୍‌କୁ ବାଲେଶ୍ୱର ପଠେଇ ଦିଆ ହଇଥିଲା । ଖ୍ରୀଷ୍ଟିୟାନ୍ ଧରମ୍ ପ୍ରଚାର୍ ଲାଗି ସମ୍ବଲପୁରରେ ୧୮୨୬ନୁ ଉଦ୍ୟମ୍ ହଇଥିଲା । ଇଛେନ୍ ଯେନ୍ ଚର୍ଚ୍ଚ ଅଛେ ସେଟା ୧୯୧୧ଥି ତିଆରି ହଇଥିଲା, ୧୯୭୫ ସାଲେ ଚର୍ଚ୍ଚକେ ନୂଆଁ କରି ବନା ହଇଛେ । ୧୯୩୦-୪୦ ବେଲ୍‌କେ ବିନାଖଡ଼ିନ ସେଣ୍ଟ ଜନ୍ ଚର୍ଚ୍ଚ ହେଇଛେ । ସେ ନିକେ ବ୍ରିଟିଶର୍ସ ଯାଉଥିଲେ ।

**ଭିକ୍ଟୋରିଆ ହଲ୍ (ଟାଉନ୍ ହଲ୍) :-** ୧୯୦୨ଥି ମୂଲ୍ ହଇ ୧୯୦୪ଥି ବନା ସରିଥିଲା ଭିକ୍ଟୋରିଆ ହଲ୍ । ମହାରାନୀ ଭିକ୍ଟୋରିଆଙ୍କର୍ ଦେହାନ୍ତ ଉତାରୁ ତାଁକର୍ ସ୍ମୃତି ଲାଗି ବ୍ରିଟିଶ ସଦର ମହକୁମାମାନ୍‌କେ ଟାଉନ୍ ହଲ୍ ମାନ ବନା ହଇଥିଲା । ସେ ଭିତ୍ରୁ ସମ୍ବଲପୁରର ଟାଉନ୍ ହଲ୍ ଗୁଟେ ଆଏ । ଭିକ୍ଟୋରିଆ ଟାଉନ୍ ହଲ୍‌ନୁ ତଲ୍‌କେ ନଲିଆ ତକ୍ ମଏଦାନ୍ ଥିଲା, ସେନ ଦଲ୍‌ଦଲ୍ ପିଲା ଖେଲୁଥିଲେ, ଗୋରା ସାହେବମାନେ ସେନ ଗଲ୍‌ଫ ଖେଲୁଥିଲେ । ୧୯୨୭ ସାଲେ ସମ୍ବଲପୁର ମ୍ୟୁନିସିପାଲଟି ବିଲ୍‌ଡିଂ ବନା ହଇଥିଲା ।

**ହାଓ୍ୱା ମଏଦାନ :-** ଆଘ ହାଓ୍ୱା ମଏଦାନର ଭୁଜ୍‌ନି ଫାଲେ ପୂର୍ତ୍ତ ବିଭାଗ ଥିଲା । ସେନ ହାତୀ ବନ୍ଧା ହେଉଥିଲା । ଡେବ୍‌ରି ଆଡ଼େ ପାଣିପାଗ୍ ଅଫିସ୍ ଥିଲା ଆଉ 'ପବନଯନ୍ତ୍ର' ଥିଲା ବଲି ଇ ପଡ଼ିଆକେ ହାଓ୍ୱା ମଏଦାନ୍ ବଲସନ୍ । ଏଛେନ୍ ହାଓ୍ୱା ମଏଦାନ୍‌କେ ଲାଗି କରି କମିଶନର କଲୋନୀ ବସିଛେ ଆଉ ହାଓ୍ୱା ମଏଦାନ ଗୁଟେ ବଢ଼ିଆଁ ଖେଲ୍ ପଡ଼ିଆ ହଇ ଯାଇଛେ । ହାଓ୍ୱା ମଏଦାନ୍‌କେ ଲାଗି କରି କମିଶନର କଲୋନୀ କ୍ରିକେଟ୍ କ୍ଲବ୍ ଅଛେ ।

**ସେନା ଆସ୍‌ପାତାଲ୍ :-** ଏଛେନ୍ ବୃକ୍ସହିଲ୍ ଉପ୍ରେ ଯେନ୍ ପିଡବ୍ଲୁଡ଼ି ଅଫିସ୍ ଅଛେ ସେଟା ଆଘୋ ମିଲିଟାରୀ ଆସ୍‌ପାତାଲ୍ ଥିଲା । ତାର୍ ପାସେ ଡାକ୍ତର ମାନ୍‌କର୍ କ୍ୱାର୍ଟର ଥିଲା । ୧୯୧୨ ସାଲେ ସେନା ଆସ୍‌ପାତାଲ୍ ଉଠି ଗଲା କିନ୍ତୁ ଘର ଦୁଆର୍ ମାନ ରହିଛେ ।

**ପଲ୍‌ଟନ୍ କୂଆଁ :-** ସୁରେନ୍ଦ୍ର ସାଏଙ୍କର୍ ଲଢ଼େଇ ବେଲେ ସମ୍ବଲପୁରକେ "ମାଡ୍ରାସ ରେଜିମେଣ୍ଟ" ସୈନ୍ୟ ଆସିଥିଲେ । ସେକ୍ରିବେଲେ ପଲ୍‌ଟନ୍ କୂଆଁ ହଇଥିଲା । ପଲ୍‌ଟନ୍ କୂଆଁର୍ ପାଏନ୍ ପିଇଲେ ପେଟ୍ ବେମାରି ଠିକ୍ ହଇଯାଉଥିଲା ବଲସନ୍ । ସ୍ୱାମୀ ଆତ୍ମାନନ୍ଦଙ୍କର୍ ଜୀବନୀ ବହିଥି ପଲ୍‌ଟନ୍ କୂଆଁ ବାବ୍‌ଦେ ଲେଖା ଅଛେ ।

**ବୃକ୍ସହିଲ୍ :-** ଆଘୋ ଇ ପାହାଡ଼୍ ଉପ୍ରୁ ଝରନ୍ ମାନ୍ ଝରୁଥିଲା । ଆଉ ସେ ଝରନ୍‌ର ପାନି ମୋତି ମିତାଲ୍ ଫଟିକ୍ ବଲି କରି ଇ ପାହାଡ଼ର୍ ନାଁ ମୋତିଝରନ୍ ଥିଲା । ବ୍ରିଟିଶ ଶାସନ ସମିଆଥି ଇ ପାହାଡ଼ନ ସୈନ୍ୟ ଶିବିର ଆଉ ବିଭାଗୀୟ କାର୍ଯ୍ୟାଳୟ୍ ମାନ୍ ହଇଥିଲା । ୧୮୭୬ ଜୁନ୍ ମାସୁ ୧୮୭୭

ଏପ୍ରିଲ୍ ତକ୍ କଲୋନେଲ ଡବ୍ଲ୍ୟୁ.ଟି. ବ୍ରୁକ୍ ସମ୍ବଲପୁରର ଡେପୁଟି କମିଶନର ଥିଲେ । ଇ ପାହାଡ଼ର୍ ଉନ୍ନତିକରନ୍ ଲାଗି ପଦକ୍ଷେପ ମାନ୍ ନେଇଥିଲେ । ବ୍ରୁକ୍‌ଙ୍କର୍ ନାଁ ଅନ୍‌ସାରେ ପାହାଡ଼୍‌ର ନାଁ ବ୍ରୁକ୍ସହିଲ୍ ହଇଛେ । ଇ ପାହାଡ଼େ ଘର ବନାବାର୍ ଲାଗି ସରକାର ସମ୍ବଲପୁରର ବିଶିଷ୍ଟ୍ ଲୋକ୍‌ମାନ୍‌କୁ ଜାଗାମାନ ଦେଇଥିଲେ, ଆଉ କିଛି ଜାଗା ସରକାରୀ ସାହେବ୍‌ମାନ୍‌କର ରହେବାର୍ ଘର୍ ମାନ୍ ବନାଗଲା । ଏଛେନ୍ ବ୍ରୁକ୍ସହିଲ୍ ନ ମାଏକ୍ରୋୱେଭ୍, ସମ୍ବଲପୁର ଦୂରଦର୍ଶନ ଆଉ ଡିଅର୍ ପାର୍କ ହଇଛେ ।

**ନଏଦ୍ ନଲା :-** ସମ୍ବଲପୁର ସହର ଏନ୍ତା ଠାନେ ବସିଛେ ଯେ ଗୁଟେ ଆଡ଼େ ମହାନଏଦ୍ ଆଉ ବାକି ତିନ୍‌ହି ଆଡ଼େ ଯୋର, ନଲିଆ ଘେରିଛେ । କାଏଁଶିର୍‌ନୁ ସାକ୍ଷୀପଡ଼ା, ବାହାଲ୍‌ପଡ଼ା, ଅଶୋକା ଟକିଜ୍, କୁମ୍ଭାରପଡ଼ା, ହୀରାକୁଦ କଲୋନୀ ଦେଇ କରି ହରଡ଼ଯୋର ନ ମିଶିଛେ । ଇ ନାଲାର୍ ନାଁ ହେଉଛେ ଟାଙ୍ଗନା ନାଲା, ଲରପଙ୍କ ଆଡ୍ରୁ ଯେନ୍ ନାଲାଟା ବୁହି ଆସି କରି ମହାନଦୀ ନ ମିଶିଛେ, ସେ ନାଲାକେ ସମ୍ବଲପୁରର ରାଜା ବଲଭଦ୍ର ଦେବ ଖୁଲେଇ କରି ଆନି ବାଏଲ୍‌ବନ୍ଧାର୍ ଗଡ଼୍‌ଖାଇ ନ ମିଶେଇ ଦେଇଥିଲେ । ପଛେ ସମ୍ବଲପୁରର ରଜା ଛତର ସାଏ ଗଡ଼ଖାଇନୁ ତଅଁଲାପଡ଼ା ଦେଇ ଗୁଟେ ନାଲା ଖୁଲେଇ ଦେଲେ ସେଟା ହେଲା ଧୋବି ଯୋର୍ । ଧୁବାମାନେ ଇନ କପଡ଼ା କାଚୁଥିଲେ ବଲି ଇ ନାଲାର୍ ନାଁ ଧୋବି ଯୋର୍ ହଇଗଲା ।

- ବଡବଜାର, ସମ୍ବଲପୁର

■ ଯେନ୍ ବିଷେ ମାନ୍ ସୂଚିତ୍ କରା ହେଲା, ସେ ଭିତ୍ରୁ କିଛି ଧ୍ୱଂସ ହଇଯାଇଛେ, କିଛି କ୍ଷୟ ପ୍ରାପ୍ତ ହଇକରି ପଡ଼ିଛେ । କିଛି ପୁନରୁଦ୍ଧାର କରା ହଇଛେ ।

■ ତଥ୍ୟ ସବୁ ଐତିହାସିକ ଦୀପକ୍ କୁମାର ପଣ୍ଡାଙ୍କର୍ ଠାନୁ ଠୁଲା ହଇଛେ ।

# ବୌଦର ଏକ ଅନାଲୋଚିତ ପ୍ରାଚୀନ ମନ୍ଦିର

● ପ୍ରଫୁଲ୍ଲ କୁମାର ଦାଶ

ଜନବସତି କାଳର ପ୍ରାଚୀନତା ଦୃଷ୍ଟିରୁ ବୌଦ୍ଧ ଅଞ୍ଚଳ ଅତି ପ୍ରାଚୀନ ଅଟେ । ବୌଦ୍ଧ ଯୁଗରେ ବୌଦ ଅଞ୍ଚଳରେ ବୋଦ୍ଧ ଧର୍ମର ଏକ ପ୍ରମୁଖ ପୀଠ ଥିଲା । ଫଳରେ ଏହି ଅଞ୍ଚଳରେ ଅନେକ ବୌଦ୍ଧ ବିହାର ଓ ମଠ ଥିବାର ଅନୁମାନ କରାଯାଏ । ସମ୍ପ୍ରତି ବୌଦ ଜିଲ୍ଲା ମହକମାରୁ ମାତ୍ର ୧୬ କିଲୋମିଟର ଦୂରରେ ଦୁର୍ଗା ପ୍ରସାଦ ଓ ସମାପାଳୁ ଗ୍ରାମର ମଧ୍ୟସ୍ଥଳରେ ଏକ ପାହାଡ଼ ଉପର ମୁଣ୍ଡରେ ଏକ ଅର୍ଦ୍ଧ ନିର୍ମିତ ପ୍ରାଚୀନ ମନ୍ଦିର ଠାବ ହୋଇଛି । ସ୍ଥାନୀୟ ଗ୍ରାମବାସୀଗଣ ଗତ ବେଶ କିଛି ବର୍ଷ ଧରି ଏହି ମନ୍ଦିରରେ ଗର୍ଭଣା ସଂକ୍ରାନ୍ତି, ଆଶ୍ୱିନ ଦଶହରା ଦଶମୀ ପୂଜା କରିଆସୁଛନ୍ତି । ତେବେ ଏହି ଅର୍ଦ୍ଧ ନିର୍ମିତ ମନ୍ଦିର ବାବଦରେ ଅଧିକ ଗବେଷଣା, ପ୍ରତ୍ନତାତ୍ତ୍ୱିକ ସର୍ଭେ ଆଦି ହେଲେ ଅଞ୍ଚଳର ଆଉ କିଛି ଅନାଲୋଚିତ ଇତିହାସ ଲୋକଲୋଚନକୁ



ଆସିବାର ସମ୍ଭାବନା ସୃଷ୍ଟି ହୋଇଛି । ଗବେଷକଙ୍କ ମତରେ ମନ୍ଦିର ପ୍ରାୟ ୪/୫ ଶହ ବର୍ଷ ପୁରୁଣା ହେବ ।

**ଅର୍ଦ୍ଧନିର୍ମିତ ମନ୍ଦିର ଅବସ୍ଥିତି ଗ୍ରାମ -**

ବୌଦ ଜିଲ୍ଲା ସଦର ମହକୁମାରୁ ସୋନପୁର ରାସ୍ତାରେ ପ୍ରାୟ ୧୨ କିଲୋମିଟର ସଡକ ମାର୍ଗରେ ଗଲେ ବଘିଆପଡା ପଞ୍ଚାୟତ । ଏହି ପଞ୍ଚାୟତ ମହକୁମାରୁ ପୁଣି ୩ କିଲୋମିଟର ରାସ୍ତା ବ୍ରାହ୍ମଣୀପାଲି ଛକ, ସେହି ଛକରୁ ଡାହାଣକୁ ପ୍ରାୟ ଛଅ ଫୁଟିଆ ସରୁ ଗ୍ରାମ୍ୟ ରାସ୍ତାରେ ଅତିକ୍ରମ କରି ପାହାଡ଼, ପର୍ବତ, କୃଷି ସବୁଜିମା ଘେରା ଗାମ ଦୁର୍ଗାପ୍ରସାଦ । ଗ୍ରାମରେ ଅନ୍ୟୁନ ୪୦ ପରିବାରର ବସତି ରହିଛି । ଦୁର୍ଗାପ୍ରସାଦରୁ ପୁଣି ଡାହାଣପଟ କେନାଲ କୂଳ ରାସ୍ତାରେ ଦେଢ଼ ଶହ ମିଟର ଆଗକୁ ଜଙ୍ଗଲ ପରିବେଷ୍ଟିତ ଦେଉଳ ପାବଲି ପାହାଡ଼ । କେନାଲ ଗୋଟିଏ ପାର୍ଶ୍ୱରୁ ଚାରିଚକିଆ ଯାନରେ ଅନ୍ୟ ପଟରେ ପାଦରେ ଚାଲି ପହଞ୍ଚି ହେଉଛି । ସାମାନ୍ୟ ପଥୁରିଆ ପାହାଡ଼ ଉପରକୁ ପ୍ରାୟ ଦେଢ଼ ଶହ ମିଟର ଆରୋହଣ କଲେ, ପାହାଡ଼ ଶୀର୍ଷରେ ଦୃଶ୍ୟମାନ ହେଉଛି ଅର୍ଦ୍ଧନିର୍ମିତ ପୋଡ଼ା ଇଟାରେ ତିଆରି ଅସମ୍ପୂର୍ଣ୍ଣ ମନ୍ଦିର । ମନ୍ଦିରରେ କୌଣସି ଦେବାଦେବୀ ନାହାନ୍ତି ।

**ଦେଉଳ ପାବଲି ପାହାଡ଼ର ପରିପାର୍ଶ୍ୱ -**

ଦେଉଳ ପାବଲି ପାହାଡ଼ ପାଦ ଦେଶରୁ ଆଉ ପ୍ରାୟ ୨/୩ ମିଟର ଆଗକୁ ଗଲେ ବଘିଆପଡା ପଞ୍ଚାୟତ ଶେଷ ଗ୍ରାମ ସମାପାଳୁ । ଅଳ୍ପ ଜନବସତିର ଏକ ଛୋଟିଆ ଗ୍ରାମ । ପାହାଡ଼, ପର୍ବତ ଘେରା ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ । ଚିରସ୍ରୋତା ଝରଣାକୁ ବାନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କେନାଲ ବ୍ୟବସ୍ଥା କରାଯାଇଛି । ପାଖରେ କୂପ ଆଟ ଅଞ୍ଚଳ । ଗ୍ରାମବାସୀଙ୍କ କହିବାନୁସାରେ ପୂର୍ବ ପୁରୁଷ ବେଶ ପରିଶ୍ରମୀ, କର୍ମନିଷ୍ଠ ଥିଲେ ।

ସେମାନେ କୂପ ଆଟରେ ବିଭିନ୍ନ ପ୍ରକାର ଅଣଧାନ ଚାଷ କରୁଥିଲେ । ମାତ୍ର ଏବେ ପଡ଼ିଆ ପଡ଼ିଛି ।

**ମନ୍ଦିର ନିର୍ମାଣ ଶୈଳୀ ଓ ନିର୍ମାଣ କାଳ -**

ଦେଉଳ ପାବଲି ପାହାଡ଼ ଶୀର୍ଷରେ ପୋଡ଼ା ଇଟାରେ ତିଆରି ପ୍ରାୟ ୨୭/୨୮ ଫୁଟ ଉଚ୍ଚ ମନ୍ଦିର । ମନ୍ଦିର ଚୂଡ଼ା ନିର୍ମାଣ ହୋଇନାହିଁ । ତେବେ ଉପର ଅଂଶ ସୁନ୍ଦର ନିର୍ମାଣ କାରିଗରିରେ ନିବୁଜ ରହିଛି । ମନ୍ଦିର ବାହାର ଓ ଗମ୍ଭୀରା ପାର୍ଶ୍ୱ ଅଷ୍ଟକୋଣୀ । ଗମ୍ଭୀରା ଦୈର୍ଘ୍ୟ ଓ ପ୍ରସ୍ଥ ପ୍ରାୟ ଆଠ ଫୁଟ, ତା ଆଗକୁ ଏକ ସଂକୀର୍ଣ୍ଣ ଅନ୍ତରାଳ, ଯାହାର ଲମ୍ବ ୧୨ ଫୁଟ, ପ୍ରସ୍ଥ ପାଞ୍ଚ ଫୁଟ, ତା ଆଗରେ ଜଗମୋହନ/ମୁଖଶାଳା ୧୫ ଫୁଟ ଲମ୍ବ, ୧୪ ଫୁଟ ପ୍ରସ୍ଥ ଓ ସାଢ଼େ ୫ ଫୁଟ ଉଚ୍ଚତା । ଐତିହାସିକ, ଗବେଷକ ଡ. ଶଶାଙ୍କ ଶେଖର ପଣ୍ଡା ମନ୍ଦିର ନିର୍ମାଣ ଶୈଳୀ ଓ ବ୍ୟବହୃତ ସାମଗ୍ରୀ, ଟାଣ ପୋଡ଼ା ଇଟା ଆଦି ଅନୁଧ୍ୟାନ କରିବା ପରେ ମତ ଦେଇଛନ୍ତି, "ଏହି ମନ୍ଦିର ପ୍ରାୟ ୫/୬ ଶହ ବର୍ଷ ପୂର୍ବେ ନିର୍ମିତ ହୋଇଛି । ଅଷ୍ଟକୋଣୀ ନିର୍ମାଣ ଶୈଳୀ ଦୃଷ୍ଟିରୁ ଏହା ଏକ ତନ୍ତ୍ରପୀଠ ଉପାସନା ସ୍ଥଳୀ ନିଶ୍ଚିତ ହୋଇଥିବ । ସେହି ସମୟରେ ଏହି ସ୍ଥାନରେ ଅତ୍ୟନ୍ତ ଘଞ୍ଚ ଓ ଅତି ନିରୋଳା ସ୍ଥାନ ହୋଇଥିବାରୁ, ଯେଉଁ ସିଦ୍ଧ ସାଧକ ତନ୍ତ୍ର ମନ୍ତ୍ର ଉପାସନା ଆଦି କରୁଥିବେ, ଏଠାର ରାଜାଙ୍କୁ ଅନୁରୋଧ କରି ମନ୍ଦିର ନିର୍ମାଣ କରାଇଥିବେ । ତେବେ କୌଣସି କାରଣରୁ ମନ୍ଦିର ସମ୍ପୂର୍ଣ୍ଣ ହୋଇପାରି ନାହିଁ ।" ଦେଉଳ ପାବଲି ପାହାଡ଼ର ଗୋଟିଏ ପାର୍ଶ୍ୱରେ ମନ୍ଦିର ସମ୍ମୁଖ ଡାହାଣ ପଟକୁ ଓହ୍ଲାଇଲେ, ତଳେ ଆଉ ଏକ ଅର୍ଦ୍ଧ ନିର୍ମିତ ପୋଡ଼ା ଇଟା ମନ୍ଦିର ରହିଛି । ସେହି ମନ୍ଦିରକୁ ସ୍ଥାନୀୟ ଲୋକେ ଦୁର୍ଗା ମନ୍ଦିର କହୁଛନ୍ତି, ମାତ୍ର ଦୁର୍ଗାଙ୍କ ନାମାନୁସାରେ ଗ୍ରାମର ନାମ ଦୁର୍ଗା ପ୍ରସାଦ ହୋଇଛି ଓ ଗ୍ରାମବାସୀ ମନ୍ଦିର ବାହାରେ ଅଧିଷ୍ଠାତ୍ରୀ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା କରୁଛନ୍ତି । ପାହାଡ଼ ଉପର ମନ୍ଦିରର ଜଗମୋହନ/ମୁଖଶାଳା କିଛିକାଂଶରେ ଭାଙ୍ଗିଯାଇଛି, ତେବେ ସେହି ଭାଙ୍ଗିଯାଇଥବା ଅଂଶର ଇଟାଗୁଡ଼ିକ ଗମ୍ଭୀରା ଭିତରେ ଆସ୍ଥାନ ସ୍ଥଳୀରେ ବିଛା ଯାଇଛି । ଏହି ପୋଡ଼ା ଟାଣ ଇଟାର ଲମ୍ବ ୭ ଇଞ୍ଚ, ପ୍ରସ୍ଥ ୪ ଇଞ୍ଚ ଓ ଉଚ୍ଚତା ୩ ଇଞ୍ଚ ରହିଛି । ଅଷ୍ଟକୋଣୀ ଶୈଳୀରେ ଉପରକୁ ଉଠିଥିବା ମନ୍ଦିରର କେତେକ ସ୍ଥାନରେ ଅର୍ଦ୍ଧ ଗୋଲାକାର ଇଟା ମଧ୍ୟ ବ୍ୟବହାର ହୋଇଛି । ମନ୍ଦିର ନିର୍ମାଣ ଯୋଡ଼େଇରେ ଚୂନ, ବେଲଅଠା ସହ ଆଉ କିଛି ପ୍ରାକୃତିକ ସାମଗ୍ରୀ ବ୍ୟବହାର ହୋଇଛି ।

**ଦୁର୍ଗାପ୍ରସାଦ ଗ୍ରାମବାସୀ କହନ୍ତି -**

ମନ୍ଦିର ନିର୍ମାଣ ଓ ଦେବାଦେବୀଙ୍କ ବାବଦରେ ଗ୍ରାମବାସୀ ଭିନ୍ନ ଭିନ୍ନ ମତ ଦେଇଛନ୍ତି । ଧନଞ୍ଜୟ ସ୍ୱାଁ (୬୨) କହନ୍ତି, ବୌଦ ରାଜା ଯୋଗୀନ୍ଦ୍ର ପ୍ରସାଦ ଦେଓ ମନ୍ଦିର ନିର୍ମାଣ କରି ଶୈବ ଉପାସନା ପରିପ୍ରେକ୍ଷୀରେ ଏକ ଶିବଲିଙ୍ଗ ସ୍ଥାପନା କରିବାକୁ ଚାହୁଁଥିଲେ । ଏହି ଶିବ ଲିଙ୍ଗ ଚାରି କିଲୋମିଟର ଦୂର ଖଲିଆପାଲି ଗାମରୁ ଆଣି ଏଠାରେ ସ୍ଥାପନା କରାଯାଇଥାନ୍ତା, ମାତ୍ର ରାଜା ଶିବ ଲିଙ୍ଗ ଆଣି ପାରିଲେ ନାହିଁ । ପରବର୍ତ୍ତୀ ସମୟରେ ରାଜାଙ୍କର ମୃତ୍ୟୁ ପରେ ମନ୍ଦିର ନିର୍ମାଣ ଅସମ୍ପୂର୍ଣ୍ଣ ରହିଗଲା । ଏହା କିମ୍ବଦନ୍ତୀ, ଲୋକକଥା ଆଧାରିତ ବୋଲି ମନେ ହେଉଛି । ଦୁଇଟି ମନ୍ଦିର ନିର୍ମାଣ ଅସମ୍ପୂର୍ଣ୍ଣ ରହିବା, ଅଧିକ ଗବେଷଣା ସାପେକ୍ଷ । ଗ୍ରାମବାସୀଙ୍କ ସୂଚନା ଅନୁସାରେ ଏଠାରେ ଗର୍ଭଣା ସଂକ୍ରାନ୍ତି ଧୂମଧାମରେ ସହସ୍ରାଧିକ ଲୋକଙ୍କ ଉପସ୍ଥିତିରେ ପାଳନ ହେଉଥିଲା, କିଛି ବର୍ଷ ହେଲା ବନ୍ଦ ହୋଇଯାଇଛି ।

ତେବେ ପ୍ରତିବର୍ଷ ଆଶ୍ୱିନ ଦଶମୀ ଦଶହରା ପୂଜା ଏଠାରେ ହୋଇଥାଏ ।

**ପର୍ଯ୍ୟଟନ ସ୍ଥଳୀ ପାଇଁ ବିଭବ ପରିପୂର୍ଣ୍ଣ -**

ଦୁର୍ଗା ପ୍ରସାଦ ଗ୍ରାମ, ଆଖପାଖ ଅଞ୍ଚଳରେ ପ୍ରାକୃତିକ ନୈସର୍ଗିକ ଶୋଭାରାଜିରେ ପରିପୂର୍ଣ୍ଣ, ତେଣୁ ପର୍ଯ୍ୟଟନ ସ୍ଥଳୀ ଭାବରେ ବିପୁଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ସାମର୍ଥ୍ୟ ରହିଛି । ନିକଟରେ 'ସମାପାଜୁର ରାଜୁ' ନାମକ ଓଡ଼ିଆ ଚଳଚ୍ଚିତ୍ରର ସିଂହଭାଗ ସୁଂଟି ଏହି ସ୍ଥାନରେ ହୋଇଥିଲା । ଦୁର୍ଗା ପ୍ରସାଦ, ବାହ୍ମଣୀପାଲି, ସମାପାଜୁ ଆଦି ଗାଁ ଗୁଡ଼ିକରେ ଆଜି ମଧ୍ୟ ଜୀବନଶୈଳୀରେ ପାରମ୍ପାରିକତା ଭରି ରହିଛି, ବିସ୍ତୀର୍ଣ୍ଣ କୃଷି କ୍ଷେତ୍ର, ବଣଜଙ୍ଗଲରୁ ପ୍ରବାହିତ ଖାଣ୍ଟି ଆବହାୱା ପ୍ରକୃତି, ସଂସ୍କୃତିପ୍ରେମୀଙ୍କ ଆନମନା କରୁଛି । ପ୍ରଶାସନ, ସରକାର ଗୁରୁତ୍ୱର ସହ ଦୃଷ୍ଟି ଦେଇ ଅର୍ଦ୍ଧନିର୍ମିତ ମନ୍ଦିର ପରିସରକୁ ସଂରକ୍ଷିତ କରିବା ସହ ଦେଉଳ ପାବଲି ପାହାଡ଼, ଆଖପାଖ ଅଞ୍ଚଳକୁ 'ଇକୋ-ଟୁରିଜମ୍ ଗ୍ରାମ' ଭାବରେ ଗଢ଼ି ତୋଳି ପାରିବେ । ଯା ଫଳରେ ପର୍ଯ୍ୟଟନ ଭିତ୍ତିକ କର୍ମ ନିଯୋଜନ ଓ ରାଜସ୍ୱ ବୃଦ୍ଧି ପାଇପାରିବ । ନଚେତ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଯିବାର ସମ୍ଭାବନା ରହିଛି ।

ବରିଷ୍ଠ ସାମ୍ବାଦିକ, ସମ୍ବଲପୁର- ୨
୯୪୩୭୨ ୧୯୮୯୭

# ପ୍ରକୃତି କୋଳରେ ମାଁ ଶୁହାଣୀ ଦେବୀ

● ସତ୍ୟଜିତ ମହାପାତ୍ର



ସମ୍ବଲପୁର ଜିଲ୍ଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି । ପ୍ରାକୃତିକ ପରିବେଶ ମଧ୍ୟରେ ଏସବୁ ଥିବାରୁ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ । ଏସବୁ ସ୍ଥାନ ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଭିଡ ଜମିଥାଏ । ଫଳରେ ଅଞ୍ଚଳର ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇଥାଏ । ଏପରି ଏକ କ୍ଷେତ୍ର ବଂଶାଜାଲ ଗ୍ରାମରେ ରହିଛି । ଗ୍ରାମକୁ ଲାଗି ସବୁଜିମା ଭରା ଶୁହାଣୀ ପାହାଡ । ପାହାଡର ମଧ୍ୟ ଭାଗରେ ମାଁ ଶୁହାଣୀ ଦେବୀଙ୍କ ପୀଠ ରହିଛି । ଘଞ୍ଚ ଜଙ୍ଗଲ ଓ ଚିରସ୍ରୋତା ଝରଣା ଦେବୀ ପୀଠକୁ ଅଧିକ ଆକର୍ଷିତ କରିଥାଏ । ଏହି ପୀଠକୁ ଅଙ୍କାବଙ୍କା ପାଦଚଲା ରାସ୍ତାରେ ଯିବାକୁ ହୋଇଥାଏ । କୁଳୁକୁଳୁ ନାଦ ଓ ପକ୍ଷୀଙ୍କ କିଚିରିମିଚିରି ଶବ୍ଦ ସମସ୍ତ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ । କେଉଁ ଆବାହମାନ କାଳରୁ ସେଠାରେ ମାଁ ପୂଜା ପାଇ ଆସୁଛନ୍ତି । ଭାଦ୍ରବ ମାସ ଶୁକ୍ଲପକ୍ଷ ୩ୟ ମଙ୍ଗଳବାରରେ ପ୍ରସିଦ୍ଧ ଶୁହାଣୀ ଯାତ୍ରା ହୋଇଥାଏ । ରେଢାଖୋଲ ଶାସନର ଖୁବେଲଗଡ ଜମିଦାରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ପୂଜାକାର୍ଯ୍ୟ ଚାଲୁଥିଲା । ରାଜା ଓ ଜମିଦାରଙ୍କ ଶାସନ ପରଠାରୁ ଗ୍ରାମବାସୀ ଏହି ଯାତ୍ରାକୁ ବହୁ ଆଡମ୍ବର ସହକାରେ ପାଳନ କରୁଛନ୍ତି ।

ସମ୍ବଲପୁର ଜିଲ୍ଲା ରେଢାଖୋଲ ସହର ଠାରୁ ମାତ୍ର ୧୭କିମି ଦୂରରେ ବଂଶାଜାଲ ଗ୍ରାମ ରହିଛି । ଗ୍ରାମ୍ୟ ଓ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ କିଛି ସମୟ ପାଇଁ ବାନ୍ଧି ରଖିଥାଏ । ଏହି ଦେବୀ ପୀଠର ଅନେକ ମହିମା ରହିଛି । ଏହାକୁ ନେଇ ଅନେକ ଲୋକକଥା ଓ କିମ୍ବଦନ୍ତୀ ଥିବାବେଳେ ଅଞ୍ଚଳବାସୀଙ୍କ ମାଁ ପ୍ରତି ଭକ୍ତି ଓ ବିଶ୍ୱାସ ରହିଛି । ସାରଳା ଦାସଙ୍କ ମହାଭାରତର ସ୍ୱର୍ଗାରୋହଣ ପର୍ବରେ ମାଁ ଶୁହାଣୀ ଦେବୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି । ଧର୍ମରାଜ ଯୁଧିଷ୍ଠିର ଭାଇମାନଙ୍କ ସହ ଧର୍ମପୁର ନାମକ ସ୍ଥାନରେ କିଛିଦିନ ରହିଥିଲେ । ଧର୍ମପୁରର ଅନ୍ୟନାମ ଅମରାବତୀ । ଯାହା ବର୍ତ୍ତମାନର ରେଢାଖୋଲ ବ୍ଲକ ଅନ୍ତର୍ଗତ ବଂଶାଜାଲ ଗ୍ରାମପଞ୍ଚାୟତର ମୂଷାକଟା ଗ୍ରାମକୁ କୁହାଯାଉଛି । ସୁମେରୁ ପର୍ବତ ପରବର୍ତ୍ତୀ ସମୟରେ ମାଁ ଶୁହାଣୀଙ୍କ ନାମରେ ସ୍ୱାନୀ ବା ଶୁହାଣୀ ପର୍ବତ ନାମରେ ନାମିତ ହୋଇଛି । ଏହି ପର୍ବତ ଗ୍ରାମର ଉତ୍ତର ଦିଗରେ ରହିଛି । ଶୁହାଣୀ କନ୍ୟା ଶୁହାଣୀ ଦେବୀ ରୂପରେ ପୂଜା ପାଇ ଆସୁଛନ୍ତି ।

ଲୋକକଥା ବା କିମ୍ବଦନ୍ତୀ କହେ, ରେଢାଖୋଲ ଅଞ୍ଚଳରେ ଅନେକ ଡକାୟତ ମାତିଥିଲେ । ବହୁ ଚେଷ୍ଟା ସତ୍ତ୍ୱେ

ତାଙ୍କୁ ରାଜାଙ୍କ ସୈନ୍ୟମାନେ କାବୁ କରିପାରିନଥିଲେ । ଦିନେ ରାଜା ହଠାତ୍ ରାଗି ଯାଇ ସେନାପତିଙ୍କୁ ଆଦେଶ ଦେଇଥିଲେ । ରାତି ପାହିବା ପୂର୍ବରୁ ଡକାୟତଙ୍କୁ ଧରି ନପାରିଲେ ତୁମ ମୁଣ୍ଡ କାଟ ହେବ ବୋଲି କହିଥିଲେ । ଏହା ଶୁଣି ସେନାପତି ବେଶ ଚିନ୍ତିତ ହୋଇ ପଡିଥିଲେ । ସୈନ୍ୟସାମନ୍ତ ସହ ଏମାନଙ୍କୁ ଧରିବା ପାଇଁ ବାହାରି ପଡିଥିଲେ । ମାତ୍ର ବହୁ ଖୋଜାଖୋଜି ସତ୍ୱେ ସେମାନଙ୍କ ସନ୍ଧାନ ପାଇପାରିନଥିଲେ । ଚିନ୍ତାରେ ଯାଉଥିବା ବେଳେ ଏକ ପଥର ସହ ସେ ଝୁଣ୍ଟେଇ ହୋଇ ପଡିଥିଲେ । ତାହା ଏକ ଅର୍ଦ୍ଧନଗ୍ନ ନାରୀମୂର୍ତ୍ତି ବୋଲି ଦେଖିବାକୁ ପାଇଥିଲେ । ଅଳଙ୍କାର ବିଭୂଷିତା ଏହି ନାରୀ ମୂର୍ତ୍ତିକୁ ଦେଖି ଚକିତ ହୋଇ ପଡିଥିଲେ । ପରେ ମୂର୍ତ୍ତିରୁ ଏକ ଦେବୀଙ୍କ ଆର୍ବିଭାବ ହୋଇଥିଲା । ସେ ନିଜକୁ ଶୁହାଣୀ ଦେବୀ ବୋଲି କହିଥିଲେ । ସେନାପତି ତାଙ୍କ ପାଦ ତଳେ ପଡି ପ୍ରଣିପାତ କରିବା ସହ ତାଙ୍କୁ ଗୁହାରୀ ଜଣାଇଥିଲେ । ଡକାୟତ ଗ୍ୟାଙ୍ଗର ଯାହାକୁ ପ୍ରଥମେ ଧରିବେ ତାଙ୍କୁ ମାଁଙ୍କ ନିକଟରେ ବଳି ଦେବେ ବୋଲି କହି ଆର୍ଶିବାଦ ଭିକ୍ଷା କରିଥିଲେ । ଦେବୀଙ୍କ ଆର୍ଶିବାଦରୁ ଡକାୟତ ଗ୍ୟାଙ୍ଗର ସମସ୍ତ ସଦସ୍ୟ ଧରା ପଡିଥିଲେ । ଏ ସମ୍ପର୍କରେ ସେନାପତି ଯାଇ ରାଜାଙ୍କୁ କହିଥିଲେ । ତାଙ୍କ ସର୍ତ୍ତ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଯାହାକୁ ପ୍ରଥମେ ଧରିଥିଲେ ତାକୁ ବଳି ଦିଆଯାଇଥିଲା । ସେହିଦିନ ଠାରୁ ପ୍ରତ୍ୟେକ ବର୍ଷ ଏହି ଦିନରେ ମାଁଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଏ ।

ପୌରାଣିକ କଥା ଅନୁଯାୟୀ, ଯଦୁବଂଶ ନାଶ ପରେ ଯୁଧିଷ୍ଠିର ପରିଖିତଙ୍କୁ ରାଜ୍ୟଭାର ପ୍ରଦାନ କରିଥିଲେ । ପଞ୍ଚୁପାଣ୍ଡବ ଓ ଦ୍ରୌପଦୀ ଚିତ୍ରୋତ୍ପଳା ନଦୀ ପାର ହୋଇ ବୁଲିବୁଲି ଧର୍ମପୁର ଗ୍ରାମକୁ ଆସିଥିଲେ । ଧର୍ମପୁର ଗ୍ରାମରେ ହରି ସାହୁ ନାମକ ଜଣେ ବଣିଆ ରହୁଥିଲେ । ତାଙ୍କର ସୁହାଣୀ ନାମ୍ନୀ ଗୋଟିଏ କନ୍ୟା ଥିଲେ । କନ୍ୟା ରୂପବତୀ ଓ ଭାଗ୍ୟବତୀ ଥିବାସତ୍ୱେ ଜନ୍ମ ଲଗ୍ନ ଅଶୁଭ ଥିବାରୁ ସ୍ୱାମୀଙ୍କ ମୃତ୍ୟୁ ଯୋଗ ଥିବା ଜ୍ୟୋତିଷ ମାନେ କୋଷ୍ଠୀ ଗଣନା କରିଥିଲେ । ବୈଶ୍ୟ ହରି ନିଜ କନ୍ୟାକୁ ନେଇ ଏ ସମ୍ପର୍କରେ ଯୁଧିଷ୍ଠିରଙ୍କୁ ଜଣାଇଥିଲେ । ଏଥିସହ ନିଜ କନ୍ୟାକୁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଭାଇ ମାନଙ୍କ ଅନୁରୋଧ କ୍ରମେ ଯୁଧିଷ୍ଠିର ବିବାହ ପାଇଁ ରାଜି ହୋଇଥିଲେ । ଅର୍ଜୁନ ନିଜ ଭାଇକୁ ଯମ ଦାଉରୁ ରକ୍ଷା କରିବା ପାଇଁ ଆଗେଇ ଆସିଥିଲେ । କୁମ୍ଭମାସ କୃଷ୍ଣପକ୍ଷ ସପ୍ତମୀ ରୋହିଣୀ ନକ୍ଷତ୍ରେ ବୃହସ୍ପତିବାରେ ବାଣିଜ୍ୟକରଣେ, ପ୍ରତିଯୋଗେ, ବୃହସ୍ପତି ବେଳା ଓ ପ୍ରଥମ ଦୁଇ ଘଡିରେ ବିବାହ ଲଗ୍ନ ସ୍ଥିର ହୋଇଥିଲା । ଅର୍ଜୁନ ଅଗ୍ନିଙ୍କ ଠାରୁ ପାଇଥିବା କାଳପାଶରେ ଯମକୁ ବାନ୍ଧି ରଖିଥିଲେ । ଏହାପରେ ବିବାହ ଉତ୍ସବ ସୁରୁଖୁରୁରେ ହୋଇଥିଲା । ଯୁଧିଷ୍ଠିର ଓ ହରି ସାହୁଙ୍କ ଅନୁରୋଧ ପରେ ଅର୍ଜୁନ ତାଙ୍କୁ ମୁକ୍ତ କରିଥିଲେ । ପରବର୍ତ୍ତୀ ସମୟରେ ଭାଇ ମାନଙ୍କ ସହ ଯୁଧିଷ୍ଠିର ଉତ୍ତରକୁ ଯାତ୍ରା କରିଥିଲେ । ତାଙ୍କ ଅନୁରୋଧ କ୍ରମେ ଶୁହାଣୀ ସେଠାରେ ରହି ଶିଖରେଶ୍ୱର ମହାଦେବଙ୍କ ପୂଜା କଲେ । ଏଥିସହ ଯୁଧିଷ୍ଠିରଙ୍କ ଫେରିବା ବାଟକୁ ଅନାଇ ବସିଛନ୍ତି ।

**"ବଇଲେ ତୁ ଏଠି ଥାଇ ଶିବ କର ସେବା,**
**ବାହୁଡା ବେଳରେ ତୋତେ ବାରଣାସୀ ନେବା ।।"**

ପ୍ରତ୍ୟେକ ମଙ୍ଗଳବାର ଦିନ ମାଁଙ୍କ ନିକଟରେ ପୂଜାର୍ଚ୍ଚନା ହୋଇଥାଏ । ଏଥିପାଇଁ ପୂଜକ ମଧ୍ୟ ନିୟୋଜିତ କରାଯାଇଛି । ମାଁ ଶୁହାଣୀ ଦେବୀଙ୍କୁ ନେଇ ଅନେକ ଲୋକକଥା ରହିଛି । ଏଥିସହ ଭକ୍ତଙ୍କ ମଧ୍ୟ ଅଖଣ୍ଡ ବିଶ୍ୱାସ ଭରି ରହିଛି । ତେଣୁ ଭକ୍ତମାନେ ମାଁଙ୍କ ନିକଟରେ ନିଜର ଦୁଃଖ ଓ ଗୁହାରୀ ଜଣାନ୍ତି । ମାଁଙ୍କ ନିକଟରେ ଗୁଆ ଓ ନଡିଆ ବସାଇ ମାନସିକ କରି ପୂଜାର୍ଚ୍ଚନା କରନ୍ତି । ଏହାଦ୍ୱାରା ଭକ୍ତମାନଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ । ଅପୁତ୍ରିକ ମାନେ ପୁତ୍ର ଲାଭ କରିଥିବା ଜଣାପଡିଛି । ଦୂରଦୂରାନ୍ତରୁ ମହିଳା ପୁରୁଷ ମାନେ ପୁତ୍ର ଆଶାରେ ମାଁଙ୍କ ନିକଟରେ ପୂଜା କରନ୍ତି । ଏପରିକି ବର୍ଷା ନହେଲେ ଆଖପାଖ ୨୬ଖଣ୍ଡ ଗ୍ରାମର ମହିଳା ଓ ପୁରୁଷ ମାନେ ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳ ଦେଇ ମାଁଙ୍କ ନିକଟରେ ଗୁହାରୀ କରନ୍ତି । ମାର୍ଜନା ସହ ବିଧି ପୂର୍ବକ ପୂଜାର୍ଚ୍ଚନା ପରେ ଏହି ଅଞ୍ଚଳ ଗୁଡିକରେ ବର୍ଷା ହୋଇଥାଏ । ମାଁଙ୍କ କୃପାରୁ ଏହି ଆଖପାଖ ଅଞ୍ଚଳରେ ବର୍ଷା ଅଭାବରୁ କେବେ ମଧ୍ୟ ମରୁଡି ହୋଇନାହିଁ । ଏଥିପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ପ୍ରଗାଢ ଭକ୍ତି ରହିଛି । ପୂର୍ବେ ଗ୍ରାମରେ ହଇଜା, ମିଳିମିଳା ଆଦି ରୋଗ ବ୍ୟାପିଲେ ଲୋକେ ମାଁଙ୍କ ନିକଟରେ ଅଧିଆ ପଡୁଥିଲେ । କାହାର ଗାଈ ଚୋରି ହେଲେ ପଘା ନେଇ ମାଁଙ୍କ ନିକଟରେ ପୂଜାର୍ଚ୍ଚନା କରୁଥିଲେ । ଏହାପରେ ଏସବୁ ସମସ୍ୟାର ଆଶୁ ସମାଧାନ

ହୋଇପାରୁଥିଲା । ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ଶୁକ୍ଳପକ୍ଷ ୩ୟ ମଙ୍ଗଳବାର ଦିନ ବହୁ ଯାକଜମକରେ ଶୁହାଣୀ ଯାତ୍ରା ହୋଇଥାଏ । ମାଁଙ୍କ ମହିମା ଯୋଗୁଁ ଦୂରଦୂରାନ୍ତରୁ ଭକ୍ତମାନେ ଦର୍ଶନ ପାଇଁ ଧାଇଁ ଆସନ୍ତି । କେବଳ ସ୍ଥାନୀୟ ଅଞ୍ଚଳର ନୁହେଁ ଅନେକ ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟ ପାଦ ପଡିଛି ।

ଶୁହାଣୀ ପୀଠରେ ମାଁଙ୍କ ପ୍ରସ୍ତର ମୂର୍ତ୍ତି ସହ ଶିଖରେଶ୍ୱର ମହାଦେବ, ଋଷିଶୃଙ୍ଗ, ବନଦୁର୍ଗା ଆଦି ଦେବାଦେବୀ ଅଛନ୍ତି । ପୂର୍ବେ ମାଁ ଆମ୍ବଗଛ ତଳେ ଏକ ଶିଆଳି ଲଟାରେ ଝୁଲି ପୂଜା ପାଉଥିଲେ । ପରବର୍ତ୍ତୀ ସମୟରେ ମାଁଙ୍କ ପାଇଁ ମନ୍ଦିର ନିର୍ମାଣ ହୋଇଛି । ଗ୍ରାମର ଖିରୋଦ ପ୍ରଧାନଙ୍କ ଝିଅ ସୁନୀତା ପ୍ରଧାନ ମାଁଙ୍କ ନିକଟରେ ଚାକିରି ପାଇଁ ଗୁହାରି କରିଥିଲେ । ନିଯୁକ୍ତି ପାଇଲେ ଦରମା ଟଙ୍କାରେ ମନ୍ଦିର ତୋଳିବେ ବୋଲି ଯାଚଙ୍ଗା କରିଥିଲେ । ଏହାପରେ ସେ ସୁଦୂର ଆମେରିକାରେ ଚାକିରି ପାଇଥିଲେ । ତେଣୁ ତାଙ୍କ ଦରମା ଅର୍ଥରେ ଏଠାରେ ମାଁଙ୍କ ପାଇଁ ଏକ ମନ୍ଦିର ନିର୍ମାଣ ହୋଇପାରିଛି । ଜଙ୍ଗଲ ଓ ପାହାଡ ଘେରା ଅଞ୍ଚଳରେ ମାଁଙ୍କ ପୀଠ ଥିବାରୁ ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ । କେବଳ ଅଙ୍କାବଙ୍କା ପାଦଚଲା ରାସ୍ତା ରହିଛି । ଏଠାରେ ଏକ ଶିଳାଲେଖ ଥିବାବେଳେ ତାହାକୁ ନେଇ ଗବେଷଣା କରାଗଲେ ଏହି ପୀଠ ଓ ମାଁଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ଲୋକଲୋଚନକୁ ଆସିପାରିବ ।

**- ସାମ୍ବାଦିକ ସମ୍ବଲପୁର**
**ମୋ- ୯୪୩୭୩ ୫୭୬୫୫**

# ପଶ୍ଚିମ ଓଡ଼ିଶାର ସାମାଜିକ, ସାଂସ୍କୃତିକ ସଂଗ୍ରାମରେ ଏକ ଅଣଆଲୋଚିତ ଓ ଉପେକ୍ଷିତ ଇତିହାସ

● ଜୟବ୍ରତ ଦେ

ସମ୍ବଲପୁର ପଶ୍ଚିମ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଅର୍ଥନୈତିକ ରାଜଧାନୀ ଭାବରେ ଉଭା ହେବା ପଛରେ ରହିଛି ତାହାର ସମୃଦ୍ଧ ଇତିହାସ । ଅଧୁନା ସମ୍ବଲପୁରର ଗୁରୁତ୍ୱ ବଢାଇଥିଛି ଭାଷା ଆନ୍ଦୋଳନରେ ଅଞ୍ଚଳର ବରପୁତ୍ର ମାନଙ୍କର ଭୂମିକା, ନେତୃତ୍ୱ । କିନ୍ତୁ ସର୍ବାଧିକ ଗୁରୁତ୍ୱର କାହାଣୀ ଲୁକ୍କାୟିତ ରହିଯାଇଛି, ଅଣଆଲୋଚିତ, ଉପେକ୍ଷିତ ହୋଇ ପଡ଼ି ରହିଛି ଆମର ଅସଲ ପରିଚୟ ।

ଗୋଟିଏ ଅଞ୍ଚଳ, ତାହାର ଅଧିବାସୀମାନଙ୍କର ସମ୍ମାନ ବୃଦ୍ଧି କରିବାକୁ ହେଲେ ସେଠାକାର ଭାଷା, ସଂସ୍କୃତି, ବରପୁତ୍ର, ସ୍ୱାଧୀନତା ସଂଗ୍ରାମରେ ମା, ମାଟି ପାଇଁ ସଂଗ୍ରାମ କରିଥିବା ବୀର ମାନଙ୍କ ବୀରତ୍ୱର କାହାଣୀକୁ ଉପଯୁକ୍ତ ସମ୍ମାନ ଦେବା କଥା । ସ୍ୱାଧୀନତା ପ୍ରାପ୍ତି ପରେ ଯେଉଁମାନେ କ୍ଷମତାରେ ରହିଲେ ସେମାନେ ଭୁଲି ଗଲେ ଏ ମାଟିର ବୀରତ୍ୱର କାହାଣୀକୁ । ଏବେ ସରକାର ବଦଳିଛି, ଲୋକମତର ସରକାର, ଲୋକଙ୍କ ସରକାର ଆସିଛି ଆଉ ଆରମ୍ଭ ହୋଇଛି ଉପେକ୍ଷିତ ଇତିହାସକୁ ଯଥା ସମ୍ମାନ ଦେବାର ।

"ଉଲି , ଉଲି, ଉଲି
ଛବିଳ ସାଏକେ ବାଜଲା ଗୁଲି
କୁଦୋପାଲି ର ମଝା ଖୁଲି"

ଏ ଗୀତ ଆଜି ମଧ ଲୋକେ ଗାଆନ୍ତି ।

ଏହି ଗୀତ ପଛରେ ରହିଛି ଏକ ଅଣଆଲୋଚିତ, ଉପେକ୍ଷିତ ଇତିହାସର ବିରାଟ କାହାଣୀ ।

ସମ୍ବଲପୁର ସହର ଠାରୁ ମାତ୍ର ୯ କିମି ଦୂରରେ ଏକ ଗ୍ରାମ କୁଦୋପାଲି । ସମ୍ବଲପୁର ସହରକୁ ଜଗିବା ପାଇଁ, ବ୍ରିଟିଶମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଏହି କୁଦୋପାଲିର ପାହାଡ ଥିଲା ବୀର ସୁରେନ୍ଦ୍ର ସାଏଙ୍କ ଅନ୍ୟତମ ମୁଖ୍ୟ ଘାଟି । ଏହା ପାଖରେ ଗଡପାଟି, ଝରଘାଟି, ତବଲା ଆଦି ଘାଟି ଥିଲା ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିବା ପାଇଁ ସଂଗ୍ରାମୀ ମାନଙ୍କର କେନ୍ଦ୍ର ।

କୁଦୋପାଲି ଘାଟି ଦାୟିତ୍ୱରେ ଥିଲେ ବୀର ସୁରେନ୍ଦ୍ର ସାଏଙ୍କ ସାନ ଭାଇ ବୀର ଛବିଳ ସାଏ ।

୧୮୫୭ର କୌଣସି ଏକ ସମୟ । ଇଂରେଜ ବାହିନୀ ଉପରେ ଅତର୍କିତ ଆକ୍ରମଣ କରନ୍ତି ସୁରେନ୍ଦ୍ର ସାଏଙ୍କ ଗରିଲା ବାହିନୀ ମଧୁ ଗଡତିଆ ଙ୍କ ନେତୃତ୍ୱରେ ଯୁଯୁମୁରା ରେ । ଇଂରେଜ ଡାକ୍ତର ମୁରଙ୍କ ମୃତ୍ୟୁ ହୁଏ ଓ ବହୁତ ଆହତ ହୁଅନ୍ତି । ଜୀବନ ବଞ୍ଚେଇ ପଳାନ୍ତି ଇଂରେଜ ବାହିନୀ ।

ଇଂରେଜ ବାହିନୀ ତାହାର ପ୍ରତିଶୋଧ ନେବାକୁ ଯୋଜନା କରନ୍ତି ।

ସମସ୍ତ ପ୍ରକାରର ପ୍ରସ୍ତୁତି ନେଇ ଇଂରେଜ ବାହିନୀ ୧୭ ଡିସେମ୍ବର ୧୮୫୭ ଅତର୍କିତ ଆକ୍ରମଣ କରନ୍ତି କୁଦୋପାଲି ଘାଟି ଉପରେ ।

ବୀର ଛବିଳ ସାଏଙ୍କ ବିଚକ୍ଷଣ ବୁଦ୍ଧି ବଳରେ ପ୍ରଚଣ୍ଡ ଆତ୍ମ ବିଶ୍ୱାସର ସହ ସଂଗ୍ରାମୀ ମାନେ ଇଂରେଜ ବାହିନୀ ଉପରେ ପ୍ରତି ଆକ୍ରମଣ କରନ୍ତି । ଇଂରେଜ ପଛ ଘୁଞ୍ଚା ଦେବାକୁ ବାଧ ହୁଅନ୍ତି ।

ଯଦିଓ ବା ଇଂରେଜ ମାନଙ୍କ ଘାଟି ଦଖଲର ସ୍ୱପ୍ନ ସ୍ୱପ୍ନରେ ରହିଯାଏ ଏବଂ ସେମାନେ ହାରିଯାଆନ୍ତି କିନ୍ତୁ କୁଦୋପାଲି ଘାଟିରେ ପ୍ରଥମ ସମ୍ମୁଖ ଯୁଦ୍ଧରେ ବୀର ଗତି ପ୍ରାପ୍ତ ହୁଅନ୍ତି ୪ଜଣ ସଂଗ୍ରାମୀ ।

ଏ ମାଟିର ବୀର ସନ୍ତାନଙ୍କ ରକ୍ତ ଏ ମାଟିରେ ପଡ଼ି ଏହା ରଣଭୂମି ରେ ପରିଣତ ହୁଏ । ଗଣ୍ଡ, ବିଂଝାଲ, ମୁଣ୍ଡା, ଆଦି



ଜାତିର ସଂଗ୍ରାମୀଙ୍କ ବୀରତ୍ୱର କାହାଣୀ, ଦେଶ ପାଇଁ ଜୀବନ ଦେବାର ପାଗଳାମି ଆଜି ଶୁଣିଲେ ନିଜକୁ ଗର୍ବ ଅନୁଭବ ହୁଏ । କୁଦୋପାଲି ଯୁଦ୍ଧରେ ଜୀବନ ବଞ୍ଚେଇ ଫେରିଥିବା ଇଂରେଜ ବାହିନୀ ଅପମାନର ଜ୍ୱାଳାରେ ଜର୍ଜରିତ ହେଇ ମାନ୍ଦ୍ରାଜ ଓ ନାଗପୁରରୁ ବ୍ରିଟିଶ ରେଜିମେଣ୍ଟ ମଗାନ୍ତି । ୩୦ତାରିଖ ମଧ ରାତ୍ରରେ ପ୍ରଚଣ୍ଡ ଥଣ୍ଡା ଭିତରେ ପହଞ୍ଚନ୍ତି ଇଂରେଜ ବାହିନୀ ସମ୍ବଲପୁର ।

ଲୋକେ ଜାଣିବା ପୂର୍ବରୁ ସେହି ରାତ୍ରରେ ହିଁ ସେମାନେ ରଣଭୂମି କୁଦୋପାଲି ଆଡ଼କୁ ଅଗ୍ରସର ହୁଅନ୍ତି । ପ୍ରଚଣ୍ଡ ଥଣ୍ଡା ଯୋଗୁଁ ପାହାଡ ତଳେ ଥିବା ଏକ ଆମ୍ବ ବଗିଚାରେ ଆସି ଆଶ୍ରୟ ନେଇଥାନ୍ତି ସଂଗ୍ରାମୀ ମାନେ ।

ସଂଗ୍ରାମୀମାନେ କିଛି ବୁଝି ବା ପୂର୍ବରୁ ଇଂରେଜମାନେ ଚାରିପଟୁ ଘେରି ଆକ୍ରମଣ କରିଦିଅନ୍ତି । ବୀର ଛବିଳ ସାଏ ସମେତ ସଂଗ୍ରାମୀମାନେ ପାହାଡ ଉପରକୁ ଉଠିବାର ପ୍ରୟାସ କରୁଥିବା ବେଳେ କୁଦୋପାଲି ଗାଁ ମଝିରେ ଗୁଳି ବାଜେ ଛବିଳ ସାଏଙ୍କର ପିଠିରେ । ସମ୍ମୁଖ ଯୁଦ୍ଧରେ ଜୀବନ ଚାଲିଯାଏ ବୀର ଛବିଳ ସାଏ ଙ୍କର ।

'ରଣଭୂମି କୁଦୋପାଲି ଘାଟି' ରେ ସମ୍ମୁଖ ଯୁଦ୍ଧରେ ସେଦିନ ବୀରଗତି ପ୍ରାପ୍ତ ହୋଇଥିଲେ ବୀର ସୁରେନ୍ଦ୍ର ସାଏଙ୍କ ଭାଇ ବୀର ଛବିଳ ସାଏ ସମେତ ୫୩ଜଣ ବୀର ସଂଗ୍ରାମୀ ୩୦ଡିସେମ୍ବର ୧୮୫୭ରେ । ଏଗାର ଜଣ ସଂଗ୍ରାମୀ ଗିରଫ ହୋଇଥିଲେ ଓ ୪ଜଣଙ୍କୁ ହୋଇଥିଲା ଫାଶୀ ଦଣ୍ଡ । ମୋଟ ୫୭ଜଣ ଶହିଦ ହୋଇଥିଲେ ଏହି ଯୁଦ୍ଧରେ ।

ଅଣଆଲୋଚିତ, ଉପେକ୍ଷିତ ଏହି ବୀରତ୍ୱର କାହାଣୀ । ଇତିହାସର ଚର୍ଚ୍ଚା ଠାରୁ ଦୂରରେ ଏହି ବଳିଦାନି କାହାଣୀ । ଓଡ଼ିଶାର ଜାଲିଓ୍ୱାନାବାଗରେ ପରିଣତ ହୋଇଥିବା ଏହି ଘଟଣାକୁ ଲୋକ ଲୋଚନକୁ ଆଣିବା, ପ୍ରତ୍ୟେକଙ୍କ ଭିତରେ ଏହି ବୀରତ୍ୱର କାହାଣୀକୁ ପହଞ୍ଚାଇବାର ପ୍ରୟାସ ଚାଲିଛି । ଆଉ ଚଳିତ ବର୍ଷ ୩୦ଡିସେମ୍ବରରେ ସହୀଦମାନଙ୍କୁ ୨୧ ତୋପ ସଲାମୀ ଦେବା ନିଶ୍ଚିତ ଭାବରେ ଏ ମାଟି ପାଇଁ ଗର୍ବ ଓ ଗୌରବର କଥା ।

ରଣଭୂମି କୁଦୋପାଲିରେ ଯେଉଁ ୧୧ ଜଣ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଫାଶୀ ଦିଆଯାଇଥିଲା 'ଫାସକୁଦା' ଠାରେ । ଚାରି ପଟୁ ପାଣିରେ ଘେରା ମହାନଦୀ

କୂଳରେ ଏ ଜାଗାରେ ଜେଲ ତିଆରି ହୋଇଥିଲା ଓ ସେଠାରେ ଫାଶୀ ଦେଲା ପରେ ଶବ ଭସାଇ ଦିଆଯାଉଥିଲା ମହାନଦୀରେ । ଦିନେ ନିୟମିତ ଫାଶୀ ଦିଆଯାଉଥିବା । ଏହି ଫାସକୁଦାର ଇତିହାସ ଆଜି ଲୁଚି ଯାଇଛି ।

୧୮୫୭ ରୁ ୧୮୬୨ ମଧ୍ୟରେ ଇଂରେଜମାନଙ୍କ ବିରୋଧରେ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଓ ଛତିଶଗଡ ଅଞ୍ଚଳରେ ବ୍ୟାପକ ଲଢେଇ ହୋଇଥିଲା । ଶିଙ୍ଗୋଡା ଘାଟି ଠାରୁ ଆରମ୍ଭ କରି ବାରପାହାଡ ଜଙ୍ଗଲ ଭିତରେ ବୀର ସୁରେନ୍ଦ୍ର ସାଏଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଘେଁସ ଜମିଦାର ମାଧୋ ସିଂ ଅନେକ ଇଂରେଜ ମାନଙ୍କୁ ମାରିବା ସହିତ ଖୋଲାଖୋଲି ଯୁଦ୍ଧ କରିଥିଲେ ।

ଇଂରେଜ ମାନେ ମାଧୋ ସିଂଙ୍କ ଦୁଇ ପୁଅ ହଟେ ସିଂ ଓ ବୈରୀ ସିଂଙ୍କୁ ଗିରଫ କରିଥିଲେ । ବୈରୀ ସିଂଙ୍କୁ ସମ୍ବଲପୁର ଜେଲରେ ରଖାଯାଇଥିଲା ଯିଏକି ସେଠାରେ ପ୍ରାଣତ୍ୟାଗ କରିଥିଲେ । ହଟେ ସିଂଙ୍କୁ ସୁଦୂର ଆଣ୍ଡାମାନରେ କଳାପାଣି ଦଣ୍ଡ ଦିଆଯାଇଥିଲା ଏବଂ ସେଠାରେ ସେ ପ୍ରାଣତ୍ୟାଗ କରିଥିଲେ । ସେହିପରି କୁଞ୍ଜଳ ସିଂଙ୍କୁ ମଧ୍ୟ ଇଂରେଜମାନେ ସମ୍ବଲପୁର ଠାରେ ଫାଶୀ ଦଣ୍ଡ ଦେଇଥିଲେ ।

ପୁଅ ଐରି ସିଂ ଇଂରେଜମାନଙ୍କ ସହିତ ଲଢେଇରେ ପ୍ରାଣ ହରାଇଥିଲେ । ୧୮୫୮ ମସିହା ଡିସେମ୍ବର ୩୧ ତାରିଖରେ ସମ୍ବଲପୁରର ଫାଶୀ କୁଦ ବା ଫାସକୁଦା ଠାରେ ୭୨ ବର୍ଷ ବୟସରେ ମାଧୋ ସିଂଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା । ଗୋଟିଏ ପରିବାରର ପିତା ଓ ପୁତ୍ର ସହିତ ପାଞ୍ଚ ଜଣ ସହିଦ ହୋଇଥିଲାବେଳେ ଓ ଜ୍ୱାଇଁ ତଥା ଛତିଶଗଡର ସୋନାଖାନ ଜମିଦାର ବୀର ନାରାୟଣ ସିଂଙ୍କୁ ରାୟପୁରର ଜୟସ୍ତମ୍ଭ ଛକରେ ଫାଶୀ ଦିଆ ଯାଇଥିଲା । ସେଠାରେ ତାଙ୍କୁ ୬ଦିନ ଝୁଲାଇ ରଖିବା ପରେ ତୋପରେ ଉଡ଼ାଇ ଦେଇଥିଲେ । ଏଥିପାଇଁ ବୀର ନାରାୟଣ ସିଂଙ୍କ ସ୍ତ୍ରୀ ତଥା ମାଧୋ ସିଂଙ୍କ ଝିଅ ପୂର୍ଣ୍ଣିମା ଆତ୍ମହତ୍ୟା କରିବା ମର୍ମାହତ କରେ ।

ମାଧୋ ସିଂଙ୍କ ପରିବାରର ବଳିଦାନ ସମଗ୍ର ଇତିହାସରେ ବିରଳ । ମହାନ ଯୋଦ୍ଧା ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିବା ଫାସକୁଦା । ଆମ ପାଇଁ ତୀର୍ଥ କ୍ଷେତ୍ର ହେବା କଥା । ଏହାକୁ ଏକ ରାଷ୍ଟ୍ରୀୟ ସ୍ମାରକୀ କରିବା ଓ ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢି ତୋଳିବା ଆମର ଲକ୍ଷ୍ୟ ହେବା ଉଚିତ୍ ।

ଫାଶୀ କୁଦ ବା 'ଫାସକୁଦା' କୁ ଏକ ରାଷ୍ଟ୍ରୀୟ ସ୍ମାରକୀ ଘୋଷଣା ଓ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢି ତୋଳିବା ଆମର ଲକ୍ଷ୍ୟ ହେଉ ଓ ଏହି ବିରଳ ବୀରତ୍ୱର କାହାଣୀ କୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ ମିଳୁ, ତାହାର ପ୍ରୟାସ ଆମର ମୂଳ ଲକ୍ଷ୍ୟ ହେବା କଥା । ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ସୁରେନ୍ଦ୍ର ସାଏ କରିଡ଼ର ନିର୍ମାଣ କରି ଖିଂଡା - ଡବଲା - କୁଦୋପାଲି - ଫାସକୁଦା - ବାରପାହାଡ ଏହାକୁ ଯୋଡିବା, ବୀରତ୍ୱର ଇତିହାସକୁ ରାଷ୍ଟ୍ରୀୟ ଓ ଆନ୍ତର୍ଜାତିକ ସ୍ତରରେ ପହଞ୍ଚାଇବା ପାଇଁ ତଥା ଅନ୍ୟାନ୍ୟ ପ୍ରୟାସ ଚାଲିଛି ।

- ସାକ୍ଷୀପଡ଼ା, ସମ୍ବଲପୁର

# ବଜ୍‌ନିଆ ଗାଆଁ ଖୁଲିଆ

● ସୂର୍ଯ୍ୟ ପାଣିଗ୍ରାହୀ

ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ରାଜ୍ୟର ଅନ୍ୟ ଅଞ୍ଚଳ ଠାରୁ ଭିନ୍ନ । ଏହି ଅଞ୍ଚଳର ଚାଳିଚଳଣ, ପିନ୍ଧନ ଉଢ଼ନ୍, ଖାନ୍ ପାନ୍, ନାଚ ଗୀତର ଏକ ବିଶେଷ ସ୍ୱତନ୍ତ୍ରତା ରହିଛି । ଏହି ଅଞ୍ଚଳର ପ୍ରାକୃତିକ ପରିବେଶର ମଧ୍ୟ ଆକର୍ଷଣ ରହିଛି । ପଶ୍ଚିମ ଓଡ଼ିଶାର ତିହାର୍ ବାହାର୍, ବିହା ବରପନ୍, ଯାତ୍ରା ପରବ୍ ମାନଙ୍କରେ ନାଚ, ଗୀତରେ ମସ୍‌ଗୁଲ୍ ହେବାର ମଧ୍ୟ ଏକ ସ୍ୱତନ୍ତ୍ର ପ୍ରଭାବ ରହିଛି । ଆଉ ତାରି ଭିତରେ ପ୍ରମୁଖ ଭୂମିକା ରୁହେ ଦୁଲ୍‌ଦୁଲି ବାଜାର । ଯାହାକୁ 'ଗଁଡ଼ା ବଜା', ସିଂହ ବଜା ବୋଲି ମଧ୍ୟ କହିଥାନ୍ତି । ଦୁଲ୍‌ଦୁଲି ବଜାକୁ ଅନେକେ ପଞ୍ଚବାଦ୍ୟ ମଧ୍ୟ ବୋଲି କହନ୍ତି । ସେଗୁଡ଼ିକ ହେଲା - ଢ଼ୋଲ୍, ନିଶାନ୍, ତାସା, ମୁହୁରୀ ଓ କସ୍ତାଲ ବା ଝାଞ୍ଜ । ପ୍ରତ୍ୟେକ ବାଦ୍ୟର ମଧ୍ୟ ସ୍ୱତନ୍ତ୍ର ଭୂମିକା ରହିଛି । ଏହି ବାଦ୍ୟମାନେ ଏକ ବିଶେଷ ସମ୍ପ୍ରଦାୟ କେଉଁ କାଳରୁ ବଜାଇ ଆସୁଛନ୍ତି । କେଉଁ ଆଦିମ କାଳରୁ ହେଉ କି ରାଜାରାଜୁଡ଼ା ଶାସନ କାଳରୁ । ଏହି ଗଁଡ଼ା ବା ହରିଜନ ସମ୍ପ୍ରଦାୟମାନେ ବଜାଇ ଆସୁଛନ୍ତି । ତା'ର କୌଣସି ଐତିହାସିକ ତଥ୍ୟ ନାହିଁ । ପିଢ଼ୀ ପରେ ପିଢ଼ୀ ପଶ୍ଚିମ ଓଡ଼ିଶାର ପ୍ରାୟତଃ ସବୁ ଗ୍ରାମରେ ଏ ସମ୍ପ୍ରଦାୟ ବସତି କରି ରହି ଆସୁଛନ୍ତି, ଆଉ ଏହି ଦୁଲ୍‌ଦୁଲି ବା ଗଁଡ଼ା ବଜାକୁ ଯାନିଯାତ୍ରା, ବିହା ବରପନ୍‌ରେ ବଜାଇ ଆସୁଛନ୍ତି । ପଶ୍ଚିମଓଡ଼ିଶାର କୌଣସି ବାହାଘର ହେଉ କି ପର୍ବପର୍ବାଣୀରେ ହେଉ ବିନା ଦୁଲ୍‌ଦୁଲି ବଜାରେ ସବୁ କିଛି ଅସମ୍ପୂର୍ଣ୍ଣ ଲାଗିଥାଏ । ଏହି ଦୁଲ୍‌ଦୁଲି ବଜା ସହ ନଚ୍‌ନିଆ ଓ ଗାୟକମାନେ ସମୟ ସମୟରେ ସାମିଲ୍ ହୋଇଥାନ୍ତି । ଗାଈ ବଳଦର ଚମଡ଼ାରେ ଆଚ୍ଛାଦିତ ହୁଏ ଢ଼ୋଲ, ନିଶାନ ଆଉ ତାସା । କେବଳ ଢ଼ୋଲର ଛାୟା ପଟରେ ଓ ତାସାରେ ଛେଳି ଚମଡ଼ା ଦ୍ୱାରା ଆଚ୍ଛାଦିତ କରାଯାଇଥାଏ । ସଂକୀର୍ତ୍ତନ ଓ ସଂଚାରରେ ବ୍ୟବହୃତ ହେଉଥିବା ବାଦ୍ୟ ବା ମୃଦଙ୍ଗ ମାଟିରେ ତିଆରି ହୋଇଥିବା ବେଳେ ଦୁଲ୍‌ଦୁଲି୍‌ର ମୁଖ୍ୟ ବାଦ୍ୟ ଢ଼ୋଲ କାଠରେ ନିର୍ମିତ ହୋଇଥିବା ବେଳେ ନିଶାନ୍ ଲୁହାରେ ନିର୍ମାଣ କରାଯାଇଥାଏ । ସମୟ ସମୟରେ ମାଟିରେ ତିଆରି ହୁଏ ତାସା ଓ ଛେଳି ଚମଡ଼ା ବଦଳରେ ଦାମୁର୍ ଚମଡ଼ାରେ ମଧ୍ୟ ଆଚ୍ଛାଦିତ ହୁଏ । ଯେଉଁଥି ପାଇଁ ଏହି ବାଦ୍ୟର ଧ୍ୱନି ଭିନ୍ନ ହୋଇଥାଏ । ଦୁଲ୍‌ଦୁଲି ବା ଗଁଡ଼ା ବଜାରେ ଶୋର୍ ଧରଉଥିବା ବାଦ୍ୟ ହେଉଛି ମୁହୁରୀ । ଯାହାକି ଏକ ବିଶେଷ ସୁମଧୁର ବାଦ୍ୟ, ଆଉ ଏକ ବାଦ୍ୟ ହେଲା କସ୍ତାଲ । ଯାହାକି ମୁଖ୍ୟତଃ ଏକ ସହାୟକ ବାଦ୍ୟ ।

ମୁଖ୍ୟତଃ ଘଁସିଆ ସମାଜର ଲୋକେ ମୃତ ଗାଈଗୋରୁର ଚମଡ଼ାକୁ ସଂଗ୍ରହ କରି ଶୁଖେଇ ରଖିଥାନ୍ତି । ଯାହାକି ଏହି ବାଦ୍ୟଗୁଡ଼ିକରେ ସମୟ ଅନୁଯାୟୀ ବ୍ୟବହାର କରାଯାଏ । ଦୁଲ୍‌ଦୁଲି ବାଦ୍ୟର ବା ପଞ୍ଚବାଦ୍ୟର ସମାହାରରେ ଯେଉଁ ଧ୍ୱନି ତରଙ୍ଗ ସୃଷ୍ଟି ହୁଏ ତାହା ଆପେ ଆପେ ଲୋକଙ୍କୁ ମଜବୁର୍ କରିଦିଏ ନାଚିବା ପାଇଁ । ଯାହାକି ଦେଶ ବିଦେଶରେ ମଧ୍ୟ ବିଭିନ୍ନ ଉତ୍ସବମାନଙ୍କରେ ଦେଖିବାକୁ ମିଳେ । ଏହା ହିଁ ହେଉଛି ଏ ଦୁଲ୍‌ଦୁଲି ବାଦ୍ୟର ବିଶେଷତା । ଯାହା ପାଇଁ ଏହାର ଆଦୃତ ବଢ଼ୁଛି ସିନା କମିବାର ନାଆଁ ନେଉ ନାହିଁ ।

ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ଏଇମିତି ଗାଆଁ ଅଛି ଯେଉଁ ଗାଆଁକି ସେଇ ଗାଆଁର ଦୁଲ୍‌ଦୁଲି ବା ଗଁଡ଼ା ବଜା ପାଇଁ ପରିଚୟ ପାଇ ଆସିଛି । ସେଇମିତି ସମ୍ବଲପୁର

ଜିଲ୍ଲାର ଗୋଟିଏ ଗାଆଁ ହେଉଛି ଖୁଲିଆ । ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ଅନ୍ତର୍ଗତ ତବଲା ପଞ୍ଚାୟତରେ ଥିବା ଖୁଲିଆ ଗାଆଁ ବଜ୍‌ନିଆ ଗାଆଁ ଭାବରେ ଏକ ଭିନ୍ନ ପରିଚୟ ରଖିଛି । ହେଲେ ସେଇ ପୁରାତନ ସମୟର ଦୁଲ୍‌ଦୁଲି ଆଜିର ଦୁଲ୍‌ଦୁଲି ଭିତରେ ଅନେକ ଫରକ୍ ହୋଇଗଲାଣି । ଆଧୁନିକତା ଓ ବ୍ୟବସାୟିକ ଢାଞ୍ଚାରେ ପଡ଼ିଗଲାଣି ଆଜିର ଦୁଲ୍‌ଦୁଲି ବଜା । ପଞ୍ଚବାଦ୍ୟରେ ପ୍ରମୁଖ ସ୍ୱର ଦେଉଥିବା ମୁହୁରୀ ପ୍ରାୟତଃ ଦେଖା ଯାଉ ନଥିବା ବେଳେ ମୁହୁରୀଆମାନେ ବି ଆଉ ଦେଖାଯାଉ ନାହାଁନ୍ତି । ଦିନକୁ ଦିନା ପଞ୍ଚବାଦ୍ୟ ହୋଇଗଲାଣି ଚାରି ବାଦ୍ୟ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।

ପୁରାତନ ସମୟର ସେ ଖୁଲିଆ ଗାଆଁର ଦୁଲ୍‌ଦୁଲି ବଜାର ଏମିତି ପ୍ରଭାବ ଥିଲା ଯେ ଖୁଲିଆ ଗାଁର ବଜା ହେଉ ନଥିଲେ ବାହାଘରମାନେ ହେଉ ନଥିଲା । ବରପିଲା କି କନିଆଁ ଟୁକେଲ ଘର ହେଉ ଯଦି ଖୁଲିଆ ବଜାର ବୁକିଂ ହୋଇ ନ ପାରିଲା ତା' ହେଲେ ବାହାଘରର ଲଗ୍ନ ମଧ୍ୟ ପରିବର୍ତ୍ତନ ହେଇ ଯାଉଥିଲା । ଖୁଲିଆ ବଜା ନାହିଁ ତ ବାହାଘର ନାହିଁ । ଏସବୁ ଭାବିଲେ ବହୁ ଅବାନ୍ତର ଲାଗିପାରେ । ହେଲେ ଏହା ହିଁ ନିଛକ ସତ୍ୟ । ଗୋଟିଏ ପରିବାରର ୫ ଭାଇ ଗଢ଼ିଥିଲେ ଏହି ଗଁଡ଼ା ବଜା ବା ଦୁଲ୍‌ଦୁଲି ପାର୍ଟି । ମୁଖିଆ ଥିଲେ ଶତୃଘ୍ନ ବିନେତ୍ । ଯିଏ କି ଥିଲେ ଦୁଲ୍‌ଦୁଲି ବଜାର ଢୁଲିଆ । ପରିବାରର ଅନ୍ୟମାନେ ହେଲେ ନାରାୟଣ ବିନେତ୍ (ତସ୍‌ଲିଆ), ଭବାନୀ ବିନେତ୍ (ନିଶାନିଆ), ଭୁବନ ବିନେତ୍ (ଢୁଲିଆ) ଓ ପାଣ୍ଡବ ବିନେତ୍ (ନିଶାନିଆ) । ଏକ ବିରଳ ସଂଯୋଗ ଯେ ଖୁଲିଆ ଗାଁର ଏହି ପା ଭାଇ ହିଁ ଦୁଲ୍‌ଦୁଲିକୁ ନେଇ ଗଢ଼ିଥିବା ବଜ୍‌ନିଆ ଦଳ ପଶ୍ଚିମଓଡ଼ିଶାର ସଂସ୍କୃତିକୁ ବଞ୍ଚାଇବା ସାଥୀରେ ଏକ ବିଶେଷ ନାଁ କରି ପାରିଥିଲେ । ତାଙ୍କରି ସାଥୀରେ ମୁହୁରିଆ ଦାୟିତ୍ୱ ତୁଲଉ ଥିଲେ ଶାସନ ଗାଆଁର ତାଙ୍କର ଭିଣେଇ ଶ୍ରୀଧର ପଞ୍ଚବିହାର । ସେମାନଙ୍କ ସାଥୀରେ ବେଳେ ବେଳେ ସାମିଲ ହେଉଥିଲେ ଖୁଲିଆ ଗାଁର ଆଉ ଜଣେ ଢୁଲିଆ ତାଙ୍କର ମାମୁଁ ମକରଧ୍ୱଜ ବନ୍‌ଛୋର । ସେମାନଙ୍କ ଭିତରୁ ଆଉ ଇହଧାମରେ ନାହାଁନ୍ତି । ହେଲେ ବଞ୍ଚି ରହିଛି ସେମାନଙ୍କ ପ୍ରତିଷ୍ଠା । ସୁର, ତାଳ, ଲୟର ସମାହାରରେ ସେମାନଙ୍କ ଖୁଲିଆ ଗାଁର ଗଁଡ଼ା ବଜା ବା ଦୁଲ୍‌ଦୁଲି ।

ସେବକଳର ଢୁଲିଆ ଶତୃଘ୍ନ ନିରାଶ ହୋଇ କୁହନ୍ତି - ଦୁଲ୍‌ଦୁଲି ବଜା ବାଜୁଛି, ଢ଼ୋଲ ନିଶାନ୍‌ର ଗର୍ଜନ ଶୁଭୁଛି । ହେଲେ ସେଦିନର ବଜ୍‌ନିଆ, ନଚ୍‌ନିଆ, ଜାଇଫୁଲ, ମାଏଲା ଜଡ଼, ପର୍‌ଘେନ୍ ପାର୍ କି ଷୁଲହ୍ ଭର୍‌ନି ପାର୍ ଧୀରେ ଧୀରେ ଧୀରେ ହଜିଯାଉଛି । ଆଜିକାଲିର ବଜ୍‌ନିଆମାନେ ଆଧୁନିକତାର ଶିକାର ହୋଇ ଶିଖିବାର ମନୋବୃତ୍ତି ବି ରଖୁ ନାହାଁନ୍ତି । ଯେଉଁଥି ପାଇଁ ଲୋପ ପାଇ ଯାଉଛି ସେଇ ଧାରା । ଆଗେ ବାହାଘରମାନଙ୍କରେ ତେଲ୍ ହଲ୍‌ଦି ମଖାଠୁ ନେଇ ପାଏନ୍ ପଲ୍‌ଟ, ଗନ୍‌ଷନ, ବରବରଣ, ଭୁଆସେନ୍ ବଟା ଏମିତି ଅନେକ ପାର୍ ବଜା ଯାଉଥିଲା । ଆଜିକାଲି ଆଉ ତାହା ନାହିଁ କହିଲେ ଚଳେ । ବିଶେଷ ଭାବରେ ଆଗେ ତେଲି ଜାତିର ଆଉ ଅଘ୍ରିଆ ଜାତିର ବାହାଘରମାନଙ୍କରେ ୬-୭ ଦିନ ଯାଏଁ ଖୁଲିଆ ଗାଆଁର ଦୁଲ୍‌ଦୁଲି ବୁକିଂ ହେଉଥିଲା । ଆଉ ସେହି ବାହାଘରକୁ ଗଲେ ଖୁଲିଆ ବଜାକୁ ଏମିତି ଖାତିର୍ କରୁଥିଲେ ଆଉ ଖାଇବା ପିଇବାକୁ ଦେଉଥିଲେ ତାହା ଭୁଲିବାର ନୁହେଁ । ଖୁଲିଆ ଗାଁର ଏହି ଦୁଲ୍‌ଦୁଲି ବଜାର ବଜ୍‌ନିଆ ସମ୍ପ୍ରଦାୟ ଆଜି ବି ଅଛନ୍ତି । ହେଲେ ବୟସାଧିକ କାରଣରୁ ସେମାନେ ବଜାଇବା ଛାଡ଼ି ଦେଲେଣି । ସେଇ ବିନେତ୍ ପରିବାରର ବଜ୍‌ନିଆ ସ୍ୱର୍ଗତ ଭବାନୀ ବିନେତ୍‌ଙ୍କ ପୁତ୍ର କାହ୍ନା ବିନେତ୍ ଆଜି ତବଲା ପଞ୍ଚାୟତର ସରପଞ୍ଚ ଅଛନ୍ତି । ସେଇ ବିନେତ୍ ପରିବାରର ସମସ୍ତେ ଆଜି ପ୍ରତିଷ୍ଠିତ । ହେଲେ ଭୁଲି ନାହାଁନ୍ତି ସେଦିନର ଖୁଲିଆ ଗଁଡ଼ା ବଜାର ପ୍ରତିଷ୍ଠାକୁ । ସେଇ ସମୟରେ ଖୁଲିଆର ଦୁଲ୍‌ଦୁଲି ବଜାକୁ ଓଡ଼ିଶା ବାହାରରୁ ମଧ୍ୟ ଡାକରା ଆସୁଥିଲା । ସେମାନେ ଦୁଲ୍‌ଦୁଲିକୁ ତଥା ଆମର ପଶ୍ଚିମଓଡ଼ିଶାର ସଂସ୍କୃତି, ଗୀତ, ନାଚ ଓ ବାଦ୍ୟକୁ ନେଇ ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ଛତିଶଗଡ଼ ରାଜ୍ୟକୁ ବାହାଘରେ ବଜାଇବାକୁ ଯାଉଥିଲେ । ଦୁଲ୍‌ଦୁଲି ବଜା ଓ ବଜ୍‌ନିଆ ସମ୍ପ୍ରଦାୟକୁ ନେଇ ଯେମିତି କଥା କାହାଣୀ ଅଛି ତାହା ଖୁଲିଆ ଗାଁର ବଜାବାଲାଙ୍କ ସାଥୀରେ କେବେ ଘଟି ନଥିଲା ବୋଲି କୁହନ୍ତି ମୁଖିଆ ଢୁଲିଆ ଶତୃଘ୍ନ ବିନେତ୍ । ସେତେବେଳେ ସେମାନେ ଯେଉଁଠିକି ଡାକରା ପାଇ ଯାଉଥିଲେ ସ୍ୱତନ୍ତ୍ର ବ୍ୟବସ୍ଥା ହେଉଥିଲା, ଅନାଦାର ଭାବନା ମୋଟେ ନଥିଲା । ଖୁଲିଆ ଗାଁରେ ମଧ୍ୟ ତାଙ୍କର ସୁନାମ

ପାଇଁ ଉଚ୍ଚ ଜାତିର ମହାଜନୀ ଲୋକେ ଖରାପ ବ୍ୟବହାର କରୁ ନଥିଲେ ।

ସେମାନେ କୁହନ୍ତି ଯେ ମୁହୁରୀ ହେଉଛି ମୁଖ୍ୟ ବାଦ୍ୟ । ଯାହାକି ସ୍ୱର ଦିଏ । ଅନ୍ୟ ବାଦ୍ୟକୁ ଡାକେ । ପ୍ରାରମ୍ଭିକ ଭାବରେ ମୁହୁରୀ ବାଜିଲା ପରେ ଛିଡ଼ା ହୁଏ ଢ଼ୋଲ୍, ଢ଼ୋଲକୁ ଡାକେ ମୁହୁରୀ । ଢ଼ୋଲ୍‌ର ତାଲ୍ ବାଜିଲା ପରେ ନିଶାନ୍ ଆଉ ତାସା ଉଠନ୍ତି ଏହି ଚାରି ବାଦ୍ୟ ବାଜି ଏକଧାରାରେ ଆଗକୁ ବଢ଼ିଲା ପରେ କସ୍ତାଲ ଏକ ସହାୟକ ବାଦ୍ୟ ଭାବେ ବାଜି ଉଠେ । ବେଳେ ବେଳେ ଦୁଲ୍‌ଦୁଲି ବାଦ୍ୟରେ ଝୁମ୍‌କା ମଧ୍ୟ ବ୍ୟବହାର କରାଯାଇଥାଏ । ଦୁଲ୍‌ଦୁଲିରେ ଗାୟକୀ ବି ଗାଆନ୍ତି ନ ହେଲେ ଢୁଲିଆ ଓ ଅନ୍ୟ ବାଦ୍ୟକାରମାନେ ବି ଗୀତ ଗାଆନ୍ତି । ନଚ୍‌ନିଆ ମାନେ ମଧ୍ୟ ଯାଉଥିଲେ ଦୁଲ୍‌ଦୁଲି ବା ଗଁଡ଼ାବଜା ସାଥୀରେ । ସିନ୍ଦୁରପଙ୍କ ପାଖ ଗାଁ ଖଇରପାଲିର ମାଖନୁ ଓ କଖାରୁ ନଚ୍‌ନିଆ ଭାବେ ପ୍ରାୟତଃ ଦୁଲ୍‌ଦୁଲି ବଜାରେ ନାଚୁଥିଲେ ଏବଂ ଅନେକ ଆଦର ମଧ୍ୟ ପାଉଥିଲେ ।

ଆଦିବାସୀ ସମ୍ପ୍ରଦାୟର ଲୋକେ ମଧ୍ୟ ଖୁଲିଆ ବଜାକୁ ବହୁତ ପସନ୍ଦ କରୁଥିଲେ । ସେମାନେ ରନ୍ଧାଖାଦ୍ୟ ନ ଦେଇ ଅଢ଼ିଆ ଦେଉଥିଲେ । ଯାହାକୁ ଖୁଲିଆ ବାଦ୍ୟକାରମାନେ ନିଜେ ରାନ୍ଧିବାଢ଼ି ଖାଉଥିଲେ ବୋଲି କୁହନ୍ତି ତସ୍‌ଲିଆ ନାରାୟଣ ବିନେତ୍ । ପୁରୁଣା କଥାକୁ ମନେ ପକାଇ ସେ କୁହନ୍ତି ଧନୁପାଲି, ଗୋବିନ୍ଦତୋଲା, ପଢ଼ିଆବାହାଲର ଦୁର୍ଗାପୂଜାମାନଙ୍କରେ ମଧ୍ୟ ଦୁଲ୍‌ଦୁଲି ବଜାଇବାକୁ ସେମାନଙ୍କୁ ଡାକରା ହେଉଥିଲା ।

ମଙ୍ଗୁଳୁଚରଣ ବିଶ୍ୱାଳଙ୍କ 'ଭୁଖା' ନାଟକ ଲେଖିବାର ସମୟ କଥାକୁ ମନେ ପକାଇ ଶତ୍ରୁଘ୍ନ ବିନେତ୍ କହନ୍ତି - ସେ ସମୟରେ ଦ୍ୱାରିକା ବାବୁ ଆଉ ବାରୁ ଆଜ୍ଞା ଅନେକ ଥର ଆମ ଗାଁକୁ ଆସି ଆମ ସାଥୀରେ ବାର୍ତ୍ତାଳାପ କରିଛନ୍ତି । ହେଲେ ଅନ୍ୟ କେହି ଆସି ଆମର ଗଁଡ଼ା ବଜା ବା ଦୁଲ୍‌ଦୁଲି ବିଷୟରେ କେହି କେବେ ପଚରା ଉଚୁରା କରି ନାହାଁନ୍ତି । ସେହି ସମୟରେ କନଖିଣ୍ଡା, ନୂଆଁପାଲି, ଭିଖମ୍‌ପୁର, ଶାସନ, ବିଶାଲଖିଣ୍ଡାରୁ ବାଦ୍ୟକାରମାନେ ଆମଠୁ ଶିଖିବା ପାଇଁ ଆସୁଥିଲେ । ଦୁଲ୍‌ଦୁଲି ବଜାରେ ବ୍ୟବହୃତ ହେଉଥିବା ବିଭିନ୍ନ ପାର୍, ବିଭିନ୍ନ ଶୈଳୀ ବିଷୟରେ ଶିଖୁଥିଲେ ଏବଂ ନିଜେ ବଜଉ ଥିଲେ । ସେମାନଙ୍କ ଭିତରୁ ଅନେକ ନିଜ ଦଳ ବି ଗଢ଼ିଛନ୍ତି ଏବଂ ବଜା ବଜାଉଛନ୍ତି ।

ସେ ସମୟରେ ସବୁଠୁ ମଜା ଲାଗୁଥିଲା ଯେତେବେଳେ ବରପିଲା ପକ୍ଷ ଓ କନିଆଁ ଟୁକେଲ ପକ୍ଷରୁ ଦୁଇଟି ଦୁଲ୍‌ଦୁଲି ପାର୍ଟି ବାଦି କଲା ଭଳିଆ ବଜା ବଜଉ ଥିଲେ । ସେ ସମୟରେ ଗାଁଖୁଲି ଗର୍‌ଜି ଉଠୁଥିଲା । ଆଜିର ଦୁଲ୍‌ଦୁଲି ବଜାର୍ ସୁର୍‌ତାଲ୍ ଦେଖି ଦୁଃଖ ପ୍ରକାଶ କରନ୍ତି ଖୁଲିଆ ଗାଁର ବିନେତ୍ ପରିବାର । ଦୁଲ୍‌ଦୁଲି ବଜାର ସେଇ ମୂଳ ସୁର ତାଳ ଆଉ ନାହିଁ । ଗୋଳାଘଣ୍ଟା ଓ ମିକ୍ସଚର୍ ହୋଇଗଲାଣି ସେଇ ଶୈଳୀ ।

ବରବରଣ ସମୟରେ ପର୍‌ଘାଡି ପାର୍ ବା ପର୍‌ଘେନ୍ ପାର୍‌ର ବି ଏକ ବିଶେଷତା ଥିଲା । ଢ଼ୋଲ୍‌ର ତାଲ୍ ସାଥୀରେ ମୁହୁରିଆର ଲୟ ଆଉ ନିଶାନ୍‌ର ଚିମ୍‌ଠାର ପର୍‌ଘାନ୍ ବାଜି ଉଠିଲେ ଭିନ୍ନ ଏକ ମାହୋଲ ସୃଷ୍ଟି ହେଉଥିଲା । ଦେବୀ ପୂଜା ସମୟରେ ଷୁଲ୍‌ହ ଭର୍‌ନି ବାଜା ସାଥୀରେ ବରୁଆ ଆସିବା ସମୟ ଆଜି ବି ମନେ ପଡ଼େ । ଶରୀରରେ ଭିନ୍ନ ଏକ ଶିହରଣ ସୃଷ୍ଟି ହେଉଥିଲା । ଆଜିର ଦିନରେ ଆଧୁନିକତ୍ୱର ଆବରଣ ଭିତରେ ଅନେକ କିଛି ହଜି ଯାଉଛି । ବାଦ୍ୟକାରମାନଙ୍କ ଶିଖିବାର ମନୋବୃତ୍ତି ମଧ୍ୟ ନାହିଁ କହିଲେ ଚଳେ । ସବୁ କିଛି ସାଧାରଣ ଭାବେ ସମସ୍ତେ ଚଳେଇ ନେଉ ନାହାଁନ୍ତି । କିନ୍ତୁ ବଲାଙ୍ଗିର ଓ ସୋନପୁର ଅଞ୍ଚଳରେ ଆଜି ମଧ୍ୟ ଭଲ ବଜ୍‌ନିଆମାନେ ଅଛନ୍ତି ଯେଉଁମାନେ କି ବାଦ୍ୟର ମୂଳ ଜିନିଷକୁ ଧରି ରଖିଛନ୍ତି ବୋଲି କୁହନ୍ତି ବଜ୍‌ନିଆ ଶତ୍ରୁଘ୍ନ ବିନେତ୍ । ହେଲେ ବି ପଞ୍ଚବାଦ୍ୟ ବା ଦୁଲ୍‌ଦୁଲିର ସୁରତାଲ୍‌ର ଯେଉଁ ବିଶେଷତା ଅଛି ତାହାର ଆକର୍ଷଣ ଆଜି ବି ରହିଛି । ଦୁଲ୍‌ଦୁଲିର ମଞ୍ଜି ନଥିଲେ ବି ବଞ୍ଚି ରହିଛି ଧାରା । ଯେଉଁଥି ପାଇଁ କି ପଶ୍ଚିମଓଡ଼ିଶାର ସଂସ୍କୃତି ଓ ପରମ୍ପରାର କାୟା ବିସ୍ତାରିତ ହୋଇ ଚାଲିଛି । ସମ୍ବଲପୁରୀ ଲୋକନୃତ୍ୟ ଲୋକଗୀତ ତଥା ଦୁଲ୍‌ଦୁଲିର ଆଦର ବଢ଼ି ବଢ଼ି ଚାଲିଛି ଏବଂ ଆଗକୁ ବଞ୍ଚି ରହିବ ବୋଲି ଆଶା ଓ ବିଶ୍ୱାସ । ଆଜିକୁ ପ୍ରାୟ ୨୦ ବର୍ଷ ହେଲା ଖୁଲିଆ ଗାଁର ବିନେତ୍ ପରିବାର ଦୁଲ୍‌ଦୁଲିକୁ ଛାଡ଼ି ଦେଲେଣି, ହେଲେ ବି ଦୁଲ୍‌ଦୁଲି ବଜା ପାଇଁ ଖୁଲିଆ ଗାଆଁର ନାଆଁ ବା ପ୍ରତିଷ୍ଠା ଆଜି ବି ଅମର୍ ହୋଇ ରହିଛି । ଆଜି ବି ସେମାନେ ବି ମନେ ପଡ଼ୁଛନ୍ତି । ସେମାନଙ୍କର ନିଷ୍ଠା ଓ ବାଦନ ଶୈଳୀ

ପାଇଁ । ଯେଉଁ ଦିନ ଯାଏ ଦୁଲ୍‌ଦୁଲି ବା ପଞ୍ଚବାଦ୍ୟ ଗର୍ଜୁ ଥିବ ସେତେ ଦିନ ଯାଏଁ ବଞ୍ଚି ରହିବ ଏହି ସମ୍ବଲପୁର ଜିଲ୍ଲା ଖୁଲିଆ ଗାଁ । ଖୁଲିଆ ଗାଁର ବଜ୍‌ନିଆ ହେଉ କି ନୂଆଁପାଲିର ବଜ୍‌ନିଆ ସେ ଅଇଁଲାପାଲିର ବାଦ୍ୟକାର ହେଉ କି ବିଶାଲଖଣ୍ଡାର ବାଦ୍ୟକାର । ସେମାନେ ବଞ୍ଚନ୍ତି ସେମାନଙ୍କର ପଞ୍ଚବାଦ୍ୟ ପାଇଁ । ସେମାନଙ୍କୁ ବାହାଘର, ଯାନିଯାତ୍ରାରେ ଡାକରା ପଡ଼େ, ନେତାମନ୍ତ୍ରୀ ସଭାସମିତି ହେଲେ ବି ଡାକରା ପଡ଼େ । ପଞ୍ଚବାଦ୍ୟର ବା ଦୁଲ୍‌ଦୁଲିର ସୁରତାଲ୍‌ରେ ସେମାନେ ମସ୍‌ଗୁଲ ହୋଇ ମାତି ଉଠନ୍ତି । ମଞ୍ଚ ବି ଦୁଲୁକି ଉଠେ । ଉପସ୍ଥିତ ନେତା, ମନ୍ତ୍ରୀ, ସରକାରୀ ବାବୁ ଆଉ ଉପସ୍ଥିତ ଦର୍ଶକମାନେ ବି ତାଲି ମାରନ୍ତି । ହେଲେ ଆଜି ବି ସେଇ ବଜ୍‌ନିଆ କଳାକାରାମାନେ ବି ଉପେକ୍ଷିତ ଆଜି ବି ଅନେକ ସରକାରୀ ପ୍ରୋତ୍ସାହନର ବହୁ ଦୂରରେ । କଳାକାର ଭତ୍ତା ବି ପାଉ ନାହାଁନ୍ତି ବଜ୍‌ନିଆ । ସେମାନଙ୍କର ସାଥୀରେ ସାଥୀ ହୋଇ କଳା ସଂଗଠକମାନେ ଓ ସମ୍ପୃକ୍ତ ଅଧିକାରୀମାନେ ଛିଡ଼ା ହେବାର ଆବଶ୍ୟକତା ରହିଛି । କଳାକାର ବ୍‌ଲେ କଳା ବଞ୍ଚିବ । ଆଉ କଳା ବଞ୍ଚିଲେ ବଞ୍ଚି ରହିବ ଆମ ଲୋକସଂସ୍କୃତି ଆଉ ଲୋକ ପରମ୍ପରା । ଆଉ ଗାଆଁଖୁଲି ହେଉ କି ସହରର ଚକ୍‌ଚାକ୍ ରାସ୍ତାରେ ଗର୍ଜି ଉଠୁଥିବ ଖୁଲିଆ ଗାଆଁର ଦୁଲ୍‌ଦୁଲି ପରି ପଞ୍ଚବାଦ୍ୟମାନେ ।

- ଗୋବିନ୍ଦତୋଲା, ସମ୍ବଲପୁର
ମୋ : ୯୧୭୮୨୬୦୨୪୮

# ଗୁଜା ପାହାଡ଼ର ଲୋକକଥା

● ଅରୁଣ ପାତ୍ର

ସଂସ୍କୃତି ଐତିହ୍ୟ ପରମ୍ପରା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ପ୍ରତୀକ 'ଗୁଜା ପାହାଡ଼' ! ଝାରସୁଗୁଡା ଜିଲ୍ଲା ସଦର ମହକୁମା ଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଦକ୍ଷିଣ ପଶ୍ଚିମ ଦିଗ ସୁଦୂର ତିଲିଆ ପଞ୍ଚାୟତରେ ଅବସ୍ଥିତ ! ଏହା ପଶ୍ଚିମ ଓଡିଶାର ଗୋଟିଏ ପ୍ରମୁଖ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଅଟେ । ଏହାର ଠିକ ପଛ ଭାଗରେ ହୀରାକୁଦ ନଦୀବନ୍ଧର ଜଳ ଭଣ୍ଡାର ରହିଅଛି ! ଏହା ପ୍ରାୟତଃ ଖରା ମାସରେ ବି ଭରି ରହିଥାଏ ! ଏହି ଜଳଭଣ୍ଡାର ଗୁଜା ପାହାଡର ସୌନ୍ଦର୍ଯ୍ୟକୁ ଆହୁରି ଦ୍ୱିଗୁଣିତ କରିଥାଏ ! ଏହାର ପ୍ରାକୃତିକ ମନୋରମ ଦୃଶ୍ୟ ଓ ତାହାରି ପାଦଦେଶରେ ଚାରି ପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷ ତରୁଲତାମାନ ପର୍ଯ୍ୟଟକ ମାନଙ୍କୁ ବେଶ ଆକର୍ଷିତ କରି ଟାଣି ଆଣିଥାନ୍ତି !

ଥରେ ଯିଏ ଏଠାକୁ ଆସେ ତାହାରି ସୌନ୍ଦର୍ଯ୍ୟରେ ଛନ୍ଦି ହୋଇ ଏଠାରୁ ଯିବାକୁ ମନ ବଳାଏ ନାହିଁ । ସବୁଠୁଁ ବେଶୀ ମଜା ଲାଗେ ପାହାଡ ଶିଖରକୁ ଚଢିବା ପାଇଁ । ପାହାଡ଼ରେ ଗଢି ଉଠିଥିବା ଘଞ୍ଚ ଜଙ୍ଗଲ ଏହାର ସୌନ୍ଦର୍ଯ୍ୟ କୁ ବେଶ ବଢ଼ାଇ ଥାଏ । ତଳ ଭାଗରୁ ପାଦ ଚଲା ରାସ୍ତା ଦେଇ ପାହାଡର ଉପର ଭାଗକୁ ଚଢିବାକୁ ହୁଏ । ପାଦଚଲା ରାସ୍ତା ଦେଇ ଗଲାବେଳେ ଅନେକ ଛୋଟ ବଡ଼ ରହସ୍ୟମୟୀ ଗୁମ୍ଫା ଗୁଡିକ ଦେଖିବାକୁ ମିଳେ । ପୁରାତନ ତଥ୍ୟ ଅନୁଯାୟୀ, କିମ୍ବଦନ୍ତୀ ଏବଂ ପୁରୁଖା ଲୋକଙ୍କ କହିବା ଅନୁସାରେ ବହୁ ପୁରାତନ କାଳରୁ ଏହି ଗୁମ୍ଫାରେ ଅଲେଖ ମହିମା ଧର୍ମାଲମ୍ବୀ ସାଧୁ ସନ୍ଥ ବାବାମାନେ ଏଠି ରହୁଥିଲେ ଏବଂ ସିଦ୍ଧି ଲାଭ କରୁଥିଲେ । ତାଙ୍କ କହିବା ଅନୁସାରେ ଏବେବି ଗୁମ୍ଫା ଭିତରେ ବାବା ମାନେ ଅଦୃଶ୍ୟ ହୋଇ ବିରାଜମାନ ଅଛନ୍ତି । ପାହାଡ଼ର ପାଦ ଦେଶେ ଥିବା ଛୋଟ ଗୁମ୍ଫା ସହିତ ପାହାଡ଼ ଉପରେ ଥିବା ସମସ୍ତ ଛୋଟ ବଡ଼ ଗୁମ୍ଫା ମାନଙ୍କର ଭିତରେ ଭିତରେ ରହସ୍ୟମୟୀ ସୁଡ଼ଙ୍ଗ ରାସ୍ତା ମାନ ଛନ୍ଦି ହୋଇ ରହିଅଛି । ସେଥିପାଇଁ ପର୍ଯ୍ୟଟକଙ୍କୁ ଗୁମ୍ଫା ଭିତରେ ପଶିବା ପାଇଁ ବାରଣ ଅଛି ।

ପାହାଡ଼ର ଠିକ ଶୀର୍ଷ ସ୍ଥାନରେ ଗୋଟିଏ ଶୈବ ପୀଠ ରହିଅଛି । ନିତ୍ୟ ପ୍ରତିଦିନ ପୂଜକ ପାହାଡ଼ ଉପରକୁ ଚଢି ଯାଇ ଶିବଙ୍କ ପୂଜାର୍ଚ୍ଚନା କରନ୍ତି । ଗୁଜା ପାହାଡ଼ର ପାଦ ଦେଶରେ ଏକ ସୁନ୍ଦର ପୁଷ୍କରିଣୀ ଟିଏ ଅଛି, ଏହାର ପାଣି କେବେବି ଶୁଖେ ନାହିଁ । ଖରା ବର୍ଷା ଶୀତ ସବୁଦିନେ ଏଠି ପାଣି ଭରି ରହିଥାଏ । ଏହାର ପାଣି ଅମୃତ ସମାନ ଅଟେ, ପିଇଲେ ଅତ୍ୟନ୍ତ ମଧୁର ଲାଗେ । କିମ୍ବଦନ୍ତୀ ଅନୁସାରେ ଏବଂ ପୁରୁଖା ଲୋକଙ୍କ କହିବା ଅନୁସାରେ ଏଠି ଗୋଟିଏ ବାବା ରହି ସିଦ୍ଧି ଲାଭ କରୁଥିଲେ, ଯାହାଙ୍କ ନାମ 'ଖଡାଖାଇ ବାବା' ଥିଲା । ସେ ଏଠି ଏକ ବିଶାଳ 'ହରିହାଟ' ଯଜ୍ଞ କରିଥିଲେ । ବହୁ ମହିମାଧର୍ମୀ ସାଧୁ ସନ୍ଥ ଓ ଭକ୍ତ ମାନଙ୍କର ଏଠି ବିରାଟ ସମାଗମ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ପାଇଁ ଅନ୍ନପ୍ରସାଦର ଆୟୋଜନ ହୋଇଥିଲା । ଭକ୍ତମାନେ ଆନନ୍ଦ ମନରେ ପ୍ରସାଦ ସେବନ କରିଥିଲେ କିନ୍ତୁ ସୌଭାଗ୍ୟବଶତଃ ଏଠି ପିଇବା ପାଇଁ ପାଣିର ଅଭାବ ହୋଇଥିଲା । ବାବା ଏହା ଜାଣିବା ପରେ ତତ୍‌କ୍ଷଣାତ ନିଜ ସିଦ୍ଧି ଚିମୁଟାକୁ ଧରି ଧ୍ୟାନ କରିଥିଲେ ଏବଂ ଚିମୁଟାକୁ ସେଠାରୁ ମାରିଥିଲେ, ଚିମୁଟାଟି ଯାଇ ଯେଉଁ ସ୍ଥାନରେ ପଡିଥିଲା ସେଇଠୁଁ ଜଳ ଧାର ସୃଷ୍ଟି ହେଲା ଓ ଭକ୍ତ ମାନେ ଆନନ୍ଦ ରେ ଜଳ ପାନ କରିଥିଲେ । ସେଇ ଦିନ ଠାରୁ ଆଜି ପର୍ଯ୍ୟନ୍ତ ସେଇ ଜଳଧାର ନିତ୍ୟ ବହି ଚାଲିଛି ଏବଂ ତାହା ଏକ ସୁନ୍ଦର ପୁଷ୍କରିଣୀ ରୂପେ ଗଢି ଉଠିଛି ।

ଏଠାକୁ ପ୍ରାୟ ପ୍ରତିଦିନ ସୁଦୂର ଛତିଶଗଡ ରାଜ୍ୟ ରୁ, ସୁନ୍ଦରଗଡ଼ ଜ଼ିଲ୍ଲାରୁ, ସମ୍ବଲପୁର ଜ଼ିଲ୍ଲାରୁ, ବରଗଡ ଜ଼ିଲ୍ଲାରୁ ଏବଂ ଝାରସୁଗୁଡା ଜ଼ିଲ୍ଲାରୁ ପର୍ଯ୍ୟଟକ ମାନେ ଆସନ୍ତି । ବଣଭୋଜି ପାଇଁ ଏହା ଏକ ମୁଖ୍ୟ ଆକର୍ଷଣ ସ୍ଥଳୀ ଅଟେ । ପ୍ରାୟ ଡ଼ିସେମ୍ବର ଓ ଜାନୁଆରୀ ମାସରେ ଏଠାକୁ ପର୍ଯ୍ୟଟକମାନେ ବଣଭୋଜି କରିବା ପାଇଁ ଆସିଥାନ୍ତି ଓ ଏଠାରେ ପ୍ରବଳ ଭିଡ଼ ହୋଇଥାଏ । ଏଠାରେ ବର୍ଷକୁ ଦୁଇଥର ମାଘ ମାସ ପୂର୍ଣ୍ଣିମା ଓ ଆଷାଢ଼ ମାସ ପୂର୍ଣ୍ଣିମାରେ ମେଳା ଅନୁଷ୍ଠିତ ହୋଇଥାଏ । ଆଷାଢ଼ ମାସ ପୂର୍ଣ୍ଣିମାମେଳାରେ ପ୍ରବଳ ଭିଡ଼ ହୁଏ ଏବଂ ମାଘ ମାସ ପୂର୍ଣ୍ଣିମା ମେଳାରେ ଟିକିଏ କମ ଭିଡ଼ ହୁଏ । ପାହାଡ଼ ଚଢି ମେଳାଦିନ ଭକ୍ତମାନେ ଶିବଙ୍କୁ ପୂଜାର୍ଚ୍ଚନା କରିଥାନ୍ତି ଓ ପାହାଡ଼ ଉପରୁ ମନଖୋଲି ସୌନ୍ଦର୍ଯ୍ୟର ଉପଭୋଗ କରିଥାନ୍ତି । ପାହାଡ଼ ଚାରିପାର୍ଶ୍ୱରେ ବେଢ଼ି ରହିଥିବା ଜଳ ଭଣ୍ଡାରର ଦୃଶ୍ୟକୁ ପାହାଡ଼ ଉପରୁ ଦେଖିଲେ ଅତ୍ୟନ୍ତ ଆକର୍ଷଣୀୟ ଏବଂ ମନୋରମ ଲାଗେ, ଯାହାକୁ ବର୍ଣ୍ଣନା କଲେ କମ ପଡି ଯିବ ।

ଏଠାକୁ ପ୍ରାୟ ଡ଼ିସେମ୍ବର ଓ ଜାନୁଆରୀ ମାସରୁ ବୈଦେଶିକ ପକ୍ଷୀମାନଙ୍କର ଆଗମନ ହୁଏ । ନୁଆଁ ନୁଆଁ ପ୍ରଜାତିର ପକ୍ଷୀ ଏଠି ଦେଖିବାକୁ ମିଳିଥାଏ । ଗୁଜା ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟ ବୈଦେଶିକ ପକ୍ଷୀମାନଙ୍କୁ ଟାଣି ଆଣିଥାଏ, ଯାହାକି ପର୍ଯ୍ୟଟନ ସ୍ଥଳୀର ଏକ ମୁଖ୍ୟ ଆକର୍ଷଣ ଅଟେ । କିମ୍ବଦନ୍ତୀ ଓ ପୁରୁଖା ଲୋକଙ୍କ କହିବା ଅନୁସାରେ ଏଇ ଗୁଜା ପାହାଡ଼ରେ ଆମ ମହାନ ସ୍ୱାଧୀନତା ସଂଗ୍ରାମୀ ପରମ ପ୍ରତାପୀ ଶ୍ରୀ ବୀର ସୁରେନ୍ଦ୍ର ସାଏ ରହି ଇଂରେଜମାନଙ୍କ ବିରୁଦ୍ଧରେ ଲଢେଇ କରୁଥିଲେ । ପାହାଡ଼ରେ ଥିବା ରହସ୍ୟମୟୀ ଗୁମ୍ଫା ଭିତରେ ଲୁଚି ରହି ପାହାଡ଼ ଉପରୁ ପଥର ଖସାଇ ଇଂରେଜ ମାନଙ୍କୁ ଆକ୍ରମଣ କରୁଥିଲେ । ପାହାଡର ଅବସ୍ଥିତି ଏମିତି ଅଛି ଯେ ଏଠି ଶତ୍ରୁ ମାନଙ୍କ ସହିତ ଲଢ଼ିବା ପାଇଁ ସୁରେନ୍ଦ୍ର ସାଏଙ୍କୁ ବହୁତ ସୁବିଧା ଓ ସହଜ ହେଉଥିଲା । ଗୁଜା ପାହାଡ଼ ସୁରେନ୍ଦ୍ର ସାଏଙ୍କ ପାଇଁ ଗୋଟିଏ ଦୁର୍ଗ ସାଜିଥିଲା । କୁହାଯାଏ ଯେ ସୁରେନ୍ଦ୍ର ସାଏ ଏଠି ଦିନ ରାତି ଲଢେଇ କରି ଶତ୍ରୁମାନଙ୍କ ନିଦ ହଜେଇ ଦେଇଥିଲେ ।

ଗୁଜା ପାହାଡ଼ର ଠିକ ଡାହାଣ ପଟେ ଆଉ ଗୋଟିଏ ବିଶାଳକାୟ ପାହାଡ଼ ରହିଅଛି । ଯାହାର ନାମ 'ଦେସର ପାହାଡ଼' ଅଟେ । ଏହି ପାହାଡ଼ ଚାରିପଟରେ ବି ହୀରାକୁଦ ନଦୀ ବନ୍ଧର ଜଳ ଭଣ୍ଡାର ଘେରି ରହିଅଛି । କୁହାଯାଏ ଏହି ପାହାଡ଼ରେ ପାଞ୍ଚ ଶହରୁ ବି ଉର୍ଦ୍ଧ୍ୱ ଗାଇ ଗୋରୁ କାହାରି ବିନା ରକ୍ଷଣ-ବେକ୍ଷଣରେ ବସବାସ କରୁଛନ୍ତି, ଆମ ଗୃହ ପାଳିତ ଗାଇ ଗୋରୁମାନଙ୍କ ଠାରୁ ଏମାନଙ୍କ ଲକ୍ଷଣ ଭିନ୍ନ ପ୍ରକାର ପରିଲକ୍ଷିତ ହୁଏ । କିଛି ପୁରୁଣା ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ କହିବା ଅନୁସାରେ ଏଇ ପାହାଡ଼ରେ ଅନେକ ପ୍ରଜାତିର ବନୌଷଧି ବୃକ୍ଷ ରହିଅଛି ।

ପ୍ରକୃତିରାଣୀ ର ବକ୍ଷ ସ୍ଥଳରେ 'ଗୁଜା ପାହାଡ଼' ମାନବ ସଭ୍ୟତା ପାଇଁ ଈଶ୍ୱରଙ୍କର ଏକ ଅବିଶ୍ୱସନୀୟ , ଅବିସ୍ମରଣୀୟ ଏବଂ ଅବର୍ଣ୍ଣନୀୟ ଉପହାର ସ୍ୱରୂପ ବରଦାନ ଅଟେ । ଗୁଜା ପାହାଡ଼ ଚିରଦିନ ଆମ ମାନବ ଜାତି ପାଇଁ ସ୍ମୃତି ହୋଇ ରହିଥିବ ।

**- ବ୍ରଜରାଜନଗର, ଝାରସୁଗୁଡ଼ା**
**ମୋ- ୯୯୩୭୩ ୬୦୭୩୭**

# ଆଦିବାସୀ ଅସ୍ମିତାର ଅନବଦ୍ୟ ଅଶ୍ମମଣ୍ଡଳ, ପର୍ଯ୍ୟଟନ ପରମ୍ପରାର ସୁରମ୍ୟ ସାମ୍ରାଜ୍ୟମାଲ୍ୟବନ୍ତ ପାହାଡ଼

● ବଳରାମ ପୂଜାରୀ

ଆଦିବାସୀ ଆଦିଭୂମି, ଆଦି ମାନବ ଉଦ୍ଭବର ଅନବଦ୍ୟ ଭୂମିପୂର୍ବଘାଟ ପର୍ବତମାଳାର 'କୁଟୁଣିମାଳା' ପାର୍ବତ୍ୟାଞ୍ଚଳ ମାଲୁଆ ମାଳଭୂମିର ସୀମାନ୍ତ ସାମ୍ରାଜ୍ୟ 'କୋଣ୍ଡାକାମ୍ବେରୁ' ଅରଣ୍ୟ ଅଗଣାର ବିସ୍ତାରିତ ଛାତିରେ ଆମ ଆଦିସଭ୍ୟତାର ଛୁଇଁ ହେଉଥିବା ଭୂସ୍ୱର୍ଗ ମାଲ୍ୟବନ୍ତ ପାହାଡ଼ । ଛତିଶଗଡ଼ ଓ ଆନ୍ଧ୍ର ପ୍ରଦେଶର ସୀମା ସରହଦକୁ ଛୁଉଁଥିବା ଏ ସାବୁଜା ସାବୁଜା ସୁରମ୍ୟ ଉପତ୍ୟକା, ଅଗନାଅଗନି ଅରଣ୍ୟ ଉଆସ 'ମାଲ୍ୟବନ୍ତଗିରି' । ପୁରାଣ ପ୍ରସିଦ୍ଧ ରାମାୟଣରେ ବର୍ଣ୍ଣିତ, ଅରଣ୍ୟ କାଣ୍ଡର ନିଘଞ୍ଚ ଜଙ୍ଗଲ, ଦଣ୍ଡକାଦୈତ୍ୟର ଅରଣ୍ୟକ୍ଷେତ୍ର ଏ' ଦଣ୍ଡକାରଣ୍ୟ ଅଞ୍ଚଳ । ତ୍ରେତୟା ଯୁଗରେ ପିତୃସତ୍ୟ ପାଳନ କରିବା ପାଇଁ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଚଉଦ ବର୍ଷ ବନବାସ ଅବଧିରୁ କିଛି କାଳ ଏ ପବିତ୍ର ମାଟିରେ ପର୍ଣ୍ଣକୁଟୀର କରି ଅବସ୍ଥାନ କରିଥିଲେ ବୋଲି ପୁରାଣ ଓ କିମ୍ବଦନ୍ତୀରୁ ଜଣାପଡ଼େ । ମହର୍ଷି ବାଲ୍ମୀକି ବର୍ଣ୍ଣିତ ପବିତ୍ର ରାମାୟଣର ପବିତ୍ର ତମସା ନଦୀ, ମାଲ୍ୟବନ୍ତ ପାହାଡ଼ରେ ବର୍ଷାକାଳ, ଚିତ୍ରକୁଟ ଅରଣ୍ୟର ପବିତ୍ର ପର୍ଣ୍ଣକୁଟୀର, କୋରୁକୋଣ୍ଡା ବ୍ଲକ ଶୁଳିଆ ପାହାଡ଼ ଉପରେ ଥିବା କିଷ୍କିନ୍ଧ୍ୟା କଟକର ବାଳି ଓ ସୁଗ୍ରୀବ ଉଆସ, ଆଦି ଭୂମି ବଣ୍ଡା ପାହାଡ଼ରେ ଅବସ୍ଥିତ ପବିତ୍ର ସୀତା କୁଣ୍ଡ, ଏହି ପାବନ ଭୂସ୍ୱର୍ଗର ଗୋଟିଏ ଗୋଟିଏ ଆରାଧ ତୀର୍ଥ କ୍ଷେତ୍ର ।

ମେଘଦୂତ ମହାକାବ୍ୟରେ ମହାକବି କାଳିଦାସଙ୍କ ବର୍ଣ୍ଣିତ ଏହି ମେଘବର୍ଣ୍ଣା ମେଘଭୂମି ଯୁଗ ଯୁଗ ଧରି ସାଧନା ଓ ସିଦ୍ଧିର ତପୋଭୂମି ଭାବେ ଋଷି, ମୁନି, ସନ୍ଥ ଓ ତପସ୍ୟାରତ ତପସ୍ୱୀମାନଙ୍କ ସାଧନାର ତପୋଭୂମି ଭାବେ ବିଶ୍ୱ ବିଦିତ । ଆଜି ବି ପାହାଡ଼ ଖୋଲର ଅନେକ ଅନାଲୋଚିତ ଅନାବିଷ୍କୃତ




ଗୁମ୍ଫା ମଧ୍ୟରେ ମୁନି ଋଷିମାନେ ରହି ତପ ତପସ୍ୟାରେ ନିମଗ୍ନ ବୋଲି ସ୍ଥାନୀୟ ବୟୋଜ୍ୟେଷ୍ଠ ବାସିନ୍ଦାଙ୍କ ମୁହଁରୁ ଶୁଣାଯାଏ । ମହାକାବ୍ୟ ମହାଭାରତରେ ବର୍ଣ୍ଣିତ ଦ୍ରୌପଦ ରାଜ୍ୟର ରାଜନନ୍ଦିନୀ ଯଜ୍ଞସୂତା ଯାଜ୍ଞସେନୀଙ୍କ ପବିତ୍ର ଲିଳାଖେଳାର ପବିତ୍ର ମାଟି ବହ୍ନିଭୂମି ମାଲ୍ୟବନ୍ତ ମାଟି ।

ମାଲକାନଗିରି ଜିଲ୍ଲାର ବଡ଼ ପର୍ବ ଦୁଇ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ପବିତ୍ର ବଡ଼ ଯାତ୍ରାରେ, ମହାମାୟା କାତ୍ୟାୟନୀ ଯାଜ୍ଞସେନୀ, ମହାଦେବୀ ମୋତ୍ୟାଲୁମ୍ମାଙ୍କ ପବିତ୍ର କ୍ଷେତ୍ର ମାନ୍ୟମ୍ କୋଣ୍ଡା ପାହାଡ଼ ଗୁମ୍ଫାରୁ ଆବିର୍ଭୁତା ହୋଇ ମହାପଟୁଆରରେ ମହାପ୍ରଭୁ ବାଲ୍ ରାଜୁ , ପୋତ ରାଜୁ, କାନାମ୍ ରାଜୁଙ୍କ ସହ ଦୀର୍ଘ ଏକ ମାସ ବ୍ୟାପୀ ମହାଯାତ୍ରା କର ଏହି ଅଗନା ଅଗନି ଅରଣ୍ୟ ଉଆସ ମାଲକାନଗିରି ମାଟିକୁ ପବିତ୍ର କରନ୍ତି । ମହାପ୍ରଭୁ ବଡଦ୍ୱେତାଙ୍କ ଆଶୀର୍ବାଦରେ ମାଲକାନଗିରି ମାଟିର ଦିଅଁ ଦେବତା ଡୁମା ଡାହୂନୀ, ପବିତ୍ର ଲାଠି ଦେବତାମାନେ ବିଭିନ୍ନ ପୀଠରୁ ବରଣୀ

ହୋଇ ମାଣ୍ଡିଆଭଟ୍ଟା ଠାରେ ମାଁ ମୋତ୍ୟାଲୁମ୍ମାଙ୍କ ମହାଯାତ୍ରା ପୂଜା ପାଇଁ ଯାତ୍ରା ସରିବା ପରେ ନିଜ ନିଜ ପୀଠକୁ ବାହୁଡ଼ା ବିଜେ କରନ୍ତି ।

ଏ ଭୂମି ଦିଅଁ ଦେବତାଙ୍କ ଭୂମି, ଏ ଭୂମି ଆଦି ଈଶ୍ୱରଙ୍କ ଭୂମି । ଏ ମାଟି ମଣ୍ଡପରେ ମୁଣ୍ଡିଆ ଟିଏ ମାରିଲେ, କୋଟି ଜନ୍ମର ପାପ କ୍ଷୟ ହୋଇପୂଣ୍ୟ ମିଳିଥାଏ ବୋଲି ଜନଶ୍ରୁତି ରହିଛି । ଐତିହାସିକ ପୃଷ୍ଠଭୂମିକୁ ତର୍ଜମା କଲେ ଏ ବୀର ପ୍ରସବିନୀ ବୈପ୍ଲବିକ ବହ୍ନିଭୂମି ମାଲକାନଗିରି, ସର୍ବଦା ସ୍ୱାଧୀନଚେତା ଏବଂ ମାନବୀୟ ମୂଲ୍ୟବୋଧକୁ ଆଧାର କରି ଗଣତାନ୍ତ୍ରିକ ଶାସନ ପଦ୍ଧତି ଆପଣେଇ, ପ୍ରଜାତନ୍ତ୍ର ସହ ଶାନ୍ତି ପରିବେଶରେ ସହାବସ୍ଥାନ କରି 'ବସୁଧୈବ କୁଟୁମ୍ବକମ୍' ମାର୍ଗରେ ପରିଚାଳିତ ହୋଇ ଅଜେୟ, ଅପରାଜେୟ ହୋଇ ଆସିଅଛି । ଇଂରେମାନଙ୍କ ଦୌରାତ୍ମ୍ୟରୁ ଏ ମାଟିକୁ ରକ୍ଷା କରିବା ନିମନ୍ତେ ଏ ମାଟିର ବୀରବିରାଙ୍ଗନା, କୋଣ୍ଡା କାମ୍ବେରୁ ରାଜ୍ୟର ପାଟ ମହାଦେଈ ମହାରାଣୀ ବାଙ୍ଗାରୀଦେବୀ, କୋୟା ବିପ୍ଳବର କ୍ରାନ୍ତି ପୁରୁଷ ବିପ୍ଳବୀ ତାମା ଦୋରା, ଦେବଡଙ୍ଗର ରାଜ ଉଆସର ହଜାର ହଜାର କୋୟା ଜନଜାତିର ସୈନ୍ୟ ସାମନ୍ତ, ବିପ୍ଳବୀ ଖରା ମାଲେୟା, ମହାନ୍ ନାରୀ ସ୍ୱତନ୍ତ୍ରତା ସେନାନୀ ଖରା ପାର୍ବତୀ, ବହ୍ନିଭୂମିର ବିପ୍ଳବୀ ମହାପୁରୁଷ ଆଲୁରୀ ସୀତାରାମ ରାଜୁ ଏବଂ ଅବିଭକ୍ତ କୋରାପୁଟ ମାଟିର ବୀର ବିପ୍ଳବୀ ଭୂମିଷ୍ଠ ଭୂମିପୁତ୍ର ବୀର ଶହୀଦ୍ ଲକ୍ଷ୍ମଣ ନାୟକ, ଏ ମାଟି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି । ସେ ଆରାଧ୍ୟ ମହାପୁରୁଷ ଭୂମିପୁତ୍ର ବୀର ସହୀଦ୍‌ମାନଙ୍କ ତ୍ୟାଗ, ତପସ୍ୟା, ବଳିଦାନ, ଐଶ୍ୱର୍ଯ୍ୟର ଗାଥା, ଏ ଅଦମିତ ବହ୍ନିଭୂମି ମାଲକାନଗିରି ମାଟିର ପାହାଡ଼ ଖୋପରେ ଖୋଦିତ ହୋଇଅଛି । ନୃତତ୍ତ୍ୱବୀତ୍ ତଥା ଇଂରେଜ ପ୍ରଶାସକ ଆର.ସି.ବେଲଙ୍କ ଲିଖିତ 'କୋରାପୁଟ ଗେଜେଟିଅର' ଅନୁଯାୟୀ, ସମଗ୍ର ମାଲକାନଗିରି ଅଞ୍ଚଳ ଚାରୋଟି ମୁଠା ମୋଟୁ, ପଡିଆ, କୋରକୋଣ୍ଡା, ପଦ୍ମଗିରିରେ ବିଭକ୍ତ ହୋଇ 'ମୁଠା' ର ଶାସକ, ମୁଠା ଦାର୍ ଓ ଶହ ଶହ ଆଦିବାସୀ ଗାଁ ଗହଳିର ମୁଖିଆ, ପେଦାମାନଙ୍କ ଦ୍ୱାରା ଶାସନ ହୋଇ ଆସୁଥିଲା ।


ବୀର ଶହୀଦ ଲକ୍ଷ୍ମଣ ନାୟକ

୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ସମୟରେ ମାଡ୍ରାସ୍ ପ୍ରେସିଡେନ୍ସିରୁ ବିଚ୍ଛିନ୍ନ ହୋଇ କୋରାପୁଟ ଜିଲ୍ଲା ଓଡ଼ିଶା ରାଜ୍ୟରେ ସାମିଲ୍ ହୋଇଥିଲା । ୧୯୩୬ ମସିହା ଏପ୍ରିଲ ୧ ତାରିଖ ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ସମୟରେ ଏହି ଜିଲ୍ଲା ଅବିଭକ୍ତ କୋରାପୁଟ ମାଟିର ନବରଙ୍ଗପୁର ସବଡିଭିଜନ ଅନ୍ତର୍ଗତ ଏକ ତାଲୁକ ଭାବରେ ପରିଚିତ ଥିଲା । ୧୯୪୧ ମସିହାରେ ଇଂରେଜ ସରକାରଙ୍କ ପ୍ରତିନିଧି, ଆର୍ ସି ବେଲ୍ କୋରାପୁଟ ଜିଲ୍ଲାର ପ୍ରଥମ ଜିଲ୍ଲାପାଳ ଭାବେ ଯୋଗଦେଇ 'କୋରାପୁଟ ଗେଜେଟିୟର' ପ୍ରସ୍ତୁତ କରି ଏଥିରେ, ମାଲକାନଗିରି ଅଞ୍ଚଳର ସ୍ୱତନ୍ତ୍ର ଆଦିବାସୀ ଜୀବନ ଜୀବିକା, ଚଳନୀ, ଜଳବାୟୁ, ପରିବେଶ ଓ ଭୌଗୋଳିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରି, ଗେଜେଟିଅର୍ ପ୍ରକାଶିତ କରିଥିଲେ । ୧୯୬୨ ମସିହା ଜାନୁଆରୀ ୧ ତାରିଖରେ ମାଲକାନଗିରି ଅଞ୍ଚଳ ଏକ ସ୍ୱତନ୍ତ୍ର ସବଡ଼ିଭିଜନ ଭାବରେ ଆତ୍ମପ୍ରକାଶ କରିଥିଲା । କଳିଙ୍ଗବୀର ଭୂମିପୁତ୍ର ପ୍ରବାଦପୁରୁଷ ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଜିଲ୍ଲା ପୁନର୍ଗଠନ ହୋଇ ୧୯୯୨ ମସିହା ଅକ୍ଟୋବର ୨ ତାରିଖ ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ବିଚ୍ଛିନ୍ନ ହୋଇ 'ମାଲକାନଗିରି' ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା

ଏକ ଯୋଡ଼ି ଜଳପ୍ରପାତ, ସାଲିମି


ପାଇଲା । ଅନେକ ପୌରାଣିକ ଓ ଐତିହାସିକ ପୃଷ୍ଠ ଭୂମିରେ ଜାଜ୍ଜୁଲ୍ୟମାନ ଜ୍ୟୋତିଶିଖା, ଭାବରେ ଜଳୁଥିବା ମାଲ୍ୟବନ୍ତ ଭୂମି ତାର ସ୍ୱତନ୍ତ୍ର ଭୌଗୋଳିକ ସ୍ଥିତି, ଅବଦମିତ ଇତିହାସ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ବିଶ୍ୱ ଦରବାରରେ ପରିଚିତ । ପର୍ଯ୍ୟଟନର ଧରୋହର ଏ ଅନବଦ୍ୟ ଭୂମି ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗୌରବମୟ ଇତିହାସକୁ ନେଇ ଗୌରବାନ୍ୱିତ ।

ବୈଦିକ ଯୁଗରେ- ଏହି ଅଞ୍ଚଳକୁ ଆରଣ୍ୟକ ରାଜ୍ୟ, ରାମାୟଣ ଯୁଗରେ- ଦଣ୍ଡକାରଣ୍ୟ, ମହାଭାରତ ଯୁଗରେ- ନିଷାଦ ନଗ୍ର, ଜୈନ ବୌଦ୍ଧ ସମୟରେ- ଆଟବିକ ସାମ୍ରାଜ୍ୟ, ମୌର୍ଯ୍ୟ ଯୁଗରେ- ମହାବନ , ଐର ଖାରବେଳଙ୍କ ସମୟରେ- ବିଦ୍ୟାଧର, ନଳବଂଶ ସମୟରେ- ଖ୍ରିଷ୍ଟିର ଶୃଙ୍ଗମଣ୍ଡଳ, ମାଠର ବଂଶ ସମୟରେ- ପୂର୍ବ ଗଙ୍ଗରାଜ୍ୟ, ଗୁପ୍ତ ବଂଶ ସମୟରେ- ମହାକାନ୍ତାର ରାଜ୍ୟ, ସୋମବଂଶୀ ଅମଳରେ- ତ୍ରିକଳିଙ୍ଗ ଦେଶ, ନାଗବଂଶୀ ଅମଳରେ- ଚିତ୍ରକୋଟ, ମତ୍ସ୍ୟ ବଂଶୀଙ୍କ ସମୟରେ- ଉଡ୍ର ରାଜ୍ୟ, ଶିଳା ବଂଶୀଙ୍କ ସମୟରେ- ମଘ ମତ୍ସ୍ୟ ଦେଶ ଓ ସୂର୍ଯ୍ୟବଂଶୀଙ୍କ ସମୟରେ- କୋଣ୍ଡାକାମ୍ବେରୁ ବା କାମ୍ବୁଦ୍ରିଗଡ଼ ଭାବରେ ପରିଚିତ ଥିଲା । ସୂର୍ଯ୍ୟବଂଶୀ ରାଜାମାନଙ୍କ ପ୍ରତିଷ୍ଠିତ ନନ୍ଦପୁର (ପରବର୍ତ୍ତୀ ସମୟରେ ଜୟପୁର ରାଜ୍ୟ) ସାମ୍ରାଜ୍ୟକୁ କେନ୍ଦ୍ର କରି ଏ ମାଟିର ଭୌଗୋଳିକ,ଐତିହାସିକ ରାଜନୈତିକ ଅସ୍ତିତ୍ୱ ଓ ଅସ୍ମିତା ଆଧାରିତ ତଥା ପର୍ଯ୍ୟବେଶିତ ।

ପୂର୍ବଘାଟ ପର୍ବତ ମାଳା ଏବଂ ଚିରସ୍ରୋତା ମାଛକୁଣ୍ଡ ନଦୀ କଡେ କଡେ ଗଢି ଉଠିଥିବା ଅନେକ ଆଦିବାସୀ ସଭ୍ୟତା, ରାଜବଂଶର ରାଜ ଉଆସ ମଧ୍ୟରୁ, ଏ 'କୋଣ୍ଡାକାମ୍ବେରୁ' ଗଡ଼ ଅନ୍ୟତମ । ନିୟମଗିରି ପର୍ବତମାଳାରୁ ସୃଷ୍ଟି ହୋଇ ଅନେକ ପାହାଡ଼ ପର୍ବତ ଡେଇଁ ଏ ମାଛକୁଣ୍ଡ ନଦୀମୋଟୁ ମୁଗୀ ପଏଣ୍ଟ ତ୍ରୀକୋଣଭୂମିରେ ସାବେରୀ, ସିଲେରୁ ଓ ଚିନ୍ନା ଗୋଦାବରୀ ସହ ମିଳିତ ହୋଇଛି । ନିୟମଗିରିରୁ ଜଲାପୁଟ ଯାଏଁ କିଶୋର ଗାଡ଼, ଜଲାପୁଟରୁ ଚିତ୍ରକୋଣ୍ଡା ଯାଏଁ ମାଛକୁଣ୍ଡ ଏବଂ ଚିତ୍ରକୋଣ୍ଡାରୁ ନିମ୍ନ ଅବବାହିକାରେ ଏହା ସିଲେରୁ ନଦୀ ଭାବରେ ନାମିତ ହୋଇଛି । ଅନେକ ପୁରାତନ କିମ୍ବଦନ୍ତୀ, ଐତିହାସିକ କୀର୍ତ୍ତିରାଜି, ସୁନ୍ଦର ପ୍ରାକୃତିକ ବର୍ଣ୍ଣ ବିଭାରେ ସଜେଇ ହୋଇଥିବା, ଏ ଛୁଇଁ ହେଉଥିବା ଭୂସ୍ୱର୍ଗ ଆଦିବାସୀ ଆଦିଭୂମି ମାଲକାନଗିରି ।

ଓଡ଼ିଶାରେ ସର୍ବମୋଟ ୬୨ ଟି ସମ୍ପ୍ରଦାୟଙ୍କ ମଧ୍ୟରୁ ମାଲକାନଗିରି ଜିଲ୍ଲାରେ ୧୫ ଗୋଟି ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି । ଆଦିମ ସନ୍ତାନ ବଣ୍ଡା, କୋୟା, ପରଜା, ଦିଦାୟୀ, ଭୂମିଆ, ଗାଦ୍ବା, ଜୁଆଙ୍ଗ, କୋଲ୍‌ହ, କନ୍ଧ, ଶାନ୍ତାଳୀ, ପରଜା, ଭୂମିଆଁ, ପେଙ୍ଗପରଜା, ମାଟିଆ, ସାନ୍ତାଳ, କୋଣ୍ଡାଦୋରା, କୋଣ୍ଡାରେଡ୍ଡୀ, ଶବର, ଏଭଳି ଅନେକ ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ନେଇ ଏ ମାଟି ସମୃଦ୍ଧ । ପର୍ଯ୍ୟଟନ ଦୃଷ୍ଟିକୋଣରୁ ଚିନ୍ତା କଲେ, ପ୍ରକୃତି ମାତା ଅଜସ୍ର ପ୍ରାକୃତିକ ବୈଭବରେ ସଜେଇ ଦେଇଛି ଏ ଛୁଇଁ ହେଉଥିବା ଭୂସ୍ୱର୍ଗକୁ । ଏହାର ନଦୀ, ଝୋଲା, ନିଘଞ୍ଚ ଅରଣ୍ୟ, ଜଳପ୍ରପାତ, ଆରଣ୍ୟକ ପଟଚିତ୍ର ଦୃଶ୍ୟ ସମ୍ଭାର, ଦର୍ଶକ ମନପ୍ରାଣରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରିଥାଏ । ପର୍ଯ୍ୟଟନ ଓ ପରିଭ୍ରମଣ ପାଇଁ ବିଶେଷତଃ ଅକ୍ଟୋବରରୁ ଜାନୁଆରୀ ମାସରେ ଏ ସମଗ୍ର ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ସଜେଇ ହୋଇଯାଏ । ଏହାର ତଟକା ତଟକା ପ୍ରାଣବାୟୁ, ହଳଦିଆ ରଙ୍ଗର ଅଳସୀ କ୍ଷେତର ସମ୍ଭାର ଦର୍ଶକ ମନରେ ଖୁସିର ବାତାବରଣ ସୃଷ୍ଟି କରେ ।

ପୌରାଣିକ ଦଣ୍ଡକାରଣ୍ୟ ମଧ୍ୟରେ ମାଲ୍ୟବନ୍ତ ପାହାଡ଼, ଦେବ ଡଙ୍ଗର ରାଜ ଉଆସ, ଐତିହାସିକ ସଦର ବସନି ଆମ୍ବତୋଟା, ମାଲ୍ୟବନ୍ତ ପାହାଡ଼ର ମଲ୍ଲିକେଶ୍ୱର ମହାଦେବ, ଜଦୁଗୁଡ଼ାର ଜଉ ପାହାଡ଼, ଆଦିଭୂମି ବଣ୍ଡାଘାଟିର ପବିତ୍ର ସୀତାକୁଣ୍ଡ, ଖଇରପୁଟ ନିକଟସ୍ଥ ପବିତ୍ର ଆମାକୁଣ୍ଡ,


ବଣ୍ଡା ଘାଟି ମୁଦୁଲି ପଡ଼ା



ସୀମାନ୍ତ ଆନ୍ଧ୍ରପ୍ରଦେଶର ପୋଲେରୁ ଠାରେ ପବିତ୍ର ତାଡକା ରେଉରେ ବଡ଼ ଠାକୁରଙ୍କ ସ୍ନାନଯାତ୍ରା



ମାଲ୍ୟବନ୍ତ ପାହାଡ଼ରେ ମଲିକେଶ୍ୱର ମହାଦେବ

ମୋତ୍ୟାଲୁମ୍ମାଙ୍କ ପବିତ୍ର ପୀଠ ମାନ୍ୟମକୋଣ୍ଡା, ମାଲକାନଗିରି ସନ୍ନିକଟ ଭୈରବପୀଠ, ମୋଟୁ ତ୍ରିକୋଣଭୂମି, ଚିତ୍ରକୋଣ୍ଡାର ବୃହତ୍ତମ ମାଟିବନ୍ଧ ଓ ଜଳଭଣ୍ଡାର, ଖଇରପୁଟର ପବିତ୍ର ଦାମଲ୍ ଦେଈ ମନ୍ଦିର, ବରୁଆ ଦେଈ, କନକ ଦେଈ, ପାତକ ଦେଈ, ଜଳେଶ୍ୱର ମହାଦେବ, ସପ୍ତ ଋଷି, ବାଲିକୁଣ୍ଡ, ସାରୁକୁଣ୍ଡ, କାଉଡ଼ି କୁଣ୍ଡ, ବାଙ୍ଗିଡି କୁଣ୍ଡ, ବାଲୀ ପାହାଡ଼, ପଡ଼େଇ ଗୁଡ଼ାର ଶ୍ରୀରାମ ମନ୍ଦିର, ମୁଦୁଲିପଡା ଗାଁ ରେ ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ମନ୍ଦିର, ଜନଜାତି ବଣ୍ଡାମାନଙ୍କ ଆଦିମ ଆସ୍ଥାନ ମୁଦୁଲି ପଡ଼ା ପାହାଡ଼, ସ୍ୱାଭିମାନ ଅଞ୍ଚଳର ଗୁରୁପ୍ରିୟା ସେତୁ , ସାର୍କୁ ବନ୍ଧର ଝୁଲା ପୋଲ, ହନ୍ତାଳଗୁଡ଼ା ଘାଟି, ବେଜିଂ ର ଶିବ ମନ୍ଦିର, ସ୍ୱାଭିମାନ ଅଞ୍ଚଳର ବାଟ ଭୂଆଷୁଣୀ ବାଘ ପାହାଡ, ପଣସପୁଟ ପଂଚାୟତ ଡମଗଡର ଗଣେଶ ମନ୍ଦିର, ଚିତ୍ରକୋଣ୍ଡା ଘାଟି, ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର, ନୀଳାକାମ୍ୱେରୁର ଗଣେଶ ମନ୍ଦିର, ବାଲିମେଳା ଜଳ ଭଣ୍ଡାର ଭିତରସ୍ଥ ନୀଳ କଣ୍ଠେଶ୍ୱର, ବଣ୍ଡା ପାହାଡ଼ର ବଡ଼ ଡୁରାଲ୍, ଅଣ୍ଡରା ହାଲ୍, ମାଲକାନାଗିରି ନିକଟସ୍ଥ ସତିଗୁଡ଼ା ଜଳଭଣ୍ଡାର, ମାଁ ମାଉଲୀ ପୀଠ, ଗମ୍ପାକୋଣ୍ଡା ଜଳ ବିଦ୍ୟୁତ୍ କେନ୍ଦ୍ର, ସୀମାନ୍ତ ଛତିଶଗଡ଼ ନିକଟସ୍ଥ ତୁଳସୀ ପାହାଡ଼, କିଆଙ୍ଗ ଜଳ ପ୍ରପାତ, ଅବିଭକ୍ତ କୋରାପୁଟ ମାଟିର ମହାପୁରୁଷ ଭୂମିପୁତ୍ର ଭୂମିଆଁ,ଏ ଆଦ୍ୱିବାସୀ ମାଟିର ବୀର ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଳିଗୁମ୍ମା, ଅଗଷ୍ଟ କ୍ରାନ୍ତି ଦିବସ ସ୍ୱାଧୀନତା ସଂଗ୍ରାମର ଗୁଳିକାଣ୍ଡ ସ୍ଥାନ ମାଥିଲି ଥାନା, ବଣ୍ଡା ପାହାଡ଼ ମୁଦୁଲି ପଡ଼ାର ପାଟଖଣ୍ଡା ମହାପ୍ରଭୁ, କୋୟା ରାଜଭାଟି ମୋଟୁ, ପଡିଆ, ପୂର୍ବତନ ବ୍ଲକ ସଦର ମହକୁମା କୁଡୁମୁଲୁଗୁମ୍ମା କଡେ କଡେ ଆଦିମ ଜନଜାତି ଦିଦାୟୀବସ୍ତି, ପୁରୁଣାଗୁମ୍ମାର ମହୁପାଟଣା, ସାପୁଆ ଡଙ୍ଗରରେ ଆବିର୍ଭୂତା ମାଁ ଭୈରବୀ, କୁଡୁମୁଲୁଗୁମ୍ମା ଝାଡ଼ ଜଙ୍ଗଲର ଈଶ୍ୱର ଶ୍ରୀ ଝାଡେଶ୍ୱର ମହାଦେବ, ପାକନାଗୁଡ଼ା ବିଷ୍ଣୁ ମନ୍ଦିରର ଭଗ୍ନାବଶେଷ, ମାତଙ୍ଗ ଋଷିଙ୍କ ଆଶ୍ରମ ଶବରୀ ପୀଠ, ପବିତ୍ର ଦୟଣା ଶ୍ରୀକ୍ଷେତ୍ର ସିରିପେଟା, ଶୈବକ୍ଷେତ୍ର କୁଣ୍ଡଳେଶ୍ୱର, ମୋଟୁର ଶ୍ରୀ ଜଗନ୍ନାଥ ମନ୍ଦିର, ମାଲକାନଗିରି ସଦର ମହକୁମା ନିକଟସ୍ଥ, ମହାପ୍ରଭୁ ବୁଢ଼ା ଭୈରବ, ମୋଟୁ ତ୍ରିକୋଣ ଭୂମି ମୁଗି ପଏଣ୍ଟ (ପବିତ୍ର ସିଲେରୁ ସାବେରୀ ଓ ଚିନାଗୋଦାବରୀର ସଙ୍ଗମ ସ୍ଥଳ) ସପ୍ତଧାରା ନଦୀ କୂଳରେ ଗୋଲ ଗୋଲ ସବୁଜ ସୁନ୍ଦର ଗୋବିନ୍ଦପାଲ୍ଲୀ ଘାଟି, ଅବନ୍ତିକାଜଳ ବିଦ୍ୟୁତ୍ କେନ୍ଦ୍ର, ଉଦୟଗିରି ଜଳପ୍ରପାତ, ବାଲିମେଳା ନିକଟସ୍ଥ ପଟେରୁ ବୃହତ୍ ଜଳ ସେଚନ ଯୋଜନା, କୋରକୋଣ୍ଡା ନିକଟସ୍ଥ ସୁବଳୟା ପାହାଡ଼, କୁଡୁମୁଲୁଗୁମ୍ମା ନିକଟରେ ଡୁଡୁମା ଝୋଲା, ନୃସିଂହ କ୍ଷେତ୍ର, ସୁନାନଗ୍ରର ଡଙ୍ଗର ଦେବୀ ମାଁ ଦୁର୍ଗା, ସିନ୍ଧିଗୁଡାର ସିନ୍ଧିଝରନ୍, ବାଘଖୋଜ ନାଳଝୋଲା ପୂଜାରୀଗୁଡା, ତରାଭୁ ଜଳପ୍ରପାତ ଗୁଞ୍ଜିବାହାଲ୍, ସାପୁଆ ଡଙ୍ଗର କୁଡୁମୁଲୁଗୁମ୍ମା, ଧାକଡପଦରର ଧାଙ୍ଗଡି ବସା, କାଲିମେଳା ନିକଟସ୍ଥ ଐତିହାସିକ ରମ୍ପା ଜଙ୍ଗଲ, ଚିନ୍ନା ଗୋଦାବରୀ, ଏକଯୋଡ଼ି ଜଳପ୍ରପାତ ସାଲିମି, ମୟୂର ଝୋଲା ଜଳପ୍ରପାତ ମୁଦୁଲି ପଡ଼ା, ଦଲ୍‌ଦଲି ଜଳପ୍ରପାତ କର୍ତ୍ତନ୍ ପାଲି, ବଡ଼ବାଙ୍କୁଲି ଜଳପ୍ରପାତ ଗୋବିନ୍ଦପାଲ୍ଲୀ, ଗୁମା ଝରନ୍ ଜଳପ୍ରପାତ ଖଇରପୁଟ, ରାଣିଗଡ ଜଳପ୍ରପାତ କୁଳା ବେଢ଼ା

ମାଥିଲି, ଗୋଇ ଡଙ୍ଗର ମାଲକାନଗିରି, ଇକୋ ପାର୍କ ଚିତ୍ରକୋଣ୍ଡା, ମହୁଲି ଡୁଡୁମା ଜଳପ୍ରପାତ ଖଇରପୁଟ ଇତ୍ୟାଦି ପର୍ଯ୍ୟଟନ ସ୍ଥଳୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଏଇ ମାଲକାନଗିରି ମାଟି ।

କିଛି ବର୍ଷ ଏ ଅଗନା ଅଗନି ଅରଣ୍ୟର ସନ୍ତାନମାନେ ମାଓବାଦୀଙ୍କ ସାମ୍ୟବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇ ସରକାରଙ୍କ ବିରୋଧରେ "ଯୁଦ୍ଧଂ ଦେହି" ଡାକରା ଦେଇ ଏ ଅପଲମଳରେ ହତ୍ୟା, ବାରୁଦ ବିଭିଷିକାର ଭୟ ଛାଇ ଯାଇଥିଲା । ଗୋଟିଏ ମୁହୂର୍ତ୍ତରେ ସମଗ୍ର ମାଲକାନଗିରି ଜିଲ୍ଲା ମାଓବାଦୀଙ୍କ କବଳକୁ ଚାଲିଯାଇଥିବା ବେଳେ କେନ୍ଦ୍ର ସରକାରଙ୍କ ସହାୟତାରେ କେନ୍ଦ୍ରୀୟ ଅର୍ଦ୍ଧ-ସାମରିକ ବାହିନୀ ବି.ଏସ.ଏଫ., ସି.ଆର.ପି.ଏଫ. ଯବାନଙ୍କ ସହାୟତାରେ ପୁଣି ମାଲକାନଗିରି ଜିଲ୍ଲାରେ ଶାନ୍ତି ଫେରାଇ ଅଣାଯାଇଥିଲା । ଜଙ୍ଗଲ ମଧ୍ୟରେ ଏକ ଶହରୁ ଊର୍ଦ୍ଧ୍ୱ କେନ୍ଦ୍ରୀୟ ଅର୍ଦ୍ଧ-ସାମରିକ ବାହିନୀ ମୃତୟନ ହୋଇ ଧନଜୀବନର ସୁରକ୍ଷା କରୁଛନ୍ତି । ଦଶନ୍ଧି ଦଶନ୍ଧି ଧରି ଅବହେଳିତ ଅବସ୍ଥାରେ ଥିବା ଚିତ୍ରକୋଣ୍ଡା ବିଛିନ୍ନାଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁପ୍ରିୟା ସେତୁ କରାଯାଇ ସମ୍ପୂର୍ଣ୍ଣ ମାଓବାଦୀମାନଙ୍କ ଶାସନାଧୀନ ସ୍ୱାଭିମାନ ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ସହ ରାସ୍ତା ଘାଟ, ଗମନାଗମନ ଓ ଆଦିବାସୀ ଭାଇ ଭଉଣୀମାନଙ୍କୁ ମୌଳିକ ସୁବିଧାର ବ୍ୟବସ୍ଥା କରାଯାଇଛି । ଏବେ ବି ଅନେକ ସ୍ଥାନରେ ମାଓବାଦୀମାନଙ୍କ ଯୁଦ୍ଧ ଗୃହ, କ୍ୟାମ୍ପ, ସହୀଦ ସ୍ତମ୍ଭ ପରିଦର୍ଶକ ପରିବ୍ରାଜକମାନଙ୍କ ଦେଖିବା ନିମନ୍ତେ ସଂରକ୍ଷଣ କରି ରଖାଯାଇଛି । ଏବେ ସମ୍ପୂର୍ଣ୍ଣ ଜିଲ୍ଲା ମାଓବାଦୀ ସଂଗଠନର ପ୍ରଭାବ ରୁ ମୁକ୍ତ ହୋଇ ବିକାଶ ପଥରେ ଆଗେଇ ଚାଲିଛି ।

ମାଲକାନଗିରି ମାଳ ଭୂମିର ବିକାଶ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ ତଥା ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ମହୋଦୟ ବ୍ୟକ୍ତି ଗତ ଭାବରେ ସବୁକଥାକୁ ତଦାରଖ କରୁଛନ୍ତି । ବଣ୍ଡା ଘାଟିର ସୀତା କୁଣ୍ଡର ବିକାଶ ପାଇଁ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ମହୋଦୟ ନିଜେ ଉକ୍ତ ସ୍ଥାନକୁ ଗ୍ରସ୍ତ କରି ପୌରାଣିକ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ରାଷ୍ଟ୍ରୀୟ କବି ସଂଗମ, ନୂଆଦିଲ୍ଲୀ ତରଫରୁ ମାଲକାନଗିରି ଜିଲ୍ଲା ସଂଯୋଜକ ଭାବେ ମହାମହିମ ରାଜ୍ୟପାଳ ମହୋଦୟଙ୍କୁ ବଣ୍ଡାଘାଟୀ ଆମେ ନିମନ୍ତ୍ରଣ କରିଥିଲୁ । ପରେ 'ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ସମାରୋହ' ଅବସରରେ ମହାମହିମ ରାଜ୍ୟପାଳ ମହୋଦୟ ଆଦିବାସୀ ବଣ୍ଡା ଓ ଦିଦାୟୀ ଭାଇମାନଙ୍କ ସହ ଆମକୁ ରାଜଭବନ, ଭୁବନେଶ୍ୱରକୁ ନିମନ୍ତ୍ରଣ କରି ଗୋଟିଏ ଦିନ ଆଦିବାସୀ ଭାଇଭଉଣୀଙ୍କ ସହ ରାଜଭବନରେ ଆତିଥ୍ୟସେବା ପ୍ରଦାନ କରିଥିଲେ । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ବ୍ୟକ୍ତିଗତ ସଚିବ ତଥା ଦାୟିତ୍ୱରେ ଥିବା 5-T ସଚିବ ଶ୍ରୀଯୁକ୍ତ ଭି କାର୍ତ୍ତିକେୟ ପାଣ୍ଡିଆନ ନିଜେ ମାଲକାନଗିରି ଆସି ସମସ୍ତ ପର୍ଯ୍ୟଟନସ୍ଥଳୀ ବୁଲିବା ସହ ଏହାର ରକ୍ଷଣାବେକ୍ଷଣ ଓ ଉନ୍ନୟନ ପାଇଁ ପ୍ରସ୍ତାବ ଆଗତ କରିଛନ୍ତି । ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି





ବିଭାଗ ପକ୍ଷରୁ, ମାଲକାନଗିରି ଜିଲ୍ଲାର ସମୁଦାୟ ୭ ଟି ବ୍ଲକ ମାଲକାନଗିରି, କାଲିମେଲା, ପଡିଆ, କୋରକୋଣ୍ଡା, ଖଇରପୁଟ, ମାଥିଲି ଓ ଚିତ୍ରକୋଣ୍ଡା ଏବଂ ୨ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ମାଲକାନଗିରି ଓ ବାଲିମେଲାର ଅନେକ ଅନାଲୋଚିତ ଅବହେଳିତ ଅବସ୍ଥାରେ ଥିବା ଐତିହାସିକ ଓ ପୌରାଣିକ ପୃଷ୍ଠଭୂମିକୁ ନେଇ ପର୍ଯ୍ୟଟନର ଭିତ୍ତିଭୂମି ବିକଶିତ କରିବା ସହ ସଂରକ୍ଷଣ ନିମନ୍ତେ ସମନ୍ୱିତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ତରଫରୁ ମଧ୍ୟ ଏହି ଜିଲ୍ଲାରେ ବାସ କରୁଥିବା ଆଦିମ ଜନଜାତି ଭାଇମାନଙ୍କର ଭୂମିଷ୍ଠ ସ୍ୱର୍ଣୀମ ଭୂମି, ସୀମାନ୍ତ ସରହଦର ଭାଷା ସଂସ୍କୃତି ପରମ୍ପରାର ସଂରକ୍ଷଣ ସହିତ ଆଦିବାସୀ ଜନଜୀବନ କର୍ମସଂସ୍ଥାନ, ଜଙ୍ଗଲ ଜାତ ଦ୍ରବ୍ୟର ପ୍ରକ୍ରିୟା କରଣ ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ପ୍ରତିଷ୍ଠାନ, ଭୂ-ଗର୍ଭସ୍ଥ ଖଣିଜ ପଦାର୍ଥ ସନ୍ଧାନ ଓ ଶିଳ୍ପ ପ୍ରତିଷ୍ଠା ସହ ଇକୋ-ଟୁରିଜିମ୍, ଇକୋ-ରିଟ୍ରିଟ୍ ପ୍ରତିଷ୍ଠା କରି ଆଦିବାସୀ ଭାଇମାନଙ୍କୁ କର୍ମ ସଂସ୍ଥାନ ସହ ପ୍ରକୃତି ସୁରକ୍ଷା ଅଭିମୁଖେ ଅଭି ପ୍ରେରିତ କରିପାରିଲେ ଏ ମାଲ୍ୟବନ୍ତ ଭୂମିର ଅଶେଷ ଉନ୍ନତି ସାଧିତ ହେବା ସହ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କ ରାଜକୋଷକୁ ପର୍ଯ୍ୟଟନ କ୍ଷେତ୍ରରୁ ଅମାପ ରାଜସ୍ୱ ଆଦାୟ ହୋଇପାରନ୍ତା । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଓ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଐତିହାସିକ ସଂସ୍କୃତି ପରମ୍ପରାସମ୍ପନ୍ନ କୀର୍ତ୍ତିରାଜୀ ଓ ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମି ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ ଯାଉଛି । ଧିରେ ଧିରେ ପର୍ଯ୍ୟଟନସ୍ଥଳୀ ଗୁଡିକର ଉନ୍ନତି ହେବା ସହ ପର୍ଯ୍ୟଟକଙ୍କ ରାତ୍ରୀରହଣୀ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ହୋଟେଲ, ପରିବହନ ସୁବିଧା କରାଇବା ପାଇଁ ପ୍ରଚେଷ୍ଟା ଜାରି ଅଛି । ଏଭଳି ସମୟରେ ଓଡ଼ିଆ ଚଳଛିତ୍ର 'ଦମନ' ମାଲକାନଗିରି ମାଟିର କାହାଣୀ, ଜୀବନ ଭଗ୍ନାଂଶର କଥା ବ୍ୟଥା, ସମଗ୍ର ବିଶ୍ୱବାସୀ ଶୁଣାଉଥିବା ବେଳେ, ଦକ୍ଷିଣ ଭାରତର ଚଳଛିତ୍ର ପୁଷ୍ପା-୨ ମାଲକାନଗିରି ଜିଲ୍ଲାର ନିଘଞ୍ଚ ଜଙ୍ଗଲରେ ଶୁଟିଂ ହୋଇ ବିପୁଳ ସଫଳତା ଲାଭ କରିଛି ।

ଏ ସବୁଜିମା ଭରା ନନ୍ଦନବନର ରୂପ ଲାବଣ୍ୟ ଆଜି ସମଗ୍ର ପୃଥିବୀରେ ପର୍ଯ୍ୟଟନ ନିମନ୍ତେ ପ୍ରସସ୍ଥ ମାର୍ଗ ଖୋଲିପାରିଛି । ପର୍ଯ୍ୟଟନର ଭିତ୍ତିଭୂମି ବିକାଶ ହେଉଥିବାରୁ ଏ ସ୍ୱର୍ଗଭୂମିର ସନ୍ତାନମାନେ କାମଧନ୍ଦା ପାଇ ପାରୁଛନ୍ତି ଓ ପର୍ଯ୍ୟଟକମାନଙ୍କ ଗାଇଡ୍ ଦାୟିତ୍ୱ ନିର୍ବାହ କରୁଛନ୍ତି । ସମଗ୍ରବିଶ୍ୱ ବ୍ରହ୍ମାଣ୍ଡ ଆଜି ପ୍ରଦୂଷଣର ବିଷ ବଳୟରେ ସନ୍ତୁଳି ହୋଇ, ଆକ୍ତା ମାକ୍ତା ହେଉଥିବା ବେଳେ, ଏ' ଜଙ୍ଗଲ ସାମ୍ରାଜ୍ୟର ତଟକା ତଟକା ଅମ୍ଳଜାନ, ପ୍ରାଣ ରକ୍ଷକ ପ୍ରାଣବାୟୁ, କୁଞ୍ଜୁକୁଞ୍ଜୁଆ ଥାକ ଥାକ ପାହାଡ଼ ଖୋପରେ ବାସ କରୁଥିବା ଆଦିବାସୀ ଭାଇମାନଙ୍କ ଲୋକକଳା, ଲୋକସାହିତ୍ୟ, ଲୋକଗୀତ, ଲୋକବାଦ୍ୟ, ଲୋକନୃତ୍ୟ, ଆଦିବାସୀ ଭାଷା, ସଂସ୍କୃତି, ପରମ୍ପରା ଜୀଉଣୀଖାଉଣୀକୁ ଅଙ୍ଗେ ଲିଭାଇବା ପାଇଁ ସମଗ୍ର ଓଡ଼ିଶାରୁ, ଓଡ଼ିଶା ବାହାରୁ ଦେଶ ବିଦେଶରୁ ମଧ୍ୟ ପର୍ଯ୍ୟଟକ ଆସୁଛନ୍ତି ମାଲକାନଗିରି ମାଟିକୁ ।

■■ କୁଡୁମୁଲୁଗୁମ୍ମା,ମାଲକାନଗିରି
ମୋ -୯୬୬୮୬୮୮୪୭୪



## ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

ଉତ୍ସବକୁ ସ୍ମରଣୀୟ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

## ସାମିଲ ହେବେ ୧୨ଶହ କଳାକାର

## ଲୋକ ମହୋତ୍ସବର ବିଭିନ୍ନ ଉପସମିତି ବୈଠକ

ସ୍ମରଣିକା ପାଇଁ ଲେଖା ଆହ୍ୱାନ

## ସମ୍ବଲପୁର ଲୋକମହୋତ୍ସବ କମିଟିରେ ପ୍ରସୁନ୍ନ ହୋତା ସଂଯୋଜକ ଓ ରଞ୍ଜନ ସାହୁଙ୍କୁ ସହ ସଂଯୋଜକ ଦାୟିତ୍ୱ

## ଲୋକ ମହୋତ୍ସବ ସମିତି ବୈଠକରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

ଆୟୋଜନ କମିଟିର ପ୍ରଥମ ପ୍ରସ୍ତୁତି ବୈଠକ

## ମହୋତ୍ସବକୁ ସ୍ମରଣୀୟ କରିବା ପାଇଁ ଆହ୍ୱାନ

## ୨୨ରେ ଲୋକ ମହୋତ୍ସବ ଉଦଘୋଷକ ଅଡିସନ

## District Magistrate-com-Collector, Sambalpur reviews Lok Mahotsav preparations

## ଲୋକ ମହୋତ୍ସବ ସମିତି ବୈଠକରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ

## ଲୋକମହୋତ୍ସବ-୨୦୨୫ ସ୍ମରଣିକା ଉପସମିତି ବୈଠକ

'ଲୋକନାଟ୍ୟ: ଲୋକନୃତ୍ୟର ସ୍ଥିତି ଓ ବିକାଶ' ଶୀର୍ଷକ ଆଲୋଚନାଚକ୍ର

## ଅଞ୍ଚଳର ସଂସ୍କୃତି ପରମ୍ପରା ବଜାୟ ରଖିବାକୁ ଆହ୍ୱାନ

ସମ୍ବଲପୁର ଲୋକମହୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ

## ଲୋକ ମହୋତ୍ସବକୁ ସ୍ମରଣୀୟ କରିବାକୁ ଜିଲ୍ଲାପାଳଙ୍କ ଆହ୍ୱାନ

## ଗାଙ୍ଗାଧର ମେହେର କଲେଜରେ ଲୋକନାଟ୍ୟ ଓ ଲୋକନୃତ୍ୟ ସମ୍ପର୍କିତ ଆଲୋଚନାଚକ୍ର

## ଲୋକ ମହୋତ୍ସବ ଭୂମିପୂଜନ

ଆରମ୍ଭ ହେଲା ମଞ୍ଚ ନିର୍ମାଣ

୪ରୁ ସମ୍ବଲପୁର ଲୋକ ମହୋତ୍ସବ

## ଯୁବ ମହୋତ୍ସବରେ ଆକର୍ଷଣ ହେବେ ବଲିଉଡ କଳାକାର ଶାନ୍

## ସମ୍ବଲପୁର ଲୋକ ମହୋତ୍ସବ ହେବ ଚିତ୍ରାଙ୍କନ, ପ୍ରଶ୍ନୋତ୍ତର କର୍ମକର୍ତ୍ତା ଘୋଷଣା

ସମ୍ବଲପୁର ଲୋକମହୋତ୍ସବର ପ୍ରସ୍ତୁତି ପର୍ବ

## ମଞ୍ଚପୂଜନ ଓ ଶୁଭଝଣ୍ଡା ସ୍ଥାପନ

## ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଲୋକ ମହୋତ୍ସବ ପ୍ରଦର୍ଶନୀ ସମିତିର ଜାତୀୟ ଚିତ୍ରାଙ୍କନ କାର୍ଯ୍ୟଶାଳା

## ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଜାତୀୟ ଚିତ୍ରାଙ୍କନ କାର୍ଯ୍ୟଶାଳା

ସମ୍ବଲପୁର ଲୋକ ମହୋତ୍ସବ, ସାମୂହିକ ସନ୍ଧ୍ୟା

## ଯୁବ ଉତ୍ସବରେ ଆକର୍ଷଣ ସାଜିବେ ବଲିଉଡ କଳାକାର ଶାନ୍

ସମ୍ବଲପୁର ଲୋକ ମହୋତ୍ସବ ପାଇଁ ପୋଷ୍ଟର ଲୋକାର୍ପଣ

## ସମ୍ବଲପୁର ଲୋକମହୋତ୍ସବ ପାଇଁ ୪ରୁ ଦୁଲୁକିବ ବୀରସା ମଇଦାନ

Sambalpur/KCN: District Magistrate-com-Collector Siddheshwar Baliram Bondar reviewed the preparations for the Lok Mahotsav to be held from January 4 on Saturday. The Lok Mahotsav preparation meeting was held at the District Magistrate's room. All the sub-committees presented their opinions regarding their budget and progress in organizing the program. In the meeting, the announcement committee informed that an announcement selection competition will be organized at Tapaswini Auditorium, Sambalpur on Sunday. The committee said that efforts are being made to provide opportunities to new announcers. Interested candidates are requested to participate in this selection process. In this, preference will be given to Odia, English, Hindi along with Sambalpuri language. Similarly the meeting was informed about the painting workshop to be held at Veer Surendra Sai Stadium on December 25. Students from all schools and colleges have been requested to participate in this. Those who want to submit paintings for the exhibition have been requested to contact the exhibition sub-committee. It has been informed that Rangoli and Booti will also be displayed in the Lok Mahotsav exhibition this year. Similarly, various committees presented their plans and requested the administration to make the necessary changes. The meeting was attended by the Municipal Corporation Commissioner Md. Bhaskar, Additional District Magistrate Sachara Bala, Deputy District Magistrate Pushpanjali Panda, District Sports Officer Satya Narayan Tandi and the staff of all the committees.




Printed at : Impressions, SBP # 9437055971